# ଐତିହାସିକ ନବୀନ କୁମାର



ପ୍ରଗତି ଉତ୍କଳ ସଂଘ, ରାଉରକେଲା

# ଐତିହାସିକ ନବୀନ କୁମାର

(ଐତିହାସିକ ପ୍ରଫେସର ନବୀନ କୁମାର ସାହୁଙ୍କ ଜୀବନୀ ଓ କୃତି-କଳନା)


ସମ୍ପାଦନା :

ଡକ୍ଟର ଯଜ୍ଞ କୁମାର ସାହୁ

ଡକ୍ଟର ଦେବାନନ୍ଦ ଗ୍ରେପଦାର



ପ୍ରଗତି ଉତ୍କଳ ସଂଘ

ରାଉରକେଲା

# ଐତିହାସିକ ନବୀନ କୁମାର

ସଂପାଦନା : ଡ଼କ୍ଟର ଯଜ୍ଞ କୁମାର ସାହୁ
ଡ଼କ୍ଟର ଦେବାନନ୍ଦ ଚୋପଦାର

ପ୍ରକାଶକ : ପ୍ରଗତି ଉତ୍କଳ ସଂଘ
ବି/୯, ଫକୀରମୋହନ ନଗର, (ସେକ୍ଟର-୭)
ରାଉରକେଲା-୭୬୯୦୦୩

ମୁଦ୍ରଣ : ରାଇଟର୍ସ ୱାର୍କସପ୍, ଉଦିତନଗର
ରାଉରକେଲା - ୭୬୯ ୦୧୨
ଓ
ଶ୍ରୀଜଗନ୍ନାଥ ଲମିନେଟର ଓ ଅଫ୍‌ସେଟ୍ ପ୍ରିଣ୍ଟର
ବାଦାମବାଡ଼ି, କଟକ - ୭୫୩୦୧୨

ପ୍ରଥମ ସଂସ୍କରଣ : ୧୯୯୬

ମୂଲ୍ୟ : ଟ ୬୦-୦୦

# AITIHASIKA NABINA KUMAR

(Dr. Nabin Kumar Sahu : The Historian)

*Editors :* **Dr. J. K. Sahu**
**Dr. D. Chopdar**

*Publisher :* **PRAGATI UTKAL SANGHA**
B/9, SECTOR-7, ROURKELA-769003

*Printed at :* WRITERS WORKSHOP
Uditnagr, Rourkela - 769 012
&
SRIJAGANNATH LAMINATOR &
OFF-SET PRINTER
Badambadi, Cuttack - 753012

*First Edition* : **1996**

**Price : 60-00**

# ପ୍ରକାଶକଙ୍କ ନିବେଦନ........

ଆଜକୁ ଅଠେଇଶ ବର୍ଷ ତଳେ 'ପ୍ରଗତି ଉତ୍କଳ ସଂଘ'ର ପ୍ରଥମ ପ୍ରକାଶନ 'ଉତ୍କଳ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ସ୍ମାରକୀ : ପ୍ରଥମ ଅର୍ଘ୍ୟ'ର ସଂପାଦକୀୟରେ ଡକ୍ଟର ନବୀନ କୁମାର ସାହୁ ଲେଖିଥିଲେ—"ପ୍ରଗତି ଉତ୍କଳ ସଂଘ ଇସ୍ପାତ ନଗରୀର ଏକ ବିଶିଷ୍ଟ ସାଂସ୍କୃତିକ ଅନୁଷ୍ଠାନ । ଏହି ସଂଘ ଆଜକୁ ଦଶବର୍ଷ ପୂର୍ବେ ସ୍ଥାପିତ ହୋଇ ରାଉରକେଲାର ସାଂସ୍କୃତିକ ଜୀବନକୁ ଜୀବନକୁ ବହୁ ଭାବରେ ପ୍ରଭାବିତ କରି ଆସିଅଛି । କେବଳ ରାଉରକେଲା ନୁହେଁ, ସମଗ୍ର ଓଡ଼ିଶାର ସାଂସ୍କୃତିକ ପଟ୍ଟଭୂମିରେ ଏହି ସଂଘର ଭୂମିକା ଅନସ୍ୱୀକାର୍ଯ୍ୟ ।" ପ୍ରଥମେ ଅଳ୍ପ କେତେଜଣ ଉତ୍ସାହୀ ସତୀର୍ଥଙ୍କର ଉଦ୍ୟମ ଓ ସହଯୋଗରେ ପ୍ରବାସରେ ୧୯୫୮ରେ ଗଢ଼ିଉଠିଥିବା 'ପ୍ରଗତି ଉତ୍କଳ ସଂଘ' ଏବେ ରାଉର-କେଲାର ଏକ ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ । କେବଳ ରାଉରକେଲା ନୁହେଁ 'ପ୍ରଗତି ଉତ୍କଳ ସଂଘ'କୁ ସମଗ୍ର ଓଡ଼ିଶାର ଏକ ବିଶିଷ୍ଟ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନରେ ପରିଣତ କରିବାରେ ଡକ୍ଟର ସାହୁଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଥିଲେ ଏହାର ଅନ୍ୟତମ ପଥ୍ ନିର୍ଦ୍ଦେଶକ । ତାଙ୍କ ମୃତ୍ୟୁର ଗୋଟିଏ ଦଶନ୍ଧି ଅତିକ୍ରମ କଲାପରେ ଆଜି 'ପ୍ରଗତି ଉତ୍କଳ ସଂଘ' 'ଐତିହାସିକ ନବୀନକୁମାର' ପୁସ୍ତକ ମାଧ୍ୟମରେ ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ଆପଣାକୁ ଗୌରବାନ୍ୱିତ ମନେ କରୁଛୁ ।

ଡକ୍ଟର ସାହୁଙ୍କର ତିରୋଧାନ ପରେ ତାଙ୍କର ବନ୍ଧୁ, ସହକର୍ମୀ ଓ ଶ୍ରଦ୍ଧାଳୁମାନଙ୍କ ଠାରୁ ଲେଖା ସଂଗ୍ରହ କରି ଏକ ସ୍ମରଣିକା ପ୍ରକାଶ କରିବା ପାଇଁ 'ପ୍ରଗତି ଉତ୍କଳ ସଂଘ' କଳ୍ପନା କରିଥିଲା । କିନ୍ତୁ ପରେ ଅନୁଭବ କରାଗଲା ଯେ ଏଭଳି ଏକ ସ୍ମରଣିକାର ସ୍ଥାୟୀ ମୂଲ୍ୟ ସ୍ୱଳ୍ପ । ଦ୍ୱିତୀୟତଃ ପରିକଳ୍ପନାଟି ଭ୍ରୁଣ ଅବସ୍ଥାରେ ଥିଲାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ଏହିଭଳି ଏକ ସ୍ମରଣିକା ପ୍ରକାଶ କରିଥିଲେ । ତେଣୁ ଡଃ ସାହୁଙ୍କର ଏକ ବିଧିବଦ୍ଧ ଜୀବନୀ ତଥା ଓଡ଼ିଶାର ଇତିହାସ ପ୍ରତି ତାଙ୍କ ବିଶିଷ୍ଟ ଅବଦାନର ପର୍ଯ୍ୟାଲୋଚନା ଭିତ୍ତିରେ ଏକ ଗ୍ରନ୍ଥ ସଂକଳନ କରାଯିବାର ପରିକଳ୍ପନା କରାଗଲା । କିନ୍ତୁ ଦୁଃଖର ବିଷୟ ତାଙ୍କର ଇତିହାସ-ଚର୍ଚ୍ଚାକୁ ଭିତ୍ତିକରି ଯେଉଁ ପ୍ରବନ୍ଧ ସବୁ

ଆଶା କରାଯାଉଥିଲା ବା ଯେଉଁମାନେ ପ୍ରବନ୍ଧ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଥିଲେ, ଅନେକ ଦେଇନାହାନ୍ତି । ଫଳରେ ପରିକଳ୍ପିତ ଗ୍ରନ୍ଥ ଓ ପ୍ରକାଶିତ ଗ୍ରନ୍ଥ ମଧ୍ୟରେ ବ୍ୟବଧାନ ରହିଯାଇଛି । ଏହି ଗ୍ରନ୍ଥଟି ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ । ପ୍ରଥମ ଭାଗରେ ତାଙ୍କ ଜୀବନର ସାଧନା ଓ ସଂଗ୍ରାମକୁ ଭିତ୍ତିକରି ଏକ ବିଧିବଦ୍ଧ ଜୀବନୀ ପ୍ରଦତ୍ତ ହୋଇଛି । ଡ଼ଃ ନବୀନ କୁମାର ସାହୁଙ୍କ ପୂର୍ବରୁ ଓଡ଼ିଶାର ଇତିହାସ କହିଲେ ମୁଖ୍ୟତଃ ପୂର୍ବ ଓଡ଼ିଶାର ରାଜନୈତିକ ଇତିହାସକୁ ବୁଝାଉଥିଲା । ଏଇଭଳି ଏକ ଧାରଣାର ଅସଂପୂର୍ଣ୍ଣତା ବିରୋଧରେ ସାରା ଜୀବନ ସେ ସଂଗ୍ରାମ କରିଛନ୍ତି । ଓଡ଼ିଶା ଇତିହାସର ଦିଗନ୍ତକୁ ବହୁ ବିସ୍ତୃତ ଓ ବହୁ ଆୟାମ ବିଶିଷ୍ଟ କରିବାକୁ ଡ଼ଃ ସାହୁ ଚେଷ୍ଟା କରିଛନ୍ତି । ରାଜନୈତିକ, ସାମାଜିକ, ଧାର୍ମିକ ଓ କଳା ଇତିହାସ କ୍ଷେତ୍ରରେ ଡ଼ଃ ସାହୁଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ପରେ ଓଡ଼ିଶାର ପ୍ରାକ୍-ଇତିହାସ ପ୍ରତି ଆକୃଷ୍ଟ ହୋଇ ସେ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଓ ସର୍ବେକ୍ଷଣ କ୍ଷେତ୍ରରେ ମନୋନିଯୋଗ କରିଥିଲେ । ଓଡ଼ିଶାର ଇତିହାସ-ଚର୍ଚ୍ଚାରେ ତାଙ୍କର ଭୂମିକାକୁ ମୁଖ୍ୟତଃ ଦ୍ୱିତୀୟ ଭାଗରେ ପର୍ଯ୍ୟାଲୋଚନା କରାଯାଇଛି । ଡକ୍ଟର ସାହୁ କେବଳ ଐତିହାସିକ ନଥିଲେ ଓଡ଼ିଆ ଐତିହାସିକ ପ୍ରବନ୍ଧ ରଚନା କ୍ଷେତ୍ରକୁ ତାଙ୍କର ଦାନ ଅନସ୍ୱୀକାର୍ଯ୍ୟ । ଦ୍ୱିତୀୟତଃ ପ୍ରଶାସକ ଓ ସଂଗଠକ ଇତ୍ୟାଦି ନାନା ଭୂମିକାରେ ସେ ଅବତୀର୍ଣ୍ଣ ହୋଇଛନ୍ତି । ସେହି ସବୁ ଦିଗର ଆକଳନ ପୁସ୍ତକର ତୃତୀୟ ଭାଗରେ କରାଯାଇଛି । ପରିଶିଷ୍ଟ ଆକାରରେ ଡ଼ଃ ସାହୁଙ୍କର ଏକ ସ୍ୱଳ୍ପ ପରିଚିତ ଅଥଚ ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧକୁ ପୁନଃମୁଦ୍ରିତ କରାଯାଇଛି । ଜୀବନର ବିଶିଷ୍ଟ ଘଟଣାବଳୀକୁ ଏକତ୍ର ଉପସ୍ଥାପନ କରାଯାଇଛି ତଥା ତାଙ୍କ ରଚନାବଳୀର ଏକ ପଞ୍ଜିକା ମଧ୍ୟ ସଂଯୋଜନ କରାଯାଇଛି ।

ଏହି ପୁସ୍ତକକୁ ସଂପାଦନା କରିଛନ୍ତି ସ୍ୱର୍ଗତ ନବୀନ କୁମାରଙ୍କ ସୁଯୋଗ୍ୟ ଅନୁଜ, ଐତିହାସିକ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ଯଜ୍ଞକୁମାର ସାହୁ ଓ ତାଙ୍କର ଅନ୍ୟତମ ସଂପର୍କୀୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପକ ଡ଼କ୍ଟର ଦେବାନନ୍ଦ ରୂପଦାର । ଏହି ଉଭୟ ଗବେଷକଙ୍କୁ 'ପ୍ରଗତି ଉତ୍କଳ ସଂଘ' କୃତଜ୍ଞତା ଜ୍ଞାପନ କରୁଛି । ଡ଼କ୍ଟର ନବୀନ କୁମାର ସାହୁଙ୍କ ବନ୍ଧୁ ଗୁଣୀ, ସହକର୍ମୀ ଓ ପ୍ରତିଭା-ପୂଜକ ସେମ ନଙ୍କ ରଚନା ପ୍ରଦାନ କରି ପ୍ରଗତି ଉତ୍କଳ ସଂଘକୁ ଅନୁଗୃହୀତ କରିଛନ୍ତି । ପ୍ରଗତି ଉତ୍କଳ ସଂଘର କର୍ମକର୍ତ୍ତାଙ୍କ ତରଫରୁ ସେମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ଏହାର ମୁଦ୍ରଣ କାର୍ଯ୍ୟ ରାଇଟର୍ସ ଓ୍ୱାର୍କସପ, ରାଉରକେଲା ଓ ଜଗନ୍ନାଥ ଲାମିନେଟର ଏଣ୍ଡ ଅଫ୍‌ସେଟ୍ ପ୍ରିଣ୍ଟର, କଟକରେ ସମାହିତ ହୋଇଛି । ଏହି

ସଂସ୍ଥା ଦ୍ୱୟର ପରିଚାଳକ ଓ କର୍ମୀମାନଙ୍କୁ ଏହି ଅବସରରେ ମୁଁ ଧନ୍ୟବାଦ ଅର୍ପଣ କରୁଛି । ବରିଷ୍ଠ ସାହିତ୍ୟିକ ଓ ବର୍ଷୀୟାନ ସାମ୍ବାଦିକ ଶ୍ରୀଯୁକ୍ତ ରଜନୀକାନ୍ତ ଦାସ ଓ ସୁଖ୍ୟାତ ସମାଲୋଚକ ଡ଼କ୍ଟର ଗିରିଶ ଚନ୍ଦ୍ର ମିଶ୍ର ଆମକୁ ନାନା ଭାବରେ ପରାମର୍ଶ ଦେଇ ଅନୁଗୃହୀତ କରିଛନ୍ତି । ଏ ଦୁଇଜଣଙ୍କ ନିକଟରେ ଆମେ କୃତଜ୍ଞ ।

ପ୍ରଗତି ଉତ୍କଳ ସଂଘର ଅନ୍ୟତମ ଉପସଭାପତି ଓ ଉତ୍କଳ ଗୌରବର ସଂପାଦକ, ଡ଼କ୍ଟର ଶ୍ରୀଚରଣ ମହାନ୍ତି, ପ୍ରଗତି ଉତ୍କଳ ସଂଘର ପ୍ରକାଶନ ଉପଦେଷ୍ଟା ତଥା ବରିଷ୍ଠ ସମାଲୋଚକ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଉଭୟ ହେଉଛନ୍ତି ଏଭଳି ପ୍ରକାଶନର ସୂତ୍ରଧର । ସେମାନେ ତ ସଂଘର ଅତି ଆପଣାର ଲୋକ । ସେମାନଙ୍କୁ କି ଧନ୍ୟବାଦ ଦେବୁ ।

ପୁସ୍ତକଟି ଛାତ୍ର, ଶିକ୍ଷକ, ଐତିହାସିକମାନଙ୍କ ଦ୍ୱାରା ଆଦୃତ ହୋଇ ପାରିଲେ ସଂଘ ନିଜକୁ ଗୌରବାନ୍ୱିତ ମନେ କରିବ ।

ସଭାପତି,

ପ୍ରଗତି ଉତ୍କଳ ସଂଘ, ରାଉରକେଲା

ଅଣା ଯାଇଥିଲା ବା ଯେଉଁମାନେ ପ୍ରବନ୍ଧ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଅନେକ ଦେଇନାହାନ୍ତି । ଫଳରେ ପରିକଳ୍ପିତ ଗ୍ରନ୍ଥ ଓ ପ୍ରକାଶିତ ଗ୍ରନ୍ଥ ମଧ୍ୟରେ ବ୍ୟବଧାନ ରହିଯାଇଛି । ଏହି ଗ୍ରନ୍ଥଟି ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ । ପ୍ରଥମ ଭାଗରେ ତାଙ୍କ ଜୀବନର ସାଧନା ଓ ସଂଗ୍ରାମକୁ ଭିତ୍ତିକରି ଏକ ବିଧିବଦ୍ଧ ଜୀବନୀ ପ୍ରଦତ୍ତ ହୋଇଛି । ଡ଼ଃ ନବୀନ କୁମାର ସାହୁଙ୍କ ପୂର୍ବରୁ ଓଡ଼ିଶାର ଇତିହାସ କହିଲେ ମୁଖ୍ୟତଃ ପୂର୍ବ ଓଡ଼ିଶାର ରାଜନୈତିକ ଇତିହାସକୁ ବୁଝାଉଥିଲା । ଏଇଭଳି ଏକ ଧାରଣାର ଅସଂପୂର୍ଣ୍ଣତା ବିରୋଧରେ ସାରା ଜୀବନ ସେ ସଂଗ୍ରାମ କରିଛନ୍ତି । ଓଡ଼ିଶା ଇତିହାସର ଦିଗନ୍ତକୁ ବହୁ ବିସ୍ତୃତ ଓ ବହୁ ଆୟାମ ବିଶିଷ୍ଟ କରିବାକୁ ଡ଼ଃ ସାହୁ ଚେଷ୍ଟା କରିଛନ୍ତି । ରାଜନୈତିକ, ସାମାଜିକ, ଧାର୍ମିକ ଓ କଳା ଇତିହାସ କ୍ଷେତ୍ରରେ ଡ଼ଃ ସାହୁଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ପରେ ଓଡ଼ିଶାର ପ୍ରାକ୍-ଇତିହାସ ପ୍ରତି ଆକୃଷ୍ଟ ହୋଇ ସେ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଓ ସର୍ବେକ୍ଷଣ କ୍ଷେତ୍ରରେ ମନୋନିବେଶ କରିଥିଲେ । ଓଡ଼ିଶାର ଇତିହାସ-ଚର୍ଚ୍ଚାରେ ତାଙ୍କର ଭୂମିକାକୁ ମୁଖ୍ୟତଃ ଦ୍ୱିତୀୟ ଭାଗରେ ପର୍ଯ୍ୟାଲୋଚନା କରାଯାଇଛି । ଡକ୍ଟର ସାହୁ କେବଳ ଐତିହାସିକ ନଥିଲେ ଓଡ଼ିଆ ଐତିହାସିକ ପ୍ରବନ୍ଧ ରଚନା କ୍ଷେତ୍ରକୁ ତାଙ୍କର ଦାନ ଅନସ୍ୱୀକାର୍ଯ୍ୟ । ଦ୍ୱିତୀୟତଃ ପ୍ରଶାସକ ଓ ସଂଗଠକ ଇତ୍ୟାଦି ନାନା ଭୂମିକାରେ ସେ ଅବତୀର୍ଣ୍ଣ ହୋଇଛନ୍ତି । ସେହି ସବୁ ଦିଗର ଆକଳନ ପୁସ୍ତକର ତୃତୀୟ ଭାଗରେ କରାଯାଇଛି । ପରିଶିଷ୍ଟ ଆକାରରେ ଡ଼ଃ ସାହୁଙ୍କର ଏକ ସ୍ୱଳ୍ପ ପରିଚିତ ଅଥଚ ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧକୁ ପୁନଃମୁଦ୍ରିତ କରାଯାଇଛି । ଜୀବନର ବିଶିଷ୍ଟ ଘଟଣାବଳୀକୁ ଏକତ୍ର ଉପସ୍ଥାପନ କରାଯାଇଛି ତଥା ତାଙ୍କ ରଚନାବଳୀର ଏକ ପଞ୍ଜିକା ମଧ୍ୟ ସଂଯୋଜନ କରାଯାଇଛି ।

ଏହି ପୁସ୍ତକକୁ ସଂପାଦନା କରିଛନ୍ତି ସ୍ୱର୍ଗତ ନବୀନ କୁମାରଙ୍କ ସୁଯୋଗ୍ୟ ଅନୁଜ, ଐତିହାସିକ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ଯଜ୍ଞକୁମାର ସାହୁ ଓ ତାଙ୍କର ଅନ୍ୟତମ ସଂପର୍କୀୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପକ ଡ଼କ୍ଟର ଦେବାନନ୍ଦ ବେହେରା । ଏହି ଉଭୟ ଗବେଷକଙ୍କୁ 'ପ୍ରଗତି ଉତ୍କଳ ସଂଘ' କୃତଜ୍ଞତା ଜ୍ଞାପନ କରୁଛି । ଡ଼କ୍ଟର ନବୀନ କୁମାର ସାହୁଙ୍କ ବହୁ ଗୁଣୀ, ସହକର୍ମୀ ଓ ପ୍ରତିଭା-ପୂଜକ ସେମାନଙ୍କ ରଚନା ପ୍ରଦାନ କରି ପ୍ରଗତି ଉତ୍କଳ ସଂଘକୁ ଅନୁଗୃହୀତ କରିଛନ୍ତି । ପ୍ରଗତି ଉତ୍କଳ ସଂଘର କର୍ମକର୍ତ୍ତାଙ୍କ ତରଫରୁ ସେମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ଏହାର ମୁଦ୍ରଣ କାର୍ଯ୍ୟ ରାଇଟର୍ସ ଓ୍ୱାର୍କସପ, ରାଉରକେଲା ଓ ଜଗନ୍ନାଥ ଲମିନେଟର ଏଣ୍ଡ ଅଫ୍‌ସେଟ୍ ପ୍ରିଣ୍ଟର, କଟକରେ ସମାହିତ ହୋଇଛି । ଏହି

ସଂସ୍ଥା ଦ୍ୱୟର ପରିଚାଳକ ଓ କର୍ମୀମାନଙ୍କୁ ଏହି ଅବସରରେ ମୁଁ ଧନ୍ୟବାଦ ଅର୍ପଣ କରୁଛି । ବିଶିଷ୍ଟ ସାହିତ୍ୟିକ ଓ ବର୍ଷୀୟାନ ସାମ୍ବାଦିକ ଶ୍ରୀଯୁକ୍ତ ରଜନୀକାନ୍ତ ଦାସ ଓ ସୁଖ୍ୟାତ ସମାଲୋଚକ ଡ଼କ୍ଟର ଗିରିଶ ଚନ୍ଦ୍ର ମିଶ୍ର ଆମକୁ ନାନା ଭାବରେ ପରାମର୍ଶ ଦେଇ ଅନୁଗୃହୀତ କରିଛନ୍ତି । ଏ ଦୁଇଜଣଙ୍କ ନିକଟରେ ଆମେ କୃତଜ୍ଞ ।

ପ୍ରଗତି ଉତ୍କଳ ସଂଘର ଅନ୍ୟତମ ଉପସଭାପତି ଓ ଉତ୍କଳ ଗୌରବର ସଂପାଦକ, ଡ଼କ୍ଟର ଶ୍ରୀଚରଣ ମହାନ୍ତି, ପ୍ରଗତି ଉତ୍କଳ ସଂଘର ପ୍ରକାଶନ ଉପଦେଷ୍ଟା ତଥା ବିଶିଷ୍ଟ ସମାଲୋଚକ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଉଭୟ ହେଉଛନ୍ତି ଏଭଳି ପ୍ରକାଶନର ସୂତ୍ରଧର । ସେମାନେ ତ ସଂଘର ଅତି ଆପଣାର ଲୋକ । ସେମାନଙ୍କୁ କି ଧନ୍ୟବାଦ ଦେବୁ ।

ପୁସ୍ତକଟି ଛାତ୍ର, ଶିକ୍ଷକ, ଐତିହାସିକମାନଙ୍କ ଦ୍ୱାରା ଆଦୃତ ହୋଇ ପାରିଲେ ସଂଘ ନିଜକୁ ଗୌରବାନ୍ୱିତ ମନେ କରିବ ।

ସଭାପତି,

ପ୍ରଗତି ଉତ୍କଳ ସଂଘ, ରାଉରକେଲା

# ପ୍ରଗତି ଉତ୍କଳ ସଂଘର କେତୋଟି ଅନୁପମ ପ୍ରକାଶନ

୧- Madhusudan Das : The Legislator 200.00
Editors - Dr. N. K. Sahu & Dr. P. K. Mishra
(୫୫୦ ପୃଷ୍ଠାର ଏହି ବୃହତ ପୁସ୍ତକ ଉତ୍କଳ ଗୌରବ ମଧୁସୂଦନଙ୍କ ବିଭିନ୍ନ ବ୍ୟବସ୍ଥାପକ ସଭାରେ ପ୍ରଦତ୍ତ ଭାଷଣର ଏକ ମନୋଜ୍ଞ ସଂକଳନ, ସୁଦୃଢ଼ ବନ୍ଧାଇ ମଧୁସୂଦନଙ୍କ ବହୁରଂଗୀ ବିଭିନ୍ନ ଫଟୋ ସହିତ)

୨- ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ
ସଂପାଦନା ଡଃ ଶ୍ରୀଚରଣ ମହାନ୍ତି (ଦ୍ୱିତୀୟ ସଂସ୍କରଣ) ଯନ୍ତ୍ରସ୍ଥ

୩- ରାଉରକେଲାର ସାଂସ୍କୃତିକ ବିକାଶଧାରା ଓ ପ୍ରଗତି
ଉତ୍କଳ ସଂଘ ସଂ: ଡଃ ଶ୍ରୀଚରଣ ମହାନ୍ତି ୨୦-୦୦

୪. ଶତାବ୍ଦୀର ନାୟକ : ଗୌରୀଶଙ୍କର
ସଂ. ଡଃ ଶ୍ରୀଚରଣ ମହାନ୍ତି ୪୦-୦୦

୫- କୃଷ୍ଣଚନ୍ଦ୍ର ଗଜପତି : ଶତବର୍ଷର ସ୍ମରଣେ
ସଂ. ଡଃ ଶ୍ରୀଚରଣ ମହାନ୍ତି ୨୫-୦୦

୬- ଗଂଗାଧର : କବିତା ଓ କବି-ଆତ୍ମା
ଲେ: ଶ୍ରୀ ଦେବେନ୍ଦ୍ର କୁମାର ଦାଶ ୯୫-୦୦
(ଗଙ୍ଗାଧରଙ୍କ କବିତା ଓ କବି-ଜୀବନର ଏକ ନୂତନ ଭାଷ୍ୟ)

୭- ଚନ୍ଦ୍ରାନାୟକ ମାନସିଂହ
ଲେ. : ଡକ୍ଟର ଶ୍ରୀଚରଣ ମହାନ୍ତି ୧୦୦-୦୦
(ମାନସିଂହଙ୍କ କାବ୍ୟ କବିତା ଓ ଗଦ୍ୟ ରଚନାର ବିପୁଳ ବିଭବ ମଧ୍ୟରୁ ତାଙ୍କ ବିଚାରଧାରାର ଏକ ନିଷ୍ପକ୍ଷ ମୂଲ୍ୟାୟନ)

ଯୋଗାଯୋଗ ; ସଂପାଦକ, ପ୍ରଗତି ଉତ୍କଳ ସଂଘ,
ବି/୯, ଫକୀରମୋହନ ନଗର, (ସେକ୍ଟର - ୭)
ରାଉରକେଲା - ୭୬୯୦୦୩
ଫୋନ ନଂ (୦୬୬୧) ୬୯୦୧୪୩

# ॥ ଲେଖକ ପରିଚୟ ॥

| | |
|---|---|
| ୧- ଡକ୍ଟର ଯଜ୍ଞ କୁମାର ସାହୁ | ଇତିହାସ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ<br>ଈଶାବାସ୍ୟମ୍, ବରପାଲି ଜି: ବରଗଡ଼ |
| ୨- ଡକ୍ଟର ପ୍ରବୋଧ କୁମାର ମିଶ୍ର | ବରିଷ୍ଠ ପ୍ରଫେସର, ଇତିହାସ ବିଭାଗ<br>ସମ୍ବଲପୁର ବିଶ୍ୱବିଦ୍ୟାଳୟ,<br>ଜ୍ୟୋତିବିହାର, ସମ୍ବଲପୁର |
| ୩- ଡକ୍ଟର ବାବା ମିଶ୍ର | ଅଧ୍ୟାପକ, ଉପାଧ୍ୟୟର ଇତିହାସ<br>ବିଭାଗ, ସରକାରୀ ମହାବିଦ୍ୟାଳୟ,<br>ଭବାନୀପାଟଣା |
| ୪- ଡକ୍ଟର ସୁରେନ୍ଦ୍ର କୁମାର ମହାରଣା | ଅର୍ଥ ବିଭାଗ, ଓଡ଼ିଶା ସଚିବାଳୟ<br>ଭୁବନେଶ୍ୱର |
| ୫- ଡକ୍ଟର ଦେବାନନ୍ଦ ଗୈପଦାର | ପ୍ରାଧ୍ୟାପକ, ଇତିହାସ ବିଭାଗ,<br>ସମ୍ବଲପୁର ବିଶ୍ୱବିଦ୍ୟାଳୟ,<br>ଜ୍ୟୋତିବିହାର, ସମ୍ବଲପୁର |
| ୬- ଡକ୍ଟର ସାଧୁଚରଣ ପଣ୍ଡା | ପ୍ରଫେସର, ଇତିହାସ ବିଭାଗ,<br>ସମ୍ବଲପୁର ବିଶ୍ୱବିଦ୍ୟାଳୟ,<br>ଜ୍ୟୋତିବିହାର, ସମ୍ବଲପୁର |
| ୭ ଡକ୍ଟର ଦଧିବାମନ ମିଶ୍ର | ପ୍ରାଧ୍ୟାପକ, ଉପାଧ୍ୟୟର ଇତିହାସ<br>ବିଭାଗ, ସରକାରୀ ମହାବିଦ୍ୟାଳୟ<br>ଭବାନୀପାଟଣା, |
| ୮- ଡକ୍ଟର ଜୟ ପ୍ରକାଶ ସାହୁ | ଅଧ୍ୟାପକ, ଇତିହାସ ବିଭାଗ<br>ଗଜେନ୍ଦ୍ର ମହାବିଦ୍ୟାଳୟ, ବଲାଙ୍ଗୀର |
| ୯- ଡକ୍ଟର ପ୍ରଫୁଲ୍ଲ କୁମାର ନାୟକ | ଇତିହାସ ବିଭାଗ, ସମ୍ବଲପୁର ବିଶ୍ୱ-<br>ବିଦ୍ୟାଳୟ, ଜ୍ୟୋତିବିହାର<br>ସମ୍ବଲପୁର |
| ୧୦- ଶ୍ରୀ ବିରୂପାକ୍ଷ ପାଢ଼ୀ | ଏ-୨୫, ସେକ୍ଟର-୧୭, ରାଉରକେଲା |
| ୧୧- ଶ୍ରୀ ହରିହର ମହାନ୍ତି | ଅଧ୍ୟାପକ, ଓଡ଼ିଆ ବିଭାଗ,<br>ଶ୍ରମଶକ୍ତି ମହାବିଦ୍ୟାଳୟ,<br>ହାରମିଡପୁର, ସୁନ୍ଦରଗଡ |

# ॥ ସୂଚିପତ୍ର ॥

## ପ୍ରଥମ ଭାଗ : ଡ଼କ୍ଟର ନବୀନ କୁମାର ସାହୁଙ୍କ ଜୀବନୀ ଓ ସ୍ମୃତିଚାରଣ


| | | |
|---|---|---|
| ୧- ଡଃ ନବୀନ କୁମାର ସାହୁଙ୍କ ସଂଗ୍ରାମ ଓ ସାଧନା | ଡଃ ଯଜ୍ଞ କୁମାର ସାହୁ | ୧-୫୫ |
| ୨- ପ୍ରଫେସର ସାହୁ : ଏକ ବ୍ୟକ୍ତିଗତ ପ୍ରତୀତି | ପ୍ରଫେସର ପ୍ରବୋଧ କୁମାର ମିଶ୍ର | ୫୬-୫୯ |


## ଦ୍ୱିତୀୟ ଭାଗ : ଓଡ଼ିଶାର ଇତିହାସ-ସାଧନା ଓ ପ୍ରଫେସର ନବୀନ କୁମାର


| | | |
|---|---|---|
| ୧- ବୈଷ୍ଣବ ଧର୍ମ ପ୍ରଖ୍ୟାପନରେ ଡଃ ନବୀନ କୁମାରଙ୍କ ଭୂମିକା | ଡ଼ଃ ବାବା ମିଶ୍ର | ୬୩-୭୨ |
| ୨- ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ଓ ନବୀନ କୁମାର | ଡ଼ଃ ସୁରେନ୍ଦ୍ର କୁମାର ମହାରଣା | ୭୩-୯୫ |
| ୩- ପ୍ରାଚୀନ କୀର୍ତ୍ତି ଓ ଐତିହାସିକ ବିଭବର ସୁରକ୍ଷା : ଡ଼ଃ ନବୀନ କୁମାର ସାହୁ ମ୍ୟୁଜିୟମ୍ | ଡ଼ଃ ଦେବାନନ୍ଦ ଗ୍ରୁପଦାର | ୯୬-୧୦୪ |
| ୪- ଦକ୍ଷିଣ କୋଶଳର ଇତିହାସ ପୁନର୍ଗଠନରେ ଡ଼ଃ ସାହୁଙ୍କ ଭୂମିକା | ପ୍ରଫେସର ସାଧୁଚରଣ ପଣ୍ଡା | ୧୦୫-୧୧୦ |
| ୫- ଏକ ଲକ୍ଷ୍ୟ ଅନେକ ଅନ୍ୱେଷା | ଡ଼ଃ ଦଧିବାମନ ମିଶ୍ର | ୧୧୧-୧୨୧ |
| ୬- ଓଡ଼ିଶାର ଜାତୀୟ ବୀର ସୁରେନ୍ଦ୍ର ସାଏ ଓ ଡଃ ନବୀନ କୁମାର | ଡ଼ଃ ଜୟପ୍ରକାଶ ସାହୁ | ୧୨୨-୧୩୧ |

## ତୃତୀୟ ଭାଗ : ନବୀନ କୁମାରଙ୍କ ପ୍ରତିଭାର ଅନ୍ୟାନ୍ୟ ଦିଗନ୍ତ


| | | |
|---|---|---|
| ୧- ପ୍ରାବନ୍ଧିକ ନବୀନ କୁମାର | ଡଃ ପ୍ରଫୁଲ୍ଲ କୁମାର ନାୟକ | ୧୩୫-୧୪୪ |
| ୨- ସଂଗଠକ ନବୀନ କୁମାର | ବିରୂପାକ୍ଷ ପାଣି | ୧୪୫-୧୫୨ |


## ପରିଶିଷ୍ଟ :


୧- ନବୀନ କୁମାରଙ୍କ ଗୋଟିଏ ପ୍ରବନ୍ଧ : ଓଡ଼ିଆ ଭାଷା ବିବର୍ତ୍ତନର ସାଂସ୍କୃତିକ ପ୍ରେକ୍ଷାପଟ (ଓଡ଼ିଆ ଅନୁବାଦ : ଅଧ୍ୟାପକ ହରିହର ମହାନ୍ତି) ୧୫୫-୧୭୫

୨- ସ୍ମୃତି ସ୍ପନ୍ଦନ : ଡଃ ସାହୁଙ୍କ ଜୀବନର ସ୍ମରଣୀୟ ଘଟଣାବଳୀ ୧୭୬-୧୭୭

୩- ଡଃ ନବୀନ କୁମାର ସାହୁଙ୍କ ରଚନା ସମ୍ଭାର ୧୭୮-୧୮୬

# ପ୍ରଥମ ଭାଗ

## ଡ଼କ୍ଟର ନବୀନ କୁମାର ସାହୁଙ୍କ
## ଜୀବନୀ ଓ ସ୍ମୃତିଚାରଣ



ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ଡକ୍ଟର ସାହୁ

# ଡଃ ନବୀନ କୁମାର ସାହୁଙ୍କର ସଂଗ୍ରାମ ଓ ସାଧନା

—ଡଃ ଯଜ୍ଞ କୁମାର ସାହୁ

ଡକ୍ଟର ନବୀନ କୁମାର ସାହୁ ଥିଲେ ଜଣେ ସଂଗ୍ରାମୀ ଓ ସାଧକ । ଜୀବନ ପଥରେ ଆଗେଇବା ପାଇଁ ତାଙ୍କୁ ଅବିରତ ସଂଗ୍ରାମ କରିବାକୁ ପଡ଼ିଥିଲା । ଗରିବ ଗୁଡ଼ିଆ ପରିବାରରେ ଜନ୍ମଗ୍ରହଣ କରି ଏବଂ ସାଧାରଣ ଶିକ୍ଷକ ରୂପେ କର୍ମମୟ ଜୀବନ ଆରମ୍ଭ କରି ସେ ବିଶ୍ୱବିଦ୍ୟାଳୟର କୁଳପତି ପଦକୁ ଉଠିଥିଲେ । ଏଥିପାଇଁ ତାଙ୍କୁ ସଂଗ୍ରାମ କରିବାକୁ ପଡ଼ିଥିଲା— ଅଭାବ-ଅନଟନ ବିରୁଦ୍ଧରେ ପ୍ରତିବନ୍ଧକ ଓ ପ୍ରତିକୂଳ ପରିବେଶ ବିରୁଦ୍ଧରେ । ଏହି ସଂଗ୍ରାମରେ ସେ ଯେଉଁ ରଥ ବା ପଥ ବାଛି ନେଇଥିଲେ, ତାହା ଥିଲା ତାଙ୍କର ସାରସ୍ୱତ ସାଧନା । ଜୀବନ-ସଂଗ୍ରାମରେ ତାଙ୍କର ଜୟ-ପରାଜୟ ଏବଂ ତାଙ୍କ ସାଧନାର ସଫଳତା-ବିଫଳତା ଉପରେ ଆସନ୍ତୁ ଏକ ସିଂହାବଲୋକନ କରିବା ।

## ଜନ୍ମଭୂମି ବରପାଲି :

ଆଧୁନିକ ବରଗଡ଼ ଜିଲ୍ଲାରେ ସମ୍ବଲପୁର-ବଲାଙ୍ଗିର ରାଜପଥର ପାର୍ଶ୍ୱରେ ପଲ୍ଲୀବର ବରପାଲି ପ୍ରଗତି ପଥରେ ଆଜି ଆଗେଇ ଚାଲିଛି । ବରପାଲି ଜନ୍ମ ନେଇଥିଲା ସପ୍ତଦଶ ଶତକର ଶେଷାର୍ଦ୍ଧରେ ଏକ ଚୌହାଣ ଜମିଦାରୀ ରୂପେ । ସେହି ସମୟରେ ହୀରାଖଣ୍ଡ ମଣ୍ଡଳମଣି ଅଠରଗଡ଼ ଅଧିପତି ବଳିୟାର ଦେବ ସମ୍ବଲପୁରର ଚୌହାଣ ରାଜସିଂହାସନ ଅଳଂକୃତ କରୁଥିଲେ । ତାଙ୍କର ଦ୍ୱିତୀୟ ପୁତ୍ର ବିକ୍ରମ ସିଂହ ପିତାଙ୍କ ନିର୍ଦ୍ଦେଶ କ୍ରମେ ବରପାଲି ଗ୍ରାମ ସ୍ଥାପନ କଲେ ଏବଂ ପାଖାପାଖି ଛୋଟ ଛୋଟ ଗ୍ରାମ ଗୁଡ଼ିକୁ ନେଇ ଏକ ଜମିଦାରୀ ଗଠନ କଲେ । ସେତେବେଳେ ଏହା ଏକ ଆଦିବାସୀ ଅଞ୍ଚଳ ଥିଲା । ବିକ୍ରମ ସିଂହ ଆଦିବାସୀ ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବରପାଲିରେ ସର୍ବପ୍ରଥମେ ସମଲେଶ୍ୱରୀ ମନ୍ଦିର ନିର୍ମାଣ କଲେ । ଏହି ମନ୍ଦିରର ଦେବୀମୂର୍ତ୍ତି ସମ୍ବଲପୁର ମନ୍ଦିର ଦେବୀ ମୂର୍ତ୍ତିର ଅବିକଳ ଅନୁରୂପ ଥିଲା । ବିକ୍ରମ ସିଂହଙ୍କ ପୁତ୍ର ଜମିଦାର ହୃଦୟ ସିଂହ ସମଲେଶ୍ୱରୀ ମନ୍ଦିର ନିକଟରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କଲେ । ଶିଳ୍ପ ଶାସ୍ତ୍ରର ଅନୁସରଣରେ ନିର୍ମିତ ଏହି ମନ୍ଦିର ଦ୍ୱୟ ଏ ଅଞ୍ଚଳର ପ୍ରଥମ ଓ

ସର୍ବବୃହତ ଦେବାୟତନ ଥିଲା । ଜଗତର ପିତାମାତାଙ୍କ ଆଶୀର୍ବାଦ ନେଇ ବରପାଲି ଯୁଗୁଁ ଯୁଗୁଁ ଏକ ବରିଷ୍ଠ ପଲ୍ଲୀରେ ପରିଣତ ହେଲା । ବରପାଲିର ରାଜପ୍ରାସାଦ ବହୁତ ପରେ ନିର୍ମିତ ହେଲା ଏବଂ ଜମିଦାର ପରିବାର ଏକ ସାଧାରଣ ଗୃହରେ ରହୁଥିଲେ । ମୂଳରୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଜମିଦାରଙ୍କ ପ୍ରୟାସ ବରପାଲିର ସାଧାରଣ ଜୀବନକୁ ପ୍ରଭାବିତ କଲା । ଧର୍ମପ୍ରାଣ ବ୍ୟକ୍ତି ମାନଙ୍କ ଉଦ୍ୟମରେ ବରପାଲି ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଏବଂ ବହୁ ସଂଖ୍ୟକ ପୁଷ୍କରିଣୀରେ ସୁଶୋଭିତ ହେଲା । ଏହାଛଡା, ସାମୂହିକ ଉଦ୍ୟମରେ ବରପାଲିର ଚତୁର୍ଦ୍ଦିଗରେ ନିଘଞ୍ଚ ଆମ୍ବ ତୋଟାମାନ ନିର୍ମିତ ହେଲା । ଉତ୍ତର ପୂର୍ବ ଦିଗର ଏହି ତୋଟା ଏତେ ନିଘଞ୍ଚ ଥିଲା ଯେ ସୂର୍ଯ୍ୟ କିରଣ ତା' ଭିତରକୁ ପ୍ରବେଶ କରୁ ନଥିଲା । ସେଥିପାଇଁ ତାହା ଅନ୍ଧାରି କୁରାଇ (ଅନ୍ଧକାର ତୋଟା) ନାମରେ ଅଭିହିତ ଥିଲା । ବରପାଲିର ଅନତି ଦୂରରେ ଝଇର ବଣ ଓ ଘଞ୍ଚ ଜଙ୍ଗଲ ଥିଲା ଏବଂ ସେଠାରେ ଭାଲୁ ହରିଣ ପ୍ରଭୃତି ବନ୍ୟ ଜନ୍ତୁ ସ୍ୱଚ୍ଛନ୍ଦରେ ବିଚରଣ କରୁଥିଲେ । ଆଧ୍ୟାତ୍ମିକ ବାତାବରଣ; ମଧୁର ପ୍ରାକୃତିକ ପରିବେଶ ଏବଂ ଦେବୋପମ ମନୁଷ୍ୟ ମାନଙ୍କୁ ନେଇ ବରପାଲି ହସି ଉଠୁଥିଲା । ଏହିପରି ଏକ ପଲ୍ଲୀରେ ସ୍ୱଭାବ କବି ଗଙ୍ଗାଧରଙ୍କ ଜନ୍ମ ଅସ୍ୱାଭାବିକ ନଥିଲା । ବରପାଲିର ଅନ୍ୟ ଏକ କୃତୀ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଭଗୀରଥି ପଟ୍ଟନାୟକ ଥରେ ଏକ ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ "× × × ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ଯେ ଏହି ବରପାଲି ମାଟିରେ ଜନ୍ମଗ୍ରହଣ କରିଛି । ଏହା ସବୁ ମାଟିର ମହିମା ଅଟେ; ମୋର ନୁହେଁ ।" (ରବୀନ୍ଦ୍ର କୁମାର ଗଡ଼ତିଆ— ମୁକ୍ତି ପଥର ଯାତ୍ରୀ ପୃ: ୧) ସେହି ମହିମାମୟୀ ବରପାଲିରେ ଏକ ମଧ୍ୟବୈଶ୍ୟ ପରିବାରରେ ନବୀନ କୁମାର ସାହୁ ଜନ୍ମଗ୍ରହଣ କରିଥିଲେ ୧୯୨୨ ଖ୍ରୀ: ଜୁଲାଇ ୨୮ ତାରିଖ ଶ୍ରାବଣ ଶୁକ୍ଳ ଚତୁର୍ଥୀ ଶୁକ୍ରବାରର ଏକ ଶୁଭ ଲଗ୍ନରେ ।

## ପରିବାର ଓ ବାଲ୍ୟଜୀବନ :

ନବୀନ କୁମାର ମୋର ବଡ଼ ଭାଇ ଥିଲେ ଏବଂ ତାଙ୍କୁ ଆମେ ସାନଭାଇ ମାନେ ଦାଦା ବୋଲି ଡାକୁଥିଲୁ । ପିତା ଶ୍ରୀ ସୁରୁ ସାହୁ ଓ ମାତା ସେବତୀ ଦେଇଙ୍କର ସେ ଥିଲେ ଦ୍ୱିତୀୟ ପୁତ୍ର । ପିତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀ ଘାସିରାମ ସାହୁ ବାତ ରୋଗରେ ଆକ୍ରାନ୍ତ ହୋଇ ପ୍ରଚଳନ ଶକ୍ତି ହରାଇ ଥିଲେ ଏବଂ ତାଙ୍କର ସନ୍ତାନ ସନ୍ତତିର କୌଣସି ଆଶା ନଥିଲା । ତେଣୁ ପିତାମହଙ୍କ ନିର୍ଦ୍ଦେଶ କ୍ରମେ ଆମ୍ଭର ପିତା ସୁରୁ ସାହୁ ନବଜାତ ଦ୍ୱିତୀୟ ପୁତ୍ର ନବୀନ କୁମାରଙ୍କୁ ପୋଷ୍ୟ ପୁତ୍ର ରୂପେ ଜ୍ୟେଷ୍ଠ ଭ୍ରାତା ଘାସିରାମ ଓ ତାଙ୍କ ଧର୍ମପତ୍ନୀ

ସତ୍ୟଭାମା ଦେଈଙ୍କ କୋଳକୁ ଟେକି ଦେଲେ । ଏକାନ୍ନବର୍ତ୍ତୀ ପରିବାର ନ ହେଲେ ମଧ୍ୟ ଦୁଇଭାଇ ଗୋଟିଏ ଗୃହରେ ଏକ ପ୍ରାଚୀରର ବ୍ୟବଧାନରେ ରହୁଥିଲେ ଏବଂ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସଂପର୍କ ଥିଲା । ପିତା ତାଙ୍କର ଜ୍ୟେଷ୍ଠ ଭ୍ରାତାଙ୍କୁ ପିତା ତୁଲ୍ୟ ସମ୍ମାନ କରୁଥିଲେ । ନବୀନ କୁମାରଙ୍କ ବାଲ୍ୟ ଜୀବନ ଦୁଇ ଜନନୀଙ୍କ ସ୍ନେହରେ ମଧୁମୟ ହୋଇ ଉଠିଥିଲା ।

ନବୀନ କୁମାରଙ୍କ ପରେ ପିତାଙ୍କର ଆଉ ଛଅଟି ସନ୍ତାନ ଓ ଦୁଇ କନ୍ୟା ଜନ୍ମ ଲାଭ କରିଥିଲେ । ତାଙ୍କର ସର୍ବମୋଟ ଜୀବିତ ସନ୍ତାନ ସନ୍ତତି ଥିଲେ ଆଠ । ନବୀନ କୁମାର ଥିଲେ ତୃତୀୟ । ସବୁଠାରୁ ବଡ଼ ଥିଲେ କନ୍ୟା ସୁଶୀଳା ଏବଂ ତାଙ୍କ ତଳେ ପୁତ୍ର ଶ୍ରୀଧର । ନବୀନ କୁମାରଙ୍କ ବ୍ୟତୀତ ଅନ୍ୟ ସବୁ ସନ୍ତାନ ସନ୍ତତି ଏବେ ମଧ୍ୟ ଜୀବିତ ଅଛନ୍ତି । ଜ୍ୟେଷ୍ଠ ଭ୍ରାତା ଶ୍ରୀଧର ଜଣେ କୁଶଳୀ ଚିତ୍ରକର । ପରିଣତ ବୟସରେ ସେ ବର୍ତ୍ତମାନ ଆଧ୍ୟାତ୍ମିକ ଜୀବନ ଧାରାକୁ ବାଛି ନେଇଛନ୍ତି । ନବୀନ ଦାଦାଙ୍କ ତଳ ଭାଇ ମୁଁ ଜଣେ ପ୍ରାଧ୍ୟାପକ ରୂପେ ସରକାରୀ କଲେଜରୁ ଅବସର ଗ୍ରହଣ କରି ଗବେଷଣା କାର୍ଯ୍ୟରେ ନିୟୋଜିତ ଅଛି । ମୋର ପରବର୍ତ୍ତୀ ଭାଇ ଡ଼କ୍ଟର କୃଷ୍ଣ ଚନ୍ଦ୍ର ସାହୁ ବମ୍ବେ ଆଇ: ଆଇ: ଟି ର ଜଣେ ବରିଷ୍ଠ ପ୍ରଫେସର ଏବଂ ସବୁଠାରୁ ସାନ ଭାଇ ଗୋବିନ୍ଦ ପ୍ରସାଦ ଓଡ଼ିଶା କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସ୍ତରରେ ସଚିବାଳୟରେ ଅବସ୍ଥାପିତ ଅଛନ୍ତି । ଆମ ଛଅ ଭାଇଙ୍କର ଶିକ୍ଷା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ନବୀନ ଦାଦାଙ୍କର ଥିଲା । ତାଙ୍କଠାରୁ ସାହାଯ୍ୟ ଓ ପ୍ରେରଣା ପାଇ ପାରିନଥିଲେ ଆମେ ଉଚ୍ଚ ଶିକ୍ଷାର ସ୍ୱପ୍ନ ଦେଖି ପାରି ନ ଥାନ୍ତୁ । ବସ୍ତୁତଃ ଆମେ ତାଙ୍କୁ ହିଁ ଜ୍ୟେଷ୍ଠ ଭ୍ରାତା ରୂପେ ମାନି ଥିଲୁଁ । ପିତାମାତାଙ୍କ ସରଳ ପବିତ୍ର ଜୀବନ ଆମ୍ଭମାନଙ୍କୁ ଉପଯୁକ୍ତ ମଣିଷ କରି ଗଢ଼ିବାରେ ଏକ ଅଦୃଶ୍ୟ ଶକ୍ତି ରୂପେ କାମ କରିଥିଲା ବୋଲି ମୁଁ ମନେ କରେ ।

ପିତା ଓ ତାଙ୍କ ଜ୍ୟେଷ୍ଠ ଭ୍ରାତାଙ୍କ ଭୂସମ୍ପତ୍ତି ନଥିଲା । ଜୀବନ ନିର୍ବାହ ପାଇଁ ସେମାନେ ନିଜ ନିଜର ଛୋଟ ଗୁଡ଼ିଆ ଦୋକାନ ଉପରେ ନିର୍ଭର କରୁଥିଲେ । ସେହି ଦୋକାନରେ ଆମେ ସମସ୍ତେ କାମ କରିଛୁଁ । ଡକ୍ଟର ସାହୁ ମଧ୍ୟ ଏଥିରୁ ବାଦ୍ ଯାଇ ନଥିଲେ । ଗୁଡ଼ିଆ ଦୋକାନ ବିଶେଷ ଲାଭ ପ୍ରଦ ନହେଲେ ମଧ୍ୟ ସେଥିରୁ ଆମ ପରିବାରର ଯାବତୀୟ ଖର୍ଚ୍ଚ ଚଳି ଯାଉଥିଲା ।

ଆମର ବାସଗୃହ ଏକ ଛୋଟ ମାଟି ଘର ଥିଲା । ଏହା ଉଭୟ ସମଲେଶ୍ୱରୀ ଓ ଜଗନ୍ନାଥ ମନ୍ଦିରର ସମୀପରେ ଥିଲା । ଏହାର ସମ୍ମୁଖରେ ବାଲିକା

ବିଦ୍ୟାଳୟ ଓ ଦକ୍ଷିଣ ପାର୍ଶ୍ୱରେ ଦୈନିକ ହାଟ ଥିଲା । ସମଲେଶ୍ୱରୀ ଓ ଜଗନ୍ନାଥ ମନ୍ଦିରରେ ଅନେକ ପର୍ବପର୍ବାଣି ପାଳିତ ହେଉଥିଲା । ଆମେ ଘରେ ଥାଇ ଆଶ୍ୱିନ ମାସରେ ସମଲେଶ୍ୱରୀ ମନ୍ଦିରରୁ ବଳି ବାହାରିବା ଦେଖୁଥିଲୁଁ, ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ପହଣ୍ଡି ବିଜୟ ଦେଖୁଥିଲୁଁ । ସନ୍ଧ୍ୟା ସମୟରେ ଉଭୟ ମନ୍ଦିରରେ ଶଙ୍ଖ ବାଜିଲେ ଆମେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଉଥିଲୁଁ । ବାହାରୁ ସାଧୁ ସନ୍ଥ ଆସିଲେ ଜଗନ୍ନାଥ କିମ୍ବା ସମଲେଶ୍ୱରୀ ମନ୍ଦିରରେ ରହି ଧର୍ମ ଚର୍ଚ୍ଚା ଓ ପୂଜା ଆରାଧନା କରୁଥିଲେ । ଏ ସବୁର ପ୍ରଭାବ ଆମ ଉପରେ ପଡ଼ୁଥିଲା ।

୧୯୨୬ ଖ୍ରୀ: ନଭେମ୍ବର ମାସରେ ଉଭୟ ଭାଇ ବୀରବର ଓ ନବୀନ କୁମାର ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲେ । ଦୁହିଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା ଏବଂ କେହି ଆଉ ସେମାନଙ୍କ ଜୀବନର ଆଶା ରଖି ନଥିଲେ । ନବୀନ କୁମାର ସେତେବେଳକୁ ଚାରିବର୍ଷ ବୟସର ବାଳକ ଥିଲେ । ସେ ସମୟରେ ବସନ୍ତ ରୋଗ ପାଇଁ କୌଣସି ଚିକିତ୍ସା ନଥିଲା ଏବଂ ସମସ୍ତେ ଏହି ରୋଗକୁ ମା' ବୋଲି କହି ଦେବୀଙ୍କର ସନ୍ତୋଷ ବିଧାନ ସକାଶେ ପୂଜାପାଠରେ କେବଳ ଆଶା ରଖୁଥିଲେ । ସେ ଯାହାହେଉ ଦୁଇ ଭାଇ କ୍ରମେ ତହିଁରୁ ଆରୋଗ୍ୟ ଲାଭ କଲେ ।

## ଗ୍ରାମ ଚାଟଶାଳୀ :

ଏହାପରେ ନବୀନ କୁମାରଙ୍କ ବିଦ୍ୟାଧ୍ୟୟନ ଆରମ୍ଭ ହେଲା । ସେହି ସମୟରେ ବରପାଲିରେ ସରକାରୀ ବିଦ୍ୟାଳୟ ପ୍ରତିଷ୍ଠିତ ଥିଲେ ମଧ୍ୟ ଅନେକେ ଗ୍ରାମ ଚାଟଶାଳୀରେ ପ୍ରାରମ୍ଭିକ ଶିକ୍ଷା ଲାଭ କରୁଥିଲେ । ସମଲେଶ୍ୱରୀ ମନ୍ଦିରରେ ଏହି ଚାଟଶାଳୀ ପରିଚାଳିତ ହେଉଥିଲା ଏବଂ ଏଥିରେ ଜଣେ ଅବୈତନିକ ଶିକ୍ଷକ ବା ଗୁରୁ ରହୁଥିଲେ । ପ୍ରତି ରବିବାର ଦିନ ଚାଟଶାଳୀରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହେଉଥିଲା ଏବଂ ଛାତ୍ରମାନେ କିଛି ଚାଉଳ ଓ ପୂଜା ସାମଗ୍ରୀ ନେଇ ଆସୁଥିଲେ । ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା ସମୟରେ ଧନୀ ଅଭି-ଭାବକମାନେ ଗୁରୁଙ୍କୁ ବସ୍ତ୍ରାଦି ଉପହାର ଦେଉଥିଲେ । ପାଠ ସମାପ୍ତି ପରେ ଗୁରୁ ଦକ୍ଷିଣା ପ୍ରଥା ମଧ୍ୟ ଥିଲା । ନବୀନ କୁମାରଙ୍କ ଚାଟଶାଳୀ ଗୁରୁ ଥିଲେ ମାଧବ ବେହେରା । ତାଙ୍କ ପାଖରେ ସେ ଦୁଇ ବର୍ଷରୁ ଅଧିକ କାଳ ପଢ଼ି-ଥିବେ ଏବଂ ସେହି ସମୟ ମଧ୍ୟରେ ସେ ଅକ୍ଷର ଶିକ୍ଷାରୁ ଆରମ୍ଭ କରି ମଧୁ ରାଓଙ୍କର ବର୍ଣ୍ଣବୋଧ, ପଣକିଆ, କୋଇଲି ମାଳିକା, ଗୋପୀଭାଷା, ଜଗନ୍ନାଥ ଦାସଙ୍କ ଭାଗବତ ଆଦି ଅଧ୍ୟୟନ କରିଥିଲେ । ଏହାପରେ ବାପା ଗୁରୁଙ୍କ ଉପଦେଶ କ୍ରମେ ତାଙ୍କୁ ଗାଁର ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି କଲେ ।

## ବିଦ୍ୟାଳୟ ଜୀବନ :

ପ୍ରାଥମିକ ବିଦ୍ୟାଳୟ ଗାଁର ଉତ୍ତର ଉପାନ୍ତରେ ଥିଲା । ଏବେ ମଧ୍ୟ ସେହି ବିଦ୍ୟାଳୟ ସେହି ସ୍ଥାନରେ ଅବସ୍ଥାପିତ ହୋଇ ରହିଛି । ଘର ସମ୍ମୁଖ ମନ୍ଦିର ଚାଟଶାଳୀରେ ନବୀନ କୁମାର ଏତେ ଦିନ ଯାଏ ସ୍ୱଚ୍ଛନ୍ଦରେ ପାଠ ପଢୁଥିଲେ । ତାଙ୍କୁ ବିସ୍ତାନି ଧରି ଗାଁ ମୁଣ୍ଡକୁ ଯିବାକୁ ପଡ଼ିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ମିଶ୍ର (ମଧୁମାଷ୍ଟ୍ରେ) ଙ୍କ ଠାରୁ ସେ ଚାଟଶାଳୀ ଗୁରୁଙ୍କର ସ୍ନେହ ଓ ଆଦର ପାଇ ପାରିଲେ ନାହିଁ । ପ୍ରଥମ ଶ୍ରେଣୀରେ ନାମ ଲେଖା ସମୟରେ ଜାତକ ତିଥି (୨୮. ୭. ୧୯୧୧) ଅନୁଯାୟୀ ସେ ଅଷ୍ଟମ ବର୍ଷରେ ପଦାର୍ପଣ କରି ସାରିଥିଲେ । ମଧୁ ମାଷ୍ଟ୍ରେ ତାଙ୍କୁ ଆହୁରି ୧୫ ମାସ ବଡ଼ କରିଦେଲେ । ବିଦ୍ୟାଳୟ ରେକର୍ଡ଼ରେ ତାଙ୍କ ଜନ୍ମ ତାରିଖ ରହିଲା ୧୯୧୦ ଅଗଷ୍ଟ ୧୧ ତାରିଖ । ପାଖରେ ଜାତକ ଥାଇ ମଧ୍ଧ ବାପା ନୀରବ ରହିଲେ । ମାଷ୍ଟ୍ରଙ୍କ କୈଫିୟତ୍ ଥିଲା ଯେ ଏହାଦ୍ୱାରା ପିଲା ସପ୍ତମ ଶ୍ରେଣୀ ପାସ୍ କଲାପରେ ଚାକିରି ପାଇଁ ଯୋଗ୍ୟ ହୋଇ ପାରିବ । ୧୯୩୫ ଖ୍ରୀ: ର ଜାନୁୟାରୀ ମାସରେ ଶ୍ରୀ ପୁରନ୍ଦର ଦାସ ମଧୁମାଷ୍ଟ୍ରଙ୍କ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ଯୋଗ ଦେଲେ । ସେ ଏବେ ମଧ୍ଧ ଜୀବିତ ଅଛନ୍ତି । ନବୀନ କୁମାରଙ୍କ ନାମ ଲେଖା ତାରିଖ ସମ୍ପର୍କରେ ତାଙ୍କର ବିଶ୍ଳେଷଣ ଭିନ୍ନ ଥିଲା । ସେ ଆଜି ବି କହନ୍ତି ଯେ ବରପାଲିର ଚଢ଼ ଭିତର ଅଞ୍ଚଳର ଜମିଦାରୀର ଛାତ୍ରମାନଙ୍କ ପ୍ରତି ମଧୁମାଷ୍ଟ୍ରଙ୍କ ସହାନୁଭୂତି ନଥିଲା ଏବଂ ନବୀନ କୁମାର ମାଷ୍ଟ୍ରଙ୍କ ସେହି ମନୋଭାବରୁ ରକ୍ଷା ପାଇ ନଥିଲେ । ସେହି ସମୟରେ ବୃତ୍ତି ପରୀକ୍ଷା ପାଇଁ ଛାତ୍ରର ଏକ ବୟସ ସୀମା ନିର୍ଦ୍ଧାରିତ ଥିଲା ଏବଂ ଏହାକୁ ଆଖି ଆଗରେ ରଖି ମଧୁମାଷ୍ଟ୍ରେ ନବୀନ କୁମାରଙ୍କ ବୟସ ବଢ଼ାଇ ଦେଇଥିଲେ । ଫଳରେ ନବୀନ କୁମାର ନିଃସନ୍ଦେହରେ ମେଧାବୀ ଛାତ୍ର ଥିଲେ ମଧ୍ୟ ତୃତୀୟ, ପଞ୍ଚମ କିମ୍ବା ସପ୍ତମ ଶ୍ରେଣୀରେ ବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ । ତେବେ କେବେ କୌଣସିଠାରେ ନବୀନ ଦାଦା ମଧୁମାଷ୍ଟ୍ରଙ୍କ ଅନ୍ୟାୟ ବିରୁଦ୍ଧରେ ଅଭି-ଯୋଗ କରିଥିବା କଥା ମୁଁ ଶୁଣି ନାହିଁ । ପୁରନ୍ଦର ମାଷ୍ଟ୍ରଙ୍କ ସହିତ ନବୀନ କୁମାରଙ୍କ ସଂପର୍କ ଶେଷ ପର୍ଯ୍ୟନ୍ତ ଘନିଷ୍ଠ ଥିଲା ।

ପ୍ରାଥମିକ ଶିକ୍ଷାର ସମାପ୍ତି ପରେ ନବୀନ କୁମାର ବରପାଲି ମଧ୍ଧ ଇଂରାଜୀ ବିଦ୍ୟାଳୟରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ଯାଏ ପଢ଼ିଥିଲେ । ସେହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ ଗୋକୁଳାନନ୍ଦ ଭୂୟାଁ । ସହକାରୀ ଶିକ୍ଷକ ପଣ୍ଡିତ ରାଘବ ମିଶ୍ରଙ୍କ ଆଦର୍ଶ ଓ ଅଧ୍ଧାପନା ଛାତ୍ରମାନଙ୍କୁ ପ୍ରଭାବିତ କରିଥିଲା ।

ବିଦ୍ୟାଳୟ ଓ ଦକ୍ଷିଣ ପାର୍ଶ୍ୱରେ ଦୈନିକ ହାଟ ଥିଲା । ସମଲେଶ୍ୱରୀ ଓ ଜଗନ୍ନାଥ ମନ୍ଦିରରେ ଅନେକ ପର୍ବପର୍ବାଣି ପାଳିତ ହେଉଥିଲା । ଆମେ ଘରେ ଥାଇ ଆଶ୍ୱିନ ମାସରେ ସମଲେଶ୍ୱରୀ ମନ୍ଦିରରୁ ବଳି ବାହାରିବା ଦେଖୁଥିଲୁଁ, ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ପହଣ୍ଡି ବିଜୟ ଦେଖୁଥିଲୁଁ । ସନ୍ଧ୍ୟା ସମୟରେ ଉଭୟ ମନ୍ଦିରରେ ଶଙ୍ଖ ବାଜିଲେ ଆମେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଉଥିଲୁଁ । ବାହାରୁ ସାଧୁ ସନ୍ଥ ଆସିଲେ ଜଗନ୍ନାଥ କିମ୍ବା ସମଲେଶ୍ୱରୀ ମନ୍ଦିରରେ ରହି ଧର୍ମ ଚର୍ଚ୍ଚା ଓ ପୂଜା ଆରାଧନା କରୁଥିଲେ । ଏ ସବୁର ପ୍ରଭାବ ଆମ ଉପରେ ପଡ଼ୁଥିଲା ।

୧୯୨୬ ଖ୍ରୀ: ନଭେମ୍ବର ମାସରେ ଉଭୟ ଭାଇ ବୀରବର ଓ ନବୀନ କୁମାର ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲେ । ଦୁହିଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା ଏବଂ କେହି ଆଉ ସେମାନଙ୍କ ଜୀବନର ଆଶା ରଖି ନଥିଲେ । ନବୀନ କୁମାର ସେତେବେଳକୁ ଚାରିବର୍ଷ ବୟସର ବାଳକ ଥିଲେ । ସେ ସମୟରେ ବସନ୍ତ ରୋଗ ପାଇଁ କୌଣସି ଚିକିତ୍ସା ନଥିଲା ଏବଂ ସମସ୍ତେ ଏହି ରୋଗକୁ ମା' ବୋଲି କହି ଦେବୀଙ୍କର ସନ୍ତୋଷ ବିଧାନ ସକାଶେ ପୂଜାପାଠରେ କେବଳ ଆଶା ରଖୁଥିଲେ । ସେ ଯାହାହେଉ ଦୁଇ ଭାଇ କ୍ରମେ ତହିଁରୁ ଆରୋଗ୍ୟ ଲାଭ କଲେ ।

## ଗ୍ରାମ ଚାଟଶାଳୀ :

ଏହାପରେ ନବୀନ କୁମାରଙ୍କ ବିଦ୍ୟାଧ୍ୟୟନ ଆରମ୍ଭ ହେଲା । ସେହି ସମୟରେ ବରପାଲିରେ ସରକାରୀ ବିଦ୍ୟାଳୟ ପ୍ରତିଷ୍ଠିତ ଥିଲେ ମଧ୍ୟ ଅନେକେ ଗ୍ରାମ ଚାଟଶାଳୀରେ ପ୍ରାରମ୍ଭିକ ଶିକ୍ଷା ଲାଭ କରୁଥିଲେ । ସମଲେଶ୍ୱରୀ ମନ୍ଦିରରେ ଏହି ଚାଟଶାଳୀ ପରିଚାଳିତ ହେଉଥିଲା ଏବଂ ଏଥିରେ ଜଣେ ଅବୈତନିକ ଶିକ୍ଷକ ବା ଗୁରୁ ରହୁଥିଲେ । ପ୍ରତି ରବିବାର ଦିନ ଚାଟଶାଳୀରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହେଉଥିଲା ଏବଂ ଛାତ୍ରମାନେ କିଛି ଚାଉଳ ଓ ପୂଜା ସାମଗ୍ରୀ ନେଇ ଆସୁଥିଲେ । ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା ସମୟରେ ଧନୀ ଅଭିଭାବକମାନେ ଗୁରୁଙ୍କୁ ବସ୍ତ୍ରାଦି ଉପହାର ଦେଉଥିଲେ । ପାଠ ସମାପ୍ତି ପରେ ଗୁରୁ ଦକ୍ଷିଣା ପ୍ରଥା ମଧ୍ୟ ଥିଲା । ନବୀନ କୁମାରଙ୍କ ଚାଟଶାଳୀ ଗୁରୁ ଥିଲେ ମାଧବ ବେହେରା । ତାଙ୍କ ପାଖରେ ସେ ଦୁଇ ବର୍ଷରୁ ଅଧିକ କାଳ ପଢ଼ିଥିବେ ଏବଂ ସେହି ସମୟ ମଧ୍ୟରେ ସେ ଅକ୍ଷର ଶିକ୍ଷାରୁ ଆରମ୍ଭ କରି ମଧୁ ରାଓଙ୍କର ବର୍ଣ୍ଣବୋଧ, ପଣକିଆ, କୋଇଲି ମାଳିକା, ଗୋପୀଭାଷା, ଜଗନ୍ନାଥ ଦାସଙ୍କ ଭାଗବତ ଆଦି ଅଧ୍ୟୟନ କରିଥିଲେ । ଏହାପରେ ବାପା ଗୁରୁଙ୍କ ଉପଦେଶ କ୍ରମେ ତାଙ୍କୁ ଗାଁର ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି କଲେ ।

## ବିଦ୍ୟାଳୟ ଜୀବନ :

ପ୍ରାଥମିକ ବିଦ୍ୟାଳୟ ଗାଁର ଉତ୍ତର ଉପାନ୍ତରେ ଥିଲା । ଏବେ ମଧ୍ୟ ସେହି ବିଦ୍ୟାଳୟ ସେହି ସ୍ଥାନରେ ଅବସ୍ଥାପିତ ହୋଇ ରହିଛି । ଘର ସମ୍ମୁଖ ମନ୍ଦିର ଗୃହଶାଳୀରେ ନବୀନ କୁମାର ଏତେ ଦିନ ଯାଏ ସ୍ୱଚ୍ଛନ୍ଦରେ ପାଠ ପଢ଼ୁଥିଲେ । ତାଙ୍କୁ ବସ୍ତାନି ଧରି ଗାଁ ମୁଣ୍ଡକୁ ଯିବାକୁ ପଡ଼ିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ମିଶ୍ର (ମଧୁମାଷ୍ଟ୍ରେ) ଙ୍କ ଠାରୁ ସେ ଗୃହଶାଳୀ ଗୁରୁଙ୍କର ସ୍ନେହ ଓ ଆଦର ପାଇ ପାରିଲେ ନାହିଁ । ପ୍ରଥମ ଶ୍ରେଣୀରେ ନାମ ଲେଖା ସମୟରେ ଜାତକ ତଥ୍ୟ (୨୮. ୭. ୧୯୨୨) ଅନୁଯାୟୀ ସେ ଅଷ୍ଟମ ବର୍ଷରେ ପଦାର୍ପଣ କରି ସାରିଥିଲେ । ମଧୁ ମାଷ୍ଟ୍ରେ ତାଙ୍କୁ ଆହୁରି ୨୫ ମାସ ବଢ଼ି କରିଦେଲେ । ବିଦ୍ୟାଳୟ ରେକର୍ଡ଼ରେ ତାଙ୍କ ଜନ୍ମ ତାରିଖ ରହିଲା ୧୯୨୦ ଅଗଷ୍ଟ ୨୨ ତାରିଖ । ପାଖରେ ଜାତକ ଥାଇ ମଧ୍ଯ ବାପା ନୀରବ ରହିଲେ । ମାଷ୍ଟ୍ରଙ୍କ କୈଫିୟତ୍ ଥିଲା ଯେ ଏହାଦ୍ୱାରା ପିଲା ସପ୍ତମ ଶ୍ରେଣୀ ପାସ୍ କଲାପରେ ଚୂକରୀ ପାଇଁ ଯୋଗ୍ୟ ହୋଇ ପାରିବ । ୧୯୩୫ ଖ୍ରୀ: ର ଜାନୁୟାରୀ ମାସରେ ଶ୍ରୀ ପୁରନ୍ଦର ଦାସ ମଧୁମାଷ୍ଟ୍ରଙ୍କ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ ଯୋଗ ଦେଲେ । ସେ ଏବେ ମଧ୍ଯ ଜୀବିତ ଅଛନ୍ତି । ନବୀନ କୁମାରଙ୍କ ନାମ ଲେଖା ତାରିଖ ସମ୍ପର୍କରେ ତାଙ୍କର ବିଶ୍ଳେଷଣ ଭିନ୍ନ ଥିଲା । ସେ ଆଜି ବି କହନ୍ତି ଯେ ବରପାଲିର ଟଙ୍ଗ ଭିତର ଅଞ୍ଚଳର ଜମିଦାରଙ୍କର ଗ୍ରାମମାନଙ୍କ ପ୍ରତି ମଧୁମାଷ୍ଟ୍ରଙ୍କ ସହାନୁଭୂତି ନଥିଲା ଏବଂ ନବୀନ କୁମାର ମାଷ୍ଟ୍ରଙ୍କ ସେହି ମନୋଭାବରୁ ରକ୍ଷା ପାଇ ନଥିଲେ । ସେହି ସମୟରେ ବୃତ୍ତି ପରୀକ୍ଷା ପାଇଁ ଗ୍ରାମର ଏକ ବୟସ ସୀମା ନିର୍ଦ୍ଧାରିତ ଥିଲା ଏବଂ ଏହାକୁ ଆଖି ଆଗରେ ରଖି ମଧୁମାଷ୍ଟ୍ରେ ନବୀନ କୁମାରଙ୍କ ବୟସ ବଢ଼ାଇ ଦେଇଥିଲେ । ଫଳରେ ନବୀନ କୁମାର ନିଃସନ୍ଦେହରେ ମେଧାବୀ ଛାତ୍ର ଥିଲେ ମଧ୍ୟ ତୃତୀୟ, ପଞ୍ଚମ କିମ୍ବା ସପ୍ତମ ଶ୍ରେଣୀରେ ବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ । ତେବେ କେବେ କୌଣସିଠାରେ ନବୀନ ଦାଦା ମଧୁମାଷ୍ଟ୍ରଙ୍କ ଅନ୍ୟାୟ ବିରୁଦ୍ଧରେ ଅଭି-ଯୋଗ କରିଥିବା କଥା ମୁଁ ଶୁଣି ନାହିଁ । ପୁରନ୍ଦର ମାଷ୍ଟ୍ରଙ୍କ ସହିତ ନବୀନ କୁମାରଙ୍କ ସଂପର୍କ ଶେଷ ପର୍ଯ୍ୟନ୍ତ ଘନିଷ୍ଠ ଥିଲା ।

ପ୍ରାଥମିକ ଶିକ୍ଷାର ସମାପ୍ତି ପରେ ନବୀନ କୁମାର ବରପାଲି ମଧ୍ଯ ଇଂରାଜୀ ବିଦ୍ୟାଳୟରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ଯାଏ ପଢ଼ିଥିଲେ । ସେହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ ଗୋକୁଳାନନ୍ଦ ଭୂୟାଁ । ସହକାରୀ ଶିକ୍ଷକ ପଣ୍ଡିତ ରାଘବ ମିଶ୍ରଙ୍କ ଆଦର୍ଶ ଓ ଅଧ୍ୟାପନା ଛାତ୍ରମାନଙ୍କୁ ପ୍ରଭାବିତ କରିଥିଲା ।

ଗୁରୁଙ୍କର କର୍ତ୍ତବ୍ୟ ନିଷ୍ଠା ନବୀନ କୁମାରଙ୍କୁ ପ୍ରେରଣା ଦେଇଥିଲା । ପଣ୍ଡିତଙ୍କୁ ସେ ସବୁବେଳେ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିଲେ ।

ନବୀନ କୁମାର କୃତିତ୍ୱର ସହ ସପ୍ତମ ଶ୍ରେଣୀ ପାସ୍ କଲେ ୧୯୩୬ରେ । ବରପାଲିରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ନଥିଲେବି ତାଙ୍କର ଉଚ୍ଚ ଶିକ୍ଷା ପାଇଁ ବିଶେଷ ଅସୁବିଧା ଦେଖା ଦେଲା ନାହିଁ । ମାଆ ସତ୍ୟଭାମା ବଲାଙ୍ଗିରର ଝିଅ ଥିଲେ ଏବଂ ମାମୁଁ ତାଙ୍କର ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ମାମୁଁଙ୍କଠାରୁ ସାହାଯ୍ୟ ପାଇଁ ନବୀନ କୁମାର ବଲାଙ୍ଗିର ପୃଥ୍ୱୀରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ତିନିବର୍ଷ ଅଧ୍ୟୟନ କଲେ ।

୧୯୩୯ ଖ୍ରୀ: ରେ ଦଶମ ଶ୍ରେଣୀର ଛାତ୍ର ଥିବା ସମୟରେ ନବୀନ କୁମାରଙ୍କ ବିବାହ-ବନ୍ଧାପନା ପାଳିତ ହେଲା । ସେହି ସମୟରେ ବାଲ୍ୟ ବିବାହ ପ୍ରଚଳିତ ଥିଲା । ବର ଓ କନ୍ୟା ଛୋଟ ଥିବା ସମୟରେ ସେମାନଙ୍କ ବିବାହ ହୋଇ ଯାଉଥିଲା ଏବଂ କନ୍ୟା ପ୍ରାପ୍ତ ବୟସ୍କା ହେଲାପରେ ଆଉ ଏକ ଉତ୍ସବ ପାଳିତ ହୋଇ ତାଙ୍କୁ ଶ୍ୱଶୁରାଳୟକୁ ନିଆ ଯାଉଥିଲା । ବିବାହର ଏହି ଶେଷ ପର୍ଯ୍ୟାୟ 'ବନ୍ଧାପନା' ନାମରେ ଅଭିହିତ ଥିଲା । ନବୀନ କୁମାରଙ୍କ ବାଲ୍ୟ ବିବାହ ସୋନପୁର ନିବାସୀ ବକରଙ୍ଗ ସାହୁଙ୍କ କନ୍ୟା ସରସ୍ୱତୀଙ୍କ ସହିତ ଆଗରୁ ସମ୍ପନ୍ନ ହୋଇ ସାରିଥିଲା । ୧୯୩୯ ଖ୍ରୀ: ରେ ବନ୍ଧାପନା ଉତ୍ସବ ଅନୁଷ୍ଠିତ ହୋଇ ନୂଆ ବୋହୂ ବରପାଲି ଆସିଲେ । ଦଶମ ଶ୍ରେଣୀର ଛାତ୍ର ନବୀନ କୁମାରଙ୍କ ମୁଣ୍ଡ ଉପରେ ସାଂସାରିକ ଜଞ୍ଜାଳ ଲଦି ଦିଆଗଲା । ତା'ପର ବର୍ଷ ୧୯୪୦ ଖ୍ରୀ· ରେ ନବୀନ କୁମାର ମାଟ୍ରିକୁଲେସନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ସେହି ବର୍ଷ ପୃଥ୍ୱୀରାଜ ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ସେ ପ୍ରଥମ ସ୍ଥାନ ଅଧିକାର କଲେ ଏବଂ ସ୍କୁଲର ପଚିଶ ବର୍ଷର ରେକର୍ଡ ଭଙ୍ଗ କରି ପାଟଣା ମହାରାଜା ସ୍ୱର୍ଣ୍ଣ ପଦକ ଲାଭ କଲେ ।

ମାଟ୍ରିକୁଲେସନ୍ ପରେ ନବୀନ କୁମାର ଚାକିରି କରିବେ ବୋଲି ସମସ୍ତଙ୍କର ଆଶା ଥିଲା । କିନ୍ତୁ ସେ କାହାକୁ କିଛି ନ ଜଣାଇ କଟକ ସି· ଟି· ଟ୍ରେନିଂ ସ୍କୁଲରେ ନାମ ଲେଖାଇଲେ । ସରକାରୀ ବୃତ୍ତି ଯୋଗୁଁ ଘରର ଆର୍ଥିକ ସାହାଯ୍ୟ ଉପରେ ତାଙ୍କୁ ନିର୍ଭର କରିବାକୁ ପଡ଼ି ନଥିଲା । ଦୁଇବର୍ଷ ଟ୍ରେନିଂ ପାଇବା ପରେ ସେ ଶିକ୍ଷକ ଚାକିରି ପାଇଁ ପ୍ରସ୍ତୁତ ହେଲେ ।

## ଶିକ୍ଷକତା :

୧୯୪୩ ଖ୍ରୀ· ରେ ନବୀନ କୁମାର ବରଗଡ଼ ଜର୍ଜ ହାଇସ୍କୁଲରେ ତାଲିମ ପ୍ରାପ୍ତ ସହକାରୀ ଶିକ୍ଷକ ରୂପେ କର୍ମମୟ ଜୀବନ ଆରମ୍ଭ କଲେ । ତାଙ୍କର

ଗୃହକର୍ତ୍ତା ଆମ ପାଇଁ ଆଶୀର୍ବାଦ ଥିଲା । ୧୯୪୨ ଖ୍ରୀ· ରେ ମୁଁ ତୃତୀୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲା ସମୟରେ ସେ କଟକରେ ପଢ଼ୁଥିଲେ । ଆର୍ଥିକ ଅସୁବିଧା ଦେଖାଇ ଆମ ଘରେ ମୋର ନାମ ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ଲେଖାଇଲେ ନାହିଁ । ବସ୍ତୁତଃ ଆମର ସେଭଳି ଅସୁବିଧା ନଥିଲା । ଆମ୍ଭମାନଙ୍କ ପାଠପଢ଼ା ପାଇଁ ମାରବର ଦାଦାଙ୍କ ଆଗ୍ରହ ନଥିଲା । ସି· ଟି. ଟ୍ରେନିଙ୍ଗ୍ ସାରି ଫେରିବା ପରେ ନବୀନ ଦାଦା ମୋ ପାଇଁ ଦୁଃଖ କଲେ ଏବଂ ସବୁ ଖର୍ଚ୍ଚ ବହନ କରି ନିଜେ ଯାଇ ଚତୁର୍ଥ ଶ୍ରେଣୀରେ ମୋର ନାମ ଲେଖାଇଲେ । ସେ ମୋ ପାଇଁ ପାଠ୍ୟ ପୁସ୍ତକ ବରଗଡ଼ରୁ କିଣି ଆଣିଲେ ଏବଂ ସ୍କୁଲର ମାସିକ ଦରମା ପଠାଇ ଦେଉଥିଲେ । ବସ୍ତୁତଃ ସେ ଥିଲେ ଆମ ଘରର ଆଲୋକ ସ୍ତମ୍ଭ ।

କେବଳ ଆମ ପରିବାରର ନୁହେଁ, ଆମ ଗାଁର ମଧ୍ୟ ଆଲୋକ ସ୍ତମ୍ଭ ଥିଲେ ନବୀନ କୁମାର । ବରଗଡ଼ରେ ଗୃହକର୍ତ୍ତା କଲା ସମୟରୁ ବରପାଲିରେ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପନ ପାଇଁ ସେ ଆଗ୍ରହାନ୍ୱିତ ଥିଲେ । ସେ ବରପାଲିର ମୁଖ୍ୟ ଓ ଶିକ୍ଷିତ ବ୍ୟକ୍ତିମାନଙ୍କ ସହିତ ମିଶୁଥିଲେ ଏବଂ ଅନେକ ବିଷୟ ଆଲୋଚନା କରୁଥିଲେ । ଏହି ମାଧ୍ୟମରେ ସେ ସେମାନଙ୍କ ମନରେ ହାଇସ୍କୁଲ ସ୍ଥାପନ ପାଇଁ ଆଗ୍ରହ ସୃଷ୍ଟି କଲେ । ତାଙ୍କର ସ୍ୱପ୍ନ ଅଚିରେ ରୂପାୟିତ ହେଲା । ବରପାଲି ହାଇସ୍କୁଲ ଉଦ୍‌ଘାଟିତ ହେଲା ୧୯୪୪ ଖ୍ରୀ. ଜୁଲାଇ ମାସରେ । ନବୀନ କୁମାର ବରଗଡ଼ ହାଇସ୍କୁଲର ଗୃହକର୍ତ୍ତାରୁ ଅବ୍ୟାହତି ନେଇ ବରପାଲିର ନବ ପ୍ରତିଷ୍ଠିତ ହାଇସ୍କୁଲରେ ସହକାରୀ ଶିକ୍ଷକ ରୂପେ ଯୋଗ ଦେଲେ । ତାଙ୍କ ସହିତ ଦେବାର୍ଚ୍ଚନ ଭୋଇ ମଧ୍ୟ ପ୍ରଧାନ ଶିକ୍ଷକ ରୂପେ ନିଯୁକ୍ତି ପାଇ ବରପାଲି ଆସିଲେ ।

ନବୀନ କୁମାର ବରପାଲି ହାଇ ସ୍କୁଲରେ ମାତ୍ର ଗୋଟିଏ ବର୍ଷ କଟାଇ ଥିଲେ । ଅଳ୍ପ ସମୟ ମଧ୍ୟରେ ସେ ନିଜକୁ ଛାତ୍ର ପ୍ରିୟ ତଥା ପ୍ରବୀଣ ଶିକ୍ଷକ ରୂପେ ପ୍ରତିଷ୍ଠିତ କରି ପାରିଲେ । ପରେ ସେ ଉଚ୍ଚ ପଦବୀକୁ ଉନ୍ନୀତ ହୋଇଥିଲେ ମଧ୍ୟ ଏ ଅଞ୍ଚଳରେ ଜନସାଧାରଣଙ୍କ ହୃଦୟରେ ସେ ଥିଲେ ନବୀନ ମାଷ୍ଟ୍ରେ । ବରପାଲିରେ ଶିକ୍ଷକ ଥିଲା ସମୟରେ ସେ ଘରୋଇ ଭାବରେ ଆଇ. ଏ. ପରୀକ୍ଷା ଦେଇ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।

## ଉଚ୍ଚ ଶିକ୍ଷା ପାଇଁ ସଂଗ୍ରାମ :

ଉଚ୍ଚ ଶିକ୍ଷା ପାଇଁ ନବୀନ କୁମାରଙ୍କର ଏକ ସୁଚିନ୍ତିତ ଯୋଜନା ଥିଲା ଏବଂ ସେଥିପାଇଁ ଶିକ୍ଷକତା ସମୟରେ ସ୍ୱଳ୍ପ ବେତନରୁ ସେ କିଛି କିଛି ସଞ୍ଚୟ କରି ରଖୁଥିଲେ । ସେହି ସମୟରେ ସୁପ୍ରସିଦ୍ଧ ଐତିହାସିକ ଘନଶ୍ୟାମ ଦାସ

କଟକ ରେଭେନ୍‌ସା ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ । ବରପାଲି ଥିଲା ତାଙ୍କର ମଧ୍ୟ ଜନ୍ମ ଭୂମି । ତେଣୁ ଏ ଅଞ୍ଚଳର ଛାତ୍ରମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ସହାନୁଭୂତି ଥିଲା । ନବୀନ କୁମାର ଏହାର ସୁଯୋଗ ନେଇ ତାଙ୍କଠାରେ ନିଜର ଆଶା ଓ ଅଭିଳାଷ ପ୍ରକାଶ କଲେ । ସେ ୧୯୪୫ ଖ୍ରୀ: ରେ ଅଧ୍ୟାପକ ଦାସଙ୍କ ଅଭିଭାବକତ୍ୱରେ ରେଭେନ୍‌ସାର ବି. ଏ. ଶ୍ରେଣୀରେ ନାମ ଲେଖାଇଲେ ଇତିହାସ ଅନର୍ସ ନେଇ ।

ନବୀନ କୁମାରଙ୍କ ସରଳ ଜୀବନ, ଅଧ୍ୟୟନ ପ୍ରତି ଅନୁରାଗ ଓ ଗବେଷଣା ପ୍ରତି ଆଗ୍ରହ ପ୍ରବୀଣ ଅଧ୍ୟାପକ ଘନଶ୍ୟାମ ଦାସଙ୍କୁ ବିହ୍ୱଳିତ କରେ । ସେ ତାଙ୍କର ଏହି ପ୍ରିୟ ଛାତ୍ରଙ୍କର ସହାୟତାରେ ରେଭେନ୍‌ସା କଲେଜର ପୂର୍ବତନ ମୁସଲମ ଛାତ୍ରାବାସରେ ଏକ ମ୍ୟୁଜିଅମ୍ ଆରମ୍ଭ କରିଥିଲେ ବୋଲି ଡ. ଶ୍ରୀରାମ ଚନ୍ଦ୍ର ଦାଶ ଉଲ୍ଲେଖ କରିଅଛନ୍ତି । ଏହି କୋଠାଟି ଏବେ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧୀନରେ ଅଛି । ଡ଼. ଦାଶଙ୍କର ଭାଷାରେ ଏହି ମ୍ୟୁଜିଅମ୍ ଥିଲା ଭୁବନେଶ୍ୱରରେ ବର୍ତ୍ତମାନ ଅବସ୍ଥାପିତ ଓଡ଼ିଶା ଷ୍ଟେଟ ମ୍ୟୁଜିଅମ୍‌ର "ଏନ୍ତୁଡ଼ି ଶାଳ" (ଓଡ଼ିଶା ସାହିତ୍ୟ ଏକାଡ଼େମୀ — ନବୀନ କୁମାର ସାହୁ ସ୍ମରଣିକା, ୧୯୯୦, ପୃ. ୫୦) । ପରବର୍ତ୍ତୀ କାଳରେ ଡକ୍ଟର ସାହୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଯେଉଁ ମ୍ୟୁଜିଅମ୍ ସ୍ଥାପନ କଲେ ତାହାର ଅନ୍ତରାଳରେ ଥିଲା ଛାତ୍ର ଜୀବନର ଏହି ପ୍ରେରଣା ।

୧୯୪୭ ଖ୍ରୀ. ରେ ନବୀନ କୁମାର ଇତିହାସ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ତଥା ଡିଷ୍ଟିଙ୍କସନ୍ ସହ ବି. ଏ. ପାସ୍ କଲେ । ଏହି ସୁ-ଖବର ଜଣେ ବନ୍ଧୁ ତାଙ୍କୁ ଯେତେବେଳେ ପ୍ରଥମେ ଦେଲେ, ମୁଁ ବାହାରେ ଗୋଟିଏ ଖଟରେ ବସିଥିଲି । ଆମେ ସମସ୍ତେ ଆନନ୍ଦରେ ଉଲ୍ଲସିତ ହୋଇ ଉଠିଥିଲୁଁ । ମାତ୍ର ସେ ସେତେବେଳେ ସେତେ ଆନନ୍ଦିତ ନଥିଲେ । ତାଙ୍କର ନିର୍ବିକାର ଭାବ ଆଜି ମୋର ମନେ ପଡ଼ୁଛି । ବୋଧହୁଏ ସେ ସେତେବେଳେ ଭାବୁଥିଲେ ଯେ ତାଙ୍କୁ ଅନେକ ବାଟ ଯିବାର ଅଛି ଏବଂ ପରବର୍ତ୍ତୀ ମାର୍ଗ ବଡ଼ ଦୁର୍ଗମ ଓ ଅନିଶ୍ଚିତ । ଏମ୍. ଏ. ପଢ଼ିବାକୁ ପଡ଼ିବ । ଓଡ଼ିଶାରେ ଇତିହାସ ଏମ୍. ଏ. ନାହିଁ । ସମସ୍ତେ ଯାଉଛନ୍ତି ବନାରସ କିମ୍ବା ଏଲାହାବାଦ । ଗୁରୁଦେବ ଘନଶ୍ୟାମ ଦାସ କହୁଛନ୍ତି ଏଲାହାବାଦ ଯିବା ପାଇଁ । କିନ୍ତୁ କିମିତି ? ଏତେ ଅର୍ଥ ଆସିବ କେଉଁଠୁ ? ଆର୍ଥିକ ସାହାଯ୍ୟ ଦେବା ପାଇଁ ବାପା ମା'ଙ୍କର ଶକ୍ତି ନଥିଲା । ଘରବର ଦାଦା ଚାହିଁଥିଲେ କିଛି ଦେଇ ପାରିଥାନ୍ତେ । ମାତ୍ର ତାଙ୍କଠାରୁ ଋଣ ମଧ୍ୟ ଆଶା କରାଯାଉ ନଥିଲା ।

ଅନିଶ୍ଚିତତାକୁ ଖାତିର ନକରି ସେ ଚାଲିଗଲେ ଏଲାହାବାଦ । ଛାତ୍ର ଜୀବନର ଶେଷ ଦୁଇବର୍ଷ ଥିଲା ତାଙ୍କର ଅଗ୍ନି ପରୀକ୍ଷା । ଏହି ସମୟରେ ସେ ଅଭାବ ଅନଟନ ସହିତ ସଂଗ୍ରାମ କରି ସାରସ୍ୱତ ସାଧନା ଅବ୍ୟାହତ ରଖିଥିଲେ । ଘରେ ଧର୍ମପତ୍ନୀ ସରସ୍ୱତୀଙ୍କର ମଧ୍ୟ ମାନସିକ ଅବସ୍ଥା ଦୟନୀୟ ଥିଲା । ସେ ବାପା ମା'ଙ୍କର କଠୋର ନିୟନ୍ତ୍ରଣରେ ଥିଲେ । ଉଭୟଙ୍କ ମଧ୍ୟରେ ପତ୍ର ବିନିମୟ ମଧ୍ୟ ଗୋପନରେ ମୋ ମାଧ୍ୟମରେ ହେଉଥିଲା । ଅର୍ଥ-ଚିନ୍ତା, ପାଠ-ଚିନ୍ତା ଓ ଘର-ଚିନ୍ତାରେ ସେ ସମସ୍ତ ସମୟରେ ହତାଶ ହୋଇ ପଡ଼ୁଥିଲେ, ତାଙ୍କର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହୁନଥିଲା । ଠିକ୍ ପରୀକ୍ଷା ସମୟରେ ତାଙ୍କୁ ହେଲା ଜ୍ୱର— ପାରା ଟାଇଫଏଡ୍ । ଫଳରେ ସେ ଗୋଟିଏ ଦିନ ପରୀକ୍ଷାରେ ବସି ପାରିଲେ ନାହିଁ । ଏହା ସତ୍ତ୍ୱେ ସେ ଉଚ୍ଚତର ଦ୍ୱିତୀୟ ଶ୍ରେଣୀ ପାଶ କଲେ । ତାଙ୍କର ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ସ୍ୱପ୍ନ ସାର୍ଥକ ହୋଇ ପାରିଲା ନାହିଁ ।

## ଅଧ୍ୟାପକ ଜୀବନର ଆରମ୍ଭ :

୧୯୪୯ ଖ୍ରୀ:ରେ ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ନବୀନ କୁମାର କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ରୂପେ ଯୋଗ ଦେଲେ । ଏହି ସମୟରେ ଓଡ଼ିଶା ସରକାର ତାଙ୍କୁ ଅନୁଗୁଳର ଡେପୁଟୀ କଲେକ୍ଟର ଭାବରେ ନିଯୁକ୍ତି ପ୍ରଦାନ କରିଥିଲେ । ମାତ୍ର ସେ ସେହି କାର୍ଯ୍ୟରେ ଯୋଗଦାନ କଲେ ନାହିଁ ଏବଂ କୌଣସି ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକ ପଦ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ବ୍ୟକ୍ତିଗତ ଅନୁରୋଧ କଲେ । ମହତାବଜୀ ଡ଼ି.ପି.ଆଇଙ୍କୁ ଏହା କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏଥିପାଇଁ ତାଙ୍କୁ ପ୍ରାୟ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା ।

୧୯୫୦ରେ ମୁଁ ମାଟ୍ରିକୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ନବୀନ ଦାଦା ଖ୍ରୀଷ୍ଟ ମହାବିଦ୍ୟାଳୟରେ ମୋର ନାମ ଲେଖାଇଲେ । ସେତେବେଳେ ସେ କଟକ ବଣିଆ ସାହିରେ ଦର୍ଶନ ଅଧ୍ୟାପକ କଲ୍ୟାଣନନ୍ଦ ଦର୍ଜୀଙ୍କ ସହିତ ଏକତ୍ର ରହୁଥିଲେ । ଦର୍ଜୀ ସାର ଅବିବାହିତ ଥିଲେ ଏବଂ ସାଙ୍ଗରେ ତାଙ୍କର ମା' ତତ୍ତ୍ୱାବଧାରକ ରୂପେ ରହୁଥିଲେ । ଏକାନ୍ନବର୍ତ୍ତୀ ପରିବାର ଭଳି ଉଭୟ ପରିବାର ଗୋଟିଏ ରନ୍ଧାରେ ଚଳୁଥିଲେ । ଖ୍ରୀଷ୍ଟ ମହାବିଦ୍ୟାଳୟର ନବୀନ କୁମାରଙ୍କ ଯୋଗଦାନ ସମୟରେ କବି ରାଧାମୋହନ ଗଡ଼ନାୟକ କିଛି କାଳ ପାଇଁ ସେଠାକାର ଛାତ୍ର ଥିଲେ । ସଂସ୍କୃତି ପ୍ରତି ଉଭୟଙ୍କର ଆଗ୍ରହ

ଥିଲା, ପ୍ରିତିଭିଥିଲା ଏବଂ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ଥିଲେ । ଓଡ଼ିଶାର ଇତିହାସ ଓ ସଂସ୍କୃତି ସମ୍ବନ୍ଧରେ ଦୁଇବନ୍ଧୁ ଅନେକ ଆଲୋଚନା କରୁଥିଲେ ।

୧୯୫୦ ଖ୍ରୀ:ରେ ଦଶହରା ଛୁଟିର ଅବ୍ୟବହିତ ପୂର୍ବରୁ ନବୀନ କୁମାର ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ରୂପେ ନିଯୁକ୍ତି ପାଇ ସେଠାରେ ଯୋଗ ଦେଲେ । ଏହା ପରେ ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ.ଡି ପାଇଁ 'ଓଡ଼ିଶାରେ ବୌଦ୍ଧଧର୍ମ' ସଂପର୍କରେ ଗବେଷଣା ଆରମ୍ଭ କଲେ । ତାଙ୍କର ତତ୍ତ୍ୱାବଧାରକ ବା ଗାଇଡ ହେଲେ କଲିକତା ବିଶ୍ୱବିଦ୍ୟାଳୟର ସୁପ୍ରସିଦ୍ଧ ପାଲି ଅଧ୍ୟାପକ ନଳିନାକ୍ଷ ଦତ୍ତ । ବାରିପଦାରେ ଥିବା ସମୟରେ ସେ ଯୁଗେ ଯୁଗେ ଭାରତୀୟ ନୌବାଣିଜ୍ୟ ଉପରେ ଏକ ସନ୍ଦର୍ଭ ଲେଖି ଭାରତ ସରକାରଙ୍କଦ୍ୱାରା ପୁରସ୍କୃତ ହୋଇଥିଲେ । ସେ ଏହାକୁ ଏକ ପୁସ୍ତିକାକାରରେ ମଧ୍ୟ ପ୍ରକାଶ କରିଥିଲେ । ଏହାଥିଲା ଓଡ଼ିଶାର ଇତିହାସ ଓ ସଂସ୍କୃତିକୁ ତାଙ୍କର ପ୍ରଥମ ଅର୍ଘ୍ୟ ।

ମୁଁ ବାରିପଦାରେ ଆଇ. ଏ. ପଢୁଥିବା ସମୟରେ ଦାଦା ଗବେଷଣା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବାର ଦେଖିଛି ଏବଂ ତାଙ୍କ ସହିତ ଅନେକ ସ୍ଥାନ ପରିଭ୍ରମଣରେ ଯାଇଛି । ପ୍ରଥମ ଥର ପାଇଁ ମୁଁ ତାଙ୍କ ସହିତ ଖିଚିଙ୍ଗ ଯାଇଥିଲି ୧୯୫୧ ଖ୍ରୀ'ରେ । ସେହି ସମୟରେ ତାଙ୍କର ପଢ଼ାଘର ଏକ ଛୋଟ ବୌଦ୍ଧ ବିହାରରେ ପରିଣତ ହୋଇଥିଲା । ଧ୍ୟାନୀ ବୁଦ୍ଧଙ୍କର ଏକ ବିରାଟ ଫଟୋ ସଜ୍ଜିତ ଥିଲା ଏବଂ କାନ୍ଥରେ ବଡ ବଡ ଅକ୍ଷରରେ ଝୁଲୁଥିଲା— ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମ୍ମଂ ଶରଣଂ ଗଚ୍ଛାମି, ସଂଘ ଶରଣଂ ଗଚ୍ଛାମି । ଘରେ ଆମର ବୈଶାଖ ପୂର୍ଣ୍ଣିମୀ ଦିନ ବୁଦ୍ଧଙ୍କର ଆରାଧନା ହେଉଥିଲା ଏବଂ ସେଦିନ ଦାଦା ଉପବାସ ରହୁଥିଲେ । ଅବଶ୍ୟ ୩/୪ ବର୍ଷ ପରେ ଏହି ପ୍ରଥା ବନ୍ଦ ହୋଇଗଲା । ବାରିପଦା କଲେଜରେ ଥିବା ସମୟରେ ସେ ଉତ୍କଳ ବିଶ୍ୱ-ବିଦ୍ୟାଳୟର ପିଏଚ. ଡି. ଡିଗ୍ରୀ ପାଇଁ ସନ୍ଦର୍ଭ ଲେଖି ସାରିଥିଲେ ଏବଂ ୧୯୫୫ ମସିହାରେ ସେ ଏହି ଡିଗ୍ରୀ ଲାଭ କରିଥିଲେ ।

## ରେଭେନ୍‌ସା କଲେଜ :

ଏହାପରେ ଡ଼କ୍ଟର ସାହୁ ଅଧ୍ୟାପକ ଘନଶ୍ୟାମ ଦାସଙ୍କ ଉଦ୍ୟମରେ ୧୯୫୪ ମସିହା ଅଗଷ୍ଟ ମାସରେ ରେଭେନସା ମହାବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇ ଆସିଲେ । ଇତି ମଧ୍ୟରେ ରେଭେନ୍‌ସା କଲେଜରେ ଉତ୍କଳ ବିଶ୍ୱ-ବିଦ୍ୟାଳୟ ତରଫରୁ ଇତିହାସରେ ସ୍ନାତକୋତ୍ତର (M.A.) ପାଠ୍ୟକ୍ରମ ଆରମ୍ଭ

ହୋଇ ସାରିଥିଲା ଏବଂ ଏଥିପାଇଁ ଡକ୍ଟର ମନ୍ମଥ ନାଥ ଦାସ ଏବଂ ପ୍ରଭାତ କୁମାର ମୁଖର୍ଜୀ ନିଯୁକ୍ତି ପାଇଥିଲେ । ଡକ୍ଟର ସାହୁ ରେଭେନ୍‌ସା କଲେଜରେ ଅଧ୍ୟାପକ ଆଉ ଏମ. ଏ ଶ୍ରେଣୀର ଛାତ୍ର ମାନଙ୍କୁ ପ୍ରାଚୀନ ଭାରତ ଓ ଓଡ଼ିଶା ଇତିହାସ ସଂପର୍କରେ ପଢ଼ାଉ ଥିଲେ । ପ୍ରବୀଣ ଶିକ୍ଷକ ଓ ଗବେଷକ ଭାବରେ ତାଙ୍କର ପ୍ରତିଷ୍ଠା ଓ ପ୍ରସିଦ୍ଧି ବୃଦ୍ଧି ପାଇଲା । ୧୯୫୮ ରୁ ୧୯୬୦ ପର୍ଯ୍ୟନ୍ତ ଡକ୍ଟର ସାହୁ ରେଭେନ୍‌ସା କଲେଜର ପ୍ରଶାସନିକ ବରସାର୍ ପଦବୀରେ ଅବସ୍ଥାପିତ ରହି ସବୁ ଶ୍ରେଣୀର ଛାତ୍ରମାନଙ୍କର ଘନିଷ୍ଠ ସଂପର୍କରେ ଆସି-ପାରିଥିଲେ ।

## ଓଡ଼ିଶା ଇତିହାସ ଗବେଷଣା ପତ୍ରିକା :

ପରମାନନ୍ଦ ଆଚାର୍ଯ୍ୟଙ୍କ ଉଦ୍ୟମରେ ଓଡ଼ିଶା ରାଜ୍ୟ ମ୍ୟୁଜିଅମ ତରଫରୁ **Orissa Historical Research Journal** ନାମକ ତ୍ରୈମାସିକ ଗବେଷଣା ପତ୍ରିକା ୧୯୫୨ରୁ ପ୍ରକାଶିତ ହୋଇ ଆସୁଥିଲା । ରେଭେନ୍‌ସା କଲେଜରେ ଯୋଗଦାନ କରିବା ପରେ ପରେ ଡକ୍ଟର ସାହୁ ଏହି ପତ୍ରିକା ସହିତ ନିଜକୁ ସଂପୃକ୍ତ କରିନେଲେ । ଏହାର ୧୯୫୪ ଖ୍ରୀ: ତୃତୀୟ ଖଣ୍ଡ ତୃତୀୟ ସଂଖ୍ୟାରେ ଦକ୍ଷିଣ କୋଶଳର ଇତିହାସ ସଂପର୍କରେ ଡକ୍ଟର ସାହୁଙ୍କର ପ୍ରଥମ ପ୍ରବନ୍ଧ ପ୍ରକାଶ ପାଇଲା । ଏହାପରେ ୧୯୬୨ ଖ୍ରୀ: ମଧ୍ୟରେ ତାଙ୍କର ଅନ୍ୟୁନ ୧୦ଟି ପ୍ରବନ୍ଧ ଏହି ଗବେଷଣା ପତ୍ରିକାରେ ସ୍ଥାନ ପାଇଥିଲା । ପତ୍ରିକାର ଚତୁର୍ଥ ବର୍ଷରେ ପ୍ରକାଶ ପାଇଥିବା "ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ କଳିଙ୍ଗ ଓ ଉତ୍କଳର ଧର୍ମ ଆନ୍ଦୋଳନ" ନାମକ ତାଙ୍କର ଏକ ପ୍ରବନ୍ଧ ଗବେଷକମାନଙ୍କ ମଧ୍ୟରେ ଆନ୍ଦୋଳନ ଖେଳାଇ ଦେଲା । ଏହାଫଳରେ ୧୯୫୮ରେ ତାଙ୍କୁ ତହିଁର ସଂପାଦକ ମଣ୍ଡଳୀର ସଭ୍ୟ ରୂପେ ଗ୍ରହଣ କରାଗଲା । ଏହି ପତ୍ରିକା ସହିତ ତାଙ୍କର ନିରବଚ୍ଛିନ୍ନ ସଂପର୍କ ଥିଲା ଏବଂ କିଛି କାଳ ସେ ଏହାର ମୁଖ୍ୟ ସଂପାଦକ ଥିଲେ ।

## 'ଓଡ଼ିଶାରେ ବୌଦ୍ଧଧର୍ମ' ଗ୍ରନ୍ଥ :

ରେଭେନ୍‌ସା କଲେଜରେ ଥିବା ସମୟରେ ଡକ୍ଟର ସାହୁଙ୍କର **Buddhism in Orissa** (ଓଡ଼ିଶାରେ ବୌଦ୍ଧଧର୍ମ) ଗ୍ରନ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୫୮ ଖ୍ରୀ:ରେ ପ୍ରକାଶିତ ହେଲା । ଏହି ପୁସ୍ତକ ଥିଲା ତାଙ୍କର ପିଏଚ. ଡ଼ି ସନ୍ଦର୍ଭ ଏବଂ ତାଙ୍କ ସାରସ୍ୱତ ଜୀବନର ଅମର କୃତିତ୍ୱ । ଏଗାରଟି ଅଧ୍ୟାୟରେ ବିଭକ୍ତ ଏହି ପୁସ୍ତକରେ ଓଡ଼ିଶାରେ ବୌଦ୍ଧଧର୍ମର

ହୀନଯାନ, ମହାଯାନ ଓ ତନ୍ତ୍ରଯାନର ଅଭ୍ୟୁଦୟ ଓ ବିକାଶ ଉପରେ ଏକ ଗବେଷଣାତ୍ମକ ଆଲୋଚନା ପ୍ରଦତ୍ତ ହୋଇଛି । ଏଥିରେ ଡକ୍ଟର ସାହୁ ମୌଳିକ ଉପାଦାନର ଆଧାରରେ ଓ ଅକାଟ୍ୟ ଯୁକ୍ତି ସହିତ ପ୍ରମାଣ କରିଅଛନ୍ତି ଯେ ତନ୍ତ୍ରପୀଠ ଉଡ୍ଡିୟାନ ଓଡ଼ିଶାରେ ହିଁ ପ୍ରତିଷ୍ଠିତ ଥିଲା । ଏହା ଫଳରେ ଉଡ୍ଡିୟାନକୁ ଓଡ଼ିଶା ବାହାରେ ପରିଚହ୍ନିତ କରିବାପାଇଁ ଗବେଷକ ମାନଙ୍କର ଉଦ୍ୟମ ପଣ୍ଡ ହେଲା । ଏହି ଗ୍ରନ୍ଥରେ ଡକ୍ଟର ସାହୁ ଓଡ଼ିଶାର ଅନେକ ତାନ୍ତ୍ରିକ ସିଦ୍ଧାଚାର୍ଯ୍ୟଙ୍କ ଜୀବନୀ ଓ ସାଧନା ଉପରେ ଆଲୋକପାତ କରିଅଛନ୍ତି ଏବଂ ମହାଯାନ ଓ ତନ୍ତ୍ରଯାନ ସମ୍ବନ୍ଧୀୟ ମୂର୍ତ୍ତି କଳା ଉପରେ ବିଶଦ ଆଲୋଚନା କରିଅଛନ୍ତି । କହିବା ବାହୁଲ୍ୟ ଯେ ଏହି ତଥ୍ୟପୂର୍ଣ୍ଣ ପୁସ୍ତକ ଦେଶ ବିଦେଶରେ ଉଚ୍ଚ ପ୍ରଶଂସିତ ହୋଇଅଛି । ଏହି ଇଂରାଜୀ ଗ୍ରନ୍ଥର ଏକ ସଂକ୍ଷିପ୍ତ ସଂସ୍କରଣ ଓଡ଼ିଆ ଭାଷାରେ "ଓଡ଼ିଶାରେ ବୌଦ୍ଧଧର୍ମ" ନାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୫୯ରେ ପ୍ରକାଶିତ ।

## ହଣ୍ଟର, ଷ୍ଟାମସ୍ ଓ ଷ୍ଟାର୍ଲିଂ :

ଏହା ପୂର୍ବରୁ ଓଡ଼ିଶାର ଇତିହାସ, ଧର୍ମ ଓ ପ୍ରତ୍ନତତ୍ତ୍ୱ ପ୍ରଭୃତି ସମ୍ପର୍କରେ ତିନିଜଣ ଇଂରେଜ ପଣ୍ଡିତ ଆଣ୍ଡ୍ରୁ ଷ୍ଟାର୍ଲିଂ ଉଇଲିୟମ ଉଇଲସନ୍ ହଣ୍ଟର ଓ ଜନ ଷ୍ଟାମସ୍‌ଙ୍କ ଲିଖିତ କେତେକ ଉଚ୍ଚକୋଟୀର ପ୍ରବନ୍ଧ ଡକ୍ଟର ସାହୁଙ୍କର ସଂପାଦନାରେ ଦୁଇଖଣ୍ଡ ପୁସ୍ତକରେ ୧୯୫୬-୫୭ ଖ୍ରୀ:ରେ ପ୍ରକାଶ ଲାଭ କରି ସାରିଥିଲା । ଏହାର ପ୍ରଥମ ଖଣ୍ଡରେ ପାଞ୍ଚଟି ଅଧ୍ୟାୟ ଏବଂ ଦ୍ୱିତୀୟ ଖଣ୍ଡରେ ଚାରୋଟି ଅଧ୍ୟାୟ ରହିଛି । ଶେଷ ତଥା ନବମ ଅଧ୍ୟାୟରେ ଏକ ଦୀର୍ଘ ପ୍ରବନ୍ଧରେ ଡକ୍ଟର ସାହୁ ଓଡ଼ିଶାର ଧାରାବାହିକ ଇତିହାସ ଆଲୋଚନା କରିଅଛନ୍ତି । ଏହି ଅଧ୍ୟାୟ ଗୁଣି ଜ୍ଞାନୀ ତଥା ସାଧାରଣ ପାଠକମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବିବେଚିତ ହୁଏ । ଏହି ଦୁଇଖଣ୍ଡ ପୁସ୍ତକ ଦିଲ୍ଲୀର ଭାରତୀୟ ପବ୍ଲିସିଂ ହାଉସ୍ ପକ୍ଷରୁ ୧୯୮୦ରେ ପୁଣିଥରେ ପ୍ରକାଶ ପାଇଅଛି ।

## ମାଦଳା ପାଞ୍ଜିର ଐତିହାସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ :

ରେଭେନ୍‌ସା କଲେଜର ଅଧ୍ୟାପକ ଥିଲାବେଳେ ଡକ୍ଟର ସାହୁ ୧୯୫୮ରେ ଗୋଟିଏ ଦୈନିକ ସମ୍ବାଦ ପତ୍ରିକାରେ ତଥ୍ୟମୂଳକ ପ୍ରବନ୍ଧଟିଏ ଲେଖି ମାଦଳା ପାଞ୍ଜିର ଐତିହାସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ସେ ଲେଖିଲେ ଯେ କେଶରୀ ନାମକ ଏକ ରାଜବଂଶ ଓଡ଼ିଶାରେ ନଥିଲେ, ମାତ୍ର କେଶରୀଙ୍କ ପଥର

ଚନ୍ଦ୍ର ନିର୍ମାଣ କପୋଳକଳ୍ପିତ, ଅନଙ୍ଗଭୀମ ଦେବ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାତା ନୁହନ୍ତି, କପିଳେନ୍ଦ୍ର ଦେବଙ୍କ ବାଲ୍ୟ ଜୀବନର ବର୍ଣ୍ଣନା କିମ୍ବଦନ୍ତୀ ଅଟେ । ଡକ୍ଟର ସାହୁଙ୍କ ଆଗରୁ ଅନେକ ଐତିହାସିକ ମାଦଳା ପାଞ୍ଜିର ଭୁଲ ତଥ୍ୟ ମାନଙ୍କ ଉପରେ ଆଲୋକପାତ କରି ସାରିଥିଲେ । ମାତ୍ର ଓଡ଼ିଶାର ସାଧାରଣ ପାଠକଗଣ ପ୍ୟାରୀମୋହନ ଆଚାର୍ଯ୍ୟ, କୃପାସିନ୍ଧୁ ମିଶ୍ର ଓ ଜଗବନ୍ଧୁ ସିଂହଙ୍କର ଓଡ଼ିଆରେ ଲିଖିତ ତଥା ମାଦଳା ପାଞ୍ଜି ଉପରେ ଆଧାରିତ ଓଡ଼ିଶାର ଇତିହାସ ସହିତ ପରିଚିତ ଥିଲେ ଏବଂ ଆଧୁନିକ ଐତିହାସିକ ମାନଙ୍କ ଲେଖା ପ୍ରତି ସେମାନଙ୍କ ଧ୍ୟାନ ଆକର୍ଷଣ ହୋଇ ନଥିଲା । ଡକ୍ଟର ସାହୁ ଏକ ଲୋକପ୍ରିୟ ପତ୍ରିକା ମାଧ୍ୟମରେ ଏହି ନୂତନ ତଥ୍ୟ ସବୁକୁ ସୁଦୂର ପଲ୍ଲୀର ସାଧାରଣ ପାଠକ ମାନଙ୍କ ପାଖକୁ ପହଞ୍ଚାଇ ପାରିଲେ । ଏହା କେତେକ ରକ୍ଷଣଶୀଳ ପଣ୍ଡିତଙ୍କୁ ଆତଙ୍କିତ କଲା । ଏମାନଙ୍କର ନେତୃତ୍ୱ ନେଲେ ତତ୍କାଳୀନ ଉଦୀୟମାନ ପଣ୍ଡିତ ଗୌରୀ କୁମାର ବ୍ରହ୍ମା । ସେ ଏହାର ପ୍ରତିବାଦ କରି ଏକ ପ୍ରବନ୍ଧ ଲେଖିଲେ ଏବଂ ଡକ୍ଟର ସାହୁ ମଧ୍ୟ ତାହାର ଯଥାର୍ଥ ଉତ୍ତର ଦେଲେ । ଉଭୟଙ୍କର ଉତ୍ତର-ପ୍ରତ୍ୟୁତ୍ତର ପ୍ରବନ୍ଧ ପାଠକ ମାନଙ୍କ ମଧ୍ୟରେ କୌତୂହଳ ସୃଷ୍ଟି କରୁଥିଲା । ଏହା ଫଳରେ ଓଡ଼ିଶାର ସବୁ ଅଞ୍ଚଳର ଲୋକଙ୍କ ଠାରେ ଡକ୍ଟର ସାହୁ ପରିଚିତ ହେଲେ ଏବଂ ସେମାନଙ୍କ ମନରେ ମାଦଳା ପାଞ୍ଜିର ଐତିହାସିକତା ସଂପର୍କରେ ସନ୍ଦେହ ଜାତ ହେଲା । ପରେ ଶ୍ରୀ ବ୍ରହ୍ମା ମଧ୍ୟ ନିଜର ପ୍ରଜ୍ଞା ମାର୍ଜିତ ହୃଦୟରେ ନିଶ୍ଚୟ ଉପଲବ୍ଧି କରିଥିବେ ଯେ ନିଜର ମତ ନୁହେଁ, ଡକ୍ଟର ସାହୁଙ୍କ ମତହିଁ ଐତିହାସିକ ସତ୍ୟର ଅଧିକ ନିକଟବର୍ତ୍ତୀ ।

## ଓଡ଼ିଶା ଗେଜେଟିୟରସ୍‌ର ସଂପାଦନା :

୧୯୬୦ ଖ୍ରୀ: ମାର୍ଚ୍ଚ ମାସରେ ଡକ୍ଟର ସାହୁ ରେଭେନ୍‌ସା କଲେଜରୁ ଅବ୍ୟାହତି ନେଇ ଓଡ଼ିଶା ଜିଲ୍ଲା ଗେଜେଟିୟରସ୍‌ର ସଂକଳନ କାର୍ଯ୍ୟରେ ରାଜ୍ୟ ସଂପାଦକ (State Editor) ରୂପେ ଭୁବନେଶ୍ୱରରେ ଅବସ୍ଥାପିତ ହେଲେ । ସେ ୧୯୬୭ ଡିସେମ୍ବର ଶେଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଥିଲେ । ଏହି ସମୟରେ ସେ ଓଡ଼ିଶାର ପ୍ରତ୍ୟେକ ପ୍ରସିଦ୍ଧ ସ୍ଥାନ ଏବଂ ଅନେକ ଗ୍ରାମ, ସହର, ନଦ-ନଦୀ, ମନ୍ଦିର, ଦୁର୍ଗ ପ୍ରଭୃତି ପରିଦର୍ଶନ କରି ସେମାନଙ୍କ ସଂପର୍କରେ ଅନେକ ଐତିହାସିକ ତଥ୍ୟ ସଂଗ୍ରହ କଲେ ଏବଂ ତହିଁରୁ ଅଧିକ ଗବେଷଣା ପାଇଁ ପ୍ରେରଣା ପାଇଲେ ।

ଗେଜେଟିୟରସ୍‌ର ରାଜ୍ୟ ସଂପାଦକ ରୂପେ ଡକ୍ଟର ସାହୁ ସବୁ ଜିଲ୍ଲାର ରୂପରେଖ ପ୍ରସ୍ତୁତ କରିଥିଲେ । ୧୯୬୬ ଖ୍ରୀ:ରେ କୋରାପୁଟ ଜିଲ୍ଲାର

ହୀନଯାନ, ମହାଯାନ ଓ ତନ୍ତ୍ରଯାନର ଅଭ୍ୟୁଦୟ ଓ ବିକାଶ ଉପରେ ଏକ ଗବେଷଣାତ୍ମକ ଆଲୋଚନା ପ୍ରଦତ୍ତ ହୋଇଛି । ଏଥିରେ ଡକ୍ଟର ସାହୁ ମୌଳିକ ଉପାଦାନର ଆଧାରରେ ଓ ଅକାଟ୍ୟ ଯୁକ୍ତି ସହିତ ପ୍ରମାଣ କରିଅଛନ୍ତି ଯେ ତନ୍ତ୍ରପୀଠ ଉଡ୍ଡିୟାନ ଓଡ଼ିଶାରେ ହିଁ ପ୍ରତିଷ୍ଠିତ ଥିଲା । ଏହା ଫଳରେ ଉଡ୍ଡିୟାନକୁ ଓଡ଼ିଶା ବାହାରେ ପରିଚିହ୍ନିତ କରିବାପାଇଁ ଗବେଷକ ମାନଙ୍କର ଉଦ୍ୟମ ପଣ୍ଡ ହେଲା । ଏହି ଗ୍ରନ୍ଥରେ ଡକ୍ଟର ସାହୁ ଓଡ଼ିଶାର ଅନେକ ତାନ୍ତ୍ରିକ ସିଦ୍ଧାଚାର୍ଯ୍ୟଙ୍କ ଜୀବନୀ ଓ ସାଧନା ଉପରେ ଆଲୋକପାତ କରିଅଛନ୍ତି ଏବଂ ମହାଯାନ ଓ ତନ୍ତ୍ରଯାନ ସମ୍ବନ୍ଧୀୟ ମୂର୍ତ୍ତି କଳା ଉପରେ ବିଶଦ ଆଲୋଚନା କରିଅଛନ୍ତି । କହିବା ବାହୁଲ୍ୟ ଯେ ଏହି ତଥ୍ୟପୂର୍ଣ୍ଣ ପୁସ୍ତକ ଦେଶ ବିଦେଶରେ ଉଚ୍ଚ ପ୍ରଶଂସିତ ହୋଇଅଛି । ଏହି ଇଂରାଜୀ ଗ୍ରନ୍ଥର ଏକ ସଂକ୍ଷିପ୍ତ ସଂସ୍କରଣ ଓଡ଼ିଆ ଭାଷାରେ "ଓଡ଼ିଶାରେ ବୌଦ୍ଧଧର୍ମ" ନାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୫୯ରେ ପ୍ରକାଶିତ ।

## ହଣ୍ଟର, ବିମସ୍ ଓ ଷ୍ଟାର୍ଲିଂ :

ଏହା ପୂର୍ବରୁ ଓଡ଼ିଶାର ଇତିହାସ, ଧର୍ମ ଓ ପ୍ରତ୍ନତତ୍ତ୍ୱ ପ୍ରଭୃତି ସମ୍ପର୍କରେ ତିନିଜଣ ଇଂରେଜ ପଣ୍ଡିତ ଆଣ୍ଡ୍ରୁ ଷ୍ଟାର୍ଲିଂ ଉଇଲିୟମ ଉଇଲସନ୍ ହଣ୍ଟର ଓ ଜନ ବୀମସ୍‌ଙ୍କ ଲିଖିତ କେତେକ ଉଚ୍ଚକୋଟୀର ପ୍ରବନ୍ଧ ଡକ୍ଟର ସାହୁଙ୍କର ସଂପାଦନାରେ ଦୁଇଖଣ୍ଡ ପୁସ୍ତକରେ ୧୯୫୬-୫୭ ଖ୍ରୀ:ରେ ପ୍ରକାଶ ଲାଭ କରି ସାରିଥିଲା । ଏହାର ପ୍ରଥମ ଖଣ୍ଡରେ ପାଞ୍ଚଟି ଅଧ୍ୟାୟ ଏବଂ ଦ୍ୱିତୀୟ ଖଣ୍ଡରେ ଚାରୋଟି ଅଧ୍ୟାୟ ରହିଛି । ଶେଷ ତଥା ନବମ ଅଧ୍ୟାୟରେ ଏକ ଦୀର୍ଘ ପ୍ରବନ୍ଧରେ ଡକ୍ଟର ସାହୁ ଓଡ଼ିଶାର ଧାରାବାହିକ ଇତିହାସ ଆଲୋଚନା କରିଅଛନ୍ତି । ଏହି ଅଧ୍ୟାୟ ଛାତ୍ର ଛାତ୍ରୀ ତଥା ସାଧାରଣ ପାଠକମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବିବେଚିତ ହୁଏ । ଏହି ଦୁଇଖଣ୍ଡ ପୁସ୍ତକ ଦିଲ୍ଲୀର ଭାରତୀୟ ପବ୍ଲିସିଂ ହାଉସ୍ ପକ୍ଷରୁ ୧୯୮୦ରେ ପୁଣିଥରେ ପ୍ରକାଶ ପାଇଅଛି ।

## ମାଦଳା ପାଞ୍ଜିର ଐତିହାସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ :

ରେଭେନ୍ସା କଲେଜର ଅଧ୍ୟାପକ ଥିଲାବେଳେ ଡକ୍ଟର ସାହୁ ୧୯୫୮ରେ ଗୋଟିଏ ଦୈନିକ ସମ୍ବାଦ ପତ୍ରିକାରେ ତଥ୍ୟମୂଳକ ପ୍ରବନ୍ଧଟିଏ ଲେଖି ମାଦଳା ପାଞ୍ଜିର ଐତିହାସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ସେ ଲେଖିଲେ ଯେ କେଶରୀ ନାମକ ଏକ ରାଜବଂଶ ଓଡ଼ିଶାରେ ନଥିଲେ, ମର୍କତ କେଶରୀଙ୍କ ପଥର

ବହି ନିର୍ମାଣ କପୋଳକଳ୍ପିତ, ଅନଙ୍ଗଭୀମ ଦେବ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାତା ନୁହନ୍ତି, କପିଳେନ୍ଦ୍ର ଦେବଙ୍କ ବାଲ୍ୟ ଜୀବନର ବର୍ଣ୍ଣନା କିମ୍ବଦନ୍ତୀ ଅଟେ । ଡ଼କ୍ଟର ସାହୁଙ୍କ ଆଗରୁ ଅନେକ ଐତିହାସିକ ମାଦଳା ପାଞ୍ଜିର ଭୁଲ ତଥ୍ୟ ମାନଙ୍କ ଉପରେ ଆଲୋକପାତ କରି ସାରିଥିଲେ । ମାତ୍ର ଓଡ଼ିଶାର ସାଧାରଣ ପାଠକଗଣ ପ୍ୟାରୀମୋହନ ଆଚାର୍ଯ୍ୟ, କୃପାସିନ୍ଧୁ ମିଶ୍ର ଓ ଜଗବନ୍ଧୁ ସିଂହଙ୍କର ଓଡ଼ିଆରେ ଲିଖିତ ତଥା ମାଦଳା ପାଞ୍ଜି ଉପରେ ଆଧାରିତ ଓଡ଼ିଶାର ଇତିହାସ ସହିତ ପରିଚିତ ଥିଲେ ଏବଂ ଆଧୁନିକ ଐତିହାସିକ ମାନଙ୍କ ଲେଖା ପ୍ରତି ସେମାନଙ୍କ ଧ୍ୟାନ ଆକର୍ଷଣ ହୋଇ ନଥିଲା । ଡ଼କ୍ଟର ସାହୁ ଏକ ଲୋକପ୍ରିୟ ପତ୍ରିକା ମାଧ୍ୟମରେ ଏହି ନୂତନ ତଥ୍ୟ ସବୁକୁ ପୁରି ପଲ୍ଲୀର ସାଧାରଣ ପାଠକ ମାନଙ୍କ ପାଖକୁ ପହଞ୍ଚାଇ ପାରିଲେ । ଏହା କେତେକ ରକ୍ଷଣଶୀଳ ପଣ୍ଡିତଙ୍କୁ ଆତଙ୍କିତ କଲା । ଏମାନଙ୍କର ନେତୃତ୍ୱ ନେଲେ ତତ୍କାଳୀନ ବିଦ୍ୱାନ୍‌ମାନ ପଣ୍ଡିତ ଗୌରୀ କୁମାର ବ୍ରହ୍ମା । ସେ ଏହାର ପ୍ରତିବାଦ କରି ଏକ ପ୍ରବନ୍ଧ ଲେଖିଲେ ଏବଂ ଡ଼କ୍ଟର ସାହୁ ମଧ୍ୟ ତାହାର ଯଥାର୍ଥ ଉତ୍ତର ଦେଲେ । ଉଭୟଙ୍କର ଉତ୍ତର-ପ୍ରତ୍ୟୁତ୍ତର ପ୍ରବନ୍ଧ ପାଠକ ମାନଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରୁଥିଲା । ଏହା ଫଳରେ ଓଡ଼ିଶାର ସବୁ ଅଞ୍ଚଳର ଲୋକଙ୍କ ଠାରେ ଡ଼କ୍ଟର ସାହୁ ପରିଚିତ ହେଲେ ଏବଂ ସେମାନଙ୍କ ମନରେ ମାଦଳା ପାଞ୍ଜିର ଐତି-ହାସିକତା ସଂପର୍କରେ ସନ୍ଦେହ ଜାତ ହେଲା । ପରେ ଶ୍ରୀ ବ୍ରହ୍ମା ମଧ୍ୟ ନିଜର ପ୍ରଜ୍ଞା ମାର୍ଜିତ ହୃଦୟରେ ନିଶ୍ଚୟ ଉପଲବ୍ଧି କରିଥିବେ ଯେ ନିଜର ମତ ନୁହେଁ, ଡ଼କ୍ଟର ସାହୁଙ୍କ ମତହିଁ ଐତିହାସିକ ସତ୍ୟର ଅଧିକ ନିକଟବର୍ତ୍ତୀ ।

## ଓଡ଼ିଶା ଗେଜେଟିୟରସ୍‌ର ସଂପାଦନା :

୧୯୬୦ ଖ୍ରୀ: ମାର୍ଚ୍ଚ ମାସରେ ଡ଼କ୍ଟର ସାହୁ ରେଭେନ୍‌ସା କଲେଜରୁ ଅବ୍ୟାହତି ନେଇ ଓଡ଼ିଶା ଜିଲ୍ଲା ଗେଜେଟିୟରସ୍‌ର ସଂକଳନ କାର୍ଯ୍ୟରେ ରାଜ୍ୟ ସଂପାଦକ (State Editor) ରୂପେ ଭୁବନେଶ୍ୱରରେ ଅବସ୍ଥାପିତ ହେଲେ । ସେ ୧୯୬୭ ଡ଼ିସେମ୍ବର ଶେଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଥିଲେ । ଏହି ସମୟରେ ସେ ଓଡ଼ିଶାର ପ୍ରତ୍ୟେକ ପ୍ରସିଦ୍ଧ ସ୍ଥାନ ଏବଂ ଅନେକ ଗ୍ରାମ, ସହର, ନଦ-ନଦୀ, ମନ୍ଦିର, ଦୁର୍ଗ ପ୍ରଭୃତି ପରିଦର୍ଶନ କରି ସେମାନଙ୍କ ସଂପର୍କରେ ଅନେକ ଐତିହାସିକ ତଥ୍ୟ ସଂଗ୍ରହ କଲେ ଏବଂ ତହିଁରୁ ଅଧିକ ଗବେଷଣା ପାଇଁ ପ୍ରେରଣା ପାଇଲେ ।

ଗେଜେଟିୟରସ୍‌ର ରାଜ୍ୟ ସଂପାଦକ ରୂପେ ଡ଼କ୍ଟର ସାହୁ ସବୁ ଜିଲ୍ଲାର ରୂପରେଖ ପ୍ରସ୍ତୁତ କରିଥିଲେ । ୧୯୬୬ ଖ୍ରୀ:ରେ କୋରାପୁଟ ଜିଲ୍ଲାର

ଗେଜେଟିୟରର ପ୍ରକାଶ ପାଇଲା । ୧୯୬୭ର ଶେଷ ବେଳକୁ ବଲାଙ୍ଗିର ଜିଲ୍ଲା ଗେଜେଟିୟର ପ୍ରସ୍ତୁତ ହୋଇ ସାରିଥିଲା । ଏହି ଦୁଇ ଜିଲ୍ଲାର ଗେଜେଟିୟରସ୍‌ ଡକ୍ଟର ସାହୁଙ୍କର ଅବଦାନ ଥିଲା । ସମ୍ବଲପୁର ଜିଲ୍ଲାର ଗେଜେଟିୟର କାମ ସେ ଅନେକାଂଶ ସାରି ଦେଇଥିଲେ । ତାଙ୍କ ପରେ ତାହାର ଚୂଡାନ୍ତ ରୂପରେଖ ଦେଲେ ତାଙ୍କର ଉତ୍ତରାଧିକାରୀ ଭବକୃଷ୍ଣ ମହାନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସ :

ଗେଜେଟିୟରସ୍‌ ସଂକଳନ ଦାୟିତ୍ୱରେ ଥିବା ସମୟରେ ଡକ୍ଟର ସାହୁ ମୌଳିକ ଗବେଷଣା ପାଇଁ ଅନେକ ସୁବିଧା ଓ ସୁଯୋଗ ପାଇଥିଲେ । ବସ୍ତୁତଃ ଏହି ସମୟ ଥିଲା ଗବେଷଣା କ୍ଷେତ୍ରରେ ତାଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ । ସେ ଏହାର ସଦୁପଯୋଗ କରି କେତେକ ମୂଲ୍ୟବାନ ଅବଦାନ ଦେଇ ଯାଇଛନ୍ତି । ତନ୍ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସ, ପ୍ରଥମ ଖଣ୍ଡ (Utkal University History of Orissa Vol. 1) ଅନ୍ୟତମ । ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଇତିହାସ ସଂକଳନ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୧୯୪୪ ଖ୍ରୀ:ରୁ ଉଦ୍ୟମ କରି ଆସୁଥିଲେ । ମାତ୍ର ଏଥିପାଇଁ କେବଳ କମିଟି ଓ ସଂପାଦକ ମଣ୍ଡଳୀ ଗଠିତ ହେବା ଛଡ଼ା ଅନ୍ୟ କିଛି କାମ ହୋଇ ପାରୁ ନଥିଲା । ମାତ୍ର ୧୯୫୯ ଖ୍ରୀ: ମେ' ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉଦ୍ୟମ ଫଳରେ ଏହି ଯୋଜନା କ୍ରିୟାନ୍ୱିତ ହେଲା ଏବଂ ଚାରିଜଣ ବିଶିଷ୍ଟ ଐତିହାସିକଙ୍କୁ ଏହାର ଲେଖିବା ଦାୟିତ୍ୱ ଅର୍ପଣ କରାଗଲା । ସେହି ସମୟରେ ଡ଼କ୍ଟର ସାହୁ ଜଣେ ଲବ୍ଧପ୍ରତିଷ୍ଠ ଐତିହାସିକ ରୂପେ ପରିଚିତ ଥିଲେ ଓ ତାଙ୍କୁ ୧୫୬୮ ଖ୍ରୀ: ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ଚାରୋଟି ଖଣ୍ଡରେ ଲେଖିବା ପାଇଁ ଅନୁରୋଧ କରାଗଲା । ଅନ୍ୟ ପକ୍ଷରେ ଡ଼କ୍ଟର ଭବାନୀ ଚରଣ ରାୟଙ୍କୁ ପଞ୍ଚମ ଖଣ୍ଡ (ଖ୍ରୀ: ୧୫୬୮-୧୮୦୩), ପ୍ରଭାତ କୁମାର ମୁଖର୍ଜୀଙ୍କୁ ଷଷ୍ଠ ଖଣ୍ଡ (ଖ୍ରୀ ୧୮୦୩-୧୯୦୧) ଏବଂ ଡ଼କ୍ଟର ମନ୍ମଥ ନାଥ ଦାସଙ୍କୁ ସପ୍ତମ ଖଣ୍ଡ (ଖ୍ରୀ: ୧୯୦୧-୧୯୪୮)ର ସଂକଳନ ଦାୟିତ୍ୱ ଅର୍ପଣ କରାଗଲା । ସମସ୍ତଙ୍କୁ ଜଣେ ଲେଖାଏଁ ଗବେଷଣା ସହାୟକ (Research Assistant) ମଧ୍ୟ ଯୋଗାଇ ଦିଆଗଲା । ଡ଼କ୍ଟର ସାହୁ ୧୯୫୯ ଖ୍ରୀ: ଜୁନ ମାସରୁ ଏହି ମହାନ୍‌ କାର୍ଯ୍ୟର ଶୁଭାରମ୍ଭ କଲେ ଏବଂ ତାଙ୍କଦ୍ୱାରା ପ୍ରସ୍ତୁତ Utkal University History of Orissaର ପ୍ରଥମ ଖଣ୍ଡ ୧୯୬୪ ଖ୍ରୀ: ଜୁନ ମାସରେ ଉଦ୍‌ଘାଟିତ ହେଲା । ଏହି ଖଣ୍ଡରେ ପ୍ରାଚୀନ କାଳରୁ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀ

ପର୍ଯ୍ୟନ୍ତ ଓଡ଼ିଶାର ଧାରାବାହିକ ଇତିହାସ ମୌଳିକ ଉପାଦାନର ଆଧାରରେ ସୁଖବୋଧ୍ୟ ସାବଲୀଳ ଭାଷାରେ ପ୍ରଦତ୍ତ ହୋଇଅଛି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଡ଼କ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଓଡ଼ିଶା ଇତିହାସ ସଂକଳନ କାର୍ଯ୍ୟରେ ସଂଯୁକ୍ତ କରାଯାଇ ନଥିଲା । ଡ଼କ୍ଟର ପାଣିଗ୍ରାହୀ ୧୯୪୪ରେ କିଛି କାଳ ପାଇଁ ସମ୍ବଲପୁରରେ ଏବଂ ୧୯୫୧ ରୁ ୧୯୫୪ ପର୍ଯ୍ୟନ୍ତ ରେଭେନ୍‌ସାରେ ଅଧ୍ୟାପକ ଥିଲେ । ତାଙ୍କର ଚାକିରୀର ଅଧିକାଂଶ ସମୟ ପ୍ରତ୍ନତତ୍ତ୍ୱ ବିଭାଗରେ କଟିଥିଲା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଥିବା ସମୟରେ ସେ ଭୁବନେଶ୍ୱରର ମନ୍ଦିର ଓ ମୂର୍ତ୍ତି ମାନଙ୍କ ସମ୍ପର୍କରେ ଅନୁଧ୍ୟାନ କରି ଏକ ଉଚ୍ଚକୋଟୀର ପ୍ରବନ୍ଧ ଲେଖିଥିଲେ ଯାହା ଫଳରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଡ଼ଃ ଫିଲ୍ଃ ଡ଼ିଗ୍ରୀ ପ୍ରାପ୍ତ ହୋଇଥିଲେ । ଏହା Archeological Remains at Bhubaneswar ନାମରେ ପୁସ୍ତକ ରୂପେ ପ୍ରକାଶିତ ହୋଇଥିଲା । ମୂଳତଃ ଡ଼କ୍ଟର ପାଣିଗ୍ରାହୀ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ପ୍ରତ୍ନତାତ୍ତ୍ୱିକ, ବିଶୁଦ୍ଧ ଇତିହାସ ଲେଖା ଉପରେ ତାଙ୍କର ପ୍ରସିଦ୍ଧି ନଥିଲା । ତେଣୁ ଡକ୍ଟର ପାଣିଗ୍ରାହୀଙ୍କ ପ୍ରତି ମହତାବଜୀ ଓ ପରିଜା ସାହେବଙ୍କର ଶ୍ରଦ୍ଧା ଥିଲେ ମଧ୍ଯ ତାଙ୍କୁ ସେମାନେ ଓଡ଼ିଶା ଇତିହାସ ସଂକଳନ କାର୍ଯ୍ୟରେ ସଂଯୁକ୍ତ କଲେ ନାହିଁ । ଡ଼କ୍ଟର ପାଣିଗ୍ରାହୀ ଏଥିରେ କେତେ ହତାଶ ଓ ବିରକ୍ତ ଥିଲେ, ତାହା Utkal University History of Orissa Vol. I ପ୍ରତି ତାଙ୍କର କଟୁ ମନ୍ତବ୍ୟରୁ ଜଣାଯାଏ । ସେ ତାଙ୍କର ଆତ୍ମ-ଜୀବନୀ "ମୋ ସମୟର ଓଡ଼ିଶା"ର ୭୮ ପୃଷ୍ଠାରେ ଏହି ସଂକଳନ ଉଦ୍ୟମର ତୀବ୍ର ସମାଲୋଚନା କରି ୧୪୭ ପୃଷ୍ଠାରେ ଡ଼କ୍ଟର ସାହୁଙ୍କ ପ୍ରଣୀତ ପ୍ରଥମ ଖଣ୍ଡ ସମ୍ପର୍କରେ ଲେଖିଛନ୍ତି; "ଗ୍ରନ୍ଥଟି ଏପରି ଭାବରେ ଲେଖି ବୃହଦବପୁ କରାଯାଇଛି ଯେ ଏହା ଭିତରୁ ଇତିହାସ ଖୋଜି ବାହାର କରିବା ବିଶେଷଜ୍ଞ ମାନଙ୍କ ପକ୍ଷରେ ମଧ୍ୟ ସମ୍ଭବପର ହୁଏ ନାହିଁ । ଲେଖକ ଡକ୍ଟର ନବୀନ କୁମାର ସାହୁ ଯାହା ଜାଣିଛନ୍ତି, ଯାହା ଭାବିଛନ୍ତି ଓ ଯାହା ପାଇଛନ୍ତି ସେ ସମସ୍ତଙ୍କୁ ସନ୍ନିବେଶ କରି ପୁସ୍ତକଟିର କଳେବର ବୃଦ୍ଧି କରିଛନ୍ତି × × × ଡ଼କ୍ଟର ସାହୁ ଏ ଗ୍ରନ୍ଥ ଲେଖିବା ବେଳେ ପୃଥିବୀର କୌଣସି ଧାରାବାହିକ ଇତିହାସର ଆଦର୍ଶ ଗ୍ରହଣ କରି ନାହାନ୍ତି କିମ୍ବା ପୃଥିବୀ ଯେ ଓଡ଼ିଶା ଠାରୁ ବଡ ଏ ଧାରଣା ସେ ମନକୁ ଆଣି ନାହାନ୍ତି । ପ୍ରକାଶକମାନେ ମଧ୍ଯ ଏ ଇତିହାସ ପ୍ରତି ପୃଥିବୀର ପ୍ରତିକ୍ରିୟାକୁ କଳନା କରିବା ପାଇଁ ଚେଷ୍ଟା କରି ନାହାନ୍ତି । ଡ଼କ୍ଟର ସାହୁଙ୍କ ଓଡ଼ିଶାର ଇତିହାସ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀରେ ଶେଷ ହୋଇ ଥିବାରୁ ଓଡ଼ିଶାର ସମଗ୍ର ଇତିହାସ ଲେଖିବା ବର୍ତ୍ତମାନ ସୁଦ୍ଧା ବାକି ଅଛି ।"

ଡକ୍ଟର ସାହୁଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସ ପ୍ରଥମ ଖଣ୍ଡ ଯେଉଁମାନେ ପଢ଼ିଛନ୍ତି ବା ପଢ଼ିବେ, ସେମାନେ ହିଁ ଏହି ସମାଲୋଚନାର ଯଥାର୍ଥତା ବିଚାର କରିବେ । ମୋ ଜାଣିବାରେ ଏହି ଗ୍ରନ୍ଥ ଓଡ଼ିଶା ବାହାରେ ପ୍ରାଚୀନ ଓଡ଼ିଶାର ମୌଳିକ ଇତିହାସ ରୂପେ ସବୁଠାରୁ ବେଶୀ ଆଦର ଲାଭ କରିଛି । ଏ ପର୍ଯ୍ୟନ୍ତ ଏହା ଅପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଅଛି ।

ଡ଼କ୍ଟର ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସର ଦ୍ୱିତୀୟ ଖଣ୍ଡ ମଧ୍ୟ ଲେଖି ସାରିଥିଲେ ଏବଂ ତାହା କଟକ, ପ୍ରଜାତନ୍ତ୍ର ପ୍ରେସ୍‌ରେ ମୁଦ୍ରିତ ହେଉଥିଲା । ତାହାର ପ୍ରୁଫ କପି ସଂଶୋଧନ ପାଇଁ ଅନେକ ସମୟରେ ମୁଁ ତାଙ୍କୁ ସାହାଯ୍ୟ କରୁଥିଲି ଏବଂ ପରେ ଫାଇନେଲ୍ କପି ଆସିଲେ ସେ ସବୁକୁ ସାଇତି ରଖିଥିଲି । ଦ୍ୱିତୀୟ ଖଣ୍ଡରେ ୫୦୦ ଖ୍ରୀ: ରୁ ୧୧୦୦ ଖ୍ରୀ: ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ଓ ସଂସ୍କୃତି ଲେଖାଯାଇଥିଲା । ଛପା କାମ ସରିଯାଇଥିଲେ ମଧ୍ୟ କୌଣସି ରହସ୍ୟମୟ କାରଣରୁ ତାହା ଅଗ୍ରନ୍ଥକ ବନ୍ଦ କରି ଦିଆଗଲା । ପରେ ଡ଼କ୍ଟର ସାହୁ ଜାଣିବାକୁ ପାଇଲେ ଯେ ଯାହା ମୁଦ୍ରିତ ହୋଇ ସାରିଥିଲା, ସେ ସବୁ ନଷ୍ଟ ହୋଇଯାଇଛି । ଡ଼କ୍ଟର ସାହୁ ବିଚଳିତ ହୋଇନଥିଲେ ବା ଅଭିଯୋଗ କରିନଥିଲେ । ତାଙ୍କର ମୃତ୍ୟୁ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସେହି ଦ୍ୱିତୀୟ ଖଣ୍ଡର ପୁନରୁଦ୍ଧାର ପାଇଁ ଉଦ୍ୟମ କରାଗଲା ଏବଂ ତହିଁର ଦାୟିତ୍ୱ ମୁଖ୍ୟ ଅଧ୍ୟାପକ ଡ଼କ୍ଟର କରୁଣାସାଗର ବେହେରାଙ୍କୁ ଅର୍ପଣ କରାଗଲା । ଡକ୍ଟର ବେହେରାଙ୍କ ଅନୁରୋଧ କ୍ରମେ ମୁଁ ମୋ ପାଖରେ ଯେତିକି ଫାଇନେଲ୍ କପି ଥିଲା ତାହା ତାଙ୍କୁ ଅର୍ପଣ କଲି ଏବଂ ଏ ଦିଗରେ ଯେକୌଣସି କାର୍ଯ୍ୟ କରିବା ପାଇଁ ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଲି । ମାତ୍ର ତାହା ମଧ୍ୟ କାହିଁକି କେଜାଣି ସମ୍ଭବ ହୋଇପାରିଲା ନାହିଁ । ଏହିପରି ଏକ ମହତ୍ତ୍ୱ କାମ କେଉଁ ଉଦ୍ଦେଶ୍ୟରେ ଓ କାହାର ନିର୍ଦ୍ଦେଶରେ ବନ୍ଦ ହୋଇଗଲା ତାହାର ଆଭାସ ମଧ୍ୟ ମିଳିଲା ନାହିଁ । ପ୍ରଥମ ଖଣ୍ଡ ଉପରେ ଡକ୍ଟର ପାଣିଗ୍ରାହୀଙ୍କର ଅଶୋଭନୀୟ ମନ୍ତବ୍ୟ ଏବଂ ଦ୍ୱିତୀୟ ଖଣ୍ଡର ରହସ୍ୟମୟ ଅନ୍ତର୍ଦ୍ଧାନକୁ ସଂଯୋଜନା କଲେ ମନରେ ଦୁଃଖ ଆସେ ।

**ଜୟଦେବ ସ୍ମରଣିକା :** ଡ଼କ୍ଟର ସାହୁଙ୍କ କାର୍ଯ୍ୟାବଳୀ ସଂପର୍କରେ ଡ଼କ୍ଟର ପାଣିଗ୍ରାହୀଙ୍କ ଆଉ ଏକ ମନ୍ତବ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ । ଏହି ସମୟରେ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗ ତରଫରୁ କବି ଜୟଦେବଙ୍କ ସଂପର୍କରେ ଏକ ସ୍ମାରକୀ ଇଂରାଜୀ ଭାଷାରେ ପ୍ରକାଶ ପାଇଲା ଏବଂ ତାର ସଂପାଦକ ଥିଲେ ଡକ୍ଟର ସାହୁ । ଜୟଦେବଙ୍କୁ ଓଡ଼ିଶାର କବି ବୋଲି ପ୍ରମାଣ କରିବା ଥିଲା ଏହି ସ୍ମାରକୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ସମୟରେ ଅନେକ ବଙ୍ଗୀୟ

ପଣ୍ଡିତ ଜୟଦେବଙ୍କୁ ବଙ୍ଗ ଦେଶର ବୋଲି ଯୁକ୍ତି କରୁଥିଲେ । ସେମାନଙ୍କ ମଧ୍ୟରୁ କେତେକ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଥିଲେ । ଫଳରେ ଓଡ଼ିଶା ଜୟଦେବଙ୍କର ପ୍ରକୃତ ଜନ୍ମଭୂମି ହେଲେ ମଧ୍ୟ ସେ ବଙ୍ଗବାସୀ ବୋଲି ଓଡ଼ିଶାର ବାହାରେ ଧାରଣା ରହିଯାଇଛି । ତେଣୁ ଏହି ସ୍ମାରକୀର ପ୍ରକାଶନ ଓଡ଼ିଶା ସରକାରଙ୍କର ସ୍ୱାଭିମାନତାର ପଦକ୍ଷେପ ଥିଲା । ମାତ୍ର ଗେଜେଟିୟରସ୍‌ର ସଂପାଦକ ଡ଼କ୍ଟର ସାହୁଙ୍କୁ ଏହି ଦାୟିତ୍ୱ ଦେବା ଫଳରେ କେତେକଙ୍କର ଗାତ୍ରଦାହ ହେଲା । ଡ଼କ୍ଟର ପାଣିଗ୍ରାହୀ ଏହି ଉଦ୍ୟମକୁ ନିନ୍ଦା କରି ଲେଖିଲେ, ଜୟଦେବ ବଙ୍ଗବାସୀ କିମ୍ବା ଓଡ଼ିଶାବାସୀ ଥିଲେ ଏହାର ରାୟ କେବଳ ଭାରତ ଓ ବିଶ୍ୱର ପଣ୍ଡିତମାନେ ଦେଇପାରିବେ; ଓଡ଼ିଶାର ପଣ୍ଡିତମାନେ ବା ଓଡ଼ିଶା ସରକାର ଏହାର ରାୟ ଦେଇପାରିବେ ନାହିଁ । ଗବେଷଣା କ୍ଷେତ୍ରରେ ଭାବ-ପ୍ରବଣତା ପ୍ରତିପାଦ୍ୟ ବିଷୟରେ ଗୁରୁତ୍ୱ ଓ ସତ୍ୟତା କ୍ଷୁର୍ଣ୍ଣ କରେ । ଓଲୁ ଓକିଲମାନେ ଭାବପ୍ରବଣ ହୋଇ, ହାତଗୋଡ଼ ହଲାଇ, ବହୁ ଅବାନ୍ତର କଥା କହି, ଟଣା-ଓଟରା ଯୁକ୍ତି ବାଢ଼ି ଓ ଜାଲ୍ ନଥିପତ୍ର ଯୋଗାଡ଼ କରି ଜିଣିଯିବା ଭଳି କେସ୍‌ରେ ମଧ୍ୟ ହାରନ୍ତି । ଗବେଷଣା କ୍ଷେତ୍ରରେ ମଧ୍ୟ ଏହିପରି ଘଟେ ।" ( ମୋ ସମୟର ଓଡ଼ିଶା, ପୃ : ୮୭ ) । ପରବର୍ତ୍ତୀ ପୃଷ୍ଠାରେ ସେ ପୁଣି ଏହି ମତକୁ ଦୋହରାଇ ଲେଖିଲେ, "ଓଡ଼ିଆ ପଣ୍ଡିତମାନେ ଜୟଦେବଙ୍କୁ ଓଡ଼ିଶାର ଅଧିବାସୀ ବୋଲି ପ୍ରମାଣ କରିପାରିଛନ୍ତି କି ନା ଏହାର ସିଦ୍ଧାନ୍ତ ଭାରତୀୟ ଓ ବିଦେଶୀୟ ପଣ୍ଡିତମାନେ ହିଁ କରିବେ । ଓଡ଼ିଆ ପଣ୍ଡିତମାନଙ୍କ ବା ଓଡ଼ିଶାର ରାଜନୈତିକ ନେତାମାନଙ୍କର ମୁଖରେ ଏ ସିଦ୍ଧାନ୍ତ ଶୋଭା ପାଏ ନାହିଁ ।" ଏହି ମନ୍ତବ୍ୟ ପଢ଼ି ମୋର ମନେହୁଏ ଓଡ଼ିଆ ଜାତିର ଏହି ମହାଭାରତୀୟ ଦର୍ଶନ ଯୋଗୁଁ ଉତ୍କଳ ଜନନୀଙ୍କୁ ଷଡେଇକଲା-ଖରସୁଆଁ ସମେତ ଅନେକ ସୀମାନ୍ତ ଅଞ୍ଚଳ ହରାଇବାକୁ ପଡ଼ିଥିଲା । ଶେଷରେ ସ୍ମାରକୀ-ପୁସ୍ତକ ସଂପର୍କରେ ଡ଼କ୍ଟର ପାଣିଗ୍ରାହୀ ଲେଖିଲେ, "ମୁଦ୍ରଣ ପରିପାଟୀ ଅସୁନ୍ଦର ହୋଇଥିବାରୁ ଏବଂ ଏଥିରେ ବହୁ ଭାଷାଦୋଷ ଓ ମୁଦ୍ରଣ ଦୋଷ ଥିବାରୁ ଗ୍ରନ୍ଥଟି ସର୍ବତ୍ର ଆଦୃତ ଓ ବିକ୍ରୀତ ହେବାର ଅବସ୍ଥାକୁ ଆସିପାରିନାହିଁ" ସୁଖର କଥା ଯେ ସ୍ମରଣିକା ପ୍ରକାଶନର ଅଳ୍ପଦିନ ମଧ୍ୟରେ ତାହା ସବୁ ସରିଯାଇଥିଲା । ମୋ ପାଖରେ ଯେଉଁ ଖଣ୍ଡିକ ଥିଲା ତାହା ଜଣେ ଭାଷାବିତ୍ ବନ୍ଧୁ ମୋଠୁଁ ବାଧ୍ୟ କରି ନେଇଗଲେ । ଏହା ବର୍ତ୍ତମାନ ଦୁର୍ଲଭ ଅଟେ ।

## ଓଡ଼ିଶା ପୋଲିସ୍‌ର ଇତିହାସ ସଂକଳନ :

୧୯୬୧ ଖ୍ରୀ : ରେ ଭାରତୀୟ ପୋଲିସ ବିଭାଗର ଶତବାର୍ଷିକୀ ଉତ୍ସବ ଭୁବନେଶ୍ୱରରେ ସମାରୋହରେ ପାଳିତ ହେଲା । ଏହି ଅବସରରେ ପ୍ରାଚୀନ

କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଶାରେ ପୋଲିସ୍‌ର କ୍ରମବିକାଶ ସଂପର୍କରେ ଇଂରାଜୀ ଭାଷାରେ ଏକ ପୁସ୍ତକ ପ୍ରକାଶ କରିବା ପାଇଁ ଓଡ଼ିଶା ସରକାର ଗୃହବିଭାଗ ( Home Department ) ସ୍ଥିର କଲେ । ଏହାର ସଂକଳନ ଦାୟିତ୍ୱ ନ୍ୟସ୍ତ ହେଲା ଡକ୍ଟର ସାହୁଙ୍କ ଉପରେ । ଡକ୍ଟର ସାହୁ ଅଳ୍ପ ସମୟ ମଧ୍ୟରେ ଏହି ପୁସ୍ତକ ପ୍ରସ୍ତୁତ କରି ପୋଲିସ ଅଫିସରମାନଙ୍କୁ ଚକିତ କରି ଦେଇଥିଲେ । History of Orissa Police ଡକ୍ଟର ସାହୁଙ୍କର ଏକ ଅନବଦ୍ୟ ଅବଦାନ ।

## ଡ଼ି: ଲିଟ୍: ଡ଼ିଗ୍ରୀଲାଭ :

ଡକ୍ଟର ସାହୁ ୧୯୬୪ ଖ୍ରୀ:ରେ ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ଡି: ଲିଟ୍: ଉପାଧିରେ ଭୂଷିତ ହେଲେ । ସେ ଗେଜେଟିୟରସ ସଂକଳନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସର ପ୍ରଥମ ଖଣ୍ଡ ଲେଖିବାରେ ବ୍ୟସ୍ତ ଥିବା ସମୟରେ ସହକର୍ମୀ ବନ୍ଧୁ ଡକ୍ଟର ମନ୍ମଥ ନାଥ ଦାସ ଡ଼ି. ଲିଟ୍. ପାଇଁ ଏକ ସନ୍ଦର୍ଭ ପ୍ରସ୍ତୁତ କରିଥିବା ସମ୍ବାଦ ପାଇଲେ । ଏ ଦିଗରେ ସେ ମଧ୍ୟ ଉଦ୍ୟମ କରିବା ପାଇଁ କେତେକ ବନ୍ଧୁ ଓ ଗୁରୁ ତାଙ୍କୁ ବିନୀତ ଅନୁରୋଧ କଲେ । ଫଳରେ ଏହା ଏକ ମଙ୍ଗଳମୟ ପ୍ରତିଯୋଗିତାର ରୂପ ନେଲା । ଡକ୍ଟର ସାହୁଙ୍କର ସନ୍ଦର୍ଭ ଥିଲା "ଭାରତର ଇତିହାସ ଓ ସଂସ୍କୃତିରେ ଓଡ଼ିଶାର ଭୂମିକା" (Role of Orissa in the History & Culture of India) ଓଡ଼ିଶା ଇତିହାସ, ପ୍ରଥମ ଖଣ୍ଡ ପାଇଁ ସଂଗୃହ କରାଯାଇଥିବା ଉପାଦାନମାନଙ୍କୁ ଭିନ୍ନ ରୂପରେ ସଜାଇ ସେ ଅଳ୍ପଦିନ ମଧ୍ୟରେ ତାଙ୍କର ସନ୍ଦର୍ଭ ପ୍ରସ୍ତୁତ କରିନେଲେ । ଫଳରେ ସେ ଡକ୍ଟର ଦାସଙ୍କ ଠାରୁ ଆଗେ ଡି ଲିଟ ଡିଗ୍ରୀ ହାସଲ କରିବାରେ ସମର୍ଥ ହେଲେ । ଡି. ଲିଟ ଥେସିସର ପ୍ରକାଶନ ପାଇଁ ସେ ଉଦ୍ୟମ କରି ନଥିଲେ କିମ୍ବା ତାର କପି ମଧ୍ୟ ନିଜ ପାଖରେ ରଖି ନଥିଲେ ।

ଭୁବନେଶ୍ୱରରେ ଅବସ୍ଥାନ ସମୟରେ ଡକ୍ଟର ସାହୁ ପ୍ରତିଦ୍ୱନ୍ଦ୍ୱୀ ବନ୍ଧୁମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦ୍ୱିତା କରି ଜୀବନ ପଥରେ ହସିହସି ଆଗେଇ ଯାଉଥିଲେ । ସମାଲୋଚନା ବା ନିନ୍ଦାରେ ସେ ନିରାଶ ହୋଇ ନଥିଲେ ଏବଂ ପ୍ରଶଂସା ପାଇ ଉତ୍ଫୁଲ୍ଲ ହେଉ ନଥିଲେ ।

## ଗବେଷକମାନଙ୍କ ତତ୍ତ୍ୱାବଧାନ :

ପିଏଚ: ଡ଼ି: ପରୀକ୍ଷା ପାଇଁ ସନ୍ଦର୍ଭ ପ୍ରସ୍ତୁତ କରୁଥିବା ଗବେଷକ ମାନଙ୍କର ତତ୍ତ୍ୱାବଧାରକ (ଗାଇଡ଼) ରୂପେ ଡକ୍ଟର ସାହୁଙ୍କର ସୁଖ୍ୟାତି ଥିଲା । ସର୍ବପ୍ରଥମେ

ଖ୍ରୀଷ୍ଟ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଶରତ ଚନ୍ଦ୍ର ବେହେରା ଡକ୍ଟର ସାହୁଙ୍କର ତତ୍ତ୍ୱାବଧାନରେ ଶୈଳୋଦ୍ଭବ ରାଜବଂଶ ଉପରେ ଗବେଷଣା କରି ୧୯୬୨ ଖ୍ରୀଃରେ ପିଏଚ୍. ଡି: ଡିଗ୍ରୀ ଲାଭ କଲେ । ଓଡ଼ିଶାର ଇତିହାସ ଅଧ୍ୟାପକମାନଙ୍କ ମଧ୍ୟରେ ଡକ୍ଟର ସାହୁ ପିଏଚ୍. ଡି: ତତ୍ତ୍ୱାବଧାରକ ରୂପେ ପ୍ରଥମ ସଫଳତା ଲାଭ କଲେ । ଏଥିରେ ମଧ୍ୟ ତାଙ୍କୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅଧ୍ୟାପକ ବେହେରାଙ୍କ ପିଏଚ: ଡି ସନ୍ଦର୍ଭର ଅନ୍ୟତମ ପରୀକ୍ଷକ ଥିଲେ ଡକ୍ଟର ପାଣିଗ୍ରାହୀ । ସେ ସନ୍ଦର୍ଭ ସଂପର୍କରେ ଅକାରଣ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କଲେ । ଏହି ସମୟରେ ଡକ୍ଟର ପାଣିଗ୍ରାହୀଙ୍କର ମାନସିକ ଅବସ୍ଥା ଭଲ ନଥିଲା । ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗରୁ ଅବ୍ୟାହତି ନେଇ ସେ ରେଭେନ୍‌ସା କଲେଜରେ ରିଡ଼ର ରୂପେ ଅବସ୍ଥାପିତ ଥିଲେ ଓ ତାଙ୍କ 'ଜୁନିଅର' ଡକ୍ଟର ମନ୍ମଥ ନାଥ ଦାସ ଏହି ବିଭାଗର ପ୍ରଫେସର ଥିଲେ । ତାଙ୍କ ତଳେ କାମ କରିବା ପାଇଁ ସେ "ଚରମ ଅପମାନ" ବୋଧ କରୁଥିଲେ । ତାଙ୍କର ଏହି ମାନସିକ ଅବସ୍ଥା ବିଷୟ ସେ ଆତ୍ମଜୀବନୀରେ ସ୍ୱୀକାର କରିଛନ୍ତି (ପୃ: ୭୪-୭୫) ।ଡକ୍ଟର ପାଣିଗ୍ରାହୀଙ୍କର ଏହି ସମୟର ମାନସିକ ଅବସ୍ଥା ବେହେରାଙ୍କ ଥେସିସର ରିପୋର୍ଟରେ ପ୍ରତିଫଳିତ ହୋଇଥିଲା ବୋଲି ମନେହେଲା । ତେଣୁ ଡକ୍ଟର ସାହୁଙ୍କ ଅନୁରୋଧ କ୍ରମେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନାରସ ବିଶ୍ୱ-ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରାମଶଙ୍କର ତ୍ରିପାଠୀଙ୍କୁ ଡକ୍ଟର ପାଣିଗ୍ରାହୀଙ୍କ ସ୍ଥାନରେ ନିଯୁକ୍ତ କଲେ । ବେହେରା ପିଏଚ: ଡି: ଡିଗ୍ରୀ ଲାଭ କଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ: ଡି ଡିଗ୍ରୀ ଲାଭ କରିବାରେ ମୁଁ ଥିଲି ଡକ୍ଟର ସାହୁଙ୍କର ଦ୍ୱିତୀୟ ଛାତ୍ର । ତାଙ୍କ ସହିତ ମୋର ପାରିବାରିକ ସମ୍ପର୍କ ଥିବା ଯୋଗୁଁ ମୋର ଥେସିସର ପରୀକ୍ଷକ ନିଯୁକ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୋପନରେ କରାଯାଇଥିଲା ଏବଂ ଡକ୍ଟର ସାହୁଙ୍କ ସ୍ଥାନରେ ପାଟଣା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କାଳୀ କିଂକର ଦତ୍ତଙ୍କୁ ପରୀକ୍ଷକ ମଣ୍ଡଳୀର ମୁଖ୍ୟ ପରିଚାଳକ ଦାୟିତ୍ୱ ଦିଆଗଲା । ଡକ୍ଟର ସାହୁଙ୍କର ପ୍ରସ୍ତାବ ସତ୍ତ୍ୱେ ଉତ୍କଳ ବିଶ୍ୱବିଦ୍ୟାଳର ଏହି ପଦକ୍ଷେପ ଯଥାର୍ଥ ଥିଲା । ମୋର ଅନ୍ୟ ଦୁଇଜଣ ପରୀକ୍ଷକ ଥିଲେ ପ୍ରଫେସର ଏ. ଏଲ୍. ଶ୍ରୀବାସ୍ତବ ଓ ଜେ. ଏନ୍. ସରକାର । ପାଟଣାରେ ମୋର ମୌଖିକ ପରୀକ୍ଷା ସମୟରେ ଏହି ତିନି ବିଶିଷ୍ଟ ଐତିହାସିକ ଏକ ସ୍ୱରରେ ଡକ୍ଟର ସାହୁଙ୍କ ପ୍ରଶଂସା କରିଥିଲେ ଏବଂ ତାଙ୍କୁ ସେମାନଙ୍କର ଅଭିନନ୍ଦନ ଜଣାଇଥିଲେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୋଗଦେଲା ପରେ ଡକ୍ଟର ସାହୁଙ୍କର ପି. ଏଚ. ଡି. ଛାତ୍ର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଲା । ତାଙ୍କ ତତ୍ତ୍ୱାବ-

ଧାନରେ ପିଏଚ. ଡ଼ି. ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରତ୍ନତତ୍ତ୍ୱବିତ୍ ଡ଼କ୍ଟର ଅର୍ଜ୍ଜୁନ ଯୋଶୀ, ଇତିହାସ ଅଧ୍ୟାପକ ଡ଼କ୍ଟର ଚିତ୍ତରଞ୍ଜନ ମିଶ୍ର, ଡକ୍ଟର ସାଧୁଚରଣ ପଣ୍ଡା ଓ ଡ଼କ୍ଟର ଅଖିଳ ପଣ୍ଡା, ହିନ୍ଦୀ ଅଧ୍ୟାପକ ଡ଼କ୍ଟର ଅର୍ଜ୍ଜୁନ ଶତପଥୀ, ଇଂରାଜୀ ଅଧ୍ୟାପକ ଡକ୍ଟର ପବିତ୍ର ମୋହନ ନାୟକ, ରାଜନୀତି ବିଜ୍ଞାନର ଡକ୍ଟର ଏସ. କେ. ଚକ୍ରବର୍ତ୍ତୀ ଆଇନଜ୍ଞ ଡକ୍ଟର ଶ୍ରଦ୍ଧାକର ସୂପକାର, ବରିଷ୍ଠ ପ୍ରଶାସକ ଡ଼କ୍ଟର ଜଗନ୍ନାଥ ଦାସ, ସୁଲେଖକ ଓ ଅର୍ଥ ବିଭାଗର କର୍ମଚାରୀ ଡକ୍ଟର ସୁରେନ୍ଦ୍ର କୁମାର ମହାରଣା ପ୍ରମୁଖ ଅନ୍ୟତମ। ତାଙ୍କ ପାଖକୁ ପି. ଏଚ. ଡ଼ି. ପାଇଁ ଆସୁଥିବା ଯେକୌଣସି ବ୍ୟକ୍ତିଙ୍କୁ ସେ ବିଚାର କରୁନଥିଲେ ଏବଂ ସେମାନଙ୍କର କାର୍ଯ୍ୟ ଓ ପ୍ରଗତିର ସନ୍ତୋଷ ପ୍ରକାଶ କରି ସବୁବେଳେ ସେମାନଙ୍କୁ ଉତ୍ସାହ ଓ ପ୍ରେରଣା ଦେଉଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡକ୍ଟର ଲକ୍ଷ୍ମୀନାରାୟଣ ସାହୁ ତାଙ୍କର ସୁପ୍ରସିଦ୍ଧ ସନ୍ଦର୍ଭ "ଓଡ଼ିଶାରେ ଜୈନଧର୍ମ ଲେଖିଥିଲେ ଡକ୍ଟର ସାହୁଙ୍କର ପ୍ରେରଣା ଓ ତତ୍ତ୍ୱାବଧାନରେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର :

୧୯୬୭ ଜାନୁୟାରୀ ୧ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ଏବଂ ଠିକ୍ ବର୍ଷକ ପରେ ୧୯୬୮ ଖ୍ରୀ: ଜାନୁୟାରୀ ୧ ତାରିଖ ଦିନ ଡକ୍ଟର ସାହୁ ଏହାର ପ୍ରଥମ ବୈଧାନିକ ରେଜିଷ୍ଟ୍ରାର ରୂପେ ଦାୟିତ୍ୱ ଗ୍ରହଣ କଲେ। ଡକ୍ଟର ସାହୁଙ୍କ ଯୋଗଦାନ ପରେ ପରେ ଜାନୁୟାରୀ ୪ ତାରିଖରେ ଭାରତର ରାଷ୍ଟ୍ରପତି ଡଃ ଜାକିର ହୁସେନ୍ ବିଶ୍ୱବିଦ୍ୟାଳୟ କେମ୍ପସ୍‌ର ଶିଳାନ୍ୟାସ କଲେ। ସେହି ସମୟରେ ବିଶ୍ୱବିଦ୍ୟାଳୟ ଏକ ସଦ୍ୟ-ଜାତ ଅନୁଷ୍ଠାନ ଥିଲା ଏବଂ ଡ଼କ୍ଟର ସାହୁ ପ୍ରଗାଢ଼ ଉଦ୍ୟମ କରି ଏହାର ପ୍ରଶାସନିକ ତଥା ପ୍ରଶିକ୍ଷଣ ବିଭାଗର ଭିତ୍ତିନ୍ୟାସ କଲେ। ବିଶ୍ୱବିଦ୍ୟାଳୟ ପାଇଁ ସ୍ଥାନ ନିରୂପଣ, ଗୃହ ନିର୍ମାଣ ଏବଂ ସ୍ନାତକୋତ୍ତର ବିଭାଗମାନଙ୍କର ଉଦ୍‌ଘାଟନରେ ଡକ୍ଟର ସାହୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଆରମ୍ଭରେ ବିଶ୍ୱବିଦ୍ୟାଳୟ ସହିତ ୨୨ଟି କଲେଜ ସଂପୃକ୍ତ ଥିଲା। ତନ୍ମଧ୍ୟରେ ଦୁଇଟି ଇଞ୍ଜିନିଅରିଙ୍ଗ୍ କଲେଜ, ଗୋଟିଏ ମେଡ଼ିକାଲ କଲେଜ, ଗୋଟିଏ ଶିକ୍ଷକ ଟ୍ରେନିଙ୍ଗ କଲେଜ ଓ ଗୋଟିଏ ଆଇନ୍ କଲେଜ ଅନ୍ତର୍ଗତ ଥିଲା। ପରବର୍ତ୍ତୀ କାଳରେ ସାଧାରଣ କଲେଜର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଲା। ଡକ୍ଟର ସାହୁ ପ୍ରତ୍ୟେକ କଲେଜ ସହିତ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିଥିଲେ ଏବଂ ପ୍ରଶାସନିକ ବ୍ୟସ୍ତତା ସତ୍ତ୍ୱେ ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେଉଥିଲେ। ପଶ୍ଚିମ ଓଡ଼ିଶାରେ

ଶିକ୍ଷାର ଦ୍ରୁତ ବିକାଶ ପାଇଁ ସେ ଅତ୍ୟନ୍ତ ଆଗ୍ରହୀ ଥିଲେ । ତେଣୁ ନୂତନ ପାଠ୍ୟକ୍ରମର ପରିବର୍ତ୍ତନ ପାଇଁ ସେ ଉଦ୍ୟୋକ୍ତାମାନଙ୍କୁ ଉତ୍ସାହିତ କରୁଥିଲେ ।

ଡ଼କ୍ଟର ସାହୁ ରେଜିଷ୍ଟ୍ରାର ଥିବା ସମୟରେ ମୁଁ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିଲି । ସେତେବେଳେ କଲେଜ୍ ପରିଚାଳନା ସମିତିର କାର୍ଯ୍ୟକାଳ ପୂରିଯାଇଥିଲା ଏବଂ ନୂତନ ସମିତି ଗଠିତ ହେବା ପର୍ଯ୍ୟନ୍ତ ଅଧ୍ୟକ୍ଷ ଓ ସଂପାଦକ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିଲା । ଆମ କଲେଜରେ କୌଣସି ବିଷୟରେ ଅନର୍ସ ପାଠ୍ୟକ୍ରମ ନଥିଲା । ଏହି ସୁଯୋଗରେ ମୁଁ ବିଜ୍ଞାନରେ ତିନୋଟି ବିଷୟରେ କଳାରେ ପାଞ୍ଚଟି ବିଷୟରେ ଏବଂ ବାଣିଜ୍ୟରେ ଅନର୍ସ ଖୋଲିବା ସକାଶେ ଟଙ୍କା ଜମା ଦେଇ ବିଶ୍ୱବିଦ୍ୟାଳୟଠାରେ ଆବେଦନ କଲି ।

ଡକ୍ଟର ସାହୁ ଏ ବିଷୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ । ପଞ୍ଚାୟତ କଲେଜରେ ଗୋଟିଏ ବର୍ଷରେ ନଅଟି ବିଷୟରେ ଅନର୍ସ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇପାରିଲା ଡକ୍ଟର ସାହୁ ଥିଲେ ବୋଲି । କେବଳ ବରଗଡ଼ ନୁହେଁ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅନେକ କଲେଜ ରେଜିଷ୍ଟ୍ରାର ଡକ୍ଟର ସାହୁଙ୍କ ଉଦାର ନୀତି ଯୋଗୁଁ ଉପକୃତ ହୋଇଥିଲେ ।

୧୯୬୮ ଖ୍ରୀ:ରେ ଡକ୍ଟର ସାହୁ ରେଜିଷ୍ଟ୍ରାର ରୂପେ ଯୋଗଦେଲା ପରେ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଓଡ଼ିଆରେ ସ୍ନାତକୋତ୍ତର (M. A.) ପାଠ୍ୟକ୍ରମ ଆରମ୍ଭ ହେଲା । ୧୯୬୯.ରେ ସେଠାରେ ଇତିହାସ, ଇଂରାଜୀ, ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବବିଜ୍ଞାନରେ ମଧ୍ୟ ଏମ.ଏ., ଏମ ଏସ୍‌ସି ପାଠ୍ୟକ୍ରମ ପ୍ରବର୍ତ୍ତିତ ହେଲା । ସେହି ବର୍ଷ ନଭେମ୍ବର ମାସରେ ଡ଼କ୍ଟର ସାହୁ ରେଜିଷ୍ଟ୍ରାର ପଦବୀରୁ ଅବ୍ୟାହତି ନେଇ ବିଶ୍ୱବିଦ୍ୟାଳୟ ପ୍ରଫେସର ରୂପେ ଇତିହାସ ବିଭାଗରେ ଯୋଗଦେଲେ । ଏହି ସମୟରେ ଗଙ୍ଗାଧର ମେହେର କଲେଜର ପ୍ରଫେସର ରୂପେ ମଧ୍ୟ ତାଙ୍କୁ ନିଯୁକ୍ତି ମିଳିଥିଲା । ମାତ୍ର ସେ ତାହା ଗ୍ରହଣ କଲେନାହିଁ ।

## ଇତିହାସ ବିଭାଗ :

ଡକ୍ଟର ସାହୁ ୧୯୬୯ ଖ୍ରୀ: ନଭେମ୍ବର ୧୧ ତାରିଖରୁ ୧୯୭୯ ଖ୍ରୀ: ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଦଶ ବର୍ଷ କାଳ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ପଦବୀରେ ଅଧିଷ୍ଠିତ ଥିଲେ । ତାଙ୍କର ବଳିଷ୍ଠ

ନେତୃତ୍ୱରେ ଏହି ବିଭାଗ ପ୍ରଗତି ପଥରେ ଆଗେଇଥିଲା ଏବଂ ଅଳ୍ପ କାଳ ମଧ୍ୟରେ ଏହା ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା ଲାଭ କଲା । ବିଭାଗରେ ନିୟମିତ ରୂପେ ଅଧ୍ୟାପନା ଚାଲୁଥିଲା । ପ୍ରତି ସପ୍ତାହରେ ସେମିନାର ଆହୂତ ହେଉଥିଲା ଏବଂ ପ୍ରତ୍ୟେକ ସେମିନାର ଅଧିବେଶନରେ ଡକ୍ଟର ସାହୁ ଉପସ୍ଥିତ ରହୁଥିଲେ । ସଂଗ୍ରହାଳୟ (ମ୍ୟୁଜିଅମ୍), ଅଭିଲେଖାଗାର (ଅର୍କାଇଭସ୍), ପୋଥିବିଭାଗ ଏବଂ ସେମିନାର ଲାଇବ୍ରେରୀ ଇତିହାସ ବିଭାଗ ପରିବାରର ଅନ୍ତର୍ଭୁକ୍ତ ଥିଲା । ଐତିହାସିକ ବସ୍ତୁ ଓ ପ୍ରାଚୀନ ପୋଥି ସଂଗ୍ରହ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଉଥିଲା । ବଣଭୋଜି, ବାର୍ଷିକ ଉତ୍ସବ, ଅଭିନନ୍ଦନ ଓ ବିଦାୟ ଉତ୍ସବ ଆଦି ପ୍ରତିବର୍ଷ ପାଳିତ ହେଉଥିଲା । ଇତିହାସ ବିଭାଗ ଅଧ୍ୟୟନ ଓ ଗବେଷଣାରେ ଯେପରି ନିୟୋଜିତ ରହୁଥିଲା, ସାଂସ୍କୃତିକ ଉତ୍ସବରେ ସେପରି ମୁଖରିତ ହୋଇ ଉଠୁଥିଲା । ଡକ୍ଟର ସାହୁ ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କୁ ନିଜର ସନ୍ତାନ ସନ୍ତତି ଭଳି ଭଲ ପାଉଥିଲେ ଏବଂ ଇତିହାସ ବିଭାଗକୁ ଏକ ପାରିବାରିକ ପରିବେଶରେ ସଜ୍ଜିତ କରି ରଖିଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍ :

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ଏକ ମ୍ୟୁଜିଅମ୍ (ସଂଗ୍ରହାଳୟ) ପ୍ରତିଷ୍ଠା ଡକ୍ଟର ସାହୁଙ୍କର ଅନ୍ୟତମ ଅମର କୃତି ଥିଲା । ରେଭେନ୍‌ସା କଲେଜରେ ଥିବା ସମୟରେ ସେ ମ୍ୟୁଜିଅମ୍ ପ୍ରତି ଆଗ୍ରହୀ ଥିଲେ । ସେ ସେହି କଲେଜରେ ଏକ ଶ୍ରେଷ୍ଠ ମ୍ୟୁଜିଅମ୍ ସ୍ଥାପନ ପାଇଁ ଅଧ୍ୟାପକ ଘନଶ୍ୟାମ ଦାସଙ୍କୁ ସାହାଯ୍ୟ କରିଥିବା କଥା ଆଗରୁ ସୂଚାଇ ଦିଆଯାଇଛି । ସମ୍ବଲପୁର ଇତିହାସ ବିଭାଗର ପ୍ରତିଷ୍ଠା ପରେ ସେଠାରେ ଏକ ମ୍ୟୁଜିଅମ୍ ପ୍ରତିଷ୍ଠାର କଳ୍ପନାକୁ ରୂପାୟିତ କରିବା ପାଇଁ ସେ ଲାଗିପଡ଼ିଲେ । ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଓ ବିଶ୍ୱବିଦ୍ୟାଳୟର ସଦ୍ୟଜାତ ଇତିହାସ ବିଭାଗର ମିଳିତ ଉଦ୍ୟମରେ ୧୯୭୦ ଖ୍ରୀ: ମାର୍ଚ୍ଚ ମାସ ୪ ତାରିଖ ବୁଧବାର ଦିନ ଗଙ୍ଗାଧର ମେହେର କଲେଜଠାରେ ଓଡ଼ିଶା ଇତିହାସ କଂଗ୍ରେସର ଅଧିବେଶନ ବସିଥିଲା । ବସ୍ତୁତଃ ଏହା ଥିଲା ସେହି କଂଗ୍ରେସର ପ୍ରଥମ ଅଧିବେଶନ । ସେହି ଦିନର ଏକ ପବିତ୍ର ଲଗ୍ନରେ ଐତିହାସିକମାନଙ୍କ ଗହଣରେ ଡ଼କ୍ଟର ସାହୁ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ଶୁଭ ଶଂଖ ବଜାଇଥିଲେ । ଏହାର ଠିକ୍ ଆଠବର୍ଷ ପରେ ୧୯୭୮ ଖ୍ରୀ:ର ସେହି ମାର୍ଚ୍ଚ ୪ ତାରିଖ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାରଠାରେ ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ଅଧିବେଶନ ଡକ୍ଟର ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ

ସେହିଦିନ ମଧ୍ୟାହ୍ନ ୧୨ଟା ସମୟରେ ସମ୍ମାନନୀୟ ଅତିଥି ତତ୍କାଳୀନ ଅର୍ଥମନ୍ତ୍ରୀ ଡାକ୍ତର ରାମ ପ୍ରସାଦ ମିଶ୍ର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍ ଗୃହର ଶିଳାନ୍ୟାସ କଲେ । ମାତ୍ର ଏହାପରେ ଡକ୍ଟର ସାହୁଙ୍କର ଆଗ୍ରହ ଓ ଉଦ୍ୟମ ସତ୍ତ୍ୱେ ମ୍ୟୁଜିଅମ୍ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ । ଶିଳାନ୍ୟାସ ଶିଳା ଖଣ୍ଡରେ ରହିଗଲା । ଆଜି ପର୍ଯ୍ୟନ୍ତ ମ୍ୟୁଜିଅମ୍‌ର ପରିସର ଇତିହାସ ବିଭାଗର ଏକ ପ୍ରକୋଷ୍ଠରେ ଆବଦ୍ଧ ହୋଇ ରହିଅଛି ।

ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ପ୍ରତ୍ୟେକଟି ଜିନିଷ ଡକ୍ଟର ସାହୁଙ୍କର ବ୍ୟକ୍ତି-ଗତ ଉଦ୍ୟମରେ ସଂଗୃହୀତ ହୋଇଥିଲା । ଏଥିପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଅଛନ୍ତି, ଦୁଃସାହସିକ ପଦକ୍ଷେପ ନେଇଛନ୍ତି ଏବଂ ଅନେକଙ୍କୁ ଅଯଥା ତୋଷାମଦ କରିଛନ୍ତି । ମ୍ୟୁଜିଅମର ଅଭିବୃଦ୍ଧି ପାଇଁ ସେ ମାନ ଅପମାନକୁ ଖାତିର କରୁନଥିଲେ । ଏହାର ପ୍ରତ୍ୟେକଟି ଜିନିଷ ଯେପରି ସଂଗ୍ରହ କରା-ଯାଇଅଛି, ତାହା ବର୍ଣ୍ଣନା କଲେ ଗୋଟିଏ ଗ୍ରନ୍ଥ ହେବ । ଗୋଟିଏ ଉଦାହରଣ ଏଠାରେ ଦିଆଯାଇପାରେ । ସୋନପୁର ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ଚାରିଫୁଟ ଉଚ୍ଚର ଏକ ପଥରର ଦେବତା ସିନ୍ଦୂରରେ ରଞ୍ଜିତ ହୋଇ, ମନ୍ଦାରମାଳାରେ ମଣ୍ଡିତ ହୋଇ ଓ ପଶୁ ରକ୍ତରେ ଚର୍ଚ୍ଚିତ ହୋଇ ପୂଜା ପାଉଥିଲେ । ସାଧାରଣ ଲୋକେ ତାଙ୍କୁ ସ୍ପର୍ଶ କରିବାକୁ ଭୟ କରୁଥିଲେ । ମାତ୍ର ପ୍ରକୃତରେ ତାହା ଗଙ୍ଗ ସମ୍ରାଟ ପ୍ରଥମ ଭାନୁଦେବଙ୍କ ସମୟର (ଖ୍ରୀ: ୧୨୬୪-୧୨୭ ) ଏକ ଐତିହାସିକ ଶିଳାଲେଖ ଥିଲା । ଡକ୍ଟର ସାହୁ ସୋନପୁରର ଲୋକଙ୍କୁ ଏକଥା ବୁଝାଇଲେ ଏବଂ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମରେ ତାହାର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଲେ । ମାତ୍ର ଏଥିରେ ସୋନପୁରର ଶିକ୍ଷିତ ଲୋକମାନେ ମଧ୍ୟ ତାଙ୍କୁ ଉପହାସ କଲେ । ଥରେ ଯେଉଁ ଜିନିଷ ଡକ୍ଟର ସାହୁଙ୍କ ଆଖିରେ ପଡ଼ିଛି ସେ ତାକୁ ସହଜରେ ଛାଡ଼ୁନଥିଲେ । ସେ ସରକାରଙ୍କ ଠାରୁ ଏଥିପାଇଁ ଅନୁମତି ଆଣିଲେ ଏବଂ ରାତିରେ ଜିପ୍ ଓ କୋଡ଼ି କୋଦାଳ ସହିତ ସୋନପୁରରେ ପହଞ୍ଚିଲେ । ପରଦିନ ସକାଳେ ଲୋକେ ଦେଖିଲେ ଦେବତା ଉଭାନ; କେହି ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇଛି । କଥା ଅଛପା ରହିଲା ନାହିଁ । କେତେ ଲୋକ କେତେ କଥା କହିଲେ; ଜିପ୍ ଚକା ଫାଟିଯିବ, ଡକ୍ଟର ସାହୁ ଖତମ୍ ହୋଇଯିବେ, ମହାନଦୀ ମାଡ଼ିଆସିବ । କିଛି ହେଲାନାହିଁ । ସୋନପୁରର ପଥର ଦେବତା ଆଜି ବି ଡକ୍ଟର ସାହୁଙ୍କ ମ୍ୟୁଜିଅମ୍‌ରେ ସୁରକ୍ଷିତ ହୋଇ ରହିଅଛି । ମାତ୍ର ଦେବତା ରୂପରେ ନୁହେଁ ; ଓଡ଼ିଆ ଭାଷାର କ୍ରମବିକାଶରେ ଏକ ଐତିହାସିକ ମାଇଲ ଖୁଣ୍ଟ ରୂପେ ।

ନେତୃତ୍ୱରେ ଏହି ବିଭାଗ ପ୍ରଗତି ପଥରେ ଆଗେଇଥିଲା ଏବଂ ଅଳ୍ପ କାଳ ମଧ୍ୟରେ ଏହା ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା ଲାଭ କଲା । ବିଭାଗରେ ନିୟମିତ ରୂପେ ଅଧ୍ୟାପନା ଚାଲୁଥିଲା । ପ୍ରତି ସପ୍ତାହରେ ସେମିନାର ଆହୂତ ହେଉଥିଲା ଏବଂ ପ୍ରତ୍ୟେକ ସେମିନାର ଅଧିବେଶନରେ ଡକ୍ଟର ସାହୁ ଉପସ୍ଥିତ ରହୁଥିଲେ । ସଂଗ୍ରହାଳୟ (ମ୍ୟୁଜିଅମ୍), ଅଭିଲେଖାଗାର (ଅରକାଇଭସ), ପୋଥିବିଭାଗ ଏବଂ ସେମିନାର ଲାଇବ୍ରେରୀ ଇତିହାସ ବିଭାଗ ପରିବାରର ଅନ୍ତର୍ଭୁକ୍ତ ଥିଲା । ଐତିହାସିକ ବସ୍ତୁ ଓ ପ୍ରାଚୀନ ପୋଥି ସଂଗ୍ରହ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଉଥିଲା । ବଣଭୋଜି, ବାର୍ଷିକ ଉତ୍ସବ, ଅଭିନନ୍ଦନ ଓ ବିଦାୟ ଉତ୍ସବ ଆଦି ପ୍ରତିବର୍ଷ ପାଳିତ ହେଉଥିଲା । ଇତିହାସ ବିଭାଗ ଅଧ୍ୟୟନ ଓ ଗବେଷଣାରେ ଯେପରି ନିୟୋଜିତ ରହୁଥିଲା, ସାଂସ୍କୃତିକ ଉତ୍ସବରେ ସେପରି ମୁଖରିତ ହୋଇ ଉଠୁଥିଲା । ଡକ୍ଟର ସାହୁ ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କୁ ନିଜର ସନ୍ତାନ ସନ୍ତତି ଭଳି ଭଲ ପାଉଥିଲେ ଏବଂ ଇତିହାସ ବିଭାଗକୁ ଏକ ପାରିବାରିକ ପରିବେଶରେ ସଜ୍ଜିତ କରି ରଖିଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍ :

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ଏକ ମ୍ୟୁଜିଅମ୍ (ସଂଗ୍ରହାଳୟ) ପ୍ରତିଷ୍ଠା ଡକ୍ଟର ସାହୁଙ୍କର ଅନ୍ୟତମ ଅମର କୃତି ଥିଲା । ରେଭେନ୍‌ସା କଲେଜରେ ଥିବା ସମୟରେ ସେ ମ୍ୟୁଜିଅମ୍ ପ୍ରତି ଆଗ୍ରହୀ ଥିଲେ । ସେ ସେହି କଲେଜରେ ଏକ ଶ୍ରେଷ୍ଠ ମ୍ୟୁଜିଅମ୍ ସ୍ଥାପନ ପାଇଁ ଅଧ୍ୟାପକ ଘନଶ୍ୟାମ ଦାସଙ୍କୁ ସାହାଯ୍ୟ କରିଥିବା କଥା ଆଗରୁ ସୂଚାଇ ଦିଆଯାଇଛି । ସମ୍ବଲପୁର ଇତିହାସ ବିଭାଗର ପ୍ରତିଷ୍ଠା ପରେ ସେଠାରେ ଏକ ମ୍ୟୁଜିଅମ୍ ପ୍ରତିଷ୍ଠାର କଳ୍ପନାକୁ ରୂପାୟିତ କରିବା ପାଇଁ ସେ ଲାଗିପଡ଼ିଲେ । ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଓ ବିଶ୍ୱବିଦ୍ୟାଳୟର ସଦ୍ୟଜାତ ଇତିହାସ ବିଭାଗର ମିଳିତ ଉଦ୍ୟମରେ ୧୯୭୦ ଖ୍ରୀ: ମାର୍ଚ୍ଚ ମାସ ୪ ତାରିଖ ବୁଧବାର ଦିନ ଗଙ୍ଗାଧର ମେହେର କଲେଜଠାରେ ଓଡ଼ିଶା ଇତିହାସ କଂଗ୍ରେସର ଅଧିବେଶନ ବସିଥିଲା । ବସ୍ତୁତଃ ଏହା ଥିଲା ସେହି କଂଗ୍ରେସର ପ୍ରଥମ ଅଧିବେଶନ । ସେହି ଦିନର ଏକ ପବିତ୍ର ଲଗ୍ନରେ ଐତିହାସିକମାନଙ୍କ ଗହଣରେ ଡକ୍ଟର ସାହୁ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ଶୁଭ ଶଂଖ ବଜାଇଥିଲେ । ଏହାର ଠିକ୍ ଆଠବର୍ଷ ପରେ ୧୯୭୮ ଖ୍ରୀ:ର ସେହି ମାର୍ଚ୍ଚ ୪ ତାରିଖ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାରଠାରେ ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ଅଧିବେଶନ ଡକ୍ଟର ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ

ସେହିଦିନ ମଧ୍ୟାହ୍ନ ୧୨ଟା ସମୟରେ ସମ୍ମାନନୀୟ ଅତିଥି ତତ୍କାଳୀନ ଅର୍ଥମନ୍ତ୍ରୀ ଡାକ୍ତର ରାମ ପ୍ରସାଦ ମିଶ୍ର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍ ଗୃହର ଶିଳାନ୍ୟାସ କଲେ । ମାତ୍ର ଏହାପରେ ଡକ୍ଟର ସାହୁଙ୍କର ଆଗ୍ରହ ଓ ଉଦ୍ୟମ ସତ୍ତ୍ୱେ ମ୍ୟୁଜିଅମ୍ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ । ଶିଳାନ୍ୟାସ ଶିଳା ଖଣ୍ଡରେ ରହିଗଲା । ଆଜି ପର୍ଯ୍ୟନ୍ତ ମ୍ୟୁଜିଅମ୍‌ର ପରିସର ଇତିହାସ ବିଭାଗର ଏକ ପ୍ରକୋଷ୍ଠରେ ଆବଦ୍ଧ ହୋଇ ରହିଅଛି ।

ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ପ୍ରତ୍ୟେକଟି ଜିନିଷ ଡକ୍ଟର ସାହୁଙ୍କର ବ୍ୟକ୍ତିଗତ ଉଦ୍ୟମରେ ସଂଗୃହୀତ ହୋଇଥିଲା । ଏଥିପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଅଛନ୍ତି, ଦୁଃସାହସିକ ପଦକ୍ଷେପ ନେଇଛନ୍ତି ଏବଂ ଅନେକଙ୍କୁ ଅଯଥା ତୋଷାମଦ କରିଛନ୍ତି । ମ୍ୟୁଜିଅମର ଅଭିବୃଦ୍ଧି ପାଇଁ ସେ ମାନ ଅପମାନକୁ ଖାତିର କରୁନଥିଲେ । ଏହାର ପ୍ରତ୍ୟେକଟି ଜିନିଷ ଯେପରି ସଂଗ୍ରହ କରାଯାଇଅଛି, ତାହା ବର୍ଣ୍ଣନା କଲେ ଗୋଟିଏ ଗ୍ରନ୍ଥ ହେବ । ଗୋଟିଏ ଉଦାହରଣ ଏଠାରେ ଦିଆଯାଇପାରେ । ସୋନପୁର ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ଗୃରିଫୁଟ ଉଚ୍ଚର ଏକ ପଥରର ଦେବତା ସିନ୍ଦୁରରେ ରଞ୍ଜିତ ହୋଇ, ମନ୍ଦାରମାଳାରେ ମଣ୍ଡିତ ହୋଇ ଓ ପଶୁ ରକ୍ତରେ ଚର୍ଚ୍ଚିତ ହୋଇ ପୂଜା ପାଉଥିଲେ । ସାଧାରଣ ଲୋକେ ତାଙ୍କୁ ସ୍ପର୍ଶ କରିବାକୁ ଭୟ କରୁଥିଲେ । ମାତ୍ର ପ୍ରକୃତରେ ତାହା ଗଙ୍ଗ ସମ୍ରାଟ ପ୍ରଥମ ଭାନୁଦେବଙ୍କ ସମୟର (ଖ୍ରୀ: ୧୨୬୪-୧୨୭ ) ଏକ ଐତିହାସିକ ଶିଳାଲେଖ ଥିଲା । ଡକ୍ଟର ସାହୁ ସୋନପୁରର ଲୋକଙ୍କୁ ଏକଥା ବୁଝାଇଲେ ଏବଂ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମରେ ତାହାର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଲେ । ମାତ୍ର ଏଥିରେ ସୋନପୁରର ଶିକ୍ଷିତ ଲୋକମାନେ ମଧ୍ୟ ତାଙ୍କୁ ଉପହାସ କଲେ । ଥରେ ଯେଉଁ ଜିନିଷ ଡକ୍ଟର ସାହୁଙ୍କ ଆଖିରେ ପଡ଼ିଛି ସେ ତାକୁ ସହଜରେ ଛାଡ଼ୁନଥିଲେ । ସେ ସରକାରଙ୍କ ଠାରୁ ଏଥିପାଇଁ ଅନୁମତି ଆଣିଲେ ଏବଂ ରାତିରେ ଜିପ୍ ଓ କୋଡ଼ି କୋଦାଳ ସହିତ ସୋନପୁରରେ ପହଞ୍ଚିଲେ । ପରଦିନ ସକାଳେ ଲୋକେ ଦେଖିଲେ ଦେବତା ଉଭାନ୍; କେହି ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇଛି । କଥା ଅଛପା ରହିଲା ନାହିଁ । କେତେ ଲୋକ କେତେ କଥା କହିଲେ; ଜିପ୍ ଚକା ଫାଟିଯିବ, ଡକ୍ଟର ସାହୁ ଖତମ୍ ହୋଇଯିବେ, ମହାନଦୀ ମାଡ଼ିଆସିବ । କିଛି ହେଲାନାହିଁ । ସୋନପୁରର ପଥର ଦେବତା ଆଜି ବି ଡକ୍ଟର ସାହୁଙ୍କ ମ୍ୟୁଜିଅମ୍‌ରେ ସୁରକ୍ଷିତ ହୋଇ ରହିଅଛି । ମାତ୍ର ଦେବତା ରୂପରେ ନୁହେଁ ; ଓଡ଼ିଆ ଭାଷାର କ୍ରମବିକାଶରେ ଏକ ଐତିହାସିକ ମାଇଲ ଖୁଣ୍ଟ ରୂପେ ।

ନେତୃତ୍ୱରେ ଏହି ବିଭାଗ ପ୍ରଗତି ପଥରେ ଆଗେଇଥିଲା ଏବଂ ଅଳ୍ପ କାଳ ମଧ୍ୟରେ ଏହା ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା ଲାଭ କଲା । ବିଭାଗରେ ନିୟମିତ ରୂପେ ଅଧ୍ୟାପନା ଚାଲୁଥିଲା । ପ୍ରତି ସପ୍ତାହରେ ସେମିନାର ଆହୂତ ହେଉଥିଲା ଏବଂ ପ୍ରତ୍ୟେକ ସେମିନାର ଅଧିବେଶନରେ ଡକ୍ଟର ସାହୁ ଉପସ୍ଥିତ ରହୁଥିଲେ । ସଂଗ୍ରହାଳୟ (ମ୍ୟୁଜିଅମ୍), ଅଭିଲେଖାଗାର (ଆର୍କାଇଭସ୍), ପୋଥିବିଭାଗ ଏବଂ ସେମିନାର ଲାଇବ୍ରେରୀ ଇତିହାସ ବିଭାଗ ପରିବାରର ଅନ୍ତର୍ଭୁକ୍ତ ଥିଲା । ଐତିହାସିକ ବସ୍ତୁ ଓ ପ୍ରାଚୀନ ପୋଥି ସଂଗ୍ରହ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଉଥିଲା । ବଣଭୋଜି, ବାର୍ଷିକ ଉତ୍ସବ, ଅଭିନନ୍ଦନ ଓ ବିଦାୟ ଉତ୍ସବ ଆଦି ପ୍ରତିବର୍ଷ ପାଳିତ ହେଉଥିଲା । ଇତିହାସ ବିଭାଗ ଅଧ୍ୟୟନ ଓ ଗବେଷଣାରେ ଯେପରି ନିୟୋଜିତ ରହୁଥିଲା, ସାଂସ୍କୃତିକ ଉତ୍ସବରେ ସେପରି ମୁଖରିତ ହୋଇ ଉଠୁଥିଲା । ଡକ୍ଟର ସାହୁ ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନଙ୍କୁ ନିଜର ସନ୍ତାନ ସନ୍ତତି ଭଳି ଭଲ ପାଉଥିଲେ ଏବଂ ଇତିହାସ ବିଭାଗକୁ ଏକ ପାରିବାରିକ ପରିବେଶରେ ସଜ୍ଜିତ କରି ରଖିଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍ :

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ଏକ ମ୍ୟୁଜିଅମ୍ (ସଂଗ୍ରହାଳୟ) ପ୍ରତିଷ୍ଠା ଡକ୍ଟର ସାହୁଙ୍କର ଅନ୍ୟତମ ଅମର କୃତି ଥିଲା । ରେଭେନ୍ସା କଲେଜରେ ଥିବା ସମୟରେ ସେ ମ୍ୟୁଜିଅମ୍ ପ୍ରତି ଆଗ୍ରହୀ ଥିଲେ । ସେ ସେହି କଲେଜରେ ଏକ ଶ୍ରେଷ୍ଠ ମ୍ୟୁଜିଅମ୍ ସ୍ଥାପନ ପାଇଁ ଅଧ୍ୟାପକ ଘନଶ୍ୟାମ ଦାସଙ୍କୁ ସାହାଯ୍ୟ କରିଥିବା କଥା ଆଗରୁ ସୂଚାଇ ଦିଆଯାଇଛି । ସମ୍ବଲପୁର ଇତିହାସ ବିଭାଗର ପ୍ରତିଷ୍ଠା ପରେ ସେଠାରେ ଏକ ମ୍ୟୁଜିଅମ୍ ପ୍ରତିଷ୍ଠାର କଳ୍ପନାକୁ ରୂପାୟିତ କରିବା ପାଇଁ ସେ ଲାଗିପଡ଼ିଲେ । ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଓ ବିଶ୍ୱବିଦ୍ୟାଳୟର ସଦ୍ୟଜାତ ଇତିହାସ ବିଭାଗର ମିଳିତ ଉଦ୍ୟମରେ ୧୯୭୦ ଖ୍ରୀ: ମାର୍ଚ୍ଚ ମାସ ୪ ତାରିଖ ବୁଧବାର ଦିନ ଗଙ୍ଗାଧର ମେହେର କଲେଜଠାରେ ଓଡ଼ିଶା ଇତିହାସ କଂଗ୍ରେସର ଅଧିବେଶନ ବସିଥିଲା । ବସ୍ତୁତଃ ଏହା ଥିଲା ସେହି କଂଗ୍ରେସର ପ୍ରଥମ ଅଧିବେଶନ । ସେହି ଦିନର ଏକ ପବିତ୍ର ଲଗ୍ନରେ ଐତିହାସିକମାନଙ୍କ ଗହଣରେ ଡକ୍ଟର ସାହୁ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ଶୁଭ ଶଂଖ ବଜାଇଥିଲେ । ଏହାର ଠିକ୍ ଆଠବର୍ଷ ପରେ ୧୯୭୮ ଖ୍ରୀ:ର ସେହି ମାର୍ଚ୍ଚ ୪ ତାରିଖ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାରଠାରେ ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ଅଧିବେଶନ ଡକ୍ଟର ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ

ସେଦିନ ମଧ୍ୟାହ୍ନ ୧୨ଟା ସମୟରେ ସମ୍ମାନନୀୟ ଅତିଥି ତତ୍କାଳୀନ ଅର୍ଥମନ୍ତ୍ରୀ ଡାକ୍ତର ରାମ ପ୍ରସାଦ ମିଶ୍ର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍ ଗୃହର ଶିଳାନ୍ୟାସ କଲେ । ମାତ୍ର ଏହାପରେ ଡକ୍ଟର ସାହୁଙ୍କର ଆଗ୍ରହ ଓ ଉଦ୍ୟମ ସତ୍ତ୍ୱେ ମ୍ୟୁଜିଅମ୍ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ । ଶିଳାନ୍ୟାସ ଶିଳା ଖଣ୍ଡରେ ରହିଗଲା । ଆଜି ପର୍ଯ୍ୟନ୍ତ ମ୍ୟୁଜିଅମ୍‌ର ପରିସର ଇତିହାସ ବିଭାଗର ଏକ ପ୍ରକୋଷ୍ଠରେ ଆବଦ୍ଧ ହୋଇ ରହିଅଛି ।

ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ପ୍ରତ୍ୟେକଟି ଜିନିଷ ଡକ୍ଟର ସାହୁଙ୍କର ବ୍ୟକ୍ତିଗତ ଉଦ୍ୟମରେ ସଂଗୃହୀତ ହୋଇଥିଲା । ଏଥିପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଅଛନ୍ତି, ଦୁଃସାହସିକ ପଦକ୍ଷେପ ନେଇଛନ୍ତି ଏବଂ ଅନେକଙ୍କୁ ଅଯଥା ତୋଷାମଦ କରିଛନ୍ତି । ମ୍ୟୁଜିଅମର ଅଭିବୃଦ୍ଧି ପାଇଁ ସେ ମାନ ଅପମାନକୁ ଖାତିର କରୁନଥିଲେ । ଏହାର ପ୍ରତ୍ୟେକଟି ଜିନିଷ ଯେପରି ସଂଗ୍ରହ କରାଯାଇଅଛି, ତାହା ବର୍ଣ୍ଣନା କଲେ ଗୋଟିଏ ଗ୍ରନ୍ଥ ହେବ । ଗୋଟିଏ ଉଦାହରଣ ଏଠାରେ ଦିଆଯାଇପାରେ । ସୋନପୁର ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ଗୁରିଫୁଟ ଉଚ୍ଚର ଏକ ପଥରର ଦେବତା ସିନ୍ଦୂରରେ ରଞ୍ଜିତ ହୋଇ, ମନ୍ଦାରମାଳାରେ ମଣ୍ଡିତ ହୋଇ ଓ ପଶୁ ରକ୍ତରେ ଚର୍ଚ୍ଚିତ ହୋଇ ପୂଜା ପାଉଥିଲେ । ସାଧାରଣ ଲୋକେ ତାଙ୍କୁ ସ୍ପର୍ଶ କରିବାକୁ ଭୟ କରୁଥିଲେ । ମାତ୍ର ପ୍ରକୃତରେ ତାହା ଗଙ୍ଗ ସମ୍ରାଟ ପ୍ରଥମ ଭାନୁଦେବଙ୍କ ସମୟର (ଖ୍ରୀ: ୧୨୬୪-୧୨୭ ) ଏକ ଐତିହାସିକ ଶିଳାଲେଖ ଥିଲା । ଡକ୍ଟର ସାହୁ ସୋନପୁରର ଲୋକଙ୍କୁ ଏକଥା ବୁଝାଇଲେ ଏବଂ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମରେ ତାହାର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଲେ । ମାତ୍ର ଏଥିରେ ସୋନପୁରର ଶିକ୍ଷିତ ଲୋକମାନେ ମଧ୍ୟ ତାଙ୍କୁ ଉପହାସ କଲେ । ଥରେ ଯେଉଁ ଜିନିଷ ଡକ୍ଟର ସାହୁଙ୍କ ଆଖିରେ ପଡ଼ିଛି ସେ ତାକୁ ସହଜରେ ଛାଡୁନଥିଲେ । ସେ ସରକାରଙ୍କ ଠାରୁ ଏଥିପାଇଁ ଅନୁମତି ଆଣିଲେ ଏବଂ ରାତିରେ ଜିପ୍ ଓ କୋଡ଼ି କୋଦାଳ ସହିତ ସୋନପୁରରେ ପହଞ୍ଚିଲେ । ପରଦିନ ସକାଳେ ଲୋକେ ଦେଖିଲେ ଦେବତା ଉଭାନ୍; କେହି ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇଛି । କଥା ଅଛପା ରହିଲା ନାହିଁ । କେତେ ଲୋକ କେତେ କଥା କହିଲେ; ଜିପ୍ ଚକା ଫାଟିଯିବ, ଡକ୍ଟର ସାହୁ ଖତମ୍ ହୋଇଯିବେ, ମହାନଦୀ ମାଡ଼ିଆସିବ । କିଛି ହେଲନାହିଁ । ସୋନପୁରର ପଥର ଦେବତା ଆଜି ବି ଡକ୍ଟର ସାହୁଙ୍କ ମ୍ୟୁଜିଅମ୍‌ରେ ସୁରକ୍ଷିତ ହୋଇ ରହିଅଛି । ମାତ୍ର ଦେବତା ରୂପରେ ନୁହେଁ ; ଓଡ଼ିଆ ଭାଷାର କ୍ରମବିକାଶରେ ଏକ ଐତିହାସିକ ମାଇଲ ଖୁଣ୍ଟ ରୂପେ ।

ଡକ୍ଟର ସାହୁଙ୍କର ଦୁଃସାହସ ସଂପର୍କରେ ଅନେକ ଦିନ ତଳର ଗୋଟିଏ ଘଟଣା ମନେପଡ଼େ । ସେ ରେଭେନ୍‌ସା କଲେଜର ଅଧ୍ୟାପକ ଥିବା ସମୟରେ ମୁଖ୍ୟ ଅଧ୍ୟାପକ ଘନଶ୍ୟାମ ଦାସ ଓ ପ୍ରତ୍ନତତ୍ତ୍ୱବିତ୍ କେଦାର ନାଥ ମହାପାତ୍ରଙ୍କ ସହିତ ସମ୍ମିଳିତ ହୋଇ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରାଚୀ ନଦୀ ଉପତ୍ୟକାର ଐତିହାସିକ ସର୍ବେକ୍ଷଣ (Survey) କରୁଥିଲେ । ସେଠାକାର ଗୋଟିଏ ଗାଁରେ ଅବଲୋକିତେଶ୍ୱରଙ୍କ ମୂର୍ତ୍ତି ଦେବୀ ରୂପେ ପୂଜା ପାଉଥିଲେ । ସେହି ମୂର୍ତ୍ତିର ଫଟୋ ଉଠାଇବା ପାଇଁ ଡକ୍ଟର ସାହୁ ସ୍ଥିର କଲେ । ଗାଁ ଲୋକଙ୍କର ଜ୍ଞାତସାରରେ ଏହା ଆଦୌ ସମ୍ଭବ ନୁହେଁ ବୋଲି ଜିପ୍ ଗାଡିରେ ଥିବା ତାଙ୍କ ଦଳର ସମସ୍ତେ ତାଙ୍କୁ ସତର୍କ କଲେ ମଧ୍ୟ ସେ ମାନିଲେ ନାହିଁ । ଜିପ୍ ଗାଡି ଗାଁରେ ପହଞ୍ଚିବା ଦେଖି ଲୋକେ ରୁଣ୍ଡ ହେଲେ ଏବଂ ଡକ୍ଟର ସାହୁଙ୍କ ହାତରେ ଭୋଗ ଦେଖି ଜଣେ ଭକ୍ତ ରୂପେ ତାଙ୍କୁ ସ୍ୱାଗତ କଲେ । ପୂଜକ ଡକ୍ଟର ସାହୁଙ୍କୁ ମନ୍ଦିର ଭିତରକୁ ପାଛୋଟି ନେବା ପାଇଁ ଦୌଡ଼ି ଆସିଲେ । ଡକ୍ଟର ସାହୁ ସମସ୍ତଙ୍କ ଆଗରେ ପ୍ରକାଶ କଲେ ଯେ ସେ ଦେବୀଙ୍କ ଦ୍ୱାରା ସ୍ୱପ୍ନାଦିଷ୍ଟ ହୋଇ ଆସିଛନ୍ତି । ଦେବୀଙ୍କର ଆଦେଶ ଯେ ତାଙ୍କର ମହିମା ବିଷୟ ଡକ୍ଟର ସାହୁ ପ୍ରଚାର କରନ୍ତୁ ଏବଂ ତାଙ୍କ ମୂର୍ତ୍ତିରେ ପ୍ରଚ୍ଛଦରେ ଯେଉଁ ମନ୍ତ୍ର ଲେଖାଅଛି ସେ ତାହା ଲୋକଲୋଚନକୁ ଆଣନ୍ତୁ । ଡକ୍ଟର ସାହୁ ଦେବୀଙ୍କ ଫଟୋ ସହିତ ସୁଗର୍ବରେ ଫେରିଆସିଲେ ।

ଡକ୍ଟର ସାହୁ ପ୍ରଭୃତିଙ୍କର ପ୍ରାଚୀ ଉପତ୍ୟକାର ସର୍ବେକ୍ଷଣ ରିପୋର୍ଟ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଯଥା ସମୟରେ ପ୍ରକାଶ ପାଇଥିଲା । ମାତ୍ର ବର୍ତ୍ତମାନ ତାହା ଉପଲବ୍ଧ ନୁହେଁ । ପ୍ରଶାନ୍ତ କୁମାର ରାୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ପ୍ରାଚୀ ନଦୀ ଉପତ୍ୟକାର ସର୍ବେକ୍ଷଣ କରି ୧୯୭୫ ଜାନୁୟାରୀରେ ଏକ ନୂତନ ରିପୋର୍ଟ ପ୍ରକାଶ କରିଅଛନ୍ତି ।

ଗବେଷଣା ସଂପର୍କରେ ହେଉ ବା ମ୍ୟୁଜିଅମ୍ ସଂପର୍କରେ ହେଉ ଡକ୍ଟର ସାହୁଙ୍କର ଉପାଦାନ ସଂଗ୍ରହ କାଳୀନ ଅଭିଜ୍ଞତା ବେଶ୍ କୌତୁହଳପ୍ରଦ ଏବଂ ପ୍ରେରଣା ଦାୟକ ହୋଇଥାଏ । ତାଙ୍କର ସାହସିକ ପଦକ୍ଷେପ, ପ୍ରତ୍ୟୁତ୍ପନ୍ନମତି ଏବଂ କଠୋର ପରିଶ୍ରମ ଯୋଗୁଁ ଏତେ ସୁନ୍ଦର ମ୍ୟୁଜିଅମ ସମ୍ଭବ ହୋଇ ପାରିଥିଲା । ୧୯୭୮ରେ ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ଅଭିଭାଷଣ କ୍ରମେ ସେ କହିଥିଲେ; "ଆଞ୍ଚଳିକ ସଂସ୍କୃତିର ସଂରକ୍ଷଣ ତଥା ଐତିହାସିକ ଜ୍ଞାନର ବିକୀରଣ ପାଇଁ ବିଶ୍ୱବିଦ୍ୟାଳୟ ସଂଗ୍ରହାଳୟ ରାଜ୍ୟ ସଂଗ୍ରହାଳୟର ଅନୁରୂପ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିବ ।" ଡକ୍ଟର ସାହୁଙ୍କର ଏହି ଭବିଷ୍ୟତବାଣୀ ଦିନେ ନିଶ୍ଚୟ ସତ୍ୟରେ ପରିଣତ ହେବ । ଆନନ୍ଦର ବିଷୟ ଯେ ସମ୍ବଲପୁର

ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଡକ୍ଟର ସାହୁଙ୍କର ମୃତ୍ୟୁପରେ ଏହି ମ୍ୟୁଜିଅମକୁ "ନବୀନ କୁମାର ସାହୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ" ନାମରେ ଅଭିହିତ କରିଅଛନ୍ତି । ଗଙ୍ଗାର ଜଳରେ ଗଙ୍ଗାର ପୂଜା କରାଯାଇଅଛି । ମାତ୍ର ଦୁଃଖର ବିଷୟ ଯେ ମ୍ୟୁଜିଅମ୍ ପାଇଁ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ ସକାଶେ କୌଣସି ଆନ୍ତରିକ ଉଦ୍ୟମ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ।

## ବିଶ୍ୱବିଦ୍ୟାଳୟ ପ୍ରକାଶନ କାର୍ଯ୍ୟକ୍ରମ :

ଡକ୍ଟର ସାହୁ ଜଣେ ସୁଲେଖକ ଥିଲେ । ତେଣୁ ସେ ଯେଉଁଠାରେ ଥିଲେ ମଧ୍ୟ ପ୍ରକାଶନର ଅଭିବୃଦ୍ଧି ପାଇଁ ସତତ ଯତ୍ନଶୀଳ ଥିଲେ । ଶିଶୁ ଅନୁଷ୍ଠାନ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହାର ବ୍ୟତିକ୍ରମ ହୋଇ ନଥିଲା । ୧୯୬୮ ରେ ରେଜିଷ୍ଟ୍ରାର ରୂପେ ଦାୟିତ୍ୱ ବହନ କଲା ପରେ ସେ ବିଶ୍ୱବିଦ୍ୟାଳୟ ତରଫରୁ ଏକ ଗବେଷଣା ପତ୍ରିକା ପ୍ରକାଶ ପାଇଁ ଉଦ୍ୟମ କଲେ । ସେହି ବର୍ଷ Sambalpur University Journalର ପ୍ରଥମ ଖଣ୍ଡ ଆତ୍ମପ୍ରକାଶ କଲା । ପ୍ରଥମେ ଏହା ଏକମାତ୍ର ଭାଗରେ ଏବଂ ପରେ କଳା ଓ ବିଜ୍ଞାନ ଦୁଇ ଭାଗରେ ପ୍ରକାଶ ପାଇଲା । ଏକ ଉନ୍ନତ ଗବେଷଣା ପତ୍ରିକା ରୂପେ ଏହା ସାତ ବର୍ଷ ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିଲା । ଏହାର ସପ୍ତମ ସଂଖ୍ୟା ପ୍ରକାଶ ପାଇଥିଲା ୧୯୭୪ରେ ।

ଇତି ମଧ୍ୟରେ ୧୯୭୨ ଖ୍ରୀ: ଜାନୁୟାରୀ ପହିଲାରୁ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟର ମୁଖପତ୍ର "ସପ୍ତର୍ଷି"ର ଅଭ୍ୟୁଦୟ ହେଲା । ଏହାର ପ୍ରକାଶନ ସହିତ ଡକ୍ଟର ସାହୁ ନିବିଡ଼ ଭାବରେ ସଂପୃକ୍ତ ଥିଲେ । ସେ ଥିଲେ ଏହାର ଅନ୍ୟତମ ସମ୍ପାଦକ । ଏହା ଏକ ମାସିକ ପତ୍ରିକା ଥିଲା । ଏକ ଗବେଷଣାମୂଳକ ତଥା ଉଚ୍ଚକୋଟୀର ସାହିତ୍ୟ ପତ୍ରିକା ରୂପେ ଏହାକୁ ଠିଆ କରାଇବା ପାଇଁ ଉଦ୍ୟମ ହେଲା । ଫଳରେ Sambalpur University Journal ଉପରେ ଗୁରୁତ୍ୱ ଦିଆଗଲା ନାହିଁ ଏବଂ ତାହାର ପ୍ରକାଶନ କ୍ରମେ ବନ୍ଦ ହୋଇ ଗଲା । ଅଳ୍ପଦିନ ମଧ୍ୟରେ ସପ୍ତର୍ଷି ସମଗ୍ର ଓଡ଼ିଶାରେ ଆଦୃତ ହୋଇ ଉଠିଲା । ସେ ସମୟର ସପ୍ତର୍ଷି ଆଜି ଆଉ ନାହିଁ । ବିଶ୍ୱବିଦ୍ୟାଳୟର ଅଧୋଗତିର ସଙ୍କେତ ବହନ କରି ତାର ମୁଖପତ୍ର ସପ୍ତର୍ଷି ଶୋଇ ରହିଛି ।

ବିଶ୍ୱବିଦ୍ୟାଳୟର ପ୍ରକାଶନ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ଥିବାରୁ ଡକ୍ଟର ସାହୁ ଏକ ସ୍ୱତନ୍ତ୍ର ବିଭାଗୀୟ ମୁଖପତ୍ର ପ୍ରକାଶ କରିବା ସପକ୍ଷରେ ନଥିଲେ । ଏହା ସତ୍ତ୍ୱେ ସେ ଇତିହାସ ବିଭାଗ ତରଫରୁ ଏକ ସାମୟିକ ଗବେଷଣା ପତ୍ରିକା

New Aspects of History of Orissa (ଓଡ଼ିଶା ଇତିହାସର ନୂତନ ଦିଗ) ନାମରେ ଆରମ୍ଭ କଲେ । ଏହାର ପ୍ରଥମ ଖଣ୍ଡ ଦକ୍ଷିଣ କୋଶଳ ବିଶେଷାଙ୍କ ରୂପେ ୧୯୭୧ ଖ୍ରୀ:ରେ ପ୍ରକାଶ ପାଇଲା । ଏଥିରେ ଦକ୍ଷିଣ କୋଶଳର ଇତିହାସ ଓ ସଂସ୍କୃତି ସଂପର୍କରେ ଅନେକ ଐତିହାସିକ ପ୍ରବନ୍ଧ ପ୍ରକାଶ ପାଇଲା । ଡ଼ଃ ସାହୁ ନିଜେ "ଦକ୍ଷିଣ କୋଶଳର ଇତିହାସର ସର୍ବେକ୍ଷଣ" (A Survey of the History of South Kosala) ନାମକ ପ୍ରବନ୍ଧ ଲେଖିଥିଲେ । ଦକ୍ଷିଣ କୋଶଳ ଅଧୁନାତନ ମଧ୍ୟ-ପ୍ରଦେଶର ପୂର୍ବାଞ୍ଚଳ ଓ ଓଡ଼ିଶାର ପଶ୍ଚିମାଞ୍ଚଳକୁ ନେଇ ଗଠିତ ଥିଲା । ମଧ୍ୟପ୍ରଦେଶର ଐତିହାସିକ ମାନେ କୋଶଳର ଇତିହାସ ଓ ସଂସ୍କୃତି ଆଲୋଚନା ବେଳେ କେବଳ ସେମାନଙ୍କ ଅଞ୍ଚଳ ଉପରେ ଗୁରୁତ୍ୱ ଦେଉଥିଲେ । ଡକ୍ଟର ସାହୁ ଏବଂ ତାଙ୍କର ଇତିହାସ ବିଭାଗ ଦକ୍ଷିଣ କୋଶଳର ଓଡ଼ିଶା ଅଞ୍ଚଳ ଉପରେ ଆଲୋକପାତ କରି ସେମାନଙ୍କର ଦୃଷ୍ଟି ଭଙ୍ଗୀ ବଦଳାଇ ଦେଲେ New Aspects of History of Orissaର ପ୍ରଥମ ଖଣ୍ଡ ଏ ଦିଗରେ ଅଗ୍ରୟାତ୍ରାରମ୍ଭ ପଦ କ୍ଷେପ ଥିଲା ଏବଂ ଏହି କାରଣରୁ ଏହା ଓଡ଼ିଶା ଓ ମଧ୍ୟପ୍ରଦେଶରେ ଅପ୍ରତ୍ୟାଶିତ ଭାବରେ ଆଦୃତ ହେଲା । ଅନେକ ଗବେଷକ ଓ ଅନୁଷ୍ଠାନ ଏହାକୁ ବର୍ଦ୍ଧିତ ମୂଲ୍ୟରେ କ୍ରୟ କରିନେଲେ ।

New Aspects of History of Orissaର ଦ୍ୱିତୀୟ ଖଣ୍ଡ ବିଶ୍ୱବିଦ୍ୟାଳୟର ମ୍ୟୁଜିଅମ ଉପରେ ଆଧାରିତ ହୋଇ ୧୯୭୮ ଖ୍ରୀ:ରେ ପ୍ରକାଶ ପାଇଲା । ଏହାର ପ୍ରତ୍ୟେକଟି ପ୍ରବନ୍ଧରେ ମ୍ୟୁଜିଅମରେ ସଂରକ୍ଷିତ ଭିନ୍ନ ଭିନ୍ନ ବସ୍ତୁ ଉପରେ ଆଲୋକପାତ କରାଯାଇଥିଲା । ଏହି ପ୍ରକାଶନର ମାଧ୍ୟମରେ ଡ଼କ୍ଟର ସାହୁ ନିଜର ପ୍ରିୟ ମ୍ୟୁଜିୟମକୁ ଓଡ଼ିଶା ତଥା ଓଡ଼ିଶା ବାହାରେ ଲୋକପ୍ରିୟ କରିବା ପାଇଁ ସମର୍ଥ ହୋଇଥିଲେ । ଏହି ଦ୍ୱିତୀୟ ଖଣ୍ଡରେ ଡ଼କ୍ଟର ସାହୁ ଓଡ଼ିଶାର ଇତିହାସ ସହିତ ବିଶ୍ୱବିଦ୍ୟାଳୟ ମ୍ୟୁଜିଅମର ସଂପର୍କ ଦେଖାଇ ଏକ ସୁଚିନ୍ତିତ ପ୍ରବନ୍ଧ "University Museum— its bearing on the History of Orissa" ଲେଖିଥିଲେ ।

୧୯୮୧ ଖ୍ରୀ: ଅକ୍ଟୋବର ମାସରେ ଭାରତର ପ୍ରାଚୀନ ମୁଦ୍ରା ଅଧ୍ୟୟନ ସଂଘ (Numismatic Society of India)ର ବାର୍ଷିକ ଅଧିବେଶନ ଜ୍ୟୋତିବିହାର ଇତିହାସ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ସେହି ଅବସରରେ ନ୍ୟୁ ଆସ୍‌ପେକ୍ଟସ୍‌ର ତୃତୀୟ ଖଣ୍ଡ ଉତ୍ସର୍ଗୀକୃତ ହୋଇଥିଲା । ଏହା'ର ଅବ୍ୟବହିତ ପୂର୍ବରୁ ଡ଼କ୍ଟର ସାହୁଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ପଦରୁ

ଅବ୍ୟାହତ ହୋଇ ଯାଇଥିଲା ଏବଂ ସେ ସେତେବେଳେ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିଲେ । କୁଳପତି ପଦବୀରେ ଥିବା ସମୟରେ ଡକ୍ଟର ସାହୁଙ୍କ ବ୍ୟକ୍ତିଗତ ଉଦ୍ୟମ ଫଳରେ ମୁଦ୍ରା ଅଧ୍ୟୟନ ସଂଘର ସେହି ବର୍ଷର ଅଧିବେଶନ କ୍ୟୋନ୍ଝର ବିହାରରେ ହେବ ବୋଲି ସ୍ଥିରୀକୃତ ହୋଇଥିଲା । ମାତ୍ର ବିଧିର ବିଡମ୍ବନାରେ ଅଧିବେଶନ ବସିବା ପୂର୍ବରୁ ସେ ବିଶ୍ୱବିଦ୍ୟାଳୟରୁ ବିଦାୟ ନେଇ ସାରିଥିଲେ । ସେହି ସମୟରେ ପ୍ରକାଶ ପାଇଥିବା ନ୍ୟୁ ଆସ୍‌ପେକ୍ଟସ୍‌, ତୃତୀୟ ଖଣ୍ଡର ସଂପାଦକୀୟରେ ତାଙ୍କ ଅବଦାନର ସାଧାରଣ ସ୍ୱୀକୃତି ସ୍ଥାନ ପାଇବା ତ ଦୂରର କଥା ତାଙ୍କର ନାମ ମଧ୍ୟ କୌଣସି ଠାରେ ଉଲ୍ଲେଖ ରହିଲା ନାହିଁ । ନିତାନ୍ତ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ପରିଶେଷରେ ଅଧିବେଶନରେ ଯୋଗଦେବା ପାଇଁ ଡକାଇ ପଠାଗଲା । ତଥାପି ବି ଅଭିମାନ ନ ରଖି ସେ ଆସିଲେ କ୍ୟୋନ୍ଝର ବିହାର ନିଜର ପ୍ରିୟ ଇତିହାସ ବିଭାଗର ମାନ ରଖିବା ପାଇଁ । ପ୍ରାଚୀନ ମୁଦ୍ରା ସଂପର୍କରେ ତାଙ୍କର ତଥ୍ୟମୂଳକ ତତ୍କାଳିକ ଅଭିଭାଷଣ ପ୍ରତିନିଧିମାନଙ୍କୁ ଅଭିଭୂତ କରି ଦେଇଥିଲା । ସେଦିନ ସମସ୍ତଙ୍କର କେନ୍ଦ୍ରବିନ୍ଦୁ ଥିଲେ ଡକ୍ଟର ସାହୁ । ସ୍ଥାନୀୟ ଉଦ୍ୟୋକ୍ତାମାନେ ନିଶ୍ଚୟ ଉପଲବ୍ଧି କରିଥିବେ ଯେ ଡକ୍ଟର ସାହୁଙ୍କ ଉପସ୍ଥିତି ହିଁ ସେମାନଙ୍କର ଅଧିବେଶନକୁ ସାଫଲ୍ୟ ମଣ୍ଡିତ କରିଥିଲା । ପ୍ରଶାସନିକ ଦକ୍ଷତା କୌଣସି ସାଂସ୍କୃତିକ ଅଧିବେଶନ ବା ଅନୁଷ୍ଠାନକୁ ମୂର୍ତ୍ତିମନ୍ତ କରିପାରେ; ମାତ୍ର ତାହା ଜୀବନ୍ତ ତଥା ସରସ ସୁନ୍ଦର ହୋଇ ଉଠିଥାଏ ଡକ୍ଟର ସାହୁଙ୍କ ଭଳି ପ୍ରାଜ୍ଞ ବ୍ୟକ୍ତିମାନଙ୍କର ଅବଦାନରେ । କ୍ୟୋନ୍ଝର ବିହାରରେ ମୁଦ୍ରା ଅଧ୍ୟୟନ ଅଧିବେଶନ ପରେ ବାରିପଦାରେ ଅନୁଷ୍ଠିତ ଓଡ଼ିଶା ଇତିହାସ କଂଗ୍ରେସର ଅଧିବେଶନରେ ଡ଼କ୍ଟର ସାହୁଙ୍କର ଆଲୋଚନା ଯେଉଁମାନେ ଶୁଣିଛନ୍ତି ସେମାନେ ଏହାର ସତ୍ୟତା ଜାଣି ପାରିଥିବେ ।

ମୁଦ୍ରା ଅଧ୍ୟୟନ ବିଶେଷାଙ୍କ ରୂପେ ପ୍ରକାଶ ପାଇଥିବା ନ୍ୟୁ ଆସ୍‌ପେକ୍ଟସ୍‌ର ତୃତୀୟ ଖଣ୍ଡରେ ଗୋଟିଏ ଦୁଇଟି ପ୍ରବନ୍ଧକୁ ବାଦ ଦେଲେ ଅନ୍ୟ ସବୁ ସାଧାରଣ ବିଷୟ ମାନଙ୍କ ଉପରେ ଲିଖିତ ହୋଇଥିଲା । ସଂପାଦକ ଯେଉଁ ପ୍ରବନ୍ଧ ଲେଖିଥିଲେ ତାହା ର ମଧ୍ୟ ମୁଦ୍ରା-ଅଧ୍ୟୟନ ସହିତ କୌଣସି ସଂପର୍କ ନଥିଲା । ଡ଼କ୍ଟର ସାହୁ ନ୍ୟୁ ଆସ୍‌ପେକ୍‌ଟସ ପାଇଁ ଯେଉଁ ଭାବଧାରା ଆରମ୍ଭ କରିଥିଲେ, ତାହାର ବ୍ୟତିକ୍ରମ ହେଲା କେବଳ ଏହି ସଂଖ୍ୟା ରେ ।

## ଓଡ଼ିଆ ଜାତିର ଇତିହାସ :

ଡକ୍ଟର ସାହୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଯେମିତି କହିପାରୁଥିଲେ ସେମିତି ଲେଖିପାରୁଥିଲେ । ଓଡ଼ିଆ ଭାଷାରେ ତାଙ୍କର ଅଗଣିତ ପ୍ରବନ୍ଧ ବିଭିନ୍ନ

ପତ୍ର ପତ୍ରିକାରେ ପ୍ରକାଶ ଲାଭ କରିଛି । ସାବଲୀଳ ଭାଷା, ଅଭିନବ ତଥ୍ୟ ଓ ବଳିଷ୍ଠ ଯୁକ୍ତି ଦ୍ୱାରା ତାଙ୍କ ଲେଖା ପରିପୁଷ୍ଟ ଓ ଜୀବନ୍ତ ହୋଇଥାଏ । ଓଡ଼ିଆ ଭାଷାରେ ପ୍ରଣୀତ ତାଙ୍କର ପୁସ୍ତକମାନଙ୍କ ମଧ୍ୟରେ "ଓଡ଼ିଆ ଜାତିର ଇତିହାସ" ଅନ୍ୟତମ । ଏହି ଗ୍ରନ୍ଥ ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ୧୯୭୪ ଖ୍ରୀ:ରେ ପ୍ରକାଶିତ ହୋଇଥିଲା । ଓଡ଼ିଆ ଜାତିର ଇତିହାସ ତିନୋଟି ଭାଗରେ ଲେଖିବା ପାଇଁ ଡକ୍ଟର ସାହୁଙ୍କର ଯୋଜନା ଥିଲା । ପ୍ରାଚୀନ କାଳରୁ ଖ୍ରୀଷ୍ଟୀୟ ସପ୍ତମ ଶତକ ପର୍ଯ୍ୟନ୍ତ ପ୍ରଥମ ଭାଗର ନାମ "ପ୍ରାଚୀନ କଳିଙ୍ଗ", ସପ୍ତମ ଶତକରୁ ୧୫୬୮ ଖ୍ରୀ: ପର୍ଯ୍ୟନ୍ତ ଦ୍ୱିତୀୟ ଭାଗର ନାମ "ମଧ୍ୟଯୁଗୀୟ ଉତ୍କଳ" ଏବଂ ୧୫୬୮ ଖ୍ରୀ:ରୁ ୧୯୦୮ ଖ୍ରୀ: ପର୍ଯ୍ୟନ୍ତ ତୃତୀୟ ଭାଗର ନାମ "ଆଧୁନିକ ଓଡ଼ିଶା" ରଖାଯାଇଥିଲା । ମାତ୍ର ଏହାର ପ୍ରଥମ ଖଣ୍ଡ "ପ୍ରାଚୀନ କଳିଙ୍ଗ" ପ୍ରକାଶ ହେବା ପରେ ଏହି ଯୋଜନା ରହସ୍ୟଜନକ ଭାବରେ ବନ୍ଦ ହୋଇଗଲା । ପ୍ରକାଶିତ ପ୍ରଥମ ଭାଗରେ ଡକ୍ଟର ସାହୁ ଏଗାରଟି ଅଧ୍ୟାୟରେ କଳିଙ୍ଗର ପ୍ରାଚୀନ ଇତିହାସ ଓ ସଂସ୍କୃତି ସଂପର୍କରେ ଏକ ତାତ୍ତ୍ୱିକ ସମୀକ୍ଷା ଉପସ୍ଥାପନ କରି-ଅଛନ୍ତି । ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ଲେଖାଯାଇଥିବା କୌଣସି ଇତିହାସ ଗ୍ରନ୍ଥ ଡକ୍ଟର ସାହୁଙ୍କର "ଓଡ଼ିଆ ଜାତିର ଇତିହାସ" ଗ୍ରନ୍ଥ ସହିତ ଭାଷା, ଭାବ ଓ ତଥ୍ୟଗତ ଆଲୋଚନାରେ ସମକକ୍ଷ ହୋଇପାରିନାହିଁ । ଡକ୍ଟର ସାହୁ ଏହି ଗ୍ରନ୍ଥର ଉଦ୍ଦେଶ୍ୟ ସଂପର୍କରେ ମୁଖବନ୍ଧରେ ଲେଖିଛନ୍ତି, ପ୍ରତ୍ନତାତ୍ତ୍ୱିକ ବିଭବରେ ପରିପୂର୍ଣ୍ଣ ଏହି ରାଜ୍ୟର ଗୌରବମୟ ଅତୀତ ତମିସାଚ୍ଛନ୍ନ ହୋଇ ପଡ଼ି ରହିଲେ ଭାରତବର୍ଷର ଇତିହାସ ଯେ ବିକଳାଙ୍ଗ ହୋଇଯିବ ତାହା ସୁନିଶ୍ଚିତ । ଆଞ୍ଚଳିକ ଇତିହାସର ଗବେଷଣା ଓ ନିର୍ମାଣ ଇତିହାସର ପରିପୁଷ୍ଟି ନିମନ୍ତେ ଅତି ଗୁରୁତ୍ୱପୂର୍ଣ୍ଣ । ସେହି ଦୃଷ୍ଟିରୁ ଓଡ଼ିଶା ଇତିହାସର ସୁସଂକଳନ ନିତାନ୍ତ ଆବଶ୍ୟକ । କହିବା ବାହୁଲ୍ୟ ଯେ "ଓଡ଼ିଆ ଜାତିର ଇତିହାସ"ର ତିନୋଟି-ଭାଗ ପ୍ରକାଶ ପାଇ ପାରିଥିଲେ ଡକ୍ଟର ସାହୁଙ୍କର ଏହି ମହନୀୟ ଉଦ୍ଦେଶ୍ୟ ଚରିତାର୍ଥ ହୋଇପାରିଥାନ୍ତା ।

## ପଶ୍ଚିମ ଓଡ଼ିଶାର ଇତିହାସ ସଂକଳନ :

ପଶ୍ଚିମ ଓଡ଼ିଶା ପ୍ରତି ଡକ୍ଟର ସାହୁଙ୍କର ଅଶେଷ ମମତା ଥିଲା । ଏ ଅଞ୍ଚଳର ଇତିହାସ ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ପାଇଁ ସେ ବ୍ୟାକୁଳ ହୋଇ ଉଠୁଥିଲେ । ସେ ଉପଲବ୍ଧି କରିଥିଲେ ଯେ ପଶ୍ଚିମ ଓଡ଼ିଶାର ଇତିହାସ ସଂକଳନ ପାଇଁ ମୋର ସାହାଯ୍ୟ ଅପରିହାର୍ଯ୍ୟ । ଭାରତୀୟ ଲେଖକମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ-ସ୍ତରର ପୁସ୍ତକ ପ୍ରସ୍ତୁତ ପାଇଁ ୟୁ. ଜି. ସି.ର ଏକ ଯୋଜନା

ଥିଲା (Scheme for Preparation oi University Level Books by Indian Authors)। 'ଡକ୍ଟର ସାହୁ' ଏହି ଯୋଜନା ଅନୁସାରେ ପଶ୍ଚିମ ଓଡ଼ିଶାର ଇତିହାସ ସଂକଳନ ପାଇଁ ମୋର ନାମକୁ ସଂପୃକ୍ତ କରି ୟୁ. ଜି. ସି.ର ଅନୁମୋଦନ ଆଣିଲେ। ସେହି ସମୟରେ ମୁଁ ବ୍ରହ୍ମପୁର ଖଲିକୋଟ ସାନ୍ଧ୍ୟ ମହାବିଦ୍ୟାଳୟରେ ଥିଲି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅନୁରୋଧ କ୍ରମେ ଓଡ଼ିଶା ସରକାର ମୋତେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ରୂପେ ଡେପୁଟେସନରେ ପଠାଇଲେ। ୧୯୭୬ଖ୍ରୀ: ଫେବୃଆରୀ ମାସରେ ମୁଁ ଜ୍ୟୋତିବିହାର ଇତିହାସ ବିଭାଗରେ ଯୋଗଦେଲି। ଏହାପରେ ଡକ୍ଟର ସାହୁ ତାଙ୍କର ଗବେଷଣା ଦାୟିତ୍ୱ କ୍ରମେ ମୋ ଉପରେ ନ୍ୟସ୍ତ କଲେ। ତାଙ୍କ ଉଦ୍ଦେଶ୍ୟର ସଫଳୀକରଣ ପାଇଁ ମୁଁ ବଡ଼ ତତ୍ପର ଥିଲି ଏବଂ ଅଧ୍ୟାପନା ଓ ଗବେଷଣାରେ ନିରତ ନିୟୋଜିତ ରହିଲି।

ପଶ୍ଚିମ ଓଡ଼ିଶାର ଇତିହାସ ଓ ସଂସ୍କୃତି ଦୁଇ ଭାଗରେ ଲେଖା ହୋଇଥିଲା। ଇତିହାସ ଉପରେ ଏହାର ପ୍ରଥମ ଭାଗ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅର୍ପିତ ହେଲା ସମୟରେ ଡକ୍ଟର ସାହୁ କୁଳପତି ପଦବୀରେ ଅବସ୍ଥାପିତ ଥିଲେ। ସେ ତାହାର ପ୍ରକାଶନ ପାଇଁ ଉଦ୍ୟମ କରୁଥିଲେ। ମାତ୍ର ତାଙ୍କର ଅପ୍ରତ୍ୟାଶିତ ବିଦାୟ ପରେ ଅବସ୍ଥା ଭିନ୍ନ ରୂପ ନେଲା। ଇତି ମଧ୍ୟରେ ତିନିଜଣ ପ୍ରବୀଣ ଅଧ୍ୟାପକଙ୍କ ଦ୍ୱାରା ପାଣ୍ଡୁଲିପିର ସମୀକ୍ଷା କରାଯାଇ ସାରିଥିଲା ଏବଂ ସେମାନେ ଅନୁକୂଳ ମତ ପ୍ରଦାନ କରିଥିଲେ। ମାତ୍ର ଆର୍ଥିକ ଅସୁବିଧା ଦେଖାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ପ୍ରକାଶନ ବିଷୟରେ ନୀରବ ରହିଲେ।

## ଇତିହାସ ବିଭାଗରେ ପ୍ରବୋଧ ବାବୁଙ୍କର ଯୋଗଦାନ :

ମୋର ବିଶ୍ୱବିଦ୍ୟାଳୟକୁ ଆସିବାର ଅଳ୍ପକାଳ ପରେ ପ୍ରବୋଧ କୁମାର ମିଶ୍ର ଇତିହାସ ବିଭାଗର ପ୍ରାଧ୍ୟାପକ ରୂପେ ଯୋଗଦେଲେ। ସେ ବାରିପଦା ମହାବିଦ୍ୟାଳୟରେ ତଥା ରେଭେନସା କଲେଜରେ ଡକ୍ଟର ସାହୁଙ୍କର ପ୍ରିୟ ଛାତ୍ର ଥିଲେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସ ପ୍ରଣୟନ ଯୋଜନାରେ ଦଶ ମାସ ପାଇଁ ତାଙ୍କର ଗବେଷଣା ସହାୟକ (Research Assistant) ରୂପେ ନିଯୁକ୍ତ ଥିଲେ। ମୁଁ ଓ ପ୍ରବୋଧ ବାବୁ ବ୍ରହ୍ମପୁରରେ ଥିବା ସମୟରେ ଡକ୍ଟର ସାହୁଙ୍କ ସହିତ ସମ୍ମିଳିତ ହୋଇ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ତରଫରୁ ଯୁକ୍ତ ଦୁଇ (+2) ପାଠ୍ୟକ୍ରମ ପାଇଁ ଇଂଲଣ୍ଡ ଇତିହାସ ଲେଖିଥିଲୁ। ଆମ ଦୁହିଁଙ୍କୁ ଜ୍ୟୋତି ବିହାର ଇତିହାସ ବିଭାଗରେ ସମ୍ମିଳିତ କରିବା ପାଇଁ ଡକ୍ଟର ସାହୁ ଅତ୍ୟନ୍ତ ଆଗ୍ରହୀ ଥିଲେ। ପ୍ରବୋଧ

ବାବୁଙ୍କ ପ୍ରତି ଡକ୍ଟର ସାହୁଙ୍କର ସ୍ନେହଶୀଳ ଦୁର୍ବଳତା ଥିଲା । ସେହି ସ୍ନେହ ଓ ସେହି ଦୁର୍ବଳତା ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କଠାରେ ମୁଁ ଲକ୍ଷ୍ୟ କରିଛି । ଡକ୍ଟର ସାହୁ ଯାହାକୁ ଭଲ ପାଉଥିଲେ, ଅବସ୍ଥା ଚକ୍ରରେ ପଡ଼ି ସେ ତାଙ୍କର ଶତ୍ରୁତା କଲେ ମଧ୍ୟ ତାଙ୍କର ଉଦାର ହୃଦୟ ତରି ଯାଉଥିଲା ।

ଜ୍ୟୋତି ବିହାରକୁ ଆସିବା ଆଗରୁ ପ୍ରବୋଧ ବାବୁ ପାଟଣାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ସେହି ସମୟରେ ତାଙ୍କର ପିଏଚ ଡ଼ି. ଡିଗ୍ରୀ ନଥିଲା । ଏହା ତାଙ୍କର ଇଣ୍ଟରଭ୍ୟୁ ସମୟରେ ଏକ ଅପ୍ରତ୍ୟାଶିତ ପ୍ରତିବନ୍ଧକ ସୃଷ୍ଟି କଲା । ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ପଦବୀ ପାଇଁ ପିଏଚ. ଡ଼ି. ଡିଗ୍ରୀ ଅତ୍ୟାବଶ୍ୟକ ଯୋଗ୍ୟତାଥିଲା । ଏହି କାରଣରୁ କୁଳପତି ପ୍ରଫେସର ଭୁବନେଶ୍ୱର ବେହେରା ପ୍ରବୋଧ ବାବୁଙ୍କୁ ଇଣ୍ଟରଭ୍ୟୁ କକ୍ଷକୁ ଡାକିବାକୁ ରାଜି ହେଲେ ନାହିଁ । କୁଳପତି ବେହେରାଙ୍କ ପ୍ରତି ଡକ୍ଟର ସାହୁଙ୍କର ଅଗାଧ ଶ୍ରଦ୍ଧା ଥିଲା । ସେ ତାଙ୍କୁ କେବେ କିଛି ପ୍ରତିବାଦ କରି ନଥିଲେ । ମାତ୍ର କଷ୍ଟ ବାହାରେ ଅପେକ୍ଷାରତ ପ୍ରିୟ ଛାତ୍ରକୁ ସାହାଯ୍ୟ କରିବା ପାଇଁ ସେ ନୀତି ନିୟମକୁ ଉପେକ୍ଷା କଲେ । ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହେଲା । ପ୍ରବୋଧ ବାବୁ ଦୁଇବର୍ଷ ମଧ୍ୟରେ ପିଏଚ.ଡ଼ି ଥେସିସ୍ ଦେବେ ବୋଲି ଡକ୍ଟର ସାହୁ ଲିଖିତ ପ୍ରତିଶ୍ରୁତି ଦେବା ସତ୍ତ୍ୱେ କୁଳପତି ମୁଣ୍ଡ ନୁଆଁଇଲେ ନାହିଁ । ଶେଷରେ ଡକ୍ଟର ସାହୁ ଇଣ୍ଟରଭ୍ୟୁ କକ୍ଷ ଛାଡ଼ି ଚାଲି ଆସୁଥିଲେ । ମାତ୍ର କୁଳପତି ସେଦିନର ଅଭିନୟକୁ ସେତିକରେ ଇତି କରି ହସିଦେଲେ । ଡକ୍ଟର ସାହୁଙ୍କର ବିଜୟ ହେଲା । ପ୍ରବୋଧ ବାବୁ ଇଣ୍ଟରଭ୍ୟୁ ଦେଇ ନିଯୁକ୍ତି ପାଇଲେ । ପ୍ରିୟ ଛାତ୍ର ମାନଙ୍କୁ ସାହାଯ୍ୟ କରିବା ପାଇଁ ଡକ୍ଟର ସାହୁଙ୍କର ବ୍ୟଗ୍ରତା ଏଥିରୁ ଅନୁମିତ ହୁଏ । ବସ୍ତୁତଃ ଯେଉଁମାନେ ଡକ୍ଟର ସାହୁଙ୍କର ସ୍ନେହ, ସମର୍ଥନ ଓ ଆଶୀଷ ପାଇଁ ତାଙ୍କର ସହକର୍ମୀ ହୋଇଥିଲେ ସେମାନେ ସମସ୍ତେ ଆଜି ଉତ୍ତରୋତ୍ତର ଉନ୍ନତି କରି ଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରବୋଧ ବାବୁଙ୍କର ଯୋଗଦାନ ଇତିହାସ ବିଭାଗ ପାଇଁ ଏକ ଯୁଗାନ୍ତକାରୀ ଘଟଣା ଥିଲା । ଏହାପରେ ଏହି ବିଭାଗର ରୂପ ରଙ୍ଗ ରସ ସବୁକିଛି କ୍ରମେ ବଦଳିଗଲା । ଡଃ ସାହୁ ଯେ ଜଣେ ଯୋଗ୍ୟ ଲୋକଙ୍କୁ ବାଛିଥିଲେ ପରବର୍ତ୍ତୀ କାଳରେ ନିଜ ଯୋଗ୍ୟତା ଦ୍ୱାରା ପ୍ରବୋଧବାବୁ ପ୍ରମାଣିତ କରିଯାଇଛନ୍ତି ।

## ନାଳନ୍ଦା ପ୍ରକାଶନ :

ମୁଁ ଓ ପ୍ରବୋଧ ବାବୁ ଜ୍ୟୋତି ବିହାରରେ ଯୋଗଦେଲା ପରେ ନାଳନ୍ଦା ପ୍ରକାଶନ, କଟକର ଦୃଷ୍ଟି ଇତିହାସ ବିଭାଗ ଉପରେ ପଡ଼ିଲା । ନାଳନ୍ଦା ସଂସ୍ଥାର ପରିଚାଳକ ଶୁକଦେବ ସାହୁ ଜ୍ୟୋତି ବିହାର ଆସି କଲେଜ ପାଠ୍ୟ ପୁସ୍ତକ ସଂପର୍କରେ ଏକ ଯୋଜନା ଡକ୍ଟର ସାହୁଙ୍କୁ ଦେଲେ । ଶୁକଦେବ

ବାବୁଙ୍କ ସହିତ ଆମ ତିନିଜଣଙ୍କର ଆନ୍ତରିକ ଆଲୋଚନା ହେଲା । ଫଳରେ ଆମେ +2 ପାଠ୍ୟକ୍ରମର ପୃଥିବୀ ଇତିହାସ (World History) ଓ ମଧ୍ୟଯୁଗୀୟ ଭାରତ (Medieval India) ଲେଖିଲୁ । ପୃଥିବୀ ଇତିହାସ ଆମ ତିନିଜଣଙ୍କ ନାମରେ ଏବଂ ମଧ୍ୟଯୁଗୀୟ ଇତିହାସ ପ୍ରବୋଧ ବାବୁ ଓ ମୋର ନାମରେ ପ୍ରକାଶିତ ହେଲା । ନାଳନ୍ଦା ପାଇଁ ଆମ ତିନି ଜଣଙ୍କର ଶ୍ରେଷ୍ଠ ଅବଦାନ ଥିଲା ଓଡ଼ିଶାର ଇତିହାସ (History of Orissa) । ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଶାର ତଥ୍ୟମୂଳକ ରାଜନୈତିକ ଇତିହାସ ଗୋଟିଏ ଗ୍ରନ୍ଥରେ ପ୍ରଥମ ଥର ପାଇଁ ଆତ୍ମପ୍ରକାଶ କଲା ଏବଂ ଓଡ଼ିଶା ତଥା ଓଡ଼ିଶା ବାହାରେ ଅପ୍ରତ୍ୟାଶିତ ଭାବରେ ଲୋକପ୍ରିୟ ହେଲା । ପରବର୍ତ୍ତୀ ସଂସ୍କରଣରେ ଏହି ପୁସ୍ତକରେ କେତେକ ଦୋଷତ୍ରୁଟି ସଂଶୋଧନ କରିବା ପାଇଁ ଡ଼କ୍ଟର ସାହୁ ଚାହିଁଥିଲେ । ମାତ୍ର ଇତି ମଧ୍ୟରେ ଶୁକଦେବ ବାବୁଙ୍କ ସ୍ୱାସ୍ଥ୍ୟ ଭଗ୍ନ ହେଲା ଏବଂ କାମଚଳା ପରିଚାଳକ ପରିବର୍ତ୍ତନ ଯଥାର୍ଥ ହେଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ଚାହିଁଲେ ନାହିଁ । ପୁସ୍ତକର ଅନେକ ସଂସ୍କରଣ ବାହାରିଛି ଏବଂ ମୁଦ୍ରଣ ତ୍ରୁଟିର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ମାତ୍ର ଡ଼କ୍ଟର ସାହୁଙ୍କ ନାମରେ ଏହାର ଲୋକପ୍ରିୟତା ଅବ୍ୟାହତ ରହିଛି ।

## ପ୍ରତ୍ନତାତ୍ତ୍ୱିକ ଭୂଖୋଦନ :

ଡ଼କ୍ଟର ସାହୁ ପ୍ରାଚୀନ ଭାରତର ଇତିହାସ ପ୍ରତି ଛାତ୍ରାବସ୍ଥାରୁ ଆଗ୍ରହୀ ଥିଲେ । ସେ ଜାଣିଥିଲେ ଯେ ପ୍ରାଚୀନ ଇତିହାସ ଓ ପ୍ରତ୍ନତତ୍ତ୍ୱ ପରସ୍ପରର ପରିପୂରକ । ସେଥିପାଇଁ ସେ ପ୍ରତ୍ନତତ୍ତ୍ୱ ବିଷୟରେ ଅଭିଜ୍ଞତା ଅର୍ଜନ ପାଇଁ ତତ୍ପର ଥିଲେ । ଏ ସମ୍ପର୍କରେ ସେ କୌଣସି ବିଧିବଦ୍ଧ ତାଲିମ ପାଇନଥିଲେ । ଏହା ଥିଲା ତାଙ୍କ ଜୀବନର ଏକ ଅବଶୋଷ । ଏହି ଅଭାବର ପୂରଣ ପାଇଁ ସେ ବ୍ୟକ୍ତିଗତ ଉଦ୍ୟମ କରିଥିଲେ । ଛାତ୍ରାବସ୍ଥାରେ ମଧ୍ୟ ୧୯୪୭-୪୮ରେ ଉତ୍ତର ପ୍ରଦେଶର କୌଶାମ୍ବୀ ଭୂଖୋଦନ ସମୟରେ ଏବଂ ୧୯୪୮ରେ ଭୁବନେଶ୍ୱର ନିକଟସ୍ଥ ଶିଶୁପାଳ ଗଡ଼ ଭୂଖୋଦନ ସମୟରେ ସେ ସେହି ସ୍ଥାନମାନ ପରିଦର୍ଶନ କରି ପ୍ରତ୍ନତତ୍ତ୍ୱ ସଂପର୍କରେ ଅନେକ କଥା ଶିଖିଥିଲେ । ରେଭେନ୍‌ସା କଲେଜରେ ଅଧ୍ୟାପକ ଥିବା ସମୟରେ ୧୯୫୭ରେ ଭୁଆପୁଣୀ ପାହାଡ଼ ଓ ୧୯୫୬ରେ ଜଉଗଡ଼ ଖୋଦନରେ ଅଂଶ ଗ୍ରହଣ କରି ଏ ସଂପର୍କୀୟ ପ୍ରାରମ୍ଭିକ ଅଭିଜ୍ଞତା ମଧ୍ୟ ଅର୍ଜନ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେବା ପରେ ଡକ୍ଟର ସାହୁ ଓଡ଼ିଶା ସାଂସ୍କୃତିକ ବିଭାଗ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ କଳାହାଣ୍ଡି ଜିଲ୍ଲାର ନର୍ଲା ନିକଟସ୍ଥ ଅସୁରଗଡର

ବାବୁଙ୍କ ପ୍ରତି ଡକ୍ଟର ସାହୁଙ୍କର ସ୍ନେହଶୀଳ ଦୁର୍ବଳତା ଥିଲା । ସେହି ସ୍ନେହ ଓ ସେହି ଦୁର୍ବଳତା ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କଠାରେ ମୁଁ ଲକ୍ଷ୍ୟ କରିଛି । ଡକ୍ଟର ସାହୁ ଯାହାଙ୍କୁ ଭଲ ପାଉଥିଲେ, ଅବସ୍ଥା ଚକ୍ରରେ ପଡ଼ି ସେ ତାଙ୍କର ଶତ୍ରୁତା କଲେ ମଧ୍ୟ ତାଙ୍କର ଉଦାର ହୃଦୟ କ୍ଷମି ଦେଉଥିଲା ।

ଜ୍ୟୋତି ବିହାରକୁ ଆସିବା ଆଗରୁ ପ୍ରବୋଧ ବାବୁ ପାଟଣାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ସେହି ସମୟରେ ତାଙ୍କର ପିଏଚ ଡ଼ି. ଡ଼ିଗ୍ରୀ ନଥିଲା । ଏହା ତାଙ୍କର ଇଣ୍ଟରଭ୍ୟୁ ସମୟରେ ଏକ ଅପ୍ରତ୍ୟାଶିତ ପ୍ରତିବନ୍ଧକ ସୃଷ୍ଟି କଲା । ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଚାକିରୀ ପାଇଁ ପିଏଚ. ଡ. ଡ଼ିଗ୍ରୀ ଅତ୍ୟାବଶ୍ୟକ ଯୋଗ୍ୟତାଥିଲା । ଏହି କାରଣରୁ କୁଳପତି ପ୍ରଫେସର ଭୁବନେଶ୍ୱର ବେହେରା ପ୍ରବୋଧ ବାବୁଙ୍କୁ ଇଣ୍ଟରଭ୍ୟୁ କକ୍ଷକୁ ଡାକିବାକୁ ରାଜି ହେଲେ ନାହିଁ । କୁଳପତି ବେହେରାଙ୍କ ପ୍ରତି ଡ଼କ୍ଟର ସାହୁଙ୍କର ଅଗାଧ ଶ୍ରଦ୍ଧା ଥିଲା । ସେ ତାଙ୍କୁ କେବେ କିଛି ପ୍ରତିବାଦ କରି ନଥିଲେ । ମାତ୍ର କକ୍ଷ ବାହାରେ ଅପେକ୍ଷାରତ ପ୍ରିୟ ଛାତ୍ରଙ୍କୁ ସାହାଯ୍ୟ କରିବା ପାଇଁ ସେ ନୀତି ନିୟମକୁ ଉପେକ୍ଷା କଲେ । ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହେଲା । ପ୍ରବୋଧ ବାବୁ ଦୁଇବର୍ଷ ମଧ୍ୟରେ ପିଏଚ.ଡ଼ି ଥେସିସ୍ ଦେବେ ବୋଲି ଡ଼କ୍ଟର ସାହୁ ଲିଖିତ ପ୍ରତିଶ୍ରୁତି ଦେବା ସତ୍ତ୍ୱେ କୁଳପତି ମୁଣ୍ଡ ନୁଆଁଇଲେ ନାହିଁ । ଶେଷରେ ଡ଼କ୍ଟର ସାହୁ ଇଣ୍ଟରଭ୍ୟୁ କକ୍ଷ ଛାଡ଼ି ଚାଲି ଆସୁଥିଲେ । ମାତ୍ର କୁଳପତି ସେଦିନର ଅଭିନୟକୁ ସେଠିକରେ ଇତି କରି ହସିଦେଲେ । ଡ଼କ୍ଟର ସାହୁଙ୍କର ବିଜୟ ହେଲା । ପ୍ରବୋଧ ବାବୁ ଇଣ୍ଟରଭ୍ୟୁ ଦେଇ ନିଯୁକ୍ତି ପାଇଲେ । ପ୍ରିୟ ଛାତ୍ର ମାନଙ୍କୁ ସାହାଯ୍ୟ କରିବା ପାଇଁ ଡକ୍ଟର ସାହୁଙ୍କର ବ୍ୟଗ୍ରତା ଏଥିରୁ ଅନୁମିତ ହୁଏ । ବସ୍ତୁତଃ ଯେଉଁମାନେ ଡକ୍ଟର ସାହୁଙ୍କର ସ୍ନେହ, ସମର୍ଥନ ଓ ଆଶୀଷ ପାଇଁ ତାଙ୍କର ସହକର୍ମୀ ହୋଇଥିଲେ ସେମାନେ ସମସ୍ତେ ଆଜି ଉତ୍କର୍ଷର ଉନ୍ନତି କରି ଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରବୋଧ ବାବୁଙ୍କର ଯୋଗଦାନ ଇତିହାସ ବିଭାଗ ପାଇଁ ଏକ ଯୁଗାନ୍ତକାରୀ ଘଟଣା ଥିଲା । ଏହାପରେ ଏହି ବିଭାଗର ରୂପ ରଙ୍ଗ ରସ ସବୁକିଛି କ୍ରମେ ବଦଳିଗଲା । ଡଃ ସାହୁ ଯେ ଜଣେ ଯୋଗ୍ୟ ଲୋକଙ୍କୁ ବାଛିଥିଲେ ପରବର୍ତ୍ତୀ କାଳରେ ନିଜ ଯୋଗ୍ୟତା ଦ୍ୱାରା ପ୍ରବୋଧବାବୁ ପ୍ରମାଣିତ କରିଯାଇଛନ୍ତି ।

## ନାଳନ୍ଦା ପ୍ରକାଶନ :

ମୁଁ ଓ ପ୍ରବୋଧ ବାବୁ ଜ୍ୟୋତି ବିହାରରେ ଯୋଗଦେଲା ପରେ ନାଳନ୍ଦା ପ୍ରକାଶନ, କଟକର ଦୃଷ୍ଟି ଇତିହାସ ବିଭାଗ ଉପରେ ପଡ଼ିଲା । ନାଳନ୍ଦା ସଂସ୍ଥାର ପରିଚାଳକ ଶୁକଦେବ ସାହୁ ଜ୍ୟୋତି ବିହାର ଆସି କଲେଜ ପାଠ୍ୟ ପୁସ୍ତକ ସଂପର୍କରେ ଏକ ଯୋଜନା ଡ଼କ୍ଟର ସାହୁଙ୍କୁ ଦେଲେ । ଶୁକଦେବ

ତାଙ୍କ ସହିତ ଆମ ତିନିଜଣଙ୍କର ଆନ୍ତରିକ ଆଲୋଚନା ହେଲା । ଫଳରେ ଆମେ +2 ପାଠ୍ୟକ୍ରମର ପୃଥିବୀ ଇତିହାସ (World History) ଓ ମଧ୍ୟଯୁଗୀୟ ଭାରତ (Medieval India) ଲେଖିଲୁ । ପୃଥିବୀ ଇତିହାସ ଆମ ତିନିଜଣଙ୍କ ନାମରେ ଏବଂ ମଧ୍ୟଯୁଗୀୟ ଇତିହାସ ପ୍ରବୋଧ ବାବୁ ଓ ମୋର ନାମରେ ପ୍ରକାଶିତ ହେଲା । ନାଳନ୍ଦା ପାଇଁ ଆମ ତିନି ଜଣଙ୍କର ଶ୍ରେଷ୍ଠ ଅବଦାନ ଥିଲା ଓଡ଼ିଶାର ଇତିହାସ (History of Orissa) । ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଶାର ତଥ୍ୟମୂଳକ ରାଜନୈତିକ ଇତିହାସ ଗୋଟିଏ ଗ୍ରନ୍ଥରେ ପ୍ରଥମ ଥର ପାଇଁ ଆତ୍ମପ୍ରକାଶ କଲା ଏବଂ ଓଡ଼ିଶା ତଥା ଓଡ଼ିଶା ବାହାରେ ଅପ୍ରତ୍ୟାଶିତ ଭାବରେ ଲୋକପ୍ରିୟ ହେଲା । ପରବର୍ତ୍ତୀ ସଂସ୍କରଣରେ ଏହି ପୁସ୍ତକରେ କେତେକ ଦୋଷତ୍ରୁଟି ସଂଶୋଧନ କରିବା ପାଇଁ ଡ଼କ୍ଟର ସାହୁ ଚାହୁଁଥିଲେ । ମାତ୍ର ଇତି ମଧ୍ୟରେ ଶୁକଦେବ ବାବୁଙ୍କ ସ୍ୱାସ୍ଥ୍ୟ ଭଗ୍ନ ହେଲା ଏବଂ କାମଚଳା ପରିଚାଳକ ପରିବର୍ତ୍ତନ ଯଥାର୍ଥ ହେଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ଚାହୁଁଲେ ନାହିଁ । ପୁସ୍ତକର ଅନେକ ସଂସ୍କରଣ ବାହାରିଛି ଏବଂ ମୁଦ୍ରଣ ତ୍ରୁଟିର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ମାତ୍ର ଡ଼କ୍ଟର ସାହୁଙ୍କ ନାମରେ ଏହାର ଲୋକପ୍ରିୟତା ଅବ୍ୟାହତ ରହିଛି ।

## ପ୍ରତ୍ନତାତ୍ତ୍ୱିକ ଭୂଖୋଦନ :

ଡ଼କ୍ଟର ସାହୁ ପ୍ରାଚୀନ ଭାରତର ଇତିହାସ ପ୍ରତି ଛାତ୍ରାବସ୍ଥାରୁ ଆଗ୍ରହୀ ଥିଲେ । ସେ ଜାଣିଥିଲେ ଯେ ପ୍ରାଚୀନ ଇତିହାସ ଓ ପ୍ରତ୍ନତତ୍ତ୍ୱ ପରସ୍ପରର ପରିପୂରକ । ସେଥିପାଇଁ ସେ ପ୍ରତ୍ନତତ୍ତ୍ୱ ବିଷୟରେ ଅଭିଜ୍ଞତା ଅର୍ଜନ ପାଇଁ ତତ୍ପର ଥିଲେ । ଏ ସମ୍ପର୍କରେ ସେ କୌଣସି ବାଧ୍ୟବାଧକ ତାଲିମ ପାଇନଥିଲେ । ଏହା ଥିଲା ତାଙ୍କ ଜୀବନର ଏକ ଅବଶୋଷ । ଏହି ଅଭାବର ପୂରଣ ପାଇଁ ସେ ବ୍ୟକ୍ତିଗତ ଉଦ୍ୟମ କରିଥିଲେ । ଛାତ୍ରାବସ୍ଥାରେ ମଧ୍ୟ ୧୯୪୭-୪୮ରେ ଉତ୍ତର ପ୍ରଦେଶର କୌଶାମ୍ବୀ ଭୂଖୋଦନ ସମୟରେ ଏବଂ ୧୯୪୮ରେ ଭୁବନେଶ୍ୱର ନିକଟସ୍ଥ ଶିଶୁପାଳ ଗଡ଼ ଭୂଖୋଦନ ସମୟରେ ସେ ସେହି ସ୍ଥାନମାନ ପରିଦର୍ଶନ କରି ପ୍ରତ୍ନତତ୍ତ୍ୱ ସଂପର୍କରେ ଅନେକ କଥା ଶିଖିଥିଲେ । ରେଭେନସା କଲେଜରେ ଅଧ୍ୟାପକ ଥିବା ସମୟରେ ୧୯୫୬ରେ ଭୁଆସୁଣୀ ପାହାଡ଼ ଓ ୧୯୫୭ରେ ଜଉଗଡ଼ ଖୋଦନରେ ଅଂଶ ଗ୍ରହଣ କରି ଏ ସଂପର୍କୀୟ ପ୍ରାରମ୍ଭିକ ଅଭିଜ୍ଞତା ମଧ୍ୟ ଅର୍ଜନ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେବା ପରେ ଡ଼କ୍ଟର ସାହୁ ଓଡ଼ିଶା ସାଂସ୍କୃତିକ ବିଭାଗ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ କଳାହାଣ୍ଡି ଜିଲ୍ଲାର ନର୍ଲା ନିକଟସ୍ଥ ଅସୁରଗଡ଼ର

ଭୂଖୋଦନ କାର୍ଯ୍ୟରେ ନେତୃତ୍ୱ ନେଇଥିଲେ । ଏହି ଖୋଦନ କାର୍ଯ୍ୟ ୧୯୭୩ ଖ୍ରୀ: ଫେବୃଆରୀ ୧୪ ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ କ୍ରମାଗତ ଭାବେ ଗୋଟିଏ ମାସ ଚାଲିଥିଲା । ଏଥିରୁ ଡ଼କ୍ଟର ସାହୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତକରୁ ଖ୍ରୀଷ୍ଟୀୟ ପଞ୍ଚମ ଶତକ ପର୍ଯ୍ୟନ୍ତ ସମୟର ଅନେକ ପ୍ରାଚୀନ ଜିନିଷ ଓ ତଥ୍ୟ ସଂଗ୍ରହ କରିଥିଲେ । ୧୯୭୮ ଖ୍ରୀ:ରେ ଡ଼କ୍ଟର ସାହୁ ଆଧୁନିକ ବରଗଡ଼ ଜିଲ୍ଲାର ମେଲଛି-ମୁଣ୍ଡାର ୧୦ କିଲୋମିଟର ଦୂରରେ ଅଙ୍ଗ ଉପତ୍ୟକାର ଗଣିଆପାଲି ଠାରେ ଏକ ମୁଚଲିନ୍ଦ ବୌଦ୍ଧ ବିହାରର ଅଂଶ ବିଶେଷ ଉଦ୍ଧାର କରିଥିଲେ । ଏଠାରେ ମୁଚଲିନ୍ଦ ବୁଦ୍ଧଙ୍କର ଦୁଇଟି ପୂର୍ଣ୍ଣାଙ୍ଗ ମୂର୍ତ୍ତି ଆଗରୁ ଆବିଷ୍କୃତ ହୋଇଥିଲା । ଏହି ବିହାର ଖ୍ରୀଷ୍ଟୀୟ ପଞ୍ଚମ ଶତକରେ ପ୍ରତିଷ୍ଠିତ ଥିଲା ବୋଲି ଡ଼କ୍ଟର ସାହୁ ମତ ଦେଇଛନ୍ତି ।

ଡ଼କ୍ଟର ସାହୁ ସୋନପୁର ନିକଟସ୍ଥ ଅସୁରଗଡ଼ ଠାରେ ଏକ ପ୍ରାଚୀନ ସଭ୍ୟତାର ସନ୍ଧାନ ପାଇଥିଲେ ଏବଂ କୁଳପତି ଥିବା ସମୟରେ ପୁନା ବିଶ୍ୱ-ବିଦ୍ୟାଳୟର ପ୍ରତ୍ନତତ୍ତ୍ୱବିତ୍ ଡ଼କ୍ଟର ହଂସମୁଖ ଧିରଜଲାଲ ସାଂକାଲିଆଙ୍କ ସହଯୋଗରେ ସେଠାରେ ଭୂଖୋଦନ କାର୍ଯ୍ୟ ଆରମ୍ଭ କରିଥିଲେ । ସେଠାରେ ରାମାୟଣ କାଳୀନ ସଭ୍ୟତାର ସଂକେତ ମିଳିପାରିବ ବୋଲି ସେ ଯେଉଁ ଆଶା କରିଥିଲେ ତାହା ଫଳବତୀ ହୋଇପାରିଲା ନାହିଁ । ଅଳ୍ପ କାଳ ପରେ ଏହି ଯୋଜନାରୁ ଡ଼କ୍ଟର ସାଂକାଲିଆ ଓହରି ଗଲେ । ଡ଼କ୍ଟର ସାହୁ ମଧ୍ୟ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ କୁଳପତି ପଦରୁ ଅବ୍ୟାହତି ନେଲେ । ଫଳରେ ଅସୁରଗଡ଼ ଭୂଖୋଦନ ଅସଂପୂର୍ଣ୍ଣ ହୋଇ ରହିଗଲା । ଏହାପରେ କେନ୍ଦ୍ରୀୟ ବିହାର ଇତିହାସ ବିଭାଗର ପ୍ରତ୍ନତତ୍ତ୍ୱ ଗ୍ରୁପରଣ ଅଧ୍ୟାପକମାନଙ୍କ ନେତୃତ୍ୱରେ ତାଲିମ ସ୍ୱରୂପ ସେଠାରେ କେତେକ ଟ୍ରେଞ୍ଚ ଖୋଳିଥିଲେ । ମୋଟା ମୋଟି ଭାବରେ ସୋନପୁରର ଅସୁରଗଡ଼ ଭୂଖୋଦନ କାର୍ଯ୍ୟ ସଫଳ ହୋଇ ପାରିନଥିଲା ।

ଡକ୍ଟର ସାହୁ ଓଡ଼ିଶା ସରକାରଙ୍କର ପ୍ରତ୍ନତାତ୍ତ୍ୱିକ ଉପଦେଷ୍ଟା ରୂପେ ଅବସ୍ଥାପିତ ଥିବା ସମୟରେ ଖଡ଼ିଆଳର ନୂଆପଡ଼ା ନିକଟସ୍ଥ ମାରିଗୁଡ଼ା ଉପତ୍ୟକାରେ କେତେକ ଭୂଖୋଦନ କରିଥିଲେ । ବହୁ ଆଗରୁ ଏହି ଅଞ୍ଚଳ ସହିତ ସେ ସଂଶ୍ଲିଷ୍ଟ ଥିଲେ ଏବଂ ଏହିଠାରେ ହିଁ ଖ୍ରୀଷ୍ଟୀୟ ଷଷ୍ଠ ସପ୍ତମ ଶତକରେ ଦକ୍ଷିଣ କୋଶଳର ରାଜଧାନୀ ଶରଭପୁର ଅବସ୍ଥିତ ଥିଲା ବୋଲି ମତ ପ୍ରଦାନ କରୁଥିଲେ । ଖଡ଼ିଆଳ ଯୁବରାଜ ଜିତାମିତ୍ର ସିଂହଦେଓ ତାଙ୍କୁ ମାରିଗୁଡ଼ା ଅଞ୍ଚଳର ଇତିହାସ ଉଦ୍‌ଘାଟନ କରିବା ପାଇଁ ସାହାଯ୍ୟ କରିଥିଲେ । ଏଠାକାର ଭୂଖୋଦନରୁ ଡକ୍ଟର ସାହୁ ନନ୍ଦଯୁଗର ଏକ ଶାକ୍ତପୀଠ ଆବିଷ୍କାର କରିଥିଲେ ।

ସେଠାରେ ମିଳିଥିବା ଏକ ଦ୍ୱିଭୂଜାଦେବୀ ମୂର୍ତ୍ତିର ତଳେ ଗୁପ୍ତକାଳୀନ ବ୍ରାହ୍ମୀ ଲିପିରେ ଦେବୀଙ୍କର ନାମ "ମାହେଶ୍ୱରୀ ଭବଦା" ଉଲ୍ଲେଖ ଥିବାର ସେ ପାଠ କରିଥିଲେ ଏବଂ ଏହା ନଳବଂଶ ନରପତି ଭବଦତ୍ତ ବର୍ମନ୍‌ଙ୍କ କୀର୍ତ୍ତି ବୋଲି ମତ ପ୍ରକାଶ କରିଥିଲେ ।

ପ୍ରତ୍ନତତ୍ତ୍ୱ ସଂପର୍କରେ କୌଣସି ଡିଗ୍ରୀ ବା ଡିପ୍ଲୋମା ନ ଥାଇ ଏବଂ ଏହିପରି ଏକ ବୈଷୟିକ ବିଦ୍ୟାକୁ ବ୍ୟକ୍ତିଗତ ଉଦ୍ୟମରେ ଆୟତ୍ତ କରି ଡକ୍ଟର ସାହୁ ଓଡ଼ିଶା ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ଉପଦେଷ୍ଟା ପଦବୀକୁ ଉନ୍ନୀତ ହୋଇ-ପାରିଥିଲେ । ଏଥିରୁ ତାଙ୍କର ପ୍ରଚଣ୍ଡ ପ୍ରତିଭାର ପରିଚୟ ମିଳିଥାଏ ।

## ରୁଷିଆ ପରିଦର୍ଶନ :

୧୯୭୫ ଖ୍ରୀ:ରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡକ୍ଟର ସାହୁ ରୁଷିଆ ପରିଦର୍ଶନରେ ଯାଇଥିଲେ । ଏହା ତାଙ୍କର କର୍ମମୟ ଜୀବନର ଆଉ ଏକ ଗୌରବ ଥିଲା । ରୁଷିଆରେ ସେ ଅନେକ ଐତିହାସିକ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ଲେନିନ୍‌ଗାର୍ଡ଼, ସମରକନ୍ଦ, ଦୁଷାନ୍‌ବେ ଓ ହିସାର ପାହାଡ଼ରେ ଭୂଖୋଦନର ପ୍ରତ୍ନତାତ୍ତ୍ୱିକ ଅନୁଧ୍ୟାନ ପାଇଁ ସୁଯୋଗ ପାଇଥିଲେ । ଦୁଷାନ୍‌ବେର ଏକ ଆଲୋଚନା ସଭାରେ ସେ ତାଙ୍କର ଅଭିଜ୍ଞତା ସଂପର୍କରେ ଭାଷଣ ଦେଇ-ଥିଲେ । ସେ କହନ୍ତି ଯେ ଏକ ବିଶ୍ୱବିଦ୍ୟାଳୟରେ ତାଙ୍କୁ ଓଡ଼ିଆ ଭାଷାରେ କିଛି କହିବା ପାଇଁ ଅନୁରୋଧ କରାଯାଇଥିଲା ଏବଂ ସେହି ଅବସରରେ ସେ ସେଠାକାର ଲୋକଙ୍କୁ ଗଙ୍ଗାଧର ମେହେରଙ୍କ ସଂପର୍କରେ ବୁଝାଇଥିଲେ । ତାଙ୍କ ମତରେ ତାହା ଥିଲା ଜନ୍ମମାଟିର କବିଙ୍କ ପ୍ରତି ତାଙ୍କର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

## ଲଙ୍କାର ଅନ୍ୱେଷଣ :

ଶ୍ରୀ ପ୍ରଫୁଲ୍ଲ କୁମାର ଦାସ (ସବ୍ୟସାଚୀ)ଙ୍କ ଭାଷାରେ ଡକ୍ଟର ନବୀନ କୁମାର ସାହୁ ଇତିହାସ ପୃଷ୍ଠାର ନବୀକରଣ କରି ତାଙ୍କର 'ନବୀନ' ନାମକୁ ସାର୍ଥକ କରିଯାଇଅଛନ୍ତି । (ସ୍ମରଣିକା, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୦, ପୃଷ୍ଠା ୫୧) ଏହାର ଅନେକ ଦୃଷ୍ଟାନ୍ତ ଆମ୍ଭେମାନେ ଡକ୍ଟର ସାହୁଙ୍କର ବିଭିନ୍ନ ଲେଖାରୁ ପାଇଥାଉଁ । ମାତ୍ର ସବୁଠାରୁ ଚିତ୍ତାକର୍ଷକ ଉଦାହରଣ ଦେଖିବାକୁ ମିଳେ ଯେତେବେଳେ ସେ ଆଧୁନିକ ସୋନପୁର (ସୁବର୍ଣ୍ଣପୁର)କୁ ରାମାୟଣ ଯୁଗର ସୁବର୍ଣ୍ଣପୁରୀ ଲଙ୍କା ସହିତ ପରିଚିହ୍ନିତ କରିଥାନ୍ତି ।

ଡ଼କ୍ଟର ସାହୁ ତାଙ୍କ ପିଏଚ୍. ଡ଼ି. ସନ୍ଦର୍ଭ "ଓଡ଼ିଶାରେ ବୌଦ୍ଧଧର୍ମ"ରେ ବଳିଷ୍ଠ ଯୁକ୍ତି ଓ ତଥ୍ୟର ଆଧାରରେ ପ୍ରମାଣ କଲେ ଯେ ଓଡ଼ିଶା ହିଁ ବଜ୍ରଯାନ ତନ୍ତ୍ରର ଜନ୍ମସ୍ଥାନ ଉଡ଼ିଡ଼ୀୟାନ ପୀଠ, ଏହି ଧର୍ମର ପ୍ରବର୍ତ୍ତକ ଇନ୍ଦ୍ରଭୂତିଙ୍କର ସମ୍ବଲ ରାଜ୍ୟ ସମ୍ବଲପୁର ଅଟେ ଏବଂ ଇନ୍ଦ୍ରଭୂତିଙ୍କ ଭଗ୍ନୀ ସହଜଯାନର ପ୍ରବର୍ତ୍ତିକା ଲକ୍ଷ୍ମୀଙ୍କରା, ଲଙ୍କା ରାଜ୍ୟର ରାଜବଧୂ ଥିଲେ ଯେଉଁ ଲଙ୍କା ଆଧୁନିକ ସୋନପୁରରେ ଅବସ୍ଥିତ ଥିଲା । ସୋମବଂଶୀ ରାଜା କୁମାର ସୋମେଶ୍ୱରଙ୍କ ସୋନପୁର ତାମ୍ର ଫଳକ ଏବଂ ତେଲୁଗୁ-ଚୋଡ଼ ନରପତି ସୋମେଶ୍ୱର ଦେବ ବର୍ମନଙ୍କର ମହାଦା ତାମ୍ର ଫଳକ ଅଭିଲେଖରୁ ଜଣାଯାଏ ଯେ ସୋନପୁର ପଶ୍ଚିମ ଲଙ୍କା ବା ଲଙ୍କା ରାଜ୍ୟ ରୂପେ ଅଭିହିତ ଥିଲା । ତନ୍ତ୍ର ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ମଧ୍ୟ-ଯୁଗର ଲଙ୍କା ଯେ ନିଶ୍ଚିତ ଭାବରେ ସୋନପୁରରେ ଥିଲା ଡକ୍ଟର ସାହୁଙ୍କର ଏହି ତଥ୍ୟ ଅନେକ ଗବେଷକଙ୍କ ଦ୍ୱାରା ସ୍ୱୀକୃତ ଓ ଅଭିନନ୍ଦିତ ହୋଇଅଛି । ମାତ୍ର ପରେ ଡ଼କ୍ଟର ସାହୁ ଯେତେବେଳେ ତନ୍ତ୍ର ପୀଠ ସୋନପୁର ଲଙ୍କା ଏବଂ ରାବଣର ଲଙ୍କା ରାଜ୍ୟ ଏକ ଓ ଅଭିନ୍ନ ବୋଲି ମତ ଦେଲେ ଏ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ବିଶୃଙ୍ଖଳା ଖେଳିଗଲା । କେତେକ ତାଙ୍କର ମତକୁ ମାନିନେଲେ, କେତେକ ବିରୋଧ କଲେ ଏବଂ କେତେକ ଅଶୋଭନୀୟ ମନ୍ତବ୍ୟ ମଧ୍ୟ ପ୍ରଦାନ କଲେ ।

ସିଂହଳ ଦ୍ୱୀପ ପ୍ରାଚୀନ କାଳର ଲଙ୍କା ନୁହେଁ ବୋଲି ପ୍ରଖ୍ୟାତ ପଣ୍ଡିତମାନେ ଏକମତ ହୋଇଥିଲେ ହେଁ ଲଙ୍କାର ଅବସ୍ଥିତି ନିର୍ଣ୍ଣୀତ ହୋଇପାରୁ ନଥିଲା ଏବଂ ଏ ସଂପର୍କରେ ଐତିହାସିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରୁଥିଲେ । ଏନ୍. ଏସ୍. ଅଧିକାରୀ ଇଣ୍ଡୋନେସିଆରେ, (JBRAS-XXX PP408), ଏସ୍. ଏନ୍. ମେହେଟା ଅଷ୍ଟ୍ରେଲିଆରେ (ସୁନ୍ଦରକାଣ୍ଡ, ୧୯୪୧), ଓ ଭି. ଏଚ୍. ବାଡ଼େର ମାଳଦ୍ୱୀପ୍‌ରେ (IHQ II PP345f) ଲଙ୍କା ରାଜ୍ୟର ଅବସ୍ଥିତି ନିର୍ଣ୍ଣୟ କରୁଥିବା ବେଳେ ହରମୋନ ଜେକୋବି ଆସାମରେ, ରାୟ ବାହାଦୂର ହୀରାଲାଲ୍ ଜବଲପୁରରେ, ସାଂକାଲିଆ ପ୍ରମୁଖ ଅନେକ ଐତିହାସିକ ଅମରକଣ୍ଟକରେ, ଦ୍ୱାରକା ପ୍ରସାଦ ମିଶ୍ର ଆନ୍ଧ୍ରରେ ଏବଂ ହୀରାଲାଲ୍ ଶୁକ୍ଳା ଗୋଦାବରୀ ଅବବାହିକାରେ ଏହି ରାଜ୍ୟର ଅନ୍ୱେଷଣ କରୁଥିଲେ । ଏ ସଂପର୍କରେ ଆହୁରି ଅନେକ ମତ ମଧ୍ୟ ରହିଅଛି । ପଶ୍ଚିମ ଓଡ଼ିଶାର ସୋନପୁରଠାରେ ରାମାୟଣ କାଳୀନ ଲଙ୍କା ଅବସ୍ଥିତ ଥିଲା ବୋଲି ଡକ୍ଟର ସାହୁ ଯେତେବେଳେ ତଥ୍ୟ ଉପସ୍ଥାପିତ କଲେ ଭାରତ ତଥା ଭାରତର ବାହାରର ଅନେକ ଗବେଷକଙ୍କ ଦୃଷ୍ଟି ଏହି ଅଞ୍ଚଳ ଉପରେ ପଡ଼ିଲା । ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଡ଼କ୍ଟର ସାଂକାଲିଆ

ଆଗେଇ ଆସିଲେ ଡକ୍ଟର ସାହୁଙ୍କର ସହଯୋଗରେ ସୋନପୁର-ଅସୁରଗଡ଼ ଠାରେ ଗ୍ରମାୟଣ କାଳୀନ ଅବଶେଷର ଅନୁସନ୍ଧାନ ପାଇଁ । ଏ ବିଷୟରେ ଆଗ୍ରହ ପ୍ରକାଶ କରି ଅନେକ ଐତିହାସିକ ଡ଼କ୍ଟର ସାହୁଙ୍କ ପାଖକୁ ଚିଠି ଲେଖିଲେ । ଜଣେ ପ୍ରତ୍ନତତ୍ତ୍ୱବିତ୍ ମତ ଦେଇଥିଲେ ଐତିହାସିକ ହୀରାଲାଲ ଯଦି ଏହିସବୁ ଅଭିଲେଖ ଦେଖିବାର ସୁଯୋଗ ପାଇଥାନ୍ତେ; ସେ ସୋନପୁର ଅଞ୍ଚଳକୁ ନିଶ୍ଚୟ ଲଙ୍କା ବୋଲି ଗ୍ରହଣ କରିଥାନ୍ତେ । ଦ୍ୱାରକା ପ୍ରସାଦ ମିଶ୍ର ମଧ୍ୟ ତାଙ୍କ ଲେଖାରେ ଡ଼କ୍ଟର ସାହୁଙ୍କ ମତକୁ ସମ୍ମତି ନ ଦେଲେ ହେଁ ସମ୍ମାନ ଦେଇଥିଲେ ।

ସୋନପୁର ଲଙ୍କା ହୋଇପାରେ, ନ ହୋଇପାରେ ମଧ୍ୟ । ମାତ୍ର ଏ ସଂପର୍କରେ ଏ ଅଞ୍ଚଳର ଲୁପ୍ତ ତଥ୍ୟକୁ ସାରସ୍ୱତ ଦରବାରରେ ଉପସ୍ଥାପିତ କରି ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରି ଡ଼କ୍ଟର ସାହୁ ତାଙ୍କର କର୍ତ୍ତବ୍ୟ କରି ଯାଇଅଛନ୍ତି । ଅଶୋଭନୀୟ ମନ୍ତବ୍ୟ ପରିବର୍ତ୍ତେ ଏହା ଉପରେ ଆଲୋଚନା-ପ୍ରତ୍ୟାଲୋଚନା ଅଧିକ ଅଭିନନ୍ଦନୀୟ । ତାଙ୍କର ଐତିହାସିକ ବନ୍ଧୁ ଡ଼କ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର ଏକ ପରୋକ୍ଷ ମନ୍ତବ୍ୟ ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଡକ୍ଟର ପାଣିଗ୍ରାହୀ "ମୋ ସମୟର ଓଡ଼ିଶା"ରେ ଲେଖିଥିଲେ :

"ସମ୍ବଲପୁର ଅଞ୍ଚଳର ଅବସ୍ଥା ଟିକିଏ ଭିନ୍ନ ପ୍ରକାର । ଏଠାରେ ସମ୍ବଲପୁରୀ ଓଡ଼ିଆମାନେ ଅସୁରମାନଙ୍କୁ ମାରି ଧ୍ୱଂସ କରି ଦେଇଛନ୍ତି । ମନମୁଣ୍ଡାଠାରେ ଗୋଟିଏ ଅସୁରଗଡ଼ ଅଛି ଓ କଳାହାଣ୍ଡିରେ ମଧ୍ୟ ଗୋଟିଏ ଅସୁରଗଡ଼ ଅଛି । ସମ୍ବଲପୁରୀ ଓଡ଼ିଆମାନେ ଅସୁରମାନଙ୍କୁ ମାରିଦେବା ପରେ ସେମାନଙ୍କ ଗଡ ଖାଲିପଡ଼ିଛି । ସମ୍ବଲପୁର ଅଞ୍ଚଳରେ ଯେ ଲଙ୍କା ଥିଲା ଏକଥା ଜଣେ ପ୍ରଖ୍ୟାତ ଐତିହାସିକ ପ୍ରମାଣ କରି ଦେଇଛନ୍ତି । ସ୍ୱର୍ଣ୍ଣମୟୀ ଲଙ୍କାରୁ ଖଣ୍ଡେ ଖଣ୍ଡେ ସୁନା ମାରିନେଇ ସମ୍ବଲପୁରୀ ଓଡ଼ିଆମାନେ ମୋଟାସୋଟା ହୋଇଛନ୍ତି । ଏ ଅଞ୍ଚଳରେ ଗରିବ ଲୋକ ଦେଖାଯାନ୍ତି ନାହିଁ ।" (ପୃଷ୍ଠା ୧୦୩)

ଏହା ପଢ଼ିବା ପରେ ଡ଼କ୍ଟର ସାହୁ କହିଲେ, "ମୋର ଯାହା କହିବାର କଥା ମୁଁ କହୁଛି ଓ କହିବି । ଅନ୍ୟମାନେ ଯାହା କହିବାର କହନ୍ତୁ ।"

## ଭାରତୀୟ ସଂସ୍କୃତି ବିଭାଗ (Department of Indian Culture :

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭାରତୀୟ ସଂସ୍କୃତି ନାମରେ ଏକ ସ୍ୱତନ୍ତ୍ର ବିଭାଗର ପ୍ରତିଷ୍ଠା ଡକ୍ଟର ସାହୁଙ୍କର ଅନ୍ତ୍ୟତମ ଲକ୍ଷ୍ୟ ଥିଲା । ସଂସ୍କୃତ, ପାଲି,

ଅଭିଲେଖ, ପ୍ରାଚୀନ ମୁଦ୍ରା, କଳା-ସ୍ଥାପତ୍ୟ, ଧର୍ମ-ଦର୍ଶନ ପ୍ରଭୃତି ବିଭିନ୍ନ ସାଂସ୍କୃତିକ ବିଷୟର ସନ୍ନିବେଶରେ ଏଥିପାଇଁ ଏକ ପୂର୍ଣ୍ଣାଙ୍ଗ ପାଠ୍ୟକ୍ରମ ପ୍ରସ୍ତୁତ ହୋଇଥିଲା ଏବଂ ୟୁ. ଜି. ସି.ର ଅନୁମୋଦନ କ୍ରମେ ଏହି ବିଭାଗ ୧୯୭୮ରୁ ଯଥାରୀତି ଉଦ୍‌ଘାଟିତ ହେଲା । ଏକ ସ୍ୱତନ୍ତ୍ର ବିଭାଗ ହେଲେ ମଧ୍ୟ ଏହା ଅଥମାରମ୍ଭରେ ଇତିହାସ ବିଭାଗ ସହିତ ସମ୍ମିଳିତ ହୋଇ ରହିଥିଲା ଏବଂ ଡକ୍ଟର ସାହୁ ଉଭୟ ବିଭାଗର ମୁଖ୍ୟ ଥିଲେ । ପାଲି, ସଂସ୍କୃତ ପ୍ରଭୃତି ପଢାଇବା ପାଇଁ ପ୍ରବୀଣ ଅଧ୍ୟାପକ ମାନଙ୍କୁ ସାମୟିକ ଭାବେ ନିୟୋଜିତ କରା-ଯାଇଥିଲା । ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ କଲେଜମାନଙ୍କରେ +୨ ଓ ବି. ଏ. ସ୍ତରରେ ଭାରତୀୟ ସଂସ୍କୃତି ନାମରେ ଏକ ସ୍ୱତନ୍ତ୍ର ବିଷୟ ଆରମ୍ଭ କରିବା ପାଇଁ ଉଦ୍ୟମ ହେଲା ଏବଂ ଏଥିପାଇଁ ପାଠ୍ୟକ୍ରମ ମଧ୍ୟ ପ୍ରସ୍ତୁତ ହୋଇସାରିଥିଲା । ଡକ୍ଟର ସାହୁ ନିଶ୍ଚିତ ଥିଲେ ଯେ ଅଳ୍ପ କାଳ ମଧ୍ୟରେ ଏହି ବିଭାଗ ଇତିହାସ ବିଭାଗରୁ ସ୍ୱତନ୍ତ୍ର ହୋଇ ଠିଆ ହେବ ଏବଂ ନାଟ୍ୟଶାସ୍ତ୍ର, ସଙ୍ଗୀତ ଶାସ୍ତ୍ର ପ୍ରଭୃତି ଅନେକ ନୂତନ ବିଷୟ ଏହାର ପାଠ୍ୟକ୍ରମରେ କ୍ରମେ ସନ୍ନିବେଶ ହୋଇ ଭାରତର ଏକ ଆଦର୍ଶ ବିଶ୍ୱବିଦ୍ୟାଳୀୟ ବିଭାଗ ରୂପେ ପ୍ରତିଷ୍ଠିତ ହେବ । ମାତ୍ର ବିଶ୍ୱବିଦ୍ୟାଳୟରୁ ଡକ୍ଟର ସାହୁ ବିଦାୟ ନେବା ପରେ ପରେ ଭାରତୀୟ ସଂସ୍କୃତି ବିଭାଗକୁ ସ୍ୱତନ୍ତ୍ର ବିଭାଗର ମାନ୍ୟତା ଦିଆଗଲା ନାହିଁ ଏବଂ ତାହା ଇତିହାସ ବିଭାଗରେ ସମ୍ମିଳିତ ହୋଇଗଲା ବୋଲି କୁହାଗଲା । ଏହା ଫଳରେ ୟୁ.ଜି.ସି.ର ଅନୁମୋଦନ କ୍ରମେ ମିଳିଥିବା ଭାରତୀୟ ସଂସ୍କୃତିର ପ୍ରଫେସର ପଦବୀ ଇତିହାସ ବିଭାଗର ନିଜସ୍ୱ ହୋଇ ରହିଗଲା । ମାତ୍ର ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଯେ କେତେବଡ କ୍ଷତି ହେଲା, ତାହା କେହି ଚିନ୍ତାକଲେନାହିଁ । ଭାରତୀୟ ସଂସ୍କୃତି ବିଭାଗର ପ୍ରତିଷ୍ଠା ଓ ପରିବୃଦ୍ଧି ପାଇଁ ଡକ୍ଟର ସାହୁଙ୍କୁ ଅତିମାତ୍ର ସଂଗ୍ରାମ କରିବାକୁ ପଡିଥିଲା । ଏହି ବିଭାଗକୁ ସେ ତାଙ୍କ ଜୀବନର ସାଧନା ବୋଲି ମନେ କରୁଥିଲେ । ଏହି ପାଠ୍ୟକ୍ରମରେ ପରୀକ୍ଷା ଦେଇ ଛାତ୍ରଛାତ୍ରୀଗଣ ସ୍ନାତକୋତ୍ତର ଡିଗ୍ରୀ ଲାଭକରି ପାରିଥିଲେ । ଏହିପରି ଏକ ଶିଶୁ ଅନୁଷ୍ଠାନକୁ ଶୋଚନୀୟ ଭାବରେ ହତ୍ୟା କରାଗଲା । ଏ ସଂପର୍କରେ ଡକ୍ଟର ସାହୁ କେବେ କିଛି କହୁନଥିଲେ । ସେ ବୋଧହୁଏ ଆଶ୍ୱସ୍ତ ଥିଲେ ଯେ ସେହି ଦୁର୍ଦ୍ଦିନରେ ମଧ୍ୟ ତାଙ୍କର ପ୍ରିୟ ମ୍ୟୁଜିଅମ୍ ବଞ୍ଚିରହି ପାରିବ ।

## ଜଗନ୍ନାଥ ଧର୍ମ .

ଡକ୍ଟର ସାହୁଙ୍କ ମତରେ ଜଗନ୍ନାଥ ଧର୍ମ ଥିଲା ବୌଦ୍ଧଧର୍ମର ଶେଷ ପରିଣତି । ତାଙ୍କ ଭାଷାରେ "ଅଦ୍ଭୁତଯାନ (ହୀନଯାନ)ରୁ ଯେପରି ମହାଯାନ ଓ ମହାଯାନରୁ ଯେପରି ବଜ୍ରଯାନର ଅଭିବ୍ୟକ୍ତି ହେଲା, ସେହିପରି ବଜ୍ରଯାନ ମଧ୍ୟ

କ୍ରମେ ଜଗନ୍ନାଥଯାନରେ ପରିଣତ ହୋଇଅଛୁ । (ଓଡ଼ିଶାରେ ବୌଦ୍ଧଧର୍ମ, ଓଡ଼ିଶା ସାହିତ୍ୟ ଏକାଡେମୀ, ପୃ : ୩୬) । ସିଦ୍ଧ ଇନ୍ଦ୍ରଭୂତି ତାଙ୍କର "ଜ୍ଞାନସିଦ୍ଧି" ଗ୍ରନ୍ଥର ମଙ୍ଗଳାଚରଣରେ ତନ୍ତ୍ରଯାନର ଦେବତା ବଜ୍ରସତ୍ତ୍ୱଙ୍କୁ "ଗଗନସମ ପ୍ରାପ୍ତ, ସର୍ବବୁଦ୍ଧମୟ, ସର୍ବଜ୍ଞାନବରଙ୍କ ଦ୍ୱାରା ପୂଜିତ ଜଗନ୍ନାଥ" ବୋଲି ସ୍ତୁତି କରିଛନ୍ତି । ସେହି ବଜ୍ରସତ୍ତ୍ୱ "ଜ୍ଞାନସିଦ୍ଧି"ରେ ଅନ୍ୟତ୍ର ମଧ୍ୟ ଆଦିବୁଦ୍ଧ ଓ ଜଗନ୍ନାଥ ନାମରେ ଅଭିହିତ ହୋଇ ଅଛନ୍ତି । ଇନ୍ଦ୍ରଭୂତିଙ୍କର ଜଗନ୍ନାଥ ଓ ଶ୍ରୀମନ୍ଦିରର ଜଗନ୍ନାଥ ଅଭିନ୍ନ ବୋଲି ଡକ୍ଟର ସାହୁ ମତ ଦେଇଛନ୍ତି । ଉତ୍କଳୀୟ ଧର୍ମରୂପେ ଜଗନ୍ନାଥ ଧର୍ମର ଅଭ୍ୟୁଦୟର ଅବ୍ୟବହିତ ପୂର୍ବରୁ ତନ୍ତ୍ରଯାନର ପ୍ରାବଲ୍ୟ ଓଡ଼ିଶାରେ ଦେଖା ଦେଇଥିଲା । ତେଣୁ ଜଗନ୍ନାଥ ଧର୍ମର ଗଠନରେ ତନ୍ତ୍ରଯାନର ଭୂମିକା ସ୍ୱାଭାବିକ ଥିଲା । ଡକ୍ଟର ସାହୁ ଲେଖିଛନ୍ତି "ଉତ୍କଳୀୟ ଧର୍ମର ଆଲୋଚନା କରିବା ପାଇଁ ଅନେକ ବେଦବେଦାନ୍ତ ଉପନିଷଦରୁ ଭାବଧାରା ଆଣି ତାହା ସହିତ ଉକ୍ତ ଧର୍ମର ଭାବଧାରାକୁ ଯୋଡ଼ି ଜଗନ୍ନାଥଙ୍କ ଠାରେ ବ୍ରାହ୍ମଣ୍ୟ ଧର୍ମର ସମାବେଶ କରିବା ଉଦ୍ୟମ କରିଥାନ୍ତି । ମାତ୍ର ସେମାନେ ଭୁଲିଯାନ୍ତି ଯେ କୌଣସି ଧର୍ମ ତାହାର ନୂତନ ଅଭିବ୍ୟକ୍ତି କାଳରେ ସମସାମୟିକ ଓ ଅବ୍ୟବହିତ ପୂର୍ବର ଭାବଧାରା ଦ୍ୱାରା ନିଜକୁ ରଞ୍ଜିତ ନକରି ରହିନପାରେ । ଉତ୍କଳୀୟ ବୈଷ୍ଣବ ଧର୍ମର ଗଠନ କାଳରେ ଓ ତତ୍ପୂର୍ବରେ ଓଡ଼ିଶାର ଧର୍ମଜୀବନରେ ବଜ୍ରଯାନର ପ୍ରଭାବ ଓତଃପ୍ରୋତ ଭାବେ ଦେଖାଯାଏ । ତେଣୁ ସେହି ଧର୍ମର ଭାବଧାରା ଦ୍ୱାରା ଉତ୍କଳୀୟ ଧର୍ମଯେ ପରିପୁଷ୍ଟ ଏଥିରେ ସନ୍ଦେହର କାରଣ ନାହିଁ ।" ଦୁଃଖର ବିଷୟ ଯେ ଅନେକ ଗବେଷକ ଏହି ଐତିହାସିକ ସତ୍ୟକୁ ଉପଲବ୍ଧି କରି ନପାରି ଜଗନ୍ନାଥ ଧର୍ମ ସଂପର୍କରେ କିମ୍ଭୂତକିମାକାର ତଥ୍ୟ ଉପସ୍ଥାପନ କରୁଛନ୍ତି । ଜଗନ୍ନାଥ—ପୁରୁଷୋତ୍ତମ ଉପାସନା ଯେ ପଶ୍ଚିମ ଓଡ଼ିଶାରୁ ଉପକୂଳ ଅଞ୍ଚଳକୁ ପ୍ରସାର ଲାଭ କରିଥିଲା ଏହା ସର୍ବପ୍ରଥମେ ଡକ୍ଟର ସାହୁ ହିଁ ପ୍ରତିପାଦିତ କରିଥିଲେ ।

## ମହିମା ଧର୍ମ :

ମହିମା ଧର୍ମକୁ ଓଡ଼ିଶାର 'ନିଜସ୍ୱ 'ଧର୍ମରୂପେ ଲୋକପ୍ରିୟ ଓ 'ଶକ୍ତିଶାଳୀ କରିବା ପାଇଁ ଡକ୍ଟର ସାହୁ 'ଆଗ୍ରହୀ' ଥିଲେ । କୋରାପୁଟ ଡ଼ି: ଏ. ଭି. କଲେଜରେ ୧୯୭୧ ଖ୍ରୀ: ରେ 'ମହିମା ଧର୍ମ ସଂପର୍କୀୟ 'ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । 'ଏଥିରେ ସେ ସକ୍ରିୟ ଅଂଶ ଗ୍ରହଣ କରି ମହିମା ଧର୍ମ 'ଉପରେ ନୂତନ ଆଲୋକ ପ୍ରଦାନ 'କରିଥିଲେ । ସେ ଯୋରନ୍ଦା ଓ

ଖଲ୍ଆପାଲି ସମେତ ଅନେକ ମହିମା ଆଶ୍ରମ ପରିଦର୍ଶନ କରି ଅଲେଖ ସନ୍ନ୍ୟାସୀ ମାନଙ୍କ ସହିତ ଆଲୋଚନା କରୁଥିଲେ । ତାଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ମ୍ୟୁଜିୟମରେ କେତେକ ମହିମା ପୋଥି ଏବଂ ଭୀମାଭୋଇଙ୍କର କଠଉ ଓ ଏକ କଳଙ୍କିତ ପୂର୍ଣ୍ଣାଙ୍ଗ ଚୈତନ ଚିତ୍ର ସଂରକ୍ଷିତ ହୋଇଥିଲା । ସେ ବିଶ୍ୱବିଦ୍ୟାଳୟର ଭାରତୀୟ ସଂସ୍କୃତି ବିଭାଗ ତରଫରୁ ଯୋରନ୍ଦା ଅଶ୍ରମର ଅବଧୂତ ବିଶ୍ୱନାଥ ବାବାଙ୍କୁ ଜ୍ୟୋତି ବିହାରକୁ ଆମନ୍ତ୍ରଣ କରି ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହି ଅବସରରେ ବିଶ୍ୱନାଥ ବାବା ବୌଦ୍ଧଧର୍ମ ଓ ମହିମା ଧର୍ମ ସଂପର୍କରେ ଏକ ତଥ୍ୟ ମୂଳକ ପ୍ରବନ୍ଧ ପାଠ କରିଥିଲେ ଯାହା ୧୯୮୦ ଖ୍ରୀ:ରେ ଭାରତୀୟ ସଂସ୍କୃତି ବିଭାଗ ତରଫରୁ ଏକ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା । ମହିମା ଧର୍ମ ସଂପର୍କରେ ଗବେଷଣା କରିବା ପାଇଁ ସେ ଅନେକଙ୍କୁ ଉତ୍ସାହ ଓ ପ୍ରେରଣା ଦେଇଥିଲେ । "ମହିମା ଧର୍ମ ଗବେଷଣା ପରିଷଦ" ନାମରେ ଏକ ଅନୁଷ୍ଠାନ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଥିଲା । ସେ ଏହାର ସଭାପତି ଓ ଭାଗିରଥି ନେପାକ ଉପସଭାପତି ଥିଲେ । ଡକ୍ଟର ସାହୁଙ୍କର ପରାମର୍ଶ କ୍ରମେ "ମହିମା ଆଲୋକ" ନାମରେ ଏକ ପତ୍ରିକା ମଧ୍ୟ ପ୍ରକାଶ ପାଉଥିଲା । ମହିମା ଧର୍ମର ଜଣେ ପୃଷ୍ଠପୋଷକ ଓ ବନ୍ଧୁ ରୂପେ ଅଲେଖ ସନ୍ନ୍ୟାସୀଗଣ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଉଥିଲେ ।

## ପ୍ରଗତି ଉତ୍କଳ ସଂଘ :

ଡକ୍ଟର ସାହୁ ଅନେକ ସାଂସ୍କୃତିକ ସଂଘ ଓ ପତ୍ର ପତ୍ରିକା ସହିତ ସଂଶ୍ଲିଷ୍ଟ ଥିଲେ । ମାତ୍ର ତାଙ୍କର ନିବିଡ଼ତମ ସଂପର୍କ ଥିଲା ରାଉରକେଲାର ପ୍ରଗତି ଉତ୍କଳ ସଂଘ ସହିତ । ୧୯୬୮ ମସିହାରୁ ପ୍ରତି ବର୍ଷ ଏପ୍ରିଲ ମାସ ୧ ତାରିଖ ଦିନ ଉତ୍କଳଦିବସ ଓ ମଧୁସୂଦନ ଦାସଙ୍କ ସଂପର୍କରେ ଏକ ସ୍ମାରକୀ ଗ୍ରନ୍ଥ ପ୍ରକାଶ କରିବା ପାଇଁ ଏହି ସଂଘରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ତଦନୁସାରେ ସଂଘର କେତେକ ନେତୃସ୍ଥାନୀୟ କର୍ମକର୍ତ୍ତା ୧୯୬୮ ଫେବୃୟାରୀ ୧୬ ତାରିଖ ଦିନ ଡକ୍ଟର ସାହୁଙ୍କୁ ସମ୍ବଲପୁରରେ ସାକ୍ଷାତ କରି ତାଙ୍କୁ ସଂପାଦକୀୟ ଦାୟିତ୍ୱ ତୁଲାଇବା ପାଇଁ ଅନୁରୋଧ କଲେ । ସେତେବେଳେ ଡକ୍ଟର ସାହୁ ନୂତନ ଭାବରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରୂପେ ଯୋଗ ଦେଇଥିଲେ ଏବଂ ସେହି ଶିଶୁ ଅନୁଷ୍ଠାନକୁ ଠିଆ କରାଇବା ପାଇଁ ପ୍ରଗାଢ଼ ପରିଶ୍ରମ ଦେଖି ସେମାନଙ୍କ ମନରେ ଆଶଙ୍କା ଥିଲା ଯେ ଡକ୍ଟର ସାହୁ ହଠାତ୍ ଏତେ ବଡ଼ ଦାୟିତ୍ୱ ନେବା ପାଇଁ ରାଜି ହୋଇ ନପାରନ୍ତି । ଡକ୍ଟର ସାହୁ ପଶ୍ଚିମ ଓଡ଼ିଶାରେ ସାଂସ୍କୃତିକ ଜାଗରଣର ଲକ୍ଷ୍ୟ ରଖି ସମ୍ବଲପୁର ଆସିଥିଲେ ।



ପ୍ରଗତି ଉତ୍କଳ ସଂଘ ଦ୍ୱାରା ଆୟୋଜିତ ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ ଉତ୍ସବରେ
ଯୋଗଦାନ କରି ଡକ୍ଟର ସାହୁ ଉତ୍କଳ ଗୌରବଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରୁଛନ୍ତି ।

ଚେତଣ, ଏହିପରି ଏକ ଅନୁଷ୍ଠାନର ପ୍ରଥମ ଆହ୍ୱାନକୁ ସମୟର ସ୍ୱଳ୍ପତା ବା ଦାୟିତ୍ୱର ଗୁରୁତା ଆଳରେ ସେ କେବେ ଏଡ଼ାଇ ଦେଇଥାନ୍ତେ ! ସେ ବିନା ଦ୍ୱିଧାରେ ସେମାନଙ୍କର ଅନୁରୋଧ ଗ୍ରହଣ କରିନେଲେ ଏବଂ ପ୍ରଗତି ଉତ୍କଳ ସଂଘର ପ୍ରଗତି ସଂପର୍କରେ ଅନେକ ଆଲୋଚନା କରି ଅନେକ ପରାମର୍ଶ ଦେଲେ । ୧୯୬୮ ମସିହା ଏପ୍ରିଲ ୧ ତାରିଖ ସନ୍ଧ୍ୟାରେ ରାଉରକେଲା ସାତ ନମ୍ବର ସେକ୍ଟର କମ୍ୟୁନିଟି ସେଣ୍ଟର ପଡ଼ିଆରେ ଡକ୍ଟର ସାହୁଙ୍କ ସଭାପତିତ୍ୱରେ "ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ" ପାଳିତ ହେଲା । ଓଡ଼ିଶାର ଅନ୍ୟତମ ବରପୁତ୍ର ଐତିହାସିକ ଡକ୍ଟର ମନ୍ମଥନାଥ ଦାସ ଏହି ସଭାର ମୁଖ୍ୟ-ବକ୍ତା ଭାବରେ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ପ୍ରଗତି ଉତ୍କଳ ସଂଘର ସାମୟିକ ମୁଖପତ୍ର "ସ୍ମରଣୀ" ପ୍ରଗତିର ପ୍ରତୀକ କୋଣାର୍କ ଚକ୍ରର ପ୍ରତିଛବି ବହନ କରି ବହୁ ଆଶା ଆଶଙ୍କା ମଧ୍ୟରେ ପ୍ରଥମ ଥର ପାଇଁ ଆତ୍ମ ପ୍ରକାଶ କଲା । ଡକ୍ଟର ସାହୁଙ୍କର ଆନ୍ତରିକତା ତଥା ପ୍ରଗତି ଉତ୍କଳ ସଂଘର କର୍ମକର୍ତ୍ତା ମାନଙ୍କର, ବିଶେଷତଃ, ସଭାପତି ଶ୍ରୀ ନରେଶ ଚନ୍ଦ୍ର ନାୟକଙ୍କର କାର୍ଯ୍ୟ ଦକ୍ଷତା ଯୋଗୁଁ ଏତେ ଅଳ୍ପ ସମୟ ମଧ୍ୟରେ ଏହା ସମ୍ଭବ ହୋଇ ପାରିଥିଲା । ଏହି ସମୟରୁ ଡକ୍ଟର ସାହୁ ପ୍ରଗତି ଉତ୍କଳ ସଂଘ ପରିବାରର ଜଣେ ଅନ୍ତରଙ୍ଗ ସଦସ୍ୟ ହୋଇ ରହିଲେ । ୧୯୬୮ ମସିହାରୁ ୧୯୮୫ ମସିହା ପର୍ଯ୍ୟନ୍ତ ସତର ଖଣ୍ଡ ସ୍ମାରକୀ ତାଙ୍କରି ବିଜ୍ଞ ସଂପାଦନାରେ ପ୍ରକାଶ ପାଇଥିଲା । ପ୍ରଗତି ଉତ୍କଳ ସଂଘର କର୍ମକର୍ତ୍ତାମାନଙ୍କର ଦୃଢ଼ ବିଶ୍ୱାସ ଯେ ଡ଼କ୍ଟର ସାହୁ ସେମାନଙ୍କ ଅନୁଷ୍ଠାନର ଅନ୍ତରରେ ଅମର ହୋଇ ରହିବେ ।

## ମଧୁସୂଦନ ଦାସ :

ପ୍ରଗତି ଉତ୍କଳ ସଂଘର ସଂସର୍ଗରେ ଆସିବା ପରେ ଡ଼କ୍ଟର ସାହୁ ଓଡ଼ିଆ ଜାତିର ପ୍ରାଣ-ପ୍ରତିଷ୍ଠାତା ମଧୁସୂଦନ ଦାସଙ୍କ ଜୀବନୀ ଓ ସାଧନାକୁ ଲୋକପ୍ରିୟ କରାଇବା କାମ ଜୀବନର ଏକ ମିସନ୍ ରୂପେ ଗ୍ରହଣ କରିନେଲେ । ପ୍ରତ୍ୟେକ ବର୍ଷର "ସ୍ମାରକୀ"ରେ ମଧୁବାବୁଙ୍କ ସଂପର୍କରେ ନୂତନ ନୂତନ ତଥ୍ୟମାନ ପରିବେଷିତ ହେଲା । ମଧୁବାବୁଙ୍କ ଜୀବନୀ ଓ କୃତି ଉପରେ ଏକ ଉପାଦେୟ ଗ୍ରନ୍ଥ ପ୍ରସ୍ତୁତ କରିବା ପାଇଁ ସେ ଅଭିଳାଷ ପୋଷଣ କରିଥିଲେ । ଏହାର ଏକ ଆକର୍ଷଣୀୟ କର୍ମ ସୂଚୀ "ସ୍ମାରକୀ"ର ଦ୍ୱିତୀୟ ଅର୍ଦ୍ଧ୍ୟରେ ପ୍ରକାଶ ପାଇଥିଲା । ମାତ୍ର କେତେକ କାରଣରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏହାପରେ ପ୍ରଗତି ଉତ୍କଳ ସଂଘର ଆନୁକୂଲ୍ୟରେ ଡ଼କ୍ଟର ସାହୁ "ବ୍ୟବସ୍ଥାପକ ମଧୁସୂଦନ ଦାସ" (Madhusudan Das : The Legislator)

ନାମକ ଏକ ଇଂରାଜୀ ଗ୍ରନ୍ଥର ସଂପାଦନା କଲେ । ଏହାର ସହ-ସଂପାଦକ ଥିଲେ ଡକ୍ଟର ପ୍ରବୋଧ କୁମାର ମିଶ୍ର । ସେ କଲିକତା, ଦିଲ୍ଲୀ ଓ ପାଟଣା ଗସ୍ତରେ ଯାଇ ବିଭିନ୍ନ ଅଭିଲେଖାଗାରରୁ ଏ ସଂପର୍କରେ ତଥ୍ୟପତ୍ରମାନଙ୍କର ନକଲ ସଂଗ୍ରହ କରି ଆଣିଲେ । ଏହି ଗ୍ରନ୍ଥ ୧୯୮୦ ମସିହା ନଭେମ୍ବର ୯ ତାରିଖ ଦିନ ଉନ୍ମୋଚିତ ହେଲା । ଏହାର ସଂକଳନ ଓ ପ୍ରକାଶନ ପାଇଁ ପ୍ରଗତି ଉତ୍କଳ ସଂଘକୁ ପ୍ରାୟ ୮୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା । ଏକ ବିକାଶଶୀଳ ସଂଘ ପାଇଁ ଏହିପରି ଏକ ବ୍ୟୟ ସାପେକ୍ଷ ଯୋଜନା ଏକ ଧଳା ହାତୀ ସଦୃଶ ଥିଲା ବୋଲି ମନେ ହୁଏ ।

ଡକ୍ଟର ସାହୁଙ୍କ ପ୍ରେରଣାରେ ପ୍ରଗତି ଉତ୍କଳ ସଂଘ ରାଉରକେଲା ରେଳ ଷ୍ଟେସନ ନିକଟରେ ମଧୁବାବୁଙ୍କର ଏକ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଛି । ତାଙ୍କର ଅନୁରୋଧ କ୍ରମେ ଏହି ସଂଘ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିଅମ୍‌ର ଆର୍ଟଗେଲେରି ପାଇଁ ମଧୁବାବୁଙ୍କର ଏକ ତୈଳଚିତ୍ର ପ୍ରଦାନ କରିଛି । ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶ୍ରୀ ମୁରଲୀଧର ଟାଲିଙ୍କ ଦ୍ୱାରା ଏହି ତୈଳଚିତ୍ର ପ୍ରସ୍ତୁତ ହୋଇଥିଲା ଏବଂ ପ୍ରଗତି ଉତ୍କଳ ସଂଘ ତାର ଖର୍ଚ୍ଚ ବହନ କରିଥିଲା । ମଧୁ ବାବୁଙ୍କ ସ୍ମୃତିରକ୍ଷା ପାଇଁ ପ୍ରଗତି ଉତ୍କଳ ସଂଘ ଅନେକ ପଦକ୍ଷେପ ନେଇଛି ଏବଂ ସେସବୁଥିରେ ଡକ୍ଟର ସାହୁଙ୍କର ପ୍ରେରଣା ରହିଛି ।

## ବିଶ୍ୱବିଦ୍ୟାଳୟ କୁଳପତି :

ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରୂପେ ଯୋଗଦେବା ସମୟରେ ଏକ ସାକ୍ଷାତ୍‌କାର ଦେଇ ଡକ୍ଟର ସାହୁ କହିଥିଲେ ଯେ ସେ ବିଶ୍ୱବିଦ୍ୟାଳୟର କୁଳପତି ପଦବୀକୁ ଲକ୍ଷ୍ୟରଖି ସମ୍ବଲପୁର ଆସୁଛନ୍ତି । ସେତେବେଳେ ତାଙ୍କର ଏହି ମନ୍ତବ୍ୟ ଉପରେ କେହି ଗୁରୁତ୍ୱ ପ୍ରଦାନ କରିଥାଇ ନପାରନ୍ତି । ମାତ୍ର ଡକ୍ଟର ସାହୁ ଯେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ତାଙ୍କର ଉଦ୍ୟମ ଓ ସାଧନା ଅବ୍ୟାହତ ରଖିଥିଲେ ତାହା ତାଙ୍କ କାର୍ଯ୍ୟାବଳୀରୁ ସ୍ପଷ୍ଟ ପ୍ରତିପାଦିତ ହୁଏ । ରେଜିଷ୍ଟ୍ରାର ପଦବୀରେ ପ୍ରାୟ ଦୁଇ ବର୍ଷ କାର୍ଯ୍ୟ କରି ସେ ବିଶ୍ୱବିଦ୍ୟାଳୟ ପ୍ରଶାସନ ସମ୍ପର୍କରେ ଅଭିଜ୍ଞତା ଅର୍ଜନ କଲେ । ଏହାପରେ ଇତିହାସ ସ୍ନାତକୋତ୍ତର ବିଭାଗର ମୁଖ୍ୟ ପ୍ରଫେସର ରୂପେ ସେ ନିଜକୁ ଅଳ୍ପକାଳ ମଧ୍ୟରେ ପ୍ରତିଷ୍ଠିତ କରିନେଲେ । ଜଣେ ବିଶିଷ୍ଟ ଐତିହାସିକ ରୂପେ ସେ ଓଡ଼ିଶା ତଥା ଓଡ଼ିଶା ବାହାରେ ଅଭିନନ୍ଦିତ ହେଲେ । ଏହି ସମୟରେ ସେ ବିଶ୍ୱବିଦ୍ୟାଳୟର ଅନ୍ୟ ସବୁ ସ୍ନାତକୋତ୍ତର ବିଭାଗ ସହିତ ସଂପୃକ୍ତ ହେଲେ, ସେମାନଙ୍କ

ସମସ୍ତଙ୍କର ପ୍ରିୟ ହେବା ପାଇଁ ଚାହିଁଲେ ଏବଂ ସମସ୍ତଙ୍କୁ ନେତୃତ୍ୱ ଦେବା ପାଇଁ ଉଦ୍ୟମ କଲେ । ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ରୂପେ, ସିଣ୍ଡିକେଟର ଜଣେ ଶକ୍ତିଶାଳୀ ସଦସ୍ୟ ରୂପେ, ଛାତ୍ରାବାସ ମାନଙ୍କର ଅଭିଭାବକ (Warden) ରୂପେ, ବିଶ୍ୱବିଦ୍ୟାଳୟ କର୍ମ ସଂସ୍ଥାନ (Employment Bureau)ର ନିର୍ଦ୍ଦେଶକ ରୂପେ, ସ୍ନାତକୋତ୍ତର ବିଭାଗ ମାନଙ୍କର ସଂଯୋଜକ (Co-ordinator) ରୂପେ ବିଭିନ୍ନ ସମୟରେ ଅବସ୍ଥାପିତ ରହି ସେ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ନିଜର ପ୍ରଭାବ ଓ ପ୍ରତିପତ୍ତିର ପରିବୃଦ୍ଧି କଲେ । ଏହା ଦ୍ୱାରା ତାଙ୍କର ଖ୍ୟାତି ବାହାରକୁ ମଧ୍ୟ ପ୍ରସାରିତ ହେଲା । ଫଳରେ ସେ କୁଳପତି ପଦବୀର ନିକଟତମ ହେଲେ । ସେ ଯେ ଦିନେ ନା ଦିନେ ଏହି ପଦବୀର ଅଧିକାରୀ ହେବେ ଏ କଥା ସ୍ପଷ୍ଟ ହୋଇ ଉଠିଥିଲା । ମାତ୍ର ଏଥିପାଇଁ ସେ ବ୍ୟାକୁଳ ହୋଇ ପଡ଼ିଥିଲେ ଏବଂ ଆଶା ଆଶଙ୍କା ମଧ୍ୟରେ ରାଜନୀତିର ମଧ୍ୟ ଆଶ୍ରୟ ନେଇଥିଲେ । ତାଙ୍କର ଉଦ୍ଦେଶ୍ୟ ପୂରଣ ହେଲା, ସ୍ୱପ୍ନ ସାର୍ଥକ ହେଲା । ୧୯୭୯ ମସିହା ନଭେମ୍ବର ୧୯ ତାରିଖ ଦିନ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପଦବୀରେ ଅଧିଷ୍ଠିତ ହେଲେ । ସେହି ଦିନ ତାଙ୍କୁ ଅଗଣିତ ଅଭିନନ୍ଦନ ଅଭିଭୂତ କରିଦେଇଥିଲା । ଏହି ଦାୟିତ୍ୱ ଯେ ଦିନେ ତାଙ୍କର ଜୀବନକୁ ଦୁଃଖମୟ କରିଦେବ, ଏ କଥା ସେତେବେଳେ କାହାରି ଚିନ୍ତାରେ ନଥିଲା ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ପାଇଁ ଡକ୍ଟର ସାହୁ ଯୋଗ୍ୟତମ ବ୍ୟକ୍ତି ଥିଲେ । ବିଶ୍ୱବିଦ୍ୟାଳୟକୁ ସେ ଜୀବନଠୁଁ ବଳି ଭଲ ପାଉଥିଲେ ଏବଂ ତାର ସର୍ବାଙ୍ଗୀନ ଉନ୍ନତି ପାଇଁ ସତତ ଯତ୍ନଶୀଳ ଥିଲେ । ଛାତ୍ରଛାତ୍ରୀ, ବିଭିନ୍ନ ସ୍ତରର କର୍ମଚାରୀ ଏବଂ ଅଧ୍ୟାପକମାନଙ୍କ ସହିତ ସେ ନିଃସଙ୍କୋଚରେ ମିଶୁଥିଲେ, ସେମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତତ୍ପର ଥିଲେ । ବିଶ୍ୱବିଦ୍ୟାଳୟର ସର୍ବମୟ କର୍ତ୍ତା ବୋଲି ତାଙ୍କର ଗର୍ବ ବା ଅହମିକା ନଥିଲା ଏବଂ ଅଫିସ କାମରେ ଆଦବ କାଇଦା ନଥିଲା । ସର୍ବୋପରି ସେ ଦୁର୍ନୀତିମୁକ୍ତ ଥିଲେ । ସେ ବିଶ୍ୱବିଦ୍ୟାଳୟ ପାଇଁ ଅନେକ ଯୋଜନା କରିଥିଲେ ଏବଂ ଅକ୍ଲାନ୍ତ ପରିଶ୍ରମ କରୁଥିଲେ । ଏହା ସତ୍ତ୍ୱେ ବିଧାତାର ବିଡ଼ମ୍ବନାରେ ସେ କୁଳପତି ରୂପେ ବିଫଳ ହେଲେ ଶୋଚନୀୟ ଭାବରେ ।

ଡକ୍ଟର ସାହୁ କୁଳପତି ଦାୟିତ୍ୱ ଗ୍ରହଣ କଲାପରେ କେତେକ ଅଧ୍ୟାପକ, ଓ କର୍ମଚାରୀ ତାଙ୍କ ସହିତ ବରାବର ସଂପୃକ୍ତ ରହି ତାଙ୍କୁ ସାହାଯ୍ୟ କଲେ,

ପ୍ରାମର୍ଶ ଦେଲେ, ପ୍ରଭାବିତ କଲେ । ଏମାନେ ଡକ୍ଟର ସାହୁଙ୍କର ସରଳତାର ସୁଯୋଗ ନେଇ ଅନେକ ସୁବିଧା ପାଇ ପାରିଲେ । ଏ କଥା ସତ୍ୟ ଯେ ଡ଼କ୍ଟର ସାହୁ ଏହି ସମୟରେ କେତେକଙ୍କୁ ସାହାଯ୍ୟ କରିବାକୁ ଯାଇ ଲକ୍ଷ୍ମଣ-ଗାର ଅତିକ୍ରମ କରିଥିଲେ । ଏଥିରେ ଅନ୍ୟମାନଙ୍କର ଗାତ୍ର ଦାହ ହେଲା ଏବଂ ସେମାନେ ଡକ୍ଟର ସାହୁଙ୍କ ତୋଷଣ ନୀତି ବିରୁଦ୍ଧରେ ଏକଜୁଟ ହେଲେ । କ୍ରମେ ଏହି ଦଳର ସଂଖ୍ୟା ବୃଦ୍ଧି ପାଇଲା । ଡକ୍ଟର ସାହୁଙ୍କର କେତେକ ପ୍ରିୟପାତ୍ର ତାଙ୍କ ଦ୍ୱାରା ଅନୁଗୃହୀତ ହୋଇ ମଧ୍ୟ ଏହି ଦଳରେ ସାମିଲ ହେଲେ । ଏମାନେ ଡ଼କ୍ଟର ସାହୁଙ୍କୁ କୁଳପତି ପଦବୀରୁ ବହିଷ୍କାର କରିବା ପାଇଁ ଆପ୍ରାଣ ଉଦ୍ୟମ କଲେ । ଛାତ୍ର ଓ କର୍ମଚାରୀ ମାନଙ୍କ ମଧ୍ୟରେ ଅନେକ କୃତ୍ରିମ ସମସ୍ୟା ସୃଷ୍ଟି କରି ଡକ୍ଟର ସାହୁଙ୍କୁ ନିନ୍ଦିତ କରିବା ପାଇଁ ଅପଚେଷ୍ଟା ହେଲା । ଡ଼କ୍ଟର ସାହୁଙ୍କ ବିରୁଦ୍ଧରେ ରାଜ୍ୟପାଳ (ଚାନ୍ସେଲର) ଓ ଶିକ୍ଷା ସଚିବଙ୍କୁ ଅନେକ ବେନାମୀ ଆବେଦନ ପତ୍ର ପଠାଗଲା । ଏ ସଂପର୍କରେ ଡ଼କ୍ଟର ସାହୁଙ୍କ ସମୟର ଜଣେ ଶକ୍ତିଶାଳୀ ସିଣ୍ଡିକେଟ ସଦସ୍ୟ ଲେଖିଛନ୍ତି, "ସେ ଦିନ ଏକ ବ୍ୟକ୍ତିଗତ ବ୍ୟାପାରରେ ତଦାନୀନ୍ତନ ଶିକ୍ଷା ସଚିବ କବି ସୀତାକାନ୍ତ ମହାପାତ୍ରଙ୍କ ଗହଣରେ ସଚିବାଳୟରେ ବସିଥିଲି । ପିଅନ୍ ଚିଠି ଆଣି ଟେବୁଲରେ ରଖିଦେଲା । ସେଥିରୁ ଗୋଟିଏ ଚିଠି ଖୋଲି ତତ୍‌କ୍ଷଣାତ୍ ତାକୁ ୱେଷ୍ଟ-ପେପର ବାସ୍କେଟ୍ ଭିତରେ ପକାଇ ଦେଲେ । କହିଲେ, ପଶ୍ଚିମ ଓଡ଼ିଶାର ପିଟିସନ୍ କୁଳପତି ଡ଼କ୍ଟର ସାହୁଙ୍କ ବିରୋଧରେ । କେତେ ପଢ଼ିବ ? ପିଟିସନ୍ ଲେଖି, ଅନ୍ୟର କୁତ୍ସା ରଚନା କରି ଧଳାକୁ କଳା କରି ଏ ଜାତି ତା ଶିକ୍ଷାୟତନର ନିନ୍ଦଘୋଷକୁ କେତେ ଦୂର ଆଗେଇବ ? ଛଦ୍ମ ନାମରେ ଯେ ପିଟିସନ ଲେଖେ, ଅନ୍ଧାରରେ ଢେଲା ମାରେ; ସଭାସମିତିର ଶେଷ ଧାଡ଼ିରେ ଠିଆ ହୋଇ ମନ୍ତବ୍ୟ ଦିଏ, ଲୁଚି ଲୁଚି କାନ୍ଥ ବାଡ଼ରେ ଲେଖେ, ସେ ଯେତେ ଶିକ୍ଷିତ ହେଲେ ବି ନିର୍ବୋଧ, ଯେତେ ସାହସୀ ହେଲେ ବି କାପୁରୁଷ, ଯେତେ ସତ କହିଲେ ବି ମିଥ୍ୟାବାଦୀ । ଯଦି ସତ୍ ସାହସ ଅଛି, ଅନ୍ୟାୟର ସାମ୍ନା କର । ସତ୍ୟ ଦ୍ୱାରା ଅସତ୍ୟର ମୁକାବିଲା କର । X X X × ×

(ଡକ୍ଟର ନବୀନ କୁମାର ସାହୁ ସ୍ମରଣିକା, ସାହିତ୍ୟ ଏକାଡ଼େମୀ ପୃ : ୩୯)

ସଂସ୍କୃତପ୍ରେମୀ ସୀତାକାନ୍ତ ମହାପାତ୍ର ଡ଼କ୍ଟର ସାହୁଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିଲେ । ତେଣୁ ଏହି ଦଳର ବେନାମୀ କାରବାର ବେକାର ହେଲା । ଏହାପରେ ଏମାନେ ମନ୍ତ୍ରୀ ଓ ବିଧାୟକ ମାନଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ

ବଲ୍ଲଭ ପଟ୍ଟନାୟକଙ୍କ ମଧ୍ୟ ଡ଼କ୍ଟର ସାହୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ଥିଲା । ସେ ଉପଲବ୍ଧି କଲେ ଯେ ଏହିପରି ଏକ ଅଶୋଭନୀୟ ପରିସ୍ଥିତିରେ ଡ଼କ୍ଟର ସାହୁ କୁଳପତି ପଦବୀରେ ରହିବା ବିଶ୍ୱବିଦ୍ୟାଳୟ ପାଇଁ ତଥା ତାଙ୍କ ପାଇଁ ମଙ୍ଗଳଦାୟକ ନୁହେଁ । ତେଣୁ ସେ ସ୍ଥିର କଲେ ଯେ ବିଶ୍ୱବିଦ୍ୟାଳୟର ପ୍ରଶାସନ ସରକାର ବହନ କରିବେ ଏବଂ ଡକ୍ଟର ସାହୁ ଭୁବନେଶ୍ୱରରେ ଏକ ସମ୍ମାନଜନକ ପଦବୀରେ ଅବସ୍ଥାପିତ ହେବେ । ଏହା ଫଳରେ ଡକ୍ଟର ଶ୍ରୀ ନିବାସ ସାହୁ ସରକାରଙ୍କ ଦ୍ୱାରା ପ୍ରେରିତ ହୋଇ ୧୯୮୧ ମସିହା ମେ ମାସ ୧୨ ତାରିଖ ଦିନ ବିଶ୍ୱବିଦ୍ୟାଳୟର ପ୍ରଶାସକ ରୂପେ ଡ଼କ୍ଟର ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲେ । ପ୍ରବଞ୍ଚନା ଓ ପ୍ରତାରଣା ବିରୁଦ୍ଧରେ ଡକ୍ଟର ସାହୁଙ୍କ ଦେଢ଼ ବର୍ଷ କାଳର ସଂଗ୍ରାମର ଅବସାନ ହେଲା । ସାଧାରଣ ଦୃଷ୍ଟିରେ ଏହା ଥିଲା ତାଙ୍କର ପରାଜୟ । ବସ୍ତୁତଃ ଏହା ଥିଲା ତାଙ୍କର ମୁକ୍ତିର ଦିବସ ।

## ପ୍ରତ୍ନତାତ୍ତ୍ୱିକ ଉପଦେଷ୍ଟା :

ଡ଼କ୍ଟର ସାହୁଙ୍କର ବିଦାୟ ପରେ ଜ୍ୟୋତି ବିହାରର ଜ୍ୟୋତି ନିଷ୍ପ୍ରଭ ହୋଇ ପଡ଼ିଲା । ବିଶ୍ୱବିଦ୍ୟାଳୟ ପାଇଁ ସେ ଯେଉଁ ଯୋଜନା କରିଥିଲେ, ଇତିହାସ ତଥା ଭାରତୀୟ ସଂସ୍କୃତିର ସ୍ନାତକୋତ୍ତର ବିଭାଗ ପାଇଁ ଯେଉଁ ସ୍ୱପ୍ନ ଦେଖୁଥିଲେ, ମ୍ୟୁଜିଅମ ପାଇଁ ଯେଉଁ ଅଭିଳାଷ ପୋଷଣ କରିଥିଲେ ସେ ସବୁ ଓଲଟ ପାଲଟ ହୋଇଗଲା । ସେହି ଦିନରୁ ବିଶ୍ୱବିଦ୍ୟାଳୟର ଯେଉଁ ଦୁରବସ୍ଥା ଆରମ୍ଭ ହେଲା, ତାହା ଏ ଯାଏ ଦୂର ହୋଇ ପାରି ନାହିଁ । ମାତ୍ର ସେହି ଅଗ୍ନି ପରୀକ୍ଷା ପରେ ଡ଼କ୍ଟର ସାହୁ ଆହୁରି ମହୀୟାନ ରୂପେ ଦେଖା ଦେଲେ । ସେ ନିଯୁକ୍ତି ପାଇଲେ ପ୍ରତ୍ନତତ୍ତ୍ୱ ବିଭାଗରେ ଓଡ଼ିଶା ସରକାରଙ୍କର ଉପଦେଷ୍ଟା ରୂପେ । ସେତେବେଳକୁ ତାଙ୍କୁ ପ୍ରାୟ ଷାଠିଏ ବର୍ଷ (ସାର୍ଟିଫିକେଟ ଅନୁଯାୟୀ ପ୍ରାୟ ବାଷଠି) । ଅବସରପ୍ରାପ୍ତ ବୟସରେ ଏକ ଉଚ୍ଚ ପଦବୀରେ ତାଙ୍କର ନିଯୁକ୍ତି ଅନେକଙ୍କୁ ବିସ୍ମିତ କରିଥିଲା । ବସ୍ତୁତଃ ପ୍ରତ୍ନତତ୍ତ୍ୱ ବିଭାଗରେ ଏହିପରି ଏକ ସରକାରୀ ପଦବୀ କେବେ ନ ଥିଲା କିମ୍ବା ଡକ୍ଟର ସାହୁଙ୍କ ପରେ ଆଉ ରହିଲା ନାହିଁ । ଏହି ପଦବୀ ସୃଷ୍ଟି କରାଯାଇଥିଲା କେବଳ ଡ଼କ୍ଟର ସାହୁଙ୍କର ପ୍ରଚଣ୍ଡ ପ୍ରତିଭାକୁ ସମ୍ମାନ ଦେବା ପାଇଁ । ଡଃ ସାହୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ପଦବୀରେ ଅଧିଷ୍ଠିତ ଥିଲେ । ଏହା ଥିଲା ତାଙ୍କ ପାଇଁ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ସମ୍ମାନ ।

ନୂତନ ପଦବୀରେ ଡକ୍ଟର ସାହୁଙ୍କର ସାଧକର ଜୀବନ ପୁଣି ଥରେ କର୍ମମୁଖର ହୋଇ ଉଠିଲା । ଗୁଣଗ୍ରାହୀ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର

ପ୍ରତ୍ୟକ୍ଷ ପୃଷ୍ଠପୋଷକତା ତାଙ୍କୁ ଅପୂର୍ବ ପ୍ରେରଣା ଯୋଗାଇଲା । ତାଙ୍କର କାର୍ଯ୍ୟ ଧାରାରେ ପ୍ରଶାସନର ବାଧା ବା ପ୍ରବଞ୍ଚନାର ବିଘ୍ନ ନଥିଲା ତେଣୁ ସେ ଅଳ୍ପ କାଳ ମଧ୍ୟରେ ଅନେକ ମହାନ କାମ କରିଗଲେ ।

ଭୁବନେଶ୍ୱରରେ ଡକ୍ଟର ସାହୁ ରହୁଥିଲେ ଆଠ ନମ୍ବର ୟୁନିଟର ନିର୍ଜନ ପରିବେଶରେ ଏକ ଫ୍ଲାଟ ଘରର ଉପର ମହଲାରେ । ସେହି ମହଲାର ଠିକ୍ ସାମ୍ନା କ୍ୱାର୍ଟରରେ ଥିଲେ କବି ରାଧାମୋହନ ଗଡ଼ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍କାଳୀନ ଉପସଭାପତି । ସଂସ୍କୃତି ପ୍ରେମୀ ଏବଂ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଏହି ବନ୍ଧୁ ଦ୍ୱୟଙ୍କର ଏକତ୍ର ନିବାସ ମଣି କାଞ୍ଚନର ଯୋଗ ସ୍ୱରୂପ ଥିଲା । ଡକ୍ଟର ସାହୁଙ୍କ ତତ୍ତ୍ୱାବଧାନରେ କାମ କରୁଥିବା ଗବେଷକ ମାନେ ତାଙ୍କର ବାସଭବନକୁ ଆସନ୍ତି । ଅନ୍ୟାନ୍ୟ ଗବେଷକ ତଥା ବନ୍ଧୁଗଣ ତଥ୍ୟ ସଂଗ୍ରହ ପାଇଁ ବା ଆଲୋଚନା ପାଇଁ ଆସୁଥାନ୍ତି । ଅନେକ ଲେଖକ ଓ ସାହିତ୍ୟିକ କବି ଗଡ଼ନାୟକଙ୍କ ପାଖକୁ ଆସି ଡକ୍ଟର ସାହୁଙ୍କ ସହିତ ମଧ୍ୟ ସାକ୍ଷାତ ଓ ଆଲୋଚନା କରୁଥାନ୍ତି । ଫଳରେ ଡକ୍ଟର ସାହୁଙ୍କ ସେହି ବାସ-ଭବନ୍ ଏକ ସାଂସ୍କୃତିକ କ୍ଷେତ୍ରରେ ପରିଣତ ହୋଇଥିଲା । ସେହି ସମୟରେ ମୁଁ ଅନୁଗୁଳ ସରକାରୀ ମହାବିଦ୍ୟାଳୟରେ ଥିଲି । ଡକ୍ଟର ସାହୁଙ୍କୁ ଗବେଷଣାରେ ସାହାଯ୍ୟ କରିବା ପାଇଁ ମୁଁ ବାରମ୍ବାର ଆସୁଥିଲି ଭୁବନେଶ୍ୱର ।

ପ୍ରତ୍ନତତ୍ତ୍ୱ ବିଭାଗରେ ଯୋଗଦେଲା ପରେ ପରେ ଡକ୍ଟର ସାହୁ ଖଣ୍ଡିଆଲ ନିକଟସ୍ଥ ମାରାଗୁଡ଼ା ଠାରେ ଭୂଖୋଦନ କାର୍ଯ୍ୟ ଆରମ୍ଭ କଲେ । ଏହି ସ୍ଥାନରେ ସେ ଅନେକ ପ୍ରାଚୀନ ଜିନିଷ ସମେତ ନଳ ଯୁଗୀୟ ଏକ ଶାକ୍ତ ପୀଠ ଆବିଷ୍କାର କରିଥିବା କଥା ଆଗରୁ କୁହାଯାଇ ସାରିଛି । ତାଙ୍କ ପରେ ମଧ୍ୟ ଓଡ଼ିଶା ସାଂସ୍କୃତିକ ବିଭାଗଦ୍ୱାରା ମାରାଗୁଡ଼ାର ପ୍ରତ୍ନତାତ୍ତ୍ୱିକ ଭୂଖୋଦନ କାର୍ଯ୍ୟ ଅବ୍ୟାହତ ଥିଲା ।

ଏହାପରେ ଡକ୍ଟର ସାହୁ ଖାରବେଳ ଓ ସୁରେନ୍ଦ୍ର ସାଏଙ୍କ ଜୀବନ ଓ ସାଧନା ଉପରେ ଦୁଇଟି ତଥ୍ୟ ମୂଳକ ଗ୍ରନ୍ଥ ଇଂରାଜୀ ଭାଷାରେ ଲେଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଦିଷ୍ଟ ହେଲେ । ଏହି ଦୁଇ ବୀରପୁରୁଷ ଓଡ଼ିଶା ତଥା ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ । ଏମାନଙ୍କର ସଂଗ୍ରାମ ଓ ସାଧନା ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରିବ ଏବଂ ଦେଶ ବିଦେଶରେ ଓଡ଼ିଶାର ସମ୍ମାନ୍ ବୃଦ୍ଧି କରି ପାରିବ ବୋଲି ଲକ୍ଷ୍ୟ ରଖି ଗ୍ରନ୍ଥ ଦ୍ୱୟର ରଚନା ପାଇଁ ମୁଖ୍ୟମନ୍ତ୍ରୀ ଚାହିଁଥିଲେ । ଏହି ମହାନ୍ ଉଦ୍ଦେଶ୍ୟର ଚରିତାର୍ଥ ପାଇଁ ଆଗେଇ ଆସିଲେ ଡକ୍ଟର ସାହୁ । ତାଙ୍କ ସାଧନାର ଫଳ ସ୍ୱରୂପ ଅଳ୍ପକାଳ

ମଧ୍ୟରେ ପ୍ରକାଶ ପାଇଲା ଦୁଇଟି ଅମୂଲ୍ୟ ଗ୍ରନ୍ଥ— ଖାରବେଳ ଓ ବୀର ସୁରେନ୍ଦ୍ର ସାଏ ।

## ଖାରବେଳ :

୧୯୮୪ ମସିହା ଅକ୍ଟୋବର ମାସ ୨୯ ତାରିଖ ଦିନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ (ଷ୍ଟେଟ ମ୍ୟୁଜିଅମ୍)ର ରଜତ ଜୟନ୍ତୀ ଉପଲକ୍ଷେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଡ଼କ୍ଟର ସାହୁଙ୍କ ରଚିତ ଖାରବେଳ ଗ୍ରନ୍ଥ ଉନ୍ମୋଚନ କରିଥିଲେ । ଡକ୍ଟର ସାହୁଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ଇତିହାସର ପ୍ରଥମ ଖଣ୍ଡରେ ଶତାଧିକ ପୃଷ୍ଠା ସମ୍ବଳିତ ଷଷ୍ଠ ଅଧ୍ୟାୟ ଖାରବେଳଙ୍କ ସଂବନ୍ଧରେ ଲିଖିତ ହୋଇଥିଲା । ଏହାକୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରି ଡ଼କ୍ଟର ସାହୁ ଏହି ସ୍ୱତନ୍ତ୍ର ଖାରବେଳ ଗ୍ରନ୍ଥ ପ୍ରସ୍ତୁତ କରିଥିଲେ । ବାରଟି ଅଧ୍ୟାୟରେ ବିଭକ୍ତ ଏହି ଗ୍ରନ୍ଥରେ ଖାରବେଳଙ୍କ ଜୀବନୀ ଓ କୃତିତ୍ୱ, ତତ୍କାଳୀନ କଳିଙ୍ଗର କଳା, ସ୍ଥାପତ୍ୟ, ଭାଷା, ସାହିତ୍ୟ ପ୍ରଭୃତି ବିଷୟରେ ଗଭୀର ଆଲୋଚନା କରାଯାଇଅଛି । ଡ଼କ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ କେତେକ ଐତିହାସିକ ଖାରବେଳଙ୍କ ସମୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ନିର୍ଣ୍ଣୟ କରିଛନ୍ତି । ମାତ୍ର ଡକ୍ଟର ସାହୁ ଅନେକ ତଥ୍ୟ ଦେଇ ଏହି ମତକୁ ଭୁଲ ବୋଲି ଦେଖାଇଛନ୍ତି ଏବଂ ଯୁକ୍ତିଯୁକ୍ତ ଭାବେ ପ୍ରମାଣ କରିଛନ୍ତି ଯେ ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ଶେଷାର୍ଦ୍ଧରେ କଳିଙ୍ଗର ସମ୍ରାଟ ଥିଲେ । ଡ଼କ୍ଟର ସାହୁ କୌଣସି ମତକୁ କାରଣ ନ ଦର୍ଶାଇ ପ୍ରତ୍ୟାଖ୍ୟାନ କରନ୍ତି ନାହିଁ ଏବଂ କୌଣସି ମତକୁ ଖଣ୍ଡନ କଲା ସମୟରେ କାହା ପ୍ରତି ଆକ୍ଷେପ କରନ୍ତି ନାହିଁ । ଏହା ଥିଲା ତାଙ୍କର ଐତିହାସିକ ଉଦାରତା । ଡ଼କ୍ଟର ସାହୁଙ୍କ ପୂର୍ବରୁ ଅନେକ ପ୍ରଖ୍ୟାତ ଐତିହାସିକ ଖାରବେଳଙ୍କ ସଂପର୍କରେ ଗବେଷଣା କରିଛନ୍ତି । ଡ଼କ୍ଟର ସାହୁ ସେ ସମସ୍ତଙ୍କର ମତ ବିଶ୍ଳେଷଣ କରି ଏକ ଉତ୍କୃଷ୍ଟ ଆଲୋଚନା ପ୍ରଦାନ କରିଛନ୍ତି । ତଥାପି ଖାରବେଳଙ୍କ ସଂପର୍କରେ ଅନେକ ସନ୍ଦେହ ଅଦ୍ୟାପି ରହି ଯାଇଛି । ଭବିଷ୍ୟତର ଗବେଷକମାନେ ଏହା ଉପରେ ଆହୁରି ଆଲୋଚନା, ଆହୁରି ଗବେଷଣା କରିବେ ବୋଲି ଆଶା କରାଯାଏ । ଡ଼କ୍ଟର ସାହୁ ତାଙ୍କ ଗ୍ରନ୍ଥର 'ମୁଖବନ୍ଧ'ରେ କହିଛନ୍ତି ଯେ "ଖାରବେଳ-ଉଦ୍ୟାନ ନାନାବିଧ ଦେଶୀ-ବିଦେଶୀ ପୁଷ୍ପରେ ସୁଶୋଭିତ ହୋଇ ସାଂସ୍କୃତିକ ଇତିହାସର ସୁଖକର ଅଧ୍ୟୟନ ପାଇଁ କଳାକାର ଐତିହାସିକ ଓ ସାହିତ୍ୟିକ ମାନଙ୍କୁ ଆମନ୍ତ୍ରଣ କରୁଛି । ସେମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ତଥା ଅସରନ୍ତି ଆଗ୍ରହର କ୍ଷେତ୍ର ହୋଇ ରହିଅଛି ।" (The garden of Kharavela has

variegated subject of flowers indigenous and exotic, inviting artists, historians and litterateur to have delightful survey of kulturgeschichte— a fascinating field of inexhastible interest )

## ବୀର ସୁରେନ୍ଦ୍ର ସାଏ :

"ବୀର ସୁରେନ୍ଦ୍ର ସାଏ" ଗ୍ରନ୍ଥ ଡକ୍ଟର ସାହୁଙ୍କର ସର୍ବଶେଷ କୃତୀ ଥିଲା । ଊନବିଂଶ ଶତକରେ ଭାରତର ବିଭିନ୍ନ ଅଞ୍ଚଳରେ ଯେଉଁ କେତେକ ବୀର ପୁରୁଷ ଇଂରେଜ ପ୍ରଶାସନ ବିରୁଦ୍ଧରେ ସଂଗ୍ରାମ କରି ଆତ୍ମବଳୀ ଦେଇ ଯାଇଛନ୍ତି ସେମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶାର ସୁରେନ୍ଦ୍ର ସାଏ ଥିଲେ ଅନ୍ୟତମ । ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଓଡ଼ିଶାର ଅଳ୍ପ କେତେକ ଲୋକ ସୁରେନ୍ଦ୍ର ସାଏଙ୍କୁ ଜାଣିଥିଲେ ଏବଂ ସେମାନଙ୍କର ମଧ୍ୟ ତାଙ୍କ ବିଷୟରେ କିମ୍ଭୂତ କିମାକାର ଧାରଣା ଥିଲା । ଡକ୍ଟର ହରେକୃଷ୍ଣ ମହତାବ ମଧ୍ୟ ତାଙ୍କର ଓଡ଼ିଶା ଇତିହାସ (୧ମ ଭାଗ)ରେ ସୁରେନ୍ଦ୍ର ସାଏଙ୍କ ବିଷୟରେ କୌଣସି କଥା ଉଲ୍ଲେଖ କରି ନାହାନ୍ତି । ମାତ୍ର କ୍ରମେ ଏହି ବିପ୍ଳବୀ ବୀରଙ୍କ ସଂପର୍କରେ ଐତିହାସିକ ତଥା ସାଧାରଣ ଲୋକଙ୍କର ଧାରଣା ବଦଳି ଗଲା । ୧୯୫୭ରେ ବିଶିଷ୍ଟ ଐତିହାସିକ ଶ୍ରୀ ପ୍ରଭାତ କୁମାର ମୁଖାର୍ଜୀ ଡକ୍ଟର ମହତାବଙ୍କ ସଂପାଦନାରେ ପ୍ରକାଶ ପାଉଥିବା "ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ"ର ଦ୍ୱିତୀୟ ଖଣ୍ଡରେ (Freedom Movement in Orissa, Vol II, 1957) ସରକାରୀ ନଥି ପତ୍ରର ଆଧାରରେ ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଏକ ଭବ୍ୟ ଚିତ୍ର ପ୍ରଦାନ କଲେ । ୧୯୫୮ରେ କବିଭୂଷଣ ସ୍ୱପ୍ନେଶ୍ୱର ଦାସଙ୍କ "ଚୌହାଣ ବୀର ସୁରେନ୍ଦ୍ର ସାଏ" ପ୍ରକାଶ ପାଇଲା । ୧୯୬୨ରେ ଶିବ ପ୍ରସାଦ ଦାସ ଙ୍କର "ସମ୍ବଲପୁର ଇତିହାସ"ରେ "ସୁରେନ୍ଦ୍ର ସାଏଙ୍କ ଉଲୁଗୁନା" ନାମରେ ଏକ ବଡ଼ ଅଧ୍ୟାୟ ଲେଖିଲେ ଏବଂ ସେହି ବର୍ଷ ଅନିରୁଦ୍ଧ ଦାସଙ୍କ "ସୁରେନ୍ଦ୍ର ସାଏ" ଗ୍ରନ୍ଥ ଉଭୟ ଇଂରାଜୀ ଓ ଓଡ଼ିଆରେ ଆତ୍ମ ପ୍ରକାଶ କଲା । ଏହା ପରେ ଦୀର୍ଘ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏଙ୍କ ଉପରେ କୌଣସି ଆକର୍ଷଣୀୟ କାମ ହୋଇ ପାରି ନଥିଲା । ୧୯୮୪ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ଶତବାର୍ଷିକୀ ପାଳନ ପାଇଁ ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତାରେ ଏକ କମିଟୀ ଗଠିତ ହୋଇଥିଲା । ସେହି କମିଟୀର ଅନୁରୋଧ କ୍ରମେ ଡକ୍ଟର ସାହୁ ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ସଂଗ୍ରାମ ଉପରେ ଗବେଷଣା ଆରମ୍ଭ କଲେ । ଏଥିପାଇଁ ତାଙ୍କୁ ବହୁତ ଅଧ୍ୟୟନ କରିବାକୁ ପଡ଼ିଥିଲା ଏବଂ ଅନେକ ସ୍ଥାନ

ପରିଭ୍ରମଣରେ ଯିବାକୁ ପଡ଼ିଥିଲା । ଏପରିକି ମଧ୍ୟପ୍ରଦେଶର ଖଣ୍ଡ୍ୱା ଜିଲ୍ଲାରେ ଯେଉଁ ଆସୀରଗଡ଼ ବନ୍ଦୀ ଗୃହରେ ସୁରେନ୍ଦ୍ର ସାଏ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ, ସେହି ପ୍ରକୋଷ୍ଠକୁ ପରିଚିହ୍ନିତ କରି ସେଠାରେ ସରକାରଙ୍କ ତରଫରୁ ଏକ ସ୍ମାରକୀ ବ୍ରୋଞ୍ଜ ଫଳକ ଲଗାଇବା ପାଇଁ ସେ ମଧ୍ୟପ୍ରଦେଶ ଯାତ୍ରା କରିଥିଲେ । ପରିଶେଷରେ ଡକ୍ଟର ସାହୁଙ୍କର ଗଭୀର ଗବେଷଣାର ଫଳ ସ୍ୱରୂପ ଆତ୍ମପ୍ରକାଶ କଲା "ବୀର ସୁରେନ୍ଦ୍ର ସାଏ" ଗ୍ରନ୍ଥ ୧୯୮୫ ଖ୍ରୀ:ରେ । ସେହି ବର୍ଷ ଅଗଷ୍ଟ ମାସ ୩୦ ତାରିଖ ଦିନ ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ଡ଼କ୍ଟର ବିଶ୍ୱମ୍ଭର ନାଥ ପାଣ୍ଡେ "ବୀର ସୁରେନ୍ଦ୍ର ସାଏ" ପୁସ୍ତକ ମଧ୍ୟ ଉନ୍ମୋଚନ କଲେ ଏବଂ ଭାବବିହ୍ୱଳିତ ହୋଇ ଡକ୍ଟର ସାହୁଙ୍କୁ ତିନିହଜାର ଟଙ୍କା ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କଲେ ।

ଡକ୍ଟର ସାହୁ ତାଙ୍କ ପୁସ୍ତକରେ ସୁରେନ୍ଦ୍ର ସାଏଙ୍କ ସଂପର୍କରେ ଅନେକ ଭୁଲ ଧାରଣା ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି ଏବଂ ସେଥିପାଇଁ ବଳିଷ୍ଠ ଯୁକ୍ତି ଓ ତଥ୍ୟ ପ୍ରଦାନ କରିଛନ୍ତି । ଏଠାରେ ସେସବୁର ଅବତାରଣା ସମ୍ଭବପର ନୁହେଁ । କେବଳ ଉଦାହରଣ ପାଇଁ ତାଙ୍କର ଗୋଟିଏ ମତ ଉପସ୍ଥାପନ କରୁଛୁ । ସୁରେନ୍ଦ୍ରଙ୍କ ଭ୍ରାତା ଛବିଲ ସାଏଙ୍କ ନେତୃତ୍ୱରେ ଏକ ବିପ୍ଳବୀ ସେନାଦଳ କୁଦୋପାଲି ନିକଟସ୍ଥ ପାହାଡ଼ରେ ଅବସ୍ଥାପିତ ଥିଲେ । ଇଂରେଜ ସେନାପତି ଉଡ଼୍ ୧୮୫୭ ଡିସେମ୍ବର ୩୦ ତାରିଖ ଦିନ ଅପ୍ରତ୍ୟାଶିତ ଭାବରେ ବିପ୍ଳବୀ ସେନା ଉପରେ ଆକ୍ରମଣ କଲେ । ଏହି ସଂଘର୍ଷ ଫଳରେ ୫୩ ଜଣ ବିପ୍ଳବୀ ନିହତ ହେଲେ ଏବଂ ଅନେକ ଆହତ ଓ ବନ୍ଦୀ ହେଲେ । ଛବିଲ ସାଏଙ୍କ ମୃତ୍ୟୁ କୁଦୋପାଲି ଯୁଦ୍ଧର ସବୁଠାରୁ ମର୍ମନ୍ତୁଦ ଘଟଣା ଥିଲା ।

କୁଦୋପାଲି ନାମରେ ଏକାଧିକ ଗ୍ରାମ ଏ ଅଞ୍ଚଳରେ ରହିଛି । ତେଣୁ କେଉଁ କୁଦୋପାଲିରେ ଏହି ଐତିହାସିକ ଯୁଦ୍ଧ ହୋଇଥିଲା ସେ ବିଷୟରେ ଭିନ୍ନ ମତ ଦେଖାଯାଏ । ଶିବ ପ୍ରସାଦ ଦାସ ସମ୍ବଲପୁରରୁ ପ୍ରାୟ ୮ ମାଇଲ ଦୂରରେ ଏକ ଗ୍ରେଟ ଟାଙ୍ଗରି ପାହାଡ଼ ନିକଟରେ ଅବସ୍ଥିତ କୁଦୋପାଲି ଗ୍ରାମକୁ ଏହି ଐତିହାସିକ ସ୍ଥାନ ରୂପେ ପରିଚିହ୍ନିତ କରିଛନ୍ତି । ମାତ୍ର ଡକ୍ଟର ସାହୁ ଏକ ଯୁକ୍ତି ସଙ୍ଗତ ତଥ୍ୟ ଦେଇ ଏହି ମତ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ ଭେଡ଼େନ ନିକଟସ୍ଥ ପପଙ୍ଗା ପାହାଡ଼ ତଳେ କୁଦୋପାଲି ଗ୍ରାମରେ ହିଁ ଛବିଲ ସାଏ ଓ ସେନାପତି ଉଡଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ମୁଁ ଡକ୍ଟର ସାହୁଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ଓଡ଼ିଶାର ଚୌହାଣ ରାଜତ୍ୱ ଉପରେ

ଗବେଷଣା କରୁଥିବା ସମୟରେ ୧୯୬୩ ମସିହାରେ କୁଦୋପାଲି ଓ ପପଙ୍ଗା ପାହାଡ଼କୁ ଯାଇଥିଲି । ଡ଼କ୍ଟର ସାହୁ ମଧ୍ୟ ପରେ ଭେଡ଼େନ୍ ଓ କୁଦୋପାଲି ପରିଦର୍ଶନରେ ଯାଇଥିଲେ । ଏ ସଂପର୍କରେ ଏକ ସ୍ୱତନ୍ତ୍ର ପ୍ରବନ୍ଧ ଲେଖିବା ପାଇଁ ମୁଁ ଆଶା ରଖିଛି । ସମ୍ବଲପୁର-କୁଦୋପାଲିରେ ସ୍ମୃତି-ସ୍ତମ୍ଭ ବା ସ୍ମୃତି-ଅଟ୍ଟାଳିକା ନିର୍ମାଣ କରିଦେଇ ତୁହାଇ ତୁହାଇ ପୁଷ୍ଟ ଦେଲେ ମଧ୍ୟ ଲୁହା କେବେ ସୁନା ହୋଇ ପାରିବ ନାହିଁ ।

ଡ଼କ୍ଟର ସାହୁ ସୁରେନ୍ଦ୍ର ସାଏଙ୍କୁ ରାଣାପ୍ରତାପ ଓ ଶିବାଜୀଙ୍କ ସହିତ ତୁଳନା କରି ତାଙ୍କୁ ଜଣେ ଜାତୀୟ ବୀର ରୂପେ ବିଶ୍ୱ ଦରବାରରେ ଠିଆ କରାଇଲେ । ସେ ମତ ଦେଲେ ଯେ ନେପୋଲିଅନ ବୋନାପାର୍ଟ ଯେପରି ୧୭୮୯ ମସିହା ଫରାସୀ ରାଷ୍ଟ୍ର ବିପ୍ଳବର ସନ୍ତାନ ଥିଲେ, ସୁରେନ୍ଦ୍ର ମଧ୍ୟ ତଦନୁରୂପ ଥିଲେ ୧୮୫୭ ମସିହା ମହାନ୍ ଭାରତୀୟ ବିପ୍ଳବର ସନ୍ତାନ । ଯେଉଁ ସୁରେନ୍ଦ୍ର ସାଏ ଦିନେ ସିଂହାସନ-ଲୋଭୀ ଓ ବିଦ୍ରୋହୀ ରୂପେ ବର୍ଣ୍ଣିତ ଥିଲେ, ଡ଼କ୍ଟର ସାହୁଙ୍କ ଲେଖନୀରେ ସେ ଏ ଜାତିର ଗର୍ବ ଓ ଗୌରବ ରୂପେ ପ୍ରତିପାଦିତ ହେଲେ ।

## ଅସଂପୂର୍ଣ୍ଣ କାର୍ଯ୍ୟ :

'ବୀର ସୁରେନ୍ଦ୍ର ସାଏ' ଗ୍ରନ୍ଥର ପ୍ରସ୍ତୁତି ଚାଲିଥିବା ସମୟରେ ଡ଼କ୍ଟର ସାହୁ ଅନେକ ଗବେଷଣା କାର୍ଯ୍ୟ ହାତକୁ ନେଇଥିଲେ । ଏକ କ୍ଷୁଦ୍ରକାୟ ପୂର୍ଣ୍ଣାଙ୍ଗ କୋଣାର୍କ (Mini Konarka)ର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଯୋଜନା ଥିଲା । ଡକ୍ଟର ସାହୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେଥିପାଇଁ ଡ଼କ୍ୟୁମେଣ୍ଟେସନ୍ କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର କେତେକ କାରଣରୁ ଏହି କାର୍ଯ୍ୟ ଆଗେଇ ପାରିଲା ନାହିଁ । ଏତଦ୍‌ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଡକ୍ଟର ସାହୁ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ସହିତ ପ୍ରାଚୀନ କଳିଙ୍ଗର ସଂପର୍କ ନେଇ ଗବେଷଣା ଆରମ୍ଭ କରିଥିଲେ । ଏ ବିଷୟରେ ମୂଳରୁ ତାଙ୍କର ଆଗ୍ରହ ଥିଲା । ବାରିପଦାରେ ଅଧ୍ୟାପକ ଥିବା ସମୟରେ 'ସେ ଯୁଗେ ଯୁଗେ ଭାରତୀୟ ନୌବାଣିଜ୍ୟ' ଉପରେ ସନ୍ଦର୍ଭ ଲେଖି ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ତାଙ୍କର ଅମରକୃତି "ଓଡ଼ିଆ ଜାତିର ଇତିହାସ"ର ଏକ ଦୀର୍ଘ ଅଧ୍ୟାୟ "ଦରିଆପାରି କଳିଙ୍ଗ"ରେ ସେ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ସହିତ କଳିଙ୍ଗର ବାଣିଜ୍ୟଗତ ତଥା ସାଂସ୍କୃତିକ ସଂଘର୍ଷ ଉପରେ ଅନେକ ନୂତନ ଆଲୋକ ପ୍ରଦାନ କରିଥିଲେ । ତାଙ୍କ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ୧୯୮୫ ଅଗଷ୍ଟ ୧୭ ତାରିଖ ଦିନ ସଂସ୍କୃତି ନିର୍ଦ୍ଦେଶାଳୟ ଦ୍ୱାରା ଭୁବନେଶ୍ୱର

ସୂଚନା ଭବନ ଠାରେ ଅନୁଷ୍ଠିତ ପାଠଚକ୍ରରେ ଡ଼କ୍ଟର ସାହୁ "କଳିଙ୍ଗ ଓ ଜାଭା" ଉପରେ ପ୍ରାୟ ଦେଢ଼ ଘଣ୍ଟା କାଳ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କ ଭଳି ଜଣେ ଅଭିଜ୍ଞ ଐତିହାସିକଙ୍କ ଲେଖନୀରୁ ଏ ସଂପର୍କରେ ଏକ ଚମତ୍କାର ଗ୍ରନ୍ଥ ପାଇ ପାରିବୁ ବୋଲି ଆମେ ସମସ୍ତେ ଆଶା କରିଥିଲୁ । ମାତ୍ର ଏହି ଗ୍ରନ୍ଥ ପ୍ରସ୍ତୁତ ହେବା ପୂର୍ବରୁ ତାଙ୍କର ମହାପ୍ରୟାଣ ହୋଇଥିଲା । ଏହି ସମୟରେ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପ୍ରାଚୀନ ଓଡ଼ିଶାର ସାଂସ୍କୃତିକ ଇତିହାସ ଲେଖିବାର ଦାୟିତ୍ୱ ନେଇଥିଲେ । ତାଙ୍କ ତତ୍ତ୍ୱାବଧାନରେ କାମ କରୁଥିବା ଅନେକଙ୍କର ଗବେଷଣା କାର୍ଯ୍ୟ ସନ୍ତୋଷ ଜନକ ଭାବେ ଆଗେଇ ଥିଲା । ସମସ୍ତଙ୍କୁ ନିରାଶ କରି ସେ ଅପ୍ରତ୍ୟାଶିତ ଭାବେ ଚାଲିଗଲେ ।

## ଶେଷ ପର୍ଯ୍ୟାୟରେ ଡକ୍ଟର ସାହୁଙ୍କ ବ୍ୟକ୍ତିଗତ ଓ ଓ ପାରିବାରିକ ଜୀବନ :

ଶେଷ ଜୀବନରେ ଲୋକେ ସାଧାରଣତଃ ଧର୍ମ ପ୍ରତି ଆକୃଷ୍ଟ ହୋଇଥାନ୍ତି । ମାତ୍ର ଡ଼କ୍ଟର ସାହୁ ଏହାର ବ୍ୟତିକ୍ରମ ଥିଲେ । ବାରିପଦାରେ ଗବେଷଣା କରୁଥିବା ସମୟରେ ସେ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ମାତ୍ର ପରେ ତାଙ୍କର ସେହି ଅନୁରକ୍ତି ରହିଲାନାହିଁ । ଅଧ୍ୟାପକ କାଙ୍ଗାଳି ଚରଣ ପତି (ପ୍ରପତ୍ତି)ଙ୍କ ଘନିଷ୍ଠ ସଂସର୍ଗରେ ଆସି ସେ ପଣ୍ଡିଚେରୀ ମା'ଙ୍କ ପ୍ରତି ଭକ୍ତି ନିବେଦନ କଲେ । ମା'ଙ୍କ ଠାରୁ ଆଶୀର୍ବାଦ ସ୍ୱରୂପ ଏକ ଛଡ଼ା ଫୁଲ ସେ ଡାକ ଯୋଗେ ପାଇଥିଲେ । କୌଣସି କାମରେ ବାହାରକୁ ଗଲେ ସେ ମା'ଙ୍କ ଛବି ପ୍ରତି ପ୍ରଣାମ ଜଣାଇ ଯାଉଥିଲେ । ତାହା ମଧ୍ୟ ବେଶୀ ଦିନ ରହିଲା ନାହିଁ । ଜୀବନର ଶେଷ ପର୍ଯ୍ୟାୟରେ ସେ ଧର୍ମ ବା ଅଧ୍ୟାତ୍ମିକତା ବିଷୟରେ ମୋଟେ ଚିନ୍ତା କଲେନାହିଁ । ପୂଜା ଉପାସନାର ପ୍ରଶ୍ନ ହିଁ ଉଠୁନଥିଲା । ଦେବଦେବୀଙ୍କର ମୂର୍ତ୍ତିମାନଙ୍କୁ ସେ ଗବେଷଣାର ବିଷୟ ରୂପେ ଗ୍ରହଣ କରୁଥିଲେ । ସେ କହୁଥିଲେ ଯେ ଧର୍ମ ଓ ଆଧ୍ୟାତ୍ମିକତାର ଉପରକୁ ନ ଉଠିଲେ ଜଣେ ନିରପେକ୍ଷ ଐତିହାସିକ ହୋଇପାରିବ ନାହିଁ ।

ମୁଁ ବରଗଡ଼ରେ ଥିବା ସମୟରେ ଆମେ କେତେଜଣ ଅଧ୍ୟାପକ ସହରର ଉପକଣ୍ଠରେ ଘର ନିର୍ମାଣ ପାଇଁ ଜମି କିଣୁଥିଲୁଁ । ଡ଼କ୍ଟର ସାହୁ ସେହି ସମୟରେ ଭୁବନେଶ୍ୱରରେ ଗେଜେଟିଅର ସଂପାଦକ ଥିଲେ । ଏହା ଜାଣିଲା ପରେ ସେ ମୋତେ ୩୦ ଡ଼େସିମିଲ୍ ଜମି କିଣିବା ପାଇଁ ପଇସା ଦେଲେ ଏବଂ

କହୁଥିଲେ ଯେ ଅବସର ପରେ ଆମେ ଦୁଇ ଭାଇ ଏକାନ୍ନବର୍ତ୍ତୀ ହୋଇ ରହିବା ପାଇଁ ସେ ସ୍ପୃହାନ୍ତି । ସେହି ସମୟର ତାଙ୍କ କଥାରୁ ମୁଁ ଉପଲବ୍ଧି କରିଥିଲି ଯେ ମୋତେ ସେ ତାଙ୍କ ଗବେଷଣାର ଦାୟାଦ ରୂପେ ଗଢ଼ିବା ପାଇଁ ଚାହୁଁଥିଲେ । ମୁଁ ତାଙ୍କ ନାମରେ ୩୦ ଡେସିମିଲ ଜମି ରେଜିଷ୍ଟ୍ରେସନ କରାଇଦେଲି । ନିଜର ଭବିଷ୍ୟତ ପାଇଁ ଏକ ବାସଗୃହର ଚିନ୍ତା ପ୍ରଥମଥର ପାଇଁ ତାଙ୍କ ମନରେ ପ୍ରବେଶ କରିଥିଲା ।

ଏହାର କିଛି କାଳ ପରେ ଡକ୍ଟର ସାହୁଙ୍କର ଅନ୍ତରଙ୍ଗ ବନ୍ଧୁ, ନିକୁଞ୍ଜ ବିହାରୀ ସିଂହ ବରପାଲିର ଏକ ବିସ୍ତୃତ ବାସ ଜମି ତାଙ୍କ ନାମରେ ଲେଖିଦେବା ପାଇଁ ଆଗେଇ ଆସିଲେ । ମୋ ଜାଣତରେ ୬୦ ଡେସିମିଲ ଜମି ରେଜିଷ୍ଟ୍ରେସନ କରାଯାଇଥିଲା । ପରେ ମୁଁ ଶୁଣିଲି ଯେ ସେ ସେଠାରେ ଆହୁରି ୧୫ ଡେସିମିଲ ରେଜିଷ୍ଟ୍ରେସନ କରାଇଥିଲେ । ଏତେବଡ଼ ବାସଭୂମି ପାଇଁ ନିକୁଞ୍ଜ ବାବୁ ଗୋଟିଏ ପଇସା ମଧ୍ୟ ନେଇନଥିଲେ । ଯେତେବେଳେ ସେ ବରପାଲିରେ ଘର ଆରମ୍ଭ କଲେ, ମୁଁ ବରଗଡ ଜମିକୁ ନିଜସ୍ୱ କରିବା ପାଇଁ ତାର ମୂଲ୍ୟ ଦେଇଦେଲି । ସେ ସମୟରେ ତାଙ୍କର ଅର୍ଥ ଦରକାର ଥିଲା ଏବଂ ସେ ଖୁସିରେ ଗ୍ରହଣ କଲେ । ଘର ନକ୍ସା ଦେଖି ମୋର ସନ୍ଦେହ ହେଲା ସେ ବୋଧହୁଏ ନିଜେ ରହିବା ପାଇଁ ଘର କରୁନାହାନ୍ତି । ସେ ନିଃସନ୍ତାନ ଥାଇ ମଧ୍ୟ ଏହି ବିସ୍ତୃତ ଜମି କାହିଁକି ନେଲେ ମୁଁ ଭାବିପାରୁନଥିଲି । ଭାଉଜ ମଧ୍ୟ ଏ ସଂପର୍କରେ କିଛି ଜାଣିନଥିଲେ । ଯେତେବେଳେ ଘର ତିଆରି ହେଲା ସେ ଭାଉଜଙ୍କୁ ଖୁସି କରାଇବା ପାଇଁ ଘରର ନାମ ଦେଲେ "ସରସ୍ୱତୀ ଭବନ" । ୧୯୭୩ ଖ୍ରୀ:ରେ ଘର ତିଆରି ସରିଲା ଏବଂ ସେହି ବର୍ଷ ବରପାଲି ମହାବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ୧୯୭୩ରୁ ୧୯୮୭ ଖ୍ରୀ: ପର୍ଯ୍ୟନ୍ତ ବରପାଲି ମହାବିଦ୍ୟାଳୟ ତାଙ୍କର ସେହି ନୂତନ ଗୃହରେ ଅବସ୍ଥାପିତ ଥିଲା । ସେଥିପାଇଁ କୌଣସି ଭଡ଼ା ଡକ୍ଟର ସାହୁ ନେଇନଥିଲେ । ସେହି ସ୍ଥାନକୁ ମୁଁ ମୈତ୍ରୀ ପୀଠ ନାମରେ ଅଭିହିତ କରିଥିଲି ।

ଡକ୍ଟର ସାହୁଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ । ସେଥିପାଇଁ ମିସେସ୍ ସାହୁ ଅନେକ ସମୟରେ ହତାଶ ହୋଇପଡ଼ୁଥିଲେ । ମାତ୍ର ଡକ୍ଟର ସାହୁଙ୍କର ଏ ବିଷୟରେ ଦୁଃଖ ବା ଚିନ୍ତା ନଥିଲା । ପୋଷ୍ୟପୁତ୍ର ଗ୍ରହଣ ପାଇଁ ତାଙ୍କ ଉପରେ ଅନେକ ଚାପ ପଡ଼ିଥିଲା । ଜ୍ୟେଷ୍ଠ ଭ୍ରାତା ଗିରିବର ସାହୁ ତାଙ୍କର ପୁତ୍ର ବିନୋଦାନନ୍ଦଙ୍କୁ ଡକ୍ଟର ସାହୁଙ୍କ ପୋଷ୍ୟପୁତ୍ର କରାଇବା ପାଇଁ ଚେଷ୍ଟିତ ଥିଲେ । ମାତ୍ର ଡକ୍ଟର ସାହୁ ଏହି ପ୍ରସ୍ତାବକୁ ରେକ୍‌ଟୋକ୍

ମନାକଲେ । ଏପରିକି ବିନୋଦ ଜ୍ୟୋତିବିହାରରେ ପଢ଼ିବା ସମୟରେ ତାଙ୍କୁ ହଷ୍ଟେଲରେ ରଖିବାକୁ ବାଧ୍ୟ କଲେ । ୧୯୮୬ରେ ମୋର ଦ୍ୱିତୀୟ କନ୍ୟା ସୁନନ୍ଦାର ବିବାହ ସେ ୮ ନମ୍ବର ୟୁନିଟର ବାସଭବନରେ କରି ନିଜେ କନ୍ୟା ଦାନ କଲେ । ସେ ହୃଦ୍‌ରୋଗର ପ୍ରଥମ ଆକ୍ରମଣରୁ ଆରୋଗ୍ୟ ଲାଭ କଲା ପରେ ବିନୋଦକୁ ପୋଷ୍ୟପୁତ୍ର କରିବା ପାଇଁ ଉଦ୍ୟମ ପ୍ରବଳ ହେଲା । ମାତ୍ର ସେ ନିଜ ଜିଦ୍‌ରେ ଅଟଳ ଥିଲେ । ସେ ଉପଲବ୍ଧି କରିଥିଲେ ଯେ ଏହି ଉଦ୍ୟମ ପଛରେ ଅଛି ନଗ୍ନ ସ୍ୱାର୍ଥ ଓ ଲୋଭ । ବିସ୍ତୃତ ଜମି ଉପରେ ନିର୍ମିତ ଭବନକୁ କୌଣସି ଏକ ଅନୁଷ୍ଠାନରେ ପରିଣତ କରିବା ପାଇଁ ତାଙ୍କର ଯୋଜନା ଥିଲା । ନିକୁଞ୍ଜ ବାବୁ ମଧ୍ୟ ସେହି ଉଦ୍ଦେଶ୍ୟରେ ଡ଼କ୍ଟର ସାହୁଙ୍କୁ ଜମି ପ୍ରଦାନ କରିଥିଲେ । ମାତ୍ର କି ଧରଣର ଅନୁଷ୍ଠାନ କରାଯିବ ତାହା ସ୍ଥିର ହୋଇ ପାରୁନଥିଲା । ଭୁବନେଶ୍ୱରରେ ସେ ଏତେ କାମରେ ବ୍ୟସ୍ତ ରହୁଥିଲେ ଯେ ସୁଦୂର ବରପାଲିରେ ଏକ ଅନୁଷ୍ଠାନ ଆରମ୍ଭ କରିବା ପାଇଁ ଚିନ୍ତା କରିବାକୁ ତାଙ୍କୁ ସମୟ ମିଳୁନଥିଲା । ତଥାପି ସେ ଆଶାବାଦୀ ଥିଲେ ଏବଂ କିଛି କରିବା ପାଇଁ ନିଶ୍ଚିତ ଥିଲେ ।

## ଅନ୍ତିମ ଜୀବନ :

୧୯୮୫ ମସିହା ଏପ୍ରିଲ ମାସରେ ଡ଼କ୍ଟର ସାହୁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେଲେ । ଅନେକ ଦିନ ଯାଏ ଇନ୍‌ଟେନ୍‌ସିଭ କେୟାରରେ ଚିକିତ୍ସାଧୀନ ରହିବା ପରେ କ୍ରମେ ଆରୋଗ୍ୟ ଲାଭ କରି ସେ ଘରକୁ ଫେରିଲେ । ଏହାପରେ ପୁଣି ଚାଲିଲା ଗବେଷଣାର ଦଉଡ଼ । ସୀମିତ ପରିଶ୍ରମ ଏବଂ ଖାଦ୍ୟରେ ସଂଯତ ହେବା ପାଇଁ ଡ଼ାକ୍ତରଙ୍କ ପରାମର୍ଶ ମାନି ଚଳିବା ତାଙ୍କ ପକ୍ଷରେ ଦୁରୂହ ବ୍ୟାପାର ଥିଲା । ଏହି ସମୟରେ ଅନେକ ଗୁରୁ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ଉପଲବ୍ଧି କରିଥିଲେ ଯେ ଏହି ଜାତି ତାଙ୍କ ଠାରୁ ଅନେକ କଥା ଆଶା କରି ରହିଛି । "ବୀର ସୁରେନ୍ଦ୍ର ସାଏ" ଗ୍ରନ୍ଥ ପ୍ରେସ୍‌ରେ ଅଛି । ମିନି କୋଣାର୍କ ପାଇଁ ଡ଼କ୍ୟୁମେଣ୍ଟେସନ୍ ଏବଂ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ଉପରେ ଗବେଷଣା କାମର ଆରମ୍ଭମାତ୍ର ହୋଇଛି । ଓଡ଼ିଶା ସାହିତ୍ୟ ଏକାଡେମୀର କାମ ରହିଛି । ଗବେଷକମାନେ ସାକ୍ଷାତ୍ ପାଇଁ ଆସୁଛନ୍ତି । ଅଭିଭାଷଣ ପାଇଁ ଅନେକ ଆମନ୍ତ୍ରଣ ଆସୁଛି । ଏପରି ସ୍ଥଳେ ସୀମିତ ପରିଶ୍ରମ ପାଇଁ ଡାକ୍ତରଙ୍କ ପରାମର୍ଶ ମାନିବା ସମ୍ଭବ ହୁଅନ୍ତା କିପରି ?

୧୯୮୫ ଅଗଷ୍ଟ ୨୮ ତାରିଖ ଦିନ ଡକ୍ଟର ସାହୁ ମିସେସ୍ ସାହୁଙ୍କ ସହିତ ସମ୍ବଲପୁର ରାସ୍ତାରେ ବାହାରି ଆମ ଅନୁଗୁଳ ବସାରେ ପହଞ୍ଚିଲେ । ସେଦିନ ପାଗ ଆଦୌ ଭଲ ନଥିଲା । ମାତ୍ର ସେ ବେଶ୍ ପ୍ରଫୁଲ୍ଲ ଦେଖାଯାଉଥିଲେ । ସେଦିନ ଅନେକ ରାତି ଯାଏ ଆମେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲୁଁ । କେତେକ ସମସ୍ୟାର ସମାଧାନ ଜରୁରୀ ବୋଲି ଆମର ଉପଲବ୍ଧି ହେଲା । ସେ ଫେରିଲା ବେଳେ ସେପ୍ଟେମ୍ବର ୨ ତାରିଖରେ ଅନୁଗୁଳରେ ରହିବା ପାଇଁ ପ୍ରତିଶ୍ରୁତି ଦେଲେ । ବାହାରେ ବର୍ଷା ରାତିସାରା ଲାଗି ରହିଥିଲା । ସକାଳେ ବର୍ଷାର ତାଣ୍ଡବଲୀଳା ଦେଖି ମୋତେ ଭୟ ଲାଗିଲା, ସେ ଯିବେ କିପରି ? ହୃଦ୍‌ରୋଗର ପ୍ରଥମ ଆକ୍ରମଣ ପରେ ତାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ଆମେ ଶଂକିତ ଥିଲୁଁ । ତେଣୁ ମୁଁ ସ୍ଥିର କଲି ତାଙ୍କ ସହିତ ସମ୍ବଲପୁର ପର୍ଯ୍ୟନ୍ତ ଯିବା ପାଇଁ । ସମ୍ବଲପୁର ମ୍ୟୁନିସିପାଲିଟୀ ଅଫିସରେ ଦୁହିଁଙ୍କୁ ପହଞ୍ଚାଇ ଦେଇ ମୁଁ ସେହି ୨୯ ତାରିଖ ରାତିରେ ଫେରି ଆସିଲି ଅନୁଗୁଳ ।

୧୯୮୫ ଅଗଷ୍ଟ ୩୦ ତାରିଖ ଡକ୍ଟର ସାହୁଙ୍କ ପାଇଁ ଏକ ଗୌରବମୟ ଦିବସ ଥିଲା । ସେଦିନ ସମ୍ବଲପୁର ସହର ଜେଲ ଛକରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଓ ତତ୍ ସହିତ ଡକ୍ଟର ସାହୁଙ୍କ ରଚିତ "ବୀର ସୁରେନ୍ଦ୍ର ସାଏ" ଗ୍ରନ୍ଥର ଉନ୍ମୋଚନ ରାଜ୍ୟପାଳ ଡକ୍ଟର ବିଶ୍ୱମ୍ଭର ନାଥ ପାଣ୍ଡେ କରିଥିଲେ । ଏହି ପ୍ରତିମୂର୍ତ୍ତି ନିର୍ମାଣ କମିଟୀରେ ଡକ୍ଟର ସାହୁ ଅନ୍ୟତମ ସଦସ୍ୟ ଥିଲେ । ରାଜ୍ୟପାଳ "ବୀର ସୁରେନ୍ଦ୍ର ସାଏ" ପୁସ୍ତକ ଉନ୍ମୋଚନ ସମୟରେ ଭାବବିହ୍ୱଳିତ ହୋଇ ପଡ଼ିଥିଲେ ଏବଂ ନିଜର ବ୍ୟକ୍ତିଗତ ପାଣ୍ଠିରୁ ଡକ୍ଟର ସାହୁଙ୍କ ପାଇଁ ଏକ ପୁରସ୍କାର ଘୋଷଣା କଲେ । ଡକ୍ଟର ସାହୁ ସେଦିନ ଏକ ସଂକ୍ଷିପ୍ତ ଭାଷଣ ଦେଇ ସମ୍ବଲପୁର ବାସୀଙ୍କ ହୃଦୟରେ ପ୍ରବେଶ କରିଥିଲେ । ସମ୍ବଲପୁର ସହରରୁ ସେ ବିଜୟ ଦର୍ପରେ ଯାତ୍ରା କଲେ ଜନ୍ମମାଟି ବରପାଲୀ ଗାଁକୁ । ବରପାଲୀରେ ଗଙ୍ଗାଧରଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଲା ପରେ ସେପ୍ଟେମ୍ବର ୧ ତାରିଖ ଦିନ କର୍ମଭୂମି ଭୁବନେଶ୍ୱର ଅଭିମୁଖେ ବାହାରିଲେ । ସେ ଦିନ ବରଗଡ ନିକଟସ୍ଥ ତୋରାରେ ସାନଭାଇ ଗୋବିନ୍ଦ ପାଖରେ ରାତ୍ରି ଯାପନ କରି ୨ ତାରିଖ ଦିନ ଅନୁଗୁଳରେ ତାଙ୍କର ପହଞ୍ଚିବାର ଯୋଜନା ଥିଲା । ମାତ୍ର ବିଧିର ବିଧାନ ଥିଲା ଅନ୍ୟ ପ୍ରକାର । ବରପାଲୀରୁ ପ୍ରାୟ ୧୦ କିଲୋମିଟର ଚଳପରେ ଏକ ନିର୍ଜନ ସ୍ଥାନରେ ତାଙ୍କର ଗାଡ଼ି ହଠାତ୍ ଅଚଳ ହୋଇ ପଡ଼ିଲା । ଅନନ୍ୟୋପାୟ ହୋଇ ସେ କିଛି ବାଟ ଚାଲି ଆସିଲେ ସରସରା ନାମକ ଏକ ଗ୍ରାମକୁ । ସେଠାରେ ଜାଣିଲେ ଯେ ତାଙ୍କର ଜଣେ ପ୍ରିୟଛାତ୍ର ବୁଦ୍ଧଦେବ ପଣ୍ଡାଙ୍କ ଘର ସେହି ଗାଁରେ । ବୁଦ୍ଧଦେବ ବାବୁଙ୍କ

ବାପା ତାଙ୍କୁ ସସମ୍ମାନେ ଘରକୁ ଡାକି ନେଲେ । ସେଦିନ ରାତିରେ ସେଠାରେ ରହିବା ପାଇଁ ସ୍ଥିର ହେଲା । ଗାଁ ଲୋକମାନଙ୍କ ସାଙ୍ଗରେ ସେ ଅନେକ ଗପସପ ହେଲେ । ରାତ୍ରୀ ଭୋଜନରେ ଚକୁଳି ପିଠା ଓ କ୍ଷୀର ଖାଇ କହିଲେ ଯେ, ଯେମିତି କ୍ଳାନ୍ତ ଲାଗୁଛି, ନିଶ୍ଚୟ ଭଲ ନିଦଟିଏ ହେବ । ସେ 'ନିଦ' ଆଶା କରୁଥିଲେ, ମାତ୍ର ଲାଭ କଲେ 'ମହାନିଦ୍ରା' । ଅପ୍ରତ୍ୟାଶିତ ଭାବରେ ତାଙ୍କର ହୃଦ୍‌ରୋଗ ଆରମ୍ଭ ହେଲା । ସେ ଗଭୀର ଯନ୍ତ୍ରଣା ଅନୁଭବ କରି କହିଲେ ମୁଁ ଆଉ ବଞ୍ଚିବି ନାହିଁ । ସେଇଟା ତାଙ୍କର ଶେଷ କଥା ଥିଲା । ଗ୍ରେଟ ଗାଁରେ ଚିକିତ୍ସାର କୌଣସି ସୁବିଧା ନଥିଲା । ତେଣୁ ତାଙ୍କୁ ଧରି ମିସେସ୍ ସାହୁ ଆସିଲେ ବରଗଡ଼ ଗୋବିନ୍ଦ ବାବୁଙ୍କ ପାଖକୁ । ଗୋବିନ୍ଦ ବାବୁ ଜାଣି ପାରିଲେ ଯେ ସବୁ ଶେଷ ହୋଇ ଯାଇଛି । ସେ କିଛି ନକହି ଗାଡ଼ି ନେଇ ଆସିଲେ ବୁର୍ଲା ଡାକ୍ତର ଖାନାକୁ । ସେଠାରେ ଡାକ୍ତର ପ୍ରକାଶ କଲେ ଯେ ଡକ୍ଟର ସାହୁଙ୍କ ମୃତ୍ୟୁ ହୋଇ ସାରିଛି ।

ଦୁଇ ତାରିଖ ଦିନ ଡକ୍ଟର ସାହୁଙ୍କର ଶବ ତାଙ୍କର ପ୍ରିୟସ୍ଥଳୀ ଜ୍ୟୋତିବିହାରରେ ବନ୍ଧୁ ଓ ଗୁଣମାନଙ୍କର ଶେଷ ଦର୍ଶନ ପାଇଁ ରଖାଗଲା । ସେଠାରୁ ଶବ ସତ୍କାର ପାଇଁ ତାଙ୍କୁ ଜନ୍ମମାଟି ବରପାଲି ଅଣାଗଲା । ସମ୍ବଲପୁର ଆର୍. ଡି. ସି. ବିହାର ରଞ୍ଜନ ହୋତାଙ୍କଠାରୁ କରୁଣ ବାର୍ତ୍ତା ପାଇ ପିଲାମାନଙ୍କ ସହିତ ମୁଁ ହଠାତ୍ ବରପାଲି ଆସିଲି । ଆମେ ସମସ୍ତେ ତାଙ୍କର ଶେଷ ଦର୍ଶନ କଲା ପରେ ଶବ ଦାହ ହେଲା ।

## ମିସେସ୍ ସାହୁଙ୍କ ଅନ୍ତିମ ଜୀବନ :

ଡକ୍ଟର ସାହୁଙ୍କ ମୃତ୍ୟୁ ପରେ ମିସେସ୍ ସାହୁଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ସେ ଅତ୍ୟନ୍ତ ସରଳ ଥିଲେ ଏବଂ ସେହି ସୁଯୋଗରେ ତାଙ୍କୁ ଶୋଷଣ କରିବା ପାଇଁ ଅନେକ ଲାଳାୟିତ ଥିଲେ । ଯେଉଁ ବିନୋଦକୁ ଡକ୍ଟର ସାହୁ ଆଙ୍ଗୁଳି ନିର୍ଦ୍ଦେଶ କରି ପୋଷ୍ୟପୁତ୍ର ପାଇଁ ମନାକରିଥିଲେ ତା ପାଇଁ ପୁଣି ନାହିଁ ନଥିଲା ଉଦ୍ୟମ ହେଲା । ମିସେସ୍ ସାହୁ ତାଙ୍କର ଏକମାତ୍ର ଭଉଣୀଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ସେହି ଭଉଣୀର ଝିଅ ସହିତ ବିନୋଦର ବିବାହ ପାଇଁ ଏକ ଛଳନାତ୍ମକ ପ୍ରସ୍ତାବ ଅଣାଗଲା । ଏହାର ଏକମାତ୍ର ସର୍ତ୍ତ ଥିଲା ଯେ ମିସେସ୍ ସାହୁ ବିନୋଦକୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିବେ । ବସ୍ତୁତଃ ଏହାଠୁଁ ବଳି ବଡ଼ ପ୍ରଲୋଭନ ମିସେସ୍ ସାହୁଙ୍କ ପାଇଁ ଆଉ କିଛି ନଥିଲା । ଅନେକ ପ୍ରତିଶ୍ରୁତିରେ ପ୍ରତାରିତା ହୋଇ ମିସେସ୍ ସାହୁ ବିନୋଦକୁ ପୋଷ୍ୟପୁତ୍ର

କରିନେଲେ । ଏହା ସହିତ ବିନୋଦଙ୍କୁ ଏଟୋର୍ଣ୍ଣି ପାୱାର ମଧ୍ୟ ଦିଆଗଲା । ଏହି ଦୁଇ କାମ ଅତି ଗୋପନରେ ଓ ସତର୍କତାର ସହିତ କରାଗଲା । ଆମ୍ଭେମାନେ ଏହାର ଆଭାସ ମଧ୍ୟ ପାଇପାରିଲୁ ନାହିଁ । ଏହାପରେ ଡ଼କ୍ଟର ସାହୁଙ୍କର ସବୁ ଜିନିଷ ବିକ୍ରୀ କରିଦିଆଗଲା । ବରଗଡରେ ଆମେ ନେଇଥିବା ଜମି ମଧ୍ୟ ମଧ୍ୟ ବାଦ୍ ପଡ଼ିଲା ନାହିଁ । ମିସେସ୍ ସାହୁଙ୍କ ଭଉଣୀର ଝିଅ ସହିତ ବିନୋଦର ବିବାହ ପ୍ରସ୍ତାବ ବାତିଲ କରି ଦିଆଗଲା । ବିନୋଦର ବିବାହ ହେଲା କଟକର ଏକ ଧନୀ ପରିବାରରେ । ଏହାପରେ ମିସେସ୍ ସାହୁଙ୍କୁ ଅନେକ ଦୁଃଖ ଓ ନିର୍ଯାତନା ଭୋଗ କରିବାକୁ ପଡ଼ିଲା । ଶେଷରେ ସେ ବୁର୍ଲା ନିକଟସ୍ଥ କଣ୍ଢାପାଲି ଗ୍ରାମରେ ଜଣେ ପ୍ରିୟ ଲୋକର ବାସଭବନରେ ସମସ୍ତଙ୍କ ଅଜ୍ଞାତରେ ଅସୁସ୍ଥ ଶରୀରରେ ଦୀର୍ଘ ୧୬ ଦିନ ଆଶ୍ରୟ ନେଇ ୧୯୯୩ ଡିସେମ୍ବର ୯ ତାରିଖ ରାତିରେ ଶେଷ ନିଶ୍ୱାସ ତ୍ୟାଗ କଲେ । ଏହି ପ୍ରିୟ ଲୋକ ମନବୋଧ ବିଶ୍ୱବିଦ୍ୟାଳୟରେ ବହୁ ଦିନ ପର୍ଯ୍ୟନ୍ତ ଡକ୍ଟର ସାହୁଙ୍କର ବିଶ୍ୱସ୍ତ ଅର୍ଡ଼ର୍ଲି ଭାବରେ କାମ କାମ କରୁଥିଲା । ଡ଼କ୍ଟର ସାହୁ ଛାତ୍ରମାନଙ୍କୁ ନିଜର ସନ୍ତାନ ରୂପେ ଦେଖୁଥିଲେ ଏବଂ ମିସେସ୍ ସାହୁ ଘରର ଭୃତ୍ୟମାନଙ୍କୁ ସନ୍ତାନର ସ୍ନେହ ଦେଉଥିଲେ ।

ଡ଼କ୍ଟର ସାହୁଙ୍କର ମୃତ୍ୟୁ ଜଣେ ପ୍ରିୟ ଛାତ୍ରଙ୍କ ଘରେ, ଏବଂ ମିସେସ୍ ସାହୁଙ୍କର ମୃତ୍ୟୁ ଜଣେ ପ୍ରିୟ ଭୃତ୍ୟର ଘରେ ହୋଇଥିଲା । ବାସ୍ତବରେ ଏହା ଥିଲା ବିଧାତାର ବିଚିତ୍ର ସଂଯୋଜନ ।

## ଶ୍ରଦ୍ଧାଞ୍ଜଳି :

ଡ଼କ୍ଟର ସାହୁଙ୍କର ଅପ୍ରତ୍ୟାଶିତ ତିରୋଧାନ ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାଙ୍କର ଅଗଣିତ ବନ୍ଧୁ, ଛାତ୍ର ଓ ପ୍ରଶଂସକଗଣ ଶୋକସଭାମାନ ଆୟୋଜନ କରି ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉତ୍କଳ ସାହିତ୍ୟ ସମାଜ ତରଫରୁ କଟକର ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଶାର ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେ ସେହି ଇତିହାସ ପୁରୁଷଙ୍କର ଫଟୋଚିତ୍ର ଉନ୍ମୋଚନ କରି ଭାବ ବିହ୍ୱଳିତ ଶ୍ରଦ୍ଧା ଜ୍ଞାପନ କରିଥିଲେ । ୧୯୯୦ ଖ୍ରୀ:ରେ ଡକ୍ଟର ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ "ଓଡ଼ିଶା ସାହିତ୍ୟ ଏକାଡ଼େମୀ" ଓଡ଼ିଶାର ଅଗଣିତ ସଂସ୍କୃତିପ୍ରେମୀ ଜନସାଧାରଣଙ୍କ ତରଫରୁ "ପୂଜ୍ୟପୂଜା ପରଂପରା ପ୍ରତି ସମ୍ମାନ ଜଣାଇ" ଏକ ସ୍ମରଣିକା ପ୍ରକାଶ କଲା । ଏଥିରେ କୋଡ଼ିଏ ଜଣ ବରିଷ୍ଠ ଶିକ୍ଷାବିତ୍ ଓ ଲେଖକ ଡକ୍ଟର ସାହୁଙ୍କ ସ୍ମୃତି ଚାରଣ ପାଇଁ ସୁଯୋଗ ପାଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଡକ୍ଟର ସାହୁଙ୍କ

ସ୍ମୃତିରକ୍ଷା ପାଇଁ ତାଙ୍କର ପ୍ରିୟ ମ୍ୟୁଜିଅମକୁ ତାଙ୍କରି ନାମରେ ନାମିତ କଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ପକ୍ଷରୁ ତାଙ୍କ ନାମରେ ଏକ ସ୍ମାରକୀ ଗ୍ରନ୍ଥ ପ୍ରକାଶ ପାଇଲା ଏବଂ କେତେକ ଅଧ୍ୟାପକଙ୍କର ଉଦ୍ୟମରେ ଓଡ଼ିଶାର ଇତିହାସ ଓ ସଂସ୍କୃତିର ଗବେଷଣା ପାଇଁ ଏକ ଅନୁଷ୍ଠାନ ପ୍ରତିଷ୍ଠିତ ହେଲା ।

ଡ଼କ୍ଟର ସାହୁ ଗୁଞ୍ଜରିକେଲା ପ୍ରଗତି ଉତ୍କଳ ସଂଘର ସାମୟିକ ମୁଖପତ୍ରର ଶୁଭାରମ୍ଭ କରି ଦୀର୍ଘ ସତର ବର୍ଷ ପର୍ଯ୍ୟନ୍ତ ତାର ପରିଚାଳନା ଦାୟିତ୍ୱରେ ରହିଥିଲେ । ଏହି ମୁଖପତ୍ରର ଏକ ବିଶେଷାଙ୍କ ଉତ୍କଳ ଗୌରବ ଡ଼କ୍ଟର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରି ସଂଘର କର୍ମକର୍ତ୍ତାଗଣ ସେମାନଙ୍କର ପ୍ରିୟ ପ୍ରେରଣାଦାତାଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି । ଡ଼କ୍ଟର ସାହୁଙ୍କର ଅମର ସ୍ମୃତି ଏହି ସ୍ମାରକୀରେ ଅବିସ୍ମରଣୀୟ ହୋଇ ରହିବ ।

ଡ଼କ୍ଟର ସାହୁ ଥିଲେ ସଂସ୍କୃତିର ସନ୍ତାନ । ସେ ସଂସ୍କୃତିରେ ବଞ୍ଚିଥିଲେ ଏବଂ ମୃତ୍ୟୁ ପରେ ମଧ୍ୟ ନିଜର ସାଂସ୍କୃତିକ ଅବଦାନ ତଥା ସାଂସ୍କୃତିକ ଅନୁଷ୍ଠାନମାନଙ୍କ ମାଧ୍ୟମରେ ବଞ୍ଚି ରହିବା ପାଇଁ ଆଶା କରିଥିଲେ । ସେ କହୁଥିଲେ ଯେ ଏମାନେ ହିଁ ତାଙ୍କର ସନ୍ତାନ ଅଟନ୍ତି ଏବଂ ଏମାନେ ହିଁ ତାଙ୍କର ବଂଶ ରକ୍ଷା କରିବେ; କୌଣସି ପୁଅ ବା ପାଳିତ ପୁଅ ନୁହେଁ । ସେଥିପାଇଁ ବୋଧହୁଏ ସେ ପୋଷ୍ୟପୁତ୍ର ଗ୍ରହଣ ପାଇଁ ଅନିଚ୍ଛୁକ ଥିଲେ । ତାଙ୍କର ଅନ୍ତିମ ଇଚ୍ଛା ଥିଲା ଯେ ଜନ୍ମମାଟି ବରପାଲିରେ ତାଙ୍କର ଭବନକୁ ସେ ଏକ ସାଂସ୍କୃତିକ ଅନୁଷ୍ଠାନ ରୂପେ ଠିଆ କରାଇବେ ଏବଂ ତାହାହିଁ ହେବ ତାଙ୍କର ପୋଷ୍ୟପୁତ୍ର; ତାହାରି ମାଧ୍ୟମରେ ହିଁ ହେବ ତାଙ୍କର ବଂଶରକ୍ଷା । କିନ୍ତୁ ତାଙ୍କର ମୃତ୍ୟୁ ପରେ ସବୁ ଓଲଟପାଲଟ ହେଲା । ଜନ୍ମମାଟିରେ ତାଙ୍କର ସ୍ମୃତି ରକ୍ଷା ପାଇଁ ଏପର୍ଯ୍ୟନ୍ତ କିଛି କରାଯାଇପାରିଲା ନାହିଁ । ଏବେ ବି ସମୟ ଅଛି । ଏବେ ବି ବରପାଲିର ମୈତ୍ରୀ ପୀଠରେ ଡ଼କ୍ଟର ସାହୁଙ୍କ ସାରସ୍ୱତ ଭବନ ନିର୍ମାଣରେ ଠିଆ ହୋଇଛି । ତାଙ୍କର ଅନ୍ତିମ ଇଚ୍ଛାକୁ ପୂରଣ କରିବା ପାଇଁ ସେହି ଭବନରେ କୌଣସି ପଦକ୍ଷେପ ନେଇପାରିଲେ ତାହା ତାଙ୍କ ପ୍ରତି ବରପାଲି ବାସୀଙ୍କର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇ ରହନ୍ତା ।

# ପ୍ରଫେସର ସାହୁ :
# ଏକ ବ୍ୟକ୍ତିଗତ ପ୍ରତୀତି

**ପ୍ରଫେସର ପ୍ରବୋଧ କୁମାର ମିଶ୍ର**

ସ୍ୱର୍ଗୀୟ ପ୍ରଫେସର ନବୀନ କୁମାର ସାହୁ ମୋର ପୂଜ୍ୟ ଗୁରୁଦେବ । ତାଙ୍କ ସହିତ ମୋର ସଂପର୍କ ଦୀର୍ଘ ତିରିଶ ବର୍ଷର । ଏହି ଦୀର୍ଘକାଳ ମଧ୍ୟରେ ମୁଁ ଛାତ୍ର ଅବସ୍ଥା ଅତିକ୍ରମ କରି ତାଙ୍କ ତତ୍ତ୍ୱାବଧାନରେ ଗବେଷଣା ଓ ଅଧ୍ୟାପନା କାର୍ଯ୍ୟରେ ନିଯୁକ୍ତ ଥିଲି । ଓଡ଼ିଶା ଇତିହାସ ସଂପର୍କରେ ତାଙ୍କର ଗବେଷଣାର ପ୍ରାରମ୍ଭ କାଳରୁ ମୁଁ ତାଙ୍କ ସହିତ ସଂପୃକ୍ତ ଥିଲି । ଓଡ଼ିଶାର ରାଜନୈତିକ ତଥା ସାଂସ୍କୃତିକ ଇତିହାସକୁ ଦିଗ୍‌ଦର୍ଶନ ଦେବାରେ ସେ କିପରି ନିଷ୍ଠାର ସହିତ ଆତ୍ମନିୟୋଗ କରିଥିଲେ, ତାହା ଲକ୍ଷ୍ୟକରି ମୁଁ ବିସ୍ମିତ ହେଉଥିଲି । କଲିକତା ବିଶ୍ୱବିଦ୍ୟାଳୟର ପାଲି ପ୍ରଫେସର ନଳିନାକ୍ଷ ଦତ୍ତଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରେ ବୌଦ୍ଧଧର୍ମ ଉପରେ ଗବେଷଣାତ୍ମକ ସଂନ୍ଦର୍ଭ ଲେଖି ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡ଼କ୍ଟରେଟ୍ ଉପାଧି ଲାଭ କରିଥିଲେ । ବାରିପଦାରେ ଥିବା ଜୁବିଲି ଲାଇବ୍ରେରୀର ଗ୍ରନ୍ଥଗୁଡ଼ିକ ତାଙ୍କ ଗବେଷଣା କାର୍ଯ୍ୟରେ ବିଶେଷ ସହାୟକ ହୋଇଥିଲା । ସେତେବେଳେ (୧୯୫୦-୫୪ରେ) ସେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଥିଲେ । ସେହି ସମୟରେ "ଯୁଗେ ଯୁଗେ ଭାରତୀୟ ନୌବାଣିଜ୍ୟ" ନାମକ ପୁସ୍ତିକା ରଚନା କରି ସେ ପୁରସ୍କୃତ ହୋଇଥିଲେ ।

ଖ୍ରୀ. ୧୯୫୪ରେ ରେଭେନ୍‌ସା ମହାବିଦ୍ୟାଳୟକୁ ବଦଳି ହେଲାପରେ ପ୍ରଫେସର ସାହୁଙ୍କର ଗବେଷଣା କାର୍ଯ୍ୟର ଗତି ତଥା ପରିସର ବୃଦ୍ଧି ପାଇଲା । ହଣ୍ଟର, ଷ୍ଟର୍ଲିଂ ଓ ସାମ୍‌ସଙ୍କ ରଚିତ ଐତିହାସିକ ବିବରଣୀମାନ ସଂପାଦନା କରି ସେ ଓଡ଼ିଶା ଇତିହାସକୁ ନୂତନ ଆଭିମୁଖ୍ୟ ଓ ରୂପ ପ୍ରଦାନ କରିଥିଲେ । ତାଙ୍କର ନୂତନ ତଥ୍ୟ-ସମ୍ବଳିତ ଓ ଗବେଷଣା-ପ୍ରସୂତ ପ୍ରବନ୍ଧମାନ **Orissa Historical Research Journal**ରେ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ତାଙ୍କର ପ୍ରାମାଣିକ ଗ୍ରନ୍ଥ **"Buddhism in Orissa"** ପ୍ରକାଶିତ ହେବାଦ୍ୱାରା ଓଡ଼ିଶା ଇତିହାସକୁ ନୂତନ ଦିଗ୍‌ଦର୍ଶନ ମିଳିଲା । ରାଖାଲଦାସ ବାନାର୍ଜି ଓ ହରେକୃଷ୍ଣ ମହତାବଙ୍କ ରଚିତ 'ଓଡ଼ିଶା ଇତିହାସ' ସମୟୋପଯୋଗୀ ନ ହେବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଇତିହାସ ଲେଖିବାର ଯୋଜନା କାର୍ଯ୍ୟକାରୀ ହେଲା । ତଦନୁସାରେ ପ୍ରଥମ ଦୁଇଖଣ୍ଡ ପୁସ୍ତକ (ପ୍ରାଚୀନ ଓ ପ୍ରାକ୍ ମଧ୍ୟଯୁଗ) ରଚନା ଦାୟିତ୍ୱ ପ୍ରଫେସର ସାହୁ ସାଦରେ ବହନ କରିଥିଲେ । ତାଙ୍କ ଗବେଷଣାରେ ସହାୟକ ଭାବରେ ମୋତେ ନିଯୁକ୍ତି ମିଳିଥିଲା । ସେ ସମୟରେ ବରେଣ୍ୟ ନେତା ଲକ୍ଷ୍ମୀନାରାୟଣ ସାହୁଙ୍କୁ ଓଡ଼ିଶାରେ ଜୈନଧର୍ମ ନାମକ ଏକ ପୁସ୍ତକ ରଚନା କରିବା ପାଇଁ ପ୍ରଫେସର ସାହୁ ପ୍ରେରଣା ଦେଇଥିଲେ । ଓଡ଼ିଆ ଭାଷାରେ ଲିଖିତ ଓଡ଼ିଶାରେ ଜୈନଧର୍ମ ସେତେବେଳେ ବିଶେଷ ଆଦୃତ ହୋଇଥିଲା । ଚନ୍ଦ୍ରଭାଗା ନଦୀର ନିମ୍ନ ଭୂଭାଗ ଏବଂ ପ୍ରାଚୀନଦୀ ଅବବାହିକାର ଐତିହାସିକ ସର୍ବେକ୍ଷଣ କାର୍ଯ୍ୟରେ ପ୍ରଫେସର ସାହୁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

ଓଡ଼ିଶା ଇତିହାସ ସମ୍ପର୍କରେ ଗବେଷଣା ପାଇଁ ଅନେକ ତରୁଣ ଗବେଷକ ପ୍ରଫେସର ସାହୁଙ୍କ ଅନୁଗ୍ରହ ପ୍ରାର୍ଥୀ ହୋଇଥିଲେ । ରାଜନୈତିକ ତଥା ସାଂସ୍କୃତିକ ଇତିହାସ ଉପରେ ତାଙ୍କର ଗଭୀର ପ୍ରବେଶ ଏବଂ ଜ୍ଞାନ ଥିଲା । ନୀରବ ସାଧକ ଓ ସ୍ଥିତପ୍ରଜ୍ଞ ବୁଦ୍ଧିଜୀବୀ ଭାବରେ ସେ ସମସ୍ତଙ୍କର ଆଦରଣୀୟ ଓ ସମ୍ମାନାସ୍ପଦ ହୋଇଥିଲେ । ୧୯୬୪ରେ ବହୁତଥ୍ୟ ସମ୍ବଳିତ 'ଓଡ଼ିଶା ଇତିହାସ' ପ୍ରଥମ ଖଣ୍ଡ ଓ 'ଓଡ଼ିଶା ପୁଲିସ ବାହିନୀର ଇତିହାସ' ରଚନା କରି ସେ ନିଜର ଅପରିମେୟ ପ୍ରତିଭାର ପରିଚୟ ଦେଇଥିଲେ । **Orissa Gazetteers**ର ସଂପାଦନା ଦାୟିତ୍ୱରେ ରହି ବଲାଙ୍ଗୀର, ମୟୂରଭଞ୍ଜ, କୋରାପୁଟ ଓ ସୁନ୍ଦରଗଡ ଆଦି ଜିଲ୍ଲାର ଗେଜେଟିୟର ସଂକଳନ ସଂପୂର୍ଣ୍ଣ କରିଥିଲେ ।

୧୯୬୮ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପଦରେ ପ୍ରଫେସର ସାହୁ ଯୋଗଦେଇଥିଲେ । ୧୯୭୦ ଠାରୁ ସେ ବିଶ୍ୱବିଦ୍ୟାଳୟର ଉପାଧ୍ୟକ୍ଷ

ଇତିହାସ ବିଭାଗର ପ୍ରଫେସର ପଦରେ ନିଯୁକ୍ତ ହୋଇଥିଲେ । ଏହି ନୂତନ ଦାୟିତ୍ୱ ତାଙ୍କର ଐତିହାସିକ ଜୀବନକୁ ସମୃଦ୍ଧ କରିବାରେ ସହାୟକ ହୋଇଥିଲା । 'ଓଡ଼ିଆ ଜାତିର ଇତିହାସ' ନାମକ ଏକ ପୁସ୍ତକ ସେ ପ୍ରଣୟନ କରିଥିଲେ । ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ଲୋକଲୋଚନକୁ ଆଣିବା ପାଇଁ କଳାହାଣ୍ଡିର ଗୁଡ଼ହାଣ୍ଡି ଓ ଅସୁରଗଡ଼ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଭୂଖନନ କାର୍ଯ୍ୟ କରିଥିଲେ । ପଦମପୁର ନିକଟସ୍ଥ ଗଣିଆପାଲି ଓ ସୋନପୁର ନିକଟସ୍ଥ ମନମୁଣ୍ଡା ଠାରେ ମଧ୍ୟ ପ୍ରତ୍ନତାତ୍ତ୍ୱିକ ଭୂଖୋଦନର ନେତୃତ୍ୱ ସେ ବହନ କରିଥିଲେ । ସୁବିଖ୍ୟାତ ଗନ୍ଧମାର୍ଦ୍ଦନ ପର୍ବତର ଐତିହାସିକ ବିଭବ ନୃସିଂହନାଥ ମନ୍ଦିରର ମହତ୍ତ୍ୱ ଏବଂ ଲଙ୍କା ଅନ୍ୱେଷଣରେ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିଦ ସାଙ୍କାଲିଆଙ୍କ ଅଭିମତକୁ ପ୍ରମାଣ କରିବା ପାଇଁ ତଥ୍ୟ ସଂଗ୍ରହରେ ପ୍ରଫେସର ସାହୁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ତାଙ୍କ ପରାମର୍ଶ ଅନୁସାରେ ଓଡ଼ିଶାର ବୈଷ୍ଣବଧର୍ମ, ଶାକ୍ତଧର୍ମ, ଶୈଳୋଦ୍ଭବ ରାଜବଂଶର ଅଭ୍ୟୁଦୟ ଓ ପତନ, ଶରଭପୁରୀୟ ରାଜବଂଶର ଇତିହାସ ଆଦି ନାନା ବିଷୟବସ୍ତୁ ଉପରେ ଗବେଷଣାତ୍ମକ ପ୍ରବନ୍ଧ ପ୍ରସ୍ତୁତ ହୋଇଥିଲା । ସୋମ ଓ ଗଙ୍ଗବଂଶର ଇତିହାସ ସଂକଳନ ତଥା ସମ୍ରାଟ ଖାରବେଳ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ରଚନାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ସଦା ସ୍ୱୀକୃତ । ଓଡ଼ିଶାର ଧର୍ମ ସାହିତ୍ୟ ଓ ଦେବାଳୟ ମାନଙ୍କ ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ତଥ୍ୟ ସମ୍ବଳିତ ଦୃଷ୍ଟିକୋଣ ବିଦ୍ୟାର୍ଥୀ ଓ ଶ୍ରୋତାମାନଙ୍କୁ ମୁଗ୍ଧ କରୁଥିଲା । ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଇତିହାସ ଉପରେ ତାଙ୍କ ସଦୃଶ ଗବେଷକ ଓ ବିଦ୍ୱାନ ଓଡ଼ିଶାରେ ବିରଳ । ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ନିବିଡ଼ ଭାବରେ ସଂଯୁକ୍ତ ଥିଲେ । ରାଉରକେଲାର ପ୍ରଗତି ଉତ୍କଳ ସଂଘ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ସପ୍ତର୍ଷି' ନାମକ ସାହିତ୍ୟିକ ପତ୍ରିକା ତାଙ୍କ ଦ୍ୱାରା ଅପୂର୍ବ ପ୍ରେରଣାରେ ଉଦଭୂତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଐତିହାସିକ ମ୍ୟୁଜିୟମ ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା । ଓଡ଼ିଶାର ବରପୁତ୍ରମାନଙ୍କର ତୈଳଚିତ୍ର ସଂରକ୍ଷିତ କରିବା ସଙ୍ଗେ ସଙ୍ଗେ ବହୁ ପ୍ରାଚୀନ ଅଭିଲେଖ ମୁଦ୍ରା, କଳା ଓ ସ୍ଥାପତ୍ୟ ତଥା ଲୋକସଂସ୍କୃତିର ପ୍ରତୀକମାନ ସେ ସଂଗ୍ରହ କରିଥିଲେ । ଦକ୍ଷିଣ କୋଶଳର ଇତିହାସ ଓ ସଂସ୍କୃତି ସଂକଳନ ପାଇଁ **New Aspects of History of Orissa** ଏବଂ **Sambalpur University Journal**ର ସଂପାଦନା କରିଥିଲେ । ୧୯୬୮ ମସିହାରେ ଭାରତୀୟ ସଂସ୍କୃତି ଉପରେ ଅଧ୍ୟାପନା ତଥା ଗବେଷଣା ଉଦ୍ଦେଶ୍ୟରେ ଏକ ଉପାଧ୍ୟୁତ୍ତର ବିଭାଗ ପ୍ରତିଷ୍ଠା କରିଥିଲେ । ତାଙ୍କ ପ୍ରେରଣାରେ ଭାରତୀୟ ମୁଦ୍ରା ପରିଷଦର ବାର୍ଷିକ

ଅଧିବେଶନ ଏବଂ ଓଡ଼ିଶା ଇତିହାସ କଂଗ୍ରେସର ନବମ ବାର୍ଷିକ ସମାରୋହ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ସଦାସର୍ବଦା ଗବେଷଣାତ୍ମକ ଆଲୋଚନା ଓ ଚିନ୍ତାରେ ସେ ନିଜକୁ ବ୍ୟସ୍ତ ରଖୁଥିଲେ । ଦେଶବିଦେଶରୁ ଅନେକ ଗବେଷକ ତାଙ୍କ ପାଖକୁ ଆଲୋଚନା ପାଇଁ ଆସୁଥିଲେ । ଐତିହାସିକ ଗବେଷଣା ଓ ତଥ୍ୟ ସଂକଳନ କାର୍ଯ୍ୟର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ ।

ଜୀବନର ସାୟଂ କାଳରେ ଓଡ଼ିଶା ସରକାରଙ୍କ ପତ୍ନତତ୍ତ୍ୱ ଉପଦେଷ୍ଟା ପଦରେ ଥାଇ ସେ ମାଗିରୁଡ଼ା ଉପତ୍ୟକାର ସର୍ବେକ୍ଷଣ ଓ ଭୂଖୋଦନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଗଭୀର ଅରଣ୍ୟାନୀ ମଧ୍ୟରେ ପ୍ରାୟ ଦେଢହଜାର ବର୍ଷ ପୂର୍ବେ ସଭ୍ୟ ମାନବର ପଦଧ୍ୱନିର ସ୍ପଷ୍ଟ ସଂକେତ ସେ ପାଇଥିଲେ । କିନ୍ତୁ ସମୟ ଅଭାବ ହେତୁ ବହୁ ଆୟାସଲବ୍ଧ ଜ୍ଞାନ ଓ ତଥ୍ୟକୁ ସର୍ବସମକ୍ଷରେ ଉପସ୍ଥାପିତ କରିବା ପାଇଁ ତାଙ୍କ ମନର ଅଭିଳାଷ ପୂରଣ ହୋଇପାରିଲାନାହିଁ । ଅଦୃଷ୍ଟ କାଳଚକ୍ରର ଘୂର୍ଣ୍ଣନରେ ତାଙ୍କର ପ୍ରଦୀପ୍ତ ଜ୍ଞାନାଲୋକ ନିର୍ବାପିତ ହୋଇଗଲା । ଓଡ଼ିଶାର ସେ ଥିଲେ ଏକ ଅବିସ୍ମରଣୀୟ ପ୍ରତିଭା । ତାଙ୍କ ବିୟୋଗରେ ଏକ ବରପୁତ୍ରଙ୍କୁ ଆମେ ହରାଇଲୁ । ଓଡ଼ିଶାର ଇତିହାସ ଓ ସଂସ୍କୃତି ସଂକଳନରେ ତାଙ୍କ ପ୍ରେରଣା ଓ ସ୍ମୃତିକୁ ପାଥେୟ କରି ଆମେ ଯଦି କିଛି ସ୍ଥାୟୀ କାର୍ଯ୍ୟ କରିପାରିବା, ତାହାହିଁ ହେବ ପ୍ରଫେସର ସାହୁଙ୍କ ପ୍ରତି ଓଡ଼ିଆ ଜାତିର ଶ୍ରଦ୍ଧାଞ୍ଜଳି । ●



ଡକ୍ଟର ସାହୁ ଓ ଶ୍ରୀମତୀ ସାହୁ



ବାପା ଓ ଭାଇମାନଙ୍କ ଗହଣରେ ଡକ୍ଟର ସାହୁ



ଭାରତର ତତ୍‌କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହଙ୍କ ସହ ଡକ୍ଟର ସାହୁ

# ଦ୍ୱିତୀୟ ଭାଗ

ଓଡ଼ିଶାର ଇତିହାସ-ସାଧନା

ଓ

ପ୍ରଫେସର ନବୀନ କୁମାର

# ବୈଷ୍ଣବଧର୍ମ ପ୍ରଖ୍ୟାପନରେ ଡକ୍ଟର ନବୀନ କୁମାରଙ୍କ ଭୂମିକା

ଡକ୍ଟର ବାବା ମିଶ୍ର

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ଐତିହାସିକ ଓ ସାଂସ୍କୃତିକ ଗବେଷଣା କ୍ଷେତ୍ରରେ ତଥା ସମଗ୍ର ଓଡ଼ିଶା ପ୍ରଦେଶର ଲୁକ୍କାୟିତ ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ଉପାଦାନର ଅନୁସନ୍ଧାନ ଓ ଅନୁଶୀଳନ ପୂର୍ବକ ଓଡ଼ିଆ ସଂସ୍କୃତିର ପ୍ରଖ୍ୟାପନ କ୍ଷେତ୍ରରେ ସ୍ୱର୍ଗତ ଡକ୍ଟର ନବୀନ କୁମାର ସାହୁ ନିଶ୍ଚିତ ଭାବେ ଅନ୍ୟତମ ବ୍ୟକ୍ତିତ୍ୱ ।-କୋଣାର୍କ, ପୁରୀ, ଭୁବନେଶ୍ୱର, ଯାଜପୁର ଓ ଖିଚିଙ୍ଗ ଠାରୁ ଆରମ୍ଭ କରି ମହେନ୍ଦ୍ରାଞ୍ଚଳ, କୋରାପୁଟର ମାଳଭୂମି, କଳାହାଣ୍ଡି, ଫୁଲବାଣୀର ଘଞ୍ଚ ଅରଣ୍ୟ ତଥା ସୋନପୁର-ସମ୍ବଲପୁରର ମହାନଦୀ ଅବବାହିକା— ଏ ସମସ୍ତ ଅଞ୍ଚଳର ପୁରାତାତ୍ତ୍ୱିକ ଉପାଦାନର ସରଳ, ନିରପେକ୍ଷ ବ୍ୟାଖ୍ୟା ତାଙ୍କ ଗବେଷଣାର ନିର୍ଯ୍ୟାସ । ଓଡ଼ିଶାରେ ବୌଦ୍ଧଧର୍ମ ଓ ଦର୍ଶନର ଶ୍ରେଷ୍ଠ ଗବେଷକ ଭାବେ ଡକ୍ଟର ସାହୁ ସର୍ବଜନ-ବିଦିତ । କିନ୍ତୁ ଐତିହାସିକ ପୃଷ୍ଠଭୂମିରୁ ବୈଷ୍ଣବ ଧର୍ମର ବିଶ୍ଳେଷଣ କ୍ଷେତ୍ରରେ ତାଙ୍କର କୃତିତ୍ୱ କିଛି କମ୍ ନୁହେଁ ।

ଓଡ଼ିଶାରେ ବୈଷ୍ଣବ ଧର୍ମର ଉଦ୍ଭବ ଓ ବିକାଶ ବ୍ରାହ୍ମଣ୍ୟ ଧର୍ମର ପ୍ରସାର ସହିତ ଜଡ଼ିତ । ଅଶୋକଙ୍କ ତ୍ରୟୋଦଶ ଅନୁଶାସନ, ଖାରବେଳଙ୍କ ଶିଳାଲିପି, ତଥା ଗଣଭଦ୍ରଙ୍କ ଭଦ୍ରକ ଶିଳାଲିପିରୁ ପ୍ରାଚୀନ ଓଡ଼ିଶାରେ ବ୍ରାହ୍ମଣ୍ୟଧର୍ମ ଓ ସଂସ୍କୃତିର ସ୍ଥିତି ଅତି ସ୍ପଷ୍ଟ । (୧) କିନ୍ତୁ ଉପର୍ଯ୍ୟୁକ୍ତ ପ୍ରମାଣଗୁଡ଼ିକରେ ବୈଷ୍ଣବ ଭାଗବତ ଧର୍ମର ସ୍ପଷ୍ଟ ସଙ୍କେତ ମିଳେ ନାହିଁ । ଡକ୍ଟର ସାହୁଙ୍କ ମତରେ (୨) ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀର ମଧ୍ୟଭାଗରେ (ମାଠର ବଂଶୀ ଶାସନ ସହିତ) କଳିଙ୍ଗରେ ବୈଷ୍ଣବ-ଭାଗବତ ଧର୍ମର ଅଭ୍ୟୁଦୟ ଘଟିଛି । ଡଃ ସାହୁଙ୍କ ଉକ୍ତ ସମୟକାଳ ନିରୂପଣ

ମୁଖ୍ୟତଃ ମାଠରବଂଶୀଙ୍କ ଶିଳାଲିପି ଆଧାରରେ ପର୍ଯ୍ୟବସିତ । ସ୍ୱର୍ଗତଃ ଡ଼ଃ ସାହୁ ବିଶ୍ୱାସ କରିଛନ୍ତି ଯେ କଳିଙ୍ଗକୁ ଭାଗବତ ଧର୍ମ ଉତ୍ତର ଭାରତ ନୁହେଁ, ଦକ୍ଷିଣ-ଭାରତରୁହିଁ ପ୍ରସାରିତ ହୋଇଥିଲା । (୩) ପୁନଶ୍ଚ ସେ ମତବ୍ୟକ୍ତ କରିଛନ୍ତି "ମାଠର ଶାସିତ କଳିଙ୍ଗରେ ବାସୁଦେବ କୃଷ୍ଣ ବା ବିଷ୍ଣୁଙ୍କର ପୂଜା ଅପେକ୍ଷା ନାରାୟଣଙ୍କ ପୂଜା ବିଶେଷ ଲୋକପ୍ରିୟ ଥିଲା" (୪) କିନ୍ତୁ ଉଭୟ ମତ ଯଥାର୍ଥ ମନେହୁଏ ନାହିଁ ।

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ମଧ୍ୟରେ ମାଠର ଶାସିତ କଳିଙ୍ଗର ନିକଟବର୍ତ୍ତି ଅଞ୍ଚଳ ଉଡ୍ର ଦେଶରେ ଭାଗବତ ଧର୍ମ ପ୍ରବର୍ତ୍ତିତ ହୋଇ ସାରିଥିଲା । "ବିଷ୍ଣୁଧର୍ମୋତ୍ତର ପାଣ୍ଡୁଲିପି"ର ବର୍ଣ୍ଣନାନୁଯାୟୀ କୃଷ୍ଣଙ୍କୁ ପୁରୁଷୋତ୍ତମ ନାମରେ ଉଡ୍ର ଦେଶରେ ଉପାସନା କରାଯାଉଥିଲା : "ଉଡ୍ରେଷୁ ପୁରୁଷୋତ୍ତମ" । 'ବିଷ୍ଣୁ-ଧର୍ମୋତ୍ତର ପାଣ୍ଡୁଲିପି'ର ସମୟ କାଳ ଆପାତତଃ ଖ୍ରୀଷ୍ଟାବ୍ଦ ୨୦୦ ୩୦୦ ମଧ୍ୟରେ ନିର୍ଣ୍ଣୟ କରାଯାଇଛି । ତେଣୁ ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀ ମଧ୍ୟରେ ଉଡ୍ର ଦେଶରୁ କଳିଙ୍ଗକୁ ଭାଗବତ ଧର୍ମ ପ୍ରସାର ଘଟିଥିବା ସମ୍ଭାବନା ବିଶେଷ ପ୍ରଣିଧାନ ଯୋଗ୍ୟ । ଠିକ୍ ସେହିପରି 'ବିଷ୍ଣୁଧର୍ମୋତ୍ତର ପାଣ୍ଡୁଲିପି' ବର୍ଣ୍ଣନାରୁ ଜଣାପଡ଼େ ଯେ କୃଷ୍ଣ-ପୁରୁଷୋତ୍ତମଙ୍କ ଉପାସନା ଉଡ୍ର ଦେଶରେ କୌଣସି ରାଜଧର୍ମ ନଥିଲା ବରଂ ଏହା ଥିଲା ଏକ ଗଣଧର୍ମ । ତେଣୁ ଏହାର ପ୍ରଭାବ ନିକଟବର୍ତ୍ତି କଳିଙ୍ଗ ରାଜ୍ୟରେ ପଡ଼ିଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ ।

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ଓ ପରେ ପରେ ଗଙ୍ଗ ଶାସିତ କଳିଙ୍ଗରେ ନାରାୟଣ ପୂଜା ଏବଂ ମହେନ୍ଦ୍ରାଞ୍ଚଳ (କଙ୍ଗୋଦ ମଣ୍ଡଳ)ରେ ଶୈଳୋଦ୍ଭବ ରାଜବଂଶର ରାଜତ୍ୱ ସମୟରେ ବୈଷ୍ଣବ ଧର୍ମର ପୃଷ୍ଠପୋଷକତାକୁ ଡ଼ଃ ସାହୁ ଉନ୍ମୋଚନ କରିଛନ୍ତି ।(୫)ବୈଷ୍ଣବ ଧର୍ମର ଧାରାବାହିକ ବିବରଣୀ ପ୍ରଦାନରେ ଡ଼ଃ ସାହୁଙ୍କ ଗବେଷଣା କେବଳ ପ୍ରାଚୀନ କଳିଙ୍ଗ ରାଷ୍ଟ୍ର ମଧ୍ୟରେ ସୀମିତ ହୋଇନାହିଁ । ବରଂ ବୈଷ୍ଣବଧର୍ମ ସମ୍ବଳିତ ଅନେକ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଦକ୍ଷିଣ କୋଶଳ (ଆଧୁନିକ ପଶ୍ଚିମ ଓଡ଼ିଶା)ରୁ ସେ ଆବିଷ୍କାର ଓ ବିଶ୍ଳେଷଣ କରିଛନ୍ତି । ନଳରାଜବଂଶ (୪ର୍ଥ ଓ ୫ମ ଶତାବ୍ଦୀ) ଶରଭପୁରୀୟ ରାଜବଂଶ (୬ଷ୍ଠ ଓ ୭ମ ଶତାବ୍ଦୀ) ଏବଂ ପାଣ୍ଡୁବଂଶୀ ରାଜାମାନେ (୭ମ-୮ମ ଶତାବ୍ଦୀ ପଶ୍ଚିମାଞ୍ଚଳରେ ବୈଷ୍ଣବ-ଭାଗବତ ଧର୍ମର ପୃଷ୍ଠପୋଷକତା କରିଥିଲେ ।

ଭାରତରେ 'ପାଦପୂଜା' ଅତି ପ୍ରାଚୀନ । ବୌଦ୍ଧଧର୍ମର ହୀନଯାନପନ୍ଥୀ, ବୈଷ୍ଣବ ଏବଂ ଶୈବଧର୍ମାବଲମ୍ବୀବୃନ୍ଦ ପାଦ-ପୂଜା ଅନୁସରଣ କରୁଥିଲେ । କିନ୍ତୁ

ମନେହୁଏ ହୀନଯାନ ପନ୍ଥୀଙ୍କ ପାଦ-ପୂଜା ପରଂପରା, ପରେ ବୈଷ୍ଣବ ଧର୍ମ ଓ ଶୈବଧର୍ମକୁ ପ୍ରଭାବିତ କରିଥିଲା । ଡଃ ସାହୁଙ୍କ ମତରେ ଓଡ଼ିଶାରେ ରାଣୀପୁର ଝରିଆଲ (୭) ବ୍ୟତୀତ ଭାରତର ଅନ୍ୟତ୍ର ଶିବ-ପାଦ ପୂଜା ଦୃଷ୍ଟିଗୋଚର ହୁଏ ନାହିଁ । କିନ୍ତୁ ବିଷ୍ଣୁ-ପାଦ ଉପାସନା ଭାରତର ଅନ୍ୟତ୍ର ତଥା ଓଡ଼ିଶାରେ ଦୃଷ୍ଟିଗୋଚର ହୁଏ । ନଳବଂଶୀ ରାଜା ସ୍କନ୍ଦବର୍ମାଙ୍କର ପୋଡ଼ାଗଡ଼ ଶିଳାଲିପି ତଥା କୋରାପୁଟ ଅଞ୍ଚଳରେ ପ୍ରଚଳିତ ଜନଶ୍ରୁତି ଉପରେ ସ୍ୱର୍ଗତ ସାହୁଙ୍କର ଗବେଷଣା ମୁଖ୍ୟତଃ ପର୍ଯ୍ୟବସିତ । ପାଦ-ପୂଜା ସଂକ୍ରାନ୍ତରେ ଲିପିତାତ୍ତ୍ୱିକ ତଥା ଜନଶ୍ରୁତି ପ୍ରମାଣ ବ୍ୟତୀତ ଗବେଷକମାନେ ଅନ୍ୟ କୌଣସି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ପ୍ରଦାନ କରିନାହାନ୍ତି । ଉଲ୍ଲେଖ କରାଯାଇପାରେ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ଅଞ୍ଚଳରୁ (ଜୁନାଗଡ଼ ଭୈରବ ପଡ଼ିଆ ନିକଟସ୍ଥ) ଏକ ଚତୁଃକୋଣ ବିଶିଷ୍ଟ ପଥର ଗାତ୍ରରେ ଦୁଇଟି ପାଦଚିହ୍ନ ଖୋଦନଥିବା ମଧ୍ୟଯୁଗୀୟ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆବିଷ୍କୃତ ହୋଇଛି । ଡଃ ସାହୁ ୭) ବୈଷ୍ଣବ ଧର୍ମର ପାଦ-ପୂଜା ପାଶ୍ଚାତ୍‌ରେ ଦୁଇଟି ଭାବଧାରାର ସଙ୍କେତ ପ୍ରଦାନ କରିଛନ୍ତି : ପ୍ରଥମଟି ବିଷ୍ଣୁଙ୍କ ବାମନ ଅବତାରର ସଙ୍କେତ ଓ ସ୍ମୃତି ସ୍ୱରୂପ ବିଷ୍ଣୁ-ପାଦ ପୂଜା ଏବଂ ଅନ୍ୟଟି ରାମ-କଥା ଆଧାରରେ ବନବାସ-କାଳରେ ରାମଙ୍କର ସ୍ମୃତିସ୍ୱରୂପ ରାମ-ପାଦ ପୂଜା । ବୈଷ୍ଣବ-ଧର୍ମ ପ୍ରଖ୍ୟାପନରେ ବିଷ୍ଣୁ-ପାଦ-ପୂଜା ବା ରାମ-ପାଦ-ପୂଜା ଉପରେ ସର୍ବପ୍ରଥମ ଗୁରୁତ୍ୱ ଆରୋପ ସ୍ୱର୍ଗତଃ ନବୀନ କୁମାର ସାହୁଙ୍କ ଗବେଷଣାରେ ଦେଖିବାକୁ ମିଳେ ।

ଖ୍ରୀଷ୍ଟୀୟ ୬ଷ୍ଠ/୭ମ ଶତାବ୍ଦୀରେ ଶରଭପୁରୀୟ ନରପତିବୃନ୍ଦ ନିଜକୁ ପରମଭାଗବତ ରୂପେ ପ୍ରକାଶ କରିବା ସହିତ ଲକ୍ଷ୍ମୀଙ୍କ ପୂଜା ମଧ୍ୟ କରୁଥିଲେ । ସ୍ୱର୍ଗତଃ ନବୀନ କୁମାର ସାହୁଙ୍କ (୮) ଗବେଷଣାରେ ଖଣ୍ଡଗିରିର ଜୈନଧର୍ମ ସମ୍ପୃକ୍ତ ଅନନ୍ତଗୁମ୍ଫାରେ ଥିବା ଲକ୍ଷ୍ମୀ (ଶ୍ରୀମାଙ୍କ) ଭାସ୍କର୍ଯ୍ୟ ସହିତ ଶରଭପୁରୀୟ ରାଜବଂଶ ମୁଦ୍ରାରେ ଅଙ୍କିତ ଲକ୍ଷ୍ମୀଙ୍କ ପ୍ରତିଛବି ଏକ ଓ ଅଭିନ୍ନ ବୋଲି ପ୍ରତିପାଦିତ ହୋଇଛି । ଉକ୍ତ ତଥ୍ୟ ବର୍ତ୍ତମାନ ଗବେଷକଙ୍କ ପାଇଁ ଅନୁସଂଧାନର ବିଷୟ ।

ଦକ୍ଷିଣ-କୋଶଳରେ ପାଣ୍ଡୁବଂଶୀ ରାଜା ତିବରଦେବ ଓ ତାଙ୍କ ପୁତ୍ର ଦ୍ୱିତୀୟ ନନ୍ନରାଜ ପରମବୈଷ୍ଣବ ରୂପେ ନିଜକୁ ଆପଣାର ତାମ୍ରଶାସନରେ ଉଲ୍ଲେଖ କରିଛନ୍ତି । (୯) ଡଃ ସାହୁଙ୍କ ମତରେ (୧୦) ପାଣ୍ଡୁବଂଶୀ ରାଣୀ ବାସଟାଙ୍କର ଶିରପୁର ଅଭିଲେଖରେ ପୁରୁଷୋତ୍ତମଙ୍କୁ ନମସ୍କାର ଜଣାଇ ନରସିଂହଙ୍କ କରାଳମୂର୍ତ୍ତି ଓ ମହିମା ବର୍ଣ୍ଣିତ ହୋଇଛି । ଏହି ଅଭିଲେଖ ହେଉଛି କୋଶଳ ରାଜ୍ୟର ଶେଷ ବୈଷ୍ଣବ ଅଭିଲେଖ ।

ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀ ମଧ୍ୟରେ ବୈଷ୍ଣବଭାଗବତ ଧର୍ମ ସମ୍ବଳିତ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଏକାମ୍ର ଭୁବନେଶ୍ୱରଠାରୁ ଆରମ୍ଭକରି ସଇଁତଳା ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ହୋଇରହିଥିବା ଜଣାପଡ଼େ । ଏହି ସନ୍ଧିକାଳ ମଧ୍ୟରେ କେବଳ ନାରାୟଣ-ବିଷ୍ଣୁଙ୍କ ପୂଜା ନୁହେଁ, ବରଂ ରାମ ଓ କୃଷ୍ଣଙ୍କ ଉପାସନା ଓଡ଼ିଶାରେ ଲୋକପ୍ରିୟ ହୋଇଛି । ଓଡ଼ିଶାରେ ବୈଷ୍ଣବଧର୍ମ ଭାବଧାରାର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଯାଇ ଡ଼ଃ ସାହୁ ପୋଡ଼ାଗଡ଼ ଶିଳାଲିପିର (୧୧) ଉକ୍ତି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି "ହରିଣାଜିତଂ ଜୟତି ଜେଷ୍ୟତି" । ଅର୍ଥାତ୍ ହରି ହିଁ ଜୟ କରିଥିଲେ, ଜୟ କରି ଅଛନ୍ତି ଏବଂ ଜୟ କରିବେ । (୧୨) ଉକ୍ତ ଉକ୍ତିରେ ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ଏକାକାର ହୋଇ ଯାଇଛି ଓ ଗୋଟାଏ ସର୍ବଶକ୍ତିମାନ ଶକ୍ତି ତିନୋଟି କାଳକୁ ପରିଚାଳିତ କରୁଛନ୍ତି ।

ବୈଷ୍ଣବ ଧର୍ମ ସହିତ ସୌରଧର୍ମ ଅଙ୍ଗାଙ୍ଗୀଭାବେ ଜଡ଼ିତ । ବୈଦିକ ସ୍ତୋତ୍ର— "ସାବିତ୍ରୀ ମଣ୍ଡଳ ମଧ୍ୟବର୍ତ୍ତିନୀ" ଇତ୍ୟାଦିରୁ ସ୍ପଷ୍ଟ ହୁଏ ଯେ ବୈଦିକ କାଳରେ ସୂର୍ଯ୍ୟ ଓ ବିଷ୍ଣୁ ଏକ ଓ ଅଭିନ୍ନଭାବେ ପ୍ରତିପାଦିତ ହେଉଥିଲେ । ତେଣୁ ପରବର୍ତ୍ତୀ କାଳରେ ସୂର୍ଯ୍ୟଙ୍କୁ ସୂର୍ଯ୍ୟ-ନାରାୟଣ ଭାବେ ପୂଜାବିଧି ପ୍ରଚଳିତ ହୋଇଛି । ଷଷ୍ଠ ସପ୍ତମ ଶତାବ୍ଦୀରେ ବିଷ୍ଣୁପୂଜା ସହିତ ସୂର୍ଯ୍ୟଙ୍କ ପୂଜା ଓଡ଼ିଶାରେ ବିଶେଷ ଆଦୃତ ହୋଇ ପାରିଥିଲା । ଡ଼ଃ ନବୀନ କୁମାର ସାହୁ (୧୩) ଶୈଳୋଦ୍ଭବ ରାଜା ଧର୍ମରାଜଙ୍କୁ ୬ଷ୍ଠ ଶତାବ୍ଦୀ କଳିଙ୍ଗରେ ସୌରପୂଜାର ପ୍ରଥମ ପ୍ରବର୍ତ୍ତକ ରୂପେ ନିର୍ଣ୍ଣୟ କରି, ୬ଷ୍ଠ-୭ମ ଶତାବ୍ଦୀର ମୂଳଭିତ୍ତିକୁ ମଧ୍ୟଯୁଗୀୟ ଉତ୍କଳରେ ସୂର୍ଯ୍ୟପୂଜାର ଚରମ ଅଗ୍ରଗତିର ଉତ୍ସଭାବେ ଗ୍ରହଣ କରିଛନ୍ତି ।

ଅଷ୍ଟମ ଶତାବ୍ଦୀ ଓଡ଼ିଶାରେ ବଜ୍ରଯାନର ପ୍ରବର୍ତ୍ତକ ସମ୍ବଲର ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ଜଗନ୍ନାଥ ନାମଧେୟ ଦେବତାଙ୍କ ପୂଜା ପ୍ରବର୍ତ୍ତିତ ହୋଇଥିଲା । ଏଯାବତ୍ ଜଗନ୍ନାଥତତ୍ତ୍ୱର ଗବେଷକବୃନ୍ଦ ଇନ୍ଦ୍ରଭୂତିଙ୍କ ଦ୍ୱାରା ଉପାସିତ ଜଗନ୍ନାଥ ଓ ପୁରୀ ପୁରୁଷୋତ୍ତମ-ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନଭାବେ ପ୍ରତିପାଦିତ କରି ଆସିଛନ୍ତି । (୧୪) ଏହି ଚିରାଚରିତ ଗବେଷଣା ଭାବଧାରାକୁ ଡ଼ଃ ନବୀନ କୁମାର ଦୃଢତାର ସହିତ ଖଣ୍ଡନ କରିଛନ୍ତି । (୧୫) ବାସ୍ତବରେ ଇନ୍ଦ୍ରଭୂତି ବଜ୍ରଯାନର ବୁଦ୍ଧଙ୍କୁ ଜଗନ୍ନାଥ ଭାବେ ବ୍ୟକ୍ତ କରିଅଛନ୍ତି । ଡ଼ଃ ନବୀନ କୁମାର ସାହୁ ଇନ୍ଦ୍ରଭୂତିଙ୍କ ରାଜ୍ୟ ସମ୍ବଲକୁ ଆଧୁନିକ ଓଡ଼ିଶାର ସମ୍ବଲପୁର ସହିତ ଚିହ୍ନିତ କରିଛନ୍ତି । (୧୬) ଡ଼କ୍ଟର ସାହୁଙ୍କ ଉକ୍ତ ମତାମତ ଉପରେ ଗବେଷକ ଡ଼ଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସନ୍ଦେହ ପ୍ରକାଶ

କରିଛନ୍ତି । ମାତ୍ର ସେ ଏ ସଂପର୍କରେ କୌଣସି ନୂତନ ତଥ୍ୟ ଦେଇ ନାହାନ୍ତି । (୧୭)

ଅଷ୍ଟମ ଶତାବ୍ଦୀ ଠାରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଭାଗବତ-ବୈଷ୍ଣବ ଧର୍ମର ଧାରାବାହିକ ପ୍ରବାହ ଦୃଷ୍ଟିଗୋଚର ହୁଏ । ଦ୍ୱାଦଶ ଶତାବ୍ଦୀରେ ରାମାନୁଜାଚାର୍ଯ୍ୟଙ୍କ ଉତ୍କଳ ଆଗମନ ତଥା ଲକ୍ଷ୍ମୀ ଓ ନାରାୟଣଙ୍କ ପୂଜା ଏବଂ ଅବତାରବାଦ ପ୍ରଚାର ସଂକ୍ରାନ୍ତରେ ଡ଼କ୍ଟର ସାହୁ ଓଡ଼ିଶାର ପ୍ରଚଳିତ ଭାବଧାରାକୁ ଗ୍ରହଣ କରିଛନ୍ତି । (୧୮) କିନ୍ତୁ ପ୍ରକୃତରେ ଓଡ଼ିଶାରେ ପ୍ରଚଳିତ ଭାଗବତ-ବୈଷ୍ଣବ ଧର୍ମ ଉପରେ ରାମାନୁଜାଚାର୍ଯ୍ୟଙ୍କ ପ୍ରଭାବ ଅକିଞ୍ଚିତ୍କର । କାରଣ ଲକ୍ଷ୍ମୀ ଓ ନାରାୟଣଙ୍କ ଉପାସନା ଓଡ଼ିଶାରେ ପ୍ରଚଳିତ ବୈଷ୍ଣବ ଧର୍ମର ବହୁ ପ୍ରାଚୀନ ପରଂପରା ଓ ଏହା ପୂର୍ବରୁ ସର୍ବଜନ ଆଦୃତ ହୋଇସାରିଥିଲା । (୧୯) ଠିକ୍ ସେହିପରି ଅବତାରବାଦ ମଧ୍ୟ ସପ୍ତମ ଶତାବ୍ଦୀ ଠାରୁ ଓଡ଼ିଶାରେ ନିରବଚ୍ଛିନ୍ନ ଭାବେ ପ୍ରଚଳିତ ହୋଇଆସୁଥିଲା । (୨୦) ଦ୍ୱାଦଶ ଶତାବ୍ଦୀରେ ଜୟଦେବ ଗୀତ-ଗୋବିନ୍ଦ ରଚନାକରି ରାଧାମାଧବ (କୃଷ୍ଣ) ପ୍ରେମର ମାଧୁର୍ଯ୍ୟ ପ୍ରତିପାଦନ କଲେ । ଜୟଦେବଙ୍କ ଜନ୍ମସ୍ଥାନ ଏକ ଅମୀମାଂସିତ ପ୍ରଶ୍ନ ହୋଇରହିଛି । ଏହି ପ୍ରସଙ୍ଗରେ ଡ଼ଃ ନବୀନ କୁମାର ସାହୁଙ୍କ (୨୧) ଦ୍ୱାରା ଧାରାବାହିକ ଭାବେ ସାହିତ୍ୟିକ ପରଂପରାରେ ଉତ୍କଳର କେନ୍ଦୁବିଲ୍ୱ ଜୟଦେବଙ୍କ ଜନ୍ମସ୍ଥାନ ଭାବେ ଉପସ୍ଥାପନ କରାଯିବା ଏକ ସ୍ୱାଗତଯୋଗ୍ୟ ଆଲୋଚନା । ସେ ତାଙ୍କ ଗବେଷଣାତ୍ମକ ସନ୍ଦର୍ଭରେ ଦୃଢ଼ତାର ସହିତ ଘୋଷଣା କରିଛନ୍ତି— "These literary evidences cannot however be dismissed unless other such evidences be produced to contradict the above." (୨୨)

ଚତୁର୍ଦ୍ଦଶ ଶତାବ୍ଦୀ ସମୟରେ ଗୋପାଳକୃଷ୍ଣ ମୂର୍ତ୍ତିର ପରିକଳ୍ପନା ଓଡ଼ିଶାରେ ସମ୍ଭବପର ହୋଇଥିଲା । ଠିକ୍ ସେହିପରି ଡଃ ସାହୁ ବିଶ୍ୱାସ କରନ୍ତି ଯେ ରାଧାମୂର୍ତ୍ତିର ପରିକଳ୍ପନା ଓଡ଼ିଶାରୁ ୭ମ ଶତାବ୍ଦୀ ମଧ୍ୟରେ ଉଦ୍ଭବ ହୋଇଥିଲା । (୨୩) କିନ୍ତୁ ଗବେଷକ ପ୍ରଭାତ ମୁଖାର୍ଜି (୨୪) ପୂର୍ବରୁ ଉପରୋକ୍ତ ମତବାଦକୁ ଗ୍ରହଣ କରିପାରିନାହାନ୍ତି । ଡ଼ଃ ସାହୁଙ୍କ ଉପରୋକ୍ତ ମତାମତ ଏଥିପୂର୍ବରୁ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟଙ୍କ (୨୫) ଦ୍ୱାରା ଉତ୍ଥାପିତ ଓଡ଼ିଶାରୁ ରାଧା ତତ୍ତ୍ୱର ଉତ୍ପତ୍ତି ମତବାଦକୁ ସମର୍ଥନ କରେ । ନିକଟରେ ରାଧାତତ୍ତ୍ୱର ଉତ୍ପତ୍ତି ପ୍ରସଙ୍ଗରେ ଗବେଷିକା ସୁରଲେଖା ବାସୁଦେଭଲେ (୨୬) ହିନ୍ଦୁ ପଞ୍ଜିକା ଓ ବୈଷ୍ଣବ ସାହିତ୍ୟର ଆଲୋଚନା ପୂର୍ବକ ଜଗନ୍ନାଥ ତତ୍ତ୍ୱର

ଦେବୀ ସୁଭଦ୍ରା-ଏକାନଂଶାଙ୍କୁ ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ରାଧାଙ୍କର ରୂପାନ୍ତର ଭାବେ ପ୍ରତିପାଦନ କରିଛନ୍ତି । ସୁତରାଂ ଓଡ଼ିଶା ହିଁ ରାଧାତତ୍ତ୍ୱ ଓ ମୂର୍ତ୍ତିର ଉଦ୍‌ଗମସ୍ଥଳୀଭାବେ ଗ୍ରହଣ କରାଯିବା ଉଚିତ ।

କିନ୍ତୁ ରାୟ ରାମାନନ୍ଦ ଓଡ଼ିଶାରେ ଗୋପୀ ଭାବ ଓ ରାଧାଭାବର ପ୍ରବର୍ତ୍ତକ ଭାବେ ଡ଼ଃ ସାହୁଙ୍କ (୨୦) ନିର୍ଣ୍ଣୟ ଗ୍ରହଣୀୟ ନୁହେଁ । ମଧ୍ୟଯୁଗୀୟ ଓଡ଼ିଶାରେ ପୁରୀ ଜଗନ୍ନାଥ ମନ୍ଦିରର ଦେବଦାସୀ ପରଂପରାର ସହିତ ଗୋପୀ-ଭାବ ଜଡ଼ିତ ଥିଲା । (୨୮) ବୈଷ୍ଣବ ଧର୍ମସାହିତ୍ୟ ଭାଗବତରେ ମଧ୍ୟ ଉକ୍ତ ଗୋପୀ-ଭାବ ଉତ୍‌କୀର୍ଣ୍ଣ ହୋଇଥିଲା । ସେହିପରି ରାଧା-ତତ୍ତ୍ୱ ଓ ରାଧା-ଭାବ ରାୟ ରାମାନନ୍ଦଙ୍କ ବହୁ ପୂର୍ବରୁ ଉତ୍କଳୀୟ ବୈଷ୍ଣବ ଧର୍ମରେ ଆଦୃତ ହୋଇଥିଲା । ତେଣୁ ରାୟ ରାମାନନ୍ଦଙ୍କୁ କେବଳ ଗୋପୀ-ଭାବ ଏବଂ ରାଧା-ଭାବର ସମର୍ଥକ ଓ ପ୍ରଚାରକ ରୂପେ ଚିହ୍ନଟ କରିବା ଅଧିକ ପ୍ରାସଙ୍ଗିକ ମନେହୁଏ । କିନ୍ତୁ ଶ୍ରୀଚୈତନ୍ୟଙ୍କ ସଂକ୍ରାନ୍ତରେ ଯଥାର୍ଥରେ ଡ଼ଃ ସାହୁ ଉଲ୍ଲେଖ କରିଛନ୍ତି—"ଚୈତନ୍ୟ ନିଜେ ପ୍ରଣୟନ କରିଥିବା କୌଣସି ଗ୍ରନ୍ଥ କିମ୍ବା ସମସାମୟିକ କବି ଓ ଲେଖକ ତାଙ୍କ ସଂପର୍କରେ ଲେଖିଥିବା କୌଣସି ବିବରଣୀ ମିଳିନଥିବା ହେତୁ ସେ ତତ୍‌କାଳୀନ ଓଡ଼ିଶାର ଧର୍ମ ଜୀବନ ଉପରେ କି ପ୍ରଭାବ ପକାଇଥିଲେ ତାହା ଜାଣିବା ସମ୍ଭବ ହେଉନାହିଁ ।" (୨୯)

ଭାରତରେ ରାଜନୀତି ସହିତ ଧର୍ମ ଏକାନ୍ତ ଭାବେ ଜଡ଼ିତ । ମଧ୍ୟଯୁଗୀୟ ଉତ୍କଳର ରାଜନୀତିରେ ପୁରୁଷୋତ୍ତମ-ଜଗନ୍ନାଥଙ୍କୁ ରାଜନୀତିର ଆୟୁଧ ରୂପେ ଗଙ୍ଗ ଓ ସୂର୍ଯ୍ୟବଂଶୀ ନରପତିଗଣ ବ୍ୟବହାର କରିଥିଲେ । (୩୦) ୧୪୩୫ ଖ୍ରୀଷ୍ଟାବ୍ଦରେ ଯେଉଁ ରାଜନୈତିକ ସତ୍ତା ପରିବର୍ତ୍ତନ ଓଡ଼ିଶାରେ ସମ୍ଭବପର ହୋଇଥିଲା, (୩୧) ତାହାର ପାଶ୍ଚାତ୍‌ରେ ପୁରୁଷୋତ୍ତମ-ଜଗନ୍ନାଥଙ୍କୁ କେନ୍ଦ୍ର କରି ଏକ ସାଂସ୍କୃତିକ ବିପ୍ଳବ ରହିଥିବା ବିଷୟ ଡ଼ଃ ସାହୁ ତାଙ୍କ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି । (୩୨)

ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ପୁରୁଷୋତ୍ତମ-ଜଗନ୍ନାଥ ବୈଷ୍ଣବ ଧର୍ମର ଶ୍ରେଷ୍ଠ ଦେବତା ଭାବେ ପ୍ରତିପାଦିତ ହୋଇଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ଜଗନ୍ନାଥଙ୍କୁ କେନ୍ଦ୍ର କରି ବୌଦ୍ଧତନ୍ତ୍ର ଏବଂ ନାଥ ସଂପ୍ରଦାୟର ଯୋଗ ପରଂପରା ମଧ୍ୟ ଗଢ଼ିଉଠିଥିଲା । ଫଳତଃ ଜଗନ୍ନାଥତତ୍ତ୍ୱ ଏହି ସମୟରେ ଡ଼ଃ ସାହୁଙ୍କ ମତରେ ବୌଦ୍ଧ-ବୈଷ୍ଣବ ତତ୍ତ୍ୱରେ ପରିଣତ ହେଲା । (୩୩)

ବୈଷ୍ଣବ ଧର୍ମ ପ୍ରଖ୍ୟାପନରେ ଡ଼ଃ ସାହୁଙ୍କର ଗବେଷଣା କେବଳ ଓଡ଼ିଶାର ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ହୋଇନାହିଁ । ଅନୁସନ୍ଧିତ୍ସୁଙ୍କ

ଦୃଷ୍ଟିକୋଣ ପ୍ରସାରିତ ହୋଇଯାଇଛୁ ଲହରୀ-ବକ୍ଷବ୍ୟ ସାଗରର ଅପରପାର୍ଶ୍ୱରେ ଥିବା ସୁବର୍ଣ୍ଣ ଭୂମି (ବ୍ରହ୍ମଦେଶ) ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣ ଦ୍ୱୀପ (ଜାଭା) ଓ କାମ୍ବୋଜ (କାମ୍ବୋଡ଼ିଆ) ଆଦି ଦ୍ୱୀପାନ୍ତର-କଳିଙ୍ଗକୁ । ଦ୍ୱୀପାନ୍ତର-କଳିଙ୍ଗରେ ବୈଷ୍ଣବ ଧର୍ମର ପ୍ରସାର ସଂକ୍ରାନ୍ତରେ ଡଃ ସାହୁ କେତେକ ସମସ୍ୟା ଉତ୍‌ଥାପନ କରିଛନ୍ତି : ଖ୍ରୀଷ୍ଟାବ୍ଦ ୫ମ ଶତାବ୍ଦୀ ମଧ୍ୟରେ ବ୍ରହ୍ମଦେଶରେ ଶ୍ରୀକ୍ଷେତ୍ର, ପୁନାନ୍‌ର ଚକ୍ରତୀର୍ଥ (୬ଷ୍ଠ ଶତାବ୍ଦୀ) ଓ ୭ମ ଶତାବ୍ଦୀ ମଧ୍ୟରେ ଚମ୍ପାରେ ପୁରୁଷୋତ୍ତମକ୍ଷେତ୍ର ପ୍ରତିଷ୍ଠିତ ହୋଇଥିଲା । (୩୪) ସମଗ୍ର ଭାରତବର୍ଷ ମଧ୍ୟରେ ଜଗନ୍ନାଥଙ୍କ ମୁଖ୍ୟ ପୀଠ ପୁରୀ ହିଁ ଶ୍ରୀକ୍ଷେତ୍ର, ଚକ୍ରତୀର୍ଥ ଏବଂ ପୁରୁଷୋତ୍ତମ କ୍ଷେତ୍ର ଭାବେ ପରିଚିତ ।

କିନ୍ତୁ ଓଡ଼ିଶାର ପୁରୀଠାରେ ପୁରୁଷୋତ୍ତମ ପୂଜା କେବେ ପ୍ରତିଷ୍ଠିତ ହୋଇ ଏହାକୁ ଶ୍ରୀକ୍ଷେତ୍ର, ଚକ୍ରତୀର୍ଥ ଓ ପୁରୁଷୋତ୍ତମ କ୍ଷେତ୍ର ନାମିତ କରାଗଲା, ସେ ସଂପର୍କରେ ନିର୍ଭରଯୋଗ୍ୟ ଐତିହାସିକ ପ୍ରମାଣ ମିଳିନାହିଁ । (୩୫) କିନ୍ତୁ ଚମ୍ପାଠାରେ ପୁରୁଷୋତ୍ତମଙ୍କ ପ୍ରତିଷ୍ଠା ଓ ଉପାସନା ସଂକ୍ରାନ୍ତରେ ଡଃ ସାହୁ (୩୬) ନିଃସନ୍ଦେହରେ ମତବ୍ୟକ୍ତ କରିଛନ୍ତି ଯେ ସେହି ସମୟରେ ପୁରୁଷୋତ୍ତମ-ବିଷ୍ଣୁଙ୍କ ପୂଜା ଓଡ଼ିଶାରେ ପ୍ରତିଷ୍ଠିତ ହୋଇସାରିଥିଲା ।

ପୂର୍ବରୁ ଆଲୋଚିତ 'ବିଷ୍ଣୁଧର୍ମୋତ୍ତର ପାଣ୍ଡୁଲିପି' ତଥା ଅଭିଲେଖ ଗୁଡ଼ିକରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ ଭାଗବତ ଧର୍ମର ଶ୍ରେଷ୍ଠ ଦେବତା, ବିଷ୍ଣୁ-କୃଷ୍ଣ-ପୁରୁଷୋତ୍ତମଙ୍କ ପୂଜା ଖ୍ରୀଷ୍ଟାବ୍ଦ-୩୦୦-୪୦୦ ଠାରୁ ଓଡ଼ିଶାରେ ଦୃଷ୍ଟିଗୋଚର ହୁଏ । ତେଣୁ ୭ମ ଶତାବ୍ଦୀ ପୂର୍ବରୁ ପୁରୁଷୋତ୍ତମ-ବିଷ୍ଣୁଙ୍କ ଉପାସନା ଓଡ଼ିଶାରୁ ଦ୍ୱୀପାନ୍ତର—କଳିଙ୍ଗକୁ ପ୍ରସାର ଲାଭ କରିଥିଲା ।

୧୯୭୮ ମସିହା ଅକ୍ଟୋବରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ଭାରତୀୟ ସଂସ୍କୃତି ବିଭାଗ'ର (ଉପାଧ୍ୟୁତ୍ତର ଶ୍ରେଣୀ) ପ୍ରତିଷ୍ଠା ଦିବସରେ ସିନେଟ୍‌ହଲ୍‌ଠାରେ ଆୟୋଜିତ ଉତ୍ସବରେ ଦ୍ୱୀପାନ୍ତର-କଳିଙ୍ଗରେ ପୁରୁଷୋତ୍ତମ-ଜଗନ୍ନାଥ-ତତ୍ତ୍ୱର ପ୍ରସାର ସଂକ୍ରାନ୍ତରେ ଡଃ ସାହୁ ଆଲୋକପାତ କରିଥିଲେ । ପୁରୁଷୋତ୍ତମ-ଜଗନ୍ନାଥ ତତ୍ତ୍ୱ କେବଳ ଭାରତ ମଧ୍ୟରେ ସୀମାବଦ୍ଧ ନ ହୋଇ ଦ୍ୱୀପାନ୍ତର-କଳିଙ୍ଗରେ ପ୍ରସାରକୁ ଡ଼ଃ ସାହୁ "ଜଗନ୍ନାଥଙ୍କ ବ୍ୟାପକତା" ଆଖ୍ୟା ଦେଇଥିଲେ । କିନ୍ତୁ ଅନ୍ୟ ପକ୍ଷରେ ପୁରୁଷୋତ୍ତମ-ଜଗନ୍ନାଥଙ୍କ ଉତ୍ପତ୍ତି ଓ କ୍ରମବିକାଶ ସଂକ୍ରାନ୍ତରେ ଯଥେଷ୍ଟ ନିର୍ଭରଯୋଗ୍ୟ ପ୍ରମାଣ ଭାରତ କିମ୍ବା ଓଡ଼ିଶାରୁ ମିଳେନାହିଁ । ଜଗନ୍ନାଥ ତତ୍ତ୍ୱ ଉପରେ ଏଯାବତ୍ ହୋଇଥିବା ଆଲୋଚନା

ଦେବୀ ସୁଭଦ୍ରା-ଏକନଂମସାଙ୍କୁ ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ରାଧାଙ୍କର ରୂପାନ୍ତର ଭାବେ ପ୍ରତିପାଦନ କରିଛନ୍ତି । ସୁତରାଂ ଓଡ଼ିଶା ହିଁ ରାଧାତତ୍ତ୍ୱ ଓ ମୂର୍ତ୍ତିର ଉଦ୍‌ଗମସ୍ଥଳୀଭାବେ ଗ୍ରହଣ କରାଯିବା ଉଚିତ ।

କିନ୍ତୁ ରାୟ ରାମାନନ୍ଦ ଓଡ଼ିଶାରେ ଗୋପୀ ଭାବ ଓ ରାଧାଭାବର ପ୍ରବର୍ତ୍ତକ ଭାବେ ଡଃ ସାହୁଙ୍କ (୨୦) କର୍ତ୍ତୃକ ଗ୍ରହଣୀୟ ନୁହେଁ । ମଧ୍ୟଯୁଗୀୟ ଓଡ଼ିଶାରେ ପୁରୀ ଜଗନ୍ନାଥ ମନ୍ଦିରର ଦେବଦାସୀ ପରଂପରାର ସହିତ ଗୋପୀ-ଭାବ ଜଡ଼ିତ ଥିଲା । (୨୮) ବୈଷ୍ଣବ ଧର୍ମସାହିତ୍ୟ ଭାଗବତରେ ମଧ୍ୟ ଉକ୍ତ ଗୋପୀ-ଭାବ ଉତ୍‌କୀର୍ଣ୍ଣ ହୋଇଥିଲା । ସେହିପରି ରାଧା-ତତ୍ତ୍ୱ ଓ ରାଧା-ଭାବ ରାୟ ରାମାନନ୍ଦଙ୍କ ବହୁ ପୂର୍ବରୁ ଉତ୍କଳୀୟ ବୈଷ୍ଣବ ଧର୍ମରେ ଆଦୃତ ହୋଇଥିଲା । ତେଣୁ ରାୟ ରାମାନନ୍ଦଙ୍କୁ କେବଳ ଗୋପୀ-ଭାବ ଏବଂ ରାଧା-ଭାବର ସମର୍ଥକ ଓ ପ୍ରଚାରକ ରୂପେ ଚିହ୍ନଣ କରିବା ଅଧିକ ପ୍ରାସଙ୍ଗିକ ମନେହୁଏ । କିନ୍ତୁ ଶ୍ରୀଚୈତନ୍ୟଙ୍କ ସଂକାନ୍ତରେ ଯଥାର୍ଥରେ ଡଃ ସାହୁ ଉଲ୍ଲେଖ କରିଛନ୍ତି—"ଚୈତନ୍ୟ ନିଜେ ପ୍ରଣୟନ କରିଥିବା କୌଣସି ଗ୍ରନ୍ଥ କିମ୍ବା ସମସାମୟିକ କବି ଓ ଲେଖକ ତାଙ୍କ ସଂପର୍କରେ ଲେଖିଥିବା କୌଣସି ବିବରଣୀ ମିଳିନଥିବା ହେତୁ ସେ ତତ୍‌କାଳୀନ ଓଡ଼ିଶାର ଧର୍ମ ଜୀବନ ଉପରେ କି ପ୍ରଭାବ ପକାଇଥିଲେ ତାହା ଜାଣିବା ସମ୍ଭବ ହେଉନାହିଁ ।" (୨୯)

ଭାରତରେ ରାଜନୀତି ସହିତ ଧର୍ମ ଏକାନ୍ତ ଭାବେ ଜଡ଼ିତ । ମଧ୍ୟଯୁଗୀୟ ଉତ୍କଳର ରାଜନୀତିରେ ପୁରୁଷୋତ୍ତମ-ଜଗନ୍ନାଥଙ୍କୁ 'ରାଜନୀତିର ଆୟୁଧ ରୂପେ ଗଙ୍ଗ ଓ ସୂର୍ଯ୍ୟବଂଶୀ ନରପତିଗଣ ବ୍ୟବହାର କରିଥିଲେ । (୩୦) ୧୪୩୫ ଖ୍ରୀଷ୍ଟାବ୍ଦରେ ଯେଉଁ ରାଜନୈତିକ ସତ୍ତା ପରିବର୍ତ୍ତନ ଓଡ଼ିଶାରେ ସମ୍ଭବପର ହୋଇଥିଲା, (୩୧) ତାହାର ପଶ୍ଚାତ୍‌ରେ ପୁରୁଷୋତ୍ତମ-ଜଗନ୍ନାଥଙ୍କୁ କେନ୍ଦ୍ର କରି ଏକ ସାଂସ୍କୃତିକ ବିପ୍ଳବ ରହିଥିବା ବିଷୟ ଡଃ ସାହୁ ତାଙ୍କ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି । (୩୨)

ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ପୁରୁଷୋତ୍ତମ-ଜଗନ୍ନାଥ ବୈଷ୍ଣବ ଧର୍ମର ଶ୍ରେଷ୍ଠ ଦେବତା ଭାବେ ପ୍ରତିପାଦିତ ହୋଇଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ଜଗନ୍ନାଥଙ୍କୁ କେନ୍ଦ୍ର କରି ବୌଦ୍ଧତନ୍ତ୍ର ଏବଂ ନାଥ ସଂପ୍ରଦାୟର ଯୋଗ ପରଂପରା ମଧ୍ୟ ଗଢ଼ିଉଠିଥିଲା । ଫଳତଃ ଜଗନ୍ନାଥତତ୍ତ୍ୱ ଏହି ସମୟରେ ଡଃ ସାହୁଙ୍କ ମତରେ ବୌଦ୍ଧ-ବୈଷ୍ଣବ ତତ୍ତ୍ୱରେ ପରିଣତ ହେଲା । (୩୩)

ବୈଷ୍ଣବ ଧର୍ମ ପ୍ରଖ୍ୟାପନରେ ଡଃ ସାହୁଙ୍କର ଗବେଷଣା କେବଳ ଓଡ଼ିଶାର ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ହୋଇନାହିଁ । ଅନୁସନ୍ଧିତ୍ସୁଙ୍କ

ଦୃଷ୍ଟିକୋଣ ପ୍ରସାରିତ ହୋଇଯାଇଛି ଲବଣ-ଇକ୍ଷୁଦ୍ଧ ସାଗରର ଅପରପାର୍ଶ୍ୱରେ ଥିବା ସୁବର୍ଣ୍ଣ ଭୂମି (ବ୍ରହ୍ମଦେଶ) ଶ୍ୟାମ (ଥାଇଲଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣ ଦ୍ୱୀପ (ଜାଭା) ଓ କାମ୍ବୋଜ (କାମ୍ବୋଡ଼ିଆ) ଆଦି ଦ୍ୱୀପାନ୍ତର-କଳିଙ୍ଗକୁ । ଦ୍ୱୀପାନ୍ତର-କଳିଙ୍ଗରେ ବୈଷ୍ଣବ ଧର୍ମର ପ୍ରସାର ସଂକ୍ରାନ୍ତରେ ଡଃ ସାହୁ କେତେକ ସମସ୍ୟା ଉତ୍‌ଥାପନ କରିଛନ୍ତି : ଖ୍ରୀଷ୍ଟାବ୍ଦ ୫ମ ଶତାବ୍ଦୀ ମଧ୍ୟରେ ବ୍ରହ୍ମଦେଶରେ ଶ୍ରୀକ୍ଷେତ୍ର, ଯୁନାନ୍‌ର ଚକ୍ରତୀର୍ଥ (୬ଷ୍ଠ ଶତାବ୍ଦୀ) ଓ ୭ମ ଶତାବ୍ଦୀ ମଧ୍ୟରେ ଚମ୍ପାରେ ପୁରୁଷୋତ୍ତମକ୍ଷେତ୍ର ପ୍ରତିଷ୍ଠିତ ହୋଇଥିଲା । (୩୪) ସମଗ୍ର ଭାରତବର୍ଷ ମଧ୍ୟରେ ଜଗନ୍ନାଥଙ୍କ ମୁଖ୍ୟ ପୀଠ ପୁରୀ ହିଁ ଶ୍ରୀକ୍ଷେତ୍ର, ଚକ୍ରତୀର୍ଥ ଏବଂ ପୁରୁଷୋତ୍ତମ କ୍ଷେତ୍ର ଭାବେ ପରିଚିତ ।

କିନ୍ତୁ ଓଡ଼ିଶାର ପୁରୀଠାରେ ପୁରୁଷୋତ୍ତମ ପୂଜା କେବେ ପ୍ରତିଷ୍ଠିତ ହୋଇ ଏହାକୁ ଶ୍ରୀକ୍ଷେତ୍ର, ଚକ୍ରତୀର୍ଥ ଓ ପୁରୁଷୋତ୍ତମ କ୍ଷେତ୍ର ନାମିତ କରାଗଲା, ସେ ସଂପର୍କରେ ନିର୍ଭରଯୋଗ୍ୟ ଐତିହାସିକ ପ୍ରମାଣ ମିଳିନାହିଁ । (୩୫) କିନ୍ତୁ ଚମ୍ପାଠାରେ ପୁରୁଷୋତ୍ତମଙ୍କ ପ୍ରତିଷ୍ଠା ଓ ଉପାସନା ସଂକ୍ରାନ୍ତରେ ଡଃ ସାହୁ (୩୬) ନିଃସନ୍ଦେହରେ ମତବ୍ୟକ୍ତ କରିଛନ୍ତି ଯେ ସେହି ସମୟରେ ପୁରୁଷୋତ୍ତମ-ବିଷ୍ଣୁଙ୍କ ପୂଜା ଓଡ଼ିଶାରେ ପ୍ରତିଷ୍ଠିତ ହୋଇସାରିଥିଲା ।

ପୂର୍ବରୁ ଆଲୋଚିତ 'ବିଷ୍ଣୁଧର୍ମୋତ୍ତର ପାଣ୍ଡୁଲିପି' ତଥା ଅଭିଲେଖ ଗୁଡ଼ିକରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ ଭାଗବତ ଧର୍ମର ଶ୍ରେଷ୍ଠ ଦେବତା, ବିଷ୍ଣୁ-କୃଷ୍ଣ-ପୁରୁଷୋତ୍ତମଙ୍କ ପୂଜା ଖ୍ରୀଷ୍ଟାବ୍ଦ-୩୦୦-୪୦୦ ଠାରୁ ଓଡ଼ିଶାରେ ଦୃଷ୍ଟିଗୋଚର ହୁଏ । ତେଣୁ ୭ମ ଶତାବ୍ଦୀ ପୂର୍ବରୁ ପୁରୁଷୋତ୍ତମ-ବିଷ୍ଣୁଙ୍କ ଉପାସନା ଓଡ଼ିଶାରୁ ଦ୍ୱୀପାନ୍ତର—କଳିଙ୍ଗକୁ ପ୍ରସାର ଲାଭ କରିଥିଲା ।

୧୯୭୮ ମସିହା ଅକ୍ଟୋବରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ଭାରତୀୟ ସଂସ୍କୃତି ବିଭାଗ'ର (ଉପାଧ୍ୟୁତ୍ତର ଶ୍ରେଣୀ) ପ୍ରତିଷ୍ଠା ଅବସରେ ସିନେଟ୍‌ହଲ୍‌ଠାରେ ଆୟୋଜିତ ଉତ୍ସବରେ ଦ୍ୱୀପାନ୍ତର-କଳିଙ୍ଗରେ ପୁରୁଷୋତ୍ତମ-ଜଗନ୍ନାଥ-ତତ୍ତ୍ୱର ପ୍ରସାର ସଂକ୍ରାନ୍ତରେ ଡଃ ସାହୁ ଆଲୋକପାତ କରିଥିଲେ । ପୁରୁଷୋତ୍ତମ-ଜଗନ୍ନାଥ ତତ୍ତ୍ୱ କେବଳ ଭାରତ ମଧ୍ୟରେ ସୀମାବଦ୍ଧ ନ ହୋଇ ଦ୍ୱୀପାନ୍ତର-କଳିଙ୍ଗରେ ପ୍ରସାରକୁ ଡଃ ସାହୁ "ଜଗନ୍ନାଥଙ୍କ ବ୍ୟାପକତା" ଆଖ୍ୟା ଦେଇଥିଲେ । କିନ୍ତୁ ଅନ୍ୟ ପକ୍ଷରେ ପୁରୁଷୋତ୍ତମ-ଜଗନ୍ନାଥଙ୍କ ଉତ୍ପତ୍ତି ଓ କ୍ରମବିକାଶ ସଂକ୍ରାନ୍ତରେ ଯଥେଷ୍ଟ ନିର୍ଭରଯୋଗ୍ୟ ପ୍ରମାଣ ଭାରତ କିମ୍ବା ଓଡ଼ିଶାରୁ ମିଳେନାହିଁ । ଜଗନ୍ନାଥ ତତ୍ତ୍ୱ ଉପରେ ଏଯାବତ୍ ହୋଇଥିବା ଆଲୋଚନା

କମ୍ବା-ଗବେଷଣା ମଧ୍ୟ ସନ୍ତୋଷଜନକ ହୋଇପାରିନାହିଁ । ଏ ପରିପ୍ରେକ୍ଷୀରେ ବହୁ ପୂର୍ବରୁ ଡଃ ନବୀନ କୁମାର ସାହୁ (୩୬) ସୈଦ୍ଧାନ୍ତିକ ମତାମତ ଘୋଷଣା କରିଯାଇଛନ୍ତି —"ଦ୍ୱୀପାନ୍ତର-କଳିଙ୍ଗରେ ପୁରୁଷୋତ୍ତମ-ଜଗନ୍ନାଥଙ୍କ ଅଭିବ୍ୟକ୍ତି ଓ ବିକାଶ ପ୍ରସଙ୍ଗରେ 'ଉପଯୁକ୍ତ' ଆଲୋଚନା ନ ହେବା ଯାଏ ଓଡ଼ିଶାର ଜଗନ୍ନାଥ ଧର୍ମର ଗବେଷଣା ଏକଦେଶଦର୍ଶୀ ହୋଇ ରହିଥିବ ।

## ପାଦଟୀକା

୧- N. K. Sahu-Utkal University History of Orissa. Vol-1, 1964, P. 506.

୨- ତତ୍ରୈବ,

୩- ନବୀନ କୁମାର ସାହୁ-ଓଡ଼ିଆ ଜାତିର ଇତିହାସ । ୧୯୭୪, ପୃ. ୩୨୯.

୪- ତତ୍ରୈବ

୫- ନବୀନ କୁମାର ସାହୁ-ଓଡ଼ିଆ ଜାତିର ଇତିହାସ । ୧୯୭୪, ପୃ. ୩୨୯.

୬. ତତ୍ରୈବ ପୃ. ୩୯୯

୭- ତତ୍ରୈବ, ପୃ. ୩୩୧-୩୩୨

୮- ତତ୍ରୈବ ପୃ. ୩୩୦.

୯- ତତ୍ରୈବ, ପୃ -୩୩୧

୧୦- ତତ୍ରୈବ,

୧୧- ପୋଡ଼ାଗଡ଼ ଶିଳାଲିପି (EP.Ind vol-XXI, PP. 153-57)

୧୨- ନବୀନ କୁମାର ସାହୁ-ଓଡ଼ିଆ ଜାତିର ଇତିହାସ, ୧୯୭୪, ପୃ. ୩୩୪

୧୩- ତତ୍ରୈବ. ପୃ. ୩୩୫-୩୩୬.

୧୪- B Mishra-State, Society and Culture of Orissa (1435-1568 A. D.) Ph. D thesis, S. U. 1988 P. 206.

୧୫- କୋଣାର୍କ, ୧୯୮୭, ପୃ· ୭ (ଓଡ଼ିଶା ସାହିତ୍ୟ ଏକାଡ଼େମୀ)

୧୬- N· K· Sahu-Buddhism in Orissa, 1958. P·148

୧୭- K. C· Panigrahi-History of· Orissa, 1986, P· 308

୧୮- ଏ ସଂପର୍କରେ ଶ୍ରୀ ସୁରେନ୍ଦ୍ର କୁମାର ମହାରଣ 'ଓଡ଼ିଶାରେ ବୌଦ୍ଧ ସଂସ୍କୃତି' ଗ୍ରନ୍ଥରେ (ପୃଷ୍ଠା ୪୯) ଦେଇଥିବା ମନ୍ତବ୍ୟ ଦ୍ରଷ୍ଟବ୍ୟ । କୋଣାର୍କ, ୧୯୮୭ ପୃ:-୮ (ଓଡ଼ିଆ ସାହିତ୍ୟ ଏକାଡ଼େମୀ)

୧୯- B· Mishra-State, Society and Culture of Orissa· (Ph.Dthesis) S. U· 1988, P· 204

୨୦- ତତ୍ରୈବ.

୨୧- Souvenir on Jayadeva, 1968, P. 18 (Bhubaneswar)

୨୨- ତତ୍ରୈବ,

୨୩- କୋଣାର୍କ, ୧୯୮୭, ପୃ-୧୦

(ନରହରି ତୀର୍ଥଙ୍କ 'ଭକ୍ତି-ରତ୍ନାକର' ବର୍ଣ୍ଣିନା ଉପରେ ଡଃ ସାହୁଙ୍କ ଉକ୍ତ ମତବାଦ ପର୍ଯ୍ୟବସିତ)

24- P. Mukherjee –The History of Medieval-Vaishnavism in Orissa, 1981, P. 72

25- P. Acharya – Studies in Orissan History, Archaeology and Archieves, 1969, P. 427

26- John Stratton Howley and Donna Marie Wulf-(Ed)-The Divine Consort Radha and The Goddess of India 1984, P· 28-29

୨୭- କୋଣାର୍କ, ୧୯୮୭, ପୃ. ୯

୨୮- John Stratton Hawley and Donna Marie Wulf-(Ed) The Divine Consort Radha and The Goddess of India, 1984 P. 79

୨୯- କୋଣାର୍କ-୧୯୮୭, ପୃ.୯

୩୦- B- Mishra-State, Society and Culture of Orissa (1435-1568 A. D.) Ph. D. thesis, S. U. 1988, P, 210-11

୩୧- (ଖ୍ରୀଷ୍ଟାବ୍ଦ ୧୪୩୫ରେ କପିଳେନ୍ଦ୍ର ଦେବ ବଳପୂର୍ବକ ଗଙ୍ଗ ସିଂହାସନ ଅକ୍ତିଆର କରି ଗଙ୍ଗବଂଶ ଶାସନ ଅବସାନ ଘଟାଇ ସୂର୍ଯ୍ୟବଂଶୀ ରାଜତ୍ୱ ପ୍ରତିଷ୍ଠା କରିଥିଲେ)

୩୨- କୋଣାର୍କ-୧୯୮୭, ପୃ.୧୧

୩୩- N. K. Sahu-Buddhism in Orissa 1958, P.175

୩୪- ନବୀନ କୁମାର ସାହୁ-ଓଡ଼ିଆ ଜାତିର ଇତିହାସ ୧୯୭୪ ପୃ. ୪୦୩

୩୫-ତତ୍ରୈବ,

୩୬-ତତ୍ରୈବ,

୩୭-ତତ୍ରୈବ

# ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ଓ ଡକ୍ଟର ନବୀନ କୁମାର

ଡକ୍ଟର ସୁରେନ୍ଦ୍ର କୁମାର ମହାରଣା

---

ବୌଦ୍ଧଧର୍ମର ପ୍ରଚାରକ ଥିଲେ ନିଜେ ଭଗବାନ ବୁଦ୍ଧ । ଜୀବନର ଶେଷ କୋଡ଼ିଏ ବର୍ଷ ବୌଦ୍ଧଧର୍ମ ପ୍ରଚାରରେ ଅତ୍ମାବଦ୍ଧିତ କରିଥିଲେହେଁ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ସେ କଳିଙ୍ଗକୁ ଆସିଥିବାର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳି ନାହିଁ । ମନେହୁଏ, ସେ କଳିଙ୍ଗକୁ ଆସିବା ପାଇଁ ଅବସର ପାଇନଥିଲେ । କଳିଙ୍ଗ ରାଜ୍ୟକୁ ସେ ଭଲଭାବରେ ଜାଣିଥିଲେ । ହୁଏନ୍‌ସାଙ୍ଗ ବିବରଣୀରୁ ଜଣାଯାଏ ଯେ, ବୁଦ୍ଧଦେବ ଯେଉଁ ବାରଗୋଟି ସ୍ଥାନରେ ସାଧନା କଲେ ସିଦ୍ଧିଲାଭ ହୁଏ ବୋଲି ପ୍ରକାଶ କରିଥିଲେ, ତନ୍ମଧ୍ୟରେ କଳିଙ୍ଗ ଥିଲା ଅନ୍ୟତମ । ପୃଥିବୀର ସର୍ବପ୍ରଥମ ବୌଦ୍ଧ ହେଉଛନ୍ତି ଉତ୍କଳ ଜନପଦର ଦୁଇଜଣ ବଣିକ— ତପସ୍‌ସୁ ଓ ଭଲ୍ଲିକ । ସେ ଦୁହେଁ ଥିଲେ ଦୁଇଭାଇ । ପଣ୍ୟଦ୍ରବ୍ୟ ଧରି ବାଣିଜ୍ୟ ଉଦ୍ଦେଶ୍ୟରେ ମଧ୍ୟପ୍ରଦେଶକୁ ଯାଉଥିବା ସମୟରେ ବାଟରେ ଉରୁବେଲା ଜଙ୍ଗଲରେ ସେମାନେ ବୁଦ୍ଧଦେବଙ୍କ ଦର୍ଶନ ଲାଭକରିଥିଲେ । ଶାକ୍ୟସିଂହ ସେତେବେଳକୁ 'ବୋଧି' ଲାଭ କରିସାରିଥିଲେ । ସେ ଏହି ବଣିକ ଦୁଇଭାଇଙ୍କୁ ପ୍ରଥମେ ବୌଦ୍ଧଧର୍ମରେ ଦୀକ୍ଷିତ କରାଇଥିଲେ । ବୌଦ୍ଧଧର୍ମର ଇତିହାସରେ ଏହା ଏକ ସ୍ମରଣୀୟ ଘଟଣା । 'ବିନୟ ପିଟକ' ଓ 'ବୌଦ୍ଧଜାତକ' ଗ୍ରନ୍ଥରେ ଏହି ଘଟଣାର ସବିଶେଷ ବର୍ଣ୍ଣନା ରହିଛି । ସେମାନେ ନିଜ ରାଜ୍ୟକୁ ଫେରିବା-ପରେ ସେଠାରେ ଏହି ଧର୍ମର ପ୍ରଚାର ଓ ପ୍ରସାରରେ ଲାଗିପଡ଼ିଲେ । ବୁଦ୍ଧଦେବଙ୍କ ଜୀବନକାଳ ମଧ୍ୟରେ ବୌଦ୍ଧଧର୍ମ ଉତ୍କଳରେ ପ୍ରବେଶ କରିଥିବାର ଅନ୍ୟ ଏକ ପ୍ରମାଣ ରହିଛି । 'ଅଙ୍ଗୁତ୍ତର ନିକାୟ' ଗ୍ରନ୍ଥର ବର୍ଣ୍ଣନାନୁସାରେ ବସ୍‌ସ ଓ ଭଲ୍ଲିକ ନାମକ ଉତ୍କଳର ଦୁଇଟି ଜାତିର ଲୋକେ ପ୍ରଥମେ ବୁଦ୍ଧଙ୍କ ପ୍ରବ୍ରଜ୍ୟା ନୀତିର

ବିରୋଧାଚରଣ କରୁଥିଲେ; ମାତ୍ର ପରେ ସେମାନେ ଏହି ଧର୍ମର ମହତ୍ତ୍ୱ ଉପଲବ୍ଧି କରିଥିଲେ ଏବଂ ଏଥିରେ ଦୀକ୍ଷିତ ହୋଇ ଆତ୍ମସନ୍ତୋଷ ଲାଭ କରିଥିଲେ ।

କଳିଙ୍ଗ ଯୁଦ୍ଧ (ଖ୍ରୀ: ପୂ: ୨୬୧)ପରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ଦ୍ରୁତତର ହୋଇଥିଲେହେଁ ଏହାର ବହୁ ପୂର୍ବରୁ କଳିଙ୍ଗରେ ବୌଦ୍ଧଧର୍ମର ସ୍ଥିତି ଥିବା ଜଣାଯାଏ ଅଶୋକଙ୍କ ୧୩ଶ ଶିଳାଲେଖାରୁ, ଯେଉଁଥିରେ ବର୍ଣ୍ଣିତ ହୋଇଛି ଯେ, ତାଙ୍କର କଳିଙ୍ଗ ଆକ୍ରମଣ କେବଳ ବ୍ରାହ୍ମଣମାନଙ୍କୁ ନୁହେଁ, ଶ୍ରମଣମାନଙ୍କୁ ମଧ୍ୟ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ କରାଇଥିଲା । କଳିଙ୍ଗରେ ଅଶୋକ ଅହିଂସା ବୌଦ୍ଧଧର୍ମୀମିତ୍ର ଉପଗୁପ୍ତ ନାମକ ଜଣେ ବୌଦ୍ଧଭିକ୍ଷୁଙ୍କ ଠାରୁ ଶିକ୍ଷା କରିଥିବା ଜଣାଯାଏ । ଏଥିରୁ ସ୍ପଷ୍ଟହୁଏ ଯେ, କଳିଙ୍ଗ ଯୁଦ୍ଧ 'ଚଣ୍ଡାଶୋକ'ଙ୍କୁ 'ଧର୍ମାଶୋକ'ରେ ପରିଣତ କରିଥିଲା । ହୃଦୟ ପରିବର୍ତ୍ତନ ପରେ ସେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର କାର୍ଯ୍ୟରେ ମନୋନିବେଶ କରିଥିଲେ । ମାତ୍ର ଅଳ୍ପ କେତେ ବର୍ଷପରେ ବୌଦ୍ଧଧର୍ମ କାଶ୍ମୀରରୁ କୃମାରିକା ପର୍ଯ୍ୟନ୍ତ ପ୍ରସାରିତ ହେଲା ଏବଂ କ୍ରମେ ଭାରତର ସୀମା ଅତିକ୍ରମକରି ପଶ୍ଚିମରେ ଗ୍ରୀସ୍, ପୂର୍ବରେ ବ୍ରହ୍ମଦେଶ ଓ ଦକ୍ଷିଣରେ ସିଂହଳ ପର୍ଯ୍ୟନ୍ତ ତତ୍କାଳୀନ ଜ୍ଞାତ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ହେଲା ।

ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀ ଅନୁସାରେ ଅଶୋକ ଓଡ୍ର ଦେଶରେ କେତେଗୁଡ଼ିଏ ସ୍ତୂପ ନିର୍ମାଣ କରିଥିଲେ । କଳିଙ୍ଗର ରାଜଧାନୀ ନିକଟରେ ଅଶୋକଙ୍କ ଦ୍ୱାରା ନିର୍ମିତ ଏକ ସ୍ତୂପ ରହିଥିବା କଥା ମଧ୍ୟ ଏହି ବିବରଣୀରୁ ଜାଣିବାକୁ ମିଳେ । ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିବା ନିଜ ଭାଇ ତିସ୍ୟଙ୍କ ପାଇଁ ଅଶୋକ କଳିଙ୍ଗରେ ଭୋଜକଗିରି ନାମକ ଏକ ବିହାର ନିର୍ମାଣ କରିଥିଲେ । ତିସ୍ୟଙ୍କ ଗୁରୁ ଆଚାର୍ଯ୍ୟ ଧର୍ମରକ୍ଷିତ ମଧ୍ୟ ଏହି ବିହାରରେ ଜୀବନର ଶେଷ ସମୟ କଟାଇଥିଲେ ।

ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ମହାମେଘବାହନ ଖାରବେଳ ଜୈନଧର୍ମରେ ଦୀକ୍ଷିତ ହୋଇଥିଲେହେଁ ବୌଦ୍ଧ ଓ ବ୍ରାହ୍ମଣ୍ୟପନ୍ଥୀମାନଙ୍କ ପ୍ରତି ଉଦାରତା ପ୍ରକାଶ କରୁଥିଲେ ଏବଂ ସେମାନଙ୍କୁ ସାହାଯ୍ୟ କରୁଥିଲେ ବୋଲି ତାଙ୍କ ଉଦୟଗିରି ଶିଳାଲେଖ ପ୍ରମାଣ କରେ ।

ସମୟକ୍ରମେ ବୌଦ୍ଧଧର୍ମରେ ଗୋଷ୍ଠୀକନ୍ଦଳ ଦେଖାଦେଇଥିଲା ଏବଂ ଏହି ଗୋଷ୍ଠୀ କନ୍ଦଳହିଁ ଜନ୍ମ ଦେଇଥିଲା ବୌଦ୍ଧଧର୍ମର ମହାଯାନ ଶାଖାକୁ । ତେବେ

ମହାଯାନର ଉତ୍ପତ୍ତି କେବେ ଓ କେଉଁଠାରେ ହୋଇଥିଲା, ସେ ସମ୍ବନ୍ଧୀୟ ସଠିକ୍ ପ୍ରମାଣ ମିଳେ ନାହିଁ । ପ୍ରଖ୍ୟାତ ଐତିହାସିକ ତଥା ପ୍ରତ୍ନତତ୍ତ୍ୱବିତ୍ ସ୍ୱର୍ଗତ ଡକ୍ଟର ନବୀନ କୁମାର ସାହୁ ନିଜର ବହୁଆଦୃତ ତଥା ବହୁଚର୍ଚ୍ଚିତ ଗ୍ରନ୍ଥ Buddhism in Orissaରେ ପ୍ରତିପାଦନ କରିଛନ୍ତି ଯେ ଖ୍ରୀଷ୍ଟୀୟ ଅବ୍ଦ ଆରମ୍ଭରେ ବା ତା'ର ସାମାନ୍ୟ ପୂର୍ବରୁ ମହାଯାନର ଉତ୍ପତ୍ତି ହୋଇଥିଲା ଓଡ଼ିଶା ଭୂମିରେ । ତାଙ୍କ ମତରେ 'ପ୍ରଜ୍ଞାପାରମିତା' ସାହିତ୍ୟରେ ମହାଯାନ ଶାଖାର ପୂର୍ଣ୍ଣ ପ୍ରକାଶ ଦେଖିବାକୁ ମିଳୁଥିବାରୁ ଏହି ଗ୍ରନ୍ଥର ରଚନା କାଳ ଓ ରଚନା ସ୍ଥାନହିଁ ଏହି ଶାଖାର ଜନ୍ମକାଳ ଓ ଜନ୍ମସ୍ଥାନ । ତିବତୀୟ ଐତିହାସିକ ଲାମା ତାରନାଥ ପ୍ରକାଶ କରିଛନ୍ତି ଯେ 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ଗ୍ରନ୍ଥ ହେଉଛି ପାରମିତା ସାହିତ୍ୟର ପ୍ରଥମ ଗ୍ରନ୍ଥ, ଯାହା ରଚିତ ହୋଇଥିଲା ଓଡ଼ିଶାରେ । ତାଙ୍କର ଏହି ଉକ୍ତିକୁ ସମର୍ଥନ ଜଣାଏ 'ପାଗ୍-ସାମ୍-ଜୋନ୍-ଜାଙ୍ଗ୍' ଗ୍ରନ୍ଥ । ମାତ୍ର ତାରନାଥଙ୍କ ବିବରଣୀ ଓ 'ପାଗ୍-ସାମ୍ ଜୋନ୍-ଜାଙ୍ଗ୍' ଗ୍ରନ୍ଥ ନିର୍ଣ୍ଣୀତ କରିଥିବା 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା'ର ରଚନା ସମୟ ଐତିହାସିକଭିତ୍ତି ବିବର୍ଜିତ ହୋଇଥିବାରୁ ଗ୍ରହଣଯୋଗ୍ୟ ନୁହେଁ । ଏହା ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀ ବା ଖ୍ରୀଷ୍ଟପର ୧ମ ଶତାବ୍ଦୀରେ ରଚିତ ବୋଲି ଡକ୍ଟର ସାହୁ ଯୁକ୍ତିବାଢ଼ିଛନ୍ତି, ଯାହା ଏକାନ୍ତ ସଙ୍ଗତ ଓ ସତ୍ୟର ନିକଟବର୍ତ୍ତୀ ବୋଲି ମନେହୁଏ ।

'ଦାଠାଧାତୁବଂସ' ଗ୍ରନ୍ଥ ଅନୁସାରେ କୁଶୀନଗର ଠାରେ ବୁଦ୍ଧଙ୍କ ଚିତାଭସ୍ମରୁ ସଂଗୃହୀତ ତାଙ୍କର କଳଦାନ୍ତ ତତ୍‌କାଳୀନ କଳିଙ୍ଗର ରାଜଧାନୀ ଦନ୍ତପୁରକୁ ଆଣିଥିଲେ ଥେର କ୍ଷେମ । କଳିଙ୍ଗର ତତ୍‌କାଳୀନ ରାଜା ଦନ୍ତପୁର ଠାରେ ଏକ ବିଶାଳ ଚୈତ୍ୟ ନିର୍ମାଣକରି ସେହି ଦନ୍ତକୁ ପ୍ରତିଷ୍ଠା କରିଥିଲେ । ଦନ୍ତଧାତୁର ଅଲୌକିକ ଶକ୍ତି ବହୁ ପ୍ରାନ୍ତୀୟ ରାଜାଙ୍କୁ ଆକୃଷ୍ଟ କରିଥିଲା । ସେମାନେ ବାରମ୍ବାର ଦନ୍ତପୁର ଆକ୍ରମଣ କରିଥିଲେ । ଦନ୍ତଧାତୁର ସୁରକ୍ଷା ନିମନ୍ତେ କଳିଙ୍ଗର ରାଜା ଗୁହଶିବ ବାଧହୋଇ ଏହାକୁ ଶେଷରେ ନିଜ କନ୍ୟା ହେମମାଳା ଓ ଜାମାତା ଦନ୍ତକୁମାରଙ୍କ ମାଧ୍ୟମରେ ନିଜର ପରମ ମିତ୍ର ତଥା ସିଂହଳର ତତ୍‌କାଳୀନ ରାଜା ମହାସେନ (୨୭୭-୩୦୪ ଖ୍ରୀଷ୍ଟାବ୍ଦ)ଙ୍କୁ ହସ୍ତାନ୍ତର କରିଥିଲେ । ଦନ୍ତ ସ୍ଥାନାନ୍ତରିତ ହେବାପରେ କଳିଙ୍ଗରେ ଦନ୍ତପୁରର ସୁଖ୍ୟାତି କ୍ଷୁଣ୍ଣ ହୋଇଥିଲା ଏବଂ ପୁଷ୍ପଗିରି ନାମକ ଏକ ବିଶିଷ୍ଟ ବୌଦ୍ଧପୀଠ ସମ୍ମାନ ଲାଭକରିଥିଲା । ପୁଷ୍ପଗିରି ଖ୍ରୀଷ୍ଟୀୟ ୩ୟ ଶତକରୁ ଅତି ଲୋକପ୍ରିୟ ତୀର୍ଥସ୍ଥାନ ଭାବରେ ସୁଖ୍ୟାତି ଅର୍ଜନ କରିଥିଲା ।

ବୌଦ୍ଧଧର୍ମର ମହାଯାନ ଶାଖାର ବିକାଶ କାଳରେ ଓଡ଼ିଶାରେ ଘଣ୍ଟଶାଳଗିରି, ପୁରଭଗିରି, ଖେରଶୈଳ, ତାମ୍ରଲିପ୍ତ, ଚେଲିତାଲୋ ଆଦି ବହୁ

ବୌଦ୍ଧପୀଠ ଚଢ଼ିଛନ୍ତି ବୌଦ୍ଧ-ସଂସ୍କୃତିକୁ ସମୃଦ୍ଧି ପଥରେ ଆଗେଇ ନେଇଥିଲେ । ପରିମଲଗିରି (ଆଧୁନିକ ଗନ୍ଧମାର୍ଦ୍ଦନ) ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀରେ ମାଧ୍ୟମିକ ଦର୍ଶନର ପ୍ରବର୍ତ୍ତକ ବୌଧିସତ୍ତ୍ୱ ନାଗାର୍ଜ୍ଜୁନଙ୍କ କର୍ମସ୍ଥଳୀ ଥିଲା । ନାଗାର୍ଜ୍ଜୁନଙ୍କ ଶିଷ୍ୟ କଳିଙ୍ଗର ଆର୍ଯ୍ୟଦେବ ଏହି ପରିମଳଗିରିକୁ ମଧ୍ୟ ନିଜ ସାଧନାପୀଠ ରୂପେ ବାଛିନେଇଥିଲେ । ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀରେ ସୁରଭିଗିରି (ଆଧୁନିକ ଧଉଳି ପାହାଡ଼) ଏକ ପ୍ରସିଦ୍ଧ ଯୋଗକେନ୍ଦ୍ର ରୂପେ ବୌଦ୍ଧ ଜଗତରେ ପ୍ରସିଦ୍ଧ ଥିଲା । ଏହି ସ୍ଥାନକୁ ଆର୍ଯ୍ୟ ସର୍ବଗାମୀ ନିଜର ସାଧନା ପାଇଁ ଉପଯୁକ୍ତ ମନେକରି ଏହିଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରିଥିଲେ । ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ ଆର୍ଯ୍ୟ ଦିଙ୍ଗ୍‌ନାଗଙ୍କର ଆଶ୍ରମ ଥିଲା ଭ୍ରମରଶୈଳଠାରେ । ଭ୍ରମରଶୈଳ ହେଉଛି ପୁରୀ ଜିଲ୍ଲା ଡେଲାଙ୍ଗ ନିକଟସ୍ଥ ବିଶ୍ୱନାଥ ମୁଣ୍ଡିଆ ଏବଂ ଆର୍ଯ୍ୟ ଦିଙ୍ଗ୍‌ନାଗ ଥିଲେ ଯୋଗାଚାର ବିଜ୍ଞାନର ଜଣେ ବିଶିଷ୍ଟ ପ୍ରବକ୍ତା ।

ଖ୍ରୀଷ୍ଟୀୟ ୧ମ ଶତାବ୍ଦୀରେ ଚୀନ୍ ଦେଶ ମହାଯାନ ବୌଦ୍ଧଧର୍ମର ଆଲୋକରେ ଉଦ୍‌ଭାସିତ ହୋଇଥିଲା । ଭାରତ ଭୂଖଣ୍ଡରେ ଜନ୍ମ ନେଇଥିବା ଏହି ନୂତନ ଧର୍ମ ପ୍ରତି ଆକୃଷ୍ଟ ଚୀନା ଜାତି ତେଣୁ ଥିଲା ଭାରତ ପ୍ରତି ଅତି କୃତଜ୍ଞ । ସେମାନଙ୍କ ବିଚାରରେ ଭାରତ ଥିଲା ସ୍ୱର୍ଗଭୂମି । ସୁତରାଂ ବହୁ ଧର୍ମପ୍ରାଣ ଚୀନ୍ ଅଧିବାସୀ ଦୁର୍ଭେଦ୍ୟ ହିମାଳୟ ଓ ଦୁର୍ଲଙ୍ଘ୍ୟ ସାଗରର ପ୍ରତିବନ୍ଧକକୁ ଖାତିର ନକରି ଏବଂ ବିପଦସଙ୍କୁଳ ପଥରେ ଯାତ୍ରାକରି ଭାରତ ଅଭିମୁଖେ ଆସିଥିଲେ । ଜ୍ଞାନଲାଭ, ପୁଣ୍ୟଲାଭ ଓ ମୁକ୍ତିଲାଭ ଥିଲା ସେମାନଙ୍କ ପର୍ଯ୍ୟଟନର ଉଦ୍ଦେଶ୍ୟ । ହୁଏନ୍‌ସାଂ ଏହିପରି ଜଣେ ଚୀନା ପରିବ୍ରାଜକ । ଭାରତ ପରିଭ୍ରମଣ କାଳରେ ସେ ତତ୍କାଳୀନ ଓଡ଼ିଶାକୁ ୬୩୯ ଖ୍ରୀଷ୍ଟାବ୍ଦରେ ଆସିଥିଲେ । ତାଙ୍କ ବିବରଣୀରୁ ତତ୍‌କାଳୀନ ଓଡ଼ିଶାରେ ପ୍ରଚଳିତ ବୌଦ୍ଧଧର୍ମ ସମ୍ବନ୍ଧରେ ଏକ ସ୍ଥୂଳ ଚିତ୍ର ମିଳେ । ତାଙ୍କ ଭ୍ରମଣ ସମୟରେ ଓଡ଼ିଶା ଓଡ୍ର, କୋଙ୍ଗୋଦ ଓ କଳିଙ୍ଗ ନାମରେ ତିନି ଭାଗରେ ବିଭକ୍ତ ଥିବା ଜଣାଯାଏ । ତତ୍‌କାଳୀନ କଳିଙ୍ଗର ବହୁ ଅଂଶ ଅଧୁନା ଅନ୍ଧ୍ରପ୍ରଦେଶ ଅନ୍ତର୍ଗତ । ଓଡ୍ର ଦେଶରେ ବୌଦ୍ଧଧର୍ମ ସେତେବେଳେ ଏକ ପ୍ରଭାବଶାଳୀ ଧର୍ମ ଥିଲା । ସେଠାରେ ଏକ ଶହରୁ ଊର୍ଦ୍ଧ୍ୱ ବୌଦ୍ଧ ଉପାସନା କେନ୍ଦ୍ର ଥିଲା । ସେଠାରେ ପୁଷ୍ପଗିରି ନାମକ ଏକ ପ୍ରସିଦ୍ଧ ବୌଦ୍ଧ ବିହାର ଥିଲା । ସମୁଦ୍ରକୂଳରେ ଚେଲିତୋଲା ନାମକ ଏକ ବନ୍ଦର ନଗରୀ ଥିଲା, ଯେଉଁଠାରେ ବହୁ ବୌଦ୍ଧ ଉପାସନା କେନ୍ଦ୍ର ମଧ୍ୟ ଥିଲା । ମହାଯାନର ଉତ୍ପତ୍ତି ଖ୍ରୀଷ୍ଟୀୟ ଅବ୍ଦର ପ୍ରାରମ୍ଭରୁ ହୋଇସାରିଥିଲେ ହେଁ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ହୀନଯାନ ବେଶ୍ ସକ୍ରିୟ ଥିବା

ତାଙ୍କ ବିବରଣୀରୁ ଜଣାଯାଏ । ସମ୍ରାଟ ହର୍ଷବର୍ଦ୍ଧନ ମହାଯାନ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ ଓ ହୀନଯାନୀ ବା ଅର୍ହତଯାନୀ ବୌଦ୍ଧମାନଙ୍କ ପ୍ରତି ଅସ୍ୱାଭାବିକ ପୋଷଣ କରୁଥିଲେ । ସେ ୬୪୨ ଖ୍ରୀଷ୍ଟାବ୍ଦରେ କୋଙ୍ଗୋଦ ଜୟକରି ଫେରୁଥିବାବେଳେ ତତ୍‌କାଳୀନ ଓଡ଼ିଶାର ହୀନଯାନୀ ବୌଦ୍ଧମାନେ ପ୍ରାଜ୍ଞାଗୁପ୍ତ ନାମକ ଜଣେ ବିଶିଷ୍ଟ ହୀନଯାନୀ ପଣ୍ଡିତଙ୍କ ଦ୍ୱାରା ରଚିତ ସାତଶହ ଶ୍ଳୋକବିଶିଷ୍ଟ ଏକ ଗ୍ରନ୍ଥ ହର୍ଷବର୍ଦ୍ଧନଙ୍କୁ ପ୍ରଦାନ କରିଥିଲେ, ଯେଉଁଥିରେ ହୀନଯାନର ବୈଶିଷ୍ଟ ଓ ମହାଯାନର ଅସାରତା ପ୍ରତିପାଦିତ ହେବା ସଙ୍ଗେ ସଙ୍ଗେ ମହାଯାନୀମାନଙ୍କୁ ବୌଦ୍ଧଧର୍ମତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିବା ନିମନ୍ତେ ଅହ୍ୱାନ ଦିଆଯାଇଥିଲା ।

କୋଙ୍ଗୋଦରେ ସେତେବେଳେ ବୌଦ୍ଧଧର୍ମର ପ୍ରାଧାନ୍ୟ ହ୍ରାସ ପାଇଥିଲା ବୋଲି ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତ ପ୍ରକାଶ କରେ । ସେଠାରେ ଏକ ଶତ ଦେବ ମନ୍ଦିର ଥିଲା ଏବଂ ଦଶ ସହସ୍ର ତୀର୍ଥିକ ବାସକରୁଥିଲେ । ଏହିରୁ ଜଣାଯାଏ ଯେ, ତତ୍‌କାଳୀନ କୋଙ୍ଗୋଦରେ ଜୈନଧର୍ମର ପ୍ରାବଲ୍ୟ ଏବଂ ବୌଦ୍ଧଧର୍ମର ସ୍ଥିତି ପୂର୍ବଭଳି ନଥିଲା । ହୁଏନ୍‌ସାଂଙ୍କ ଭ୍ରମଣକାଳରେ କଳିଙ୍ଗରେ ଖୁବ୍ କମ୍ ସଂଖ୍ୟକ ବୌଦ୍ଧ ଥିଲେ । କେତେକ ବୌଦ୍ଧ ନିଦର୍ଶନ ସେପର୍ଯ୍ୟନ୍ତ ବୌଦ୍ଧଧର୍ମର ପୂର୍ବସ୍ଥିତି ସୂଚିତ କରୁଥିଲେ । କଳିଙ୍ଗର ରାଜଧାନୀର ଦକ୍ଷିଣ ଦିଗରେ ଏକ ଅାଲୋକସ୍ତମ୍ଭ ଥିଲା । ଏହି ରାଜ୍ୟର ଉତ୍ତର ଦିଗରେ ଏକଶତ ଫୁଟ ଉଚ୍ଚରେ ଏକ ଚଟାଣ ଥିଲା, ଯେଉଁଠାରେ ଜଣେ ପ୍ରତ୍ୟେକ ବୁଦ୍ଧ ପ୍ରଚଳିତ କଳ୍ପର ଆରମ୍ଭରେ ନିର୍ବାଣ ଲାଭକରିଥିଲେ । ଏହି ପବିତ୍ର ସ୍ଥାନକୁ କୋରାପୁଟ ଜିଲ୍ଲାର ଗୁଣୁପୁର ସବ୍‌ଡିଭିଜନସ୍ଥ ଜଗମଣ୍ଡା ପାହାଡ଼ ସହିତ ଚିହ୍ନିତ କରାଯାଇପାରେ ।

ଓଡ଼ିଶାରେ ଭୌମକର ବଂଶୀୟ ନରପତିଙ୍କ ଶାସନ ଆରମ୍ଭରେ ବୌଦ୍ଧଧର୍ମ ତା'ର ହୃତ ଗୌରବ ଫେରିପାଇଲା । ଓଡ଼ିଶାରେ ଏହି ବଂଶର ଶାସନ ଚାଲିଥିଲା ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରୁ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ । ଏହି ବଂଶୀୟ ନରପତିଗଣ ବୌଦ୍ଧ ହୋଇଥିବାରୁ ଏମାନଙ୍କ ସମୟରେ ବୌଦ୍ଧଧର୍ମର ପ୍ରଗତି ପୁନର୍ବାର ସାଧିତ ହୋଇଥିଲା । ନେଉଳପୁର ତାମ୍ର ଶାସନ ଅନୁସାରେ ଏହି ବଂଶର ପ୍ରଥମ ତିନି ବିଶିଷ୍ଟ ରାଜା କ୍ଷେମଙ୍କର ଦେବ, ୧ମ ଶିବକର ଦେବ ଓ ୧ମ ଶୁଭକର ଦେବ ଯଥାକ୍ରମେ ପରମୋପାସକ, ପରମ ତଥାଗତ ଓ ପରମ ସୌଗତ ଉପାଧିରେ ଭୂଷିତ ଥିଲେ । ଏହା ବୌଦ୍ଧଧର୍ମ ପ୍ରତି ସେମାନଙ୍କ ଅନୁରକ୍ତି ପ୍ରମାଣ କରେ । ପରମସୌଗତ ଶୁଭକର ଦେବ ମହାଯାନ ଶାଖାର

ଜଣେ ପରମ ଭକ୍ତ ଥିଲେ । ସେ 'ଅବତଂସକ' ନାମକ 'ଗଣ୍ଡବ୍ୟୂହ' ଗ୍ରନ୍ଥର ଶେଷ ଅଧ୍ୟାୟକୁ ସ୍ୱହସ୍ତରେ ନକଲ କରି ବୌଦ୍ଧାଗ୍ରଣୀ ପ୍ରାଜ୍ଞଙ୍କ ହସ୍ତରେ ତତ୍କାଳୀନ ଚୀନା ସମ୍ରାଟ ସି-ସଙ୍ଗଙ୍କ ନିକଟକୁ ପଠାଇଥିଲେ ୭୯୫ ଖ୍ରୀଷ୍ଟାବ୍ଦରେ । ଅନ୍ୟ ଏକ ସୂତ୍ରରୁ ଜଣାଯାଏ ଯେ, ପରମସୌଗତ ଶୁଭାକର ଦେବଙ୍କ ସ୍ୱାକ୍ଷରିତ ଓ ପ୍ରେରିତ 'ଗଣ୍ଡବ୍ୟୂହ' ନାମକ ପାଣ୍ଡୁଲିପିକୁ ଚୀନ ସମ୍ରାଟ ସି ସଙ୍ଗ୍ ଗ୍ରହଣ କରିଥିଲେ ୭୯୫ ଖ୍ରୀଷ୍ଟାବ୍ଦରେ । ଏହି ଗ୍ରନ୍ଥର ବାହକ ଥିଲେ ପ୍ରସିଦ୍ଧ ବୌଦ୍ଧଭିକ୍ଷୁ ପ୍ରାଜ୍ଞ । ଚୀନ ସମ୍ରାଟଙ୍କ ଅନୁରୋଧରେ ସେ ଉକ୍ତ ଗ୍ରନ୍ଥଟିକୁ ଚୀନ୍ ଭାଷାରେ ଅନୁବାଦ କରିଥିଲେ । ଚୀନ୍‌ରେ ଏହି ଅନୂଦିତ ଗ୍ରନ୍ଥଟି ଏବେ ମଧ୍ୟ ସଂରକ୍ଷିତ ବୋଲି ଜାଣିବାକୁ ମିଳେ । ଏହି ବଂଶର ଏହି ତିନି ରାଜା ବୌଦ୍ଧଧର୍ମାବଲମ୍ବୀ ଥିଲେ ମଧ୍ୟ ଅନ୍ୟ ଧର୍ମପ୍ରତି ଅସୂୟା ଭାବ ପ୍ରକାଶ କରୁନଥିଲେ । ତେଣୁ ସବୁ ଧର୍ମର ପ୍ରଜାମାନଙ୍କୁ ସନ୍ତୁଷ୍ଟ କରି ସେମାନେ ଶାସନର ସ୍ଥିରତା ରକ୍ଷା କରିପାରିଥିଲେ । ପୁନଶ୍ଚ ସେମାନଙ୍କ ଅଧୀନରେ ବିଭିନ୍ନ ଅଞ୍ଚଳରେ ଯେଉଁ ରାଜାମାନେ ଶାସନ କରୁଥିଲେ, ସେମାନେ ବି ଭିନ୍ନ ଭିନ୍ନ ଧର୍ମାଶ୍ରୟୀ ଥିଲେ ହେଁ ପରସ୍ପର ମଧ୍ୟରେ ମିତ୍ରତା ରକ୍ଷା କରୁଥିଲେ । ସେହିପରି ଏହି ବଂଶର ଶେଷ ପର୍ଯ୍ୟାୟର ଯେଉଁ କେତେଜଣ ରାଜା ବୌଦ୍ଧଧର୍ମ ତ୍ୟାଗକରି ବ୍ରାହ୍ମଣ୍ୟ ଧର୍ମ ପ୍ରତି ଅନୁଗତ୍ୟ ପ୍ରକାଶ କରିଥିଲେ, ସେମାନଙ୍କର ବୌଦ୍ଧଧର୍ମ ପ୍ରତି ଆଦୌ ଅବଜ୍ଞା ଭାବ ନଥିଲା ବା ସେମାନେ ବୌଦ୍ଧଧର୍ମର ପ୍ରସାରରେ ବାଧା ସୃଷ୍ଟି କରି ନଥିଲେ । ବୌଦ୍ଧ-ବିହାରଗୁଡ଼ିକର ପୃଷ୍ଠପୋଷକତା ମଧ୍ୟ ସେମାନେ କରୁଥିଲେ । ଏହି ବଂଶର ଶାସନକାଳରେ ବହୁ ବୌଦ୍ଧ ମନ୍ଦିର ଓ ହିନ୍ଦୁ ମନ୍ଦିର ମଧ୍ୟ ଗଢ଼ିଉଠିଥିଲା ଏବଂ ଏହା ଫଳରେ ଉଭୟ ସଂପ୍ରଦାୟର କଳାର ବିକାଶ ସାଧିତ ହୋଇଥିଲା । ଭୌମକର ରାଜାମାନଙ୍କ ଉଦାର ନୀତି ତତ୍କାଳୀନ ଓଡ଼ିଶାରେ ଧର୍ମନିରପେକ୍ଷତା ପ୍ରତିଷ୍ଠା କରିଥିଲା ।

ଖ୍ରୀଷ୍ଟୀୟ ୮ମ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମରେ ତନ୍ତ୍ରବାଦର ଅଭ୍ୟୁଦୟ ହେଲା । ମହାଯାନ ସୂତ୍ରଗୁଡ଼ିକ ଧାରଣୀରେ ପରିଣତ ହେଲା ଏବଂ ତାହା କ୍ରମେ ମନ୍ତ୍ର ଆକାର ଧାରଣକଲା । ପବିତ୍ର ବୌଦ୍ଧଧର୍ମ କ୍ରମଶଃ ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ ଓ ବଶୀକରଣ, ଏହି ଷଡ଼ାଭିଚାର ଏବଂ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ, ଏହି ପଞ୍ଚ 'ମ' କାର ଦ୍ୱାରା ସଂକ୍ରମିତ ହୋଇପଡ଼ିଲା । ଏହା ଫଳରେ ଏକ ନୂତନ ଯାନର ସୃଷ୍ଟି ହେଲା । ଯାହା ପରିଚିତ ହେଲା ତନ୍ତ୍ରଯାନ ବା ତାନ୍ତ୍ରିକ ବୌଦ୍ଧଧର୍ମ ନାମରେ । ତନ୍ତ୍ରଯାନର ତିନୋଟି ଶାଖା— ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ । ଲକ୍ଷ୍ୟକରିବାର କଥା, ଏହି ତିନି ଶାଖାର ଉଦ୍ଭବ ହୋଇଥିଲା ଏହି ଓଡ଼ିଶା ମାଟିରେ ।

ବଜ୍ରଯାନର ପ୍ରବର୍ତ୍ତକ ହେଉଛନ୍ତି ସମ୍ବଲର ରାଜା ଇନ୍ଦ୍ରଭୂତି । ସମ୍ବଲ ବର୍ତ୍ତିତ ହୁଏ ଆଧୁନିକ ସମ୍ବଲପୁର ସହିତ । ରାଜା ଗୋପାଳଙ୍କ ପୁତ୍ର ଅନଙ୍ଗବଜ୍ର ଥିଲେ ଇନ୍ଦ୍ରଭୂତିଙ୍କ ଗୁରୁ । ବଜ୍ରଯାନ ବୌଦ୍ଧଧର୍ମର ସାମାନ୍ୟ ସୂଚନା ମିଳେ ଅନଙ୍ଗବଜ୍ରଙ୍କ 'ପ୍ରଜ୍ଞୋପାୟବିନିଶ୍ଚୟ ସିଦ୍ଧି' ଗ୍ରନ୍ଥରେ । ଇନ୍ଦ୍ରଭୂତି ବଜ୍ରଯାନ ବୌଦ୍ଧଦର୍ଶନକୁ ଏକ ବିକଶିତ ରୂପ ପ୍ରଦାନ କଲେ ସ୍ୱରଚିତ 'ଜ୍ଞାନସିଦ୍ଧି' ଗ୍ରନ୍ଥରେ । ସେ ଏହି ଗ୍ରନ୍ଥର ମଙ୍ଗଳାଚରଣ କରିଛନ୍ତି ଶ୍ରୀଜଗନ୍ନାଥଙ୍କ ବନ୍ଦନାରେ । ଏତଦବ୍ୟତୀତ ଏହି ଗ୍ରନ୍ଥର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମଧ୍ୟ ସେ ଜଗନ୍ନାଥଙ୍କ ନାମୋଲ୍ଲେଖ କରିଛନ୍ତି । ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କର । ବା ଭଗବତୀ ଲକ୍ଷ୍ମୀ ଥିଲେ ସହଜଯାନର ପ୍ରବର୍ତ୍ତିକା । ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଏହି ସହଜଯାନ ବଜ୍ରଯାନ ରୂପାନ୍ତର । ଏଥିରେ ମଣିଷର ଶରୀର ଉପରେ ପ୍ରାଧାନ୍ୟ ଆରୋପ କରାଯାଇଛି, ପିଣ୍ଡବ୍ରହ୍ମାଣ୍ଡବାଦ ଉପରେ ସମ୍ୟକ୍ ଧାରଣା ଦିଆଯାଇଛି । ଇନ୍ଦ୍ରଭୂତିଙ୍କ ପାଳିତ ପୁତ୍ର ପଦ୍ମସମ୍ଭବ ବୌଦ୍ଧଜଗତରେ ଜଣେ ପ୍ରସିଦ୍ଧ ସିଦ୍ଧ । ସେ ସହଜଯୋଗ ସାଧନା କରିଥିଲେ, ସିଦ୍ଧି ମଧ୍ୟ ଲାଭ କରିଥିଲେ । ତାଙ୍କ ଶ୍ୟାଳକ ଶାନ୍ତରକ୍ଷିତ ମଧ୍ୟ ଥିଲେ ଜଣେ ସୁବିଖ୍ୟାତ ବୌଦ୍ଧ ପଣ୍ଡିତ ଓ ଦାର୍ଶନିକ । ପଦ୍ମସମ୍ଭବ ଓ ଶାନ୍ତରକ୍ଷିତ ତିବ୍ବତର ସାମ-ୟେ Bsam-ye) ଠାରେ ଏକ ବିରାଟ ମଠ ବା ବିହାର ସ୍ଥାପନକରି ସେଠାରେ ଲାମାଧର୍ମ ବା ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଚାର କରିଥିଲେ ।

କାଳଚକ୍ରଯାନ ତନ୍ତ୍ରଯାନର ଅନ୍ୟତମ ବିଭବ । ଆଚାର୍ଯ୍ୟ ପିଟୋପାଦ ଏହାର ପ୍ରବର୍ତ୍ତକ । ସେ ସମ୍ବଲରୁ କାଳଚକ୍ରତନ୍ତ୍ର ରତ୍ନଗିରି ବିହାରକୁ ଆଣି ନିଜର ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ଅବଧୂତିପା, ବୋଧିଶ୍ରୀ ଓ ନାରୋପା ପ୍ରଧାନ ଥିଲେ । ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀର ମଧ୍ୟଭାଗରେ ରଚିତ:Blue Annals ନାମକ ଗ୍ରନ୍ଥରୁ ଜଣାଯାଏ ଯେ ରତ୍ନଗିରି ଠାରେ ଆଚାର୍ଯ୍ୟ ଚେଲୁକ କାଳଚକ୍ରତନ୍ତ୍ର ପାଠକରୁଥିଲେ । ଆଚାର୍ଯ୍ୟ ଚେଲୁକ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ଏବଂ ରତ୍ନଗିରି, ବିକ୍ରମଶିଳା ଓ ନାଳନ୍ଦା ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟୟନ କରିଥିଲେ । କାଳଚକ୍ରତନ୍ତ୍ରର ଉତ୍ପତ୍ତି ଓ ବିସ୍ତୃତିରେ ଓଡ଼ିଶାର ଭୂମିକା ତେଣୁ ଉଲ୍ଲେଖଯୋଗ୍ୟ । ଅନ୍ୟ ତିବ୍ବତୀୟ ସୂତ୍ରରୁ ମଧ୍ୟ ଜଣାଯାଏ ଯେ, ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଶାର ରତ୍ନଗିରି ଏକ ଶିକ୍ଷାକେନ୍ଦ୍ର ଭାବରେ ପ୍ରସିଦ୍ଧ ଥିଲା ଏବଂ ସେପର୍ଯ୍ୟନ୍ତ କାଳଚକ୍ରତନ୍ତ୍ର ସେଠାରେ ଶିକ୍ଷା ଦିଆଯାଉଥିଲା ।

ତାନ୍ତ୍ରିକ ବୌଦ୍ଧଧର୍ମର ଦେବଦେବୀ, ଉପାସନା ପଦ୍ଧତି ଇତ୍ୟାଦିରେ ବର୍ଣ୍ଣିତ ପ୍ରାମାଣିକ ଗ୍ରନ୍ଥ 'ସାଧନମାଳା'ରେ ସୁପ୍ରସିଦ୍ଧ ତାନ୍ତ୍ରିକ ପୀଠ କାମାକ୍ଷା,

ଶିରହଟ୍ଟ, ପୂର୍ଣ୍ଣଗିରି ଓ ଉଡ୍ଡୀୟାନର ସୂଚନା ମିଳେ । କାମାକ୍ଷା ଓ ଶିରହଟ୍ଟ ପୀଠଦ୍ୱୟ ଆସାମର କାମରୂପ ଓ ଆଧୁନିକ ସିଲ୍‌ହଟ ବୋଲି ଜଣାଯାଏ; କିନ୍ତୁ ପୂର୍ଣ୍ଣଗିରି ଓ ଉଡ୍ଡୀୟାନ ପୀଠଦ୍ୱୟର ଅବସ୍ଥିତି ସମ୍ବନ୍ଧରେ ମତ ପାର୍ଥକ୍ୟ ରହିଛି । ପୂର୍ଣ୍ଣଗିରିକୁ ଆଧୁନିକ ପୁନା ବୋଲି ଚିହ୍ନିତ କରାଯାଏ, ମାତ୍ର ଏହା ଏକ ଭ୍ରମାତ୍ମକ ନିର୍ଣ୍ଣୟ । ପୂର୍ଣ୍ଣଗିରିକୁ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଶ୍ରୀକୂର୍ମକୁ ନିର୍ଦ୍ଦେଶ କରେ ବୋଲି କେତେକ ତଥ୍ୟଗତ ପ୍ରମାଣ ମିଳେ । ଏହି ଅଞ୍ଚଳ ଗଙ୍ଗବଂଶ ରାଜତ୍ୱକାଳରେ ଓଡ଼ିଶାର ଅଂଶ ବିଶେଷ ଥିଲା । 'ତନ୍ତ୍ରସାର' ଗ୍ରନ୍ଥରୁ ଏହି ପୀଠ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ ଥିବା ଜଣାଯାଏ । ଏଣୁ ମନେହୁଏ, ଶ୍ରୀକୂର୍ମ ହେଉଛି କୋଣାର୍କ ନିକଟସ୍ଥ କୁରୁମ, ଯେଉଁଠାରେ ନିକଟ ଅତୀତରେ ଏକ ଚମତ୍କାର ବୌଦ୍ଧତନ୍ତ୍ର ପୀଠର ଅବଶେଷ ଆବିଷ୍କାର କରାଯାଇଛି । ଅବଶ୍ୟ ଏହା ପ୍ରମାଣ କରିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

ସେହିପରି ଉଡ୍ଡୀୟାନ ପୀଠ ଯେ ଓଡ଼ିଶା, ଏହା ତିବ୍ବତୀୟ ସୂତ୍ରରୁ ଜଣାଯାଏ । ଆଜି ପର୍ଯ୍ୟନ୍ତ ଏହି ନିର୍ଣ୍ଣୟ ବିରୋଧରେ ଯେତେ ମତ ପ୍ରକାଶ ପାଇଛି, ସେସବୁକୁ ଖଣ୍ଡନ କରି ସ୍ୱର୍ଗତ ଡକ୍ଟର ନବୀନ କୁମାର ସାହୁ ବଳିଷ୍ଠ ଯୁକ୍ତିବଳରେ ପ୍ରମାଣ କରିଛନ୍ତି ଯେ, ଓଡ଼ିଶା ହିଁ ତତ୍‌କାଳୀନ ଉଡ୍ଡୀୟାନ ପୀଠ ।

ତାନ୍ତ୍ରିକ ବୌଦ୍ଧଧର୍ମର ବିକାଶରେ ବହୁ ସିଦ୍ଧାଚାର୍ଯ୍ୟ ଓ ଦାର୍ଶନିକଙ୍କର ଅତୁଳନୀୟ ଅବଦାନ ରହିଛି । ସେମାନେ ସୁପ୍ରସିଦ୍ଧ 'ଚଉରାଶୀ ସିଦ୍ଧ' ଗୋଷ୍ଠୀର ଅନ୍ତର୍ଭୁକ୍ତ ଏବଂ ଭାରତ ଓ ତିବ୍ବତର ବୌଦ୍ଧତନ୍ତ୍ର ପରମ୍ପରାରେ ସୁପରିଚିତ । ଏମାନଙ୍କ ସମ୍ବନ୍ଧରେ ଯଥେଷ୍ଟ ଐତିହାସିକ ଉପାଦାନ ମଧ୍ୟ ମିଳେ ନାହିଁ । ଏମାନେ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରୁ ୧୦ଶ ଶତାବ୍ଦୀ ମଧ୍ୟରେ ଜୀବିତଥିଲେ ବୋଲି କୁହାଯାଇଛି । ଏମାନଙ୍କ ମଧ୍ୟରୁ ଅନେକ ଓଡ଼ିଶାରେ ଏବଂ ଅନ୍ୟ କେତେକ ଓଡ଼ିଶା ବାହାରେ ଜନ୍ମଗ୍ରହଣ କରିଥିଲେ । ଏମାନେ ସମସ୍ତେ ଓଡ଼ିଶାକୁ ସେମାନଙ୍କ କର୍ମକ୍ଷେତ୍ରରୂପେ ବାଛି ନେଇଥିଲେ । ଏମାନଙ୍କ ମଧ୍ୟରୁ ସରହପା, ଲୁଇପା, ଶବରପା, ଭୁସୁକୁପା, ବିରୂପା, କାହ୍ନୁପା, ଦାରିକପା, କମ୍ବଳପ ଆଦି ୨୩ ଜଣ ସିଦ୍ଧାଚାର୍ଯ୍ୟ ଚର୍ଯ୍ୟାଗୀତି ଓ ଦୋହା ରଚନା କରିଥିଲେ । ଚର୍ଯ୍ୟାଗୀତି ଓ ଦୋହା ତାନ୍ତ୍ରିକ ବୌଦ୍ଧଧର୍ମର ସାହିତ୍ୟ । ଏହା ମାଧ୍ୟମରେ ସହଜଯାନୀ ସିଦ୍ଧଗଣ ସହଜତନ୍ତ୍ର ପ୍ରଚାର କରିଥିଲେ । ୭ମ ୮ମ ଶତାବ୍ଦୀରୁ ୧୨ଶ ଶତାବ୍ଦୀ ମଧ୍ୟରେ ରଚିତ ଏହି ସାହିତ୍ୟ ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଲୋକଲୋଚନକୁ ଆସିଲା । ବହୁ ସିଦ୍ଧାଚାର୍ଯ୍ୟ ଓଡ଼ିଆ ଥିବାରୁ ଏବଂ ଆଉ କେତେ ଜଣ ଓଡ଼ିଶା ସହିତ ସଂପୃକ୍ତ ଥିବାରୁ ତାନ୍ତ୍ରିକ-ବୌଦ୍ଧଧର୍ମର ସାହିତ୍ୟ ରଚନା

କରିବାରେ ଏବଂ ଏହା ମାଧ୍ୟମରେ ତାନ୍ତ୍ରିକ-ବୌଦ୍ଧଧର୍ମ ପ୍ରଚାର କରିବାରେ ଓଡ଼ିଶାର ବିଶେଷ ଭୂମିକା ଥିଲା ବୋଲି ଏଥିରୁ ସ୍ପଷ୍ଟ ହୁଏ ।

ତତ୍‌କାଳୀନ ଓଡ଼ିଶାର ବିଭିନ୍ନ ସ୍ଥାନରେ ବୌଦ୍ଧପୀଠମାନ ଗଢ଼ିଉଠି ମହାଯାନ ଓ ତନ୍ତ୍ରଯାନ ବୌଦ୍ଧଧର୍ମକୁ ସମୃଦ୍ଧି ପଥରେ ଅଗ୍ରେଇ ନେଇଥିଲା । ପୂର୍ବରୁ ପୁରଭଗିରିର ନାମୋଲ୍ଲେଖ କରାଯାଇଛି । ଏହା ଆଚାର୍ଯ୍ୟ ସର୍ବଗାମୀଙ୍କ ସାଧନାପୀଠ ଥିଲା । ଧଉଳିକୁ ସେତେବେଳେ କୁହାଯାଉଥିଲା ପୁରଭଗିରି । 'ତୋଷଳି' ନାମ 'ଧଉଳି'ରେ ପରିଣତ ହୋଇଛି ବୋଲି ଗବେଷକଗଣ ମତ ଦିଅନ୍ତି ଏବଂ ଏହା ଧ୍ୱନିବିଜ୍ଞାନ ସମ୍ମତ ମଧ୍ୟ । ଏହିସ୍ଥାନ ଉଭୟ ହୀନଯାନ ଓ ମହାଯାନର ଏକ ବିଖ୍ୟାତ ପୀଠ ଥିଲା । ପୂର୍ବରୁ ଦନ୍ତପୁର କଥା ମଧ୍ୟ କୁହାଯାଇଛି । ଏହି ସ୍ଥାନର ଅବସ୍ଥିତି ନିର୍ଣ୍ଣୟ ଏ ପର୍ଯ୍ୟନ୍ତ ବିବାଦମାନ । ଏହି ସ୍ଥାନଟି ଯେ ଚିଲିକା ନିକଟବର୍ତ୍ତୀ ପାଲୁର, ଏହା ଅଧିକ ଗ୍ରହଣଯୋଗ୍ୟ ମନେହୁଏ । କାରଣ ତେଲୁଗୁ ଭାଷାରେ 'ପାଲୁ'ର ଅର୍ଥ ଦନ୍ତ ଓ 'ଉର'ର ଅର୍ଥ ନଗର ବା ପୁର । ଏଣୁ 'ପାଲୁର'ର ଅର୍ଥ ଦନ୍ତପୁର । ସେହିପରି ବଂଶଧାରା ନଦୀ କୂଳରେ ଗୋଟିଏ ଶ୍ରେଷ୍ଠ ପାହାଡ଼ ଉପରେ ଶାଳିହୁଣ୍ଡା ବୌଦ୍ଧପୀଠ ଅବସ୍ଥିତ ଥିଲା । ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ । ଏଠାରୁ ମହାଯାନୀ ବୌଦ୍ଧଧର୍ମର କେତେକ ଦେବଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ସମ୍ବଲପୁର ଜିଲ୍ଲାର ପଦ୍ମପୁର ସବ୍‌ଡିଭିଜନର ଗଣିଆପାଲିଠାରେ ଏକ ମହାଯାନୀ ବୌଦ୍ଧ-ବିହାର ଥିଲା ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ, ଯାହାର ଧ୍ୱଂସାବଶେଷ ୧୯୬୮ ଖ୍ରୀଷ୍ଟାବ୍ଦରେ ଲୋକଲୋଚନକୁ ଆସିଛି ।

କଟକ ଜିଲ୍ଲାର ରତ୍ନଗିରି, ଉଦୟଗିରି ଓ ଲଳିତଗିରିଠାରେ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରସିଦ୍ଧି ଅର୍ଜନ କରିଥିବା ବହୁ ବୌଦ୍ଧବିହାର ଅବସ୍ଥିତ ଥିଲା । ରତ୍ନଗିରିଠାରେ ଦୁଇଟି ମହାବିହାର ଥିଲା ଏବଂ ନାଳନ୍ଦା, ତକ୍ଷଶିଳା ଓ ବିକ୍ରମଶିଳା ବିଶ୍ୱବିଦ୍ୟାଳୟ ଭଳି ଏକ ବିଖ୍ୟାତ ବିଶ୍ୱବିଦ୍ୟାଳୟ ଥିଲା । ଏହା ଏକ ଯୋଗକେନ୍ଦ୍ର ହିସାବରେ ମଧ୍ୟ ଖ୍ୟାତିଲାଭ କରିଥିଲା । ଏଠାରୁ ବହୁ ବୌଦ୍ଧ ଦେବାଦେବୀ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ଏଠାରୁ ମିଳିଥିବା ପୋଡ଼ା ମାଟିର ମୋହରରେ ଏହାର ନାମ 'ରତ୍ନଗିରି ମହାବିହାର' ବୋଲି ଲିପିବଦ୍ଧ ହୋଇଅଛି । ଏହାର ନିକଟବର୍ତ୍ତୀ ଉଦୟଗିରି ମଧ୍ୟ ଏକ ପ୍ରସିଦ୍ଧ ବୌଦ୍ଧବିହାର ଥିଲା, ଯାହାର ଅବଶେଷ ମିଳିଛି ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ । ଏଠାରୁ ମିଳିଥିବା ଦେବାଦେବୀ ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଅନେକ ମୂର୍ତ୍ତି ଭାରତ ଓ ଭାରତ

ବାହାରର ସଂଗ୍ରହାଳୟମାନଙ୍କୁ ଚାଲିଯାଇଛି । ଏହା 'ମାଧବପୁର ମହାବିହାର' ନାମରେ ଖ୍ୟାତ ଥିଲା ।

ଲଳିତଗିରିଠାରେ ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ଏକ ଚମତ୍କାର ମହାବିହାରର ଧ୍ୱଂସାବଶେଷ ମିଳିଅଛି । ବହୁ ଦେବାଦେବୀ, ଏକ ଚୈତ୍ୟଗୃହର ଅବଶେଷ ଏବଂ ବହୁ ଛୋଟ ଛୋଟ ସ୍ତୂପ ମଧ୍ୟ ଏଠାରେ ଆବିଷ୍କୃତ ହୋଇଛି । ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ଏହି ସ୍ଥାନରୁ ଲୋକଲୋଚନକୁ ଆସିଥିବା ସର୍ବଶ୍ରେଷ୍ଠ ଆବିଷ୍କାରଟି ହେଉଛି ଏକ ଭଗ୍ନସ୍ତୂପ, ଯେଉଁଥିରୁ କ୍ଷୁଦ୍ର ସ୍ତୂପ ଆକାରରେ ନିର୍ମିତ ତିନୋଟି ପଥର ଫରୁଆ ମିଳିଛି । ପ୍ରତ୍ୟେକ ଫରୁଆ ଭିତରେ ରହିଛି କୋମଳ ପଥରରେ ନିର୍ମିତ ଏକ ଗୋଲାକାର ରୂପା ଫରୁଅ ଓ ରୂପାଫରୁଆ ମଧ୍ୟରେ ସୁନାଫରୁଆ । ସୁନାଫରୁଆ ଭିତରେ ପବିତ୍ର ଦନ୍ତର ଅଂଶ ସଂରକ୍ଷିତ । ଗୋଟିକରେ ଥିବା ଦନ୍ତ ସୁନାପତ୍ର ଆଚ୍ଛାଦିତ, ଏଥିରୁ ଏହା ଅନ୍ୟ ଦନ୍ତ ଅପେକ୍ଷା ପବିତ୍ରତର ମନେହୁଏ । ଏହିପରି ଦୁଇଟି ଫରୁର ମଧ୍ୟରେ ତିନୋଟିକରି ଛୋଟ ଫରୁଆ ଥିବା ସ୍ଥଳେ, ଗୋଟିକରେ ଏଗୁଡ଼ିକର ଅନୁପସ୍ଥିତି ଲକ୍ଷ୍ୟ କରାଯାଏ । ମନେହୁଏ, କୌଣସି ସମୟରେ ଏହାର ଭିତର ଫରୁଆଗୁଡ଼ିକ ହଜିଯାଇଛି ବା ଚୋରିଯାଇଛି । ଲଳିତଗିରିର ଖନନ କାର୍ଯ୍ୟ ଚାଲିଛି । ଏହି ମହାବିହାରର ନାମ ଏପର୍ଯ୍ୟନ୍ତ ଜଣାଯାଇନାହିଁ ।

କଟକ ଜିଲ୍ଲାର ଭାରତପୁରଠାରେ ତାଳଦଣ୍ଡା କେନାଲର ମରାମତି କାର୍ଯ୍ୟ ଚାଲିଥିଲାବେଳେ ବୁଦ୍ଧ, ତାରା, ମାରୀଚୀ, ଅପରାଜିତା ଇତ୍ୟାଦି କେତେକ ବୌଦ୍ଧ ଦେବାଦେବୀଙ୍କ ମୂର୍ତ୍ତିର ସନ୍ଧାନ ମିଳିଛି । ପୋଡ଼ା ଇଟାରେ ନିର୍ମିତ କାନ୍ଥ ଏବଂ ଏହି ମୂର୍ତ୍ତିଗୁଡ଼ିକ ସେଠାରେ ଖ୍ରୀଷ୍ଟୀୟ ୯ମ-୧୦ମ ଶତାବ୍ଦୀରେ ଏକ ବୌଦ୍ଧବିହାର ଥିବାର ସୂଚନା ଦିଅନ୍ତି । ସେହିପରି କଟକ ଜିଲ୍ଲାର ଚିତ୍ରୋତ୍ପଳା ନଦୀର ଉପତ୍ୟକାରେ ସାଲେପୁର ନିକଟସ୍ଥ ବ୍ରହ୍ମବନଠାରେ ଏକ ବୌଦ୍ଧବିହାରର ସନ୍ଧାନ ମିଳିଛି । ନିକଟ ଅତୀତରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ଖନନ କାର୍ଯ୍ୟ କରିଥିଲେ । ପୁରୀ ଜିଲ୍ଲାର କୋଣାର୍କ ନିକଟସ୍ଥ କୁରୁମଠାରେ ମଧ୍ୟ ଏକ ବୌଦ୍ଧବିହାରର ଅବଶେଷ ଭୂମି ମଧ୍ୟରୁ ବାହାର କରାଯାଇଛି । ଏ ବିହାରଦ୍ୱୟ ଖ୍ରୀଷ୍ଟୀୟ ୯ମ ଶତାବ୍ଦୀରେ ସକ୍ରିୟ ଥିଲେ । ସମକାଳୀନ ଜୟାଶ୍ରମ ବିହାର ଅବସ୍ଥିତ ଥିଲା ଢେଙ୍କାନାଳ ଜିଲ୍ଲାର ଭାଲନେରଠାରେ । ପୁରୀ ଜିଲ୍ଲାର ବାଣପୁର ନିକଟବର୍ତ୍ତୀ ଅଚ୍ୟୁତରାଜପୁରଠାରେ ଏକ ବୌଦ୍ଧବିହାର ଥିଲା । ବାଣପୁର କଲେଜ ଗୃହର ନିର୍ମାଣ କାର୍ଯ୍ୟ ଚାଲିଥିଲାବେଳେ ଭୂଗର୍ଭରୁ ଶତାଧିକ ବ୍ରୋଞ୍ଜମୂର୍ତ୍ତି ମିଳିଥିଲା, ଯେଉଁଥିରୁ କେବଳ ୭୫ଟି ହେଉଛି ବୌଦ୍ଧ-ଦେବାଦେବୀଙ୍କର ।

କଲେଜ ଗୃହ ନିର୍ମିତ ହେବା ଫଳରେ ଏଠାରେ ଥିବା ବିହାରଟି ଚିରଦିନ ପାଇଁ ଲୋକଲୋଚନର ଅନ୍ତରାଳରେ ରହିଗଲା ।

ପୁରୀ ଜିଲ୍ଲାର ଢେଲାଙ୍ଗ ନିକଟବର୍ତ୍ତୀ ବିଶ୍ୱନାଥ ମୁଣ୍ଡିଆ ବା ତତ୍କାଳୀନ ଭୈରବଶୈଳ ପାଦଦେଶରେ ଜଗଦଳପୁରଠାରେ ଅବସ୍ଥିତ ଥିଲା ଜଗଦ୍ଦଳ ବିହାର । ଏହି ସ୍ଥାନର ନିକଟବର୍ତ୍ତୀ ଢେଲାଙ୍ଗ, ବରୁଣେଇ ଓ ଅତ୍ରିଗଡ଼ଠାରେ ପଥର କଟାଯାଇ ତିଆରି ହୋଇଥିବା କେତୋଟି ଗୁମ୍ଫାର ଅବଶେଷ ଦେଖିବାକୁ ମିଳେ । ସମ୍ଭବତଃ ଏହି ଗୁମ୍ଫା ତତ୍କାଳୀନ ବୌଦ୍ଧଭିକ୍ଷୁଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା । ଆଲୋଚ୍ୟ ଜଗଦ୍ଦଳପୁର ଓଡ଼ିଶାରେ ମୋଗଲ ଶାସନ ପର୍ଯ୍ୟନ୍ତ ନିରାପଦ ଥିଲା । ଫଳରେ ୧୩ଶ ଶତାବ୍ଦୀର ପ୍ରାରମ୍ଭରେ ମହମ୍ମଦ ବଖ୍ତିୟାର ଖିଲଜୀଙ୍କ ଦ୍ୱାରା ବିହାର ଓ ବଙ୍ଗଳାରୁ ବିତାଡ଼ିତ ବୌଦ୍ଧସନ୍ନ୍ୟାସୀମାନଙ୍କ ପାଇଁ ଏହା ଏକ ନିରାପଦ ଆଶ୍ରୟସ୍ଥଳୀ ଥିଲା ବୋଲି ତିବ୍ବତୀୟ ଐତିହାସିକ ତାରନାଥଙ୍କ ଇତିହାସ ଓ 'ପାଗ୍-ସାମ୍-ଜୋନ୍ ଜାଙ୍ଗ୍' ଗ୍ରନ୍ଥରୁ ଜଣାଯାଏ । ଏହି ବିହାରରେ ମୋକ୍ଷକର ଗୁପ୍ତ, ବିଭୂତିଚନ୍ଦ୍ର, ଦାନଶୀଳ, ଶୁଭାକର ଓ ଜ୍ଞାନମିତ୍ର ପ୍ରମୁଖ ସିଦ୍ଧାଚାର୍ଯ୍ୟଗଣ ବାସକରୁଥିଲେ ।

ଏହି ବୌଦ୍ଧବିହାର ଗୁଡ଼ିକ ବ୍ୟତୀତ ବୌଦ୍ଧଧର୍ମର ଲୀଳାଭୂମି ଏହି ଓଡ଼ିଶାରେ ଅନେକ ବୌଦ୍ଧପୀଠ ଗଢ଼ିଉଠିଥିଲା । ଭଞ୍ଜବଂଶର ରାଜତ୍ୱକାଳରେ ମୟୂରଭଞ୍ଜର ଖିଚିଙ୍ଗଠାରେ ଏକ ବୌଦ୍ଧପୀଠ ଅବସ୍ଥିତ ଥିଲା । ବୈତରଣୀ ନଦୀର ଉତ୍ତର ତଟରେ ଅବସ୍ଥିତ ସୋଳମପୁର ଏକ ବୌଦ୍ଧପୀଠଥିଲା । ବାଲେଶ୍ୱର ଜିଲ୍ଲାର ଅଯୋଧ୍ୟାଠାରେ ଏକ ତନ୍ତ୍ରଯାନୀ ବୌଦ୍ଧପୀଠ ଥିବାର ଅନୁମିତ ହୁଏ, ଏଠାରୁ ମିଳିଥିବା ତନ୍ତ୍ରଯାନୀ ବିଗ୍ରହମାନଙ୍କରୁ । ସେହିପରି ଫୁଲବାଣୀ ଜିଲ୍ଲାର ବୌଦ୍ଧ ସହର ଉଭୟ ମହାଯାନ ଓ ତନ୍ତ୍ରଯାନର ଏକ ପ୍ରସିଦ୍ଧ ପୀଠ ଥିଲା । ବିରୂପା ଚିତ୍ରୋତ୍ପଳା ଉପତ୍ୟକାରେ କୋଲଣଗିରି, ରାମେଶ୍ୱର ଆଦି ସ୍ଥାନମାନ ବୌଦ୍ଧ ପୀଠରୂପେ ଏକଦା ପ୍ରସିଦ୍ଧି ଲାଭକରିଥିଲା । ପୁରୀ ଜିଲ୍ଲା ଓ କଟକ ଜିଲ୍ଲାର ପ୍ରାଚୀନଦୀ ଉପତ୍ୟକାର ବହୁସ୍ଥାନରେ ବୌଦ୍ଧ-ଦେବଦେବୀଙ୍କର ବହୁ ମୂର୍ତ୍ତି ମିଳୁଥିବାରୁ ଏହି ଅଞ୍ଚଳରେ ଅତୀତରେ କେତୋଟି ବୌଦ୍ଧାନୁଷ୍ଠାନ ଥିବାର ଅନୁମିତ ହୁଏ ।

ବୌଦ୍ଧକଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବୌଦ୍ଧଧର୍ମରେ ମୂର୍ତ୍ତିପୂଜାର ଅନୁପ୍ରବେଶ ପରେ ବହୁ ପରିମାଣରେ ବୌଦ୍ଧମୂର୍ତ୍ତି ଓ ଉପାସନା ବୌଦ୍ଧପୀଠ ନିର୍ମାଣ କରାଗଲା । ଫଳରେ ଓଡ଼ିଶାରେ

ବୌଦ୍ଧକଳାର ବିକାଶ ସହିତ ବୌଦ୍ଧସ୍ଥାପତ୍ୟର ମଧ୍ୟ ବିକାଶ ଘଟିଲା ଏବଂ କ୍ରମଶଃ ବୌଦ୍ଧକଳା ଓ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଲା । ଓଡ଼ିଶାର ବହୁସ୍ଥାନରୁ ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ମିଳିଥିବା ଉନ୍ନତ ଶିଳ୍ପକଳା ଓ ସ୍ଥାପତ୍ୟରୁ ଏହା ପ୍ରମାଣିତ ହୁଏ । ଏହି ବୌଦ୍ଧବିହାର ଗୁଡ଼ିକର ନିର୍ମାଣ ପ୍ରଣାଳୀ ବାସ୍ତବିକ୍ ଚମତ୍କାର । ପୋଡ଼ା ଇଟାରେ ନିର୍ମିତ ଚୈତ୍ୟଗୃହ, ପ୍ରଶସ୍ତ ବାରଣ୍ଡା, ସ୍ତୂପ, ପ୍ରକୋଷ୍ଠ ଇତ୍ୟାଦି ଆଜି ମଧ୍ୟ ତତ୍କାଳୀନ ଉତ୍କଳୀୟ ଶିଳ୍ପୀର ଶିଳ୍ପ-ପରାକାଷ୍ଠା ପ୍ରଦର୍ଶନ କରେ ।

ଓଡ଼ିଶାର ତତ୍କାଳୀନ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ଏପରି କେତୋଟି ମୂର୍ତ୍ତି ମିଳେ, ଯାହା ଭାରତର ଅନ୍ୟ ପ୍ରାନ୍ତରୁ ଏପର୍ଯ୍ୟନ୍ତ ମିଳି ନାହିଁ । ଉଦାହରଣ ସ୍ୱରୂପ ସମ୍ବଲପୁର ଜିଲ୍ଲାର ଗଣିଆପାଲିର ଦୁଇଟି ମୁଚଲିନ୍ଦବୁଦ୍ଧ ବିଗ୍ରହ ଓ ପୁରୀ ଜିଲ୍ଲାର ଅରଗଡ଼ରୁ ମିଳିଥିବା ମଞ୍ଜୁଶ୍ରୀ ଗୋଷ୍ଠୀର ବିଗ୍ରହମାନଙ୍କୁ ଗ୍ରହଣ କରାଯାଇପାରେ । ଏଗୁଡ଼ିକ ଉତ୍କଳୀୟ ସ୍ଥପତିମାନଙ୍କର ଦକ୍ଷତା ଓ କଳାକୁଶଳତାର ପରିଚୟ ଦିଏ ।

ବୌଦ୍ଧଧର୍ମର ବହୁବିଧ ଦେବଦେବୀ ଓଡ଼ିଶାର ଧ୍ୱଂସାବଶେଷ ମାନଙ୍କରୁ ମିଳିଅଛି । ବିଭିନ୍ନ ଆସନାସୀନ ବୁଦ୍ଧଦେବଙ୍କ ମୂର୍ତ୍ତି ଓ ପଞ୍ଚଧ୍ୟାନୀ ବୁଦ୍ଧଙ୍କ ମୂର୍ତ୍ତି ସମେତ ଅବଲୋକିତେଶ୍ୱର, ପଦ୍ମପାଣି, ବଜ୍ରପାଣି, ମଞ୍ଜୁଶ୍ରୀ, ମୈତ୍ରେୟ, ହେରୁକ, ତ୍ରୈଲୋକ୍ୟ ବିଜୟ, କୃଷ୍ଣଯମାରି, ଜମ୍ଭଳ, ପଞ୍ଚିକ, ବୈଶ୍ରବଣ, ସମ୍ବର ଇତ୍ୟାଦି ଦେବବିଗ୍ରହ; ପ୍ରଜ୍ଞାପାରମିତା, ପାଣ୍ଡରା, ତାରା, ମାରୀଚୀ, ଅପରାଜିତା, କୁରୁକୁଲ୍ଲା, ଭୃକୁଟି, ବଜ୍ରବାରାହୀ, ବସୁଧାରା, ହାରୀତୀ, ଚୁଣ୍ଡା ଇତ୍ୟାଦି ଦେବୀବିଗ୍ରହ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଅଛି ।

ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରେ ଦକ୍ଷିଣ କୋଶଳର ସୋମବଂଶୀ ରାଜାମାନେ ଶକ୍ତିଶାଳୀ ହୋଇଉଠିଥିଲେ । ସେମାନଙ୍କର ରାଜଧାନୀ ଥିଲା ବଲାଙ୍ଗୀର ଜିଲ୍ଲାର ସୋନପୁର । କାଳକ୍ରମେ ସେମାନେ ଭୌମକର ରାଜାମାନଙ୍କ ଶାସନାଧୀନ ସମସ୍ତ ଅଞ୍ଚଳକୁ ସେମାନଙ୍କ ଶାସନାଧୀନ କଲେ । ସେମାନେ ଥିଲେ ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକ; ତଥାପି ବୌଦ୍ଧଧର୍ମ ପ୍ରତି ସେମାନଙ୍କର ଶ୍ରଦ୍ଧା ଥିଲା । ୧୨ଶ ଶତାବ୍ଦୀର ଆଦ୍ୟଭାଗରେ ଓଡ଼ିଶା ଗଙ୍ଗବଂଶର ଶାସନାଧୀନ ହେଲା । ଏହି ସମୟରେ ଓଡ଼ିଶାରେ ବୌଦ୍ଧଧର୍ମ ସମ୍ବନ୍ଧୀୟ କୌଣସି ତଥ୍ୟ ମିଳେ ନାହିଁ । ମାତ୍ର ଏହି ସମୟରେ ବୌଦ୍ଧଧର୍ମ ଯେ ବିଶେଷ ବାଧାପ୍ରାପ୍ତ ହୋଇ ନଥିଲା, ଏହା ଜାଣିବାକୁ ମିଳେ ସମକାଳୀନ କେତେକ

ବୌଦ୍ଧବିଗ୍ରହର ଆବିଷ୍କାର ଫଳରେ । ଗଙ୍ଗବଂଶର ପତନ ପରେ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ରାଜତ୍ୱ ଆରମ୍ଭ ହେଲ ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀରେ । ଏହି ସମୟରେ ଓଡ଼ିଶାରେ ବୌଦ୍ଧଧର୍ମ ସମ୍ପର୍କୀୟ କୌଣସି ଐତିହାସିକ ଉପାଦାନ ମିଳେ ନାହିଁ । କିଂବଦନ୍ତୀ କହେ ଯେ, ସୂର୍ଯ୍ୟବଂଶୀ ରାଜା ପ୍ରତାପରୁଦ୍ର ଦେବ (୧୪୯୭—୧୫୩୩ ଖ୍ରୀଷ୍ଟାବ୍ଦ) ପ୍ରଥମେ ବୌଦ୍ଧଧର୍ମ ପ୍ରତି ଅନୁରକ୍ତ ଥିଲେ; ମାତ୍ର ବ୍ରାହ୍ମଣ୍ୟଧର୍ମ ଅନୁରାଗିଣୀ ନିଜ ରାଣୀଙ୍କ ପ୍ରରୋଚନାରେ ସେ ଏକଦା ବୌଦ୍ଧ ଓ ବ୍ରାହ୍ମଣମାନଙ୍କୁ ଏକ ପରୀକ୍ଷାର ସମ୍ମୁଖୀନ କରାଇଥିଲେ, ଯେଉଁଥିରେ ବ୍ରାହ୍ମଣ ମାନେ କପଟାଚରଣ କରି ବୌଦ୍ଧମାନଙ୍କୁ ପରାଜିତ କରିଥିଲେ । ଫଳରେ ବୌଦ୍ଧଭିକ୍ଷୁଗଣ ପ୍ରତାପରୁଦ୍ରଙ୍କ ଦ୍ୱାରା ବିତାଡ଼ିତ ହୋଇଥିଲେ ।

ମୁକୁନ୍ଦଦେବ(୧୫୫୯-୬୮ ଖ୍ରୀଷ୍ଟାବ୍ଦ)ଙ୍କ ରାଜତ୍ୱକାଳରେ ବୌଦ୍ଧଧର୍ମର ପୁନରୁତ୍ଥାନ ଘଟିଥିଲ । ତାରନାଥଙ୍କ ବିବରଣୀ ଅନୁସାରେ ମୁକୁନ୍ଦଦେବ ନିଜ ରାଜ୍ୟରେ କେତେକ ବୌଦ୍ଧାନୁଷ୍ଠାନ ପ୍ରତିଷ୍ଠା କରିଥିଲେ ଓ କେତୋଟିର ସଂସ୍କାର ମଧ୍ୟ କରିଥିଲେ । ଏହାପରେ ଓଡ଼ିଶାରେ ବୌଦ୍ଧଧର୍ମର ବିକାଶ ବା ବିଲୟ ସମ୍ବନ୍ଧରେ ଇତିହାସ ନୀରବ ।

ଉପର୍ଯ୍ୟୁକ୍ତ ଆଲୋଚନା ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସର ଏକ ସଂକ୍ଷିପ୍ତ ରୂପ ପ୍ରଦାନକରେ । ଓଡ଼ିଶାରେ ବୌଦ୍ଧଧର୍ମ ସଂପର୍କୀୟ କେତେକ ତଥ୍ୟ ବ୍ୟତୀତ, ଏଥିରେ ବର୍ଣ୍ଣିତ ପ୍ରାୟ ସମସ୍ତ ତଥ୍ୟ ସ୍ୱର୍ଗତ ଡକ୍ଟର ନବୀନ କୁମାର ସାହୁଙ୍କ ଗବେଷଣାପ୍ରସୂତ । ସେ ମହାଶୟ ଥିଲେ ଯୋଗଜନ୍ମା । ବାଲ୍ୟକାଳରୁ ଆର୍ଥିକ ଦୁଃସ୍ଥିତି ସହିତ ସଂଗ୍ରାମକରି ସେ ମଣିଷ ହୋଇଥିଲେ । ସ୍ୱପ୍ରଚେଷ୍ଟାରେ ଅହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରି ସେ ଓଡ଼ିଶାରେ ଇତିହାସ ଅଧ୍ୟାପକ ଭାବରେ କାର୍ଯ୍ୟରତ ଥିଲେ । ତାପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଓ କୁଳପତି ଆସନ ଅଳଙ୍କୃତ କରି ସେ ଚାକିରି ଜୀବନରୁ ଅବ୍ୟାହତି ନେଇଥିଲେ । ଇତିହାସ ଅଧ୍ୟାପକ ଭାବେ ଯୋଗଦେବା ପରେ ପରେ ଗଭୀର ନିଷ୍ଠା ଓ ଅଧ୍ୟବସାୟର ସହିତ ଗବେଷଣା କରି ଓଡ଼ିଶାର ବୌଦ୍ଧ ସଂସ୍କୃତିକୁ ଲୋକଲୋଚନକୁ ଆଣିଥିଲେ । ତାଙ୍କ ଗବେଷଣା ନିବନ୍ଧ Buddhism in Orissa ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୫୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଛି ।

କେବଳ Buddhim in Orissa ଗ୍ରନ୍ଥରେ ନୁହେଁ, Utkal University History of Orissa, vol. I, 'ଓଡ଼ିଶାରେ

ବୌଦ୍ଧଧର୍ମ' 'ଓଡ଼ିଆ ଜାତିର ଇତିହାସ' ଆଦି ଗ୍ରନ୍ଥରେ ମଧ୍ୟ ସେ ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ସମ୍ପର୍କରେ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଛନ୍ତି । ସେ ବୌଦ୍ଧଧର୍ମ ସମ୍ବନ୍ଧୀୟ ବହୁ ଅନାଲୋଚିତ ତଥା ନୂତନ ତଥ୍ୟ ପରିବେଷଣ କରିଛନ୍ତି Buddhism in Orissa ଗ୍ରନ୍ଥରେ । ବାସ୍ତବିକ୍ ତାଙ୍କର ଏହି ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥଟି ଭାରତୀୟ ଐତିହ୍ୟ ଓ ସଂସ୍କୃତିକୁ ଏକ ଉଲ୍ଲେଖ୍ୟ ଅବଦାନ । ବୌଦ୍ଧ-ଓଡ଼ିଶାର ଆବିଷ୍କର୍ତ୍ତା ରୂପେ କେବଳ ଭାରତ ନୁହେଁ, ସାରା ବିଶ୍ୱ ତାଙ୍କୁ ଚିହ୍ନିଛି । ତେଣୁ ଏହି ଗ୍ରନ୍ଥ ସମ୍ପର୍କରେ ମତ ଦେଇ ଜଣେ ପାଶ୍ଚାତ୍ୟ ପଣ୍ଡିତ W. Y. Evans-Wentz ଯାଥାର୍ଥରେ କହିଛନ୍ତି— "Being a genuine contribution to the advancement of learning Buddhism in Orissa will be found to be the scholars the world over a necessary source book" (Buddhism in Orissa, Opinion, p. i.)

ଡ଼କ୍ଟର ସାହୁ ପ୍ରମାଣ କରିବାକୁ ସମର୍ଥ ହୋଇଛନ୍ତି ଯେ, ଆମର ଏଇ ପବିତ୍ର ଜନ୍ମଭୂମି ଓଡ଼ିଶା ଥିଲା ମହାଯାନ ବୌଦ୍ଧଧର୍ମର ଜନ୍ମଭୂମି । ତାଙ୍କ ମତରେ, ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀ ଓ ଖ୍ରୀଷ୍ଟପର ୧ମ ଶତାବ୍ଦୀ ମଧ୍ୟରେ ମହାଯାନର ଉଦ୍ଭବ ହୋଇଥିଲା ତତ୍କାଳୀନ ଓଡ଼ିଶା ମାଟିରେ । ସେ ସ୍ପଷ୍ଟ ଶବ୍ଦରେ ପ୍ରକାଶ କରିଛନ୍ତି— "ଓଡ଼ିଶା କେବଳ ମହାଯାନ ବୌଦ୍ଧଧର୍ମର ଜନ୍ମଭୂମି ଓ ଲାଳନ-ଭୂମି ନୁହେଁ, ତାହା ଏହି ଧର୍ମର ଗଠନ-ଭୂମି ମଧ୍ୟ । ଓଡ଼ିଶା ଦେଶରେ ମହାଯାନର ସୁବିଖ୍ୟାତ ମାଧ୍ୟମିକ ଦର୍ଶନ ସୃଷ୍ଟ; ଏଠାରେହିଁ ବୌଦ୍ଧନ୍ୟାୟର ଭିତ୍ତି ଓ ସୌଧ ନିର୍ମିତ । କେବଳ ତାହା ନୁହେଁ, ଭାରତୀୟ ବୌଦ୍ଧସଂସ୍କୃତିକୁ ସମୁଦ୍ର ସେପାରିରେ ପ୍ରସାର କରିବା ନିମନ୍ତେ ଓଡ଼ିଶାର ପୋତାଶ୍ରୟମାନହିଁ ଥିଲା ପ୍ରଧାନ ଅବଲମ୍ବନ । ତେଣୁ ବୌଦ୍ଧଧର୍ମକୁ ଓ ତହିଁ ସଙ୍ଗେ ସଙ୍ଗେ ଭାରତକୁ ବିଶ୍ୱ ସମକ୍ଷରେ ମହାନ୍ ରୂପେ ପ୍ରକାଶ କରିବାରେ ଓଡ଼ିଶାର ଦାନ ଅତି ଅଧିକ ।" (ଓଡ଼ିଶାରେ ବୌଦ୍ଧଧର୍ମ, ପୃ. ୧୫) ତାଙ୍କର ଏହି ତଥ୍ୟକୁ ଭାରତର ବିଶିଷ୍ଟ ପାଲି ପ୍ରଫେସର ତଥା ବୌଦ୍ଧଶାସ୍ତ୍ରବିତ୍ ଡକ୍ଟର ନଳିନାକ୍ଷ ଦତ୍ତ ସମର୍ଥନ ଜଣାଇ ଲେଖିଛନ୍ତି— "... Mahayana Buddhism had its origin and early propagation in Daksinapatha which included Kalinga as also Tosali the ancient capital of Orissa..." (Buddhism in Orissa, Foreword, p. vi)

ଖ୍ରୀଷ୍ଟୀୟ ୭ମ ଶତାବ୍ଦୀବେଳକୁ ପତନ ବୌଦ୍ଧଧର୍ମରେ ତନ୍ତ୍ର, ମନ୍ତ୍ର ଆଦିର ଅନୁପ୍ରବେଶ ଫଳରେ ତାନ୍ତ୍ରିକ ବୌଦ୍ଧଧର୍ମର ଉଦ୍ଭବ ହେଲା । ବୌଦ୍ଧତନ୍ତ୍ରଶାସ୍ତ୍ର-ମାନଙ୍କରେ ସ୍ପଷ୍ଟଭାବେ ପ୍ରତିପାଦିତ ହୋଇଛି ଯେ ବୌଦ୍ଧଧର୍ମର ଆଦିଭୂମି ହେଉଛି ଉଡ୍ଡୀୟାନ । ଉଡ୍ଡୀୟାନ ପୀଠର ଅବସ୍ଥିତି ସମ୍ବନ୍ଧରେ ଗବେଷକମାନଙ୍କ ମଧ୍ୟରେ ବାଦାନୁବାଦ ରହିଛି । ଏଲ୍. ଏ. ୱାଡେଲ ଏହାର ଅବସ୍ଥିତି ନିର୍ଣ୍ଣୟ କରିଛନ୍ତି ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ କାବୁଲ୍‌ର ସ୍ୱାଟ ଉପତ୍ୟକାରେ । ପ୍ରଫେସର ସିଲଭାଇନ ଲେଭି ଓ ଡକ୍ଟର ପ୍ରବୋଧଚନ୍ଦ୍ର ବାଗଚୀ ୱାଡେଲଙ୍କ ମତର ସମର୍ଥକ । ଉଡ୍ଡୀୟାନ ଯେ ଓଡ଼ିଶା, ଏହା ଦୃଢ଼ ଯୁକ୍ତିର ସହିତ ଡକ୍ଟର ସାହୁ ପ୍ରମାଣ କରିଛନ୍ତି । ଏ ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ହେଉଛି—
"The noteworthy fact in this connection is that no Tantric images of any importance have yet been recovered from the Swat Volley, although images of much earlier times, belonging to the Gandhara school of arts, are coming to light in large number at various sites of it. It should be borne in mind that Uddiyana is intimately associated with the worship of the deities like Marichi, Kurukulla, Lokesvara, Urddhvapada-Vajravarahi etc. and as none of these deities are traceable in the Swat Valley, its identification with the Tantric land of Uddiyana cannot be maintained. In Orissa, on the other hand, all these deities are found in large number, along with such other images as of Dhyani-Buddhas, Manjusri, Padmapani, Vajrapani, Trailokya-vijaya, Jambhala, Heruka, Bhairavi, Chamunda etc., carved out in grace and beauty with regard to the minute details prescribed in their Sadhanas. Images of Marichi, Tara and Lokesvara are found in many places e.g. Ratnagiri, Ayodhya, Khiching, Chaudwar, Banapura and Ganjam, while those

of Kurukulla are recovered in the district of Cuttack in a small village known as Kurukura, which is probably so named after the Goddess. A few years back Mr. N. N. Basu declared to have discovered an image of Kurukulla at Ayodhya near Nilgiri, which was, however, afterwards considered to be a spurious one. But two of the images of this deity found in the village noted above, conform closely in iconographic features to the dhyanas mentioned in their Sadhanas. It may be said that the Goddess Kurukulla and Vajravarahi who are described in the Tantric literature as the presiding deities of Uddiyana, are found only in Orissa and nowhere else in India; what to speak of the Swat Valley, and hence, in the light of it, Orissa may be identified with great amount of certainty with Uddiyana." (Buddhism in Orissa, pp. 153-54) ଡ଼କ୍ଟର ସାହୁଙ୍କର ଏହି ମତ ପରବର୍ତ୍ତୀକାଳୀନ କୌଣସି ଗବେଷକଙ୍କ ଦ୍ୱାରା ଖଣ୍ଡିତ ହୋଇ ନାହିଁ ।

ଲାମା ତାରନାଥ ତହୁରାଶୀ ସିଦ୍ଧଙ୍କ ବର୍ଣ୍ଣନା ଦେଲାବେଳେ ଉଡ୍ଡୀୟାନ ଦୁଇଟି ରାଜ୍ୟର ସମ୍ମିଶ୍ରଣରେ ଗଠିତ ବୋଲି କହିଛନ୍ତି — ଗୋଟିଏ ରାଜ୍ୟ ସମ୍ବଲ ଓ ଅନ୍ୟଟି ଲଙ୍କାପୁରୀ । ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ସମ୍ବଲର ରାଜା ଥିଲେ ଇନ୍ଦ୍ରଭୂତି । ସେ ବଜ୍ରଯାନର ପ୍ରବର୍ତ୍ତକ । ତାଙ୍କ ଭଉଣୀ ଲକ୍ଷ୍ମୀଙ୍କରା ଥିଲେ ଲଙ୍କାପୁରୀର ରାଜବଧୂ ଓ ସହଜଯାନର ପ୍ରବର୍ତ୍ତିକା । ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ ଆଧୁନିକ ସମ୍ବଲପୁରକୁ ତତ୍କାଳୀନ ସମ୍ବଲ ସହିତ ଚିହ୍ନିତ କରନ୍ତି । ବହୁ ଅନ୍ୟ ଗବେଷକ ଏହି ମତର ସମର୍ଥକ । ସେହିପରି ଆଧୁନିକ ସୋନପୁର ଯେ ତାରନାଥ କଥିତ ଲଙ୍କାପୁରୀ, ଏହା ଡ଼କ୍ଟର ସାହୁ ପ୍ରମାଣ କରିଛନ୍ତି । କାଳଚକ୍ରତନ୍ତ୍ରର ପ୍ରବର୍ତ୍ତକ ପିଣ୍ଡୋପାଦ ବଜ୍ରପାଣିଙ୍କ ଦ୍ୱାରା ସମ୍ବଲକୁ ପ୍ରେରିତ ହୋଇଥିଲେ ଓ ସେ ସେଠାରୁ ବହିଗଲେ ଆସି ରତ୍ନଗିରି ମହାବିହାରରେ ବୌଦ୍ଧଭିକ୍ଷୁମାନଙ୍କୁ ଶିକ୍ଷା ଦାନ କରୁଥିଲେ । ଏହି ଦୃଷ୍ଟିରୁ

ଡକ୍ଟର ସାହୁଙ୍କ ମତରେ ଓଡ଼ିଶା ତନ୍ତ୍ରଯାନର ଉତ୍ପତ୍ତିସ୍ଥଳ । ଓଡ଼ିଶାର କେତେକ ତାନ୍ତ୍ରିକ-ବୌଦ୍ଧପୀଠ ଓ ତାନ୍ତ୍ରିକ ବୌଦ୍ଧ-ସାଧକଙ୍କ ବିଷୟରେ ବହୁ ଲୁକ୍କାୟିତ ତଥା ଅଜ୍ଞାତ ତଥ୍ୟ ଆଲୋକକୁ ଆଣି ସେ ନିଜର ମତକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଯୁକ୍ତିଭିତ୍ତିକ କରିଛନ୍ତି ।

**ଚର୍ଯ୍ୟାଗୀତ ଓ ଦୋହା ତାନ୍ତ୍ରିକ-ବୌଦ୍ଧଧର୍ମର ସାହିତ୍ୟ ।**- ଚର୍ଯ୍ୟାଗୀତ ଓ ଦୋହା ପ୍ରଖ୍ୟାତ ବଙ୍ଗୀୟ ପଣ୍ଡିତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ୧୯୦୭ ଖ୍ରୀଷ୍ଟାବ୍ଦରେ ନେପାଳ ଦରବାର ଗ୍ରନ୍ଥାଗାରରୁ ଆବିଷ୍କୃତ ହୋଇ ୧୯୧୬ ଖ୍ରୀଷ୍ଟାବ୍ଦରେ 'ହାଜାର ବଛରେର ପୁରାନ ବାଙ୍ଗଲା ଭାଷାୟ ବୌଦ୍ଧଗାନ ଓ ଦୋହା' ନାମରେ ପ୍ରକାଶିତ ହେବାପରେ ଓଡ଼ିଶା, ଆସାମ, ବିହାର ପ୍ରଭୃତି ରାଜ୍ୟର ବିଦ୍ୱାନ ତଥା ଭାଷାବିତ୍‌ଗଣ ଚର୍ଯ୍ୟାସାହିତ୍ୟକୁ ପ୍ରାଚୀନ ବଙ୍ଗଳା ଭାଷାରେ ରଚିତ ବୋଲି ପ୍ରମାଣ କରିବାକୁ ଯେଉଁ ଯେଉଁ ଯୁକ୍ତିର ଆଶ୍ରୟ ନେଲେ, ଓଡ଼ିଶା, ଆସାମ ଓ ବିହାରର ବିଦ୍ୱାନଗଣ ମଧ୍ୟ ସେହି ସେହି ଯୁକ୍ତିର ଆଶ୍ରୟ ନେଇ ଚର୍ଯ୍ୟାସାହିତ୍ୟର ଭାଷାକୁ ପ୍ରାକ୍-ଓଡ଼ିଆ, ପ୍ରାକ୍-ଅହମିଆ ଓ ପ୍ରାକ୍-ମୈଥିଳୀ ଭାବରେ ଅଭିହିତ କଲେ । ସେମାନେ ଆଞ୍ଚଳିକ ପ୍ରୀତି ତ୍ୟାଗ କରିପାରିଲେ ନାହିଁ । ଫଳରେ ସେମାନଙ୍କ ମଧ୍ୟରେ ସୂତ୍ରପାତ ହେଲା ଏକ ମସୀଯୁଦ୍ଧ । ଚର୍ଯ୍ୟାଗୀତ ଭାଷାର ଆଲୋଚନାକାଳରେ ଡକ୍ଟର ସାହୁ କିନ୍ତୁ କୌଣସି ଆଞ୍ଚଳିକ ମନୋଭାବ ପୋଷଣକାରୀଙ୍କୁ ସମର୍ଥନ କରିନାହାନ୍ତି । ସେ ଜଣେ ଗବେଷକର ନିର୍ଭୀକ ତଥା ନିରପେକ୍ଷ ମନୋଭାବ ନେଇ ଏବଂ ଆଞ୍ଚଳିକ ଭାବପ୍ରବଣତାଠାରୁ ଦୂରେଇ ରହି ଚର୍ଯ୍ୟାଗୀତିର ଭାଷାକୁ ପୂର୍ବଭାରତୀୟ ଅଞ୍ଚଳରେ ସମ୍ପ୍ରତି ପ୍ରଚଳିତ ଓଡ଼ିଆ, ବଙ୍ଗଳା, ମୈଥିଳୀ, ଅହମିଆ ଆଦି ଭାଷାର ଜନନୀ ବୋଲି କହିଛନ୍ତି । ତାଙ୍କ ଭାଷାରେ – "... this was the parent stock from which modern Oriya, Bengali and Assamese developed in later times." (Buddhism in Orissa, p 157) ଏକ ବହୁବିବାଦୀୟ ସମସ୍ୟାର ଏହିପରି ସରଳ ସମାଧାନ ବାହାରକରି ସେ ନିଜ ପାଣ୍ଡିତ୍ୟ ତଥା ଦୂରଦର୍ଶିତାର ପରିଚୟ ଦେଇଛନ୍ତି । ତାଙ୍କର ଉକ୍ତିରେ ଥିବା ସତ୍ୟଟି ପରବର୍ତ୍ତୀକାଳରେ ପ୍ରତିଷ୍ଠା ଲାଭ କରିଛି ଏବଂ ଆଞ୍ଚଳିକ ମନୋଭାବ ପୋଷଣକାରୀ ବହୁ ବିଦ୍ୱାନଙ୍କ ଦ୍ୱାରା ମଧ୍ୟ ଆଦୃତି ଲାଭ କରିଛି; ପୂର୍ବ ମତ ପରିବର୍ତ୍ତନ କରି ସେମାନେ ଏହି ନୂତନ ସତ୍ୟ ଗ୍ରହଣ କରିଛନ୍ତି । 'ଏହି ସମସ୍ୟାଟିର ସୂକ୍ଷ୍ମ ସମାଧାନ କରିବା ସଙ୍ଗେ ସଙ୍ଗେ ଡକ୍ଟର ସାହୁ ତାନ୍ତ୍ରିକ ବୌଦ୍ଧଧର୍ମର ସାହିତ୍ୟର ରଚୟିତା ବହୁ ସିଦ୍ଧାଚାର୍ଯ୍ୟଙ୍କୁ ଓଡ଼ିଶାର ଅଧିବାସୀ ଭାବରେ ଗ୍ରହଣ କରିଛନ୍ତି ଓ ଅନ୍ୟ କେତେକଙ୍କୁ ଓଡ଼ିଶା ସହିତ ସମ୍ପୃକ୍ତ ଥିବା

ଦର୍ଶାଇଛନ୍ତି । ଏଥିରୁ ଚର୍ଯ୍ୟାସାହିତ୍ୟର ରଚନାରେ ଓଡ଼ିଶା ମାଟିର ତାନ୍ତ୍ରିକ ବୌଦ୍ଧସିଦ୍ଧାଚାର୍ଯ୍ୟମାନଙ୍କର ପ୍ରମୁଖ ଭୂମିକା ରହିଥିବା ସ୍ପଷ୍ଟ ସୂଚିତ ହୁଏ । କେବଳ ସହଜଯାନ ଓ ତନ୍ତ୍ରଯାନର ଉତ୍ପତ୍ତି ଓ ବିକାଶ ଓଡ଼ିଶାରେ ହୋଇ ନଥିଲା, ସେସବୁର ସାହିତ୍ୟ ମଧ୍ୟ ଓଡ଼ିଶାରେ ରଚିତ ହୋଇଥିଲା ବୋଲି ବଳିଷ୍ଠ ଯୁକ୍ତି-ବଳରେ ଡକ୍ଟର ସାହୁ ପ୍ରତିପାଦନ କରିଛନ୍ତି ଏବଂ ଏହା ଫଳରେ ବୌଦ୍ଧଧର୍ମର ଉତ୍ପତ୍ତି ଓ ଉତ୍ତରଣରେ ଓଡ଼ିଶାର ଯେଉଁ ଅନବଦ୍ୟ ଦାନ ରହିଛି, ତାହାର ସୂଚନା ଦେଇଛନ୍ତି ।

ଡକ୍ଟର ସାହୁ ପାଲିକୁ ତତ୍କାଳୀନ କଳିଙ୍ଗର ଭାଷା ଭାବରେ ପ୍ରତିପାଦନ କରିଛନ୍ତି । ପ୍ରାଚୀନ ବୌଦ୍ଧଧର୍ମ ପାଲି ମାଧ୍ୟମରେ ବର୍ମା, ସିଂହଳ ପ୍ରଭୃତି ପଡ଼ୋଶୀ ଦେଶକୁ ପ୍ରସାରିତ ହୋଇଥିଲା ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହିପରି ପ୍ରାଚୀନ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାରରେ କଳିଙ୍ଗର ଉଲ୍ଲେଖ୍ୟ ଭୂମିକା ରହିଥିଲା ବୋଲି ସେ ଦର୍ଶାଇଛନ୍ତି । ଏ ସମ୍ବନ୍ଧରେ ସେ କହନ୍ତି— "The most plausible view, therefore, is that Pali was the language of the territory of ancient Kalinga, which then comprised a large portion of the Eastern coast. x x x Early Buddhism spread over Burma, Ceylon and Siam through the medium of Pali and Kalinga appears to have had a great share in the missionery activities in her neighbouring territories beyond the sea." (Budhhism in Orissa, pp, 37-38).

ସମ୍ବଲର ରାଜା ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବ ଜଣେ ବିଶିଷ୍ଟ ଧର୍ମାଚାର୍ଯ୍ୟ ଥିଲେ । ସେ ତିବ୍ବତ ଅଭିମୁଖେ ଯାତ୍ରାକରି ସେଠାରେ ତନ୍ତ୍ରଯାନର ପ୍ରଚାର କରିଥିଲେ । ଯେଉଁ ତାନ୍ତ୍ରିକ ବୌଦ୍ଧଧର୍ମ ବା ଲାମାଧର୍ମ ଆଜି ତିବ୍ବତର ମୁଖ୍ୟ ଧର୍ମ ଭାବେ ପରିଗଣିତ, ତା'ର ପ୍ରବର୍ତ୍ତକ ସେ ପଦ୍ମସମ୍ଭବ, ଏହା ଡକ୍ଟର ସାହୁ ପ୍ରତିପାଦନ କରିଛନ୍ତି । ଏ ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ହେଉଛି— "He (Padmasambhava) visited Tibet in the company of the famous Buddhist philosopher Santaraksita, who happened to be his brother-in-law, and stayed there in cir. 780-95 A. D., during which

period he established a great monastery at Bsam-Ye, after the model of the Cdantapuri Vihara in Magadha. This first Tibetan monastery actively diffused Tantrayana among the followers of Bon-pa religion and evolved a synthetic Indo-Tibetan mysticism, generally known as Lamaism." (Buddhism in Orissa, p 167) ଏହିଭଳି ବହୁ ନୂତନ ତଥ୍ୟ ବଳରେ ସେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାରରେ ଓଡ଼ିଶାର ଭୂମିକା ନିର୍ଣ୍ଣୟ କରିଛନ୍ତି । ତିବ୍ବତର ଧର୍ମ ଓ ସଂସ୍କୃତିର ବିକାଶରେ ଓଡ଼ିଶାର ସିଦ୍ଧାଚାର୍ଯ୍ୟମାନଙ୍କ ଅବଦାନର ଯେଉଁ ସୂଚନା ଏହି ପୁସ୍ତକରେ ସେ ଦେଇଛନ୍ତି, ତାହା ଲକ୍ଷ୍ୟକରି ପାଶ୍ଚାତ୍ୟ ବିଦ୍ୱାନ W. Y. Evans-Wentz ମନ୍ତବ୍ୟ ଦେଇଛନ୍ତି — "This book is particularly valuable for its scholarly exposition of the origins and developments of the Hinayana, the Mahayana, the Tantrayana and the Yogayana system of Buddhism and also, for its very interesting accounting of Tibet's cultural indebtedness to Orissa." (Buddhism in Orissa, Opinion, p. i)

ପ୍ରାଚୀନ ଭାରତର ନାଳନ୍ଦା, ତକ୍ଷଶିଳା, ବିକ୍ରମଶିଳା ବିଶ୍ୱବିଦ୍ୟାଳୟ ଭଳି ଓଡ଼ିଶାରେ ଏକଦା ପୁଷ୍ପଗିରି ମହାବିହାର ପ୍ରସିଦ୍ଧି ଲାଭ କରିଥିଲା ଏକ ବିଶିଷ୍ଟ ଶିକ୍ଷାକେନ୍ଦ୍ର ଓ ଉପାସନା କେନ୍ଦ୍ର ଭାବରେ । ଏ ସମ୍ପର୍କରେ ଚୀନ ପରିବ୍ରାଜକ ହୁଏନସାଂଙ୍କ ଭ୍ରମଣ ବିବରଣୀରୁ ସୂଚନା ମିଳିଥାଏ । ଏହି ପୁଷ୍ପଗିରି ମହାବିହାରର ଅବସ୍ଥିତି ଆଜି ପର୍ଯ୍ୟନ୍ତ ସଠିକ ରୂପେ ନିର୍ଣ୍ଣିତ ହୋଇ ପାରିନାହିଁ । କେହି କେହି ଏହାକୁ କଟକ ଜିଲ୍ଲାର ରତ୍ନଗିରି, ଉଦୟଗିରି ସହିତ ଚିହ୍ନିତ କରନ୍ତି ଓ ଅନ୍ୟ କେହି ଏହାର ଅବସ୍ଥିତି ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରିଠାରେ ଥିଲା ବୋଲି ମତ ଦିଅନ୍ତି । କିନ୍ତୁ ଖଣ୍ଡଗିରି ଓ ଉଦୟଗିରିର ପ୍ରାଚୀନ ନାମ ଯଥାକ୍ରମେ କୁମାର ଗିରି ଓ କୁମାରୀ ଗିରି ହୋଇଥିବାରୁ ଏବଂ ଏଠାରେ ଜୈନଧର୍ମର ପ୍ରାବଲ୍ୟ ଥିବାରୁ ଏହା ଯେ ପ୍ରାଚୀନ ପୁଷ୍ପଗିରି ନୁହେଁ, ଏହା ପ୍ରମାଣ କରିବା ଅନାବଶ୍ୟକ । ସେହିପରି ରତ୍ନଗିରି ଓ ଉଦୟଗିରିରେ ନିକଟ ଅତୀତରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଖନନ

କାର୍ଯ୍ୟରୁ ମିଳିଥିବା ତଥ୍ୟରୁ ଏଠାରେ ଗଢ଼ିଉଠିଥିବା ମହାବିହାରଦ୍ୱୟ ଯଥାକ୍ରମେ 'ରତ୍ନଗିରି ମହାବିହାର' ଓ 'ମାଧବପୁର ମହାବିହାର' ନାମ ବହନ କରୁଥିବା ଜଣାଯାଏ । ରତ୍ନଗିରିଠାରେ ଖନନ କାର୍ଯ୍ୟ ଚାଲିଛି । ଏହାର ନାମ ପ୍ରକାଶ କରି କୌଣସି ତଥ୍ୟ ଏପର୍ଯ୍ୟନ୍ତ ମିଳି ନାହିଁ । ଶୁଣିବାକୁ ମିଳେ, ଏହାର ନାମ 'ଚନ୍ଦ୍ରାଦିତ୍ୟ ବିହାର' ଥିବାର ପ୍ରମାଣ ମିଳିସାରିଲାଣି । ଏହି ପରିପ୍ରେକ୍ଷୀରେ ଡକ୍ଟର ସାହୁଙ୍କ ଏ ସମ୍ପର୍କୀୟ ସିଦ୍ଧାନ୍ତକୁ ଆଲୋଚନାର ପରିସରଭୁକ୍ତ କରାଯାଇପାରେ । ସେ ମହାଶୟ ହୁଏନ୍‌ସାଂଙ୍କ ବିବରଣୀର ପୁଙ୍ଖାନୁପୁଙ୍ଖ ପରୀକ୍ଷାକରି ନିଜର ପାଣ୍ଡିତ୍ୟପୂର୍ଣ୍ଣ ସିଦ୍ଧାନ୍ତ ଶୁଣାଇଛନ୍ତି ଯେ ପୁଷ୍ପଗିରି ମହାବିହାର ଆଧୁନିକ ଫୁଲବାଣୀ-ଘୁମୁସର ଅଞ୍ଚଳରେ ଅବସ୍ଥିତ ଥିଲା । ତାଙ୍କ ଭାଷାରେ— "Thus, Puspagiri, as a stronghold of Popular Buddhism, occupied a very conspicuous place at the centre of the four well known states of the early medieval Orissa. The present Phulvani - Ghumsar region, representing the meeting ground of the states mentioned above should, therefore, be explored with caution for ascertaining the exact location of Puspagiri." (Buddhism in Orissa, p. 50) ଏହି ନିର୍ଦ୍ଧାରଣ ଡକ୍ଟର ସାହୁଙ୍କ ବିଦ୍ୟାବତ୍ତା, ଇତିହାସ ଓ ଭୂଗୋଳ ସମ୍ବନ୍ଧୀୟ ଗଭୀର ଜ୍ଞାନର ପରିଚୟ ଦିଏ । ସକଳ ସମ୍ଭାବ୍ୟ ସ୍ଥାନରେ ପୁଷ୍ପଗିରିର ଅବସ୍ଥିତି ଖୋଜା ନିରୂପଣ ହେବାପରେ ଗବେଷକ ଓ ପ୍ରତ୍ନତାତ୍ତ୍ୱିକଗଣ ଯେ ଦିନେ ଡକ୍ଟର ସାହୁଙ୍କ ପାଣ୍ଡିତ୍ୟ ପୂର୍ଣ୍ଣ ସିଦ୍ଧାନ୍ତ ପ୍ରତି ଦୃଷ୍ଟି ଦେବେ, ଏଥିରେ ସନ୍ଦେହ ନାହିଁ ।

ଡକ୍ଟର ସାହୁଙ୍କ ପୁସ୍ତକ ଗୁଡ଼ିକରେ ପରିବେଷିତ ଏହି ତଥ୍ୟ ଗୁଡ଼ିକ ବ୍ୟତୀତ ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ଅଧ୍ୟୟନରେ ସହାୟକ ଅନ୍ୟ ଯେଉଁ ନୂତନ ବୌଦ୍ଧବିହାରଟି ତାଙ୍କ ଦ୍ୱାରା ଆଲୋକକୁ ଅଣାଯାଇଛି, ତାହା ହେଉଛି ଗଣିଆଁପାଲି ବିହାର । ଏହି ବିହାରଟି ୧୯୭୮ ଖ୍ରୀଷ୍ଟାବ୍ଦରେ ଡକ୍ଟର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୋଦିତ ହୋଇଥିଲା । ସମ୍ବଲପୁର ଜିଲ୍ଲାର ପଦ୍ମପୁର ସବ୍‌ଡିଭିଜନ୍‌ସ୍ଥ ଏକ କ୍ଷୁଦ୍ରଗ୍ରାମ ଗଣିଆଁପାଲିରେ ଏହି ବୌଦ୍ଧବିହାରଟି ଅବସ୍ଥିତ । ଏହା ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ପ୍ରତିଷ୍ଠିତ ବୋଲି ଡକ୍ଟର ସାହୁ ମତ ପ୍ରକାଶ କରନ୍ତି । ଏହି ମତକୁ ଗ୍ରହଣ କଲେ, ଏହି ବିହାରଟି ଓଡ଼ିଶାର

ପ୍ରଥମ ମହାଯାନୀ ବିହାରଭାବେ ସ୍ୱତଃ ପ୍ରତିପାଦିତ ହୁଏ । ଏହି ବିହାରର ମୁଖ୍ୟ ଚୈତ୍ୟଗୃହର ଧ୍ୱଂସସ୍ତୂପ ଉପରେ ପରବର୍ତ୍ତୀକାଳରେ ନିର୍ମିତ ଏବଂ ସଂପ୍ରତି ଜରାଜୀର୍ଣ୍ଣ ଅବସ୍ଥାପ୍ରାପ୍ତ ଏକ ମନ୍ଦିରରେ ଦୁଇଟି ମନୁଷ୍ୟାକାର (life size) ବୁଦ୍ଧମୂର୍ତ୍ତିକୁ ସ୍ଥାନୀୟ ଲୋକ 'ଯୁଗୀ-ଯୁଗେନ୍' ଭାବରେ ପୂଜାକରୁଛନ୍ତି । ଏ ଦୁଇଟିକୁ ମୁଚଲିନ୍ଦ ବୁଦ୍ଧ ବୋଲି ଡକ୍ଟର ସାହୁ ଚିହ୍ନିତ କରିଛନ୍ତି । ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଓଡ଼ିଶାର ବୌଦ୍ଧସଂସ୍କୃତିର ଏକ ଲୁପ୍ତ ଅବଶେଷକୁ ଲୋକଲୋଚନକୁ ଆଣି ସେ ଏକ ଜାତୀୟ କାର୍ଯ୍ୟ ସମ୍ପାଦନ କରିପାରିଛନ୍ତି ଓ ବୌଦ୍ଧଧର୍ମର ବିକାଶ ପଥରେ ଓଡ଼ିଶାର ନିର୍ଦ୍ଦିଷ୍ଟ ଭୂମିକା ଥିବା ସୂଚିତ କରିଛନ୍ତି ।

ଶେଷ ନିଃଶ୍ୱାସ ତ୍ୟାଗକରିବାର କିଛି ଦିନ ପୂର୍ବରୁ ଡକ୍ଟର ସାହୁ କଳାହାଣ୍ଡି ଜିଲ୍ଲାର ଜୋଙ୍କ୍ ଅବବାହିକାର ମାରାଗୁଡ଼ା ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଯେତିକି ଖନନ କରିଥିଲେ, ସେଥିରୁ କୋଶଳ ଇତିହାସର ଅନେକ ନୂତନ ତଥା ଅଜ୍ଞାତ ଦିଗ ଉନ୍ମୋଚିତ ହୋଇପାରିଥିଲା । କୋଶଳ ନଗରୀରେ ଏକ ବୌଦ୍ଧସ୍ତୂପ ଥିବାର ବର୍ଣ୍ଣନା ମିଳେ ଚୀନ୍ ପର୍ଯ୍ୟଟକ ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତରୁ, ଯାହା ଏପର୍ଯ୍ୟନ୍ତ ଅନାବିଷ୍କୃତ । ଏତଦ୍‌ବ୍ୟତୀତ ମାରାଗୁଡ଼ାରୁ ଆବିଷ୍କୃତ ହୋଇଛି କେତେକ ବୌଦ୍ଧଭାସ୍କର୍ଯ୍ୟ, ଯାହା ଉପରେ ଗବେଷଣା କରି ନୂତନ ତଥ୍ୟମାନ ଆଲୋକକୁ ଆଣିବା ପାଇଁ ସୁଯୋଗ୍ୟ ପ୍ରତିଭାର ଅଭାବ ବର୍ତ୍ତମାନ ଅନୁଭୂତ ହୁଏ । ଡକ୍ଟର ସାହୁ ଜୀବିତ ଥିଲେ ଏ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଉଦ୍‌ଘାଟନ କରି ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସକୁ ଏକ ନୂତନ ମୋଡ଼ ଦେଇଥାନ୍ତେ; କିନ୍ତୁ ସେ ଆଜି ଆମଠାରୁ ବହୁ ଦୂରରେ । ସେ ଯାହାହେଉ; ସେ ଶୁଭଦେଇଥିବା ଏହି ପ୍ରତ୍ନତାତ୍ତ୍ୱିକ ଖନନରୁ ରତ୍ନସଂଗ୍ରହ କରିବାପାଇଁ ଆମପ୍ରତି ତାଙ୍କ ଅମର ଆତ୍ମାର ପ୍ରଚ୍ଛନ୍ନ ଆଶୀର୍ବାଦ ଯେ ରହିଛି, ଏଥିରେ ସନ୍ଦେହ ନାହିଁ ।

ମୃତ୍ୟୁ ପୂର୍ବରୁ ଡକ୍ଟର ସାହୁ ତତ୍କାଳୀନ ବିଦ୍ୟୋତ୍ସାହୀ ତଥା ପାଣ୍ଡିତ୍ୟ ଓ ସଂସ୍କୃତିସଂପନ୍ନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅନୁରୋଧକ୍ରମେ ଦକ୍ଷିଣ-ପୂର୍ବ ଏସିଆ ସହିତ କଳିଙ୍ଗର ଥିବା ସାଂସ୍କୃତିକ ସମ୍ପର୍କ ସମ୍ବନ୍ଧରେ ଆଲୋକପାତ କରିବା କାର୍ଯ୍ୟରେ ଆଗେଇ ଯାଇଥିଲେ । ପ୍ରାଚୀନ କଳିଙ୍ଗରୁ ଦରିଆପାରି ସେହି ଦେଶକୁ ଯାଇଥିବା ଉତ୍କଳୀୟ ସଂସ୍କୃତି ସହିତ 'ବିଭିନ୍ନ' ଧର୍ମ ପ୍ରସାର ମଧ୍ୟ ଜଡ଼ିତ । ଏହି ଭୂଖଣ୍ଡର ବୌଦ୍ଧଧର୍ମ କିପରି ସେହି ଦେଶକୁ ଯାଇଛି ଓ ଏହାର ଅଧିବାସୀ ସେଠାରେ କିପରି ବୌଦ୍ଧଧର୍ମ ଓ ବୌଦ୍ଧସଂସ୍କୃତିର

ପ୍ରଚ୍ୟର ଓ ପ୍ରସାରରେ ବଳିଷ୍ଠ ଭୂମିକା ଗ୍ରହଣ କରିଛନ୍ତି, ତାହାର ଏକ ଗବେଷଣାମୂଳକ ଅଧ୍ୟୟନ ସେ କରୁଥିଲେ । ଏ ସମ୍ବନ୍ଧରେ ତାଙ୍କ ପୂର୍ବୋକ୍ତ ଗ୍ରନ୍ଥମାନଙ୍କରେ ସୂଚନା ଥିଲେହେଁ, ଏକ ବ୍ୟାପକ ତଥା ତଥ୍ୟବହୁଳ ଅଧ୍ୟୟନ ତାଙ୍କଠାରୁ ଆଶା କରାଯାଉଥିଲା, ଯାହା ବିଶ୍ୱ-ବୌଦ୍ଧସଂସ୍କୃତିକୁ ଓଡ଼ିଶାର ଦାନ ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରିଥାନ୍ତା ଓ ଓଡ଼ିଶାକୁ ବିଶ୍ୱଦରବାରରେ ଅଧିକ ପରିଚିତ କରିଥାନ୍ତା । କିନ୍ତୁ ତାଙ୍କ ଅକାଳ ବିୟୋଗ ଏହି ଜାତୀୟ କାର୍ଯ୍ୟକୁ ଅସମ୍ପୂର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଓଡ଼ିଶାର ସାଂସ୍କୃତିକ କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କଲା । ସଂସ୍କୃତି ଓ ଇତିହାସବିତ୍ ତାଙ୍କର ଅନୁଜ ଡକ୍ଟର ଯଜ୍ଞ କୁମାର ସାହୁଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କରାଯାଇପାରିଲେ, ତାଙ୍କ ପରିକଳ୍ପିତ ଏହି ଜାତୀୟ କାର୍ଯ୍ୟଟିର ସୁଚ୍ୟରୁ ସମାପନ ହୋଇପାରନ୍ତା ।

ଡକ୍ଟର ସାହୁ କେବଳ ନିଜେ ବୌଦ୍ଧଧର୍ମ ଉପରେ ଗବେଷଣା କରିନଥିଲେ, ତାଙ୍କ ଗବେଷଣାପରେ ଓଡ଼ିଶାରେ ଆବିଷ୍କୃତ ବୌଦ୍ଧକୀର୍ତ୍ତିଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ସତତ ଚେଷ୍ଟିତ ମଧ୍ୟ ଥିଲେ । ସେ ଅନ୍ୟମାନଙ୍କୁ ଉତ୍ସାହିତ କରୁଥିଲେ ବିସ୍ମୃତିର ଅନ୍ଧକାର ତଥା ଅତଳ ଗହ୍ୱରରେ ନିମଜ୍ଜିତ ଉତ୍କଳୀୟ ସଂସ୍କୃତି ଓ ଐତିହ୍ୟ ସମ୍ବନ୍ଧୀୟ ତଥ୍ୟାବଳୀକୁ ଆଲୋକ ପ୍ରଦର୍ଶନ କରିବା ନିମିତ୍ତ । ତାନ୍ତ୍ରିକ-ବୌଦ୍ଧଧର୍ମଭିତ୍ତି ଓଡ଼ିଶାର ଏକ ଅପରିମେୟପ୍ରମାଣ ତଥା ଅନାଲୋଚିତ ସଂସ୍କୃତି ଉପରେ ଗବେଷଣା କରିବା ପାଇଁ କେତେକ ଗବେଷକଙ୍କୁ ସେ ଉତ୍ସାହିତ କରିଥିଲେହେଁ, ଏପରି ଏକ ଦୁରୂହ ବିଷୟରେ ଗବେଷଣା କରିବାକୁ ସେମାନେ ପଛେଇଥିଲେ । କେହି କେହି ଏ ଦିଗରେ ଆଗେଇ ଆସିଥିଲେ ମଧ୍ୟ ଅଧିକ ଅଗ୍ରସର ହୋଇପାରିନଥିଲେ । ଐତିହ୍ୟ ତଥା ସଂସ୍କୃତି ସଚେତନ ଡକ୍ଟର ସାହୁ କିନ୍ତୁ ଗବେଷକଙ୍କୁ ଏ ଦିଗରେ ଉତ୍ସାହିତ କରିବା ଉଦ୍ୟମରୁ ବିରତ ହୋଇନଥିଲେ । ଅତୀତ ଓଡ଼ିଶାରେ ଏକଦା ସମୃଦ୍ଧି ଲାଭକରିଥିବା ବୌଦ୍ଧଧର୍ମର ଏହି ବିଶେଷ ଦିଗ ଉନ୍ମୋଚନ କରିବାପାଇଁ ତାଙ୍କର ଯେଉଁ ପ୍ରବଳ ଆଗ୍ରହ ଥିଲା, ତାହାର ଯଥାର୍ଥ ପରିଚୟ ଦିଏ ତାଙ୍କର ଏହି ଉଦ୍ୟମ । ଏଇ ଲେଖକ ତାଙ୍କ ଦ୍ୱାରା ପ୍ରରୋଚିତ ହୋଇ ତାଙ୍କ ବଳିଷ୍ଠ ତତ୍ତ୍ୱାବଧାନରେ ଓଡ଼ିଶାରେ ତାନ୍ତ୍ରିକ ବୌଦ୍ଧଧର୍ମର ବିକାଶ ବିଷୟରେ ଗବେଷଣା ଆରମ୍ଭ କରିଥିଲା । ଗବେଷଣା ସମୟରେ ଏଇ ଲେଖକ ବହୁବାର ତାଙ୍କ ଧୀ ଓ ଧିଷଣାର ପରିଚୟ ଲାଭକରିଥିଲା । ବୌଦ୍ଧଧର୍ମର ଉତ୍ପତ୍ତି ଓ ଓଡ଼ିଶାରେ ଏହାର ସୁଦୀର୍ଘ ଇତିହାସକୁ ସେ ଗଭୀରଭାବେ ଅନୁଧ୍ୟାନ କରିଥିଲେ ଓ ଏ ସଂପର୍କରେ ତାଙ୍କ ସହିତ ଆଲୋଚନା କଲେ ପ୍ରତିଥର ସେ କିଛି ନା କିଛି ନୂତନ ତଥା ଚମତ୍କପ୍ରଦ ତଥ୍ୟ ଉନ୍ମୋଚନ କରୁଥିଲେ ।

ଡ଼କ୍ଟର ସାହୁ ଉତ୍କଳ ଜନନୀର ଅନ୍ୟତମ କୃତୀ ସନ୍ତାନ । ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ ଅଧ୍ୟୟନ ଓ ଅନୁଶୀଳନ କ୍ଷେତ୍ରରେ ସେ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି, ଅନାଲୋଚିତ ଦିଗନ୍ତର ସନ୍ଧାନ ଦେଇଛନ୍ତି । ବୌଦ୍ଧଧର୍ମର ଉତ୍ପତ୍ତି ଓ ଉତ୍ତରଣରେ ନିହିତ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାର ବୌଦ୍ଧିକ ବିଶ୍ଳେଷଣ କରି ସେ ଓଡ଼ିଶାର ପ୍ରାଚୀନ ଐତିହ୍ୟ ପ୍ରତି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଓଡ଼ିଶାକୁ ବିଶ୍ୱବୌଦ୍ଧ-ଦରବାରରେ ଏକ ସ୍ୱତନ୍ତ୍ର ଆସନ ପ୍ରଦାନ କରିବାରେ ସମର୍ଥ ହୋଇଛନ୍ତି । ଏହିପରି ସେ ଉତ୍କଳ ଜନନୀଙ୍କ ମୁଖ ଉଜ୍ଜ୍ୱଳ କରିଛନ୍ତି ଏବଂ ତାଙ୍କ ଭଳି ଜଣେ ବରପୁତ୍ରଙ୍କୁ ଜନ୍ମଦେଇ କଛୁକାଳ କୋଳରେ ଧାରଣ କରିଥିବାରୁ ଉତ୍କଳ ଜନନୀ ମଧ୍ୟ ଧନ୍ୟା ହୋଇଛି ।

## ଅନୁସୃତ ଗ୍ରନ୍ଥପଞ୍ଜି


Dr. N. K. Sahu — Buddhism in Orissa, Utkal University, 1958.

— Utkal University History of Orissa, Vol. 1, '964.

ଡଃ ନବୀନ କୁମାର ସାହୁ — ଓଡ଼ିଆ ଜାତିର ଇତିହାସ, ପ୍ରଥମ ଭାଗ, ଭୁବନେଶ୍ୱର, ୧୯୭୪ ।

— ଓଡ଼ିଶାରେ ବୌଦ୍ଧଧର୍ମ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୨ୟ ମୁଦ୍ରଣ, ୧୯୮୦

ଡକ୍ଟର ନବୀନ କୁମାର ସାହୁ — ଓଡ଼ିଶା ଇତିହାସ, ୧ମ ଭାଗ, ନାଲନ୍ଦା, କଟକ, ୧୯୮୭

Dr. S.K. Moharana – Tantric Buddhism in Orissa (Unpublished Ph. D. thesis)

ଡଃ ସୁରେନ୍ଦ୍ର କୁମାର ମହାରଣା - ଓଡ଼ିଶାରେ ବୌଦ୍ଧସଂସ୍କୃତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୩ ।

# ପ୍ରାଚୀନ କୀର୍ତ୍ତି ଓ ଐତିହାସିକ ଭବନର ସୁରକ୍ଷା : ଡକ୍ଟର ନବୀନ କୁମାର ସାହୁ ମ୍ୟୁଜିୟମ୍

ଡକ୍ଟର ଦେବାନନ୍ଦ ଗ୍ରେପଦାର

ଭାରତର ବିଭିନ୍ନ ଅଞ୍ଚଳରେ ଥିବା ପୁରାତନ ଦୁର୍ଗ, ମନ୍ଦିର, ସ୍ତୂପ, ବିହାର ତଥା ଦେବଦେବୀଙ୍କର ପ୍ରାଚୀନ ପ୍ରତିମାମାନ ଏବଂ ଐତିହାସିକ ଉପାଦାନ ଗୁଡ଼ିକ ଏକ ଗୌରବମୟ ସଂସ୍କୃତି ଓ ସଭ୍ୟତାର ପ୍ରତୀକ ରୂପେ ବିବେଚିତ । ମାତ୍ର ଏହିସବୁ ପ୍ରାଚୀନ କୀର୍ତ୍ତି ଯେଉଁ ଭାବରେ ଏବଂ ଯେଉଁ ପରିମାଣରେ ଧ୍ୱଂସପ୍ରାପ୍ତ ହୋଇ ଆସୁଅଛି ତାହାକୁ ସଂରକ୍ଷିତ କରି ତାହାର ବିବରଣୀ ଲିପିବଦ୍ଧ କରିବା କଷ୍ଟସାପେକ୍ଷ । ଉପଯୁକ୍ତ ରକ୍ଷାବେକ୍ଷଣ ଅଭାବରୁ ଭାରତବର୍ଷରେ ପ୍ରାଚୀନ କୀର୍ତ୍ତିସମୂହର ଯେତେ ସଂଖ୍ୟାରେ ଧ୍ୱଂସ ସାଧନ କରାଯାଇଛି ଓ କରାଯାଉଅଛି, ପୃଥିବୀର ଅନ୍ୟ କୌଣସି ଦେଶରେ ସେପରି ହୋଇନାହିଁ । ପ୍ରାକୃତିକ କାରଣରୁ ଯେ ବହୁ ସାଂସ୍କୃତିକ କୀର୍ତ୍ତିର ଧ୍ୱଂସ ଘଟିଛି ତହିଁରେ ସନ୍ଦେହ ନାହିଁ; ମାତ୍ର ପ୍ରକୃତି ଅପେକ୍ଷା ମନୁଷ୍ୟ ହିଁ ଭାରତୀୟ ସଂସ୍କୃତିର ପ୍ରତୀକ ଗୁଡ଼ିକର ବିଲୟ ପାଇଁ ଅଧିକ ପରିମାଣରେ ଦାୟୀ । ସମୁଦ୍ରକୂଳସ୍ଥ ବହୁ କୀର୍ତ୍ତି, ଯଥା : କୋଣାର୍କ ମନ୍ଦିର ଓ ମହାବଳୀପୁରମ୍‌ଠାରେ ଥିବା ମନ୍ଦିରମାନ, ଲୁଣି ପବନର ପ୍ରତିକ୍ରିୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ଆସାମ୍ ଓ ବଙ୍ଗଳା ଦେଶର ପ୍ରାଚୀନ କଳା ଓ ସ୍ଥାପତ୍ୟ ଅତ୍ୟଧିକ ବୃଷ୍ଟି ଦ୍ୱାରା ଧ୍ୱଂସପ୍ରାପ୍ତ ହୋଇଛି; ଭାରତର ଉତ୍ତର ପଶ୍ଚିମାଞ୍ଚଳରେ ମାଟିରେ ମିଶିଥିବା କେତେକ ଧାତବ ଦ୍ରବ୍ୟ ପ୍ରାଚୀନ ବସ୍ତୁ ଗୁଡ଼ିକୁ ବିନଷ୍ଟ କରିଛି ଏବଂ ବହୁ ସଂଖ୍ୟକ ପ୍ରାଚୀନ କୀର୍ତ୍ତି ସାମୟିକ ଭୂମିକମ୍ପ ଦ୍ୱାରା ବିଲୁପ୍ତ ହୋଇଯାଇଛି । ୧୯୦୫ ସାଲଠାରୁ ଭୂମିକମ୍ପ ଦ୍ୱାରା ବିଧ୍ୱସ୍ତ କୀର୍ତ୍ତି ଗୁଡ଼ିକର ହିସାବ ରଖାଯାଇଛି । ମାତ୍ର ତାହା ପୂର୍ବରୁ ପ୍ରାଚୀନ କାଳଯାଏ

କେତେ କୀର୍ତ୍ତି ଯେ ଭୂକମ୍ପନ ଫଳରେ ଧ୍ୱଂସ ହୋଇଛି, ତାହା ଜାଣିବା ସମ୍ଭବ ନୁହେଁ ।

ପ୍ରକୃତି ଯେତେ ପରିମାଣରେ ମନୁଷ୍ୟର କ୍ଷତି ସାଧନ କରେ ତାହାଠାରୁ ବହୁ ଅଧିକ ପରିମାଣରେ ମାନବ ସମାଜର କ୍ଷତି କରେ ମଣିଷ ନିଜେ । ପ୍ରାଚୀନ କୀର୍ତ୍ତି ଗୁଡ଼ିକର ବ୍ୟାପକ ଧ୍ୱଂସ ମୂଳରେ ରହିଛି ମନୁଷ୍ୟର ଅଜ୍ଞତା, ସାମୟିକ ଉତ୍ତେଜନା ଓ ସ୍ୱାର୍ଥପରତା । ସମଗ୍ର ଉତ୍ତର ଭାରତରେ ସିନ୍ଧୁ-ଗଙ୍ଗା ଉପତ୍ୟକାରେ କୌଣସି ଉଲ୍ଲେଖଯୋଗ୍ୟ ପ୍ରାଚୀନ ମନ୍ଦିର ବା ଅଟ୍ଟାଳିକା ଅକ୍ଷତ ସ୍ୱରୂପ ହୁଏ ନାହିଁ । ଉତ୍ତର ଭାରତର ପ୍ରାଚୀନ କୀର୍ତ୍ତିର ସନ୍ଧାନ ପାଇବା ପାଇଁ ପ୍ରତ୍ନତାତ୍ତ୍ୱିକ ଭୂଖୋଦନ କରିବାକୁ ପଡ଼ୁଛି । ଏହି ବିଶାଳ ଭୂଖଣ୍ଡରେ ପ୍ରାଚୀନ କୀର୍ତ୍ତିର ବିଲୋପ ସାଧନ ମୂଳରେ ରହିଛି ମନୁଷ୍ୟର ଘୋର ଧର୍ମାନ୍ଧତା । କେବଳ ମୁସଲମାନ ବା ଖ୍ରୀଷ୍ଟିୟାନ ନୁହନ୍ତି, ହିନ୍ଦୁମାନେ ମଧ୍ୟ ଭାରତର ବହୁ ଅନବଦ୍ୟ କୀର୍ତ୍ତି ଯୁଗେ ଯୁଗେ ଧ୍ୱଂସ କରି ଧର୍ମଧ୍ୱଜା ଉଡ଼ାଇଛନ୍ତି । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ କର୍ଣ୍ଣ ସୁବର୍ଣ୍ଣର ଶିବଭକ୍ତ ରାଜା ଶଶାଙ୍କ ଯେପରି ଭାବରେ ବୌଦ୍ଧ ବିହାର ଓ ବୌଦ୍ଧ ପ୍ରତିମା ଧ୍ୱଂସ କରିଛନ୍ତି, ସପ୍ତଦଶ ଶତାବ୍ଦୀରେ ମୋଗଲ ସମ୍ରାଟ ଆଉରଙ୍ଗଜେବ ସେହିପରି ହିନ୍ଦୁ କୀର୍ତ୍ତିର ଲୋପସାଧନ କରିଛନ୍ତି । କେବଳ ଧର୍ମାନ୍ଧ ହୋଇ ନୁହେଁ, ଅତି ଅଜ୍ଞ ଭାବରେ ଓ ବେଳେବେଳେ ସ୍ୱାର୍ଥ-ପରତା ହେତୁ ଶିକ୍ଷିତ ଶ୍ରେଣୀ ଓ ଶାସକ ଗୋଷ୍ଠୀ ପ୍ରାଚୀନ କୀର୍ତ୍ତିରାଜିର ଧ୍ୱଂସ ସାଧନ କରିଥିବାର ବହୁ ନିଦର୍ଶନ ରହିଛି । ବନାରସ ନିକଟସ୍ଥ ବର୍ଣ୍ଣ ନଦୀର ପୋଲ ନିର୍ମାଣ ଉଦ୍ଦେଶ୍ୟରେ ସାରନାଥଠାରୁ ୮୦ ଗୋଟି ବଳଦ ଗାଡ଼ିରେ ବୌଦ୍ଧପ୍ରତିମାମାନ ଅଣାଯାଇ ଥିବା ଖବରଟି ମିଳେ । ଦାରବାଟି ଦୁର୍ଗ ଭାଙ୍ଗି, ତାହାର ପଥର ଖଣ୍ଡ ଦ୍ୱାରା କଟକର କାଣ୍ଟନ୍‌ମେଣ୍ଟ ରୋଡ ତିଆରି କରାଯାଇ ଥିବା ଅନେକ ଜାଣନ୍ତି । ୧୮୨୮ ସାଲରେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଲର୍ଡ ଉଇଲିୟମ ବେଣ୍ଟିଙ୍କ ପ୍ରସିଦ୍ଧ ତାଜମହଲକୁ ଭାଙ୍ଗି ତାହାର ମାର୍ବଲ ପଥର ଗୁଡ଼ିକ ବିଲାତ ପଠାଇ ଦେବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଇ ଥିଲେ । ଦୀର୍ଘ ସାତବର୍ଷ ଧରି ଯୋଜନା ଉପରେ ଫାଇଲ ଲୁପ୍ତ ହେଲା ଏବଂ ସୌଭାଗ୍ୟ-ବଶତଃ ତାହା କାର୍ଯ୍ୟକାରୀ ହୋଇ ପାରିନଥିଲା । ଭରହୁତ, ସାଞ୍ଚି, ସାରନାଥ ବୋଧଗୟା, ଅମରାବତୀ, ଭୁବନେଶ୍ୱର ଇତ୍ୟାଦି ସ୍ଥାନରେ ଏହିପରି ଭାବରେ ବହୁ ବୌଦ୍ଧ କୀର୍ତ୍ତି ସଂପୂର୍ଣ୍ଣ ଭାବରେ ବିଲୁପ୍ତ କରାଯାଇଛି ।

ଯାହାହେଉ, ପରବର୍ତ୍ତୀ କାଳରେ ପ୍ରାଚୀନ କୀର୍ତ୍ତିର ସଂରକ୍ଷଣ ନିମନ୍ତେ ଭାରତରେ ବହୁ ପ୍ରଶଂସନୀୟ କାର୍ଯ୍ୟ କରାଯାଇଛି । ଆଲେକଜାଣ୍ଡର କନିଂହାମ

୧୮୭୧ ସାଲରେ ଭାରତର ପ୍ରାଚୀନ କୀର୍ତ୍ତି ସମୂହର ସର୍ଭେକାର୍ଯ୍ୟ ଆରମ୍ଭ କରି କୀର୍ତ୍ତି ସଂରକ୍ଷଣ ନିମନ୍ତେ ଏକ ନୂତନ ଯୁଗର ସୂତ୍ରପାତ କରିଥିଲେ । କନିଂ-ହାମ୍ଙ୍କ ପୂର୍ବରୁ ଭାରତ ସରକାର ଯେ ଜୀର୍ଣ୍ଣ ସଂସ୍କାର କରୁନଥିଲେ ତାହା ନୁହେଁ । ୧୮୦୮ ସାଲରେ ତାଜମହଲ, ୧୮୧୫ ସାଲରେ ଫତେପୁର ସିକ୍ରିଠାରେ ଥିବା ଆକବରଙ୍କ ଅଟ୍ଟାଳିକାମାନ, ୧୮୨୬ ସାଲରେ କୁତବମୀନାର, ୧୮୭୭ ସାଲରେ ଅହମ୍ମଦ ନଗର ଦୁର୍ଗର ଜୀର୍ଣ୍ଣସଂସ୍କାର ବହୁ ଅର୍ଥବ୍ୟୟରେ କରାଯାଇ ଥିଲା । ମାତ୍ର ସେଥିପାଇଁ କୌଣସି ନୀତି ନିୟମ ନଥିଲା । କନିଙ୍ଗହାମଙ୍କ ଉଦ୍ୟମ ଫଳରେ ଭାରତ ସରକାର ପ୍ରାଚୀନ କୀର୍ତ୍ତି ସଂସ୍କାର କରିବା ନିମନ୍ତେ ୧୮୮୧ ସାଲରେ ଏକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିଲେ । ଏହାଫଳରେ ଭାରତର ଉତ୍ତରାଞ୍ଚଳ, ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ଅନେକ କୀର୍ତ୍ତି ଗୁଡିକର ସଂସ୍କାର ଓ ରକ୍ଷଣାବେକ୍ଷଣ କରାଗଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଭାରତର ପୂର୍ବାଞ୍ଚଳରେ ବିଶେଷତଃ ଓଡ଼ିଶାରେ ଥିବା ପ୍ରାଚୀନ ଦୁର୍ଗ, ମନ୍ଦିର ଓ ଅନ୍ୟାନ୍ୟ କୀର୍ତ୍ତି ସେ କାଳରେ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପାରି ନଥିଲା । ୧୮୮୬ ସାଲ ଠାରୁ ୧୯୦୧ ସାଲ ଯାଏ ଦୀର୍ଘ ୧୫ ବର୍ଷ ମଧ୍ୟରେ ପ୍ରାଚୀନ କୀର୍ତ୍ତିରକ୍ଷା ନିମନ୍ତେ ସରକାର ଆର୍ଥିକସମସ୍ୟା ଦେଖାଇ କୌଣସି ପଦକ୍ଷେପ ନେଲେ ନାହିଁ । ସେହି କାଳ ମଧ୍ୟରେ ଉଚ୍ଚପଦସ୍ଥ ସରକାରୀ ଅଫିସର, ଠିକାଦାର ତଥା ଧନୀ ଜମିଦାର ଶ୍ରେଣୀର ଲୋକେ ନିର୍ବିଘ୍ନର ଭାବରେ ବହୁ ପ୍ରାଚୀନ କୀର୍ତ୍ତି ଲୁଣ୍ଠନ କରି ସେଗୁଡିକର ଇଟା ପଥର ଆଣି ବହୁ ନୂତନ ଅଟ୍ଟାଳିକା ନିର୍ମାଣ କଲେ ଏବଂ ସରକାର ତାହାର ନୀରବ ଦ୍ରଷ୍ଟା ହୋଇ ରହିଲେ ।

୧୯୦୨ ସାଲରେ ଉତ୍କଳ ଗୌରବ ମଧୁସୂଦନ ଦାସ ତତ୍କାଳୀନ ଭାଇସ୍-ରାୟ ଲର୍ଡ କର୍ଜନଙ୍କୁ ଭୁବନେଶ୍ୱରସ୍ଥ ପ୍ରାଚୀନ ମନ୍ଦିରମାନ ତଥା କୋଣାର୍କ ମନ୍ଦିର ପରିଦର୍ଶନ କରିବା ପାଇଁ ଆମନ୍ତ୍ରଣ କରି ଆଣିଥିଲେ । ଲର୍ଡ କର୍ଜନ ଓଡ଼ିଶାର ସେହି ଉନ୍ନତ କଳାଯୁକ୍ତ ମନ୍ଦିର ସବୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଥିଲେ ଏବଂ ସେଗୁଡିକୁ ଧ୍ୱଂସମୁଖରୁ ରକ୍ଷା କରିବା ନିମନ୍ତେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ତାହାର ପରିଣତି ରୂପେ ସେହି ବର୍ଷ ଭାରତ ସରକାରଙ୍କର ପ୍ରତ୍ନତାତ୍ତ୍ୱିକ ବିଭାଗ ସୃଷ୍ଟି ହେଲା ଏବଂ ସାର ଜନ୍ ମାର୍ଶାଲଙ୍କୁ ସେହି ବିଭାଗର ଡାଇରେକ୍ଟର ଜେନେରଲ ରୂପେ ନିଯୁକ୍ତ ଦିଆଯାଇଥିଲା । ୧୯୦୪ ମସିହାରେ ପ୍ରାଚୀନ କୀର୍ତ୍ତି ସଂରକ୍ଷଣ ଆଇନ (Ancient Monuments Preservation Act) ଗୃହୀତ ହେଲା ଏବଂ ସଙ୍ଗେ ସଙ୍ଗେ ଓଡ଼ିଶାର କୋଣାର୍କ ମନ୍ଦିର, ରାଜରାଣୀ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିରର ସଂସ୍କାର ଓ ସଂରକ୍ଷଣ ନିମନ୍ତେ

ସକ୍ରିୟ ପଦକ୍ଷେପ ନିଆଗଲା । ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ସମଗ୍ର ଭାରତର ପ୍ରାଚୀନ କୀର୍ତ୍ତି ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ ଧାରାବାହିକ ଭାବରେ ସେଗୁଡ଼ିକର ସଂରକ୍ଷଣ କାର୍ଯ୍ୟ କରାଗଲା । ସେହି କାର୍ଯ୍ୟର ସୁପରିଚାଳନା ନିମନ୍ତେ ୧୯୦୭ ସାଲରେ ଏକ ମେନୁଏଲ ଗ୍ରନ୍ଥ ପ୍ରକାଶ କରାଯାଇଥିଲା । ସେହି ଅନୁସାରେ ଆଜି ପର୍ଯ୍ୟନ୍ତ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଅସଂଖ୍ୟ ମନ୍ଦିର ସ୍ତୂପ, ବିହାର, ଅଟ୍ଟାଳିକା ଓ ଅନ୍ୟାନ୍ୟ ବହୁ କୀର୍ତ୍ତି ଓ ଐତିହାସିକ ସାମଗ୍ରୀ ଉଦ୍ଧାର କରାଯାଇଅଛି ଏବଂ ସେଗୁଡ଼ିକର ସଂରକ୍ଷଣ ନିମନ୍ତେ ବୈଜ୍ଞାନିକ ପ୍ରକ୍ରିୟାରେ ବ୍ୟବସ୍ଥା କରାଯାଇଅଛି । ଏହା ବ୍ୟତୀତ ପ୍ରାଚୀନ କଳା ବିଭବର ସଂରକ୍ଷଣ ନିମନ୍ତେ ଭାରତ ସରକାର ତଥା ରାଜ୍ୟ ସରକାରମାନେ ବହୁ ସଂଖ୍ୟାରେ ସଂଗ୍ରହାଗାରମାନ ସ୍ଥାପନ କରିଛନ୍ତି । ଏହି ଯୋଜନାକୁ ସଫଳ କରିବା ପାଇଁ କେତେକ ବିଶ୍ୱବିଦ୍ୟାଳୟ ମଧ୍ୟ ଆଗେଇ ଆସିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ୟତମ । ଅତୀତରେ (ଦକ୍ଷିଣ) କୋଶଳ ନାମରେ ଖ୍ୟାତ ପଶ୍ଚିମ ଓଡ଼ିଶା ଅନେକ ପ୍ରାଚୀନ କଳାକୃତି ତଥା ଐତିହାସିକ ଉପାଦାନରେ ମଣ୍ଡିତ । ଏହି ଅନବଦ୍ୟ କୀର୍ତ୍ତିରାଜି ଏବଂ ଉପାଦାନକୁ ଧ୍ୱଂସ ମୁଖରୁ ରକ୍ଷା କରି ସଂରକ୍ଷଣ କରିବା ନିମନ୍ତେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏକ ସଂଗ୍ରହାଗାର ସ୍ଥାପନ କରିଛନ୍ତି ଏବଂ ଏହାର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ଇତିହାସ ପୁରୁଷ ସ୍ୱର୍ଗତ ଡ଼କ୍ଟର ନବୀନ କୁମାର ସାହୁ ।

( ୨ )

ଡକ୍ଟର ନବୀନ କୁମାର ସାହୁ ଥିଲେ ଓଡ଼ିଶାର ପ୍ରଥିତଯଶା ଐତିହାସିକ । ତାଙ୍କର ଐତିହାସିକ ଜୀବନରେ ଦୁଇଟି ଦିଗ ପରିଲକ୍ଷିତ ହୁଏ । ଗୋଟିଏ ହେଲା ଇତିହାସ ଅଧ୍ୟାପନା ତଥା ଗବେଷଣା ଯହିଁରେ ସାହୁଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିଛି । ଗତାନୁଗତିକ, କିମ୍ବଦନ୍ତୀ ଭିତ୍ତିକ ଓ ଭ୍ରମାତ୍ମକ ଇତିହାସର ମୋଡ଼ ବଦଳାଇ ଓଡ଼ିଶାର ବିଜ୍ଞାନଭିତ୍ତିକ ପ୍ରାମାଣିକ ଇତିହାସ ରଚନାର ଯେଉଁ ମୂଳଦୁଆ ରାଜେନ୍ଦ୍ରଲାଲ ମିତ୍ର ପକାଇଥିଲେ, ତାରି ଉପରେ ଏକ ସୁରମ୍ୟ ପ୍ରାସାଦ ନିର୍ମାଣ କରାଇବାରେ ଡଃ ସାହୁ ଥିଲେ ଜଣେ ପ୍ରମୁଖ ସ୍ଥପତି । ଗବେଷଣା କ୍ଷେତ୍ରରେ ତାଙ୍କର ଏକନିଷ୍ଠ ସାଧନା, ଅଗାଧ ପାଣ୍ଡିତ୍ୟ ଏବଂ ଅନବରତ ଜିଜ୍ଞାସା ସର୍ବଜନବିଦିତ । ତାଙ୍କର ଅଗଣିତ ପ୍ରବନ୍ଧ ଓ ନିବନ୍ଧ ଗବେଷଣା କ୍ଷେତ୍ରରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ । ତାଙ୍କର ସାଧନାର ଫଳଶ୍ରୁତିକୁ ତାଙ୍କର ଅନନୁକରଣୀୟ ଭାଷାରେ କୁହାଯାଇ ପାରେ, "ଆଜି ଓଡ଼ିଶାର

ଇତିହାସ ବିବାଦୀୟ ବସ୍ତୁ ଗୁଡ଼ିକର ସମାହାର ନୁହେଁ, ତାହା ଘଟଣାବହୁଳ ଅତୀତର ଅବିସମ୍ବାଦିତ ଧାରାବାହିକ ବିବରଣୀ ।" ଡଃ ସାହୁଙ୍କ ଐତିହାସିକ ଜୀବନର ଅନ୍ୟ ଏକ ଉଲ୍ଲେଖନୀୟ ତଥା ମହତ୍ତ୍ୱପୂର୍ଣ୍ଣ ଦିଗ ହେଲା— ପ୍ରାଚୀନ ଐତିହାସିକ କୀର୍ତ୍ତିର ପୁନରୁଦ୍ଧାର ଏବଂ ସୁରକ୍ଷା । ଦକ୍ଷ ଐତିହାସିକ ରୂପେ ଐତିହାସିକ କୀର୍ତ୍ତିର ଓ ଉପାଦାନ ଗୁଡ଼ିକର ଅନୁଶୀଳନ କରି ଇତିହାସ ଲେଖିବାରେ ସେ ଯେମିତି ବ୍ରତୀ ଥିଲେ, କାଳର ଧ୍ୱଂସମୁଖରୁ ରକ୍ଷା କରି ଜନସାଧାରଣଙ୍କ ପାଇଁ ଏହି କୀର୍ତ୍ତି ସମୂହକୁ ସଂରକ୍ଷିତ କରି ରଖିବା ପାଇଁ ସେ ସେତିକି ବ୍ୟଗ୍ର ଥିଲେ । ଜୀବନର ପ୍ରଭାତ କାଳରୁ ଏହି ଦିଗରେ ସେ ଚିନ୍ତା କରି ଆସୁଥିଲେ । ଗବେଷଣା ପ୍ରସଙ୍ଗରେ ସେ ଯେତେବେଳେ ଗାଆଁ ଗାଆଁ ବୁଲୁଥିଲେ, ଇତସ୍ତତଃ ପଡ଼ି ରହିଥିବା ପ୍ରାଚୀନ କୀର୍ତ୍ତି ଗୁଡ଼ିକର ସଂରକ୍ଷଣର ଚିନ୍ତା ତାଙ୍କର ସବୁଦା ଜାଗ୍ରତ ହେଉଥିଲା । ସ୍ୱର୍ଗତ ଘନଶ୍ୟାମ ଦାସ ରେଭେନସା ମହାବିଦ୍ୟାଳୟରେ ସଂଗ୍ରହାଗାର ପ୍ରତିଷ୍ଠା କରିବା ସମୟରେ ଡଃ ସାହୁଙ୍କର ସେଥିରେ ଯୋଗଦାନ ଉଲ୍ଲେଖନୀୟ । ପରବର୍ତ୍ତୀ କାଳରେ ଏହା ପ୍ରକାଣ୍ଡ ଓଡ଼ିଶା ରାଜ୍ୟ ସଂଗ୍ରହାଗାରର ରୂପ ନେଲା ଏବଂ ଏଥିରେ ଓଡ଼ିଶାର ଅନେକ ପ୍ରାଚୀନ କୀର୍ତ୍ତି ଓ ଐତିହାସିକ ଉପାଦାନ ସଂରକ୍ଷିତ ହୋଇ ରହିଲା ।

ଡଃ ସାହୁ ପଶ୍ଚିମ ଓଡ଼ିଶାରେ ମଧ ପ୍ରାଚୀନ କୀର୍ତ୍ତି ଓ ଐତିହାସିକ ଉପାଦାନର ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ୍ ପ୍ରତିଷ୍ଠାର ଗଭୀର ଆବଶ୍ୟକତା ଅନୁଭବ କରୁଥିଲେ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗର ପ୍ରଫେସର ରୂପେ ଯୋଗଦାନ କଲା ସଙ୍ଗେ ସଙ୍ଗେ ଏହି ଦିଗରେ ସକ୍ରିୟ ଉଦ୍ୟମ କଲେ । ତାଙ୍କର ଏହି ମହତ ଯୋଜନା କାର୍ଯ୍ୟକାରୀ ହେଲା ୧୯୭୦ ସାଲରେ । ସେହି ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପାଧ୍ୟୁତ୍ତର ଇତିହାସ ବିଭାଗ ଓ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଇତିହାସ ବିଭାଗର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ଠାରେ ଓଡ଼ିଶା ଇତିହାସ କଂଗ୍ରେସର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ଡଃ ସାହୁ ଏହି ଅବସରରେ ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଏକ ସଂଗ୍ରହାଳୟର ଶୁଭ ଉଦଘାଟନ କରାଇଥିଲେ । ପଶ୍ଚିମ ଓଡ଼ିଶାର ବହୁ ପ୍ରାଚୀନ ମୂର୍ତ୍ତି, ମୁଦ୍ରା, ତାମ୍ରଫଳକ, ତାଳପତ୍ର ପୋଥି, ଐତିହାସିକ ଦଲିଲ, ପ୍ରଭୃତି ସଂଗୃହୀତ ହୋଇ ଏକ ମ୍ୟୁଜିୟମ୍‌ରେ ସଂରକ୍ଷିତ ହେବ; ଏହା ଥିଲା ଡକ୍ଟର ସାହୁଙ୍କର ଅତି ପ୍ରିୟ ସ୍ୱପ୍ନ । ୧୯୭୦ ସାଲରେ ଏହି ସ୍ୱପ୍ନ ସାକାର ହେବା ପରେ ତାକୁ ନିଜର ସନ୍ତାନ ରୂପେ ସେ ବିବେଚନା କଲେ ଏବଂ ତା'ର

ପରିପୁଷ୍ଟି ପାଇଁ ସମଗ୍ର ଜୀବନ ନିୟୋଜିତ କଲେ । ପରେ ଏହି ସଂଗ୍ରହାଳୟ ଜ୍ୟୋତି ବିହାର ପରିସରକୁ ସ୍ଥାନାନ୍ତରିତ ହେଲା ଏବଂ ଡ଼ଃ ସାହୁଙ୍କ ଅନବରତ ଚେଷ୍ଟା ଫଳରେ ଏହାର ଅଭିବୃଦ୍ଧି ଘଟିଲା । ଏଥିପାଇଁ ଡ଼ଃ ସାହୁଙ୍କୁ କେତେ ଯେ ନିନ୍ଦା ଅପବାଦ ଏବଂ ବ୍ୟଙ୍ଗବିଦ୍ରୂପ ସହିବାକୁ ପଡ଼ିଛି ତାର ସୀମା ନାହିଁ । ମାତ୍ର ସେ ସବୁକୁ ଭ୍ରୂକ୍ଷେପ ନକରି ତାଙ୍କର ମହତ୍ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଡଃ ସାହୁ ସଦାବେଳେ ଆଗେଇ ଚାଲିଥିଲେ । ମ୍ୟୁଜିୟମ୍‌ର କିପରି ଅଭିବୃଦ୍ଧି ସାଧନ ହେବ ଏହି ବିଷୟରେ ସେ ଦିନରାତି ଚିନ୍ତା କରୁଥିଲେ । କେତେକ ଦୁଃସାହସିକ ପଦକ୍ଷେପ ମଧ୍ୟ ନେଇଥିଲେ । ସୋନପୁରରୁ ଖମ୍ଭେଶ୍ୱରୀ ଶିଳାଲେଖର ସଂଗ୍ରହ ଏଭଳି ଦୁଃସାହସିକ ପଦକ୍ଷେପର ଏକ ନମୁନା । ସେ ଯାହା ହେଉ ତାଙ୍କର ଅହରହ ଉଦ୍ୟମ, ବଳିଷ୍ଠ ନେତୃତ୍ୱ ଓ ସୁଦକ୍ଷ ପରିଚାଳନାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟୁଜିୟମ ଅତି କମ୍ ସମୟ ମଧ୍ୟରେ ଓଡ଼ିଶାର ଏକ ଅଗ୍ରଣୀ ସଂଗ୍ରହାଗାର ଭାବରେ ମୁଣ୍ଡ ଟେକି ପାରିଛି । ସୁଖର କଥାଯେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଡ଼ଃ ସାହୁଙ୍କର ସ୍ମୃତି ରକ୍ଷା କରି ତାଙ୍କର ପ୍ରିୟ ସନ୍ତାନର ନାମ—'ଡ଼ଃ ନବୀନ କୁମାର ସାହୁ ମ୍ୟୁଜିୟମ' ରଖିଛନ୍ତି ।

( ୩ )

ପଶ୍ଚିମ ଓଡ଼ିଶାର ଐତିହ୍ୟ ସୁପ୍ରାଚୀନ ଓ ସୁସମୃଦ୍ଧ । ଦିନ ଥିଲା ଓଡ଼ିଶାର ଶାସନ, ସଂସ୍କୃତି, କଳା ଓ ଭାସ୍କର୍ଯ୍ୟ ଏବଂ ଧର୍ମ କ୍ଷେତ୍ରରେ ପଶ୍ଚିମାଞ୍ଚଳ ଅଗ୍ରଗାମୀ ଭୂମିକା ଗ୍ରହଣ କରିଥିଲା । ଏହାର ମୂକ ସାକ୍ଷୀ ରୂପେ ରହିଛି ଡ଼ଃ ନବୀନ କୁମାର ସାହୁ ମ୍ୟୁଜିୟମ । ମ୍ୟୁଜିୟମ ଗୃହ ଭିତରକୁ ପ୍ରବେଶ କଲାକ୍ଷଣି ଡଃ ସାହୁଙ୍କ ହସ ହସ ମୁଖ ମାନସପଟରେ ଉଦ୍ଭାସିତ ହୋଇ ଉଠେ ଏବଂ ତାହା ସଙ୍ଗେ ସଙ୍ଗେ ପଶ୍ଚିମ ଓଡ଼ିଶାର ପ୍ରାଚୀନ ଇତିହାସ ସଂଗ୍ରହାଗାରର ବିଭିନ୍ନ ବସ୍ତୁ ମାଧ୍ୟମରେ ଆଖି ଆଗରେ ଝଲସି ଉଠେ । ଏହି ମ୍ୟୁଜିୟମରେ ଯେତେ ସଂଗୃହୀତ ଦ୍ରବ୍ୟ ଅଛି ତାକୁ ନିମ୍ନୋକ୍ତ ମତେ କେତୋଟି ବିଭାଗରେ ବିଭକ୍ତ କରାଯାଇଛି—

(୧) ପ୍ରତ୍ନତତ୍ତ୍ୱ ବିଭାଗ (୨) ଅଭିଲେଖ (୩) ପ୍ରାଚୀନ ମୁଦ୍ରା (୪) ଭାସ୍କର୍ଯ୍ୟ (୫) ପ୍ରାଚୀନ ଅସ୍ତ୍ରଶସ୍ତ୍ର (୬) କଳା ଓ ହସ୍ତଶିଳ୍ପ (୭) ତୈଳଚିତ୍ର (୮) ଶିକ୍ଷା ସହାୟତାକାରୀ କଳାସାମଗ୍ରୀ (୯) ପ୍ରାଚୀନ ତାଳପତ୍ର ପୋଥି (୧୦) ଐତିହାସିକ ଦଲିଲ୍ ।

ଆଭ୍ୟନ୍ତର ଓଡ଼ିଶାର ଅନେକ ଗୁଡ଼ିଏ ସ୍ଥାନ ପ୍ରସ୍ତରଯୁଗ ବସତିର ନିଦର୍ଶନ କ୍ଷେତ୍ର ରୂପେ ପରିଚିହ୍ନିତ ହୋଇଛି । ମହାନଦୀ, ତେଲ, ବ୍ରାହ୍ମଣୀ ଅଙ୍ଗ, ଜୀରା ପ୍ରଭୃତି ନଦୀ ଉପତ୍ୟକାରେ ଆଦିମ ବସତିର ଚିହ୍ନ ସବୁ ପଥର ହତିଆର ରୂପେ ଉପଲବ୍‌ଧ ହୋଇଅଛି । ଏପରିକି ସଂଗ୍ରହାଗାରର ପୀଠସ୍ଥଳୀ ଜ୍ୟୋତିବିହାରରେ ମଧ୍ୟ ଏହିପରି ହତିଆର ମିଳୁଛି । ଏହିସବୁ ବସ୍ତୁ ମ୍ୟୁଜିୟମର ପ୍ରତ୍ନତତ୍ତ୍ୱ ବିଭାଗରେ ସଂରକ୍ଷିତ ରହି ପ୍ରସ୍ତର ଯୁଗର ତମିସାଚ୍ଛନ୍ନ ଅଧ୍ୟାୟ ଉପରେ ଆଲୋକପାତ କରେ । ଏତଦ୍‌ବ୍ୟତୀତ କଳାହାଣ୍ଡି ଜିଲ୍ଲାର ଅସୁରଗଡ଼, ବରଗଡ଼ ଜିଲ୍ଲାର ଗଣିଆପାଲି, ବଉଦ ଜିଲ୍ଲାର ଅସୁରଗଡ଼, ନୂଆପଡ଼ା ଜିଲ୍ଲାର ମାରାଗୁଡ଼ାରୁ ଅନେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ଉତ୍‌ଖନନ ଓ ସର୍ବେକ୍ଷଣ ଦ୍ୱାରା ସଂଗୃହୀତ ହୋଇ ଏଠାରେ ସଂରକ୍ଷିତ ହୋଇ ରହିଛି । ଏଗୁଡ଼ିକର ଯଥୋଚିତ ଅନୁଶୀଳନ ଦ୍ୱାରା ଓଡ଼ିଶାର ଅନେକ ଅଜ୍ଞାତ ଅଧ୍ୟାୟ ଉନ୍ମୋଚିତ ହୋଇ-ପାରିବ ।

ମ୍ୟୁଜିୟମର ଅଭିଲେଖ ବିଭାଗରେ କେତୋଟି ମୂଲ୍ୟବାନ ତାମ୍ରଶାସନ ସଂରକ୍ଷିତ ହୋଇ ରହିଛି । ସେଥିମଧ୍ୟରୁ ଶତ୍ରୁଭଞ୍ଜଙ୍କ ଗଞ୍ଜାମ ତାମ୍ର ଶାସନ, ଭଞ୍ଜରାଜା ରଣଭଞ୍ଜଙ୍କ ତାମ୍ରଶାସନ, ଭୌମରାଣୀ ଦଣ୍ଡିମହାଦେବୀଙ୍କ ଅମ୍ବାପୁଆ ତାମ୍ରଶାସନ, ଗୟାଡ଼ତୁଙ୍ଗଙ୍କ ତାଳଚେର ତାମ୍ର ଶାସନ, ତେଲୁଗୁ ଚୋଡ଼ ରାଜା ସୋମେଶ୍ୱର ଦେବଙ୍କ କୁମାରୀ ସିଂହା ତାମ୍ର ଶାସନ, ଚୌହାଣ ରାଜା ନାରାୟଣ ସିଂହଙ୍କର ବରଗଡ଼ ତାମ୍ର ଶାସନ, ଏବଂ ଜନମେଜୟଙ୍କ କରଦ ରାଜା ଦେବପ୍ୟ ଓ ପୃଥ୍ୱୀ ବିଗ୍ରହଙ୍କ ଦୁଇଟି ତାମ୍ର ଶାସନ ଉଲ୍ଲେଖନୀୟ । ଶେଷୋକ୍ତ ଦୁଇଟି ତାମ୍ର ଶାସନ ଜନମେଜୟଙ୍କ ସମୟ ନିରୂପଣରେ ବିଶେଷ ସହାୟକ ହୋଇଥାଏ ।

ତିନୋଟି ତାମ୍ର ଶାସନ ଉପରେ ଲେଖାଙ୍କର ସମୟ-ନିରୂପଣ ପର୍ଯ୍ୟବସିତ । ସେଥିମଧ୍ୟରୁ ବିଶ୍ୱବିଦ୍ୟାଳୟ ମ୍ୟୁଜିୟମରେ ଥିବା ଶତ୍ରୁଭଞ୍ଜଙ୍କ ଗଞ୍ଜାମ ଶାସନ ଅନ୍ୟତମ । ଏହି ସବୁ ଅଭିଲେଖ ଗୁଡ଼ିକର ବିସ୍ତୃତ ବିବରଣୀ ପ୍ରସ୍ତୁତ କରିବାକୁ ଡଃ ସାହୁ ଏକ ଯୋଜନା କରିଥିଲେ ଏବଂ 'ସପ୍ତର୍ଷି'ର ୧୯୭୪ ମସିହା ସେପ୍‌ଟେମ୍ବର ସଂଖ୍ୟାରେ ଏହାର ଶୁଭାରମ୍ଭ କରିଥିଲେ ।

ତାମ୍ର ଶାସନ ବ୍ୟତୀତ କେତେକ ଗୁରୁତ୍ୱପୂର୍ଣ୍ଣ ଶିଳାଲିପି ଡଃ ସାହୁ ବହୁ କଷ୍ଟ ସ୍ୱୀକାର କରି ସଂଗ୍ରହ କରିଥିଲେ । ସେଥିମଧ୍ୟରୁ ଭାନୁଦେବଙ୍କ ସୋନପୁର ଶିଳାଲିପି ଓଡ଼ିଆ ଭାଷାର ଏକ ଆଦି ନିଦର୍ଶନ ଏବଂ ପ୍ରାମାଣିକ ଉପାଦାନ । ରମାଇ ଦେବଙ୍କ ଶିଳାଲିପିରେ ଓଡ଼ିଆ ଲିପିର ଉନ୍ମେଷ ସୁସ୍ପଷ୍ଟ ଭାବରେ ଜଣାପଡ଼େ ।

ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ଖ୍ରୀଷ୍ଟୀୟ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ପ୍ରାଚୀନ ମୁଦ୍ରା ମ୍ୟୁଜିୟମ୍‌ରେ ସଂରକ୍ଷିତ ହୋଇ ରହିଛି । ଅସୁରଗଡ଼ରୁ ପ୍ରାପ୍ତ ଆର୍ହତ ମୁଦ୍ରା, ପୁରୀ-କୁଷାଣ ମୁଦ୍ରା, ଶରଭପୁରୀୟ ବଂଶର ସ୍ୱର୍ଣ୍ଣ ମୁଦ୍ରା, ଗଙ୍ଗମୁଦ୍ରା, ଗୁପ୍ତରାଜା ରାମଗୁପ୍ତଙ୍କ ମୁଦ୍ରା, ମୋଗଲକାଳୀନ ମୁଦ୍ରା ଏବଂ ଇଂରେଜ ସରକାରଙ୍କ କେତୋଟି ବିରଳ ମୁଦ୍ରା ମ୍ୟୁଜିୟମର ମୁଦ୍ରା ବିଭାଗକୁ ସମୃଦ୍ଧ କରିଛି ।

ସଂଗ୍ରହାଗାରର ଭାସ୍କର୍ଯ୍ୟ ଏବଂ ପ୍ରତିମା ଗୁଡ଼ିକ ଓଡ଼ିଶାର କଳାବିଭବର ଜ୍ୱଳନ୍ତ ନିଦର୍ଶନ । ବିଭିନ୍ନ ଧର୍ମର କଳାକୃତି ଏହି ବିଭାଗରେ ସଂରକ୍ଷିତ ହୋଇ ରହିଛି । ସେଥି ମଧ୍ୟରୁ ଏକାଦଶ ଶତାବ୍ଦୀର ସୂର୍ଯ୍ୟମୂର୍ତ୍ତି, ବିଂଶଭୁଜା ଦୁର୍ଗା ପ୍ରତିମା ପ୍ରଭୃତି ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଏହି ସଂଗ୍ରହାଗାରରେ ସଂରକ୍ଷିତ ହୋଇ ରହିଥିବା ବୀର ସୁରେନ୍ଦ୍ର ସାଏ ଏବଂ ତାଙ୍କର ସହଯୋଗୀ ହାତୀ ସିଂହ ଓ ଜନାର୍ଦ୍ଦନ ସିଂହଙ୍କର ବ୍ୟବହୃତ ଅସ୍ତ୍ର ଶସ୍ତ୍ର ଏବଂ କଳାହାଣ୍ଡିରେ ଘଟିଥିବା ପ୍ରସିଦ୍ଧ କନ୍ଧ ମେଳରେ ବ୍ୟବହୃତ ଅନେକ ଅସ୍ତ୍ର ଶସ୍ତ୍ର ପଶ୍ଚିମ ଓଡ଼ିଶାର ବୀରତ୍ୱର କାହାଣୀ ପ୍ରକାଶ କରେ ।

ସଂଗ୍ରହାଗାରଟି ବିଶ୍ୱବିଦ୍ୟାଳୟର ଉପାଧ୍ୟଉର ବିଭାଗର ଆନୁସଙ୍ଗିକ ଅନୁଷ୍ଠାନ । ଉପାଧ୍ୟଉର ବିଭାଗର ଶିକ୍ଷାଦାନ କ୍ଷେତ୍ରରେ ଆବଶ୍ୟକ ହେଉଥିବା ଅନେକ ଗୁଡ଼ିଏ ମୂର୍ତ୍ତି ଏବଂ କଳାକୃତିର Plaster-Cast ନକଲ ଦିଲ୍ଲୀର ଜାତୀୟ ସଂଗ୍ରହାଗାରରୁ ଅଣାଯାଇ ସଂଗୃହୀତ ହୋଇଛି । ହରପ୍ପା ଯୁଗ, ମୌର୍ଯ୍ୟ, ଶୁଙ୍ଗ ଏବଂ କୁଷାଣ ଯୁଗର କଳାଶୈଳୀ ବିଷୟରେ ଏହି ଗୁଡ଼ିକରୁ ସମ୍ୟକ୍ ଧାରଣା ଆସେ ।

ପଶ୍ଚିମ ଓଡ଼ିଶାରେ ଅନେକ ବରପୁତ୍ର ଜନ୍ମଲାଭ କରିଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ନିଜ ନିଜର ପ୍ରତିଭାର ପରିଚୟ ଦେଇ ଓଡ଼ିଶାର ଐତିହ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି । ସେହି ବରପୁତ୍ର ମାନଙ୍କର ସ୍ମୃତିକୁ ସାଇତି ରଖିବା ପାଇଁ ମ୍ୟୁଜିୟମରେ ଏକ ତୈଳଚିତ୍ର ବିଭାଗ ରଖାଯାଇଛି । ଦାର୍ଶନିକ କବି ଭୀମଭୋଇ, ବୀର ସୁରେନ୍ଦ୍ର ସାଏ, ରାଣୀ ପାର୍ବତୀ ଦେବୀ, କୁଳବୃଦ୍ଧ ମଧୁସୂଦନ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ଡାକ୍ତର ଜନାର୍ଦ୍ଦନ ପୁଜାରୀ, ଐତିହାସିକ ରାମଚନ୍ଦ୍ର ମଲ୍ଲିକ, ଘନଶ୍ୟାମ ଦାସ ଓ ପୂର୍ଣ୍ଣଚନ୍ଦ୍ର ରଥ, ପାଟଣା ମହାରାଜା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, ପ୍ରଭୃତି ବରପୁତ୍ରଙ୍କର ତୈଳଚିତ୍ର ମ୍ୟୁଜିୟମର ଶୋଭାବର୍ଦ୍ଧନ କରୁଛି ।

ପଶ୍ଚିମ ଓଡ଼ିଶାର କଳା ଓ ହସ୍ତଶିଳ୍ପ ସମଗ୍ର ଓଡ଼ିଶାରେ ଏପରିକି ଓଡ଼ିଶା ବାହାରେ ମଧ୍ୟ ବହୁତ ଲୋକପ୍ରିୟ । ସେଥି ମଧ୍ୟରୁ କେତେକ ବର୍ତ୍ତମାନ ଲୁପ୍ତପ୍ରାୟ । ଏଗୁଡ଼ିକର ନମୁନା ସଂଗ୍ରହାଗାରରେ ପ୍ରଦର୍ଶିତ ହେଉଛି ।

ମ୍ୟୁଜିୟମ୍‌ରେ ପ୍ରାୟ ଷୋଳଶହ ପ୍ରାଚୀନ ତାଳପତ୍ର ପୋଥି ସଂଗୃହୀତ ହୋଇ ରହିଛି । ବୈଦିକ ବ୍ୟାକରଣ, ଛନ୍ଦ, ଜ୍ୟୋତିଷ, ଆୟୁର୍ବେଦ, ଧର୍ମ, ଦର୍ଶନ, ଅଳଂକାର ଶାସ୍ତ୍ର, ପୁରାଣ, ମହାକାବ୍ୟ ପ୍ରଭୃତି ବିଷୟରେ ପ୍ରାୟ ଷୋଳ ଶହ ପ୍ରାଚୀନ ତାଳପତ୍ର ପୋଥି ସଂଗୃହୀତ ହୋଇ ରହିଛି । ଏଥି ମଧ୍ୟରୁ କେତେକ ଅପ୍ରକାଶିତ ପୋଥି ରହିଛି । ଇତିହାସ ବିଭାଗଦ୍ୱାରା ବ୍ରଜନାଥ ବଡ଼ଜେନାଙ୍କ ଦ୍ୱାରା ଲିଖିତ ସଚିତ୍ର ଭାଗବତ ପ୍ରକାଶିତ ହୋଇ ଆନ୍ତର୍ଜାତିକ ସ୍ତରରେ ପ୍ରାଚ୍ୟବିଦ୍ ମାନଙ୍କର ଦୃଷ୍ଟି ଆକର୍ଷଣ କରି ପାରିଛି ।

ମ୍ୟୁଜିୟମ ସହିତ ସଂଲଗ୍ନ ଅଭିଲେଖାଗାର ମଧ୍ୟ ଡ଼ଃ ସାହୁଙ୍କର ବ୍ୟକ୍ତିଗତ ଚେଷ୍ଟାର ସୁଫଳ । କେତେ ଗୁଡ଼ିଏ ଗଡ଼ଜାତ ଜିଲ୍ଲା ରେକର୍ଡରୁମ ପ୍ରଭୃତିରୁ ମୂଲ୍ୟବାନ ଐତିହାସିକ ଦଲିଲସବୁ ସଂଗ୍ରହ କରି ସେ ଅଭିଲେଖାଗାରର ଶୁଭାରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଆହୁରି ଅନେକ ଗୁଡ଼ିଏ ଐତିହାସିକ ଦଲିଲ, ଉପାଦେୟ ପାଣ୍ଡୁଲିପି, ପୁରୁଣା ପତ୍ରପତ୍ରିକା ଇତ୍ୟାଦି ସଂଗୃହୀତ ହୋଇ ଏଠାରେ ରହିଛି ଏବଂ ସେଗୁଡ଼ିକ ପଶ୍ଚିମ ଓଡ଼ିଶାର ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଇତିହାସ ଉପରେ ଯଥେଷ୍ଟ ନୂତନ ଆଲୋକ-ପାତ କରୁଛି ।

ଏହିସବୁ ପରିଦର୍ଶନ କଲେ ଜଣାପଡ଼େ ସତେ ଯେପରି ସମଗ୍ର ପଶ୍ଚିମ ଓଡ଼ିଶା ମ୍ୟୁଜିୟମ ଘରଟିରେ ସାଇତି ହୋଇ ରହିଛି । ଏହି ମ୍ୟୁଜିୟମ ପ୍ରତିଷ୍ଠିତ ହୋଇ ନଥିଲେ, ପଶ୍ଚିମ ଓଡ଼ିଶାର ବହୁ ଅନବଦ୍ୟ କଳାକୀର୍ତ୍ତି ଓ ଐତିହାସିକ ଉପାଦାନ ଯେ ଚିରକାଳ ପାଇଁ ବିଲୁପ୍ତ ହୋଇଥାନ୍ତା, ଏଥିରେ ସନ୍ଦେହ ନାହିଁ । ଡ଼ଃ ସାହୁଙ୍କର ଅକ୍ଳାନ୍ତ ଉଦ୍ୟମ, ଅସୀମ ଧୈର୍ଯ୍ୟ ଓ ସହିଷ୍ଣୁତା, ସୁଚିନ୍ତିତ ଯୋଜନା ଏବଂ ବଳିଷ୍ଠ ନେତୃତ୍ୱରେ ମ୍ୟୁଜିୟମ ପ୍ରତିଷ୍ଠିତ ହେବା ଫଳରେ ଓଡ଼ିଶାର ବହୁମୂଲ୍ୟ ଐତିହାସିକ ବିଭବ ସୁରକ୍ଷିତ ହୋଇ ପାରିଛି ଏବଂ ବିଶ୍ୱବିଦ୍ୟାଳୟର ଗୌରବ ରୂପେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି । ମ୍ୟୁଜିୟମ ପାଇଁ ଡଃ ସାହୁ ପରିକଳ୍ପନା କରିଥିବା ଏକ ସ୍ଥାୟୀ ଗୃହର ନିର୍ମାଣ ହୋଇ-ପାରିଲେ ଡଃ ସାହୁଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି ହୁଅନ୍ତା ।

# ଦକ୍ଷିଣ କୋଶଳର ଇତିହାସ ପୁନର୍ଗଠନର ଡକ୍‌ଟର ସାହୁଙ୍କ ଭୂମିକା

ପ୍ରଫେସର ସାଧୁଚରଣ ପଣ୍ଡା

ଡକ୍ଟର ନବୀନ କୁମାର ସାହୁ ଓ ପଶ୍ଚିମ ଓଡ଼ିଶାର ଇତିହାସ ତଥା ସଂସ୍କୃତିର ଅଧ୍ୟୟନ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ପୁରାଣ ପ୍ରସିଦ୍ଧ ଭଗୀରଥଙ୍କ ଭଳି ଏ ଅଞ୍ଚଳର ଗିରିବନରୁ ଆରମ୍ଭ କରି ସୁବିସ୍ତୀର୍ଣ୍ଣ ଅଞ୍ଚଳର କୋଣ ଅନୁକୋଣ ସ୍ଥିତ ଐତିହାସିକ ତଥା ସାଂସ୍କୃତିକ ବିଭବ ସମସ୍ତଙ୍କ ସମ୍ମୁଖରେ ଅବସ୍ଥାପିତ କରିବା ପାଇଁ ଜୀବନର ଶେଷ ପର୍ଯ୍ୟନ୍ତ ବ୍ୟସ୍ତ ରହୁଥିବା ସାଧକ ଜଣେ ହେଲେ ପ୍ରଫେସର ନବୀନ କୁମାର । ଏ ଅଞ୍ଚଳର ଐତିହାସିକ ଅନୁଶୀଳନ ତାଂକ ଜୀବନର ବ୍ରତ ଥିଲା ଏବଂ ଅନ୍ୟମାନଙ୍କୁ ଏ ଦିଗରେ ବ୍ରତୀ କରିବା ପାଇଁ ଅଜୀବନ ସେ ଥିଲେ ଚେଷ୍ଟିତ । ସତେ ଯେପରି ସେ ଏ କାମ ପାଇଁ ହିଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଐତିହାସିକ ତଥ୍ୟ ସଂଗ୍ରହ କିମ୍ବା ଅନୁଶୀଳନ ପାଇଁ କେବେ ହେଲେ ସେ ମନା କରିବାର ଆମେ ଦେଖିନାହୁଁ ବରଂ ପ୍ରାକୃତିକ ପ୍ରତିକୂଳ ପରିସ୍ଥିତି କିମ୍ବା ଅହେତୁକ ଓ ପ୍ରବୋଚିତ କ୍ଳିଷ୍ଟତା ସତ୍ତ୍ୱେ ଐତିହାସିକ ତଥ୍ୟ ସଂଗ୍ରହ ପାଇଁ ସେ ପ୍ରବୋଧା ଭାବେ ଆମ ସମସ୍ତଙ୍କୁ ସଂଶ୍ଳିଷ୍ଟ କରି ଅନେକ ଦୁର୍ଲଭ ଓ ମହତ୍ତ୍ୱପୂର୍ଣ୍ଣ ଧ୍ୱଂସାଭିମୁଖୀ କୀର୍ତ୍ତିରାଜିର ପୁନରୁଦ୍ଧାର କରି ଯାଇଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ଡକ୍ଟର ନବୀନ କୁମାର ସାହୁ ସଂଗ୍ରହାଳୟ ଏହାର ମୂକସାକ୍ଷୀରୂପେ, ଯୁଗେ ଯୁଗେ ତାଂକରି ଅବଦାନର ସ୍ୱାକ୍ଷର ବହନ କରି, ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ମହାନ ସାଂସ୍କୃତିକ ଅନୁଷ୍ଠାନ ରୂପେ ଏ ଅଞ୍ଚଳର ଗରିମାମୟ ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର ହୋଇ ରହିବ ।

ଦକ୍ଷିଣ କୋଶଳର ଐତିହ୍ୟ ଓ ସଂସ୍କୃତିକୁ ଆଧାର କରି, ତାଙ୍କରି ପ୍ରଚେଷ୍ଟା ତଥା ସଂପାଦନାରେ ପ୍ରଥମ କରି, ଏକ ଉଚ୍ଚକୋଟିର ଗବେଷଣା ପତ୍ରିକା New Aspects of History of Orissa ନାମରେ ୧୯୭୧ ମସିହାରେ ପ୍ରକାଶିତ ହୋଇଥିଲା । ଯଦିଓ ଦକ୍ଷିଣ କୋଶଳର ଇତିହାସର ପୁନରୁଦ୍ଧାର ପାଇଁ ରାମଚନ୍ଦ୍ର ମଲ୍ଲିକ, ଶିବ ପ୍ରସାଦ ଦାଶ, ପୂର୍ଣ୍ଣଚନ୍ଦ୍ର ରଥ ତଥା ଅନ୍ୟ କେତେକ ଐତିହାସିକ ନିଷ୍ଠାପର ଉଦ୍ୟମ କରିଥିଲେ ତଥାପି ସେମାନଙ୍କ ଇତିହାସ ସଠିକ୍ ଓ ନିର୍ଭୁଲ ତଥ୍ୟ ଉପରେ ପର୍ଯ୍ୟବସିତ ହୋଇ ପାରିନଥିଲା । ଡକ୍ଟର ନବୀନ କୁମାର ସାହୁ ପ୍ରଥମେ ଓଡ଼ିଶା ଜିଲ୍ଲା ଗେଜେଟିଅର ଗୁଡ଼ିକର ସଂପାଦକ ରୂପେ ଓ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପାଧ୍ୟକ୍ଷର ଇତିହାସ ବିଭାଗର ମୁଖ୍ୟ—ପ୍ରଫେସର—ରୂପେ ପର୍ଯ୍ୟାପ୍ତ ଓ ବିଧିବଦ୍ଧ କ୍ଷେତ୍ର-ଅଧ୍ୟୟନ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ପ୍ରାପ୍ତ ସମସ୍ତ ଐତିହାସିକ ପୀଠ ତଥା ତତ୍ ସମ୍ପର୍କୀୟ ସମସ୍ତ ବିଷୟର ପ୍ରତ୍ୟକ୍ଷ ଦର୍ଶନ ଓ ଅନୁଶୀଳନ କରିଥିଲେ । ସ୍ଥଳ ବିଶେଷର ଲୁପ୍ତ ସଭ୍ୟତାର ପ୍ରକୃତ ରୂପରେଖ ଜାଣିବା ପାଇଁ ପ୍ରତ୍ନତାତ୍ତ୍ୱିକ ଭୂଖନନ ମଧ୍ୟ କରିଥିଲେ । ଜଣେ ପ୍ରସିଦ୍ଧ ଐତିହାସିକଙ୍କର ବୈଷୟିକ ଜ୍ଞାନ ତଥା ସୁଚିନ୍ତିତ ଅନୁଶୀଳନ ମାଧ୍ୟମରେ ଡକ୍ଟର ସାହୁ ଦକ୍ଷିଣ କୋଶଳର ପରଂପରାଗତ ଇତିହାସକୁ ସତ୍ୟନିଷ୍ଠ ଓ ଯୁକ୍ତିସଂଗତ କରେଇ ପାରିଛନ୍ତି । ଏହି ପ୍ରଚେଷ୍ଟାର ସ୍ୱାକ୍ଷର ବହନ କରି ଆତ୍ମପ୍ରକାଶ କରିଥିଲା New Aspects of History of Orissaର ପ୍ରଥମ ଭାଗ ।

ଏହି ପତ୍ରିକାର ମୁଖ୍ୟ ପ୍ରବନ୍ଧରେ ଡକ୍ଟର ସାହୁ ବହୁ ଶିଳାଲେଖ, ତାମ୍ରଫଳକ, ପୁରାତନ ମୁଦ୍ରା ତଥା ବିଶିଷ୍ଟ ଐତିହାସିକଙ୍କ ମତ ଉଦ୍ଧାର କରି ଦକ୍ଷିଣ କୋଶଳର ସ୍ଥିତି, କ୍ରମାନୁଯାୟୀ ରାଜ୍ୟ ଶାସନରେ ଥିବା ବିଭିନ୍ନ ଶାସକମାନଙ୍କର ବଂଶାବଳୀ, ବିଶିଷ୍ଟ ଘଟଣା ତଥା ସଦାଚାରପ୍ରିୟ ପ୍ରକୃତି ଏହାର ମୂଲ୍ୟାଙ୍କନର ଏକ ଯୁକ୍ତିସଂଗତ ବିବରଣୀ ପ୍ରଦାନ କରି ନୂତନ ପିଢ଼ିର ଗବେଷକମାନଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି । ଚେଦି ବଂଶର ଅଭ୍ୟୁତ୍ଥାନ, ମାଘବଂଶର ରାଜତ୍ୱ, ନଳ ରାଜାମାନଙ୍କର ସକ୍ରିୟ ଭୂମିକା, ପର୍ବତଦ୍ୱାରକ ତଥା ରାଜର୍ଷି ତୁଲ୍ୟ କୁଳର ଆସ୍ଥାନ ତଥା ପ୍ରତିପତ୍ତି, ଶରଭପୁରୀୟ ଏବଂ ପାଣ୍ଡୁବଂଶୀୟ ରାଜ୍ୟବର୍ଦ୍ଧନ ଓ ଶାସନ ଇତ୍ୟାଦିର ଉପସ୍ଥାପନ; ବିଶ୍ଳେଷଣାତ୍ମକ ତଥା ଗଭୀର ଅଧ୍ୟୟନ ପାଇଁ ପ୍ରେରଣାଦାୟକ । ଏଥିପାଇଁ ସେ ଦକ୍ଷିଣ କୋଶଳର ମୁଖ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ଉନ୍ନତ ଓ ଉଚ୍ଚକୋଟିର ନିବନ୍ଧ ଗୁଡିକ ବିଶିଷ୍ଟ ଗବେଷକମାନଙ୍କ ଠାରୁ ସଂଗ୍ରହିତ କରିଛନ୍ତି । ଦକ୍ଷିଣ କୋଶଳର ଭୌଗୋଳିକ ସୀମାରେଖା ଓ ରାଜ୍ୟ ବିସ୍ତାର, ଗନ୍ଧମାର୍ଦ୍ଦନ ପର୍ବତର ମହତ୍ତ୍ୱ

ଓ ଐତିହାସିକତା ପରି ବିବଦମାନ ତଥ୍ୟ ଉପରେ ଏ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧ ଗୁଡ଼ିକ ମାଇଲଖୁଣ୍ଟ ସଦୃଶ । ଏ ସମ୍ପର୍କରେ ଯେ କୌଣସି ଐତିହାସିକ ଆଲୋଚନା ପାଇଁ ଏହା ଏକ ନିତାନ୍ତ ପ୍ରୟୋଜନୀୟ ଓ ଉପାଦେୟ ପୁସ୍ତକ ।

ଓଡ଼ିଶାରେ ଥିବା ପୂର୍ବତନ ଦକ୍ଷିଣ କୋଶଳ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଭୂଖୋଦନର ବିଧିବଦ୍ଧ ଅସ୍ତୁମାରମ୍ଭ ଡ଼କ୍ଟର ସାହୁ ହିଁ କରିଥିଲେ । କାରଣ ତାଂକ ପୂର୍ବରୁ କଳାହାଣ୍ଡି ଓ ବଲାଙ୍ଗୀର ଦରବାର ଦ୍ୱାରା କେବଳ ଭୂପତିତ ଐତିହାସିକ ବସ୍ତୁରାଜିର ସଂଗ୍ରହ ସହିତ କେତେକ ସ୍ଥାନରେ ଅନିୟମିତ ଭୂଖୋଦନ ହୋଇଥିଲା । ଯାହାବି ହୋଇଥିଲା ସେଗୁଡ଼ିକର ସଠିକ ବିବରଣୀ ପ୍ରସ୍ତୁତ ହୋଇ ନଥିବାର ଜଣାଯାଏ । ପ୍ରତ୍ନତାତ୍ତ୍ୱିକ ଭୂଖନନ ପାଇଁ ପ୍ରଯୁଜ୍ୟ ବିଜ୍ଞାନ ସମ୍ମତ ନିର୍ଦ୍ଦିଷ୍ଟ ଧାରା ଓ ତତ୍ ସଂଲଗ୍ନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଡ଼କ୍ଟର ସାହୁ ୧୯୭୪ ମସିହାରେ କଳାହାଣ୍ଡି ଜିଲ୍ଲାର ନର୍ଲାସ୍ଥିତ ଅସୁରଗଡ଼ଠାରେ ଭୂଖୋଦନ କରିଥିଲେ । ଏହି ଭୂଖୋଦନରୁ ପ୍ରାପ୍ତ ତଥ୍ୟ ଯୋଗୁଁ ଏ ଅଞ୍ଚଳର ଐତିହାସିକ ସ୍ଥିତି ଅଶୋକ ମୌର୍ଯ୍ୟଙ୍କ ସମୟରୁ ବିଦ୍ୟମାନ ଥିବାର ଜଣାପଡ଼ିଲା । ପୁନଶ୍ଚ ଏ ଅଞ୍ଚଳର ଧର୍ମଧାରାରେ ମୂର୍ତ୍ତି ପୂଜାର ନିର୍ଦ୍ଦିଷ୍ଟ ପ୍ରମାଣ ସହିତ ଦେବାୟତନର ରୂପରେଖ ମଧ୍ୟ ଆବିଷ୍କୃତ ହୋଇଥିଲା । ପୁରାତନ ଧାତୁଟଙ୍କା, ବିଦେଶୀ ମାଟିପାତ୍ର ତଥା ଅନ୍ୟାନ୍ୟ ସହାୟକ ବସ୍ତୁ ବିଶେଷ ଯୋଗୁଁ ବାଣିଜ୍ୟ ବ୍ୟବସାୟର ପ୍ରସାର ଏ ଅଞ୍ଚଳରେ ମଧ୍ୟ ହୋଇ-ଥିବାର ଜଣାପଡ଼ିଲା । ୧୯୭୮ ମସିହାରେ ଗଣିଆପାଲି ଭୂଖୋଦନ ଦ୍ୱାରା ଦକ୍ଷିଣ କୋଶଳର ଐତିହ୍ୟ ଓ ସଂସ୍କୃତିରେ ବୌଦ୍ଧ ଧର୍ମର ପ୍ରଭାବ ଓ ପ୍ରସାରର ନିର୍ଦ୍ଦିଷ୍ଟ ତଥ୍ୟ ସମସ୍ତଙ୍କୁ ଚକିତ କରିଦେଇଥିଲା । ଏଠାରୁ ପ୍ରାପ୍ତ ମୁଚଳିନ୍ଦ ବୁଦ୍ଧଙ୍କ ପ୍ରତିମା ଓଡ଼ିଶାର ସର୍ବ ପ୍ରାଚୀନ ମୁଚଳିନ୍ଦ ବୁଦ୍ଧ ପ୍ରତିମା ରୂପେ ସ୍ୱୀକୃତ । ବିହାରର ଗଠନ ଶୈଳୀ ତଥା ବୌଦ୍ଧ ଭିକ୍ଷୁକଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀ ମାନଙ୍କର ସ୍ଥିତି ଯୋଗୁଁ ଏହା ଏକ ବିଶାଳ ତଥା ସୁବିଦିତ ବୌଦ୍ଧବିହାର ହୋଇଥିବା ପରି ମନେହୁଏ । ବିଶ୍ୱବିଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଶ୍ରୀଯୁକ୍ତ ଶାଙ୍କାଲିଆଙ୍କ ସହିତ ମିଶି ଡ଼କ୍ଟର ସାହୁ ୧୯୮୬ ମସିହାରେ ଆରମ୍ଭ କରିଥିଲେ ସୋନପୁର ମନମୁଣ୍ଡାସ୍ଥିତ ପ୍ରସିଦ୍ଧ ଅସୁରଗଡ଼ର ଭୂଖନନ । ପର୍ଯ୍ୟାୟ କ୍ରମେ ଏ ଅଞ୍ଚଳରେ ଏ ଯାବତ୍ ଭୂଖନନ ପ୍ରକ୍ରିୟା ଚାଲୁରହିଛି । ଏହି ଖନନ ଦ୍ୱାରା ବହୁ ଅନାଲୋକିତ ଐତିହ୍ୟ ଓ ପରଂପରା ଧୀରେ ଧୀରେ ଉନ୍ମୁକ୍ତ ହେବାରେ ଲାଗିଛି ।

ଓଡ଼ିଶା ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ଉପଦେଷ୍ଟାରୂପେ ଯୋଗଦେବା ପରେ ଡ଼କ୍ଟର ସାହୁ ନୂଆପଡ଼ାସ୍ଥିତ ମାରାଗୁଡ଼ା ଉପତ୍ୟକାର ସର୍ବଶେଷ

ପର୍ଯ୍ୟବେକ୍ଷଣ ଓ ଖନନ କାର୍ଯ୍ୟ ହାତକୁ ନେଇଥିଲେ । ବହୁ ଲୁକ୍କାୟିତ କୀର୍ତ୍ତିରାଜିର ପୁନରୁଦ୍ଧାର ପୂର୍ବକ ତ୍ରିଶୂଳଦରହା ନିକଟରେ ଏକ ଶୈବଶାକ୍ତ ବିହାରର ଖନନ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ପଞ୍ଚମ ଶତାବ୍ଦୀରେ ଗଢ଼ିଉଠିଥିବା ଏହି ବିଶାଳ ଓ ବିସ୍ତୀର୍ଣ୍ଣ ଧର୍ମପୀଠ କେବଳ ଓଡ଼ିଶାର ନୁହେଁ, ସାରା ପୂର୍ବ-ଭାରତର ଏକ ସୁବିଖ୍ୟାତ ତଥା ପୁରାତନ ଧର୍ମ-ସାଧନାର କ୍ଷେତ୍ରରୂପେ ପରିଗଣିତ । ବିଭିନ୍ନ ପର୍ଯ୍ୟାୟରେ ସନ୍ନିବେଶିତ ଯୋଗୀପୀଠ, ଦେବତାଙ୍କ ମୂର୍ତ୍ତିସ୍ଥିତ ମନ୍ଦିର, ଭିକ୍ଷୁଣୀମାନଙ୍କର ବାସସ୍ଥାନ, ସଭାଗୃହ ତଥା ବିସ୍ତୀର୍ଣ୍ଣ ମଣ୍ଡପ ଠିକ୍ ଦଳାଙ୍କ ନଦୀକୂଳରୁ ଆରମ୍ଭ ହୋଇ ପାହାଡର ଶୀର୍ଷଦେଶ ପର୍ଯ୍ୟନ୍ତ ଗଢ଼ିଉଠିଥିଲା । ସେ କାଳର ନିର୍ମାଣଶୈଳୀ ତଥା କାରିଗରୀ ବିଦ୍ୟାର ଉତ୍କୃଷ୍ଟ ବିନିଯୋଗ ଯୋଗୁଁ ତାହା ଏକ ସୁକଳ୍ପିତ ଏବଂ ସୁସଂଗଠିତ ବିହାର ରୂପେ ଗଢ଼ିଉଠିଥିଲା । ଉକ୍ତ କ୍ଷେତ୍ରରୁ ପ୍ରାପ୍ତ ପୁରୁଣାମୁଦ୍ରା, ଲେଖମା, ମୂର୍ତ୍ତି ତଥା ମାଟିପାତ୍ର ଏହାର ସମୟର ସୂଚନା ପ୍ରଦାନ କରିଥାଏ । ସମ୍ଭବତଃ ନଳ ରାଜା ଭବଦତ୍ତବର୍ମାଙ୍କ ସମୟରେ ଏହା ପ୍ରତିଷ୍ଠା ହୋଇ-ଥିବାର ଅନୁମାନ କରାଯାଏ ଏବଂ ଵାକାଟକ ବଂଶର ଆକ୍ରମଣ ଯୋଗୁଁ ଧ୍ୱଂସାଭିମୁଖୀ ହୋଇଥିବାର ଜଣାଯାଏ । ସେ ଯାହା ହେଉ ଏହି ବିହାରର ଆବିଷ୍କାର ଯୋଗୁଁ ଦକ୍ଷିଣ କୋଶଳର ଧର୍ମ ପରଂପରାର ଏକ ଉତ୍କୃଷ୍ଟ ପ୍ରମାଣ ଆମର ହସ୍ତଗତ ହୋଇପାରିଛି ଏବଂ ସାରାଭାରତରେ ଏହା ଏକ ଅନ୍ୟତମ ଶୈବବିହାର ରୂପେ ପରିଗଣିତ ହୋଇପାରିଛି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଥମ ମୁଖ୍ୟ ଓ ପ୍ରଫେସର ରୂପେ ଯୋଗଦାନ କରି ଡକ୍ଟର ସାହୁ ଏ ଅଞ୍ଚଳର ବିରଳଲବ୍ଧ ଐତିହାସିକ ବସ୍ତୁରାଜି, ତାମ୍ର ଫଳକ, ତୈଳଚିତ୍ର, ତାଳପତ୍ର ପୋଥି ତଥା ପୁରାତନ ପତ୍ରାବଳୀର ସଂଗ୍ରହ ଓ ଏକତ୍ରୀକରଣ କରି ସଂଗ୍ରହାଳୟ ସ୍ଥାପନ କରିବା ଫଳରେ, ତାହା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ରୂପେ ସମ୍ବର୍ଦ୍ଧନ ପାଇଁ ଜାତୀୟ ସଂସ୍କୃତିର ଗନ୍ତାଘର ହୋଇ ରହିଛି । ଏହାର ସଫଳ ରୂପାୟନ ପାଇଁ ତାଙ୍କର ଅଦମ୍ୟ ଉତ୍ସାହ ଓ ସୁପରିକଳ୍ପିତ ଯୋଜନା ଫଳରେ ଜାତୀୟ ସ୍ତରରେ ଏକ ଉପାଦେୟ ଗବେଷଣାଗାର ରୂପେ ଏହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ଆଞ୍ଚଳିକ ଐତିହ୍ୟ ଓ ସଂସ୍କୃତିର ଉପଯୁକ୍ତ ଯତ୍ନନେବା ଉଦ୍ଦେଶ୍ୟରେ ସେ ସରକାରଙ୍କ ଠାରେ ଯୁକ୍ତିବାଢ଼ି ପ୍ରତ୍ନତତ୍ତ୍ୱ ଏବଂ ସଂଗ୍ରହାଳୟ ପାଇଁ ଏହି ବିଭାଗରେ ନୂତନ ପଦବୀର ସୃଷ୍ଟି କରାଯାଇଛନ୍ତି । ନିଜର ପ୍ରଚେଷ୍ଟା ଯୋଗୁଁ ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ ଠାରୁ ଏ ଅଞ୍ଚଳର ଇତିହାସ ଓ ସଂସ୍କୃତିର ବିଧିବଦ୍ଧ ସଂକଳନ ପାଇଁ ସ୍ୱତନ୍ତ୍ର ଅନୁଦାନ ଲାଭକରି ଡକ୍ଟର

ଯଜ୍ଞ କୁମାର ସାହୁଙ୍କୁ ସହଯୋଗୀ ରୂପେ ନେଇ ଏକ ବିରାଟ ଗ୍ରନ୍ଥ ରଚନା କରିଯାଇଛନ୍ତି । ଦୁର୍ଭାଗ୍ୟର ବିଷୟ ଏହି ଗ୍ରନ୍ଥ ଏପର୍ଯ୍ୟନ୍ତ ମୁଦ୍ରିତ ହୋଇ ପାରିନାହିଁ । ନିତାନ୍ତ ଜରୁରୀ ମନେକରି ଏହାର ପ୍ରକାଶନ ଶୀଘ୍ର କରାଯିବା ଉଚିତ । ବିଭିନ୍ନ ସଭାସମିତି, ଜାତୀୟ ଆଲୋଚନା ଚକ୍ର, ସଂଗୃହୀତ ପୁରାତନ ବସ୍ତୁରାଜିର ପ୍ରଦର୍ଶନୀ ତଥା ବ୍ୟାପକ କ୍ଷେତ୍ର-ଅଧ୍ୟୟନ ମାଧ୍ୟମରେ ଦକ୍ଷିଣ କୋଶଳର ଐତିହାସିକ ପର୍ଯ୍ୟାଲୋଚନା ଡକ୍ଟର ସାହୁଙ୍କର ଧ୍ୟେୟ ଥିଲା । ଏପରିକି ଗୁରୁଜନମାନଙ୍କର ଭ୍ରମଣ ତଥା ବିଶ୍ରାମ ମଧ୍ୟ ଏହି ଅଞ୍ଚଳର କୌଣସି ନା କୌଣସି ଐତିହାସିକ ସ୍ଥାନରେ ହିଁ ହେଉଥିଲା ।

ଗବେଷଣା ତାଙ୍କ ଜୀବନର କେବଳ ଲକ୍ଷ୍ୟ ବିଶେଷ ନଥିଲା, ତାହା ଥିଲା ତାଙ୍କ ଜୀବନଯାପନ-ପ୍ରଣାଳୀର ଏକ ମୁଖ୍ୟ ଅଂଶ । ତାଙ୍କର ପ୍ରେରଣା ଓ ପ୍ରୟାସ ହେତୁ ଅନେକ ଗୁରୁ ଓ ଶିକ୍ଷକ ଦକ୍ଷିଣ କୋଶଳର ଅବହେଳିତ ଇତିହାସ ତଥା ସଂସ୍କୃତି ଉପରେ ବର୍ଷ ବର୍ଷ ଧରି ବହୁ ବାଧା ବିଘ୍ନ ମଧ୍ୟରେ ଗବେଷଣା କରିଛନ୍ତି । ତାଙ୍କର ପରିପକ୍ୱ ଜ୍ଞାନ ତଥା ଦୂରଦର୍ଶନ ଯୋଗୁ ଏ ଅଞ୍ଚଳର ଏକ ବଶିଷ୍ଟ ରାଜବଂଶ—ଶରଭପୁରୀୟ—ଲୋକ ଲୋଚନକୁ ଆସିପାରିଛି । ସେହିପରି ଚୌହାଣ ରାଜବଂଶର ଉତ୍‌ଥାନ ଓ ପତନର ଠିକଣାଖି ବିବରଣୀର ଉପସ୍ଥାପନ ମଧ୍ୟ ତାଙ୍କର ଯୋଗୁଁ ହିଁ ସମ୍ଭବ ହୋଇଛି । ସୋନପୁରର ମହାନ ସାହିତ୍ୟକୃତି ତଥା ସମ୍ବଲପୁର ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମର ଯୁଗାନ୍ତକାରୀ ଘଟଣାବଳୀର ପୁନଃରୁଦ୍ଧାର ହୋଇପାରିଛି ।

ସ୍ୱରଚିତ ଅସଂଖ୍ୟ ପ୍ରବନ୍ଧ ଓ ପୁସ୍ତକ ମାଧ୍ୟମରେ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ, ଧର୍ମ ଓ ପରଂପରାର ଅନୁଶୀଳନ କରି ଦକ୍ଷିଣ କୋଶଳର ଭୂମିକା ତଥା ସ୍ୱତନ୍ତ୍ର ଅବଦାନର ସୂଚନା ଦେବାରେ ସେ ସବୁବେଳେ ପ୍ରୟାସୀ ଥିଲେ ଏବଂ କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଓ ଅକାଟ୍ୟ ପ୍ରମାଣ ମାଧ୍ୟମରେ ସେହି ଯୁକ୍ତି ଗୁଡିକ ଗ୍ରହଣଯୋଗ୍ୟ ଓ ଚିରସ୍ଥାୟୀ ହୋଇପାରିଛି । ଓଡ଼ିଶାରେ ବୌଦ୍ଧଧର୍ମ— ଯାହା ତାଙ୍କର ଶାଶ୍ୱତ ଓ କାଳଜୟୀ ପୁସ୍ତକ ମାନଙ୍କ ମଧ୍ୟରେ ଅନ୍ୟତମ —ପୁସ୍ତକରେ ସହଜଯାନର ମୂଳଉତ୍ସ ରୂପେ ତେଲ ନଦୀର ଏକ ଶାଖା ଶୁକ୍‌ତେଲ ଉପତ୍ୟକାକୁ ସେ ଚିହ୍ନିତ କରି ଯାଇଅଛନ୍ତି । 'ମନଦ' ଓ 'ସମ୍ବଲ'କୁ ମହାନଦୀ ଓ ସମ୍ବଲପୁର ସହିତ ଚିହ୍ନିତ କରି ଇନ୍ଦ୍ରଭୂତି ଏବଂ ଲକ୍ଷ୍ମୀଙ୍କରଙ୍କୁ ଏ ଅଞ୍ଚଳର ରାଜା ଓ ରାଜକନ୍ୟା ରୂପେ ବର୍ଣ୍ଣନା କରିଛନ୍ତି । ଉକ୍ତ ତଥ୍ୟର ବିଶ୍ଳେଷଣ ବୌଦ୍ଧ ଧର୍ମର ଅଧ୍ୟୟନ କ୍ଷେତ୍ରରେ ଯୁଗାନ୍ତକାରୀ ଓ ତାହା ବୌଦ୍ଧଧର୍ମର ବିକାଶରେ କୋଶଳର ନିର୍ଦ୍ଦିଷ୍ଟ ଭୂମିକାକୁ ସ୍ପଷ୍ଟକରେ । ଜଗନ୍ନାଥ ଧର୍ମର ମୂଳଉତ୍ସ ରୂପେ ପୁରୁଷୋତ୍ତମ ଉପାସନାର ବ୍ୟାଖ୍ୟାକରି

ଏହାର ପୃଷ୍ଠଭୂମି ରୂପେ ଦକ୍ଷିଣ କୋଶଳର ଶ୍ରୀପୁର ଏବଂ ସେଠାକାର ଶାସକ ପାଣ୍ଡୁବଂଶୀୟ ରାଣୀ ବାସଟାଙ୍କ ସକ୍ରିୟ ଭୂମିକାର ଉପସ୍ଥାପନା କରି ମହାନଦୀର ଉତ୍ସକୁ ଜଗନ୍ନାଥଙ୍କର ଆଦିପୀଠ ରୂପେ ପ୍ରତିଷ୍ଠିତ କରିଛନ୍ତି । ବସ୍ତୁତଃ ଏହି ଭାବଧାରା ଦକ୍ଷିଣ କୋଶଳରେ ହିଁ ସମ୍ଭବ ବୋଲି ମନେ ହୁଏ କାରଣ ବିଭିନ୍ନ ଧର୍ମର ସଂଶ୍ଳେଷ ଓ ଦ୍ୱନ୍ଦ୍ୱହୀନ ପରିପ୍ରକାଶ ଏ ଅଞ୍ଚଳରେ ସୁଚାରୁ ରୂପେ ହୋଇଥିବାର ଅନେକ ଦୃଷ୍ଟାନ୍ତ ବା ନଜିର ଦେଖିବାକୁ ମିଳେ । ଜୀବନର ଶେଷାହ୍ନରେ ପ୍ରକାଶିତ ତଥ୍ୟପୂର୍ଣ୍ଣ ପୁସ୍ତକ 'ସୁରେନ୍ଦ୍ର ସାଏ' ଦକ୍ଷିଣ କୋଶଳର ଆଦିମ ଅଧିବାସୀ ତଥା ସମାଜର ପଛୁଆବର୍ଗଙ୍କ ସ୍ୱାଧୀନଚେତନା, ସାମାଜିକ ନେତୃତ୍ୱ ତଥା ଦେଶ ପ୍ରେମର ଏକ ଗାଥା କହିଲେ ଅତ୍ୟୁକ୍ତି ହେବନାହିଁ । ସେପରି ମହିମା ଧର୍ମର କ୍ରାନ୍ତିକାରୀ ପ୍ରଚାରକ ତଥା ଗୋସେଇଁ ଭୀମଭୋଇ ଏ ଜାତିର ଅଗ୍ରଗଣ୍ୟ ସଂସ୍କାରକ ରୂପେ ତାଙ୍କର ବଳିଷ୍ଠ ଲେଖନୀ ହେତୁ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଛନ୍ତି ।

ଦକ୍ଷିଣ କୋଶଳର ଇତିହାସ ପୁନର୍ଗଠନରେ ଡକ୍ଟର ସାହୁଙ୍କ ଭୂମିକା ଜଣେ ଅଗ୍ରପଥିକ ସାଧକଙ୍କର ଭୂମିକା । ଲୁପ୍ତ ଓ ସୁପ୍ତପ୍ରାୟ ସଂସ୍କୃତିର ଜାଗରଣ ଲୁକ୍କାୟିତ ଐତିହାସିକ ତଥ୍ୟାବଳୀର ପୁନଃପ୍ରକାଶ ଯୋଗୁଁ ସକ୍ରିୟ ହୋଇଥାଏ ଏବଂ ଦକ୍ଷିଣ କୋଶଳରେ ଏହି ପ୍ରକ୍ରିୟାର ପୁରୋଧା ଭାବେ ଡକ୍ଟର ସାହୁ ସମୁଚିତ ଦିଗ୍‌ଦର୍ଶନ ଦେଇ ପାରିଛନ୍ତି । ତାଙ୍କର ଅଗାଧ ପାଣ୍ଡିତ୍ୟ, ସୂକ୍ଷ୍ମ ନିରୀକ୍ଷଣ, ଅକାଟ୍ୟ ଓ ବିଶ୍ୱାସଯୋଗ୍ୟ ଅନୁଶୀଳନ, ହୃଦୟଗ୍ରାହୀ ଶୈଳୀ ତଥା ଗବେଷକମାନଙ୍କୁ ଆକୃଷ୍ଟ କରିପାରିଛି ଏବଂ ଜାତୀୟ ସ୍ତରରେ ଏହି ଅଞ୍ଚଳର ମହତ୍ତ୍ୱ ଓ ଗୁରୁତ୍ୱ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଛି । ପଶ୍ଚିମ ଓଡ଼ିଶାର ଇତିହାସ ପୁନର୍ଗଠନରେ ଡକ୍ଟର ସାହୁଙ୍କର ଅବଦାନ ଯୁଗାନ୍ତକାରୀ ଓ ସମସ୍ତଙ୍କ ପାଇଁ ତାହା ପ୍ରେରଣାର ଉତ୍ସ ହୋଇ ଆଗାମୀ ଦିନମାନଙ୍କରେ ଧ୍ରୁବତାରା ସଦୃଶ ଉଦ୍‌ଭାସିତ ହେଉଥିବ । ●

# ଏକ ଲଙ୍କା ଅନେକ ଅନ୍ୱେଷା :
# ଲଙ୍କାର ସ୍ଥିତି-ଅନୁସନ୍ଧାନ ଓ ଡ଼କ୍ଟର ନବୀନ କୁମାର

ଡକ୍ଟର ଦଧିବାମନ ମିଶ୍ର

ଲଙ୍କା ଅନ୍ୱେଷଣର ଅନ୍ତ ନାହିଁ । ଚଳିତ ଶତାବ୍ଦୀର ଆରମ୍ଭରୁ ଲଙ୍କାକୁ କେନ୍ଦ୍ର କରି ଯେତେ ଶଙ୍କା ସୃଷ୍ଟି ହୋଇଛି, ଏଯାବତ୍ ସେ ସବୁର ସମାଧାନ ହୋଇ ପାରିନାହିଁ । ଏହି ଅନ୍ୱେଷା କରିବାକୁ ଯାଇ ଐତିହାସିକ, ଗବେଷକ ଓ ପ୍ରତ୍ନତତ୍ତ୍ୱବିଦ୍‌ଗଣ ଭାରତ ଭୂଖଣ୍ଡର ବିଭିନ୍ନ ସ୍ଥାନରେ ଲଙ୍କାର ଅବସ୍ଥିତି ସଂପର୍କରେ ସୂଚନ ଦେଇଛନ୍ତି । ଏନ୍. ଏସ୍. ଅଧିକାରୀ, କେ. ହନୁମନ୍ତରାଓ ଓ ସ୍ୟୁ ଏଚ୍. ବାଡେର ସୁମାତ୍ରା କମ୍ବା ଲକ୍‌କାଦ୍ୱୀପ ବା ମାଳଦ୍ୱୀପ ସହିତ ଲଙ୍କାକୁ ଚିହ୍ନିତ କରିଥିବାବେଳେ ବିଷ୍ଣୁପନ୍ତ କରନ୍ଦୀକର ଇନ୍ଦୋର ଜିଲ୍ଲାରେ, ରାୟ ବାହାଦୂର ହୀରାଲାଲ ଓ ଏଚ୍. ଡି ସଂଖାଲିଆ ଜବଲପୁର ଜିଲ୍ଲାରେ ଓ ଜି. ରାମଦାସ ପ୍ରଭୃତି ବିଲାସପୁର ଜିଲ୍ଲାର ପେଣ୍ଡ୍ରା ରୋଡ଼ଠାରେ ଲଙ୍କାର ଅବସ୍ଥିତି ସଂପର୍କରେ ବିଭିନ୍ନ ଯୁକ୍ତିମାନ ପରିବେଷଣ କରିଛନ୍ତି । ଡ଼. ଆର ଭଣ୍ଡାରକର ଉପରୋକ୍ତ ଯୁକ୍ତିସବୁ ଖଣ୍ଡନ କରିଛନ୍ତି । ଅଧ୍ୟାପକ ହୀରାଲାଲ ଶୁକ୍ଳ ଗୋଦାବରୀ ଅବବାହିକାରେ ଲଙ୍କାର ଅବସ୍ଥିତି ସପକ୍ଷରେ ମତପୋଷଣ କରିଛନ୍ତି । ଓଡ଼ିଶାର ବରିଷ୍ଠ ଐତିହାସିକ ଗବେଷକ ସ୍ୱର୍ଗତ ଡ଼କ୍ଟର ନବୀନ କୁମାର ସାହୁ ସ୍ୱକୀୟ ଯୁକ୍ତି ମାଧ୍ୟମରେ ମହାନଦୀ ଓ ତେଲ ନଦୀର ସଂଗମ ସ୍ଥଳରେ ଅବସ୍ଥିତ ଆଧୁନିକ ସୋନପୁର ସହରକୁ ପୁରାଣ ପ୍ରସିଦ୍ଧ ଲଙ୍କା ରୂପେ ନିର୍ଣ୍ଣୟ କରିଛନ୍ତି । ଏଥିପାଇଁ ସେ ମଧ୍ୟ ବହୁ ଉପହାସ ଓ ସମାଲୋଚନାର ଶରବ୍ୟ ହୋଇଛନ୍ତି । କିନ୍ତୁ ସବୁକିଛି ସହ୍ୟକରି ସେହି ନୀରବ ସାଧକ ଲଙ୍କାନ୍ୱେଷଣର ଜଣେ ପୁରୋଗାମୀ ଗବେଷକ ରୂପରେ ଏକ ନୂତନ ଦିଗ୍‌ଦର୍ଶନ ଦେଇଯାଇଛନ୍ତି ଆଗାମୀ ଦିନର ଲଙ୍କା ସନ୍ଧାନୀମାନଙ୍କୁ । ଶଂସିତ ପ୍ରବନ୍ଧରେ ତାଙ୍କର ଲଙ୍କାସମ୍ବନ୍ଧୀୟ ତତ୍ତ୍ୱକୁ ସଦ୍‌କିଞ୍ଚିତ୍ ସମୀକ୍ଷା କରାଯାଇଛି ।

## ଲଙ୍କା ଓ ସୋନପୁର :

'ଲଙ୍କା' ଶବ୍ଦଟି ସୋନପୁର ଅଞ୍ଚଳର ଏକ ରାଜକୀୟ ତାମ୍ର ଅଭିଲେଖରେ (ସୋମେଶ୍ୱର ଦେବଙ୍କ କେଳଗା ତାମ୍ର ଶାସନ) ଉଲ୍ଲିଖିତ ଅଛି । ଏଥିରେ ଜଣେ ସୋମବଂଶୀ ରାଜା ନିଜକୁ ପଶ୍ଚିମ ଲଙ୍କାର ଅଧିପତି ରୂପେ ଅଭିହିତ କରି ସୁବର୍ଣ୍ଣପୁରରେ (ଆଧୁନିକ ସୋନପୁର) ତାଙ୍କ ରାଜଧାନୀ ଥିବା ଦର୍ଶାଇଛନ୍ତି ।

ପୁନଶ୍ଚ ସୋମେଶ୍ୱରଦେବ ନାମକ ସୋନପୁରର ଆଉ ଜଣେ ରାଜା ଲଙ୍କା ବର୍ତ୍ତିକ (ଲଙ୍କେଶ୍ୱରୀ ଗଣ୍ଡ) ସମ୍ମୁଖରେ ଦଣ୍ଡାୟମାନ ହୋଇ ଦାନ ଘୋଷଣା କରିଛନ୍ତି । ଏହା ସହିତ ସୋନପୁର ଅଞ୍ଚଳର କେତେକ ସ୍ଥାନ ଦେବାଳୟ, ଲୋକ ପରମ୍ପରା, ପ୍ରତ୍ନତାତ୍ତ୍ୱିକ ଅବଶେଷ ପ୍ରଭୃତିକୁ ନେଇ ସୋନପୁର ଅଞ୍ଚଳକୁ ଲଙ୍କାରାଜ୍ୟ ବୋଲି ନିର୍ଣ୍ଣୟ କରିବାରେ ଡକ୍ଟର ସାହୁ ସମ୍ୟକ୍ ପ୍ରୟାସ କରିଛନ୍ତି । ପୂର୍ବତନ ସୋନପୁର ଦେଶୀୟ ରାଜ୍ୟ ମଧ୍ୟରେ ଅବସ୍ଥିତ ସୁବଳୟା (ସୁବର୍ଣ୍ଣଗିରି) ବିନକା (ବିଲଙ୍କାର ଅପଭ୍ରଂଶ ?) ମହାନଦୀର ଉତ୍ତର ତଟବର୍ତ୍ତୀ ଲଙ୍କାବାହାଲ ଗ୍ରାମ, ସୁବର୍ଣ୍ଣମେରୁ ଶିବ, ରାମେଶ୍ୱର ଶିବ ମନ୍ଦିର ପ୍ରଭୃତି ସ୍ଥାନ; ସୋନପୁର ଅଞ୍ଚଳର ଗଞ୍ଜପା ଖେଳ, ଲଙ୍କାପୋଡି ଓ ମେଘନାଦ ପର୍ବ ପ୍ରଭୃତି ଲୋକ-ପରଂପରା ଏବଂ ମହାନଦୀ-ତେଲର ସଂଗମ ସ୍ଥଳର ଅନତିଦୂରରେ ସ୍ଥିତ ଅସୁରଗଡରୁ ପ୍ରାପ୍ତ ସ୍ୱଳ୍ପ ଅବଶେଷକୁ ଭିତ୍ତିକରି ଡକ୍ଟର ସାହୁ ସୋନପୁରକୁ ରାବଣର ଲଙ୍କାବୋଲି ପ୍ରତିପାଦନ କରିବାକୁ ତତ୍ପର ଥିଲେ ବୋଲି ମନେହୁଏ ।

ଉପରୋକ୍ତ ପରିପ୍ରେକ୍ଷୀରେ ଏପର୍ଯ୍ୟନ୍ତ ଐତିହାସିକମାନଙ୍କ ଲଙ୍କା ସମ୍ବନ୍ଧରେ କେତୋଟି ତଥ୍ୟ ମନେରଖିବାକୁ ହେବ । ପ୍ରଥମତଃ, ସୋନପୁରର ପ୍ରୋକ୍ତ ତାମ୍ର ଶାସନରେ "ପଶ୍ଚିମ ଲଙ୍କା"ର ଉଲ୍ଲେଖ ଅଛି । ରାବଣର ଲଙ୍କା କଦାପି ବା କୁତ୍ରାପି ପଶ୍ଚିମ ଲଙ୍କାରୂପେ ପରିଚିତ ନଥିଲା । ପଶ୍ଚିମ ଲଙ୍କାର ଅବସ୍ଥିତିରୁ ପୂର୍ବ, ଉତ୍ତର, ଦକ୍ଷିଣ ବା ଏମାନଙ୍କ ମଧ୍ୟରୁ ଏକ ବା ଦୁଇ ଲଙ୍କା ଖଣ୍ଡର ଅବସ୍ଥିତି ସଂପର୍କରେ ସୂଚନା ମିଳେ । ଅନ୍ୟ ଲଙ୍କା ଖଣ୍ଡ ଗୁଡିକର ସନ୍ଧାନ ନକରି ଏହାକୁ (ପଶ୍ଚିମ ଲଙ୍କା) ରାବଣର ଲଙ୍କା ବୋଲି ମନେ କରିବା କେତେ ଦୂର ସମୀଚୀନ ତାହା ଆଗାମୀ ଦିନର ଗବେଷଣା ହିଁ ନିଷ୍ପତ୍ତି କରିବ ।

ଦ୍ୱିତୀୟତଃ "ଲଙ୍କା" ସୋନପୁର ଅଞ୍ଚଳରେ ଅନୁବନ୍ଧିତ ନୁହେଁ । ଓଡ଼ିଶା ତଥା ଭାରତର ଅନେକ ସ୍ଥାନରେ ଲଙ୍କା ନାମଧେୟ ଅନେକ ବସତି ରହିଅଛି । ଓଡ଼ିଶାର କନ୍ଧମାଳ ଅଞ୍ଚଳର ଲଙ୍କାଗଡ, ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳର ଅନେକଲଙ୍କା, ଦକ୍ଷିଣ ଭାରତର ଲଙ୍କା ନାମଧେୟ ଅନେକ ସ୍ଥାନ, ଏପରିକି ତମାଲପୁର ଦଶ ହଜାର ଫୁଟ ଉଚ୍ଚରେ ଥିବା ଚଟି (ଭାଗୀରଥୀର ଶାଖା ନଦୀ ଜାହ୍ନବୀ କୂଳରେ ଓ ଭୈରବୀ ଚଟୀର ଅନତି ଦୂରରେ) ଲଙ୍କା ଶବ୍ଦର ବହୁଳ ବ୍ୟବହାର ଓ ଲୋକପ୍ରିୟତାର ସୂଚନା ଦିଏ । ସୋନପୁରକୁ ଲଙ୍କାରୂପେ ନିର୍ଣ୍ଣୟ କରିବା ବେଳେ ଡକ୍ଟର ସାହୁ ଏ ସବୁକୁ ବିଚାରକୁ ନେଇଥିବା ପରି ମନେହୁଏ ନାହିଁ ।

ମହାନଦୀର ଲଙ୍କେଶ୍ୱରୀଗଣ୍ଡ ମଧ୍ୟସ୍ଥ ଶିଳାଖଣ୍ଡୋପରି ପୂଜିତ ଲଙ୍କେଶ୍ୱରୀ ଦେବୀ କେବଳ ସୋନପୁରର ଅଧିଷ୍ଠାତ୍ରୀ ଦେବୀ ନୁହନ୍ତି । କଳାହାଣ୍ଡିର ଜୁନାଗଡ଼ର

ଅଧିଷ୍ଠାତ୍ରୀ ଦେବୀ ମଧ୍ଯ ଲଙ୍କେଶ୍ୱରୀ । ଅଷ୍ଟମ ବିଷୟ ଯେ କଳାହାଣ୍ଡି ଜିଲ୍ଲାର ଶଗଡ଼ା ନଦୀର ଦକ୍ଷିଣ ପଟର ଅନେକ ଗ୍ରାମର ଗ୍ରାମ ଦେବୀ ମଧ୍ୟ ଲଙ୍କେଶ୍ୱରୀ । ଏହି ଅଞ୍ଚଳର ପ୍ରଚଳିତ କମ୍ବଦନ୍ତୀ ଅନୁଯାୟୀ ଦକ୍ଷିଣର କୌଣସି ରାଜା ଲଙ୍କାର ରାଜାଙ୍କୁ ପରାଜିତ କରି ଲଙ୍କେଶ୍ୱରୀ ଦେବୀଙ୍କୁ ଆଣି ଜୁନାଗଡ଼ରେ ଅବସ୍ଥାପିତ କରିଥିଲେ । ପ୍ରଥମ ରାଜେନ୍ଦ୍ର ଚୋଳଙ୍କ (୧୦୧୨—୧୦୪୪) ସେନାଧ୍ୟକ୍ଷ ଅରୁଣ ମୌଳି ବର୍ମା କର୍ତ୍ତୃକ ଏହା ସଂପାଦିତ ହୋଇଥିବାର ଶ୍ରୀ ପି. କେ ଦେଓଙ୍କର ମତ ।

ଅରୁଣମୌଳି ବର୍ମା ଦକ୍ଷିଣରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ଯୁଦ୍ଧାଭିଯାନରେ ବାହାରି ଅନେକ ରାଜାଙ୍କୁ ପରାଜିତ କରିଥିଲେ ବୋଲି ରାଜେନ୍ଦ୍ର ଚୋଳଙ୍କର ଏକ ଅଭିଲେଖରେ ଉଲ୍ଲେଖ ଅଛି । ପ୍ରୋକ୍ତ ଅଭିଲେଖ ଅନୁଯାୟୀ ରଘୁପତି ସେତୁ ନିର୍ମାଣ କରି ସମୁଦ୍ର ଲଙ୍ଘନ କଲେ ଏବଂ ପରାକ୍ରମୀ ବାନରମାନଙ୍କୁ ସଙ୍ଗରେ ଘେନି ଅତ୍ୟନ୍ତ ଆୟାସ ସହକାରେ ସୁତୀକ୍ଷ୍ଣ ଶରଦ୍ୱାରେ ଲଙ୍କାର ରାଜାଙ୍କୁ ନିହତ କଲେ । ତାପରେ ଲଙ୍କେଶ୍ୱରୀ ମୂର୍ତ୍ତିକୁ ସିଂହଳରୁ (ଲଙ୍କା) ଆଣି ଜୁନାଗଡ଼ରେ ସ୍ଥାପିତ କରିଥିଲେ ବୋଲି ଶ୍ରୀ ପି. କେ. ଦେଓ ମତପୋଷଣ କରନ୍ତି । ଏହି ମତକୁ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଏସ୍. ଆର ରାଓ ସମର୍ଥନ ଜ୍ଞାପନ କରିଛନ୍ତି । ଏଠାରେ ସୂଚନା ଦିଆଯାଇପାରେ ଯେ ରାମାୟଣର ରୂପକଳ୍ପ ନେଇ ରାଜେନ୍ଦ୍ର ଚୋଳଙ୍କର ପ୍ରୋକ୍ତ ତାମ୍ରଶାସନ ଲିଖିତ । ଏଥିରେ ରାଜେନ୍ଦ୍ର ଚୋଳ ନିଜେ ନିଜକୁ ରଘୁପତି ବା ରାମଚନ୍ଦ୍ର ରୂପେ ଅଭିହିତ କରିଛନ୍ତି । ଏହାକୁ ଆକ୍ଷରିକ ଅର୍ଥରେ ଗ୍ରହଣ କରାଯାଇ ନପାରେ । ସୁଦୂର ସିଂହଳରୁ (ଲଙ୍କା) ଏକ ମୂର୍ତ୍ତି ଆଣି କଳାହାଣ୍ଡିରେ ସ୍ଥାପିତ କରିବା ନିତାନ୍ତ ଅବାସ୍ତବ ମନେହୁଏ । ତେବେ ସ୍ୱତଃ ପ୍ରଶ୍ନଉଠେ କେଉଁ ଲଙ୍କା ରାଜ୍ୟର ରାଜାଙ୍କୁ କେଉଁ ବାନର ସୈନ୍ୟ ଦ୍ୱାରା ପରାଜୟର ଗ୍ଳାନି ଭୋଗ କରିବାକୁ ହେଲା ? ସେହି ଲଙ୍କା ଅଧୁନାତନ ସୋନପୁର ହେବା ଅସ୍ୱାଭାବିକ କାରଣ ଏଠାରେ ପଦାର୍ପଣ କରିବାକୁ ରାଜେନ୍ଦ୍ର ଚୋଳଙ୍କୁ ସିନ୍ଧୁବକ୍ଷରେ ସେତୁ ନିର୍ମାଣରେ ଆବଶ୍ୟକତା ପଡ଼ି ନଥିବ । ତେବେ ଲଙ୍କା କେଉଁଠି ?

ସିଂହଳ ଦ୍ୱୀପ ବା ତାମ୍ରପର୍ଣ୍ଣୀକୁ (ଆଧୁନିକ ଶ୍ରୀଲଙ୍କା) ରାମାୟଣରେ ଲଙ୍କାରୂପେ ଜନସାଧାରଣଙ୍କର ଧାରଣା ଜନ୍ମିଛି ଦୁଇଟି ବିଷୟ ଦାୟୀ ବୋଲି ମନେହୁଏ । ପ୍ରଥମଟି ହେଉଛି ଉକ୍ତ ଦ୍ୱୀପର ଆଧୁନିକ ନାମ ଶ୍ରୀଲଙ୍କା ଏବଂ ଦ୍ୱିତୀୟଟି ସେତୁବନ୍ଧ । ଶ୍ରୀଲଙ୍କା ସମ୍ବନ୍ଧରେ ଏଠାରେ ସ୍ପଷ୍ଟ କରିବାକୁ ହେବ ଯେ ଏହା ପ୍ରାଚୀନ ଲଙ୍କା ନୁହେଁ । ସିଂହଳ ଓ ଲଙ୍କା ଦୁଇଟି ଭିନ୍ନ ରାଜ୍ୟ

ରୂପେ ଖ୍ରୀଷ୍ଟପୂର୍ବ ଷଷ୍ଠଶତାବ୍ଦୀ ଠାରୁ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀଯାଏ ସଂସ୍କୃତ ଓ ପାଲିଗ୍ରନ୍ଥ ତଥା ଅଭିଲେଖମାନଙ୍କର ବର୍ଣ୍ଣିତ ହୋଇଅଛି । ମହାଭାରତର ଅଗଣ୍ୟ ପର୍ବରେ ସହଦେବଙ୍କ ଦିଗ୍‌ବିଜୟ କ୍ରମରେ ଲଙ୍କା, ତତ୍ପରେ ସିଂହଳର ନାମୋଲ୍ଲେଖ ଅଛି । ମାର୍କଣ୍ଡେୟ ପୁରାଣ, ରାଜଶେଖର ବିରଚିତ ବାଳ-ରାମାୟଣ ବରାହମିହିରଙ୍କ ବୃହତ୍‌ସଂହିତା, ଜାୟସିଙ୍କର ପଦ୍ମାବତ୍ ପ୍ରଭୃତି ଗ୍ରନ୍ଥରେ ସିଂହଳ ଓ ଲଙ୍କା ଦୁଇଟି ଭିନ୍ନ ରାଜ୍ୟରୂପେ ପରିଗଣିତ । ଅପ୍ପା ଶାସ୍ତ୍ରୀଙ୍କର "ସଂସ୍କୃତ ଚନ୍ଦ୍ରିକା"ରେ ବର୍ଣ୍ଣନା ଅଛି—

"ମହାରାଜ ଦଶରଥସ୍ୟ ରାଜ୍ୟ ସମୟେ ଚ ଲଙ୍କା ସିଂହଳୟୋର୍ବି ଭିନ୍ନ
ରାଜାଧିକୃତତ୍ୱଂ ଓ ପ୍ରାଚ୍ୟତେ ପୌରାଣିକୈଃ ।"

ଅର୍ଥାତ୍ ମହାରାଜ ଦଶରଥଙ୍କ ରାଜତ୍ୱକାଳରେ ଲଙ୍କା ଓ ସିଂହଳ ଦୁଇଟି ବିଭିନ୍ନ ରାଜାଙ୍କ ଦ୍ୱାରା ଅଧିକୃତ ବୋଲି ପୁରାଣକାରମାନେ କହନ୍ତି । ମାର୍କଣ୍ଡେୟ ପୁରାଣରେ ଲଙ୍କା କାଳଜିନ ଓ ସିଂହଳ କାଞ୍ଚି ନିକଟରେ ଅବସ୍ଥିତ ବୋଲି ଉଲ୍ଲେଖ ଅଛି । ଅଧ୍ୟାପକ ହୀରାଲାଲ ଶୁକ୍ଳ ପୌରାଣିକ କାଳ-ଜିନକୁ ଅଧୁନା କଳାହାଣ୍ଡି ସହ ସମୀକୃତ କରି ଦେଇଥିବା ମତକୁ ଡକ୍ଟର ସାହୁ ଗ୍ରହଣ କରିଛନ୍ତି । ଏଭଳି ମତକୁ ସନ୍ଦେହ କରିବାର କାରଣ ରହିଛି । ଏକାଦଶ ଶତାବ୍ଦୀରେ ଚୋଳମାନଙ୍କ ଦ୍ୱାରା ଅଧିକୃତ ହେବାପରେ ସିଂହଳ ଦ୍ୱୀପ ଲଙ୍କା ନାମରେ ପ୍ରସିଦ୍ଧି ଲାଭ କଲାବୋଲି ଡଃ ସାହୁଙ୍କର ମତ । ଏଣୁ ଲଙ୍କା ସିଂହଳ ଦ୍ୱୀପର ମଧ୍ୟଯୁଗୀୟ ନାମ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ପୁନଶ୍ଚ ସିଂହଳରେ (ଆଧୁନିକ ଶ୍ରୀଲଙ୍କା) ରାମାୟଣ ସଂପର୍କିତ କୌଣସି ପ୍ରାମାଣିକ ଉପାଦାନ ନାହିଁ । ଇଣ୍ଡୋନେସିଆର ଦ୍ୱୀପମାନଙ୍କରେ ରାମାୟଣ-ଭିତ୍ତିକ କଳାସ୍ଥାପତ୍ୟ, ପରମ୍ପରା ପରିଦୃଷ୍ଟ ହେବାବେଳେ ସିଂହଳରେ ସେଗୁଡ଼ିକର ବିଶେଷ ଅଭାବ, ଅବଶ୍ୟ, ଆଶ୍ଚର୍ଯ୍ୟଜନକ ।

ବାଲ୍ମୀକି ଅଯୋଧ୍ୟାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡର ବର୍ଣ୍ଣନା ବିଶଦ ଭାବରେ କରିଥିବା ଗୋଦାବରୀର ଦକ୍ଷିଣାଞ୍ଚଳ ବର୍ଣ୍ଣନାରେ ବେଶି ନୀରବତା ଅବଲମ୍ବନ କରିଛନ୍ତି । ବିଭବମୟୀ, ସ୍ୱର୍ଣ୍ଣମୟୀ ଲଙ୍କାଗଡ଼ର ବର୍ଣ୍ଣନାରେ ସେ ଯେଉଁ ଚମତ୍କାରିତା ପ୍ରଦର୍ଶନ କରିଛନ୍ତି, ଲଙ୍କାର ସନ୍ନିକଟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବର୍ଣ୍ଣନାରେ ସେ ସେତିକି ଉଦାସୀନ ହୋଇଛନ୍ତି । ଲଙ୍କା ସନ୍ନିକଟ ମହେନ୍ଦ୍ରଗିରି, ମଳୟଗିରି ଓ ସହ୍ୟ ଆଦି ପର୍ବତମାନଙ୍କର ସେ ଯେଉଁ ବର୍ଣ୍ଣନା ଦେଇଛନ୍ତି ସେଗୁଡ଼ିକୁ ସୋନପୁର ସନ୍ନିକଟ ଅଞ୍ଚଳରେ ସନ୍ଧାନ କରିବା ବୃଥା ପ୍ରୟାସ ମାତ୍ର ହେବ । ଡଃ ସାହୁ ଗଞ୍ଜାମ ଜିଲ୍ଲାର

ମହେନ୍ଦ୍ରଗିରି, ପାଲଲହଡ଼ାର ମଳୟ ପର୍ବତ ଓ ପଶ୍ଚିମଘାଟ ପର୍ବତମାଳାର ସହ୍ୟପର୍ବତର ସହାୟତାରେ ସୋନପୁରରେ ଲଙ୍କାସ୍ଥାପନ କରିବା ପ୍ରୟାସ କୌଣସି ଗବେଷକ ପକ୍ଷରେ ବୋଧହୁଏ ଗ୍ରହଣୀୟ ହେବନାହିଁ ।

ବରାହମିହିରଙ୍କ ବୃହତ୍ ସଂହିତାର ଏକ ଉକ୍ତି—"ଲଙ୍କୋଜ୍ଜୟିନୀ ପୁରୋପରିଗତା ଯା ମଧ୍ୟରେଖା ଭୁବ"କୁ ଡଃ ସାହୁ ଲଙ୍କା ଉଜ୍ଜୟିନୀ ସହିତ ସମାନ ଧ୍ରୁବରେଖା (ଅକ୍ଷାଂଶ) ଉପରେ ଅବସ୍ଥିତ ବୋଲି ବ୍ୟାଖ୍ୟା କରିଛନ୍ତି । ଯେ କେହି ଭାରତର ମାନଚିତ୍ର ଉପରେ ସାମାନ୍ୟ ଦୃଷ୍ଟିପାତ କଲେ ବୁଝିପାରିବ ଯେ ଉଜ୍ଜୟିନୀ ନଗରୀ ଓ ଡ଼ଃ ସାହୁଙ୍କ ଧାରଣାର ଲଙ୍କା ସୋନପୁର ସମାନ ଅକ୍ଷାଂଶରେ ଅବସ୍ଥିତ ନୁହନ୍ତି । ଉଜ୍ଜୟିନୀ କର୍କଟ କ୍ରାନ୍ତି ସନ୍ନିକଟ ୨୩°,୧୦' ଉତ୍ତର ଅକ୍ଷାଂଶରେ ଅବସ୍ଥିତ ଥିବାବେଳେ ସୋନପୁର ୨୦°, ୧୦' ଉତ୍ତର ଅକ୍ଷାଂଶରେ ଅବସ୍ଥିତ । ସମ୍ଭବତଃ ବରାହମିହିର ଭାରତର ମୂଳ ମଧ୍ୟରେଖା (Prime Meridian) ୮୨½° ପୂର୍ବକୁ ଏଠାରେ ଉଲ୍ଲେଖ କରିଛନ୍ତି । ତଦନୁଯାୟୀ ଲଙ୍କା ଉଜ୍ଜୟିନୀର (୭୫° ୪୯' ପୂର୍ବ) ପୁରୋଭାଗରେ ବା ସମ୍ମୁଖରେ ଗତି କରିଥିବା ମଧ୍ୟରେଖା ଉପରେ ଅବସ୍ଥିତ । ଏହି ଦୃଷ୍ଟିରୁ ବିଚାର କଲେ ମଧ୍ୟପ୍ରଦେଶର ଜବଲପୁର, ମହାରାଷ୍ଟ୍ରର ନାଗପୁର, ଆନ୍ଧ୍ରପ୍ରଦେଶର ଓ୍ୱାରଙ୍ଗଲ, ଗୁଣ୍ଟୁର, ନେଲୋର୍, ତାମିଲନାଡୁର ଉପକୂଳ ଅଞ୍ଚଳ ପ୍ରଭୃତି ଦେଇ ମୂଳ ମଧ୍ୟରେଖା ଗତି କରିଥିବାରୁ ଏହି ସ୍ଥାନମାନଙ୍କ ମଧ୍ୟରୁ କୌଣସି ଏକ ସ୍ଥାନକୁ ପ୍ରାଚୀନ ଲଙ୍କା ରୂପେ ଚିହ୍ନିତ କରାଯାଇପାରେ ।

## ସେତୁବନ୍ଧ :

ଲଙ୍କାର ଅବସ୍ଥିତି ନିର୍ଣ୍ଣୟ କରିବାରେ ରାମାୟଣ ସହ ସଂଶ୍ଳିଷ୍ଟ ଅନେକ ସ୍ଥାନର ଭୌଗୋଳିକ ଅବସ୍ଥିତି, ପରମ୍ପରା, ଐତିହାସିକ ଘଟଣା ଓ ଚରିତ ତଥା ସର୍ବୋପରି ପ୍ରତ୍ନତତ୍ତ୍ୱର ସହାୟତାର ଭୂମିକା ରହିଅଛି । ଉଦାହରଣ ସ୍ୱରୂପ, ରାମେଶ୍ୱରମ୍ ଠାରେ ସେତୁବନ୍ଧ ନିର୍ମାଣକରି ରାମଚନ୍ଦ୍ରଙ୍କର ବାନରସେନା ଲଙ୍କା ପ୍ରବେଶ କରିଥିଲେ ବୋଲି ରାମାୟଣରେ ବର୍ଣ୍ଣିତ ଅଛି । ଶ୍ରୀ ସି· କେ ଦେଓଙ୍କ ମତାନୁଯାୟୀ ଭାରତଭୂଖଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଥିବା ପାକ୍ ପ୍ରଣାଳୀର ଆଡ଼ାମଙ୍କ ସେତୁ (Adam's bridge) ଏକଦା ଏକ ଯୋଜକ ଥିଲା । ଭାରତ ଭୂଖଣ୍ଡ ଓ ରାମେଶ୍ୱରମ୍ ଦ୍ୱୀପକୁ ସଂଯୋଗ କରୁଥିବା ପମ୍ବନ୍ ରେଲପୋଲ ନିକଟବର୍ତ୍ତୀ ଏକ ପ୍ରାଚୀର ସଦୃଶ ପ୍ରସ୍ତରମାନ ସ୍ଥାପତ୍ୟ (Broad masonary)ର କିଛି ଅଂଶ ସମୁଦ୍ର ମଧ୍ୟରେ ନିମଜ୍ଜିତ ଓ ଅନ୍ୟ କେତେ ଅଂଶ ସ୍ଥଳଭାଗ ଉପରେ ପରିଦୃଷ୍ଟ ହୁଏ । ପୁଣି ରାମନାଡ଼

(ତାମିଲନାଡ଼ୁ ଅନ୍ତର୍ଗତ) ରାଜା ନଳଙ୍କ ସେତୁପଥ ରୂପେ ବର୍ଣ୍ଣନା କରିଛନ୍ତି । ସମ୍ଭବତଃ ଉକ୍ତ ଯୋଜନ ସମୟକ୍ରମେ ଧ୍ୱଂସପ୍ରାପ୍ତ ହୋଇଅଛି । କୃତ୍ରିମ ଉପଗ୍ରହ ମାଧ୍ୟମରେ ରାମେଶ୍ୱରମ୍ ଦ୍ୱୀପ ଓ ଶ୍ରୀଲଙ୍କାର ଜାଫ୍‌ନା ଉପଦ୍ୱୀପ ମଧ୍ୟରେ ଏକ ସଂଯୋଗକାରୀ ପଥର ସନ୍ଧାନ ମିଳିବାର ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ଭୌଗଳିକମାନଙ୍କ ମତରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମୁଦ୍ର ବକ୍ଷରେ ଥିବା ଶିଳାଖଣ୍ଡ ସବୁ ପ୍ରାକୃତିକ ସୃଷ୍ଟି । ପୁଣି ରାମାୟଣରେ ବର୍ଣ୍ଣନାନୁଯାୟୀ ସେତୁବନ୍ଧର ଦୈର୍ଘ୍ୟ ଓ ପ୍ରସ୍ଥ ଶତ ଯୋଜନ (୮୦୦ ମାଇଲ) ଲେଖାଏଁ ଥିଲା । ଏହା ଯଦି ସତ୍ୟ, ତେବେ ଏହା ପ୍ରାଚୀନ କାଳରୁ ବର୍ତ୍ତମାନ ଯାଏ ନିର୍ମିତ ହୋଇଥିବା ସେତୁ ମାନଙ୍କ ମଧ୍ୟରେ ସର୍ବ ବୃହତ୍ତ୍ର । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏହି ସେତୁର ଗୋଟିଏ ପଟରେ ବିଭୀଷଣ ଓ ଅନ୍ୟ ପଟରେ ବାନର ସେନାଙ୍କର କଥୋପକଥନ ରାମାୟଣର ବର୍ଣ୍ଣନାରେ ରହିଅଛି । ଏଥିରୁ ସ୍ପଷ୍ଟ ଯେ, ସେସବୁର ଆୟତନ ବର୍ଣ୍ଣନାରେ ଅତିରଂଜନର ଆଶ୍ରୟ ନିଆ ଯାଇଛି । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପାକ୍ ପ୍ରଣାଳୀର ବ୍ୟବଧାନ ୨୦୦ କି. ମି. ମଧ୍ୟରେ । ତେଣୁ ଉଭୟ ପାର୍ଶ୍ୱରେ ଥିବା ଲୋକଙ୍କ କଥୋପକଥନ କଦାପି ସମ୍ଭବପର ନୁହେଁ । ସେତୁବନ୍ଧ ଯେ ଅନତିଦୀର୍ଘ ଓ ସମୁଦ୍ର ବକ୍ଷରେ ନିର୍ମିତ ନୁହେଁ, ଏହା ସ୍ପଷ୍ଟରୂ ପ ବୁଝାଯାଉଛି । ପୁନଶ୍ଚ ରାମେଶ୍ୱରମ୍‌ର ଶିବ ଲିଙ୍ଗ ସମ୍ବନ୍ଧରେ ଯେଉଁ କିମ୍ବଦନ୍ତୀ ଅଛି "ସୀତାୟା ସ୍ଥାପିତ ଲିଙ୍ଗଂ ରାମଚନ୍ଦ୍ରେଣ ପୂଜିତା" ତାହାର କୌଣସି ଭିତ୍ତି ନାହିଁ । ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଏହି ଲିଂଗ ସ୍ଥାପିତ ହୋଇଥିବା ଧାରଣା ମଧ୍ୟ ଭ୍ରମାତ୍ମକ । ବସ୍ତୁତଃ ଷୋଡ଼ଶ ଶତାବ୍ଦୀ ପୂର୍ବେ ରାମେଶ୍ୱରମ ନାମକ ସ୍ଥାନ ଥିବାର ଜଣାଯାଏ ନାହିଁ । ସେହି ଶତାବ୍ଦୀରେ ଶିବ ମନ୍ଦିର ନିର୍ମାଣ ପରେ ଉକ୍ତ ସ୍ଥାନ ଯେ ରାମସୀତାଙ୍କ ସହ ସଂଶ୍ଳିଷ୍ଟ ଏକ ତୀର୍ଥସ୍ଥାନ ରୂପେ ପରିଗଣିତ ହୋଇଅଛି !

## ଦଣ୍ଡକାରଣ୍ୟ ଓ ପଞ୍ଚବଟୀ :

ପଞ୍ଚବଟୀର ଅବସ୍ଥିତି ନେଇ ଐତିହାସିକ ମାନଙ୍କ ମଧ୍ୟରେ ମତଦ୍ୱୈଧ ଦେଖାଯାଏ । ଭଣ୍ଡାରକର ଏହା ମହାରାଷ୍ଟ୍ରର ନାସିକ ଅଞ୍ଚଳରେ ଓ କେ. ଡ଼ି. ବାଜପେୟୀ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରେ ଅବସ୍ଥିତି ଥିବା ଯୁକ୍ତି କରିଛନ୍ତି । ଉତ୍ତର ପ୍ରଦେଶର ଲଳିତପୁର ଜିଲାର ଦେଓଗଡ, ମଧ୍ୟପ୍ରଦେଶର ପାନ୍ନା ଜିଲ୍ଲାର ନଚନା, ଜବଲପୁର ଜିଲ୍ଲାର ତିଗୁଆ, ବିଲାସପୁର ଜିଲ୍ଲାର ଖରୋଦ, ଶବରୀ ନାରାୟଣ, ରତନପୁର, ପାଲି ଓ ଜାଞ୍ଜଗିର, ରାୟପୁର ଜିଲ୍ଲାର ସିରପୁର ପ୍ରଭୃତି ସ୍ଥାନରେ କେବଳ ରାମବନବାସ ସମ୍ପୃକ୍ତ ଚିତ୍ର ଓ ଖୋଦନକଳା ଦୃଷ୍ଟି

ଗୋଚର ହୁଏ । ଚିତ୍ରକୂଟ ଛାଡ଼ିବା ପରେ, ସମ୍ଭବତଃ ରାମ ଏହି ଅଞ୍ଚଳରେ ଭ୍ରମଣ କରିଥିଲେ । ସେ କଳାହାଣ୍ଡି, କୋରାପୁଟ ଜିଲ୍ଲା ଦେଇ ଯାତ୍ରା କରିଥିବାର ସୂଚନା ବୋଣ୍ଡା ଅଧିବାସୀଙ୍କ ମଧ୍ୟରେ ପ୍ରଚଳିତ କିମ୍ବଦନ୍ତୀ ଓ କୋରାପୁଟର ରାମଗିରି ଓ ରାମାଶ୍ରମ ସହ ଜଡ଼ିତ ରାମ ସୀତା ଉପାଖ୍ୟାନରୁ ମିଳେ । ଆଧୁନିକ ନୂଆପଡ଼ା ଜିଲ୍ଲାର ପାତାଳ ଗଂଗା ସଂପର୍କିତ କିମ୍ବଦନ୍ତୀ ସେଠାରେ ରାମ, ସୀତା ଓ ଲକ୍ଷ୍ମଣଙ୍କର ସ୍ୱଳ୍ପକାଳର ଅବସ୍ଥାନର ସୂଚନା ଦିଏ । ରାମଚନ୍ଦ୍ର ଯଦି ଦକ୍ଷିଣ ପଶ୍ଚିମ ଦିଗରେ ଚିତ୍ରକୂଟରୁ ଯାତ୍ରା କରିଥାନ୍ତେ, ତେବେ ନର୍ମଦା ନଦୀ ପାର ହେବାକୁ ପଡ଼ିଥାନ୍ତା । ବାଲ୍ମୀକି ନର୍ମଦା ନଦୀର ବର୍ଣ୍ଣନା ପଞ୍ଚବଟୀ ପ୍ରସଙ୍ଗରେ ପ୍ରଦାନ କରି ନଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ ।

ବସ୍ତର-କୋରାପୁଟ-କଳାହାଣ୍ଡି ଅଞ୍ଚଳରୁ ଆରମ୍ଭ କରି ଗୋଦାବରୀ ଉପତ୍ୟକା ପର୍ଯ୍ୟନ୍ତ ଘନ ଅରଣ୍ୟ ବ୍ୟାପି ରହିଥିଲା । ପୁରାଣ ମାନଙ୍କରେ ତଥା ରାମାୟଣରେ ତାହା ନୀଳ, ଦଣ୍ଡକ, ମଧୁକ, ପଞ୍ଚବଟୀ, ଜୋଞ୍ଜାଳୟ ଆଦି ନାମରେ ଖ୍ୟାତ । ବାଲ୍ମୀକିଙ୍କ ସମୟରେ ପ୍ରୋକ୍ତ ଅଞ୍ଚଳ ଦଣ୍ଡକାରଣ୍ୟର ପଞ୍ଚବଟୀ ଅଂଶ ରୂପେ ପରିଚିତ ଥିବାର ଅନୁମାନ କରାଯାଏ । ଗୋଦାବରୀ କୂଳସ୍ଥିତ ପଞ୍ଚବଟୀଠାରେ ଏକ ପର୍ଣ୍ଣକୁଟୀର ରଚନା କରି ରାମ ବାସକରିଥିଲେ । ଏହିଠାରୁ ଲଙ୍କାର ରାଜା ରାବଣ କର୍ତ୍ତୃକ ସୀତା ଅପହୃତ ହୋଇଥିବା ଅନୁମେୟ ।

ଦଣ୍ଡକାରଣ୍ୟ ଲଙ୍କାର କର୍ତ୍ତୃତ୍ୱାଧୀନ ଥିବା ବା ଅନ୍ତତଃ ପ୍ରଭାବ-ମଣ୍ଡଳ (Sphere of influence) ମଧ୍ୟରେ ରହିଥିବା ଅନୁମେୟ । ଏଥିରେ ଆର୍ଯ୍ୟ ରାମଚନ୍ଦ୍ରଙ୍କର ଅନୁପ୍ରବେଶ ରାକ୍ଷସମାନଙ୍କ ପ୍ରତି ଏକ ଆହ୍ୱାନ ଥିଲା ଅଥବା ଏହାକୁ ଆଳକରି ଦୀର୍ଘ ପ୍ରତୀକ୍ଷିତ ଆର୍ଯ୍ୟ-ରାକ୍ଷସ ସଂଗ୍ରାମର ଯେ ସୂତ୍ରପାତ ହୋଇ ଥାଇ ପାରେ ଏ ସମ୍ବନ୍ଧରେ ଅନ୍ୟତ୍ର ବିଶଦ ଆଲୋଚନା କରାଯିବ ।

## କିଷ୍କିନ୍ଧା :

ରାମାୟଣର ଅନ୍ୟାନ୍ୟ ସ୍ଥାନ ପରି କିଷ୍କିନ୍ଧା ରାଜ୍ୟର ଅବସ୍ଥିତି ନେଇ ମତଦ୍ୱୈଧ ରହିଛି । ରାଜସ୍ଥାନର ଯୋଧପୁର ନିକଟସ୍ଥ କେକିନ୍ଦ, ତୁଙ୍ଗଭଦ୍ରା ନଦୀକୂଳସ୍ଥ ଅନେଗୁଣ୍ଡି ପ୍ରଭୃତି ସ୍ଥାନକୁ କିଷ୍କିନ୍ଧା ସହ ଚିହ୍ନିତ କରାଯାଏ । ଏହି ସ୍ଥାନମାନଙ୍କରେ ବାଲୀସଂପର୍କୀୟ ଅନେକ କିମ୍ବଦନ୍ତୀ ପ୍ରଚଳିତ । ରାମାୟଣର ବର୍ଣ୍ଣନାନୁସାରେ ବିନ୍ଧ୍ୟ ଓ ମହେନ୍ଦ୍ର ମଧ୍ୟବର୍ତ୍ତୀ ଗିରି ସଂକଟରେ

କର୍ଣ୍ଣିକା ଅବସ୍ଥିତ ଥିଲା । ମତ୍ସ୍ୟ, ବାୟୁ, ମାର୍କଣ୍ଡେୟ ପ୍ରଭୃତି ପୁରାଣମାନଙ୍କରେ ମାଳବ, କରୁଷ, ମେକଲ, ଉତ୍କଳ ସହିତ କର୍ଣ୍ଣିକାର ବର୍ଣ୍ଣନା ଅଛି ଓ ସେସବୁ ରାଜ୍ୟର ଅଧିବାସୀ ମାନଙ୍କୁ "ବିନ୍ଧ୍ୟପୃଷ୍ଠ ନିବାସିନଃ" ବୋଲି ପ୍ରକାଶ କରାଯାଇଅଛି । ବୃହତ ସଂହିତାରେ କର୍ଣ୍ଣିକାକୁ ପୁରିକ, ଦଶାର୍ଣ୍ଣ ପ୍ରଭୃତି ନିଷାଦ ରାଜ୍ୟ ସହ ଓ ପର୍ଣ୍ଣଶବରୀ ଅଞ୍ଚଳ ସହ ମଧ୍ୟ ସଂଶ୍ଳିଷ୍ଟ କରାଯାଇଛି । "କୌମୁଦୀ ମହୋତ୍ସବ" ନାଟକରେ ପମ୍ପାସର ନିକଟରେ ଏହାର ଅବସ୍ଥିତିର ବର୍ଣ୍ଣନା ମିଳେ । ଏହିସବୁ ବିଷୟ ବିଚାରକୁ ନେଲେ କର୍ଣ୍ଣିକା ଛତିଶଗଡ ଅଞ୍ଚଳରେ, ସମ୍ଭବତଃ ବିଲାସପୁର ଜିଲ୍ଲାରେ ଥିବାର କୁହାଯାଇପାରେ ।

ଡଃ ସାହୁଙ୍କର ମତରେ ରାମ ବିଲାସପୁର ଅଞ୍ଚଳରୁ ମହାନଦୀ ଉପତ୍ୟକା ବାଟ ଦେଇ ଲଙ୍କାଗଡ଼ ବିରୁଦ୍ଧରେ ଯୁଦ୍ଧ ଅଭିଯାନ କରିଥିବାର ସମ୍ଭାବନା । କର୍ଣ୍ଣିକାର ଓରାଂ, ଶବର ପ୍ରଭୃତି ଅର୍ଦ୍ଧବିକଶିତ ଜାତିମାନଙ୍କୁ ରାମାୟଣର ଋକ୍ଷ, ବାନର ରୂପେ ସେ ଗ୍ରହଣ କରିଛନ୍ତି । ଦଣ୍ଡକାରଣ୍ୟ ପଞ୍ଚବଟୀ ଓ କର୍ଣ୍ଣିକାର ଭୌଗଳିକ ଅବସ୍ଥିତିକୁ ବିଚାର କରି ଡଃ ସାହୁ ଓଡ଼ିଶାର ମହାନଦୀର ଅବବାହିକାରେ ଲଙ୍କାରାଜ୍ୟ ଅବସ୍ଥିତ ଥିବାର ମତ ପ୍ରଦାନ କରିଛନ୍ତି ।

## ତିବ୍ବତୀୟ ପରମ୍ପରା :

ତିବ୍ବତରୁ ମିଳିଥିବା ଲାମା ତାରାନାଥ ଓ ପାଗ୍‌ସାମ ଜୋନ୍ ଜାଙ୍ଗ ନାମକ ଗ୍ରନ୍ଥରେ ବର୍ଣ୍ଣିତ ଲଙ୍କାକୁ ସୋନପୁର ସହ ଚିହ୍ନିତ କରାଯାଇଛି । ଉଡ୍ଡୀୟାନ ଦେଶରେ ସମ୍ଭଲ ଓ ଲଙ୍କା ରାଜ୍ୟଦ୍ୱୟର ଅବସ୍ଥିତି ଉଲ୍ଲେଖ କରାଯାଇଛି । ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ସମ୍ଭଲର ରାଜା ଇନ୍ଦ୍ରଭୂତିଙ୍କ ଭଗିନୀ ଲକ୍ଷ୍ମୀକରା ଲଙ୍କା ରାଜ୍ୟର ରାଜା ଜଳେନ୍ଦ୍ରଙ୍କ ପୁଅକୁ ବିବାହ କରିଥିବାର ତିବ୍ବତୀୟ ଗ୍ରନ୍ଥ ମାନଙ୍କରୁ ଜଣାପଡ଼ୁଛି । ଡଃ ସାହୁ ସମ୍ଭଲକୁ ଆଧୁନିକ ସମ୍ବଲପୁର ଓ ଲଙ୍କାକୁ ତତ୍ସନ୍ନିକଟ ସୋନପୁର ଅଞ୍ଚଳ ସହିତ ଚିହ୍ନିତ କରିଅଛନ୍ତି ।

## ପଶ୍ଚିମ ଓଡ଼ିଶାରେ ଲଙ୍କା ପରମ୍ପରା :

ବୋଡ଼ାସମ୍ବର ଅଞ୍ଚଳର ବିଂଝାଲ ମାନଙ୍କର ପ୍ରଚଳିତ ଲୋକକଥାରୁ ଜଣାପଡ଼େ ଯେ ଏକଦା ସେମାନଙ୍କର ରାଜ୍ୟରେ ଅରାଜକତା ସୃଷ୍ଟି ହେବାରୁ ସେମାନେ ଲଙ୍କାର ଜଣେ ରାଜକୁମାରଙ୍କୁ ଆଣି ନିଜ ଅଞ୍ଚଳରେ ରାଜା କରାଇ ଥିଲେ । ଗଣ୍ଡ ଜାତିର ଲୋକେ ଆଜି ପର୍ଯ୍ୟନ୍ତ ନିଜକୁ ରାବଣବଂଶୀ ବୋଲି କହୁଛନ୍ତି । ଗଡ଼ମଣ୍ଡଳର ପ୍ରଥମ-ଗଣ୍ଡରାଜା ସଂଗ୍ରାମ ସାହି (୧୫୧୩-୧୫୪୧ ଖ୍ରୀ)

ନିଜର ସ୍ୱର୍ଣ୍ଣମୁଦ୍ରାରେ "ପୁଲସ୍ତ୍ୟବଂଶ ସଂଗ୍ରାମ ସାହି" ରୂପେ ନିଜକୁ ଉଲ୍ଲେଖ କରିଛନ୍ତି । ଛତିଶଗଡ଼ ଓ ପଶ୍ଚିମ ଓଡ଼ିଶାର ଓରାଂ, ଶବର ପ୍ରଭୃତି ଜାତିର ଲୋକଗୀତିରେ ମଧ୍ୟ ଲଙ୍କା ଓ ରାବଣ ସଂପର୍କରେ ଅନେକ ସୂଚନା ରହିଛି ।

## ପ୍ରତ୍ନତାତ୍ତ୍ୱିକ ଅବଶେଷ :

ସୋନପୁର ନିକଟସ୍ଥ ଅସୁରଗଡ଼ର ଖନନ ପରେ ଭଗ୍ନାବଶେଷ ମିଳିଛି ବୋଲି କୁହାଯାଏ । ସେଠାରେ ଏକ ବିରାଟ ଦୁର୍ଗର ପ୍ରାଚୀର ମୃତ୍ତିକା ଓ ଇଷ୍ଟକରେ ନିର୍ମିତ ବୋଲି କୁହାଯାଇଛି । ଏତଦ୍‌ଭିନ୍ନ ବହୁ ମାଟିପାତ୍ର (Northern Black Polished ଓ Red and Black) ବ୍ରାହ୍ମୀ ଅକ୍ଷର ଲିଖିତ ପାତ୍ର, ତାମ୍ର-ପ୍ରସ୍ତର ଯୁଗର (Chalcolithic Age) ମାଟିପାତ୍ର ଇତ୍ୟାଦିର ସନ୍ଧାନ ମିଳିଥିବାର ଡ଼ଃ ସାହୁ ସୂଚନା ପ୍ରଦାନ କରିଛନ୍ତି । ଅନ୍ୟ ତଥ୍ୟ ସହ ଏସବୁ ବିଷୟକୁ ନେଇ ଏହି ଅଞ୍ଚଳରେ ଏକ ସମୃଦ୍ଧିଶାଳୀ ବୈଭବ ସଂପନ୍ନ ଲଙ୍କାରାଜ୍ୟ ଥିଲା ବୋଲି ସେ ଦୃଢ଼ ମତପୋଷଣ କରିଛନ୍ତି ।

## ରାମାୟଣର ରାମ-ରାବଣ ଯୁଦ୍ଧ :

ମହାକବି ବାଲ୍ମୀକିଙ୍କର ସମୟ ଖ୍ରୀ.ପୂ ୩ୟ-୨ୟ ଶତାବ୍ଦୀ ବୋଲି ନିରୂପଣ କରାଯାଏ । ତାଙ୍କ ବର୍ଣ୍ଣିତ ରାମ-ରାବଣ ଯୁଦ୍ଧ ପ୍ରାଚୀନ ଭାରତର ଏକ ବିଶିଷ୍ଟ ଐତିହାସିକ ଘଟଣା ରୂପେ ବିବେଚିତ । ତତ୍କାଳୀନ ଭାରତର ରାଜନୈତିକ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବାସ୍ତବିକ ଏହା ଇକ୍ଷ୍ୱାକୁ ବଂଶୀୟ ଏକ ରାଜକୁମାର ଓ ଅସୁର ସଂପ୍ରଦାୟର ଏକ ରାଜା ମଧ୍ୟରେ ସଂଘଟିତ ଏକ ସାଧାରଣ ଯୁଦ୍ଧ । ଏହା ସତ୍ୟ ଘଟଣା ବୋଲି ମନେ ହୁଏ । ବାଲ୍ମୀକି କିନ୍ତୁ ନିଜ କାବ୍ୟିକ ଛଟାରେ ରାମ ଓ ରାବଣକୁ ତତ୍କାଳୀନ ଦୁଇଟି ସଂସ୍କୃତିର ପ୍ରତିଭୂରୂପେ ଉପସ୍ଥାପନ କରିଛନ୍ତି । ଆର୍ଯ୍ୟ ସଂସ୍କୃତିର ପ୍ରତିନିଧିରୂପେ ରାମ ଓ ରାକ୍ଷସ ସଂସ୍କୃତିର ପ୍ରତିନିଧିରୂପେ ରାବଣ, ଏହି ଉଭୟଙ୍କୁ ପରାକ୍ରମଶାଳୀ ଯୋଦ୍ଧା ଓ ବୀରରୂପେ ବାଲ୍ମୀକି ନିଜ ତୁଳିରେ ଆଙ୍କି ସଫଳତା ହାସଲ କରିଛନ୍ତି । ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସଂଘର୍ଷ ଭାରତବର୍ଷରେ ରାମାୟଣ କାଳର ବହୁ ପୂର୍ବରୁ ଲାଗି ରହିଥିଲା । ଆର୍ଯ୍ୟ ଋଷିମାନେ ନିଜର ସଭ୍ୟତା ଓ ସଂସ୍କୃତି ପରିପ୍ରସାର ନିମିତ୍ତ ବିନ୍ଧ୍ୟ ଅତିକ୍ରମ କରି ଦାକ୍ଷିଣାତ୍ୟରେ ନିଜର ଆଶ୍ରମ ସ୍ଥାପନ କରିଥିଲେ । ଏମାନଙ୍କ ମଧ୍ୟରୁ ଅଗସ୍ତିଙ୍କ ନାମ ଉଲ୍ଲେଖଯୋଗ୍ୟ । ପକ୍ଷାନ୍ତରରେ, ରାବଣ ଏକ ନୂତନ ସଂସ୍କୃତି ରାକ୍ଷସ ସଂସ୍କୃତିର ପ୍ରବର୍ତ୍ତକ ଓ ପୁରୋଧା । ବ୍ରାହ୍ମଣ ଋଷି ବିଶ୍ରବା ଓ ରାକ୍ଷସୀ କୈକଷୀର ସନ୍ତାନ ସେ ।

ବ୍ରାହ୍ମଣର ସଂସ୍କାର ଲଭ କରିଥିଲେ ମଧ୍ୟ ମାମୁଁ ଅଜା ସୁମାଲୀର ରାଜନୈତିକ ବିଶ୍ୱର ଧାରାରେ ସେ ବେଶ୍ ତାଲିମ୍‌ପ୍ରାପ୍ତ । ସେ ବିନ୍ଧ୍ୟ ପର୍ବତର ଦକ୍ଷିଣାଞ୍ଚଳକୁ ନିଜ କର୍ତ୍ତୃତ୍ୱାଧୀନରେ ରଖି ଆର୍ଯ୍ୟ ସଂସ୍କୃତିର ପ୍ରତିରୋଧ କରିବାର ପ୍ରୟାସ କରିଛି । ରାମଚନ୍ଦ୍ର ଆର୍ଯ୍ୟାବର୍ତ୍ତ ତ୍ୟାଗ କରି ଦାକ୍ଷିଣାତ୍ୟରେ ଅନୁପ୍ରବେଶ କରିବାକୁ ଆର୍ଯ୍ୟ ମାନଙ୍କର ଆସ୍ପର୍ଦ୍ଧା ଓ ଲଙ୍କା ପ୍ରତି ଏକ ପ୍ରତୀକ ଅହ୍ୱାନ ରୂପେ ରାବଣ ବିବେଚନା କରିଛି । ରାମ ଆର୍ଯ୍ୟାବର୍ତ୍ତର ଏକ ପ୍ରମୁଖ, ପ୍ରାଚୀନ ରାଜବଂଶର ପ୍ରତିନିଧି ରୂପେ ରାକ୍ଷସ ସଂସ୍କୃତିକୁ ପ୍ରତିହତ କରିବାର ପ୍ରୟାସୀ ହୋଇଛନ୍ତି । ସେ କିନ୍ତୁ ଆର୍ଯ୍ୟାବର୍ତ୍ତର ରାଜାମାନଙ୍କର ସାହାଯ୍ୟ ସହଯୋଗ ନ ନେଇ ରାବଣର ଆର୍ଯ୍ୟେତର ଶତ୍ରୁ, ଋକ୍ଷ ବାନରଙ୍କ ସହ ବନ୍ଧୁତା ସ୍ଥାପନ କରି ସେମାନଙ୍କର ସହାୟତାରେ ରାବଣ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଏହା ରାମଚନ୍ଦ୍ରଙ୍କର ଏକ ଚମତ୍କାର ରାଜନୈତିକ କୌଶଳ । ଆର୍ଯ୍ୟାବର୍ତ୍ତ ଓ ରାକ୍ଷସ ପ୍ରଭାବ-ମଣ୍ଡଳ ମଧ୍ୟରେ ଅବସ୍ଥିତ ଋକ୍ଷ, ବାନରଙ୍କ ରାଜ୍ୟ ଯେ ରାକ୍ଷସ ପ୍ରଭାବକୁ ପ୍ରତିରୋଧ କରିବ ଓ ଆର୍ଯ୍ୟାବର୍ତ୍ତ ଉପରେ ଅନୁପ୍ରବେଶ କରିବାର ସୁଯୋଗ ଦେବ ନାହିଁ, ସେଥିପାଇଁ ସେ ମଧ୍ୟ ପ୍ରବଳ ପରାକ୍ରମୀ ବାଲୀକୁ ବଧ କରି ବଶମ୍ବଦ ସୁଗ୍ରୀବକୁ ବାନର ଅଧିପତି ରୂପେ ଅଧିଷ୍ଠିତ କରାଇଛନ୍ତି । ପୁନଶ୍ଚ, ଲଙ୍କାର ଅଧିପତି ରାବଣର ଅନୁଜ ବିଭୀଷଣଙ୍କୁ କୂଟନୀତି ପ୍ରୟୋଗ କରି ନିଜ ପକ୍ଷକୁ ଆଣି ରାକ୍ଷସ କୂଟନୀତି ଓ ରଣନୀତିର ଭେଦ ଜାଣିବାରେ ସମର୍ଥ ହୋଇଛନ୍ତି । ଯାହାହେଉ, ରାବଣର ପରାଜୟ ସହ ରାକ୍ଷସ ସଂସ୍କୃତି ଏକ ପ୍ରଚଣ୍ଡ ଆଘାତ ପ୍ରାପ୍ତ ହୋଇଛି । ବିଭୀଷଣ ଲଙ୍କାର ଅଧୀଶ୍ୱର ରୂପେ ରାମଚନ୍ଦ୍ରଙ୍କର ବଶ୍ୟତା ସ୍ୱୀକାର କରିବା ଫଳରେ ଦୀର୍ଘ ସମୟର ଆର୍ଯ୍ୟ-ଅନାର୍ଯ୍ୟ ସଂସ୍କୃତିର ସଂଘର୍ଷରେ ଭଟ୍ଟା ପଡ଼ିଛି । ଆର୍ଯ୍ୟ ସଂସ୍କୃତି ରାକ୍ଷସ ସଂସ୍କୃତିକୁ ନିଜ କର୍ତ୍ତୃତ୍ୱାଧୀନ କରିବାରେ ସଫଳ ହୋଇଛି । ମୋଟ ପକ୍ଷରେ ଏହି ଦୁଇ ସଂସ୍କୃତିର ସମନ୍ୱୟ ଆର୍ଯ୍ୟ ତଥା ଭାରତ ଭୂଖଣ୍ଡ ପକ୍ଷରେ ଶୁଭଙ୍କର ହୋଇଛି ।

## ଉପସଂହାର :

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ରାବଣର ଲଙ୍କା ଓ ଆଧୁନିକ ଶ୍ରୀଲଙ୍କା ସମାନ ନୁହେଁ । ଶ୍ରୀଲଙ୍କା ବା ପ୍ରାଚୀନ ସିଂହଳ ଓ ଲଙ୍କା ଦୁଇଟି ବିଭିନ୍ନ ରାଜ୍ୟ ରୂପେ ଅବସ୍ଥିତ ଥିବାର ଭୂୟସୀ ପ୍ରମାଣ ଆମେ ଆଲୋଚନା କରିଅଛୁ । ଦଣ୍ଡକ, ପଞ୍ଚବଟୀ, କିଷ୍କିନ୍ଧା, ସେତୁବନ୍ଧ ପ୍ରଭୃତିର ଭୌଗଳିକ ଅବସ୍ଥିତି, ପ୍ରତ୍ନତତ୍ତ୍ୱ, ଲୋକ ପରମ୍ପରା ଓ ରାମାୟଣକାଳୀନ ଭାରତର ରାଜନୈତିକ ତଥ୍ୟରୁ ଏହା ସ୍ପଷ୍ଟ ଯେ ଲଙ୍କା ଦାକ୍ଷିଣାତ୍ୟରେ ହିଁ ଅବସ୍ଥିତ ଥିଲା ।

ଡଃ ସାହୁଙ୍କର ଯୁକ୍ତି ବଳିଷ୍ଠ ହେଲେ ମଧ୍ୟ ଅଧୁନା ପ୍ରାପ୍ତ ସ୍ୱଳ୍ପ ଐତିହାସିକ ଉପାଦାନକୁ ନେଇ ସୋନପୁର ଅଞ୍ଚଳକୁ ରାବଣର ଲଙ୍କାରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ତଦ୍‌ବତ୍ ଏହାକୁ ଗୋଦାବରୀ ଉପତ୍ୟକାରେ ମଧ୍ୟ ଅବସ୍ଥାପିତ କରାଯାଇ ପାରିବ ନାହିଁ । ପୁନଶ୍ଚ ରାମାୟଣର ଯୁଦ୍ଧକାଣ୍ଡରେ (୧୨୭ ଅଧ୍ୟାୟ) ଲବଣାର୍ଣ୍ଣବ ସାଗରରେ ସେତୁବନ୍ଧନ ହୋଇଥିବାର ବର୍ଣ୍ଣନା ଥିବା ଦୃଷ୍ଟିରୁ ମହାନଦୀ ବା ଗୋଦାବରୀ କୂଳ ସନ୍ନିକଟ ଅଞ୍ଚଳକୁ ଲଙ୍କା ରାଜ୍ୟ ସହ ଚିହ୍ନିତ କରାଯାଇ ନପାରେ । ଡ଼ଃ ସାହୁ ଏହି ପରିପ୍ରେକ୍ଷୀରେ କରିଥିବା ଯୁକ୍ତି ମହାନଦୀ ଓ ତେଲନଦୀର ସମ୍ମିଳିତ ଜଳରାଶି ଯେ ବାଲ୍ମୀକିଙ୍କ 'ନଦନଦୀପତି' ବା ସାଗର ତାହା କଦାପି ଗ୍ରହଣୀୟ ନୁହେଁ । କେବଳ ସାହିତ୍ୟ ଓ ପରମ୍ପରାକୁ ଭିତ୍ତି କରି ତତ୍‌କ୍ଷଣାତ୍ ସୋନପୁର ବା ଅନ୍ୟ କୌଣସି ଅଞ୍ଚଳକୁ ଲଙ୍କା ରୂପେ ଅଭିହିତ କରିହେବ ନାହିଁ । ରାମାୟଣର ଘଟଣାବଳୀ ଓ ଆଖ୍ୟାୟିକା ଭାରତର ଜନସାଧାରଣଙ୍କର ଅସ୍ଥି-ମଜ୍ଜାଗତ । ଅଯୋଧ୍ୟାରୁ ରାମେଶ୍ୱରମ୍ ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡରେ ଏପରି ସ୍ଥାନ ନାହିଁ ଯେଉଁଠି ରାମାୟଣ ସଂପର୍କିତ କିମ୍ବଦନ୍ତୀର ପ୍ରଚଳନ ନାହିଁ । ଏହି କ୍ଷେତ୍ରରେ କେବଳ ପ୍ରତ୍ନତତ୍ତ୍ୱହିଁ ଲଙ୍କା ନିରୂପଣରେ ଆମର ସହାୟକ ହୋଇପାରେ । କୁରୁକ୍ଷେତ୍ର ସନ୍ନିକଟ ସ୍ଥାନମାନଙ୍କରେ ଯେପରି ମହାଭାରତକାଳୀନ ଅବଶେଷ ପ୍ରାପ୍ତ ହେଉଛି ବା ବେଟ୍-ଦ୍ୱାରିକା ଓ ଓଖାବନ୍ଦର ମଧ୍ୟବର୍ତ୍ତୀ ସ୍ଥାନରେ ସମୁଦ୍ର ଗର୍ଭରେ ଯେପରି ଏକ ପ୍ରାଚୀନ ସଭ୍ୟତାର ଧ୍ୱଂସାବଶେଷ ମିଳୁଛି, ସେହିପରି ଉପାଦାନ ବିନା ଲଙ୍କାର ସ୍ଥିତି ନିର୍ଣ୍ଣୟ ଏକ ଦୁଷ୍କର କାର୍ଯ୍ୟ । ●

# ଓଡ଼ିଶାର ଜାତୀୟ ବୀର ସୁରେନ୍ଦ୍ର ସାଏ ଓ ଡକ୍ଟର ନବୀନ କୁମାର

ଡ଼କ୍ଟର ଜୟ ପ୍ରକାଶ ସାହୁ

ଅତିକାନ୍ତ ସମୟ ଅପହରଣ କରିନିଏ ଅନେକ ସାମାଜିକ ଐଶ୍ୱର୍ଯ୍ୟ । ସ୍ମୃତି କ୍ରମେ ପରିଣତ ହୁଏ ବିସ୍ମୃତିରେ । ଆଧୁନିକ ସଭ୍ୟତା କ୍ରମେ କ୍ରମେ ଭୁଲିଯାଏ ଅତୀତର ମହାର୍ଘ ମୁହୂର୍ତ୍ତିମାନଙ୍କୁ । — ସାଧାରଣ ଐତିହାସିକଙ୍କ ଦୃଷ୍ଟିର ଦିଗ୍‌ବଳୟରୁ ଯାହା ଅନ୍ତର୍ହିତ ହୋଇଯାଇଥାଏ, ଡଃ ନବୀନ କୁମାର ସାହୁଙ୍କ ପରି ବ୍ୟକ୍ତିଙ୍କ ସଂଧାନୀ ଦୃଷ୍ଟି ତାର ପୁନରୁଦ୍ଧାର କଲେ । ସାମ୍ପ୍ରତିକ ସମସ୍ତଙ୍କୁ ପରିଚିତ କରାଇଦିଏ ଅନେକ ବିସ୍ମୃତ, ଅପରିଚିତ, ଅଜ୍ଞାତ ତଥା ଅତିକାନ୍ତ ଅଧ୍ୟାୟ ସହିତ । ମନେହୁଏ, ସତେ ଯେପରି ଡଃ ସାହୁ ଓଡ଼ିଶାର ବିସ୍ମୃତ ଅତୀତକୁ ପୁନରୁଦ୍ଧାର କରିବାର ଦୃଢ଼ ସଂକଳ୍ପନେଇ ଜନ୍ମ ଗ୍ରହଣ କରିଥିଲେ । ଓଡ଼ିଶା ଇତିହାସ ଗବେଷଣା କ୍ଷେତ୍ରରେ ସେ ଥିଲେ ଏକ ପ୍ରଚଣ୍ଡ ମାର୍ତ୍ତଣ୍ଡ ।

ଗୋଟିଏ ଦେଶ ବା ଜାତି ଯେତେବେଳେ ପରାଧୀନତାର ଶିକୁଳିରେ ଆବଦ୍ଧ ହୋଇଥାଏ ଓ ଜାତୀୟ ଜୀବନ ମୃତପ୍ରାୟ ଜଣାପଡ଼େ ସେତେବେଳେ ଯେଉଁ କେତେଜଣ ସାହସୀ ବୀରପୁଙ୍ଗବ ନିଜ ମାତୃଭୂମିର ମୁକ୍ତିକାମନାର୍ଥେ ଜୀବନର ବାଜି ଲଗାଇ ଅବିଶ୍ରାନ୍ତ ସଂଗ୍ରାମ କରିଥାନ୍ତି ଓ ଅନ୍ୟାୟୀ, ଅତ୍ୟାଚାରୀ, କୁଚକ୍ରୀ ବିଦେଶୀ ଶାସକ ବିରୁଦ୍ଧରେ ଜନସଚେତନତା ଜାଗ୍ରତ କରିବାରେ ସକ୍ଷମ ହୋଇଥାନ୍ତି ସେମାନଙ୍କ ମଧ୍ୟରୁ ବୀର ସୁରେନ୍ଦ୍ର ସାଏ ଅଗ୍ରଗଣ୍ୟ । ସେ ଏ ଜାତିର ଚିର ସ୍ମରଣୀୟ, ନମସ୍ୟ । ଡ଼ଃ ନବୀନ କୁମାର ସାହୁ ଅତି ବଳିଷ୍ଠ ଓ ଯୁକ୍ତିଯୁକ୍ତ ରୀତିରେ ଏ ସମ୍ପର୍କିତ ଐତିହାସିକ ତଥ୍ୟ ଓ ସତ୍ୟ ଉପସ୍ଥାପନ କରି ସୁରେନ୍ଦ୍ର ସାଏଙ୍କ ଗର୍ବ ଗୌରବର ଯଥାଯଥ ମୂଲ୍ୟାଙ୍କନ କରିବାରେ ସଫଳ ହୋଇଛନ୍ତି ।

ଲର୍ଡ଼ ଡେଲହାଉସୀଙ୍କ ସୁଚିନ୍ତିତ ରାଜ୍ୟସତ୍ତ୍ୱ ଲୋପନୀତିର ପ୍ରୟୋଗରେ ଭାରତର ଅନେକ ପ୍ରାଦେଶିକ ରାଜ୍ୟ ଧୀରେ ଧୀରେ ଉଚ୍ଛେଦ ହୋଇ ସାମ୍ରାଜ୍ୟ-ବାଦୀ ଇଂରେଜ ଶାସନାଧୀନ ହୋଇଥିଲା । ସମ୍ବଲପୁର ରାଜ୍ୟର ଭୌଗଳିକ

ଅବସ୍ଥିତିର ଗୁରୁତ୍ୱ ଇଂରେଜମାନଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡ଼ିନଥିଲା । ଇଂରେଜ ସାମ୍ରାଜ୍ୟ ସହ ସଂବଲପୁର ରାଜ୍ୟର ମିଶ୍ରଣ ପାଇଁ ସେମାନେ ଦୁର୍ବାର ଚେଷ୍ଟା କଲେ ଏବଂ ତାଙ୍କ ରାସ୍ତାରେ ହିମାଳୟ ସଦୃଶ ଦଣ୍ଡାୟମାନ ହୋଇଥିଲେ ବୀର ସୁରେନ୍ଦ୍ର ସାଏ । ପ୍ରବଳ ପରାକ୍ରମୀ ବ୍ରିଟିଶ ସରକାରଙ୍କ ହୀନ ତଥା ଘୃଣ୍ୟ ଚକ୍ରାନ୍ତ ବିରୁଦ୍ଧରେ ପ୍ରବଳ ଜନସଚେତନତା ଜାଗ୍ରତ କରି ସେ ଏକ ସୁସଙ୍ଗଠିତ ସଶସ୍ତ୍ର ସଂଗ୍ରାମର ଯୋଜନା କରି ମାତୃଭୂମିର ସ୍ୱାଧୀନତା ରକ୍ଷାପାଇଁ ଆପ୍ରାଣ ଚେଷ୍ଟା କରିଥିଲେ ।

ସୁରେନ୍ଦ୍ର ନିଜ ଅମୂଲ୍ୟ ଜୀବନର ଦୀର୍ଘ କୋଡ଼ିଏ ବର୍ଷକାଳ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇ ବ୍ରିଟିଶ ସାମ୍ରାଜ୍ୟର ସ୍ଥିତି ପ୍ରତି ଭୀତି ସଞ୍ଚାର କରିଥିଲେ । ସେ ସୁଦୀର୍ଘ ସଇଁତିରିଶ ବର୍ଷକାଳ କାରାଗାର ମଧ୍ୟରେ ଆବଦ୍ଧ ରହିଥିଲେ । ତାଙ୍କ ପଞ୍ଚସ୍ତରି ବର୍ଷର ଜୀବନକାଳ ମଧ୍ୟରୁ ଦୀର୍ଘ ସତାବନ ବର୍ଷ ମାତୃଭୂମି ପାଇଁ ବିତିଯାଇଥିଲା । ସୁରେନ୍ଦ୍ର ସାଏଙ୍କ ଚରିତ୍ରରେ ଅସୀମ ସାହସ ଓ ଧୈର୍ଯ୍ୟର ଏକତ୍ର ସମାବେଶ ପରିଲକ୍ଷିତ ହୁଏ । ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବର ଦାୟାଦ ନେପୋଲିୟନ ବୋନାପାର୍ଟଙ୍କ ପରି ୧୮୫୭ର ସଶସ୍ତ୍ର ବିଦ୍ରୋହର ସନ୍ତାନ ଥିଲେ ସୁରେନ୍ଦ୍ର ସାଏ । ନେପୋଲିୟନଙ୍କ ପରି ବିଦ୍ରୋହର ପ୍ରବାହରେ ସୁରେନ୍ଦ୍ର ସାଏ ଭାସି ନଥିଲେ, ବରଂ ବିଦ୍ରୋହାଗ୍ନିକୁ ପ୍ରଜ୍ୱଳିତ କରି ଆଗାମୀ କାଲର ମୁକ୍ତି ସଂଗ୍ରାମ ପାଇଁ ପ୍ରସ୍ତୁତିର ପଥ ସୁଗମ କରିଥିଲେ । ଭାରତର ସର୍ବତ୍ର ବିପ୍ଳବାଗ୍ନି ପ୍ରଶମିତ ହୋଇଥିଲେ ମଧ୍ୟ ସମ୍ବଲପୁରରେ ଏହା ବହୁ ସମୟ ପରେ ପ୍ରଶମିତ ହୋଇଥିଲା ଓ ଏହାକୁ ବ୍ରିଟିଶ ସରକାର ସ୍ୱୀକାର ମଧ୍ୟ କରିଛନ୍ତି ।

ସୁରେନ୍ଦ୍ର ସାଏଙ୍କ ସ୍ୱଦେଶ ପ୍ରେମ ଓ ତ୍ୟାଗକୁ ସେତେବେଳେ ବିଦେଶୀ ସରକାର ଲୋକଲୋଚନର ଅଗୋଚରରେ ରଖିବାର ଦୁର୍ବାର ଅପଚେଷ୍ଟା କରିଥିଲେ । କାରଣ ଏହା ସମ୍ବଲପୁରରେ ଇଂରେଜ ଶାସନର ସ୍ଥିତିପାଇଁ ଅତି ଜରୁରୀ ଥିଲା । ଫଳତଃ ସୁରେନ୍ଦ୍ର ସାଏଙ୍କ ସମ୍ପର୍କିତ ତଥ୍ୟାବଳୀକୁ ଦଳି ଦିଆଗଲା ଓ ତାଙ୍କ ସମ୍ବନ୍ଧରେ କୌଣସି ରକମର ପ୍ରକାଶ୍ୟ ଆଲୋଚନା ହୋଇପାରୁ ନଥିଲା । ଏପରିକି ତାଙ୍କର ପୂର୍ଣ୍ଣାଙ୍ଗ ଫଟୋଚିତ୍ରଟିଏ ମଧ୍ୟ ମିଳିବା କଷ୍ଟକର ହୋଇପଡ଼ିଛି କାରଣ ତାଙ୍କର ଫଟୋର ପ୍ରସାର ମଧ୍ୟ ନିଷିଦ୍ଧ ହୋଇଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ, ସୁରେନ୍ଦ୍ର ସାଏଙ୍କ ଲେଶମାତ୍ର ଚିହ୍ନବର୍ତ୍ତି ଯାହାପାଖରେ ବି ଥିଲା ସେମାନଙ୍କୁ ଅକଥନୀୟ ଉତ୍ପୀଡ଼ନର ଶିକାର ହୋଇ ବିଦେଶୀ ସରକାରଙ୍କ ଚକ୍ଷୁଶୂଳ ହେବାକୁ ପଡ଼ୁଥିଲା । ସମସାମୟିକ ଲେଖକମାନେ ମଧ୍ୟ ସୁରେନ୍ଦ୍ର ସାଏଙ୍କ ସଂପର୍କରେ କିଛି ଲିପିବଦ୍ଧ କରିଥିବାର ଜଣାପଡ଼େ

ନାହିଁ । ତେଣୁ ତାଙ୍କ ବାଲ୍ୟଜୀବନର ଅନେକ ତଥ୍ୟ ଏଯାବତ୍ ଅଜ୍ଞାତ ରହି ଯାଇଅଛି ।

ଅପର ପକ୍ଷରେ ସୁରେନ୍ଦ୍ର ସାଏଙ୍କ ଚରିତ୍ରକୁ ଇଂରେଜ ସରକାର ଏକ କିଂଭୂତକିମାକାର ରୂପଦେଇଛନ୍ତି । ସ୍ୱଦେଶ ପ୍ରେମୀ ସୁରେନ୍ଦ୍ର ସାମ୍ରାଜ୍ୟବାଦୀ ବିଦେଶୀ ଶାସକ ଆଖିରେ ଚିତ୍ରିତ ହେଲେ ଏକ ଡକାୟତ, ଦସ୍ୟୁ, ଦେଶଦ୍ରୋହୀ, ବିଶ୍ୱାସଘାତକ ଓ ଲୁଣ୍ଠନକାରୀ ଭାବରେ । ଏଇ ବିକୃତ ତଥା କଦର୍ଯ୍ୟ ଚିତ୍ରଣ ହେତୁ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସୁରେନ୍ଦ୍ର ସାଏଙ୍କ ବାବଦରେ କିଛି ଲିପିବଦ୍ଧ ହୋଇ ପାରିଲାନାହିଁ । କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ଅନେକ ବର୍ଷ ଗଡ଼ିଯାଇଥିଲେ ମଧ୍ୟ ଏଇ ମହାନ୍ ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନର ଆଦର୍ଶ ଠିକ୍‌ରୂପେ ଉପସ୍ଥାପନ କରାଯାଇପାରି ନଥିଲା । ଜାତୀୟବୀର ଓ ଶହୀଦ୍‌ମାନଙ୍କ ନାମ ତାଲିକାରେ ସୁରେନ୍ଦ୍ର ସାଏଙ୍କ ନାମର ଚିହ୍ନବର୍ତ୍ତି ମିଳେନାହିଁ । ସ୍ୱାଧୀନତାର ପରବର୍ତ୍ତୀ କାଳରେ ଯେଉଁ କେତେଜଣ ସୁରେନ୍ଦ୍ର ସାଏଙ୍କ ଜୀବନୀ ଗ୍ରନ୍ଥ ପ୍ରଣୟନ କରିଛନ୍ତି ସେମାନଙ୍କ ମଧ୍ୟରେ କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ହେଉଛନ୍ତି ପ୍ରଥମ । ୧୯୫୮ରେ ଆତ୍ମ ପ୍ରକାଶ କରିଥିଲା ତାଙ୍କର ଗ୍ରନ୍ଥ 'ଚୌହାଣ ବୀର ସୁରେନ୍ଦ୍ର ସାଏ' (୧) । ମୁଖବନ୍ଧରେ ଲେଖକ ନିଜେ କହିଛନ୍ତି ଯେ କିମ୍ବଦନ୍ତୀ ଓ ଜନଶ୍ରୁତି ଗୁଡ଼ିକ ତାଙ୍କୁ ଅନେକ ସ୍ଥାନରେ ସାହାଯ୍ୟ କରିଅଛି । ଏଥିରୁ ପ୍ରକୃତ ଐତିହାସିକ ତଥ୍ୟକୁ ଉଦ୍ଧାର କରିବା ବହୁତ କଷ୍ଟକର ହୋଇପଡ଼େ । ତାଙ୍କ ପରେ ଶ୍ରୀଯୁକ୍ତ ଶିବ ପ୍ରସାଦ ଦାଶ (୨) ସ୍ୱରଚିତ 'ସମ୍ବଲପୁର ଇତିହାସ' ଗ୍ରନ୍ଥରେ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ବାବଦରେ ଅନେକ ନୂତନ ତଥ୍ୟ ଉପସ୍ଥାପନ କଲେ । ପରେ ପରେ ୧୯୬୩ରେ ଶ୍ରୀଯୁକ୍ତ ଅନିରୁଦ୍ଧ ଦାଶ (୩) ଉଭୟ ଓଡ଼ିଆ ଇଂରାଜୀ ଭାଷାରେ 'ବୀର ସୁରେନ୍ଦ୍ର ସାଏ' ଗ୍ରନ୍ଥ ପ୍ରଣୟନ କରି ଅନେକ ନୂତନ ପ୍ରାମାଣିକ ତଥ୍ୟ

---

୧) କବିଭୂଷଣ ସ୍ୱପ୍ନେଶ୍ୱର ଦାଶ — ଚୌହାଣ ବୀର ସୁରେନ୍ଦ୍ର ସାଏ (ନବଜୀବନ ପ୍ରେସ—କଟକ-୨, ୧୯୫୮)

୨। ଶ୍ରୀଯୁକ୍ତ ଶିବ ପ୍ରସାଦ ଦାଶ — ସମ୍ବଲପୁର ଇତିହାସ (ବିଶ୍ୱଭାରତୀ ପ୍ରେସ — ସମ୍ବଲପୁର-୧୯୬୨)

୩। ଅନିରୁଦ୍ଧ ଦାଶ—ବୀର ସୁରେନ୍ଦ୍ର ସାଏ (ବିଦ୍ୟାପୁରୀ, କଟକ-୧୯୬୩)
Life of Surendra Sai(Vidyapuri Cuttack-1963.)

ଉପସ୍ଥାପନ କରିପାରିଛନ୍ତି । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସ(୪) ଇଂରାଜୀ ଭାଷାରେ ଡଃ ହରେକୃଷ୍ଣ ମହତାବଙ୍କ ସଂପାଦନାରେ ପ୍ରକାଶିତ ହେଲା । ଏଥିରେ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମକୁ ଠିକ୍ ଭାବରେ ଉପସ୍ଥାପନ କରିବିବା ପାଇଁ ସଚେତନ ଉଦ୍ୟମ ଲକ୍ଷ୍ୟ କରାଯାଏ । ପୁଣି ୧୯୬୪ରେ ପ୍ରଫେସର ପ୍ରଭାତ ମୁଖାର୍ଜୀ (୫), ଉତ୍କଳ ୟୁନିଭରସିଟି ହିଷ୍ଟ୍ରି ଅଫ୍ ଓଡ଼ିଶା ୬ଷ୍ଠ ଖଣ୍ଡରେ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର ମହତ୍ତ୍ୱ ପ୍ରତିପାଦନରେ ବ୍ୟଗ୍ରତା ପ୍ରକାଶ କରିଛନ୍ତି । କିନ୍ତୁ ଏକଥା ସ୍ୱୀକାର୍ଯ୍ୟ ଯେ ଯେତେସବୁ ଲେଖା ସୁରେନ୍ଦ୍ର ସାଏଙ୍କ ବିଷୟରେ ପ୍ରକାଶିତ ହୋଇଅଛି ସେଗୁଡ଼ିକରେ ଅନେକାଂଶରେ ମତ ପାର୍ଥକ୍ୟ ଦେଖାଯାଏ । ବିଶେଷ ପ୍ରାମାଣିକ ତଥା ଅକାଟ୍ୟ ଯୁକ୍ତିର ଅଭାବ ଅନେକ ସ୍ଥାନରେ ପରିଲକ୍ଷିତ ହୁଏ । ତଥାପି ଉପରୋକ୍ତ ଲେଖକମାନେ ନିଶ୍ଚିତ ଭାବେ ଧନ୍ୟବାଦାର୍ହ । ୧୯୬୪ ମସିହାରୁ ୧୯୮୨ ମସିହା ମଧ୍ୟରେ ସୁରେନ୍ଦ୍ର ସାଏଙ୍କ ଜୀବନୀ ସଂପର୍କିତ କୌଣସି ଗ୍ରନ୍ଥ ପ୍ରକାଶିତ ହୋଇଥିବାର ଲକ୍ଷ୍ୟ କରାଯାଏ ନାହିଁ । ଏ କ୍ଷେତ୍ରରେ ଡଃ ନବୀନ କୁମାର ସାହୁଙ୍କ ସନ୍ଧାନୀ ଦୃଷ୍ଟି ସୁରେନ୍ଦ୍ର ସାଏଙ୍କୁ ଏକ ଜାତୀୟ ବୀର ଭାବରେ ଚିତ୍ରଣ କରି ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିବାରେ ପୂର୍ଣ୍ଣମାତ୍ରାରେ ସମର୍ଥ ହୋଇଅଛି । ତାଙ୍କ ଶେଷ କୃତି 'ବୀର ସୁରେନ୍ଦ୍ର ସାଏ' (୬) ଇଂରାଜୀ ଗ୍ରନ୍ଥରେ ଅମର ଶହୀଦ ସୁରେନ୍ଦ୍ର ସାଏଙ୍କର ଜୀବନୀ ସମ୍ପର୍କିତ ପ୍ରମାଣିକ ତଥ୍ୟାବଳୀର ବୈଜ୍ଞାନିକ ଶୈଳୀରେ ବିଶ୍ଳେଷଣ କରି ତାଙ୍କର ଏକ ଯଥାର୍ଥ ମୂଲ୍ୟାଙ୍କନ କରିପାରିଛନ୍ତି । ଫଳରେ ସୁରେନ୍ଦ୍ର ସାଏ ଆଜି ମହିମାମଣ୍ଡିତ ହୋଇପାରିଛନ୍ତି ।

ସମ୍ବଲପୁରରେ ଇଂରେଜ ଶାସନର ଅବସାନ ନିମନ୍ତେ ସୁରେନ୍ଦ୍ର ସାଏଙ୍କ ସଶସ୍ତ୍ର ବିଦ୍ରୋହକୁ ଅନେକ ସଂକୀର୍ଣ୍ଣ ଦୃଷ୍ଟିରେ ବିଚାର କରୁଥିଲେ । ଯୁକ୍ତି କରନ୍ତି, ସୁରେନ୍ଦ୍ର କେବଳ ନିଜପାଇଁ, ସମ୍ବଲପୁର ରାଜଗାଦୀ ଦାବୀକରି, ସ୍ୱସ୍ୱାର୍ଥ

---

୪। ହରେକୃଷ୍ଣ ମହତାବ — (ସଂ) History of Freedom Movement in Orissa—Vol·2 -1957.

୫। ପ୍ରଭାତ ମୁଖାର୍ଜୀ — Utkal University History of Orissa Vol. VI, 1964.

୬। ଡ଼ଃ ନବୀନ କୁମାର ସାହୁ – Veer Surendra Sai -1985 (Published by Department of culture, Government of Orissa)

ସାଧନ ପାଇଁ ବିଦ୍ରୋହ କରୁଥିଲେ, ଏବଂ ଇଂରେଜ ଶାସନର ଅବସାନ ତାଙ୍କର ଉଦ୍ଦେଶ୍ୟ ନଥିଲା । ତେଣୁ ଯୁକ୍ତି ଉଠେ ସୁରେନ୍ଦ୍ରଙ୍କ ସଂଗ୍ରାମରେ ଜାତୀୟତା ନଥିଲା, ଅଥଚ ଥିଲା ସଂକୀର୍ଣ୍ଣତା ଓ ଆଞ୍ଚଳିକତା । ଏଠାରେ ସ୍ମରଣ କରାଯାଇପାରେ ଯେ, ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟତାର ଭାବ ବିକାଶ ଲାଭ କରିପାରିନଥିଲା ବରଂ ପ୍ରାଦେଶିକ ତଥା ଆଞ୍ଚଳିକ ଜାତୀୟତାର ସ୍ୱର ଖୁବ୍ ପ୍ରଖର ଥିଲା । ୧୮୫୭ ବିପ୍ଳବକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବିବେଚନା କରାଗଲାଣି ଏବଂ ଏହା ଯଥାର୍ଥ ମଧ୍ୟ । ଏହା ଇଂରେଜ-ମାନଙ୍କ ବିରୁଦ୍ଧରେ କେବଳ ବିଦ୍ରୋହୀ ସିପାହୀମାନଙ୍କର ସଶସ୍ତ୍ର ସଂଗ୍ରାମ ନଥିଲା ବରଂ ଏହା ପଛରେ ଥିଲା ପ୍ରବଳ ଜନ ସମର୍ଥନ । କିନ୍ତୁ, ଦୁର୍ଭାଗ୍ୟବଶତଃ, ଏହା ଫଳପ୍ରଦ ହୋଇପାରିନଥିଲା । ଏହି ସଂଗ୍ରାମର ବିପ୍ଳବୀ ନେତୃବୃନ୍ଦ ଥିଲେ ରାଣୀ ଲକ୍ଷ୍ମୀବାଈ, ନାନା ସାହେବ, ତାନ୍ତିଆ ତୋପେ, କୁଅଁର ଜଗଦୀଶ ସିଂ, ରାଜା ଅର୍ଜୁନ ସିଂ ଇତ୍ୟାଦି । ଏମାନେ ସମସ୍ତେ ବିଦେଶୀ ସାମ୍ରାଜ୍ୟବାଦ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିଥିଲେ, ବିଦେଶୀ ଶାସନର ଅବସାନ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । କିନ୍ତୁ ଏମାନେ କେବେ ମଧ୍ୟ ସମଗ୍ର ଦେଶକୁ—କାଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ ଭାରତବର୍ଷକୁ ଆଖି ଆଗରେ ରଖି କିମ୍ବା ସର୍ବଭାରତୀୟ ଜାତୀୟତାଭାବର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଲଢ଼ିଥିଲେ, ସେଇଟା କଳ୍ପନା କରିବା ଠିକ୍ ହେବନାହିଁ । କାରଣ ସେହି ଚେତନା, ସେହି ଐକ୍ୟଭାବ ସେତେବେଳେ ଜନ୍ମଲାଭ କରି ନଥିଲା । ରାଣୀ ଲକ୍ଷ୍ମୀବାଈ ଝାନ୍ସୀର ଉଦ୍ଧାର ପାଇଁ, ନାନା ସାହେବ ତାଙ୍କ ପିତା ଦ୍ୱିତୀୟ ବାଜିରାଓଙ୍କ ପେନସନରୁ ବଞ୍ଚିତ ହୋଇ ବିଦ୍ରୋହରେ ଯୋଗଦେଇ ନେତୃତ୍ୱ ନେଇଥିଲେ । ତଥାପି ସେମାନଙ୍କୁ ଜାତୀୟନେତା ଭାବେ ପରିକଳ୍ପନା କରାଯାଇଥାଏ ଏବଂ ଏହା ଯଥାର୍ଥ ମଧ୍ୟ । ଇତିହାସ ସେମାନଙ୍କୁ ଅମର ଶହୀଦ ରୂପେ ଗ୍ରହଣ କରିଅଛି । ୧୮୫୭ ଆନ୍ଦୋଳନର ହାରାହାରି ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତରୁ ଇଂରେଜ ଶାସନର ମୂଳୋତ୍ପାଟନ । ଦ୍ୱିତୀୟ ବାହାଦୂର ଶାହାଙ୍କୁ ସିପାହୀ-ମାନେ ଭାରତର ସମ୍ରାଟ ବୋଲି ଘୋଷଣା କରିବା ଏହାର ପ୍ରମାଣ । କିନ୍ତୁ ସୁରେନ୍ଦ୍ର ସାଏଙ୍କ ପ୍ରତି ଏ କାର୍ପଣ୍ୟ କାହିଁକି ?

ଉପରୋକ୍ତ ପରିପ୍ରେକ୍ଷୀରେ ସୁରେନ୍ଦ୍ର ସାଏଙ୍କ ସଶସ୍ତ୍ର ସଂଗ୍ରାମକୁ ବିଚାର କରାଯାଇ ତାଙ୍କୁ ଜଣେ ଜାତୀୟନେତା ଭାବରେ ଚିହ୍ନଣ କରିବାରେ ଓ ସୁରେନ୍ଦ୍ରଙ୍କୁ ଆଞ୍ଚଳିକତାର ରୁଦ୍ଧ-ବେଷ୍ଟନୀ ମଧ୍ୟରୁ ମୁକ୍ତକରି ସର୍ବଭାରତୀୟ ସ୍ତରରେ ଏକ ମହାନ୍ ବିପ୍ଳବୀ ନେତାଭାବେ ଅବସ୍ଥାପନ କରିବାରେ ଡ଼ଃ ନବୀନ କୁମାର ସାହୁ ସଫଳ ହୋଇଛନ୍ତି । ସୁରେନ୍ଦ୍ରଙ୍କ ସଂଗ୍ରାମକୁ ସେତେବେଳର ସାମାଜିକ ଓ

ରାଜନୈତିକ ବ୍ୟବସ୍ଥା ଓ ପରିସ୍ଥିତିକୁ ବିଚାରକୁ ନେଇ ତର୍ଜମା କରିବା ଯଥାର୍ଥ। ଗବେଷକ ହିସାବରେ ବଳିଷ୍ଠ ଜନଶ୍ରୁତି, ସରକାରୀ ଦଲିଲ ତଥା ସଂପର୍କିତ ତଥ୍ୟାବଳୀକୁ ଚତୁରତାର ସହ ପରୀକ୍ଷା ନିରୀକ୍ଷା କରି ସୁରେନ୍ଦ୍ର ସାଏଙ୍କ ନିର୍ଭୁଲ ପୂର୍ଣ୍ଣାଙ୍ଗ ଜୀବନୀ ପ୍ରକାଶ କରିଥିବାରୁ ଡଃ ସାହୁ ବାସ୍ତବିକ ଧନ୍ୟବାଦର ପାତ୍ର।

ସୁରେନ୍ଦ୍ର ସାଏ କେବଳ ରାଜଗାଦି ପାଇଁ, ସତ୍ତା ଓ ସମ୍ପତ୍ତି ପାଇଁ ସଂଗ୍ରାମ କରିଥିଲେ ବୋଲି ଅନେକ ମତପୋଷଣ କରିଥାନ୍ତି। ଏହା ସଂପୂର୍ଣ୍ଣ ରୂପେ ଭ୍ରମାତ୍ମକ। ଏହି ଧାରଣା ଡଃ ସାହୁ ଦୂର କରିପାରିଛନ୍ତି। ସୁରେନ୍ଦ୍ର ସମ୍ବଲପୁରର କୁଶାସନ, ଆତଙ୍କରାଜ ଓ ବିଦେଶୀ ଇଂରେଜମାନଙ୍କ ସମ୍ବଲପୁର ଅଧିକାରକୁ ବିରୋଧ କରି ନିଷ୍ପେଷିତ, ଦଳିତ ଜନତା ତଥା ମାତୃଭୂମିର ମୁକ୍ତିକାମନା କରି ଯୁଦ୍ଧରତ ଥିଲେ। ସେଇଥିପାଇଁ ତାଙ୍କ ବିଦ୍ରୋହ ଏତେ ଦୀର୍ଘକାଳ ତିଷ୍ଠି ରହିଥିଲା ଓ ଅଗଣିତ ସାଧାରଣ ନାଗରିକ, ଆଦିବାସୀ ଓ ହରିଜନ ତାଙ୍କ ପଛରେ ଛିଡ଼ା ହୋଇଥିଲେ। ସେ ଯଦି କେବଳ ରାଜସିଂହାସନ ପାଇଁ ଲଢ଼ୁଥିଲେ, ତା ହେଲେ ଇଂରେଜମାନଙ୍କ କ୍ରୀଡ଼ନକ ସାଜି, ତାଙ୍କର ଆନୁଗତ୍ୟ ସ୍ୱୀକାର କରି ସୁଖ, ସମୃଦ୍ଧି ଓ ପ୍ରାଚୁର୍ଯ୍ୟର ମାଧୁର୍ଯ୍ୟ ଭିତରେ ଜୀବନ ଅତିବାହିତ କରିପାରିଥାନ୍ତେ। ସେ କାହିଁକି ବର୍ଷ ବର୍ଷଧରି ଦୀର୍ଘ କୋଡ଼ିଏ ବର୍ଷ ଅନବରତ ସଂଗ୍ରାମ କରିଥିଲେ ଓ ଦୀର୍ଘ ୩୭ ବର୍ଷକାଳ କାରାଗାରକୁ ଆଦରି ନେଇଥିଲେ? (୭) କାରଣ ସେ ଚାହୁଁ ନଥିଲେ ନିଜ ଆଦର୍ଶ ଓ ନୀତିକୁ ବଳିଦାନ ଦେଇ ମାତୃଭୂମିକୁ ଏକ ପଣ୍ୟଦ୍ରବ୍ୟ ରୂପେ ବିଚାର କରିବାକୁ ଓ ଅସଂଖ୍ୟ ଜନତାର ଆଶା ଓ ଆକାଂକ୍ଷାକୁ ଦଳି ଦେବାକୁ। ରାଜଗାଦି ସଙ୍ଗେ ସଙ୍ଗେ ସେ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ। କୁଚକ୍ରୀ ଇଂରେଜମାନେ ସାମ, ଦଣ୍ଡ, ଭେଦନୀତି ପ୍ରୟୋଗ କରି ମଧ୍ୟ ସୁରେନ୍ଦ୍ରଙ୍କୁ ବଶୀଭୂତ କରିବାରେ ବିଫଳ ହୋଇଥିଲେ।

ଧରମ ସାଏଙ୍କ ଜ୍ୟେଷ୍ଠପୁତ୍ର ଭାବେ ସୁରେନ୍ଦ୍ର ସାଏ ୨୩ ଜାନୁୟାରୀ ୧୮୦୯ ରେ ଖିଣ୍ଡାଠାରେ ଜନ୍ମ ଗ୍ରହଣ କରିଥିଲେ। ସୁରେନ୍ଦ୍ର ଖିଣ୍ଡାରେ ଜନ୍ମ ହୋଇଥିଲେ କି ବିରଗାଁରେ ଜନ୍ମ ହୋଇଥିଲେ ଏ ବାବଦରେ ମଧ୍ୟ ବିବାଦ ଲାଗି ରହିଥିଲା। ସମ୍ବଲପୁର ଇତିହାସକାର ଶିବପ୍ରସାଦ ଦାଶ, ସୁରେନ୍ଦ୍ର ସାଏ ତାଙ୍କ ମାତୁଳାଳୟ ଧମା ଥାନା ଅନ୍ତର୍ଗତ ବିରଗାଁଠାରେ ଜନ୍ମ

୭। ୧୮୨୭ ରୁ ୧୮୪୦ ଓ ୧୮୫୭ ରୁ ୧୮୬୪ (ସଶସ୍ତ୍ର ସଂଗ୍ରାମ)
୧୮୬୪ ରୁ ୧୮୮୪ (ଜେଲ ଦଣ୍ଡ ଭୋଗ)

ଗ୍ରହଣ କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏହା ପଛରେ କୌଣସି ପ୍ରାମାଣିକ ତଥ୍ୟ ନଥିଲା । କିନ୍ତୁ ସୁରେନ୍ଦ୍ରଙ୍କ ମାତୁଳାଳୟ ସମ୍ବଲପୁର ଜିଲ୍ଲାର ବରଗାଁ ନଥିଲା । ମାତା ରେବତୀ ଦେବୀଙ୍କ ପିତ୍ରାଳୟ ବହାରର ସିଂହଭୂମ ଜିଲ୍ଲା ସ୍ଥିତ ସରେଇକେଲା ନିକଟସ୍ଥ ବରଗାଁ ଥିଲା । ଡଃ ସାହୁ ଖିଣ୍ଡାସ୍ଥିତ ସୁରେନ୍ଦ୍ରଙ୍କ ଘରୋଇ ଦଲିଲରୁ ତଥ୍ୟ ସଂଗ୍ରହକରି ଏହି ସନ୍ଦେହ ଦୂର କଲେ ଓ ସୁରେନ୍ଦ୍ର ଖିଣ୍ଡାରେ ଜନ୍ମ ହୋଇଥିବାର ପ୍ରମାଣ ପାଇଲେ । ପୁଣି ଚୌହାଣ ବଂଶର ପରଂପରା ଅନୁଯାୟୀ ବିବାହ ପରେ ସାଧାରଣତଃ ସ୍ତ୍ରୀମାନେ ପିତ୍ରାଳୟକୁ ଯିବାର ବିଧି ନଥିଲା । (୮)

ସିପାହୀ ବିଦ୍ରୋହର ଅବସାନ ପରେ ପରେ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହକୁ ଦମନ କରିବା ପାଇଁ ବହୁ ସଂଖ୍ୟାରେ ଇଂରେଜ ସୈନ୍ୟ ସମ୍ବଲପୁରକୁ ଅଣାହେଲେ । ପରବର୍ତ୍ତି ପରିସ୍ଥିତିର ଗୁପ ଓ ମେଜର ଇମ୍ପେଙ୍କ ଉଦାର ତଥା କୋହଳ ନୀତିରେ ଅନୁପ୍ରାଣିତ ହୋଇ ସୁରେନ୍ଦ୍ର ସାଏଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଥିଲା ଓ ସେ ୧୬ ମଇ, ୧୮୬୨ରେ ଆତ୍ମସମର୍ପଣ କରିଥିଲେ । ଇମ୍ପେଙ୍କର ଅକାଳ ମୃତ୍ୟୁ ସୁରେନ୍ଦ୍ରଙ୍କ ବିପର୍ଯ୍ୟୟର କାରଣ ହୋଇଥିଲା । ନୂତନ ଶାସନାଧିକାରୀ ମାନଙ୍କର ହସ୍ତକ୍ଷେପ ଫଳରେ ସୁରେନ୍ଦ୍ର ଓ ତାଙ୍କ ସହଯୋଗୀମାନଙ୍କ ପ୍ରତି ପ୍ରଶାସନର ଥିବା ଧାରଣାରେ ବିରାଟ ପରିବର୍ତ୍ତନ ଦେଖାଦେଲା । ଡେପୁଟୀ ଆଇ. ଜି. ମେଜର ଷ୍ଟୁଆର୍ଟ ଓ ଏସ. ପି. ବେରିଲଙ୍କ କାନକୁହାରେ ବିଶ୍ୱାସକରି ଡେପୁଟୀ କମିଶନର କମ୍ବରଲେଜ ୨୩.୧.୧୮୬୪ରେ ସୁରେନ୍ଦ୍ର, ତାଙ୍କ ଆତ୍ମୀୟ ସ୍ୱଜନ ଓ ସହଯୋଗୀମାନଙ୍କୁ ଅତର୍କିତ ତଥା ଆକସ୍ମିକ ଭାବରେ ବନ୍ଦୀକଲେ । ଏହି ଅଧ୍ୟାୟ ବିଭିନ୍ନ ଭାବରେ ପ୍ରତିପାଦିତ ହୋଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା । ଡଃ ସାହୁ ଏହି ନାଟକୀୟ ଅଧ୍ୟାୟକୁ ଅତି ସୁନ୍ଦର ଭାବରେ ସରକାରୀ ଗୁପ୍ତ ଚିଠିପତ୍ରର ଆଧାରରେ ଉପସ୍ଥାପନ କରି ପାରିଛନ୍ତି ।

କବିଭୂଷଣ ସ୍ୱପ୍ନେଶ୍ୱର ଦାଶ ତାଙ୍କ ରଚିତ 'ଚୌହାଣ ବୀର ସୁରେନ୍ଦ୍ର ସାଏ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ସୁରେନ୍ଦ୍ର ଓ ଅନ୍ୟ ସତର ଜଣ ବିପ୍ଳବୀଙ୍କୁ ରାତି ସାଢେ ଦଶଟାରେ ନିଦ୍ରାସକ୍ତ ଅବସ୍ଥାରେ ଡେପୁଟୀ କମିଶନର କମ୍ବରଲେଜ ଓ ଡେପୁଟୀ ଆଇ. ଜି. ମେଜର ଷ୍ଟୁଆର୍ଟ ଡେବ୍ରିଗଡ଼ ଗୁହାରେ ବନ୍ଦୀ କରିଥିଲେ । ଏଠାରେ ସୁରେନ୍ଦ୍ର ସାଏଙ୍କ ଆତ୍ମସମର୍ପଣକୁ ଏକ ପ୍ରହସନ ଥିଲା ବୋଲି କହିବାକୁ ହେବ କାରଣ ସେ ଆତ୍ମ ସମର୍ପଣ କରିଥିଲେ କି

୮। ଡଃ ନବୀନ କୁମାର ସାହୁ —Veer Surendra Sai-P.76-77

ନାହିଁର ସନ୍ଦେହ ଘନୀଭୂତ ହେବ । ଶ୍ରୀଯୁକ୍ତ ଶିବ ପ୍ରସାଦ ଦାଶ 'ସମ୍ବଲପୁର ଇତିହାସ' ଗ୍ରନ୍ଥରେ ଲେଖିଛନ୍ତି ସୁରେନ୍ଦ୍ରଙ୍କୁ ଖିଣ୍ଡାରେ ବନ୍ଦୀକରି ହୋଇଥିଲା । ଶ୍ରୀଯୁକ୍ତ ଅନିରୁଦ୍ଧ ଦାଶ ତାଙ୍କ ରଚିତ 'ବୀର ସୁରେନ୍ଦ୍ର ସାଏ' ପୁସ୍ତକରେ ସୁରେନ୍ଦ୍ର ସାଏଙ୍କୁ ବରଗାଁଠାରେ ବନ୍ଦୀକରି ହୋଇଥିଲା ବୋଲି କହିଛନ୍ତି । ଶ୍ରୀଯୁକ୍ତ ଦାଶ ଗୁପ୍ତ ସରକାରୀ ଚିଠିପତ୍ରକୁ ଆଧାରକୁ ନେଇ ସୁରେନ୍ଦ୍ର ସାଏଙ୍କୁ କପଟ ଯୋଜନାବଦ୍ଧ ଓ ଆକସ୍ମିକ ଭାବରେ ୨୩-୧-୧୮୬୪ରେ ବନ୍ଦୀ କରାଗଲା ଦର୍ଶାଇଛନ୍ତି । ଡଃ ନବୀନ କୁମାର ସାହୁ (୯) ଏହି ସତ୍ୟକୁ ଅଧିକ ଦୃଢ଼ତାର ସହିତ ସତଥ୍ୟ ଉପସ୍ଥାପନ କରି ଅନେକ ଦିନର ସନ୍ଦେହର କୁହେଳିକାକୁ ଅପସାରିତ କରିପାରିଛନ୍ତି । ତାଙ୍କ ମତାନୁସାରେ ମେଜର ଇମ୍ପେଙ୍କ କୋହଳ ନୀତିର ପ୍ରଭାବ କମଲ ସିଂ, କୁଞ୍ଜଲ ସିଂ ଓ ଗଜଗ୍ରଜ ସିଂଙ୍କ ଉପରେ ପଡ଼ି ନଥିଲା । ଏମାନେ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହୀ ସଂଗ୍ରାମ ଚାଲୁ ରଖିଥିଲେ । ଏମାନଙ୍କ ସହିତ ସାଲିକ୍ ରାମ ବରିହା ଓ ମୋହନ ସିଂ ମଧ୍ୟ ଯୋଗ ଦେଇଥିଲେ । ଏତଦ୍ ବ୍ୟତୀତ ମହାଦେବ, ଜୟସୁ ଗଉଡ, ହରି ବଟର୍ତ୍ତି, ଗୁମାରୁ ଆଦି ଅନେକେ କମଲ ସିଂଙ୍କୁ ସହଯୋଗ କରିଥିଲେ । ସେମାନେ ସମସ୍ତେ ସମ୍ବଲପୁରରେ ଚୌହାଣ ରାଜବଂଶର ପୁନଃପ୍ରତିଷ୍ଠା ପାଇଁ ଚେଷ୍ଟିତ ଥିଲେ । ୩୦ ଅପ୍ରେଲ ୧୮୬୨ର ବିଜ୍ଞାପନ ଅନୁଯାୟୀ ସମ୍ବଲପୁରକୁ କଟକ କମିଶନରଙ୍କ ଠାରୁ କାଢ଼ି ନିଆଯାଇ ମଧ୍ୟପ୍ରଦେଶ ଶାସନାଧୀନରେ ରଖା ଯାଇଥିଲା । ସମ୍ବଲପୁରରେ ଆଇନ ଶୃଙ୍ଖଳାକୁ ଦୃଢୀଭୂତ କରିବା ପାଇଁ ଜେ. ଏନ୍. ବେଶଲ ପୋଲିସ ସୁପରିନ୍‌ଟେନ୍‌ଡେଣ୍ଟ ଭାବରେ ଯୋଗ ଦେଇଥିଲେ । ଅଗଷ୍ଟ ୧୮୬୨ରେ କ୍ୟାପ୍‌ଟେନ ଷ୍ଟୁଆର୍ଟ ଛତିଶଗଡର ଡେପୁଟୀ ପୋଲିସ ଇନ୍‌ସପେକ୍ଟର ଜେନେରାଲ ଭାବେ ଯୋଗଦେଇଥିଲେ ଓ ତାଙ୍କୁ ସମ୍ବଲପୁରର ଦାୟିତ୍ୱ ମଧ୍ୟ ଦିଆଯାଇଥିଲା ।

ମାର୍ଚ୍ଚ ୧୮୬୩ରେ ମଧ୍ୟ ପ୍ରଦେଶର ଚିଫ୍ କମିଶନରଙ୍କ ସମ୍ବଲପୁର ଗସ୍ତ କାଳରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି, ଗୌନ୍ତିଆ ଓ ଜମିଦାରମାନେ ସମ୍ବଲପୁରରେ ଚୌହାଣ ରାଜବଂଶର ପୁନଃପ୍ରତିଷ୍ଠା ପାଇଁ ନିବେଦନ କରି ତଦନୁସାରେ ଦାବିପତ୍ର ଦେଇଥିଲେ ଓ ଏହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ଫଳତଃ, ସମ୍ବଲପୁରରେ ଘୋର ଜନଅସନ୍ତୋଷ ଦେଖାଦେଇଥିଲା ଓ ତାର ଫାଇଦା କମଲ ସିଂ ଆଦି ବେଶ୍ ନେଇଥିଲେ । ବେଶଲ ଓ ଷ୍ଟୁଆର୍ଟ ଅନେକ ଚେଷ୍ଟାକରି ଡେପୁଟୀ କମିଶନର ମେଜର ଇମ୍ପେକୁ ବୁଝାଇବାକୁ

---

୯। ଡଃ ନବୀନ କୁମାର ସାହୁ — Veer Surendra Sai PP. 236-262


ଲାଗିଲେ ଯେ, ସୁରେନ୍ଦ୍ରଙ୍କ ଆତ୍ମ ସମର୍ପଣ ଏକ ଛଳନା ମାତ୍ର ଓ ସେ କମଳ ସିଂ, କୁଞ୍ଜଲ ସିଂ ଆଦିଙ୍କ ସହ ସବୁବେଳେ ସହଯୋଗ ସ୍ଥାପନ କରି ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି । କିନ୍ତୁ ଇମ୍ପେ ଏଥିରେ ତିଳେମାତ୍ର ବିଶ୍ୱାସ ନକରି ନିଜ ଜିଦ୍‌ରେ ଅଟଳ ରହିଲେ । ଦୁର୍ଭାଗ୍ୟବଶତଃ ମେଜର ଇମ୍ପେ ଅସୁସ୍ଥତା ହେତୁ ଡ଼ିସେମ୍ବର ୧୮୬୩ରେ ମୃତ୍ୟୁବରଣ କଲେ । ଇମ୍ପେଙ୍କ ମୃତ୍ୟୁ ପରେ ପରେ ଇଂରେଜ ସରକାରଙ୍କ ନୀତିରେ ପରିବର୍ତ୍ତନ ଦେଖାଦେଲା । ୧୯ ଜାନୁୟାରି ୧୮୬୪ରେ ମେଜର ଇମ୍ପେଙ୍କ ସ୍ଥାନରେ ମେଜର କମ୍ବରଲେଜ ଅବସ୍ଥାପିତ ହେଲେ । ସେ ବେରିଲ ଓ ଷ୍ଟୁଆର୍ଟଙ୍କ ସହ ଏକମତ ହେଲେ ଓ ମେଜର ଇମ୍ପେଙ୍କ କୋହଳନୀତିର ସମାଲୋଚନା କଲେ ।

ପରିଶେଷରେ ସୁରେନ୍ଦ୍ରଙ୍କୁ ବନ୍ଦୀ କରିବାକୁ ସରକାର ସିଦ୍ଧାନ୍ତ ନେଲେ ଓ ତଦନୁଯାୟୀ ଯୋଜନା ପ୍ରସ୍ତୁତ କଲେ । ୨୨ ଜାନୁୟାରିରେ ଡ଼େପୁଟୀ କମିଶନର କମ୍ବରଲେଜ, ପୋଲିସ ବିଭାଗର ଡ଼େପୁଟୀ ଇନ୍‌ସପେକ୍ଟର ଜେନେରାଲ କ୍ୟାପଟେନ ଷ୍ଟୁଆର୍ଟ ଓ ଏସ. ପି. ଜେ. ଏନ୍. ବେରିଲ କାହା କାହାକୁ ବନ୍ଦୀ କରିବାକୁ ହେବ ତାର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସୁରେନ୍ଦ୍ର ସାଏ, ମିତ୍ରଭାନୁ ସାଏ, ଉଦନ୍ତ ସାଏ, ଧ୍ରୁବ ସାଏ, ମେଦନୀ ସାଏ, ସୁରେନ୍ଦ୍ରଙ୍କ ପରାମର୍ଶଦାତା ଲୋକନାଥ ପଣ୍ଡା, ଧରଣୀ ମିଶ୍ର, ଓ ଗ୍ରଦ୍ଧାକର ମଲ୍ଲିକ ଇତ୍ୟାଦି । ୨୩ ତାରିଖ ସଂଧ୍ୟାରେ ଏଇ ଯୋଜନା ଛତିଶଗଡ଼ କମିଶନରଙ୍କ ଅନୁମୋଦନ ଲାଭ କରିଥିଲା ଏବଂ ସେଇ ୨୩ ତାରିଖ ପୌଷ ପୂର୍ଣ୍ଣିମା ଦିନ ରାତି ୧୦ଟା ପରେ ସୁରେନ୍ଦ୍ର ଓ ମିତ୍ରଭାନୁଙ୍କୁ ତାଙ୍କ ବରଗାଁସ୍ଥିତ ବାସଗୃହରେ ଆକସ୍ମିକ ଭାବେ ବନ୍ଦୀ କରାଗଲା । ପରେ ପରେ ଅନ୍ୟମାନେ ମଧ୍ୟ ଧରାହୋଇ ବନ୍ଦୀ ହେଲେ । ଜାନୁୟାରି ୨୬ ତାରିଖ ୧୮୬୪ରେ ବନ୍ଦୀମାନଙ୍କୁ ବିଚାର ନିମନ୍ତେ ରାୟପୁରକୁ ପଠାଗଲା । ସେତେବେଳେ ବିଚାର ବିଭାଗ ଅପେକ୍ଷା ଶାସନ ବିଭାଗ ଅଧିକ କ୍ଷମତାଶାଳୀ ଥିବାରୁ ନିର୍ଦ୍ଦୋଷ ପ୍ରମାଣିତ ହୋଇଥିବା ସତ୍ତ୍ୱେ ସୁରେନ୍ଦ୍ର ସାଏଙ୍କୁ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଥିଲା । ସେ ଅସିରଗଡ଼ ଦୁର୍ଗରେ ୨୮ ଫେବୃୟାରି ୧୮୮୪ରେ ୭୫ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ।

ସମ୍ବଲପୁରର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ରାଜମୁକୁଟଧାରୀ, ସାମ୍ରାଜ୍ୟର ଶାସକ ନଥିଲେ ସତ୍ୟ; କିନ୍ତୁ ଇଂରେଜ ଶାସନର ଅତ୍ୟାଚାରରେ ଅତିଷ୍ଠ ଅଗଣିତ ନିଃସ୍ୱ ସାଧାରଣ ଜନତାର ହୃଦୟସ୍ଥ ସିଂହାସନରେ ଅଧିଷ୍ଠିତ ମୁକୁଟବିହୀନ ସମ୍ରାଟ ଭାବରେ ସେ ଥିଲେ ସର୍ବସ୍ୱୀକୃତ । କୈଶୋରର ଆଦ୍ୟପାହାଚରେ ସ୍ୱାଧୀନତାର ଯେଉଁ ଆଦ୍ୟ ମୁକ୍ତିର ସ୍ୱପ୍ନ ସେ ଦେଖିଥିଲେ ତାର

ସଫଳ ରୂପାୟଣ ନିମନ୍ତେ ଅକୁଣ୍ଠ ଜନସମର୍ଥନ ଥିଲା ତାଙ୍କର ସର୍ବଶ୍ରେଷ୍ଠ ସମ୍ବଳ । ଇଂରେଜମାନଙ୍କର ବେତନଭୋଗୀ ବିଶାଳ ସୈନ୍ୟବାହିନୀ, ଆଧୁନିକ ଅସ୍ତ୍ରଶସ୍ତ୍ର ଓ କୂଟନୈତିକ ବିଚକ୍ଷଣତା ସତ୍ତ୍ୱେ ସ୍ୱଳ୍ପ ସଂଖ୍ୟକ ଧନୁର୍ଦ୍ଧାର, ବର୍ଚ୍ଛା, ପଥରଧାରୀ ସ୍ୱଦେଶପ୍ରେମୀ ସିପାହୀ ସମନ୍ୱିତ ସୁରେନ୍ଦ୍ର ସାଏ ସୁଦୀର୍ଘ ୩୭ ବର୍ଷ କାଳ ସେମାନଙ୍କ ନିମନ୍ତେ ଜୀବନ୍ତ ଆତଙ୍କରେ ପରିଣତ ହୋଇ ଯାଇଥିଲେ । ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ମନରେ ଇଂରେଜ ଶାସନତନ୍ତ୍ର ବିରୁଦ୍ଧରେ ବିତୃଷ୍ଣାର ବୀଜବପନ କରି ସ୍ୱାଧୀନତା ସଂଗ୍ରାମ ନିମନ୍ତେ ସେ ପଥ-ପ୍ରସ୍ତୁତ କରିଥିଲେ । ସଂଗ୍ରାମ, ଆତ୍ମଦାନ ଓ ସ୍ୱାଭିମାନର ଦୃଷ୍ଟାନ୍ତ ସୁରେନ୍ଦ୍ର ସାଏଙ୍କର ମହାନ୍ ଜୀବନଶୈଳୀ ସ୍ୱାଧୀନତା ସଂଗ୍ରାମର ପରବର୍ତ୍ତୀ ଅଧ୍ୟାୟକୁ ପ୍ରରୋଚିତ କରିଛି ।

ସୁରେନ୍ଦ୍ର ସାଏଙ୍କର ସଂଗ୍ରାମୀ ଜୀବନର ସମସ୍ତ ବୈଶିଷ୍ଟ୍ୟକୁ ଯଥାଯଥ ଭାବରେ ମୂଲ୍ୟାଙ୍କନ କରି ଡଃ ନବୀନ କୁମାର ସାହୁ ତାଙ୍କୁ ଆଞ୍ଚଳିକତାର ସଂକୀର୍ଣ୍ଣ ବଳୟରୁ ମୁକ୍ତକରି ଏକ ଜାତୀୟ ବ୍ୟକ୍ତିତ୍ୱର ସ୍ୱାକ୍ଷର ଭାବରେ ମହା-ଭାରତୀୟତାର ପ୍ରସାରିତ ପରିଧିରେ ଉପସ୍ଥାପନ କରିଛନ୍ତି । ସୁରେନ୍ଦ୍ର ସାଏ ସ୍ୱକୀୟ ବ୍ୟକ୍ତିତ୍ୱର ଅନନ୍ୟ ସ୍ୱାତନ୍ତ୍ର୍ୟରେ ଯେପରି ମହିମ୍ନ, ପଶ୍ଚିମ ଓଡ଼ିଶାର ଜଣେ ବୀରପୁରୁଷଙ୍କୁ ଇତିହାସର ବିସ୍ମୃତପ୍ରାୟ ପୃଷ୍ଠାରୁ ଉଦ୍ଧାର କରି ବିଶ୍ୱ-ଦରବାରରେ ଉପସ୍ଥାପନ କରିବାରେ ଡଃ ନବୀନ କୁମାର ସାହୁଙ୍କର ଅବଦାନ ସେହିପରି ଅନସ୍ୱୀକାର୍ଯ୍ୟ । ●



ଭାରତର ତତ୍କାଳୀନ ଶିକ୍ଷାମନ୍ତ୍ରୀ ଡକ୍ଟର ପ୍ରତାପ ଚନ୍ଦ୍ର ଚନ୍ଦ୍ରଙ୍କ ସହ ଡକ୍ଟର ସାହୁ

# ନବୀନ କୁମାରଙ୍କ
# ପ୍ରତିଭାର ଅନ୍ୟାନ୍ୟ ଦିଗନ୍ତ

# ପ୍ରାବନ୍ଧିକ ନବୀନ କୁମାର

ଡ଼ଃ ପ୍ରଫୁଲ୍ଲ କୁମାର ନାୟକ

ଡଃ ନବୀନ କୁମାର ସାହୁ ଓଡ଼ିଶାର ତଥା ଭାରତର ଜଣେ ଖ୍ୟାତି-ସମ୍ପନ୍ନ ଐତିହାସିକ ଓ ଗବେଷକ । ସେ ଖ୍ରୀ ୧୯୪୧ ମସିହାରେ ଏଲାହାବାଦ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଉପାଧି ଲାଭ କରି ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲେ । ଖ୍ରୀ ୧୯୫୮ ମସିହାରେ ସରକାରୀ ଚାକିରୀ ପାଇ ସେ ବାରିପଦାସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ଯୋଗଦେଲେ । ଏହି ବାରିପଦା ହିଁ ଥିଲା ତାଙ୍କ ସାଧନାର ଆଦିକ୍ଷେତ୍ର । ବାରିପଦାରେ ଥିବାବେଳେ ସେ ଯେଉଁ ଗବେଷକ ଜୀବନ ଆରମ୍ଭ କରିଥିଲେ, ଖ୍ରୀ. ୧୯୮୫ରେ ତାଙ୍କ ମୃତ୍ୟୁପରେ ହିଁ ତାର ପରିସମାପ୍ତି ଘଟିଥିଲା । ଏହି ଦୀର୍ଘ ସମୟ (୧୯୪୧-୮୫ ଖ୍ରୀ.) ମଧ୍ୟରେ ସେ ତାଙ୍କର ଗବେଷଣା-ଲବ୍ଧ ଜ୍ଞାନକୁ ପୁସ୍ତକ, ପ୍ରବନ୍ଧ ଓ ଭାଷଣ ମାଧ୍ୟମରେ ସମାଜର ବିଭିନ୍ନ ସ୍ତରର ଲୋକ-ମାନଙ୍କ ପାଖରେ ପହଞ୍ଚାଇ ପାରିଥିଲେ । ସେ ଏକାଧାରରେ ଜଣେ ଅଧ୍ୟାପକ, ଗବେଷକ, ପ୍ରାବନ୍ଧିକ, ଶିକ୍ଷାବିତ, ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକ ଥିଲେ । ତାଙ୍କର ବହୁମୁଖୀ ପ୍ରତିଭା ଓ ବ୍ୟକ୍ତିତ୍ୱ ମଧ୍ୟରୁ ତାଙ୍କର ପ୍ରାବନ୍ଧିକ ପ୍ରତିଭା ବିଷୟରେ ଆଲୋଚନା କରିବା ଏ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

ଡଃ ସାହୁ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୋଗଦେବା ପରେ ପରେ ତାଙ୍କର ପ୍ରାବନ୍ଧିକ ଜୀବନ ଆରମ୍ଭ କରିଥିଲେ । ତାଙ୍କର ପ୍ରବନ୍ଧ ସମୂହ ମୁଖ୍ୟତଃ ଓଡ଼ିଆ ଓ ଇଂରାଜୀ ଭାଷାରେ ଲିଖିତ । ସେ ପ୍ରବନ୍ଧ ଗୁଡ଼ିକ ଦୈନିକ ପତ୍ରିକା, ମାସିକ ସାହିତ୍ୟ ପତ୍ରିକା, ଗବେଷଣାତ୍ମକ ଇତିହାସ ପତ୍ରିକା ତଥା କେତେକ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ମୁଖପତ୍ର ଇତ୍ୟାଦିରେ ପ୍ରକାଶ କରିଥିଲେ । ତାଙ୍କର ପ୍ରକାଶିତ ପ୍ରବନ୍ଧର ସଂଖ୍ୟା ଶତାଧିକ । ସେହି ସମସ୍ତ ପ୍ରବନ୍ଧର ଆଲୋଚନା ଏଠାରେ ସମ୍ଭବ ନୁହେଁ । ସେ ସବୁ ସ୍ତରର ଲୋକଙ୍କ ପାଇଁ ପ୍ରବନ୍ଧ ଲେଖୁଥିଲେ । ତାଙ୍କର ପ୍ରବନ୍ଧଗୁଡ଼ିକରୁ କେତେକ ଗବେଷଣା-ପ୍ରସୂତ ଓ ସେଗୁଡ଼ିକ ଇତିହାସ-ବିଶେଷଜ୍ଞମାନଙ୍କ ପାଇଁ ଉଦ୍ଦିଷ୍ଟ । ଆଉ କେତେକ ସାଧାରଣ ପାଠକଙ୍କ ପାଇଁ ଲିଖିତ । ଏକ ଅଭିଜ୍ଞ ଓ ନିଷ୍ଠାପର ଶିକ୍ଷକ ଭାବରେ ଦୁର୍ବୋଧ କଥାବସ୍ତୁକୁ ସେ

ସହଜ ଓ ସରଳ ଭାଷାରେ ଜନସାଧାରଣଙ୍କ ପାଖରେ ଉପସ୍ଥାପନ କରିପାରୁଥିଲେ । ଗବେଷଣାତ୍ମକ ଓ ତଥ୍ୟପୂର୍ଣ୍ଣ ବିଷୟବସ୍ତୁକୁ କାହାଣୀ ଛଳରେ ପ୍ରକାଶ କରିବା ଡଃ ସାହୁଙ୍କ ପ୍ରତିଭାର ଏକ ବିଶେଷ ଲକ୍ଷଣ । ବେଳେବେଳେ ଯଦିଓ ସେ ଅତ୍ୟଧିକ କାହାଣୀ ପ୍ରବଳ ହୋଇ ପଡୁଥିଲେ, ତାଙ୍କର ଐତିହାସିକ ଚେତନା ସର୍ବଦା ଜାଗ୍ରତଥିଲା । ତାଙ୍କର ଅଧିକାଂଶ ପ୍ରବନ୍ଧ ବସ୍ତୁନିଷ୍ଠ । କେତେକ ପ୍ରବନ୍ଧରେ ତାଙ୍କର ବ୍ୟକ୍ତିତ୍ୱର ଆଭାସ ମଧ୍ୟ ସ୍ପଷ୍ଟ ରୂପେ ପ୍ରତିଫଳିତ । ଡଃ ସାହୁଙ୍କର ପ୍ରବନ୍ଧ ସମୂହକୁ ବିଷୟ ବସ୍ତୁ ଅନୁସାରେ ନିମ୍ନମତେ ବିଭାଗୀକରଣ କରାଯାଇପାରେ :

୧। ଧର୍ମ ସମ୍ବନ୍ଧୀୟ

୨। ରାଜନୈତିକ

୩। ଆଞ୍ଚଳିକ ଇତିହାସ-ଭିତ୍ତିକ

୪। ଐତିହାସିକ ବ୍ୟକ୍ତିତ୍ୱ ମୂଳକ

୫। ପ୍ରତ୍ନତାତ୍ତ୍ୱିକ ଓ କଳା ସ୍ଥାପତ୍ୟ ସଂପର୍କୀୟ

୬। ଐତିହାସିକ ଭୂଗୋଳ ସମ୍ବନ୍ଧୀୟ

୭। ସଂପାଦକୀୟ

୮। ଜାତୀୟସ୍ତରର ପାଠଚକ୍ରରେ ପ୍ରଦତ୍ତ ତାତ୍ତ୍ୱିକ ବକ୍ତୃତାମାଳା ଓ ଆକାଶବାଣୀରେ ପଠିତ ପ୍ରବନ୍ଧ

ଖ୍ରୀ. ୧୯୫୦ରେ ଡଃ ସାହୁ ସୁରେନ୍ଦ୍ର ମହାନ୍ତିଙ୍କ ସହିତ 'ନବଭାରତ' ପତ୍ରିକାରେ "ସିନ୍ଧୁ ସଭ୍ୟତା ଓ ଜୈନଧର୍ମ" ଶୀର୍ଷକ ପ୍ରବନ୍ଧ ଲେଖିଥିଲେ । ସେହି ପ୍ରବନ୍ଧ ଓଡ଼ିଶାରେ ବିଶେଷ ଆଦୃତ ହୋଇଥିଲା । ପତ୍ରିକାର ସମ୍ପାଦକ ତଥା ସ୍ୱନାମଧନ୍ୟ ସାହିତ୍ୟିକ ପଣ୍ଡିତ ନୀଳକଣ୍ଠ ଦାସ ଏ ପ୍ରବନ୍ଧ ବିଷୟରେ ଲେଖିଥିଲେ—"ଆପଣମାନେ ଜୈନଧର୍ମ ବିଷୟରେ ଯାହା କହିଛନ୍ତି ସେଥିରେ ସତ୍ୟତା ଅଛି । × × × × ବେଶ କୃତକାର୍ଯ୍ୟ ହୁଅନ୍ତୁ ବୋଲି ଆଶୀର୍ବାଦ କରୁଛି" । ଆଉ ଏକ ପ୍ରବନ୍ଧ "ଆଦିନାଥ ଋଷଭ କି ଜଗନ୍ନାଥ ?" ସେହି ନବଭାରତରେ ପ୍ରକାଶ କରିଥିଲେ । ଏଥିରେ ଜୈନଧର୍ମ ଓ ଜଗନ୍ନାଥଙ୍କର ଏକ ତୁଳନାତ୍ମକ ଅଧ୍ୟୟନ ଉପସ୍ଥାପନ କରାଯାଇଥିଲା । ପରେ ସେ ଓଡ଼ିଶାରେ ବୌଦ୍ଧଧର୍ମ ବିଷୟରେ ଗବେଷଣା ଆରମ୍ଭ କଲେ । ଏହି ସମୟରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ନୂତନ ତଥ୍ୟ ସମ୍ବଳିତ ଅନେକ ପ୍ରବନ୍ଧ ରଚନା କରିଥିଲେ । ସେଗୁଡ଼ିକ ମଧ୍ୟରେ Hinayana Buddhism in Eastern India in the 6th century A. D. (OHRJ),

ଓଡ଼ିଶାରେ ବୌଦ୍ଧ ସଂସ୍କୃତି (କୋଣାର୍କ), ସହଜିଆ ବୌଦ୍ଧଧର୍ମ (ନବଜୀବନ), **Religious Movements in Utkala and Kalinga in the 6th century B. C. (OHRJ)**, ବୁଦ୍ଧଙ୍କ ପୃଷ୍ଠଭୂମିରେ ନାସ୍ତି (ସପ୍ତର୍ଷି) ଓ ପୁରୁଷୋତ୍ତମ ଉପାସନା (ଉତ୍କଳ ପ୍ରସଙ୍ଗ) ଇତ୍ୟାଦି ଉଲ୍ଲେଖ ଯୋଗ୍ୟ । ଏହି ପ୍ରବନ୍ଧ ଗୁଡ଼ିକରେ ଓଡ଼ିଶାରେ ବୌଦ୍ଧଧର୍ମର ଉତ୍ପତ୍ତି ଓ ବିକାଶ କିପରି ଘଟିଥିଲା ତାହା ଐତିହାସିକ ତଥ୍ୟସହ ସେ ଉପସ୍ଥାପନ କରିଛନ୍ତି । ବଜ୍ରଯାନ ବୌଦ୍ଧଧର୍ମର ପ୍ରବର୍ତ୍ତକ ଇନ୍ଦ୍ରଭୂତିଙ୍କ ବାସସ୍ଥାନ ସମ୍ବଲକକୁ ସମ୍ବଲପୁର ଅଞ୍ଚଳ ସହିତ ଚିହ୍ନିତ କରି ତାଙ୍କୁ ସଂବଲପୁରର ରାଜା ବୋଲି ସେ ଅଭିହିତ କରିଛନ୍ତି । ସହଜଯାନର ପ୍ରତିଷ୍ଠାତ୍ରୀ ଲକ୍ଷ୍ମୀଙ୍କରାଙ୍କ ବାସସ୍ଥଳୀ ସୋନପୁର ଅଞ୍ଚଳ ଥିଲା ବୋଲି ତାଙ୍କର ଆଲୋଚନାରେ ପ୍ରତିପାଦିତ । ପ୍ରସିଦ୍ଧ ତନ୍ତ୍ର ପୀଠ ଉଡ଼ିଡ଼ିୟାନ କ୍ଷେତ୍ରର ଅବସ୍ଥିତି ଓଡ଼ିଶାରେ ଥିବା ବିଷୟ, ନବୀନ କୁମାର ବଳିଷ୍ଠ ଯୁକ୍ତି ଓ ତାତ୍ତ୍ୱିକ ଆଲୋଚନା ଦ୍ୱାରା ପ୍ରତିପାଦନ କରିଛନ୍ତି । ଜଗନ୍ନାଥ ଧର୍ମ ବିଷୟରେ ସେ ଅନେକ ନୂତନ ତଥ୍ୟ ମଧ୍ୟ ପରିବେଷଣ କରିଛନ୍ତି । ଜଗନ୍ନାଥଙ୍କ ପ୍ରାଚୀନତମ ଉଲ୍ଲେଖ ଇନ୍ଦ୍ରଭୂତିଙ୍କ 'ଜ୍ଞାନ ସିଦ୍ଧି' ଗ୍ରନ୍ଥରୁ ମିଳେ । ସେଠାରେ ଜଗନ୍ନାଥ ଇନ୍ଦ୍ରଭୂତିଙ୍କର ଆରାଧ୍ୟ ଦେବତା ରୂପେ ବର୍ଣ୍ଣିତ । ତେଣୁ ଜଗନ୍ନାଥଙ୍କର ଉତ୍ପତ୍ତି ପଶ୍ଚିମ ଓଡ଼ିଶାରେ ହୋଇଥିଲା ଓ ପରେ ତାହା ପୂର୍ବ ଓଡ଼ିଶାରେ ଖ୍ୟାତି ଲାଭ କରିଥିଲା । ପୁରୁଷୋତ୍ତମ ଉପାସନାର ମଧ୍ୟ, ଡଃ ସାହୁଙ୍କ ମତରେ, ଦକ୍ଷିଣ କୋଶଳରେ ଉତ୍ପତ୍ତି ହୋଇଥିଲା । ପୁରୁଷୋତ୍ତମଙ୍କର ପ୍ରାଚୀନ ଉଲ୍ଲେଖସବୁ ପଶ୍ଚିମ ଓଡ଼ିଶାର ସୋମବଂଶୀ ଅଭିଲେଖମାନଙ୍କରେ ଦେଖିବାକୁ ମିଳେ । ଏହି ଅଞ୍ଚଳରେ ବହୁ ପ୍ରାଚୀନ ବିଷ୍ଣୁ ମନ୍ଦିରର ଅବସ୍ଥିତି ଓ ପ୍ରାଚୀନ ବିଷ୍ଣୁମୂର୍ତ୍ତିମାନଙ୍କର ପ୍ରାପ୍ତି ମଧ୍ୟ ଏହାର ସୂଚନା ଦିଏ । ଡଃ ସାହୁ କହନ୍ତି ଯେ ଉଭୟ ପୁରୁଷୋତ୍ତମ ଉପାସନା ଓ ଜଗନ୍ନାଥ ଉପାସନା ଦକ୍ଷିଣକୋଶଳ ବା ପଶ୍ଚିମ ଓଡ଼ିଶାରୁ ପୂର୍ବାଭିମୁଖେ ଗମନ କରି ସମୁଦ୍ର ତଟସ୍ଥ ଶ୍ରୀକ୍ଷେତ୍ରରେ ପରସ୍ପର ସମ୍ମିଳିତ ହୋଇ ବର୍ତ୍ତମାନର ଜଗନ୍ନାଥ ଉପାସନାର ଅଭ୍ୟୁଦୟ ଓ ବିକାଶ ସାଧନ କରିଛି । ଏହି ସମୀକରଣ ପ୍ରକ୍ରିୟାରେ ଇନ୍ଦ୍ରଭୂତିଙ୍କ ଦାନ ଅତି ଗୁରୁତ୍ୱପୂର୍ଣ୍ଣ ।

ଡଃ ସାହୁଙ୍କ ଅଧିକାଂଶ ପ୍ରବନ୍ଧ ରାଜନୈତିକ ଇତିହାସ ଉପରେ ପର୍ଯ୍ୟବସିତ । କଳିଙ୍ଗ ସମ୍ରାଟ ଖାରବେଳଙ୍କ ବିଷୟରେ ଆଲୋଚନା କରି ତାଙ୍କର ଜନ୍ମ ସମୟ ଓ ରାଜ୍ୟାଭିଷେକ ସମୟ ଖ୍ରୀ. ପୂ. ୬୪ ଓ ଖ୍ରୀ ପୂ. ୪୦ ବୋଲି ସେ ନିରୂପଣ କରିଛନ୍ତି । ଚେଦୀ ରାଜ୍ୟରେ ପ୍ରବାହିତ ଶୁକ୍ତିମତୀ ନଦୀକୁ ଆଧୁନିକ ଶୁକତେଲ ନଦୀ ସଙ୍ଗେ ସେ ଚିହ୍ନଟ ମଧ୍ୟ କରିଛନ୍ତି । ଦକ୍ଷିଣ କୋଶଳ

ପରେ ଉତ୍କଳରେ ରାଜତ୍ୱ କରିଥିବା ସୋମବଂଶୀ ରାଜାମାନଙ୍କର ରାଜ୍ୟ ବିସ୍ତୃତି, ସାମାଜିକ ଓ ସାଂସ୍କୃତିକ ଅବଦାନ ସଂପର୍କରେ ସାରଗର୍ଭକ ପ୍ରବନ୍ଧମାନ ରଚନାକରି ଓଡ଼ିଶା ଇତିହାସକୁ ସେ ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ପ୍ରବନ୍ଧରେ ସୋମବଂଶୀ ରାଜଧାନୀ ଯଯାତିନଗର, ଯୁକ୍ତି ଓ ତଥ୍ୟ ସହକାରେ ବଉଦ ନିକଟସ୍ଥ ଆଧୁନିକ ଜଗତି ଗ୍ରାମ ସହ ଚିହ୍ନିତ । ପୂର୍ବକାଳୀନ କଳିଙ୍ଗ ଗଙ୍ଗବଂଶର ପ୍ରାଚୀନତମ ରାଜାଙ୍କଠାରୁ ଅନ୍ତିମରାଜାଙ୍କ ପର୍ଯ୍ୟନ୍ତ କାଳାନୁକ୍ରମେ ସମସ୍ତଙ୍କର ରାଜ୍ୟକାଳ ଓ କୀର୍ତ୍ତିକଳାପ ବିଷୟରେ ଅନେକ ପ୍ରବନ୍ଧ ଲେଖିଆରେ ସାଧାରଣ ପାଠକ ତଥା ଗବେଷକମାନଙ୍କ ଜ୍ଞାନର ପରିସରକୁ ବିସ୍ତୃତ କରିବାରେ ଉଦ୍ୟମ କରିଛନ୍ତି । ଡଃ ସାହୁଙ୍କ ରଚିତ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କ ସମ୍ପର୍କିତ ପ୍ରବନ୍ଧ ମାନଙ୍କରେ ବିଶେଷ ନୂତନତ୍ୱ ପରିଲକ୍ଷିତ ହୁଏ ନାହିଁ । ମାତ୍ର ଅଧ୍ୟାପନା କକ୍ଷରେ ଶିକ୍ଷାଦାନ ଦେବା ସମୟରେ କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ସିଂହାସନ ଆରୋହଣ ସଂକ୍ରାନ୍ତରେ ଅଭିନବ ବ୍ୟାଖ୍ୟାମାନ କରିଥିବା ଜଣାଯାଇଛି । ଏ ପ୍ରସଙ୍ଗରେ ଲେଖକ ମୌଖିକ ଭାବରେ ଡ଼ଃ ସାହୁଙ୍କ ଠାରୁ ପ୍ରଥମ ସମୟରେ ଯାହା ଶୁଣିଥିଲି ତାହ ବୃହଦାକାରରେ ବହୁ ତଥ୍ୟସହ ନୂତନ ରୂପରେ "The cult of Jagannath and Regional Traditions of Orissa" ପୁସ୍ତକରେ ଲେଖା ହୋଇଥିବାର ଦେଖିଲି । ଏହା କହିବା ଅର୍ଥ ନୁହେଁ ଯେ ଏହି ପୁସ୍ତକର ଲେଖକଗଣ ଡଃ ସାହୁଙ୍କ ବ୍ୟାଖ୍ୟାଉପରେ ସେମାନଙ୍କର ପ୍ରବନ୍ଧ ପ୍ରସ୍ତୁତ କରିଥିଲେ । ଏହି ଉଦାହରଣରୁ ଜ୍ଞାନୀ ଲୋକମାନଙ୍କ ଏକଚିନ୍ତା ତଥା ଡଃ ସାହୁଙ୍କ ପ୍ରଗତିଶୀଳ ଚିନ୍ତାଧାରାର ପ୍ରମାଣ ମିଳେ ।

ଡ଼ଃ ସାହୁ ଓଡ଼ିଶାକୁ ଅତିଶୟ ଭଲ ପାଉଥିଲେ । ତେଣୁ ଏହାର ଐତିହ୍ୟ ପରଂପରାକୁ ଲୋକ ଲୋଚନକୁ ଆଣିବାକୁ ସେ ସତତ ତତ୍ପର ଥିଲେ । ଆଗରୁ "ଓଡ଼ିଶା ଇତିହାସ" ବିଷୟଟି ଇତିହାସ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ନଥିଲା ଯଦିଓ ସେ ସମୟରେ ଓଡ଼ିଶା ଇତିହାସରେ ଗବେଷଣା ଚାଲିଥିଲା । ଡ଼ଃ ନବୀନ କୁମାର ସାହୁ ତତ୍କାଳୀନ ଇତିହାସ ବିଭାଗୀୟ ମୁଖ୍ୟ ସ୍ୱର୍ଗତ ଘନଶ୍ୟାମ ଦାସଙ୍କୁ ପ୍ରବର୍ତ୍ତାଇ "ଓଡ଼ିଶା ଇତିହାସ"କୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଇ ପାରିଥିଲେ । ଆଞ୍ଚଳିକ ଇତିହାସ ଅଧ୍ୟୟନ ଓ ଅଧ୍ୟାପନା ଶିକ୍ଷା ବିଭାଗର ଦାୟିତ୍ୱର ଅନ୍ତର୍ଭୁକ୍ତ । ଡ଼ଃ ସାହୁଙ୍କ ମତରେ ଜାତୀୟ ଇତିହାସର ପୂର୍ଣ୍ଣାଙ୍ଗ ସଂକଳନ ପାଇଁ ଆଞ୍ଚଳିକ ଇତିହାସ ରଚନା ଏକାନ୍ତ ଆବଶ୍ୟକ । ତେଣୁ ତାଙ୍କର ଗବେଷଣାର କ୍ଷେତ୍ର ଓଡ଼ିଶା ହିଁ ଥିଲା । ତାଙ୍କର ପ୍ରାୟ ସମସ୍ତ ପ୍ରବନ୍ଧ ଓଡ଼ିଶା-କେନ୍ଦ୍ରିକ । ଓଡ଼ିଶା ଶବ୍ଦଟି ତାଙ୍କର ପ୍ରିୟଶବ୍ଦ । ଏଇ ପ୍ରଦେଶର

ଯଥାର୍ଥ ନାମ ଓଡ଼ିଶା । ଏହାର ବିକଳ୍ପ ନାହିଁ । ତାଙ୍କ ଭାଷାରେ "କପିଳେନ୍ଦ୍ର ଦେବ ଓ କବି ସାରଳା ଦାସଙ୍କ ସମୟରୁ ଏହି ରାଜ୍ୟ ଓଡ଼ିଶା ନାମରେ ନାମିତ, ଇଂରେଜ ଅମଳରୁ ନୁହେଁ । ଓଡ଼ିଶାର ପଶ୍ଚିମାଞ୍ଚଳ କେବେ ହେଲେ ଉତ୍କଳ ନାମରେ ଅଭିହିତ ହୋଇନଥିଲା କିମ୍ବା ଉତ୍କଳ ନାମଧେୟ ରାଜ୍ୟର ଅନ୍ତର୍ଭୁକ୍ତ ନଥିଲା । ଓଡ଼ିଶାର ନାମ ଐତିହାସିକ କାରଣରୁ କୋଶଳ, କଳିଙ୍ଗ ଓ ଉତ୍କଳ ଏହି ସମଗ୍ର ଅଞ୍ଚଳ ପ୍ରତି ଅବିସମ୍ବାଦିତ ରୂପେ ପ୍ରଯୁଜ୍ୟ— ଅନ୍ୟ କୌଣସି ନାମ ସେହି ଭାବରେ ପ୍ରଯୁଜ୍ୟ ହୋଇ ନପାରେ ।" ପରବର୍ତ୍ତୀ ଜୀବନରେ ସେ ଓଡ଼ିଶାରୁ ପଶ୍ଚିମ ଓଡ଼ିଶାକୁ ଓହ୍ଲାଇ ଆସିଥିଲେ, ସ୍ଥୂଳ (macro ଗବେଷଣାରୁ ସୂକ୍ଷ୍ମ (micro) ଗବେଷଣାକୁ ଅବୋର ନେଇଥିଲେ । ସଂବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବେ ନିଯୁକ୍ତ ହେବା ପରଠାରୁ ଏ ଅଞ୍ଚଳର ସମାଜ, ଶିକ୍ଷା, ସଂସ୍କୃତି ଓ କଳା-ସ୍ଥାପତ୍ୟକୁ ବିଭିନ୍ନ ପ୍ରବନ୍ଧ ମାଧ୍ୟମରେ ଓଡ଼ିଶାବାସୀ ତଥା ଭାରତବାସୀଙ୍କୁ ଅବଗତ କରାଇଥିଲେ । ଆଞ୍ଚଳିକ (ଓଡ଼ିଶା) ଇତିହାସକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ସେ ଉପଆଞ୍ଚଳିକ (ପଶ୍ଚିମ ଓଡ଼ିଶା-ସଂବଲପୁର ଅଞ୍ଚଳ ସ୍ତରରେ ଗହନ ଓ ଗଭୀର ଗବେଷଣାର ପ୍ରସାର କରିଥିଲେ । ପ୍ରଥମ ଓଡ଼ିଶା କଂଗ୍ରେସର ମୁଖପତ୍ରରେ ଡ଼ଃ ସାହୁ "Sambalpur throgh Ages" ନାମକ ଏକ ପ୍ରବନ୍ଧ ଲେଖିଥିଲେ । 'New Aspects of History of Orissa' ପତ୍ରିକାରେ A survey of the history of South Kosala' ପ୍ରବନ୍ଧ ପ୍ରକାଶ କରିଥିଲେ । ଏହା ବ୍ୟତୀତ ସୋନପୁର, କଳାହାଣ୍ଡି, ଖଡ଼ିଆଳ ଓ ସମ୍ବଲପୁର ବିଷୟରେ ଅନେକ ସ୍ମରଣିକା ଓ ବିଦ୍ୟାଳୟ ମୁଖପତ୍ରରେ ପ୍ରବନ୍ଧମାନ ରଚନା କରିଥିଲେ । ଏହି ପ୍ରବନ୍ଧ ଗୁଡ଼ିକରେ ସେ ପଶ୍ଚିମ ଓଡ଼ିଶାର ଗୌରବାନ୍ୱିତ ଇତିହାସକୁ ପାଠକମାନଙ୍କ ସମ୍ମୁଖରେ ଉନ୍ମୋଚନ କରିଥିଲେ । ସଂବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ପତ୍ରିକା ସପ୍ତର୍ଷିର (ମାର୍ଚ୍ଚ ୧୯୭୮) ସଂପାଦକୀୟରେ ଓଡ଼ିଶାକୁ ପଶ୍ଚିମ ଓଡ଼ିଶାର ଅବଦାନ ବିଷୟରେ ଏକ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଛନ୍ତି । ଓଡ଼ିଆ ଭାଷା ଆନ୍ଦୋଳନରେ ପଶ୍ଚିମ ଓଡ଼ିଶାର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ । ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବ ଓଡ଼ିଆ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇ ପାରିଥିଲା । ମହାନ୍ ସିଦ୍ଧ ଇନ୍ଦ୍ରଭୂତି ଠାରୁ ସନ୍ଥକବି ଭୀମଭୋଇଙ୍କ ପର୍ଯ୍ୟନ୍ତ "ସମ୍ବଲପୁର ଓଡ଼ିଶାର ଐକ୍ୟ ତଥା ମୈତ୍ରୀ ଓ ସଂସ୍କୃତିର ବାର୍ତ୍ତାବହ ରୂପେ ସକ୍ରିୟ ଭୂମିକା ଗ୍ରହଣ କରି ଆସିଛି ।" ଇନ୍ଦ୍ରଭୂତି ପୁରୁଷୋତ୍ତମ ଓ ଜଗନ୍ନାଥଙ୍କର ସମୀକରଣ ମାଧ୍ୟମରେ ଓଡ଼ିଶାର ଧାର୍ମିକ ଚେତନାରେ ବୈପ୍ଳବିକ ପରିବର୍ତ୍ତନ

ଆଣିଥିଲେ । ଡଃ ସାହୁ ଲେଖିଛନ୍ତି "ଓଡ଼ିଆ ଜାତିର ସାଂସ୍କୃତିକ ମହନୀୟତା ନିମନ୍ତେ ସମ୍ବଲପୁରର ଗୌରବୋଜ୍ଜ୍ୱଳ ଅବଦାନର ପଟାନ୍ତର ନାହିଁ ।" ଏସବୁ ଲେଖିବାରେ ତାଙ୍କର ମୂଳ ଉଦ୍ଦେଶ୍ୟ ହେଲା—ସାଧାରଣ ଜନତାକୁ ନିଜର ଜନ୍ମଭୂମି ବିଷୟରେ ସଚେତନ କରିବା; ସେମାନଙ୍କୁ ଜାଗ୍ରତ କରିବା ।

ଡଃ ସାହୁଙ୍କର ଅନେକ ପ୍ରବନ୍ଧ ଐତିହାସିକ ବ୍ୟକ୍ତିତ୍ୱ ଉପରେ ଆଧାରିତ । ଏମାନଙ୍କ ମଧ୍ୟରେ ଶଶାଙ୍କ, ବୈଜଲ ଦେବ, ମୋହନ କୁମାରୀ, ଆଶା କୁମାରୀ, ଖିମାଭୋଇ, ସୁରେନ୍ଦ୍ର ସାଏ ଆଦି ପ୍ରଣିଧାନ ଯୋଗ୍ୟ । ଏହି ପ୍ରବନ୍ଧ ଗୁଡ଼ିକରେ ବ୍ୟକ୍ତିର ମହନୀୟତା ତଥା ଐତିହାସିକତା ରହିଛି । ତତ୍‌ସଂଗେ ଏଥିରେ ପ୍ରାବନ୍ଧିକଙ୍କର ସୃଜନଧର୍ମୀ ସାହିତ୍ୟିକତା ମଧ୍ୟ ସନ୍ନିବେଶିତ ହୋଇଛି । ଏହି ଶ୍ରେଣୀର ଲେଖାମାନଙ୍କରୁ ଐତିହାସିକ ଡଃ ସାହୁଙ୍କର ସାହିତ୍ୟିକ ବ୍ୟକ୍ତିତ୍ୱ ପରିସ୍ଫୁଟ ହୁଏ । ରତ୍ନ କୁମାରୀ, ଆଶା କୁମାରୀ ଓ ସୁରେନ୍ଦ୍ର ସାଏଙ୍କୁ ଲୋକେ ଭୁଲି ସାରିଥିଲେ । ସେମାନଙ୍କ ବିଷୟରେ ଆଲୋକପାତ କରି ପଶ୍ଚିମାଞ୍ଚଳ ତଥା ଓଡ଼ିଶାର ଅଧିବାସୀଙ୍କ ପାଇଁ ସେମାନଙ୍କର ଅବଦାନ ସମ୍ପର୍କରେ ପ୍ରକୃତ ପରିଚୟ ପ୍ରଦାନ କରିଛନ୍ତି । ସୁରେନ୍ଦ୍ର ସାଏଙ୍କୁ ଆଞ୍ଚଳିକ ସ୍ତରରୁ ଉର୍ଦ୍ଧ୍ୱକୁ ନେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ପୁରୋଧା ତଥା ଏକ ଜାତୀୟନେତାର ସମ୍ମାନନୀୟ ସ୍ଥାନ ପ୍ରଦାନ କରାଇବାରେ ତାଙ୍କର ପ୍ରାମାଣିକ ତଥ୍ୟ ସହ ବଳିଷ୍ଠ ଯୁକ୍ତି ପ୍ରଧାନତଃ ଦାୟୀ ।

ଡଃ ନବୀନ କୁମାର ସାହୁଙ୍କର ପ୍ରତ୍ନତତ୍ତ୍ୱ ବିଷୟରେ ମଧ୍ୟ ଅଗାଧ ଜ୍ଞାନ ଥିଲା । ତାହାର ବିତରଣରେ ସେ ସଦା ପ୍ରୟାସୀ ଥିଲେ । ଓଡ଼ିଶାର ପ୍ରତ୍ନତତ୍ତ୍ୱ ତଥା କଳା ସ୍ଥାପତ୍ୟ ସହ ସେ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ । ଭୂଖନନ ଓ ସ୍ଥଳ ସର୍ବେକ୍ଷଣ ଦ୍ୱାରା ପ୍ରାପ୍ତ ଉପାଦାନରୁ ପ୍ରାଚୀନ ଓଡ଼ିଶାର ସଭ୍ୟତା ଓ ସଂସ୍କୃତିର ସମ୍ୟକ୍ ଧାରଣା ପ୍ରଦାନ କରିଛନ୍ତି । କଳାହାଣ୍ଡି ଜିଲ୍ଲାର ନର୍ଲା ନିକଟସ୍ଥ ଅସୁରଗଡ଼ଠାରେ ଭୂଖନନ କରି ଅନେକ ପୁରାତନ ଐତିହାସିକ ପଦାର୍ଥ ଆବିଷ୍କାର କରିଥିଲେ । ତନ୍ମଧ୍ୟରେ ଏକ ଗୋଲକାର ଦେବୀ ମନ୍ଦିରର ଭଗ୍ନାବଶେଷ, ରୌପ୍ୟ ଆହତ ମୁଦ୍ରା ଓ କୁଷାଣମୁଦ୍ରା ପ୍ରଧାନ । ଦେବୀ ମନ୍ଦିରଟି ଓଡ଼ିଶାର ପ୍ରାଚୀନତମ ଗୋଲକାର ଦେବୀ ମନ୍ଦିରର ଭଗ୍ନାବଶେଷ, ରୌପ୍ୟ ଆହତ ମୁଦ୍ରା ଓ କୁଷାଣ ମୁଦ୍ରା ପ୍ରଧାନ । ଦେବୀ ମନ୍ଦିରଟି ଓଡ଼ିଶାର ପ୍ରାଚୀନତମ ଗୋଲକାର ଦେବୀ ମନ୍ଦିର ବୋଲି ଡଃ ସାହୁ ଦାବୀ କରିଛନ୍ତି । ଓଡ଼ିଶାର ଦେବୀ ଉପାସନାର ଏହା ଏକ ପ୍ରାଚୀନ ନିଦର୍ଶନ । ନୂଆପଡ଼ା ଜିଲ୍ଲାର ମାରାଗୁଡ଼ା ଉପତ୍ୟକାର ତ୍ରିଶୂଳ ପାହାଡ଼ ଉପରେ ଭୂଖନନ ଦ୍ୱାରା ଅନେକ ପ୍ରତ୍ନତାତ୍ତ୍ୱିକ ଉପାଦାନ ପ୍ରାପ୍ତ ହୋଇଥିଲା । ଏଠାରେ ସେ ଏକ

ପୁରାତନ ଶୈବ ମଠର ଅବଶେଷ ଆବିଷ୍କାର କରିଥିଲେ । ଶୈବ ମଠଟି ପାଞ୍ଚସ୍ତର ବିଶିଷ୍ଟ ହୋଇଥିବା ସମ୍ଭବ ବୋଲି ଡଃ ସାହୁ ମତପୋଷଣ କରିଛନ୍ତି । ଏହା ନଳରାଜବଂଶ ରାଜତ୍ୱ କାଳରେ ତିଆରି ହୋଇଥିଲା ଓ କିଛି ବର୍ଷପରେ ନଳ-ବାକାଟକ ଯୁଦ୍ଧ ଫଳରେ ଏହା ଧ୍ୱଂସ ପ୍ରାପ୍ତ ହୋଇଥିଲା । ଶୈବ ମଠଟିରେ ଦୁଇଟି ଦେବାଳୟ, ଶୈବ ସନ୍ୟାସୀମାନଙ୍କର ଆବାସ ସ୍ଥଳର ସଂଧାନ ତଥା ଅନେକ ଦେବଦେବୀ ମୂର୍ତ୍ତି ପ୍ରାପ୍ତ ହୋଇଛି । ବରଗଡ଼ ଜିଲ୍ଲାର ଗଣିଆପାଲି ଗ୍ରାମରେ ଭୂଖନନ କରି ଏକ ବଧୁ ଡ଼ାଲି ବିଶିଷ୍ଟ ବୌଦ୍ଧ ବିହାରର ଧ୍ୱଂସାବଶେଷ ଲୋକ ଲୋଚନକୁ ଆଣି, ସେଠାରେ ଏକଦା ଏକ ସମୃଦ୍ଧ ବୌଦ୍ଧ ବିହାରର ଅବସ୍ଥିତି ବିଷୟରେ ସେ ସୂଚନା ଦେଇଛନ୍ତି । ଓଡ଼ିଶାର ପ୍ରାଗ୍-ଐତିହାସିକ ସଂସ୍କୃତି ଉପରେ ଏକ ତାତ୍ତ୍ୱିକ ଓ ମନୋଜ୍ଞ ପ୍ରବନ୍ଧ **Sidelights on History and Culture of Orissa** ପୁସ୍ତକରେ ପ୍ରକାଶ କରିଛନ୍ତି । ପ୍ରବନ୍ଧଟି ଏକାନ୍ତ ବସ୍ତୁନିଷ୍ଠ । ତାଙ୍କର କଳା ଓ ସ୍ଥାପତ୍ୟ ସଂକ୍ରାନ୍ତୀୟ ପ୍ରବନ୍ଧମାନଙ୍କରେ ଏକ ବିଶେଷ ଲକ୍ଷଣ ପରିଦୃଷ୍ଟ ହୁଏ । ଏଥିରେ ତାଙ୍କର ରଚନା ଶୈଳୀ ଚିତ୍ତାକର୍ଷକ, ଭାଷା ସରଳ ଓ ବୋଧଗମ୍ୟ । ଆଲୋଚନାଟି ତତ୍ତ୍ୱିକ ଓ ଭାବୋଦ୍ଦୀପକ ମଧ୍ୟ । ଓଡ଼ିଶାର ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମୀୟ ସ୍ଥାପତ୍ୟ ଶୈଳୀ ଓ କଳାନୈପୁଣ୍ୟର କ୍ରମବିକାଶ ଓ ଉତ୍କର୍ଷର ଏକ ସହଜ ବୋଧ ପରିପ୍ରକାଶ ତାଙ୍କର ପ୍ରବନ୍ଧରେ ଦେଖିବାକୁ ମିଳେ । କଳାହାଣ୍ଡିର ଗୁଡହାଣ୍ଡି ଠାରୁ ସୋନପୁରର ଗୁଣ୍ଡିଗ୍ଲ ମନ୍ଦିର ପର୍ଯ୍ୟନ୍ତ ପଶ୍ଚିମାଞ୍ଚଳର କଳା-ଇତିହାସର କୌଣସି ଦିଗ ତାଙ୍କର ଦୃଷ୍ଟି ଓ କଲମମୁନର ଅନ୍ତରାଳରେ ରହିପାରି ନାହିଁ ।

ରାଉରକେଲାର ଉତ୍କଳ ଦିବସ ଉପଲକ୍ଷେ ପ୍ରକାଶିତ ପ୍ରଗତି ଉତ୍କଳ ସଂଘର ମୁଖପତ୍ର ଉତ୍କଳ ଗୌରବ ସ୍ମାରକୀର ମୁଖ୍ୟ ସଂପାଦକ ଥିଲେ ଡଃ ସାହୁ । ସେ ଉକ୍ତ ପତ୍ରିକାର ସମସ୍ତ ସଂପାଦକୀୟ ଓ ପ୍ରଚ୍ଛଦପଟ ପରିଚୟ ନିଜେ ଲେଖୁଥିଲେ । ସଂପାଦକୀୟ ମାନଙ୍କରେ ତତ୍କାଳୀନ ସାମାଜିକ ଓ ରାଜନୈତିକ ସମସ୍ୟା ଓ ସଂଭାବ୍ୟ ସମାଧାନ ବର୍ଣ୍ଣନା କରି ସେହି ବିଭାଗଟିକୁ ପାଠକମାନଙ୍କ ହୃଦୟସ୍ପର୍ଶୀ କରିପାରିଥିଲେ । ଓଡ଼ିଶାର କଳାକୃତିର ଉତ୍କୃଷ୍ଟ ପ୍ରତିରୂପ ଗୁଡ଼ିକର ଫଟୋଚିତ୍ର ଉକ୍ତ ପତ୍ରିକାର ପ୍ରଚ୍ଛଦ ପଟରେ ସ୍ଥାନିତ ହୋଇ ସ୍ୱୀକୃତି ପାଇଥିଲା । ଫଟୋ ଗୁଡ଼ିକର ସମ୍ୟକ୍ ଓ ପ୍ରାଞ୍ଜଳ ବିବରଣୀ ଡଃ ସାହୁ ନିଜେ ପ୍ରସ୍ତୁତି କରୁଥିଲେ । ଏହାର ବର୍ଣ୍ଣନା ଏତେ ବିସ୍ତୃତ ଓ ସ୍ପଷ୍ଟ ଥାଏ ଯେ ପାଠକ ପାଠକଲା ବେଳେ ମନେହୁଏ ସେ ଯେମିତି ଚିତ୍ରଟିକୁ କିମ୍ବା ବସ୍ତୁଟିକୁ ଦେଖୁଛି । ଏହି ଫଟୋଚିତ୍ରମାନଙ୍କ ମଧ୍ୟରୁ ଗୁଡହାଣ୍ଡିର ପ୍ରାଗ୍ ଐତିହାସିକ ମାନବର ଶିକାର କରିବାର ଦୃଶ୍ୟ, ପ୍ରାଚୀ ଉପତ୍ୟକାର

ମୂର୍ତ୍ତିଶିଳ୍ପ, ରାଜାରାଣୀ ମନ୍ଦିରସ୍ଥ କ୍ଷେପଣ ଯଷ୍ଟି ସହ କନ୍ଦୁକ କ୍ରୀଡ଼ାରତା କାମିନୀ, ଖିଚିଙ୍ଗ ମନ୍ଦିର, ମାଗ୍ରଗୁଡାର ଐତିହାସିକ ବିଭବ ଆଦି ପାଠକମାନଙ୍କ ବେଶ୍ ଦୃଷ୍ଟି ଆକର୍ଷଣ କରେ ।

ଡ଼ଃ ସାହୁଙ୍କର ଐତିହାସିକ ଭୂଗୋଳ ସମ୍ବନ୍ଧୀୟ କେତେକ ପ୍ରବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିବା ଦେଖାଯାଏ । ଏହି ପ୍ରବନ୍ଧ ଗୁଡ଼ିକରେ ଅନେକ ଐତିହାସିକ ସ୍ଥାନମାନଙ୍କର ସଠିକ୍ ନିରୂପଣ ଦେଖିବାକୁ ମିଳେ । ତାଙ୍କର ଲିଖିତ ଉତ୍କଳ (ସପ୍ତର୍ଷି ୧୯୭୪) Kalinga and Utkals in Early Buddhist Literature ( roceedings of Indian Oriental Conference, 1957), Location of Karnasuvarna (OHRJ 1962) କାଳିଦାସଙ୍କ କାବ୍ୟରେ ଓଡ଼ିଶା (ଉତ୍କଳ ଗୌରବ ୧୯୭୫) ତଥା ଅନ୍ୟାନ୍ୟ ଲେଖାମାନ ଐତିହାସିକ ସ୍ଥାନ ମାନଙ୍କର ଭୌଗୋଳିକ ଅବସ୍ଥିତି, ସେମାନଙ୍କର ପରିଚୟ ଓ ନିର୍ଦ୍ଧାରଣର ସମ୍ୟକ୍ ସୂଚନା ବହନ କରେ । ଡଃ ସାହୁ ବିଭିନ୍ନ ଅଭିଲେଖ ଓ ସାହିତ୍ୟ କୃତିରୁ ସଂଗୃହିତ ତଥ୍ୟ ଦ୍ୱାରା ଉତ୍କଳ ଓ କଳିଙ୍ଗର ଉତ୍‌ଥାନ ଓ ପତନ ସହ ତାହାର ଭୌଗୋଳିକ ସୀମାର ସଂକୁଚନ ଓ ପ୍ରସାରଣ ଦକ୍ଷତାର ସହିତ ଦର୍ଶାଇ-ଛନ୍ତି । ଶଶାଙ୍କଙ୍କ ରାଜଧାନୀ କର୍ଣ୍ଣସୁବର୍ଣ୍ଣର ଅବସ୍ଥିତି ପଶ୍ଚିମବଙ୍ଗର ରଙ୍ଗ ମାଟିରେ ନିର୍ଦ୍ଦେଶାଇ ବେଗଲରଙ୍କ ମତକୁ ସମର୍ଥନ କରି ଏହା ଖିଚିଙ୍ଗ— ବେଣୁସାଗର ଅଞ୍ଚଳରେ ଥିବାର ଆଶାପୋଷଣ କରିଛନ୍ତି । କବି କାଳିଦାସ କୃତ ମେଘଦୂତର ରାମଗିରିକୁ କେତେକ ଐତିହାସିକ ନାଗପୁରର ରାମଟେକ୍ ସହିତ ଓ ଆଉ କେତେକ ସୁରଗୁଜା ଜିଲ୍ଲାର ରାମଗଡ଼ ସହିତ ଚିହ୍ନିତ କରିଛନ୍ତି । କିନ୍ତୁ ଡ଼ଃ ସାହୁ ମେଘର ଗତିପଥ ତଥା ସ୍ଥାନର ପ୍ରାଚୀନତା ଦୃଷ୍ଟିରୁ କାଳିଦାସଙ୍କ ରାମଗିରିକୁ କୋରାପୁଟର ରାମଗିରି ପର୍ବତ ପାଦଦେଶରେ ଥିବା ରାମଗିରି ଗ୍ରାମ ସହିତ ଚିହ୍ନିତ କରିଛନ୍ତି ।

ଡ଼ଃ ସାହୁ ନିଜକୁ ଓଡ଼ିଶା ଓ ଭାରତର ସୀମା ଭିତରେ ଆବଦ୍ଧ ନକରି ଦରିଆ ପାରିକୁ ନେଇ ଯାଇଛନ୍ତି । ପ୍ରାଚୀନ କାଳରେ କଳିଙ୍ଗର ନୌବାଣିଜ୍ୟ ଓ ସାଂସ୍କୃତିକ ସମ୍ବନ୍ଧ ସିଂହଳ ତଥା ପୂର୍ବ-ଭାରତୀୟ ଦ୍ୱୀପପୁଞ୍ଜ ସହିତ ବେଶ ଘନିଷ୍ଠ ଥିଲା । ଏହା ଉପରେ ତାଙ୍କର ଏକ ଏକ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶ ପାଇଛି ।

ଡଃ ସାହୁ ସମସ୍ତ ସମୟରେ ଜନସାଧାରଣଙ୍କ ସମ୍ମୁଖରେ ଶୃଙ୍ଖଳିତ ତଥା କୌତୂହଳ ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବାରେ ଆନନ୍ଦ ଲାଭ କରନ୍ତି । ଏହା କିନ୍ତୁ ଅନେକ ସମୟରେ ବିତର୍କୀୟ ହୋଇ ପଡେ । ସେପରି ଏକ

ପ୍ରବନ୍ଧ ସେ 'ମାଦଳାପାଞ୍ଜି' ଉପରେ ଲେଖିଥିଲେ । ସେ ଏହାର ଐତିହାସି-କତାରେ ସଂଦେହ ପ୍ରକାଶ କରି ଏବଂ ଏହାର ରଚନା କାଳ ଊନବିଂଶ ଶତାବ୍ଦୀ ବୋଲି ନିର୍ଦ୍ଧାରଣ କରିଥିଲେ । ଏବେ ଏହା ସତ୍ୟବୋଲି ଅନେକ ଗବେ-ଷକଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଛି । ତାପରେ ସେ ରାମାୟଣ ଯୁଗର ରାବଣର ରାଜଧାନୀ ଲଙ୍କାର ଅବସ୍ଥିତି ପଶ୍ଚିମ ଓଡ଼ିଶାର ସୋନପୁର ଅଞ୍ଚଳରେ ବୋଲି ନିର୍ଦ୍ଧାରଣ କରି ଏକ ବିତର୍କ ମୂଳକ ପ୍ରବନ୍ଧ ରଚନା କଲେ । ଏହି ଲଙ୍କା ପ୍ରସଙ୍ଗ କେବଳ ଓଡ଼ିଶାରେ କାହିଁକି ସମଗ୍ର ଭାରତର ଜନମାନସରେ ପ୍ରବଳ ଆଲୋଡ଼ନ ସୃଷ୍ଟି କଲା । ଏହାର ସପକ୍ଷରେ ଓ ବିପକ୍ଷରେ ଅନେକ ଲେଖା ପ୍ରକାଶ ପାଇଲା । ଏହି ବିବାଦୀୟ ପ୍ରସଙ୍ଗର ଏଯାବତ୍ ସର୍ବସମ୍ମତ ସମାଧାନ ହୋଇ ପାରିନାହିଁ । ଏହା ଭବିଷ୍ୟତ ଗବେଷଣା ଓ ନୂତନ ଉପାଦାନର ଆବିଷ୍କାର ଉପରେ ନିର୍ଭର କରେ ।

ଏତଦ୍‌ବ୍ୟତୀତ ଡଃ ସାହୁ ଅନେକ ଗୁରୁତ୍ୱ ଜାତୀୟ ପାଠଚକ୍ରରେ ସାର-ଗର୍ଭକ ବକ୍ତୃତାମାନ ପ୍ରଦାନ କରିଥିଲେ । ଆକାଶବାଣୀ ମାଧ୍ୟମରେ ମଧ୍ୟ ସେ ଏ ଅଞ୍ଚଳରେ ଐତିହାସିକ ତଥ୍ୟ ଜନସାଧାରଣଙ୍କ ଅବଗତି ନିମନ୍ତେ ପରିବେଷଣ କରିଥିଲେ । ଏଗୁଡ଼ିକୁ ତାଙ୍କର ମୌଳିକ ପ୍ରବନ୍ଧ ରୂପେ ନିଆଯାଇପାରେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଆନୁକୂଲ୍ୟରେ ଆୟୋଜିତ ଜାତୀୟ ପାଠଚକ୍ରରେ ୧୯୮୫ ଓ ୧୯୮୭ ଖ୍ରୀ ରେ ବୀର ସୁରେନ୍ଦ୍ର ସାଏଙ୍କ ବିଷୟରେ ଏକ ଜ୍ଞାନୋଦ୍ଦୀପକ ବକ୍ତୃତା ପ୍ରଦାନ କରିଥିଲେ । ଆକାଶବାଣୀରେ ହୁମା ମନ୍ଦିର, ନୃସିଂହନାଥ, ଚନ୍ଦ୍ରଶେଖର ବେହେରା, ଆଇଜାକ୍ ସାନ୍ତ୍ରା, ରତ୍ନାକର ବେହେରା, ପଶ୍ଚିମ ଓଡ଼ିଶାର ମନ୍ଦିର ଆଦି ଅନେକ ଉପାଦେୟ ପ୍ରବନ୍ଧ ପାଠ କରିଥିଲେ । ଡଃ ସାହୁ ଖ୍ରୀ. ୧୯୬୫ରେ ଶାନ୍ତି ନିକେତନରେ ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ ବିଷୟରେ ଏକ ପ୍ରବନ୍ଧ ପାଠ କରିଥିଲେ । ସେ ପ୍ରବ-ନ୍ଧରେ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖର ଭାଷାର ଗୁରୁତ୍ୱ ବିଷୟରେ ଆଲୋ-ଚନା କରି ଦର୍ଶାଇଥିଲେ ଯେ ଭାଷାଦୃଷ୍ଟିରୁ ଏହାର ବହୁ ସାମଞ୍ଜସ୍ୟ ପାଲି ଭାଷାରେ ପରିଲକ୍ଷିତ ହୁଏ । ତେଣୁ ହାତୀଗୁମ୍ଫା ଅଭିଲେଖର ଭାଷାକୁ ପାଲିଭାଷାର ପ୍ରାକ୍-ସ୍ୱରୂପ ଭାବରେ ଗ୍ରହଣ କରାଯାଇପାରେ । ତାଙ୍କ ପୂର୍ବରୁ Kern Woolner, P. C. Bagchi, Bhandarkar ଓ N. Dutt ଆଦି ଭାଷାବିତ୍‌ମାନେ ପୂର୍ବ ଭାରତ ବିଶେଷତଃ କଳିଙ୍ଗକୁ ପାଲିଭାଷାର ଉତ୍ପତ୍ତିସ୍ଥଳ ବୋଲି ମତ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଡଃ ସାହୁଙ୍କର ମତ ଯୁକ୍ତିଯୁକ୍ତ ମନେହୁଏ ।

ତାଙ୍କର ପ୍ରାବନ୍ଧିକ ପ୍ରତିଭା ଏତେ ଶକ୍ତିଶାଳୀ ଥିଲେ ମଧ୍ୟ ଓ ବହୁ ପ୍ରବନ୍ଧ ରଚନା କରିଥିଲେ ମଧ୍ୟ, ଆତ୍ମଜୀବନୀ ମୂଳକ ପ୍ରବନ୍ଧ ଗୋଟିଏ ସୁଦ୍ଧା ସେ ଲେଖି ନାହାନ୍ତି । ତାଙ୍କର ଦୁଃଖ, କଷ୍ଟ, ଗର୍ବ ବଡ଼ିମା ଇତ୍ୟାଦିର ଆଭାସ କୌଣସି ପ୍ରବନ୍ଧରେ ଦେଖିବାକୁ ମିଳେନାହିଁ । ତାଙ୍କ ପ୍ରବନ୍ଧରେ କୌଣସି ଆକ୍ରୋଶ ମୂଳକ ଲେଖା ସ୍ଥାନ ପାଇନାହିଁ । ବ୍ୟକ୍ତିଗତ ଆକ୍ଷେପ ତାଙ୍କର ଚରିତ୍ର-ବହିର୍ଭୂତ ଥିଲା । ବିତର୍କୀୟ ପ୍ରବନ୍ଧମାନଙ୍କରେ ଜିମ୍ମା ଯୁକ୍ତି ଉପସ୍ଥାପନ କଲାବେଳେ ସେ ବିନୀତଭାବ ପୋଷଣ କରି ଓ ଭାଷାର ଶାଳୀନତା ଉଲଂଘନ ନକରି ଅନ୍ୟ ଗବେଷକମାନଙ୍କର ମତ ଖଣ୍ଡନ କରୁଥିଲେ । ସେ ଏକ ଗରିବ ପରିବାରରୁ ଆସିଥିଲେ ଓ ଜୀବନରେ ଅନେକ ଘାତ ପ୍ରତିଘାତ ପାଇଥିଲେ । କିନ୍ତୁ ସେ ଏହାକୁ ତାଙ୍କର ଲେଖା ପରିସରକୁ ଆଣିନଥିଲେ । ସର୍ବଦା ସେ ଆଶାବାଦୀ ଥିଲେ । ଗୋଟିଏ ମାଟିର ସନ୍ତାନ ହେଲେ ହେଁ ସେ ଗଙ୍ଗାଧରଙ୍କ ପରି ନିଜର ଦୁଃଖ ଦୈନ୍ୟକୁ ପାଠକଙ୍କ ସମ୍ମୁଖରେ ପ୍ରକାଶ କରି ନାହାନ୍ତି । ତାଙ୍କର ପ୍ରବନ୍ଧର ମହତ୍ ଉଦ୍ଦେଶ୍ୟ ହେଲା ଜ୍ଞାନ ବିତରଣ । ଜ୍ଞାନ ଆହରଣ ସମସ୍ତେ କରନ୍ତି, କିନ୍ତୁ ଉପଯୁକ୍ତ ବିତରଣ କେତେ ଜଣ କରି ପାରିଛନ୍ତି ? ଡ଼ଃ ନବୀନ କୁମାର ସାହୁ ସଦା ନବୀନତ୍ୱର ଅନୁସନ୍ଧାନରେ ବ୍ରତୀ ହୋଇ ନିଜର ନାମକରଣ ସାର୍ଥକ କରି ପାରିଛନ୍ତି ।

ଡଃ ସାହୁ ଏକ ଶୁଷ୍କ ଐତିହାସିକ ନଥିଲେ । ଇତିହାସକୁ ସବୁବେଳେ ସେ ସରସ, ସୁନ୍ଦର ତଥା ଜୀବନ୍ତ କରି ତୋଳିଥିଲେ । ଏହାକୁ ଲୋକପ୍ରିୟ କରିଥିଲେ । ଏକ ନିରଳସ, ଅମାୟିକ ଓ ନମ୍ର ବ୍ୟକ୍ତିତ୍ୱ ତାଙ୍କର ପ୍ରବନ୍ଧ ଗୁଚ୍ଛର ଉହାଡ଼ରେ ସର୍ବଦା ଉଙ୍କି ମାରୁଥିଲା । ତାଙ୍କର ଓଡ଼ିଶାକୁ ଏହି ଅମୂଲ୍ୟ ଅବଦାନ ପାଇଁ ସେ ଓଡ଼ିଆ ଜାତିର ଚିର ନମସ୍ୟ ହୋଇ ରହିବେ । ●

# ସଂଗଠକ ନବୀନ କୁମାର

## [ପ୍ରଗତି ଉତ୍କଳ ସଂଘ ଓ ଡଃ ନବୀନ କୁମାର ସାହୁ]

• ବିରୂପାକ୍ଷ ପାତ୍ରୀ

ସାମାନ୍ୟ ମୃଣ୍ମୟ ପଥର ଖଣ୍ଡିଏ ବହୁଦିନ ପର୍ଯ୍ୟନ୍ତ ରାସ୍ତା ଧାରରେ ଘଣ୍ଟି ରହିଥିଲେ ମଧ୍ୟ ସହଜରେ କାହାର ଦୃଷ୍ଟି ଆକର୍ଷଣ କରେ ନା । ଯଦି ଦୈବାତ୍ ସେହି ପଥର ଖଣ୍ଡିକ କୌଣସି କୁଶଳୀ 'ଶିଳ୍ପୀ'ର ହାତସ୍ପର୍ଶ ପାଇ ଏକ ମନୋରମ ମୂର୍ତ୍ତିର ରୂପଧାରଣ କରେ ତେବେ ତାହା ଶିଳ୍ପ ଭାସ୍କର୍ଯ୍ୟ ପ୍ରେମୀ ଜନସମାଜର ଅଦରଲଭ ସହିତ ସ୍ୱତନ୍ତ୍ର ସମ୍ମାନପାଏ । ସେହିପରି କେବଳ ଦଶ ବର୍ଷର ସ୍ୱଳ୍ପ ପରିଚିତ ସାଂସ୍କୃତିକ ଅନୁଷ୍ଠାନ "ପ୍ରଗତି ଉତ୍କଳ ସଂଘ" ଏକ ଅଲୌକିକ ପ୍ରତିଭା ସମ୍ପନ୍ନ, ସ୍ୱନାମଧନ୍ୟ ଗବେଷକ, ଐତିହାସିକ ଡକ୍ଟର ନବୀନ କୁମାର ସାହୁଙ୍କ ଆଶୀର୍ବାଦ ଲାଭକରି ଥିଲା । ସେଥିଯୋଗୁ ଖୁବ୍ ଅଳ୍ପ ସମୟ ମଧ୍ୟରେ ଓଡ଼ିଶାର ପ୍ରତିଭାବାନ ଶିକ୍ଷାବିତ୍, ଲେଖକ, ସାମ୍ବାଦିକ, କଳାକାର, ଶିଳ୍ପୀ, କ୍ରୀଡ଼ାବିତ୍, ଜନସେବକ ତଥା ସଂସ୍କୃତି ସଚେତନ ଜନସାଧାରଣଙ୍କର ଅଦରଣୀୟ ହୋଇ ପାରିଛି । ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ସେ ସଂଘର ସାଂସ୍କୃତିକ କାର୍ଯ୍ୟ-ଧାରାରେ ଏପରି ଓତଃପ୍ରୋତ ଭାବେ ଜଡ଼ିତ ହୋଇପଡ଼ିଥିଲେ ଯେ ଏ ସମ୍ପର୍କ ଚିରସ୍ଥାୟୀ ହୋଇ ରହିଗଲା ।

୧୯୬୭ ବେଳକୁ 'ପ୍ରଗତି ଉତ୍କଳ ସଂଘ'ର ସଭ୍ୟମାନେ ସଂଘର ସ୍ଥିତିକୁ ଅଧିକ ସୁଦୃଢ଼ କରିବାକୁ ଏକ ସାର୍ବଜନୀନ ଉତ୍ସବ ମାଧ୍ୟମରେ ଜନସାଧାରଣଙ୍କ ନିକଟତର ହେବାକୁ ଆଗ୍ରହୀ ହେଲେ । ମୋର କର୍ମକ୍ଷେତ୍ରର ବନ୍ଧୁ ଶ୍ରୀ ଅଚ୍ୟୁତା-ନନ୍ଦ ବାରିକ ଓ ମୁଁ ଆଲୋଚନା କରି ଓଡ଼ିଶା ରାଜ୍ୟର ଜନ୍ମ ଦିନ ଏପ୍ରିଲ ପହିଲାକୁ "ଉତ୍କଳ ଦିବସ" ରୂପେ ବିଧିବଦ୍ଧ ଭାବରେ ପାଳନ କରିବା ନିମନ୍ତେ ସଂଘର ଅକ୍ଟୋବର ମାସର କାର୍ଯ୍ୟକାରୀ ସମିତି ବୈଠକରେ ପ୍ରସ୍ତାବ ଦେଲୁ । ବନ୍ଧୁ ଶ୍ରୀ ସତ୍ୟନାରାୟଣ ମହାନ୍ତି ମଧ୍ୟ ଏହି ବୈଠକରେ ଏପ୍ରିଲ ୨୮ ତାରିଖରେ "ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ" ପାଳନ ପାଇ ପ୍ରସ୍ତାବ ଆଗତ କଲେ । ଆଲୋଚନା ଶେଷରେ ଏପ୍ରିଲ ପହିଲା ଦିନ "ଉତ୍କଳ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ" ଉତ୍ସବ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହେଲା ଓ ଜାନୁୟାରୀ ମାସରେ ଜରୁରୀ ସାଧାରଣ ସଭା ବୈଠକରେ ଏହା ଅନୁମୋଦନ ଲାଭକଲା ।

ଫେବୃୟାରୀ ମାସର ଦ୍ୱିତୀୟ ସପ୍ତାହରେ ବନ୍ଧୁ ଶ୍ରୀ କରଣ ଚନ୍ଦ୍ର ଦାସଙ୍କ ଏକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଉତ୍ସବ ଉପଲକ୍ଷେ ଏକ "ସ୍ମାରକୀ" ଗ୍ରନ୍ଥ ପ୍ରକାଶ କରିବାକୁ ସ୍ଥିରୀକୃତ ହେଲା । ନୀତିଗତ ଭାବରେ ଏହି ଗ୍ରନ୍ଥରେ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିଳ୍ପକଳା, ସାଙ୍ଗରେ ଏହାର ଗୌରବମୟ ଇତିହାସ ତଥା ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନୀ ସମ୍ବଳିତ ଲେଖାମାନ ପ୍ରକାଶ କରି ଜନସାଧାରଣଙ୍କ ମନରେ ଜାତୀୟଭାବର ଜାଗରଣ ଓ ସାଂସ୍କୃତିକ ସଚେତନତା ସୃଷ୍ଟି କରିବାକୁ ସ୍ଥିର କରାଗଲା । କେତେକ ଯୁବଲେଖକ ବନ୍ଧୁଙ୍କ ପ୍ରତିଶ୍ରୁତି ଓ ପରାମର୍ଶ କ୍ରମେ ପ୍ରସ୍ତାବକ ଶ୍ରୀ କରଣ ଚନ୍ଦ୍ର ଦାସ, ସାଂସ୍କୃତିକ ସମ୍ପାଦକ ଶ୍ରୀ ସତ୍ୟନାରାୟଣ ମହାନ୍ତି (ଗାନ୍ଧୀ) ଓ ମୁଁ ସମ୍ବଲପୁରରେ ଅନୁଷ୍ଠିତ ହେଉଥିବା "ଓଡ଼ିଶା ଯୁବ ଲେଖକ ସମ୍ମିଳନୀ"ରେ ଯାଇ ତା ୧୪-୨-୭୮ ରିଖ ସକାଳେ ପହଞ୍ଚିଲୁ । ସେଦିନ ତମାମ୍ ଓ ତାପର ଦିନ ପୂର୍ବାହ୍ନ ପର୍ଯ୍ୟନ୍ତ ବନ୍ଧୁ ଲେଖକଙ୍କୁ ଅନୁରୋଧ କରି ବିଫଳ ହେଲୁ । ସମୟର ସ୍ୱଳ୍ପତା ଦୃଷ୍ଟିରୁ ସମସ୍ତେ ନିଜ ନିଜର ଅକ୍ଷମତା ପ୍ରକାଶ କଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ କୌଣସି ପ୍ରକାରର ପ୍ରକାଶନର ଅଭିଜ୍ଞତା ଆମ୍ଭମାନଙ୍କର ନଥିଲା କିନ୍ତୁ ଏହି "ସ୍ମାରକୀ" ପ୍ରକାଶ ନିମନ୍ତେ ଯେ କୌଣସି ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଆମ୍ଭମାନଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଥାଏ । ବିଫଳ ହୋଇ ଫେରିଗଲେ ଆମ ତିନି ଜଣଙ୍କ ଅବସ୍ଥା ଯାହା ହେବ ତାହା ସହଜେ ଅନୁମେୟ । ପୂର୍ବରୁ ଉତ୍ସାହ ହ୍ରାସ ପାଇଲେ ମଧ୍ୟ ହତାଶ ହୋଇ ନଥିଲୁ । ସର୍ବଶେଷ ଚେଷ୍ଟା ସ୍ୱରୂପ ଉକ୍ତ ସମ୍ମିଳନୀର ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଦୁର୍ଗାପ୍ରସାଦ ନାୟକ ତଥା ତାଙ୍କର ସହଧର୍ମିଣୀ ସମାଜସେବିକା ଶ୍ରୀମତୀ ସୈରେନ୍ଧ୍ରୀ ନାୟକ ଏବଂ ବ୍ୟଙ୍ଗ ସାହିତ୍ୟିକ ଓଁକଲ ଶ୍ରୀ ସୁନୀଲ ମିଶ୍ରଙ୍କର ସାହାଯ୍ୟ ପ୍ରାର୍ଥୀ ହେଲୁ । ସଂଯୋଗକୁ ଏମାନେ ସମସ୍ତେ ମୋର ନିକଟ ସମ୍ପର୍କୀୟ ପାରିବାରିକ ବନ୍ଧୁ ତଥା ସମ୍ମାନାସ୍ପଦ ସଂସ୍କୃତିପ୍ରେମୀ ଉତ୍ସାହୀ ବ୍ୟକ୍ତି । ଆମ୍ଭମାନଙ୍କ ଏକାନ୍ତ ଅନୁରୋଧରେ ଏକ କ୍ଷୁଦ୍ର ଆଲୋଚନା ପରେ. ତାଙ୍କ ପକ୍ଷରୁ "ସ୍ମାରକୀ"ର ଯୁଗ୍ମ-ସମ୍ପାଦକ ଭାରଗ୍ରହଣ କରିବାକୁ ପ୍ରଖ୍ୟାତ ଲେଖକ ଶ୍ରୀ ଗୋପୀନାଥ ମହାନ୍ତି ଓ ପ୍ରବୀଣ ଐତିହାସିକ ଡ଼କ୍ଟର ନବୀନ କୁମାର ସାହୁଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଦେଲେ । କାଳବିଳମ୍ବ ନକରି ସଭାସ୍ଥଳରେ ଉପସ୍ଥିତ ଶ୍ରୀ ଗୋପୀନାଥ ମହାନ୍ତିଙ୍କୁ ସବୁକଥା ଜଣାଇଲୁ । ସେ ମହାଶୟ ଏଥିନିମନ୍ତେ ନିଜର ସମ୍ମତି ଜଣାଇଥିଲେ ମଧ୍ୟ ପରେ ସମୟ ଅଭାବରୁ ଆମ୍ଭମାନଙ୍କୁ ସାହାଯ୍ୟ କରି ପାରିନଥିଲେ । ଏହାପରେ ମୋର ଦୁଇ ବନ୍ଧୁ ରାଉରକେଲା ଫେରିଲେ ଏବଂ ଡକ୍ଟର ନବୀନ କୁମାର ସାହୁଙ୍କୁ ସାକ୍ଷାତ୍ କରି

ଅନୁରୋଧ ଜଣାଇବାକୁ ଅଧ୍ୟାପକ ମହାପାତ୍ର ଓ ମୁଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ (ଧନୁପାଲି)କୁ ଗଲୁ ।

ଏତେ ବେଳକେ ମୋର ମନରେ ଆଶାର ସଞ୍ଚାର ହେଲା । ଡ଼କ୍ଟର ସାହୁଙ୍କ ସଙ୍ଗେ ବହୁ ଦିନ ତଳେ ୧୯୫୨-୫୩ ମସିହାରେ ମୁଁ ରାଣୀହାଟ ସ୍କୁଲର ଛାତ୍ର ଥିବାବେଳେ ରେଭେନ୍ସା କଲେଜର ତତ୍କାଳୀନ ଇତିହାସ ଅଧ୍ୟାପକ ପ୍ରଫେସର ଘନଶ୍ୟାମ ଦାସଙ୍କ ଘରେ ଅନେକ ଥର ସାକ୍ଷାତ ହୋଇଥିଲା କିନ୍ତୁ ଏବେ ସେକଥା ଜଣାଇବି କି ନାହିଁ ଠିକ କରି ପାରୁ ନଥାଏ । ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଡକ୍ଟର ସାହୁଙ୍କୁ ସାକ୍ଷାତ କଲୁଁ । ମୋ ପାଖରୁ ସବୁ ବିଷୟ ସ୍ଥିର ଚିତ୍ତରେ ଶୁଣିବା ପରେ ସେ ଗ୍ରନ୍ଥ-ସମ୍ପାଦକ ଦାୟିତ୍ୱ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କଲେ । ତାହା ସଙ୍ଗରେ ପନ୍ଦର ବର୍ଷ ତଳର ଆମ ଭିତରେ ସାକ୍ଷାତ ହୋଇ-ଥିବା ବିଷୟରେ କହି ମୋତେ ଚକିତ କରି ଦେଲେ, ଅଧ୍ୟାପକ ମହାପାତ୍ର ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ । ତାପରଦିନ ସକାଳୁ ତାଙ୍କ ବାସଭବନରେ ଆମ୍ଭମାନଙ୍କୁ ଜଳଯୋଗର ନିମନ୍ତ୍ରଣ ଜଣାଇ ବିଦାୟ ଦେଲେ । "ସ୍ମାରକୀ" ଯେ ପ୍ରକାଶ ପାଇବ ଏ ବିଷୟରେ ନିଃସନ୍ଦେହ ହେବାକୁ ଅଧ୍ୟାପକ ମହାପାତ୍ର ମୋତେ ଆଶ୍ୱାସବାଣୀ ଶୁଣାଇଲେ । ମୁଁ ଆନନ୍ଦରେ ପୁଲକିତ ହୋଇ ଉଠିଲି ।

୧୭-୨-୭୮ ଦିନ ସକାଳ ସାଢ଼େ ଆଠଟା ବେଳେ ଆମ୍ଭେମାନେ ଡକ୍ଟର ସାହୁଙ୍କ କମିଶନର କଲୋନୀ ସ୍ଥିତ ବାସଭବନରେ ପହଞ୍ଚିଲୁଁ । ଜଳଯୋଗ ସମୟରେ ଡକ୍ଟର ସାହୁ "ପ୍ରଗତି ଉତ୍କଳ ସଂଘ'ର ଉଦ୍ଦେଶ୍ୟ, ଲକ୍ଷ୍ୟ, ପରିଚାଳନା ପ୍ରଣାଳୀ ଇତ୍ୟାଦି ବିଷୟରେ ତଥା ପ୍ରସ୍ତାବିତ ଉତ୍ସବ ଓ ସ୍ମାରକୀ ସମ୍ବନ୍ଧରେ ଆମର ପରିକଳ୍ପନା ବିଷୟରେ ସବୁ କିଛି ବୁଝି ନେଲେ । ଉପଦେଶ ଦେଇ କହିଲେ ଯେ ସ୍ମାରକୀ ଗ୍ରନ୍ଥରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଶିଳ୍ପକଳା ଉପରେ ଉନ୍ନତ ମାନର ଗବେଷଣାତ୍ମକ ପ୍ରବନ୍ଧ ସାଙ୍ଗରେ ଐତିହାସିକ ଦଲିଲ ତଥା ମଧୁବାବୁଙ୍କ ଜୀବନୀ ତାଙ୍କର ବାଣୀ ଓ ରଚନା ସମ୍ବଳିତ ଲେଖା ଗୁଡ଼ିକୁ ସ୍ଥାନ ଦେବାକୁ ହେବ । ଜଣେ ଯୋଗ୍ୟ ଲୋକକୁ କଟକ ପଠାଇ କିଛି ଉପାଦେୟ ଲେଖା ପାଇଁ ଚେଷ୍ଟା କରିବାକୁ ଓ ସେଠାକାର ପ୍ରେସମାନଙ୍କ ସଙ୍ଗେ ଯୋଗାଯୋଗ କରିବାକୁ କହିଲେ । ରାଉରକେଲାରୁ ମଧ୍ୟ ଯେତେ ଲେଖା ମିଳିବ ସେଗୁଡ଼ିକୁ ନେଇ ମାର୍ଚ୍ଚ ୭ ତାରିଖ ସୁଦ୍ଧା ତାଙ୍କ ପାଖରେ ଉପସ୍ଥିତ ହେବାକୁ ମୋତେ ନିର୍ଦ୍ଦେଶ ଦେଲେ । ଅଧ୍ୟାପକ ମହାପାତ୍ର ତାଙ୍କୁ ସମ୍ପାଦନା କାର୍ଯ୍ୟରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଲେ । ତାଙ୍କଠାରୁ ଆମ ମଞ୍ଚପତି ଓ

ସଭ୍ୟମାନଙ୍କ ପାଇଁ ଏକ ଶୁଭେଚ୍ଛାବାର୍ତ୍ତା ନେଇ ମୁଁ ଖୁସି ମନରେ ରାଉରକେଲା ଫେରିଲି ।

ଉଲ୍ଲିଖିତ ସବୁ ବିଷୟରେ ସଂଘର ଏକ ଆଲୋଚନା ହେଲା । କର୍ମକର୍ତ୍ତା ଓ ସଭ୍ୟମାନେ ଆନନ୍ଦରେ ବିଭୋର ହୋଇ ଦ୍ୱିଗୁଣ ଉତ୍ସାହରେ ଉତ୍ସବର ଆୟୋଜନରେ ଲାଗି ପଡ଼ିଲେ । ସମ୍ପାଦକଙ୍କୁ ଏକ ସାକ୍ଷାତଭାବରେ ସଂଘର ସଭାପତି ଏହି ଉତ୍ସବ ପାଳନର ମହତ୍ତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ଏକ ବକ୍ତବ୍ୟ ପ୍ରଦାନ କରି ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ସବୁ ଓଡ଼ିଆ ଅନୁଷ୍ଠାନ ଏହି ଉତ୍ସବ ପାଳନ କରିବାକୁ ନିବେଦନ କରିଥିଲେ । ସାଂସ୍କୃତିକ ସମ୍ପାଦକ ଶ୍ରୀ ସତ୍ୟନାରାୟଣ ମହାନ୍ତି ଫେବୃୟାରୀ ୨୨ ତାରିଖରେ କଟକ ଯାଇ ଅନେକ ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ ସାକ୍ଷାତ କରି ଉପାଦେୟ ଲେଖା ପାଇଁ ସଂଘର ଅନୁରୋଧ ପତ୍ର ଦେବାରୁ କେତେକଜଣ ଲେଖା ପଠାଇବାକୁ ପ୍ରତିଶ୍ରୁତି ଦେଲେ । କିନ୍ତୁ କୌଣସି ପ୍ରେସ ଏତେ ଅଳ୍ପ ସମୟ ମଧ୍ୟରେ ଶହେ ପୃଷ୍ଠାର ଏକ ଗ୍ରନ୍ଥ ଛାପିବାକୁ ନିର୍ଭର ପ୍ରତିଶ୍ରୁତି ଦେଇପାରିଲେ ନାହିଁ । ଶେଷ ବିଶିଷ୍ଟ କବି ଶ୍ରୀ ମହେଶ୍ୱର ପଣ୍ଡାଙ୍କ ପରାମର୍ଶରେ ବନ୍ଧୁ ଅଚ୍ୟୁତାନନ୍ଦ ବାରିକ କଣ୍ଢେଇକୋଳ ଯାଇ ରହସ୍ୟ-ରୋମାଞ୍ଚ ଉପନ୍ୟାସ ଲେଖକ ଶ୍ରୀ କନ୍ଦୁରୀ ଚରଣ ଦାସ ଓ ତାଙ୍କର ଭାଇ କଳିଙ୍ଗ ମୁଦ୍ରଣୀର ମାଲିକ ଶ୍ରୀ ପ୍ରାଣକୃଷ୍ଣ ଦାସଙ୍କୁ ସାକ୍ଷାତ କଲେ । ସେମାନେ ୧୫ ଦିନ ମଧ୍ୟରେ ସ୍ମାରକୀଟିକୁ ଛାପି ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଲେ ।

ଡକ୍ଟର ସାହୁଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ମୁଁ ମାର୍ଚ୍ଚ ମାସର ୬ ତାରିଖରେ ରାଉରକେଲାରୁ ସଂଗୃହୀତ ଫଟୋଟି, କଟକରୁ ଆସିଥିବା ଦୁଇଟି ଲେଖା ନେଇ ତାଙ୍କ ପାଖରେ ପହଞ୍ଚିଲି । ସେ ତାଙ୍କ ନିଜର ଓ ଅଧ୍ୟାପକ ମହାପାତ୍ରଙ୍କ ଲିଖିତ ଦୁଇଟି ଲେଖା ସହିତ ବିଭିନ୍ନ ଐତିହାସିକ ଦଲିଲ, ପୂର୍ବ ପ୍ରକାଶିତ ମଧୁବାବୁଙ୍କ ବକ୍ତୃତା ଓ କବିତା ତଥା ତାଙ୍କର ଜୀବନୀ ଉପରେ ଏଡଭୋକେଟ ଶ୍ରୀ ନବ କିଶୋର ଦାସଙ୍କ ଏକ ଲେଖା, ଏବଂ ମଧୁବାବୁଙ୍କ କନ୍ୟା କୁମାରୀ ଶୈଳବାଳାଙ୍କ ଏକ ପାଣ୍ଡୁଲିପିର କିୟଦଂଶ ସ୍ମାରକୀ ପାଇଁ ପ୍ରସ୍ତୁତ କରି ରଖିଥିଲେ । ଏ ଗୁଡ଼ିକୁ ସଜାଡ଼ି ଓଡ଼ିଆ ଓ ଇଂରାଜୀ ଭାଷାର ଏକ ସର୍ବାଙ୍ଗ ସୁନ୍ଦର ପାଣ୍ଡୁଲିପି ପ୍ରସ୍ତୁତ କରାଗଲା । ପ୍ରଚ୍ଛଦ ପଟ୍ଟରେ ପ୍ରଗତିର ସ୍ୱରୂପ ସୂର୍ଯ୍ୟ ମନ୍ଦିରର କୋଣାର୍କ ଚକ୍ରର ପ୍ରତିଛବି ଦେବାକୁ ଏବଂ ସ୍ମାରକୀର ଆରମ୍ଭରେ ମଧୁବାବୁଙ୍କ ପ୍ରତିକୃତି ଦାମୀ କାଗଜରେ ଛପାଇ ସନ୍ନିବେଶ କରିବାକୁ ସ୍ଥିର କରାଗଲା । ସମ୍ପାଦନା କାର୍ଯ୍ୟରେ ଡକ୍ଟର ସାହୁଙ୍କୁ ଅଧ୍ୟାପକ ମହାପାତ୍ର ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରିଥିଲେ । ମୋର ପୂର୍ବ ପରିଚିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର କର୍ମଚାରୀ ଶ୍ରୀ ଅନ୍ତର୍ଯ୍ୟାମୀ ଷଡ଼ଙ୍ଗୀ ବହୁ କଷ୍ଟ ସ୍ୱୀକାର କରି ପାଣ୍ଡୁଲିପିର ଇଂରାଜୀ ଅଂଶକୁ

ଟାଇପ କରିଥିଲେ । ତାଙ୍କର ସାହାଯ୍ୟ ଭୁଲିହେବ ନାହିଁ । ଏତେ ବଡ଼ କାର୍ଯ୍ୟକୁ ଏତେ ଅଳ୍ପ ସମୟ ମଧ୍ୟରେ ସୁରୁଖୁରୁରେ ସମ୍ପାଦନ କରିବା କେବଳ ଡକ୍ଟର ସାହୁ ଏବଂ ଅଧ୍ୟାପକ ମହାପାତ୍ରଙ୍କ ବିପୁଳ ଅଭିଜ୍ଞତା ଓ ଆଗ୍ରହ ଯୋଗୁ ସମ୍ଭବ ହୋଇ ପାରିଥିଲା । ସେଦିନ ମୁଁ ପୂର୍ଣ୍ଣଭାବରେ ଉପଲବ୍ଧି କଲି ଯେ ନିଷ୍ଠା ଓ ସଦିଚ୍ଛା ରହିଲେ ଧୈର୍ଯ୍ୟ ଓ ଅଧ୍ୟବସାୟ ବଳରେ ଯେ କୌଣସି ମହତ କାର୍ଯ୍ୟ ସମ୍ପାଦିତ ହୋଇ ପାରିବ । ମାର୍ଚ୍ଚ ୧୦ ତାରିଖ ସନ୍ଧ୍ୟାରେ ପ୍ରସ୍ତୁତ ପାଣ୍ଡୁଲିପି ସହିତ ମୁଁ ହଂସ ଗୃହରେ ପହଞ୍ଚିଲି । ଖବର ପାଇ ସଭାପତି, ଉପସଭାପତି ତଥା ଅନ୍ୟ ଉତ୍ସାହୀ ବନ୍ଧୁମାନେ ଆସି ପହଞ୍ଚିଲେ । ପାଣ୍ଡୁଲିପି ଦେଖି ସମସ୍ତେ ଆନନ୍ଦ ଓ ଆଶ୍ୱସ୍ତି ଅନୁଭବ କଲେ ।

ପୂର୍ବ ପରିକଳ୍ପନା ଅନୁଯାୟୀ ବନ୍ଧୁ ଶ୍ରୀ ଅଚ୍ୟୁତାନନ୍ଦ ବାରିକ ପାଣ୍ଡୁଲିପି ଏବଂ ଆବଶ୍ୟକ କାଗଜପତ୍ର ସହ କଲିକତା ଅଭିମୁଖେ ଯାତ୍ରା କଲେ । ମାର୍ଚ୍ଚ ମାସ ୧୫ ତାରିଖ ଦିନ ସେଠାରେ ପହଞ୍ଚି ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ମାର୍ଚ୍ଚ ୩୦ ତାରିଖ ଦିନ ସକାଳେ ଦୁଇହଜାର 'ସ୍ମାରକୀ' ଓ ପାଞ୍ଚହଜାର କପି ମଧୁ ବାବୁଙ୍କ ପ୍ରତିଛବି ନେଇ ଏଠାରେ ପହଞ୍ଚି ଆମ୍ଭମାନଙ୍କୁ ସ୍ତବ୍ଧ କରିଦେଲେ । ମାତ୍ର ୧୨ ଦିନ ଭିତରେ ସେ ମଧୁବାବୁଙ୍କ ପ୍ରତିଛବି ତଥା କୋଣାର୍କ ଚକ୍ରର ବ୍ଲକ ତିଆରି, କଳିଙ୍ଗ ମୁଦ୍ରଣୀ ଓ ସ୍ମାରକୀର କିଛି ଅଂଶ ଛପାଯାଇଥିବା ପେଣ୍ଟକ୍ୟାନ ପ୍ରେସ୍‌ରେ ଦିନରାତି ପ୍ରୁଫ ଦେଖିବା, ଛପା କାମ ଶେଷ ହେବାପରେ ବନ୍ଧେଇ କରାଇବା ଇତ୍ୟାଦି କାମ ସୁରୁଖୁରୁ ରୂପେ ସମ୍ପାଦନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ସମସ୍ତଙ୍କର ପ୍ରଶଂସା ଭାଜନ ହୋଇଥିଲେ ।

ଅଦମ୍ୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସେକ୍ଟର ସାତ କମ୍ୟୁନିଟି ସେଣ୍ଟର ପଡ଼ିଆରେ, ପ୍ରାୟ ପନ୍ଦର ହଜାର ଦର୍ଶକଙ୍କ ଗହଣରେ ଡକ୍ଟର ସାହୁଙ୍କ ସଭା-ପତିତ୍ୱରେ "ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ" ୧୯୭୮ ମସିହା ଏପ୍ରିଲ ପହିଲା ଦିନ ସନ୍ଧ୍ୟାରେ ମହାସମାରୋହରେ ପାଳିତ ହେଲା । ଏହି ସଭାରେ ମୁଖ୍ୟବକ୍ତା ସୁନାମ-ଧନ୍ୟ ଐତିହାସିକ ମନ୍ମଥ ନାଥ ଦାସ ବିପୁଳ ଜନସମାଗମକୁ ଲକ୍ଷ୍ୟକରି ନିଜକୁ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ତୁଳନା କରି ଗର୍ବ ଅନୁଭବ କରୁଥିବା ବିଷୟରେ କହିବା ଏକ ଉଲ୍ଲେଖଯୋଗ୍ୟ ଘଟଣା । ସଭାସ୍ଥଳରେ ସ୍ମାରକୀ ଏବଂ ମଧୁବାବୁଙ୍କ ପ୍ରତିଛବି ବିକ୍ରୀ କରାଯାଇଥିଲା ।

ଏପ୍ରିଲ ଦୁଇ ତାରିଖ ଦିନ ଡକ୍ଟର ସାହୁ ସଂଘର କର୍ମକର୍ତ୍ତା ଏବଂ ଉତ୍ସାହୀ ସଭ୍ୟମାନଙ୍କ ସଙ୍ଗେ ଏକ ଆଲୋଚନା ସଭାରେ ମିଳିତ ହୋଇଥିଲେ । କହିବାକୁ ଗଲେ ଏହି ଦିନଠାରୁ ହିଁ ଡକ୍ଟର ନବୀନ କୁମାର ସାହୁ ପ୍ରଗତି ଉତ୍କଳ ସଂଘ

ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ ପଡ଼ିଲେ । ସଂଘର ସଭାପତି ଶ୍ରୀ ନରେଶ ଚନ୍ଦ୍ର ନାୟକଙ୍କ ସଂଘର ପରିଚାଳନାରେ ଐକାନ୍ତିକତା ତଥା କର୍ମକର୍ତ୍ତାଙ୍କୁ ଦେଉଥିବା ନେତୃତ୍ୱ ସାଙ୍ଗରେ ସଭ୍ୟମାନଙ୍କ ଆଗ୍ରହ ଓ ଶୃଙ୍ଖଳା ଡକ୍ଟର ସାହୁଙ୍କୁ ବିଶେଷ ଭାବେ ଆକୃଷ୍ଟ କଲା । ଅନ୍ୟପକ୍ଷରେ ତାଙ୍କର ଅକପଟ ସରଳ ସ୍ନେହପୂର୍ଣ୍ଣ ବ୍ୟବହାରରେ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଅଭିଭୂତ ହୋଇ ପଡ଼ିଲେ । ଜ୍ଞାନର ଭଣ୍ଡାର ଡକ୍ଟର ସାହୁଙ୍କ ସହିତ ସଂଘର ସୁପରିଚାଳକ କାର୍ଯ୍ୟଦକ୍ଷ ଶ୍ରୀ ନାୟକଙ୍କ ମିଳନ ପ୍ରଗତି ଉତ୍କଳ ସଂଘର ଅଭିବୃଦ୍ଧିରେ ସହାୟକ ହେଲା ।

ପ୍ରଥମ ବର୍ଷର 'ସ୍ମାରକୀ'ରେ ପ୍ରକାଶିତ ବହୁ ଉପାଦେୟ ତଥା ଗବେଷଣାତ୍ମକ ଲେଖା ଗୁଡ଼ିକ ବହୁ ସ୍ୱନାମଧନ୍ୟ ସାହିତ୍ୟିକ, ଶିକ୍ଷାବିତ୍, ସାମ୍ବାଦିକ, ରାଜନୀତିଜ୍ଞ ତଥା ବୁଦ୍ଧିଜୀବୀ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ସଂଘ ପ୍ରତି ଆକୃଷ୍ଟ କଲା । ଡକ୍ଟର ସାହୁଙ୍କ ସଫଳ ସମ୍ପାଦନା ହିଁ ଏହାର ମୁଖ୍ୟ କାରଣ । ତାଙ୍କର ପ୍ରେରଣା ଲାଭକରି ମୁଁ ସଂଘ ଦ୍ୱାରା ମଧୁବାବୁଙ୍କ ଏକ ଜୀବନୀ ଗ୍ରନ୍ଥ ପ୍ରକାଶ କରିବା ନିମନ୍ତେ ପ୍ରସ୍ତାବ ଆଗତ କଲି । ଏଥି ନିମନ୍ତେ ଏକ କର୍ମସୂଚୀ ମଧ୍ୟ ପ୍ରସ୍ତୁତ କରି ଡକ୍ଟର ସାହୁ ତାହା ସ୍ମାରକୀର ଦ୍ୱିତୀୟ ସଂଖ୍ୟାରେ ସନ୍ନିବେଶିତ କଲେ । ପ୍ରସ୍ତାବ ଗୃହୀତ ହୋଇଥିଲା କିନ୍ତୁ ବିଭିନ୍ନ କାରଣରୁ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ପୁଣି ତାଙ୍କର ପ୍ରେରଣାରେ ମଧୁବାବୁ ବ୍ୟବସ୍ଥାପକ ଭାବେ ବିଭିନ୍ନ ବ୍ୟବସ୍ଥା ସଭାରେ ଦେଇଥିବା ଭାଷଣକୁ ଏକତ୍ର କରି ଏକ ପୁସ୍ତକ ପ୍ରକାଶ କରିବା ନିମନ୍ତେ ମୋର ଏକ ପ୍ରସ୍ତାବ ସଂଘର କାର୍ଯ୍ୟକାରୀ ସମିତି ଗ୍ରହଣ କଲେ । ତଦନୁଯାୟୀ ଡକ୍ଟର ସାହୁଙ୍କ ପ୍ରିୟଶିଷ୍ୟ ଅଧ୍ୟାପକ ପ୍ରବୋଧ କୁମାର ମିଶ୍ର ଦିଲ୍ଲୀ, ପାଟଣା ଓ କଲିକତା ଯାଇ ସରକାରୀ ଅଭିଲେଖାଗାରରୁ ସମସ୍ତ କାଗଜପତ୍ର ସଂଗ୍ରହ କଲେ । ଏହିସବୁକୁ ମିଶାଇ ଡକ୍ଟର ନବୀନ କୁମାର ସାହୁ ଓ ଡକ୍ଟର ପ୍ରବୋଧ କୁମାର ମିଶ୍ରଙ୍କ ଯୁଗ୍ମ-ସମ୍ପାଦନାରେ Madhusudan Das—The Legislator ନାମରେ ୫୪୦ ପୃଷ୍ଠାର ଏକ ଇଂରାଜୀ ପୁସ୍ତକ ପ୍ରାୟ ପଞ୍ଚାଅଶୀ ହଜାର ଟଙ୍କା ବ୍ୟୟରେ ୧୯୮୦ ମସିହା ନଭେମ୍ବର ନଅ ତାରିଖରେ ପ୍ରଗତି ଉତ୍କଳ ସଂଘ ଦ୍ୱାରା ପ୍ରକାଶିତ ହେଲା । ଏଠାରେ ପ୍ରକାଶ ଯୋଗ୍ୟ ଯେ ଏହି ବୃହତ୍ କାର୍ଯ୍ୟ ଓଡ଼ିଶା ସରକାର ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ହାତକୁ ନେଇ ମଧ୍ୟ କରି ପାରିନଥିଲେ ।


ଏହା ମଧ୍ୟରେ ରାଉରକେଲା ରେଲ ଷ୍ଟେସନ ସାମନା ମୁଖ୍ୟ ରାସ୍ତାର ଛକଠାରେ ପ୍ରଗତି ଉତ୍କଳ ସଂଘ ଦ୍ୱାରା ଉତ୍କଳ ଗୌରବ ମଧୁବାବୁଙ୍କ ଏକ ପୂର୍ଣ୍ଣବପୁ ବ୍ରୋଞ୍ଜ ପ୍ରତିମୂର୍ତ୍ତି ୧୯୭୬ ଅଗଷ୍ଟ ୨୧ ତାରିଖରେ ସ୍ଥାପିତ ହୋଇ-

ଅଛୁ । ଏହି ସାଧୁ ଉଦ୍ୟମ ନିମନ୍ତେ ଯେଉଁମାନେ ସଂଘକୁ ପ୍ରେରଣା ଦେଇଥିଲେ ସେମାନଙ୍କ ମଧ୍ୟରେ ଡ଼କ୍ଟର ସାହୁ ଅନ୍ୟତମ । ତାଙ୍କର ପ୍ରେରଣାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆର୍ଟ ଗ୍ୟାଲେରୀରେ ପ୍ରଖ୍ୟାତ ଶିଳ୍ପୀ ଶ୍ରୀ ମୁରଲୀଧର ଟାଲିଙ୍କ ଦ୍ୱାରା ପ୍ରସ୍ତୁତ ମଧୁବାବୁଙ୍କର ଏକ ତୈଳଚିତ୍ର ସଂଘ ଦ୍ୱାରା ସ୍ଥାପିତ ହୋଇଛି । ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମଧୁବାବୁଙ୍କ ନାମରେ ଦୁଇଟି ସ୍ୱର୍ଣ୍ଣପଦକ ପ୍ରଚଳନ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ଅର୍ଥ ଜମା କରାଯାଇଅଛି ।

୧୯୭୮ ମସିହାରୁ ଆରମ୍ଭ କରି ୧୯୮୫ ମସିହା ପର୍ଯ୍ୟନ୍ତ "ଉତ୍କଳ ଦିବସ" ଉପଲକ୍ଷେ ପ୍ରକାଶିତ ଯେଉଁ 'ସ୍ମାରକୀ'ର ସମ୍ପାଦନା କରିଥିଲେ, ସେଗୁଡ଼ିକ ବର୍ତ୍ତମାନ ଗବେଷକମାନଙ୍କ ବିଶେଷ କାର୍ଯ୍ୟରେ ଲାଗି ପାରୁଛି । ବିଭିନ୍ନ ସମୟରେ ବିଭିନ୍ନ ଉଚ୍ଚପଦବୀରେ ରହି କାର୍ଯ୍ୟବ୍ୟସ୍ତ ଜୀବନ ମଧ୍ୟରେ ପ୍ରଗତି ଉତ୍କଳ ସଂଘ ପାଇଁ ଡକ୍ଟର ସାହୁ ଠିକ୍ ସମୟରେ ନିଜର ବହୁମୂଲ୍ୟ ସମୟରୁ କିୟଦଂଶ ସ୍ମାରକୀ ସମ୍ପାଦନାରେ ବ୍ୟୟ କରନ୍ତି । ଯେତେବେଳେ ରାଉରକେଲା ଆସିଲେ ସଂଘର କର୍ମକର୍ତ୍ତାଙ୍କୁ ଡ଼କାଇ ଅତି କମରେ ଅଧଘଣ୍ଟାର ଏକ ଆଲୋଚନା କରି ବିଭିନ୍ନ ସମସ୍ୟା ତଥା କାର୍ଯ୍ୟକ୍ରମ ବିଷୟରେ ନିଜର ମତାମତ ଓ ଉପଦେଶ ଦେଇ ସଂସ୍କୃତି ସଚେତନ ସଭ୍ୟମାନଙ୍କୁ ଉତ୍ସାହିତ କରୁଥିଲେ । ତାଙ୍କରି ପ୍ରେରଣା ପାଇ 'ପ୍ରଗତି ଉତ୍କଳ ସଂଘ' ବିଭିନ୍ନ କର୍ମସୂଚୀ ହାତକୁ ନେଇ ତନ୍ମଧ୍ୟରୁ କେତେକ କାର୍ଯ୍ୟକାରୀ କରି ପାରିଛି । ମଧୁବାବୁଙ୍କ ନାମରେ ଡାକ ଟିକଟ ପ୍ରଚଳନ ଓ ଏପ୍ରିଲ ପହିଲାକୁ ଏକ ଛୁଟିଦିନ କରିବାକୁ ସରକାରଙ୍କ ନିକଟରେ ଯଥାର୍ଥଭାବେ ଦାବୀ କରି ଏ ସଂଘ ତହିଁରେ କୃତକାର୍ଯ୍ୟ ହୋଇଛି । ରାଉରକେଲା ଷ୍ଟେସନ ସମ୍ମୁଖର ମାର୍କେଟକୁ "ମଧୁସୂଦନ ମାର୍କେଟ" ଓ ଏହି ମାର୍କେଟର ସାମନାରୁ ଲିଙ୍ଗରୋଡ଼ ପର୍ଯ୍ୟନ୍ତ ରାସ୍ତାକୁ 'ମଧୁସୂଦନ ମାର୍ଗ' ନାମ ଦିଆଯାଇଛି ଏହି ସଂଘର ପ୍ରସ୍ତାବ ଅନୁଯାୟୀ । ମଧୁବାବୁଙ୍କ ଜୀବନୀ ଓ କାର୍ଯ୍ୟକଳାପକୁ ଭିତ୍ତିକରି ଏକ "ଗବେଷଣା କେନ୍ଦ୍ର" ପ୍ରତିଷ୍ଠା କରିବା ପାଇଁ ସଂଘ ଏକ ଦୂରନ୍ତ କର୍ମସୂଚୀ ଗ୍ରହଣ କରିଛି ଓ ଏଦିଗରେ କିଛିବାଟ ଆଗେଇ ସାରିଛି ।

'ପ୍ରଗତି ଉତ୍କଳ ସଂଘ' ଏହିପରି ବିଭିନ୍ନ ସଫଳତା ହାସଲ କରି ସମସ୍ତଙ୍କ ପ୍ରଶଂସା ଭାଜନ ହେଉଥିବା ବେଳେ ହଠାତ୍ ଦିନେ ଏକ ଦାରୁଣ ଦୁଃସମ୍ବାଦ ଏହାର ସଭ୍ୟ ତଥା ଶୁଭ ଚିନ୍ତକଙ୍କ ମନରେ ଆଘାତ ଦେଲା । ଖ୍ୟାତନାମା ଐତିହାସିକ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼କ୍ଟର ନବୀନ କୁମାର ସାହୁ ୧୯୮୫ ମସିହା ସେପ୍ଟେମ୍ବର ଦୁଇ ତାରିଖ ସୋମବାର

ଦିନ ସକାଳେ ହଠାତ ହୃଦରୋଗରେ ଆକ୍ରାନ୍ତ ହୋଇ ସମ୍ବଲପୁର ଜିଲ୍ଲାର ବରଗଡଠାରୁ ବୁର୍ଲା ମେଡ଼ିକାଲ ହାସପାତାଳକୁ ଆସିବା ବାଟରେ ପରଲୋକକୁ ଚାଲିଗଲେ । ପ୍ରଗତି ଉତ୍କଳ ସଂଘ ତାହାର ଏକ ହିତାକାଂକ୍ଷୀଙ୍କୁ ଚିରଦିନ ପାଇଁ ହରାଇଲା । ଏହି ସଂଘ ଥିବା ପର୍ଯ୍ୟନ୍ତ ଡକ୍ଟର ନବୀନ କୁମାର ସାହୁଙ୍କ 'ଅମର କୀର୍ତ୍ତିକୁ ନିଶ୍ଚୟ ବଞ୍ଚାଇ ରଖିବ, ଏହା ତାହାର ପ୍ରତିଷ୍ଠାତା', ସଭ୍ୟ ତଥା ସଂଘର ଶୁଭଚିନ୍ତକମାନଙ୍କର ଏକାନ୍ତ ବିଶ୍ୱାସ । ପ୍ରଗତି ଉତ୍କଳ ସଂଘ ସାଙ୍ଗରେ ଡକ୍ଟର ନବୀନ କୁମାର ସାହୁଙ୍କୁ ସଶ୍ଳିଷ୍ଟ କରାଇବାରେ ମୋର କିଞ୍ଚିତ ଅବଦାନ ନିମନ୍ତେ ମୁଁ ନିଜକୁ ଧନ୍ୟ ମନେକରେ । ●



ପ୍ରଗତି ଉତ୍କଳ ସଂଘର ଉତ୍କଳ ଦିବସର ଅବ୍ୟବହିତ ପୂର୍ବରୁ
ଡକ୍ଟର ମନ୍ମଥ ନାଥ ଦାସ ଓ ଶ୍ରୀଯୁକ୍ତ ନରେଶ ଚନ୍ଦ୍ର ନାୟକଙ୍କ ସହ ଡକ୍ଟର ସାହୁ

# ପରିଶିଷ୍ଟ

## ପରିଶିଷ୍ଟ ୧ : ନବୀନ କୁମାରଙ୍କର ଗୋଟିଏ ପ୍ରବନ୍ଧ

# ଓଡ଼ିଆ ଭାଷା-ବିବର୍ତ୍ତନର ସାଂସ୍କୃତିକ ପ୍ରେକ୍ଷାପଟ

'ଓଡ଼ିଶା' ନାମଟିର ବ୍ୟୁତ୍ପତ୍ତି ଓ ଅର୍ଥ ଯଥାଯଥ ଭାବେ ନିରୂପିତ ହୋଇନାହିଁ । ପ୍ରାଚୀନ ଗ୍ରୀକ୍ ଲେଖକଗଣ ଏହି ଭୂଖଣ୍ଡର ଲୋକମାନଙ୍କୁ କହୁଥିଲେ 'ଓରେଟିସ୍' (Oretes) । 'ଉଡ୍ର'କୁ ଏହାର ସଂସ୍କୃତ ପ୍ରତିଶବ୍ଦ ଭାବରେ ନିଆଯାଇପାରେ । ପ୍ଲିନୀ ତାଙ୍କର 'ନେଚୁରାଲ ହିଷ୍ଟ୍ରି' ପୁସ୍ତକରେ (୧ମ ଶତାବ୍ଦୀ ଖ୍ରୀ:ଅ:) ବିଭିନ୍ନ ଭାରତୀୟ ରକ୍ତଗୋଷ୍ଠୀଭୁକ୍ତ ଜାତିମାନଙ୍କର ଏକ ତାଲିକା ଦେଇଛନ୍ତି ଯେଉଁଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଓରେଟିସ୍ ଜାତିର ଲୋକମାନେ ବସବାସ କରୁଥିବା ଭୂଭାଗରେ 'ମାଲିଅସ୍' (Maleus) ପର୍ବତ ଅବସ୍ଥିତ । ପୁନଶ୍ଚ 'ମନେଦସ' (Monedes) ଓ 'ସୁଆରିସ' (Suaris) ଜାତିର ଲୋକମାନଙ୍କ କଥା କହିଲା ବେଳେ ସେ ଏହି 'ମାଲିଅସ' ପର୍ବତ ବିଷୟ ଉଲ୍ଲେଖ କରିଛନ୍ତି । ଏହି 'ମନେଦସ' ଓ 'ସୁଆରିସ' ଜାତିଦ୍ୱୟ ଯଥାକ୍ରମେ ମୁଣ୍ଡା ଓ ଶବର ଭାବରେ ଚିହ୍ନିତ । ଓଡ଼ିଶାର ପାଲଲହଡ଼ା ନିକଟବର୍ତ୍ତୀ ମଲୟ ପର୍ବତହିଁ ହେଉଛି ଏହି ମାଲିଅସ ପର୍ବତ । ଏବେ ସୁଦ୍ଧା ମୁଣ୍ଡା ଓ ଶବର ଜାତିର ଆଦିମ ଅଧିବାସୀମାନେ ବହୁ ସଂଖ୍ୟାରେ ଏହି ପାହାଡ଼ ନିକଟରେ ବସବାସ କରୁଛନ୍ତି । ଖ୍ରୀ:ପୂ: ୪ର୍ଥ ଶତାବ୍ଦୀରେ ଲିଖିତ ମେଗାସ୍ଥିନିସ୍‌ଙ୍କ ବିବରଣୀରୁ ଉଲ୍ଲିଖିତ ଭାରତୀୟ ରକ୍ତଗୋଷ୍ଠୀଭୁକ୍ତ ଜାତିର ତାଲିକାଟିକୁ ପ୍ଲିନୀ ଆହରଣ କରିଛନ୍ତି । ଦେଖିବାର କଥା, ଗ୍ରୀକ୍ 'ଓରେଟିସ୍' ସଂସ୍କୃତ 'ଓଡ୍ର'ର ଏକ ପ୍ରତିଶବ୍ଦ ନା ସଂସ୍କୃତ 'ଓଡ୍ର' ଗ୍ରୀକ୍ 'ଓରେଟିସ୍'ର ଏକ ତଦ୍ଭବ ଶବ୍ଦ । ସଂସ୍କୃତ 'ଉଡ୍ର'ର ପ୍ରାଚୀନତା କେବେହେଲେ ମନୁଙ୍କ (ଖ୍ରୀ: ପୂ: ୨ୟ ଶତାବ୍ଦୀ) ପୂର୍ବବର୍ତ୍ତୀ ନୁହେଁ, ଯଦିଓ ଆମର ମହାକାବ୍ୟ ଓ ପୁରାଣ ଗୁଡ଼ିକ ଉଡ୍ର ଭୂମିର ଅସ୍ତିତ୍ୱ ମହାଭାରତ ଯୁଦ୍ଧ ସମୟରେ ଥିଲା ବୋଲି ସୂଚନା ଦିଏ । ଏହି ଗ୍ରୀକ୍ ଓରେଟିସ ହେଉଛି ଓଡ଼ିଆ ସମ୍ପର୍କରେ ସର୍ବପ୍ରାଚୀନ ଶବ୍ଦ । ମନେହୁଏ ଏହା 'ଅର' ବା 'ଅରୁଆ' ଅର୍ଥାତ୍ ଚାଉଳ ଶବ୍ଦରୁ ଉଦ୍‌ଭୂତ । ସେଥିପାଇଁ ଏହି 'ଓରେଟିସ୍' ବା 'ଅର' ଜାତିର ଲୋକମାନେ ହୁଏତ ଭାତ ଖାଉଥିବାର ଅଥବା ଧାନ ଉତ୍ପାଦନ କରୁଥିବାର ଜଣାଯାଏ । ବାସ୍ତବରେ ଦେଖିବାକୁ

ଗଲେ ଚାଉଳ ଅର୍ଥରେ ବ୍ୟବହୃତ ଗ୍ରୀକ୍ 'ଅରୁଜା' ଶବ୍ଦ ଭଳି 'ଅରୁଆ' ଶବ୍ଦଟି ବହୁ ପ୍ରାଚୀନ କାଳରୁ ଏଯାଏଁ ଓଡ଼ିଶାରେ ଠିକ୍ ସେଇ ଅର୍ଥରେ ଚଳିଆସୁଛି । ଅକ୍ସଫୋର୍ଡ଼ ଇଂରାଜୀ ଶବ୍ଦକୋଷ ଅନୁସାରେ ଗ୍ରୀକ୍ 'ଅରୁଜା' ଶବ୍ଦଟି ହେଉଛି କୌଣସି ପ୍ରାଚ୍ୟଦେଶାଗତ ଏକ ବିଦେଶୀ ଶବ୍ଦ ।

ପ୍ରାଚୀନ ପାରସିକ ଓ ଆରବୀୟ ରଚନାବଳୀରେ ଓଡ଼ିଶା 'ଉର୍ସିନ୍' (Urshin) ବା 'ଉର୍ସ୍ଫିନ୍' (Ursfin) ନାମରେ ପରିଚିତ ଥିଲା । ଏହି ଶବ୍ଦଦ୍ୱୟ ନବମ ଶତାବ୍ଦୀର ଭୌଗୋଳିକ ଇବନ୍ ଖୁର୍ଦ୍ଦାଭି ଓ ଦଶମ ଶତାବ୍ଦୀର ଭୌଗୋଳିକ, ହାଉ୍‌ଦ୍‌ଅଲ୍-ଆଲମଙ୍କ ଲେଖାରେ ବ୍ୟବହୃତ । ଏକାଦଶ ଶତାବ୍ଦୀର ପ୍ରଥମ ଚତୁର୍ଥାଂଶରେ ରଚିତ ଆଲ୍‌ବେରୁଣୀଙ୍କ ଭାରତ ସମ୍ପର୍କୀୟ ପ୍ରସିଦ୍ଧ ଗ୍ରନ୍ଥ (India) ରେ ଓଡ଼ିଶା 'ଉଡ୍ର ବିଷଭ' ନାମରେ ସୂଚିତ । ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ସଂସ୍କୃତ 'ଉଡ୍ର ବିଷୟ' ଶବ୍ଦରୁ 'ଉଡ୍ରବିଷଭ' ଶବ୍ଦର ସୃଷ୍ଟି ଯାହାର ପ୍ରଚଳିତ ଆରବୀୟ ରୂପ ହେଉଛି 'ଓଡ଼ିବିସା' । ମୁସଲମାନ ପଂଜିକାର ସାମସ-ଇ-ସିରାଜ-ଆଫିଫି ଚତୁର୍ଦ୍ଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଶା ଭୂଖଣ୍ଡକୁ 'ଜାଜ-ନଗର ଓଡ଼ିଶା' ନାମରେ ଅଭିହିତ କରିଥିଲେ । ଏହା ପୂର୍ବରୁ ମଧ୍ୟ ୧୩୫୨ ଖ୍ରୀ ଅ.ରେ ଖୋଦିତ ସିଂହାଚଳମ୍‌ର ଏକ ଶିଳାଲେଖରେ 'ଓଡ୍ର୍ୟ ଦେଶ' ଶବ୍ଦର ଉଲ୍ଲେଖ ମିଳେ । ୧୫ଶ ଶତାବ୍ଦୀର ଆଦ୍ୟକାଳରେ ଉଭୟ ସରକାରୀ ଓ ଘରୋଇ ନଥିପତ୍ରରେ 'ଓଡ଼ିଶା', 'ଓଡ଼ିଶା ରାଷ୍ଟ୍ର' ଓ 'ଓଡ଼ିଶା ରାଜ୍ୟ' ପ୍ରଭୃତି ଶବ୍ଦଗୁଡ଼ିକ ଜନପ୍ରିୟ ଥିବାର ଦେଖାଯାଏ । ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଗାତ୍ରରେ ଗଜପତି ରାଜା କପିଳେ-ଶ୍ୱର ଦେବଙ୍କ ଖ୍ରୀ.ଅ. ୧୪୩୭ରେ ଖୋଦିତ ଶିଳାଲେଖ ସନନ୍ଦରୁ ସୂଚନା ମିଳେ ଯେ ସେ ଯେଉଁ ଭୂଖଣ୍ଡରେ ଶାସନ କରୁଥିଲେ ତାର ନାମ ଥିଲା 'ଓଡ଼ିଶା ରାଜ୍ୟ' । କପିଳେଶ୍ୱରଦେବଙ୍କ ଶାସନ କାଳରେ ଲିଖିତ ଓଡ଼ିଆ ମହାଭାରତର ରଚୟିତା ମହାକବି ସାରଳା ଦାସ ମଧ୍ୟ ଏଇ ରାଜ୍ୟକୁ 'ଓଡ୍ରରାଷ୍ଟ୍ର' ବା ଓଡ଼ିଶାରାଷ୍ଟ୍ର' ନ.ମରେ ନାମିତ କରିଛନ୍ତି ।

ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଉଡ୍ର ଭୂଖଣ୍ଡର ବ୍ୟାପ୍ତି ସଠିକ ଭାବେ ନିରୂପିତ ହୋଇନଥିଲା । ଏଇ ଶତାବ୍ଦୀର ପ୍ରଥମାଂଶରେ କର୍ଣ୍ଣ-ସୁବର୍ଣ୍ଣରାଜ୍ୟର ରାଜା ଶଶାଙ୍କ ଦଣ୍ଡଭୁକ୍ତି, ଉତ୍କଳ ଓ କଙ୍ଗୋଦ ରାଜ୍ୟ ଅଧିକାର କରିଥିଲେ ଏବଂ ଦକ୍ଷିଣ ପୂର୍ବରେ ଅବସ୍ଥିତ କଳିଙ୍ଗ ରାଜାର ସୀମା ସ୍ପର୍ଶ କରିଥିବା ଏଇ ବିରାଟ ଭୂଖଣ୍ଡର ଅଧୀଶ୍ୱର ହୋଇଥିଲେ । ଖୁବ୍ ଅଳ୍ପଦିନ ମଧ୍ୟରେ ସେ ଆନେଶ୍ୱରର ରାଜା

ହର୍ଷବର୍ଦ୍ଧନଙ୍କ ଦ୍ୱାରା ପରାଜିତ ହୋଇଥିଲେ । ହର୍ଷବର୍ଦ୍ଧନଙ୍କ ରାଜ୍ୟବିସ୍ତାର କିଛିକାଳ ପାଇଁ ଚାଲୁକ୍ୟ ନରେଶ ଦ୍ୱିତୀୟ ପୁଲକେଶୀଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ଦ୍ୱିତୀୟ ପୁଲକେଶୀଙ୍କ ପରାଜୟ ଓ ମୃତ୍ୟୁପରେ ୬୪୨ ଖ୍ରୀ.ଅ.ରେ ପଲ୍ଲବ ନରସିଂହ ବର୍ମନଙ୍କ ଦ୍ୱାରା ପୂର୍ବ ଉପକୂଳରେ ଗଂଜାମ ସୀମା ସ୍ପର୍ଶ କରୁଥିବା କରୁଥିବା ବିଶାଳ ଭୂଖଣ୍ଡର ସେ ସର୍ବେସର୍ବା ହୋଇଥିଲେ । ହର୍ଷବର୍ଦ୍ଧନଙ୍କ ଜଣେ କରଦ ରାଜା ଭାନୁଦତ୍ତଙ୍କର ଏକ ଶିଳାଲେଖ (ଯାହାକି ବାଲେଶ୍ୱରର ସୋରରୁ ପ୍ରାପ୍ତ)ରୁ ସୂଚନା ମିଳେ ଯେ ହର୍ଷଙ୍କ ସାମ୍ରାଜ୍ୟର ଓଡ଼ିଶା ଅଂଶଟି 'ଓଡ୍ରବିଷୟ' ନାମରେ ନାମିତ ଥିଲା । ହୁଏନସାଂଙ୍କ ବିବରଣୀରେ ସମ୍ଭବତଃ ଏହି 'ଉଡ୍ର ବିଷୟ' 'ଉଚା' ବା 'ଉଟା' ଭାବରେ ନାମିତ । ଖୁବ୍ ସମ୍ଭବତଃ, ଏଇ ଅଞ୍ଚଳଟି ହେଉଛି ଉପ୍ରୁକ୍ତ ଚୀନ ପରିବ୍ରାଜକଙ୍କ ସୂଚିତ ପଞ୍ଚଭାରତ ଓ ମଧ୍ୟଯୁଗୀୟ ସଂସ୍କୃତ ସାହିତ୍ୟରେ ବର୍ଣ୍ଣିତ ପଞ୍ଚଗୌଡ଼ର ଅଂଶବିଶେଷ । ପରବର୍ତ୍ତୀ କାଳରେ ରଚିତ ଶକ୍ତି ସଂଗମ ତନ୍ତ୍ରରେ ବଙ୍ଗ ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପରିବ୍ୟାପ୍ତ ରାଜ୍ୟ ଗୌଡ଼ଦେଶ ଭାବରେ ଉଦ୍‌ଘୋଷିତ । ଶ୍ଳୋକଟି ହେଲା—

"ବଂଗ ଦେଶଂ ସମାରଭ୍ୟ ଭୁବନେଶାନ୍ତରଂ ଶିବେ
ଗୌଡ଼ ଦେଶଃ ସମାଖ୍ୟାତଃ ସର୍ବ ବିଦ୍ୟା ବିଶାରଦାଃ ।"

ଉପ୍ରୁକ୍ତ ଚୀନ ପରିବ୍ରାଜକଙ୍କ ମତାନୁସାରେ 'ଉଚା' ଦେଶର ପରିଧି ୭୦୦୦ଲି. ବା ୧୪୦୦ ମାଇଲରୁ ବେଶୀ ଥିଲା । ଏହାରି ଉପରେ ଭିତ୍ତି କରି କନିଂହାମ୍ ସାହେବଙ୍କ ସୀମା ନିର୍ଦ୍ଧାରଣ ନିମ୍ନ ପ୍ରକାରର—"ପ୍ରାଚୀନ ଓଡ୍ରଦେଶ ବା ଓରଦେଶ ମହାନଦୀ ଉପତ୍ୟକା ଓ ସୁବର୍ଣ୍ଣରେଖା ନଦୀର ନିମ୍ନଦେଶ ମଧ୍ୟରେ ସୀମାବଦ୍ଧ ଥିଲା । ଆଧୁନିକ କଟକ ଓ ସମ୍ବଲପୁର ଜିଲ୍ଲାର ସମସ୍ତ ଅଞ୍ଚଳ ତଥା ମେଦିନୀପୁରର କିଛି ଅଂଶ ଏହାର ପରିସରଭୁକ୍ତ ଥିଲା । ଏହାର ପଶ୍ଚିମ ସୀମାରେ ଥିଲା ଗଣ୍ଡୱାନା, ଉତ୍ତରରେ ବିଶପାହାଡ଼ଘେରା ଯଶପୁର ଓ ସିଂହଭୂମ ଅଞ୍ଚଳ, ପୂର୍ବପଟରେ ସାଗର ଏବଂ ଦକ୍ଷିଣରେ ଥିଲା ଗଞ୍ଜାମ ।" ହୁଏନ୍‌ସାଙ୍କ ସମୟର ପରିସୀମା ମଧ୍ୟ ନିଶ୍ଚିତ ଭାବରେ ଏଇଭଳି ଥିଲା କାରଣ ଏବର ପରିମାପ ସହିତ ତାଙ୍କ ହିସାବରେ ମେଳ ରହିଛି ।

ଇତିହାସର ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୀତିକ ଘଟଣା ଯୋଗୁଁ 'ଉଚା' ରାଜ୍ୟର (ଓଡ୍ର ବିଷୟ ବା ଓଡ୍ରଦେଶ) ବ୍ୟାପ୍ତିରେ ନାନା ପରିବର୍ତ୍ତନ ଦେଖାଦେଲା, ମାତ୍ର ଉଲ୍ଲିଖିତ ରାଜ୍ୟ ଉଡ୍ରମାନଙ୍କର ଚିର ଆବାସସ୍ଥଳୀ ହୋଇ

ରହିଲା ଏବଂ ଏହା ଅନେକ ବନ୍ଧୁତେ ଓଡ଼ିଆ ଭାଷାଭାଷୀ ଲୋକଙ୍କର ଅଞ୍ଚଳ ହୋଇ ରହିଲା ।

ପୁରୀ ଜିଲ୍ଲାର ଧଉଲି ଏବଂ ଗଞ୍ଜାମ ଜଉଗଡ଼ରେ ଥିବା ଅଶୋକଙ୍କ ଶିଳାଲେଖର ଭାଷାହିଁ ହେଉଛି ଏ ଭୂମିର ସର୍ବପ୍ରାଚୀନ ଲିପିବଦ୍ଧ ଭାଷା । ଏହି ଅନୁଶାସନ ଗୁଡ଼ିକ କଳିଙ୍ଗ ରାଜ୍ୟ ପାଇଁ ଅଭିପ୍ରେତ ଥିଲା ଯାହାର ସୀମାରେଖାର ଉତ୍ତରପଟେ ବନ୍ଧୁ ଥିଲା ଗଙ୍ଗାନଦୀ, ଦକ୍ଷିଣରେ ଗୋଦାବରୀ, ପୂର୍ବପଟେ ଥିଲା ସମୁଦ୍ର ଓ ପଶ୍ଚିମରେ ଅମରକଣ୍ଟକର ଗିରିଶ୍ରେଣୀ । ଶେଷରେ କଳିଙ୍ଗ ଓଡ୍ର ଓ ଅନ୍ୟ କେତେକ ଅଞ୍ଚଳକୁ ନିଜର ଅଙ୍ଗୀଭୂତ କଲା ଓ ସେମାନଙ୍କ ଉପରେ ଏକ ପ୍ରକାର ଅଖଣ୍ଡ ସାର୍ବଭୌମତ୍ୱ ନାହିର କରିବାର ପ୍ରୟାସ ମଧ୍ୟ କଲା । ତେଣୁ ପ୍ରାଚୀନ ଓଡ଼ିଶାର ଇତିହାସ ଓ ସଂସ୍କୃତି ଅନୁଧ୍ୟାନ କରିବାକୁ ହେଲେ ଆମକୁ କଳିଙ୍ଗର ଐତିହ୍ୟ ଓ ସଂସ୍କୃତି ଉପରେ ନିର୍ଭର କରିବାକୁ ପଡ଼ିବ । ଯା'ହେଉ, ଧଉଲି ଓ ଜଉଗଡ଼ର ଶିଳାଗାତ୍ରରେ ଖୋଦିତ ଅଶୋକଙ୍କ ଅନୁଶାସନ ସେହି ଅଞ୍ଚଳ ଓ ସମକାଳରେ ବ୍ୟବହୃତ ଗଣଭାଷାରେ ଲିଖିତ ନୁହେଁ । ବସ୍ତୁତଃ ଅଶୋକଙ୍କ ଶିଳାଲେଖଗୁଡ଼ିକ ଏକ ଓଜସ୍ୱିନୀ ଓ କୃତ୍ରିମ ଭାଷାରେ ଲିଖିତ । ସବୁଠି ସମାନ ହେଲେହେଁ ବିଭିନ୍ନ ଅଞ୍ଚଳର ଭାଷା ଓ ଉପଭାଷାର ପ୍ରଭାବରେ ଏଗୁଡ଼ିକ ନାନା ଭାବରେ ପ୍ରଭାବିତ ଓ ପରିମାର୍ଜିତ । ଏଗୁଡ଼ିକର ପ୍ରାଥମିକ ଭାଷା ହେଉଛି ମଗଧର/ପାଟଳିପୁତ୍ରର ଭାଷା ଯାହାକି ମାଗଧୀପ୍ରାକୃତ ନାମରେ ପରିଚିତ । ମନେହୁଏ, ଅମିତ ବାହୁବଳରେ ଅର୍ଜିତ ରାଜନୀତିକ ସାର୍ବଭୌମତ୍ୱର ସଂରକ୍ଷଣ ଲାଗି ମୌର୍ଯ୍ୟ ରାଜନୀତିଜ୍ଞମାନେ ଏଇ ଭାଷାକୁ ବିଜିତ ଅଞ୍ଚଳମାନଙ୍କରେ ଚପାଇଦେବାର ଉଦ୍ୟମ କରିଥିଲେ । ମାଗଧୀ ସାମ୍ରାଜ୍ୟବାଦର ପତନ ଫଳରେ ମାଗଧୀ-ପ୍ରାକୃତ ମଗଧ ବାହାରେ ଥିବା ଭାରତର ବିଭିନ୍ନ ସ୍ଥାନର ସରକାରୀ ଭାଷା ଭାବରେ ଆଉ ରହି ପାରିଲାନି । ଖ୍ରୀ. ପୂ. ପ୍ରଥମ ଶତାବ୍ଦୀରେ, କେବଳ କଳିଙ୍ଗରେ ଏକ ସୁସମୃଦ୍ଧ ପ୍ରାକୃତ ଭାଷା ମୁଣ୍ଡ ଟେକିଲା । କଳିଙ୍ଗ ସେତେବେଳେ ମହାମେଘବାହନମାନଙ୍କ ଛତ୍ରଛାୟାରେ । ଠିକ୍ ଏଇ ସମୟରେ ଖଣ୍ଡଗିରି ଓ ଉଦୟଗିରିର ପାହାଡ଼ ଗାତ୍ରରେ ଉକ୍ତ ପ୍ରାକୃତ ଭାଷାରେ ପ୍ରାୟ ଏକ ଡଜନ ଶିଳାଲେଖ ଖୋଦିତ ହୋଇଥିବାର ଦେଖାଯାଏ । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ହେଉଛି ଏଗୁଡ଼ିକ ମଧ୍ୟରେ ବୃହତ୍ତମ ଓ ମହତ୍ତମ । ଓଡ଼ିଶା ତଥା ସମଗ୍ର ପୂର୍ବ ଭାରତର ପ୍ରାଚୀନ ଭାଷାର ସ୍ୱରୂପ ସନ୍ଧାନ ଲାଗି ଏଇ ଶିଳାଫଳକ ଗୁଡ଼ିକ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଏଇ ଶିଳାଲେଖ ଗୁଡ଼ିକର ଭାଷା ମାଗଧୀ ଭାଷା ଠାରୁ ତ ସ୍ପଷ୍ଟ ଭାବେ ବାରି ହୋଇପଡ଼େ, ଏପରିକି ଧଉଲି ଓ ଜଉଗଡ଼ରେ ମିଳୁଥିବା ଅଶୋକଙ୍କ ଅନୁଶାସନ ଗୁଡ଼ିକ ଠାରୁ ମଧ୍ୟ ସ୍ୱତନ୍ତ୍ର

ଜଣାଯାଏ । ଡ଼ଃ ପି. ସି. ବାଗ୍‌ଚୀଙ୍କ ମତରେ, ହାତୀଗୁମ୍ଫା ଶିଳାଲେଖର ଭାଷା ହେଉଛି ପ୍ରାକ୍-ଖ୍ରୀଷ୍ଟକାଳୀନ ଏକ ଷ୍ଟାଣ୍ଡାର୍ଡ଼ ଭାଷା ଯାହାକି ମଗଧ ସମେତ ସାରା ପୂର୍ବଭାରତରେ ପ୍ରଚଳିତ ଥିଲା । ଏହି ସୂତ୍ର ଅବଲମ୍ବନରେ ସେ ମତବ୍ୟକ୍ତ କରନ୍ତି ଯେ ପାଲିର ଉତ୍ପତ୍ତିସ୍ଥଳ ହେଉଛି ପୂର୍ବଭାରତ, ପଶ୍ଚିମଭାରତ ନୁହେଁ । ଡ଼ଃ ବି. ଏମ୍. ବଡ଼ୁଆ ହାତୀଗୁମ୍ଫାର ଭାଷାକୁ ପାଲିର ସମଗୋତ୍ରୀୟ ବୋଲି କହିଛନ୍ତି ଓ ଅତି ସହଜ ଭାବରେ ଏହାକୁ 'ମିଳିନ୍ଦ ପହ୍ନ' ସହ ତୁଳନା କରିଛନ୍ତି । କିନ୍ତୁ ଡ଼ଃ ବଡ଼ୁଆଙ୍କ ମତରେ, ଏହି ଭାଷା ତତ୍କାଳୀନ କଳିଙ୍ଗ-ବାସୀଙ୍କର ଭାଷା ନଥିଲା । ତାଙ୍କ ଭଳି ବିଦ୍ୱାନ ମଧ୍ୟ ବିଶ୍ୱାସ କରିଯାଇଥିଲେ ଯେ ବୁଦ୍ଧକାଳୀନ ଉତ୍କଳ ଏକ ଦୁର୍ବୋଧ ଉପଭାଷାରେ କଥାବାର୍ତ୍ତା କରୁଥିବା ଏକପ୍ରକାର ପଛୁଆ ସଂସ୍କୃତିସମ୍ପନ୍ନ ଲୋକଙ୍କର ଆବାସସ୍ଥଳୀ ଥିଲା । 'ଅଙ୍ଗୁତ୍ତର ନିକାୟ'ରେ ଥିବା 'ଉକ୍କଳ ଭସ୍‌ସା ଭଣ୍‌ଣ' ଉକ୍ତିର ଭିତ୍ତିରେ ସେ ଏଭଳି ମତ ବ୍ୟକ୍ତ କରିଥିଲେ । ଏହାକୁ ଉତ୍କଳବର୍ଷ ବା ଉତ୍କଳ ଦେଶର ଲୋକମାନଙ୍କର ଏକ ଅଦ୍ଭୁତ ଓ ଦୁର୍ବୋଧ ଭାଷା ଭାବରେ ସେ ବ୍ୟାଖ୍ୟା କରିଛନ୍ତି । ଦୁର୍ଭାଗ୍ୟର କଥା, ଡ଼ଃ ବଡ଼ୁଆ ଏହି ନିର୍ଦ୍ଦିଷ୍ଟ ଉକ୍ତିଟିର ଭିତ୍ତିରେ ନିଜର ତଥ୍ୟ ଉପସ୍ଥାପନ କାଳରେ ଏହି ସମସ୍ତ ଅନୁଚ୍ଛେଦ ଉପରେ ବୁଦ୍ଧଘୋଷଙ୍କ ଭାଷ୍ୟ (ଖ୍ରୀ. ୫ମ ଶତାବ୍ଦୀ) ଦେଖିବାରେ ବିଫଳ ଥିଲେ । ଡକ୍ଟର ବଡ଼ୁଆଙ୍କ ଉଦ୍ଧୃତ ପଂକ୍ତି ଉକ୍କଳ ବା ଉକ୍କଳର ବସସ ଓ ଭଣ୍‌ଣ ନାମକ ଦୁଇଟି ଆଦିବାସୀ ଗୋଷ୍ଠୀ ପ୍ରତି ନିର୍ଦ୍ଦେଶ କରୁଥିବା ବିଷୟ ବୁଦ୍ଧଘୋଷ ଖୁବ୍ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କରିଛନ୍ତି । ଏହି ଗୋଷ୍ଠୀ ଦ୍ୱୟ ପ୍ରାରମ୍ଭରୁ ବୁଦ୍ଧଙ୍କୁ ବିରୋଧ କରିଥିଲେ, ମାତ୍ର ପରେ ତାଙ୍କ ନୀତିବାଣୀ ପ୍ରତି ଆକୃଷ୍ଟ ହେଲେ ଓ ବୁଦ୍ଧ ଧର୍ମରେ ଦୀକ୍ଷିତ ହେଲେ । ଏଥିରେ ଉତ୍କଳର ଜନତା ଅନୁନ୍ନତ ଥିବାର ଅଥବା ଜଟିଳ ଉପଭାଷା ବ୍ୟବହାର କରୁଥିବାର କୌଣସି ନିଦର୍ଶନ ନାହିଁ । ସମ୍ରାଟ ଖାରବେଳ ନିଜ ରାଜ୍ୟରେ ଜଣେ ଲିଖନକାର ନପାଇ ଗୁଜୁରାଟରୁ ଜଣେ ବୌଦ୍ଧ ପଣ୍ଡିତଙ୍କୁ ଅଣାଇଲେ ଯିଏକି ପରେ ଜୈନ ହୋଇଗଲେ ଏବଂ ଖାରବେଳ ତାଙ୍କ ଦ୍ୱାରା ହାତୀଗୁମ୍ଫା ଶିଳାଲେଖ ଲେଖାଇ-ଥିଲେ— ଡ଼ଃ ବଡ଼ୁଆଙ୍କର ଏଭଳି ଅନୁମାନ ଭିତ୍ତିହୀନ । ତ୍ରିପିଟକର ସଂପାଦକ ହର୍ମାନ୍ ଓଲ୍‌ଡେନ୍‌ବର୍ଗ ମହାଶୟ ମହାବଗ୍‌ଗର ମୁଖବଂଧରେ ଉଲ୍ଲେଖ କରିଯାଇଛନ୍ତି ଯେ ହାତୀଗୁମ୍ଫାର ଭାଷା କଳିଙ୍ଗବାସୀଙ୍କ ଲାଗି ଉଦ୍ଦିଷ୍ଟ କଳିଙ୍ଗ ଜନତାର ଭାଷା ଭିନ୍ନ ଅନ୍ୟ କିଛି ନୁହେଁ । ଏହି ପଣ୍ଡିତଙ୍କ ମତରେ ହାତୀଗୁମ୍ଫାର ଭାଷା ପ୍ରାଚୀନ ପାଲିଭାଷା ହୋଇଥିବାରୁ କଳିଙ୍ଗହିଁ ପାଲିଭାଷାର ଉତ୍ସଭୂମି ଭାବରେ ଗୃହୀତ ହେବା ଉଚିତ । କାର୍ଣ୍ଣ ଓ ଉଲ୍‌ନରଙ୍କ ଭଳି ଇଉରୋପୀୟ

ବୌଦ୍ଧ ପଣ୍ଡିତ ତଥା ନଳିନାକ୍ଷ ଦତ୍ତ ଓ ଭଣ୍ଡାରକରଙ୍କ ଭଳି ଭାରତୀୟ ବିଦ୍ୱାନ-ମାନେ କଳିଙ୍ଗକୁ ପାଲିଭାଷାର ମାତୃଭୂମି ଭାବେ ବିଶ୍ୱାସ କରିଯାଇଛନ୍ତି ।

ପାଲିଭାଷାର ଉତ୍ପତ୍ତି ନେଇ ଦ୍ୱନ୍ଦ୍ୱର ଶେଷ ସମାଧାନ ଏଯାଏଁ ହୋଇପାରିନି । ଏଥିଲାଗି ଉପଯୁକ୍ତ ଅଧ୍ୟୟନ ଓ ଗବେଷଣାର ଆହୁରି ଆବଶ୍ୟକତା ରହିଛି । ଆମେ ଏଠାରେ ସୂଚାଇ ଦେବାକୁ ଚାହୁଁ ଯେ ଖ୍ରୀ: ପୂ: ୧ମ ଶତାବ୍ଦୀରେ ପାଲିର ସଗୋତ୍ରୀୟ, ମାତ୍ର ମାଗଧୀଠୁ ସ୍ୱତନ୍ତ୍ର ଏକ ସମୃଦ୍ଧ ପ୍ରାକୃତ ଭାଷା କଳିଙ୍ଗରେ ପ୍ରଚଳିତ ଥିଲା । ଖଣ୍ଡଗିରି ଓ ଉଦୟଗିରିର ଶିଳାଗାତ୍ରରେ ଥିବା ନିର୍ଜ୍ଜର ଭଳି ଏଇ ଭାଷା ଉଭୟ ସରକାରୀ ଓ ଘରୋଇ ନଥି-ପତ୍ରରେ ଜନପ୍ରିୟ ଥିବାର ଜଣାଯାଏ । ଭଦ୍ରକର ଭଦ୍ରକାଳୀ ଶିଳାଲେଖରୁ ସୂଚନା ମିଳେ ଯେ ଏଇ ଭାଷା କିଞ୍ଚିତ ପରିମାଣରେ ପରିବର୍ତ୍ତିତ ହୋଇ ଅନ୍ତତଃ ପକ୍ଷେ ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଚଳିତ ଥିଲା । ଆପାତତଃ ଖ୍ରୀଷ୍ଟୀୟ ତୃତୀୟ ଓ ଚତୁର୍ଥ ଶତାବ୍ଦୀର କେତୋଟି ଶ୍ରେଷ୍ଠ ସ୍ମାରକୀ ଶିଳାଲେଖ ମଧ୍ୟ କେନ୍ଦୁଝର ଜିଲ୍ଲାର ସୀତାବିଂଝିରୁ ମିଳିଛି । ଉପରୋକ୍ତ ସ୍ମାରକୀ ଶିଳାଲିପିର ପ୍ରାକୃତ ଭାଷା ବ୍ୟତୀତ ଶିଶୁପାଳଗଡ଼ରୁ ମିଳିଥିବା ସ୍ୱର୍ଣ୍ଣମୁଦ୍ରା ଓ ମୃତ୍ତିକାମୋହର ଗୁଡ଼ିକରେ ଖୋଦିତ ପ୍ରାକୃତ କାହାଣୀମାନ ଖ୍ରୀଷ୍ଟୀୟ ଆଦ୍ୟ ଶତାବ୍ଦୀରେ ଏଭଳି ଏକ ଭାଷାର ପ୍ରସାର ଥିବା କଥାକୁ ଆହୁରି ସ୍ପଷ୍ଟତର କରେ ।

ସମକାଳୀନ ସଂସ୍କୃତ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଭରତଙ୍କ ନାଟ୍ୟଶାସ୍ତ୍ରରେ ଆମେ ଦେଖିବାକୁ ପାଉଁ ଯେ 'ପ୍ରବୃତ୍ତି' ଭଳି ଏକ ବ୍ୟାପକ ଶବ୍ଦର ଭିତ୍ତିରେ ଭାରତୀୟ ସଂସ୍କୃତିକୁ ଚାରୋଟି ଆଞ୍ଚଳିକ ବିଭାଗରେ ବିଭକ୍ତ କରାଯାଇଛି । ପ୍ରବୃତ୍ତି ଶବ୍ଦଟିରେ ବେଶ, ଭାଷା, ଆଚାର ଇତ୍ୟାଦି ପ୍ରତି ସଂକେତ ରହିଛି । (ନାନା ଦେଶ ବେଶ ଭାଷାଚାର ବାର୍ତ୍ତାଃ) । ଉକ୍ତ ଚାରୋଟି ସାଂସ୍କୃତିକ ଇଲାକା ହେଲା—

ଆବନ୍ତୀ ଦାକ୍ଷିଣାତ୍ୟାଚ ତଥାଚୈବୋଡ୍ର ମାଗଧୀ
ପାଞ୍ଚାଲୀ ମଧ୍ୟମା ଚେତି ବିଜ୍ଞେୟାସ୍ତୁ ପ୍ରବୃତ୍ତୟଃ (୬।୨୬)

ପୁନଶ୍ଚ—

ଚତୁର୍ବିଧା ପ୍ରବୃତ୍ତିଶ୍ଚ ପ୍ରୋକ୍ତା ନାଟ୍ୟ ପ୍ରୟୋକ୍ତୃଭିଃ
ଆବନ୍ତୀ ଦାକ୍ଷିଣାତ୍ୟାଚ ପାଞ୍ଚାଳୀ ଚୌଡ୍ର ମାଗଧୀ । (୧୩।୧୬)

ଉଲ୍ଲିଖିତ ବିଭାଜନରେ ଅବନ୍ତୀ ଓ ଦକ୍ଷିଣାତ୍ୟ ଯଥାକ୍ରମେ ପଶ୍ଚିମ ଓ ଦକ୍ଷିଣଭାରତକୁ ବୁଝାଉଥିବା ବେଳେ ପାଂଚାଳ ଓ ଓଡ୍ର ମାଗଧୀ ଯଥାକ୍ରମେ ଭାରତର ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳର ପ୍ରତିନିଧିତ୍ୱ କରୁଛି । ଯା' ହେଉ, ଏଠାରେ ଆମର ଆଲୋଚନାର କ୍ଷେତ୍ର ହେଉଛି—ପୂର୍ବ ଭାରତର ଉଡ୍ର-ମାଗଧୀ ଅଞ୍ଚଳ । ଏହି ନାମ ସବୁରୁ ଆମେ ଦୁଇଟି ରାଜ୍ୟର ସୂଚନା ପାଉ— ଉଡ୍ର ଓ ମଗଧ । କିନ୍ତୁ ନାଟ୍ୟ ଭରତ ଏହି ଗୋଟିଏ 'ଉଡ୍ର ମଗଧ' ଶବ୍ଦର ପେଟରେ ଅଙ୍ଗ, ବଙ୍ଗ, କଳିଙ୍ଗ, ବତ୍ସ, ଓଡ୍ର, ମଗଧ, ପୌଣ୍ଡ୍ର, ନେପାଳ, ଅନ୍ତରଗିରି, ବହିରଗିରି, ପ୍ଲବଙ୍ଗମ, ମାଲଦ, ପ୍ରାଗ୍-ଜ୍ୟୋତିଷ, ପୁଳିନ୍ଦ, ବୈଦେହ, ବ୍ରହ୍ମ, ବ୍ରହ୍ମୋତ୍ତର ଇତ୍ୟାଦି ବହୁ ରାଜ୍ୟକୁ ଗର୍ଭିତ କରିଛନ୍ତି ।

ଉଡ୍ର ଓ ମଗଧର ସାଂସ୍କୃତିକ ପରିଧି ଅତ୍ୟନ୍ତ ବ୍ୟାପକ ଥିଲା । ଭାଷା ଦିଗରୁ ଦେଖିଲେ ଉକ୍ତ ଅଞ୍ଚଳଦ୍ୱୟ ଉଡ୍ର-ପ୍ରାକୃତ ଓ ମାଗଧୀ-ପ୍ରାକୃତ ଭାବେ ଦୁଇଟି ଭାଷା ଗୋଷ୍ଠୀରେ ବିଭକ୍ତ ଥିବା ଅନୁମିତ ହୁଏ । ଏହି ଦିଗରୁ ବିଚାର କଲେ ଡଃ ବାଗ୍‌ଚୀଙ୍କ ମତ : ହାତୀଗୁମ୍ଫା ଶିଳାଲେଖର ଭାଷା ଭାରତର ପୂର୍ବାଞ୍ଚଳରେ ଷ୍ଟାଣ୍ଡାର୍ଡ଼ ଭାଷାର ନମୁନା— ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

ପ୍ରାଚୀନ ଓଡ଼ିଶାରେ ସଂସ୍କୃତ ଭାଷା ଉଡ୍ର-ପ୍ରାକୃତ ସହ ପାଦ ମିଳାଇ ବିକାଶ ଲାଭ କରିଥିଲା । କୌଣସି ଅଜ୍ଞାତନାମା ଓ ପରିଚୟହୀନ ବୌଦ୍ଧ ପଣ୍ଡିତଙ୍କ ଦ୍ୱାରା ରଚିତ ଅଷ୍ଟସାହସ୍ରିକା ପ୍ରଜ୍ଞାପାରମିତା' ହିଁ ହେଉଛି ଏ ଭୂମିର ଆଦ୍ୟତମ ସଂସ୍କୃତ ଗ୍ରନ୍ଥ । ପ୍ରଜ୍ଞାର ଦେବତା ମଞ୍ଜୁଶ୍ରୀ ଏହାର ରଚୟିତା ବୋଲି ଲାମା ତାରାନାଥଙ୍କର ବିଶ୍ୱାସ । ଖ୍ରୀ ଅ ୧୪୮ରେ ଲୋକରକ୍ଷ ଏ ଗ୍ରନ୍ଥଟିକୁ ଚୀନା ଭାଷାରେ ଅନୁବାଦ କରିଥିଲେ । ତେଣୁ ଆପାତତଃ ଖ୍ରୀଷ୍ଟୀୟ ୧ମ ଶତାବ୍ଦୀର ଆଦ୍ୟଭାଗରେ ଏହା ଓଡ଼ିଶାରେ ରଚିତ ହୋଇଥିବାର ଜଣାଯାଏ । ବୌଦ୍ଧଧର୍ମ ଉପରେ ହୋଇଥିବା ଗବେଷଣାରୁ ଅଷ୍ଟସାହସ୍ରିକା ଗ୍ରନ୍ଥଟି ବିଶାଳ ପ୍ରଜ୍ଞା ପାରମିତା ଶାସ୍ତ୍ରସମୂହ ମଧ୍ୟରେ ଏକ ଆଦ୍ୟତମ ଗ୍ରନ୍ଥ ଭାବରେ ଦୃଷ୍ଟି ଆକର୍ଷଣ କରିଥାଏ । ଏହା ବୌଦ୍ଧଧର୍ମର ଦିଗ୍‌ମଣ୍ଡଳରେ ଏକ ନୂତନ ଦୃଷ୍ଟିକୋଣର ସଂଚାର କଲା । ତା' ମଧ୍ୟରେ ବିକଶି ଉଠିଲା ପରିପୂର୍ଣ୍ଣ ମହାଯାନବାଦ । ସେହି ସମୟରୁ ବୌଦ୍ଧମାନେ ବୌଦ୍ଧଧର୍ମର ମତାଦର୍ଶକୁ ସାଧାରଣ ମଣିଷର ଚେତନା-ସ୍ତର ପର୍ଯ୍ୟନ୍ତ ଖସାଇଆଣି ତାକୁ ସମଗ୍ର ଜନତା ମଧ୍ୟରେ ଖେଳେଇ ଦେବା ପାଇଁ ପ୍ରଚଣ୍ଡ ଉଦ୍ୟମ ଆରମ୍ଭ କଲେ । ଏକ ପକ୍ଷରେ ସେମାନେ ବ୍ରାହ୍ମଣଙ୍କର ଶିକ୍ଷାଦର୍ଶ ପ୍ରତି ପ୍ରତିବାଦ ଜଣାଇ ସେମାନଙ୍କର ଶାସ୍ତ୍ରୀୟତାକୁ ମାଧ୍ୟମିକ ଓ

ବିଜ୍ଞାନବାଦର ଅଧିବିଦ୍ୟା ଜରିଆରେ ସୂକ୍ଷ୍ମତର କରି ଛିଡ଼ା କରାଇଲେ ଓ ଅନ୍ୟ ପକ୍ଷରେ ଏକ ଜନପ୍ରିୟ ଭାଷା ମାଧ୍ୟମରେ ନିଜର ମତାଦର୍ଶକୁ ସମଗ୍ର ମାନବ ସମାଜ ମଧ୍ୟରେ ସୁପ୍ରସାରିତ କରିବା ପାଇଁ ସେମାନେ ଚେଷ୍ଟା କଲେ । ଏହାଫଳରେ ଜନସାଧାରଣଙ୍କର ଆଞ୍ଚଳିକ ଭାଷାଗୁଡ଼ିକ ପରିପୁଷ୍ଟ ହେଲା । ଜନ ସମର୍ଥନ ଲାଭର ପ୍ରୟାସ ମଧ୍ୟରେ ବୌଦ୍ଧଧର୍ମ କାଳକ୍ରମେ ବଜ୍ରଯାନ ଓ ସହଜଯାନରେ ରୂପାନ୍ତରିତ ହେଲା । ଏହି ସମୟରେ ବୌଦ୍ଧ ସିଦ୍ଧ ଓ କବିମାନେ ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ବସବାସକାରୀ ଲୋକଙ୍କର ବୋଧଗମ୍ୟ ଭାଷାରେ ବହୁ ଗାନ ଓ ଦୋହା ରଚନା କରିଥିଲେ ।

ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ ଯେତେବେଳେ ମାଠର ବଂଶ କ୍ଷମତାସୀନ ହେଲା ସେତେବେଳେ ସଂସ୍କୃତ ଭାଷା ସହ ବ୍ରାହ୍ମଣ୍ୟ ଧର୍ମ କଳିଙ୍ଗରେ ପ୍ରଥମ ଥର ପାଇଁ ରାଜ ପୃଷ୍ଠପୋଷକତା ଲାଭ କଲା । ସମୁଦ୍ରଗୁପ୍ତଙ୍କ ଜୟଯାତ୍ରାର ଅନୁସରଣରେ ଗୁପ୍ତ ବାକାଟକମାନଙ୍କ ସାମ୍ରାଜ୍ୟରୁ ସଂସ୍କୃତଚର୍ଚ୍ଚାର ପ୍ରେରଣା ଆସିଥିଲା । ଦକ୍ଷିଣ ଭାରତରେ ଏହାର ବିକାଶ ପାଇଁ ମାଠରମାନେ ନେତୃତ୍ୱ ନେଲେ ।

ଗୁପ୍ତ-ବାକାଟକ ଓ ମାଠରମାନଙ୍କ ପୃଷ୍ଠପୋଷଣ ଓଡ଼ିଶାର ଜନଜୀବନ ଓ କର୍ମଧାରା ଉପରେ ଗଭୀର ପ୍ରଭାବ ବିସ୍ତାର କଲା ଓ ଖୁବ ଶୀଘ୍ର ଏହା ସଂସ୍କୃତ ଚର୍ଚ୍ଚାର ଏକ ପୀଠସ୍ଥଳୀରେ ପରିଣତ ହେଲା । ମଧ୍ୟଯୁଗୀୟ ଓଡ଼ିଶାରେ ଶାସନ କରୁଥିବା ଶୈଳୋଦ୍ଭବ, ଭୌମକର ସୋମବଂଶୀ ଓ ଗଙ୍ଗମାନଙ୍କ ଭଳି ବିଶିଷ୍ଟ ରାଜବଂଶ ଗୁଡ଼ିକ ସଂସ୍କୃତ ଭାଷାର ବଳିଷ୍ଠ ପୃଷ୍ଠପୋଷକତା କରିଥିଲେ । ଏହି ସମୟର ଓଡ଼ିଶା ଥିଲା ଭାରତର ପ୍ରଖ୍ୟାତ ବେଦାଧ୍ୟୟନ ପୀଠମାନଙ୍କ ମଧ୍ୟରୁ ଅନ୍ୟତମ । ବାସ୍ତବରେ ଦେଖିବାକୁ ଗଲେ, ବେଦ ଓ ବୈଦିକ ସାହିତ୍ୟର ଅଧିକାଂଶ ପୋଥି ହୁଏତ କାଶ୍ମୀର ନହେଲେ ଓଡ଼ିଶାରୁ ହିଁ ଉଦ୍ଧାର କରାଯାଇଛି । ଅଥର୍ବ ବେଦର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ 'ପୈପିଲାଦ ସାହିତା'ର ଯେଉଁ ଅଂଶଟି ଚିର ଦୁର୍ଲଭ ବୋଲି ଧରିନିଆଯାଇଥିଲା ସେଇଟି ମାତ୍ର କେଇବର୍ଷ ତଳେ ଓଡ଼ିଶାରୁ ଆବିଷ୍କୃତ ହୋଇଛି । ଓଡ଼ିଶାରେ ଶୈବଧର୍ମ, ଓ ବୈଷ୍ଣବଧର୍ମ, ବିଶେଷତଃ ବଜ୍ରଯାନ ବୌଦ୍ଧଧର୍ମର ଉପସ୍ଥିତି ହେତୁ ସଂସ୍କୃତ ଭାଷା ଓ ବ୍ରାହ୍ମଣ୍ୟ ସଂସ୍କୃତିର ଏକାଧିପତ୍ୟ ବାରମ୍ବାର ପ୍ରତିହତ ହୋଇଛି । ଓଡ଼ିଶାର ସଂଭଲ ବା ସମ୍ବଲପୁରର ରାଜା ଇନ୍ଦ୍ରଭୂତି ବଜ୍ରଯାନର ପ୍ରଚାର କରିଥିଲେ, ଯାହା ଖୁବ ଶୀଘ୍ର ଏହା ପୂର୍ବଭାରତର ଏକ ଶକ୍ତିଶାଳୀ ଧର୍ମ ଭାବରେ ଗଢ଼ି ଉଠିଥିଲା । ଓଡ଼ିଶାର ରତ୍ନଗିରି ମହାବିହାର ହେଉଛି ବଜ୍ରଯାନର ଏକ ପ୍ରଧାନ ପୀଠ । ଅଷ୍ଟମ

ଶତାବ୍ଦୀ ବେଳକୁ ଏହା ଏକ ବଶିଷ୍ଟ ପୀଠ ଭାବରେ ଖ୍ୟାତିଲାଭ କରିଥିଲା । ବୌଦ୍ଧପୀଠ ଭାବରେ ଖ୍ୟାତିଲାଭ କରିଥିବା ଏସୀୟ ଗିରିଶ୍ରେଣୀର ଗ୍ରୁଟିଏ ଶୃଙ୍ଗ ମଧ୍ୟରୁ ରତ୍ନଗିରି ଅନ୍ୟତମ । ଅପରଗୁଡ଼ିକ ହେଲା ଉଦୟଗିରି, ଲଳିତଗିରି ଓ ଅଲତିଗିରି, ଏସବୁର ସମ୍ମିଳିତ ପରିଚୟ ହେଲା ଚତୁଷ୍ପୀଠ ପର୍ବତ ଯାହାକି ଗ୍ରୁଟିଏ ତନ୍ତ୍ରପୀଠ— ଉଡ୍ଡୀୟାନ, ପୂର୍ଣ୍ଣଗିରି, କାମକ୍ଷା ଓ ଶିରହଟ୍ଟର ପ୍ରତିନିଧିତ୍ୱ କରିଥାଏ । ଭାରତର ଏହି ପାର୍ବତୀୟ ପୀଠଗୁଡ଼ିକ ତାନ୍ତ୍ରିକ ବୌଦ୍ଧକଳାର ବଶିଷ୍ଟତମ କେନ୍ଦ୍ର ଭାବରେ ପରିଗଣିତ ହୋଇଥାଏ । ରତ୍ନଗିରି ମହାବିହାର ଅଧ୍ୟୟନ ଓ ଗବେଷଣାର ଏକ ପ୍ରକୃଷ୍ଟ ଅନୁଷ୍ଠାନ ଭାବରେ ଖ୍ୟାତି ଲାଭ କରିଥିଲା । ପ୍ରଜ୍ଞା, ବୋଧିଶ୍ରୀ, ଅବଧୂତି ଓ ନାରୋପାଙ୍କ ଭଳି ଉଚ୍ଚାଶା ବିଦ୍ୟାର୍ଥୀମାନେ ଭାରତର ନାନା ସ୍ଥାନରୁ ଆସି ପିଟୋପାଦ, ତିଲୋପାଦ ଇତ୍ୟାଦିଙ୍କ ଭଳି ବହୁଦର୍ଶୀ ଗୁରୁଙ୍କ ନିକଟରୁ ଶିକ୍ଷା ଗ୍ରହଣ କରୁଥିଲେ । ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କରା ସହଜଯାନର ପ୍ରବକ୍ତା ଥିଲେ ଏବଂ ସେ ଜ୍ଞାନଦେଈ ମାଳୁଣୀ, ନେଟେଇ ଧୋବଣୀ, ଗାଙ୍ଗୀ ଗଉଡୁଣୀ ଇତ୍ୟାଦିଙ୍କ ଭଳି ଦଳେ ବୁଦ୍ଧିମତୀ କୁମାରୀଙ୍କୁ ନିଜର ଶିଷ୍ୟା ଭାବରେ ପାଇପାରିଥିଲେ । ଆଧୁନିକ ବଲାଙ୍ଗୀର ଜିଲ୍ଲାର ପାଟଣା ଥିଲା ଏମାନଙ୍କର ସାଧନାସ୍ଥଳୀ ଯାହାର ପ୍ରାଚୀନ ନାମ ଥିଲା କାଉଁରୀପାଟଣା ବା କୁମାରୀପାଟଣା ଅର୍ଥାତ୍ କୁମାରୀକନ୍ୟାଙ୍କର ପୀଠଭୂମି । ବଜ୍ରଯାନ ଓ ସହଜଯାନରୁ ଗୁହ୍ୟସାଧନା-ସର୍ବସ୍ୱ ଏକପ୍ରକାର ତନ୍ତ୍ର ସାଧନା ଗଢ଼ିଉଠିଲା । ସହଜସିଦ୍ଧି ଲଭିଥିବା ବହୁ ଆଚାର୍ଯ୍ୟ ନାନା ଗାନ ଓ ଦୋହା ମାଧ୍ୟମରେ ଏଇ ନୂତନ ଧର୍ମର ବାଣୀ ପ୍ରଚାର କଲେ । ଚର୍ଯ୍ୟାଗୀତି ଭାବରେ ଏଗୁଡ଼ିକ ପରିଚିତ । ନିକଟ ଅତୀତରେ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ, ଡ଼ଃ ପ୍ରଃ ଚଃ ବାଗଚୀ ଓ ଅନ୍ୟମାନଙ୍କ ଦ୍ୱାରା ଏ ଜାତୀୟ ବହୁ ସଙ୍ଗୀତ ଓ କବିତା ଲୋକଲୋଚନକୁ ଆସିପାରିଛି । ଏଇ ସଂଗୀତଗୁଡ଼ିକର ଭାଷାକୁ କେନ୍ଦ୍ର କରି ଅଧୁନାତନ ଗବେଷକ, ଭାଷାବିତ୍ ଓ ସାହିତ୍ୟିକଙ୍କ ମଧ୍ୟରେ ତୁମୁଳ ବାଦାନୁବାଦ ଦେଖାଦେଇଛି । ଓଡ଼ିଆ, ବିହାର, ବଙ୍ଗଳା ଓ ଆସାମର ଆଲୋଚକମାନେ ଏହାକୁ ଯଥାକ୍ରମେ ଓଡ଼ିଆ, ମୈଥିଳୀ, ବଂଗଳା ଓ ଅହମୀଆର ପ୍ରନ୍ନରୂପ ବୋଲି ଦାବୀ କରିଚନ୍ତି । ଉକ୍ତ ଭାଷାଗୁଡ଼ିକର ଗୁରିଟି କ ଲକ୍ଷଣ ବୌଦ୍ଧଗାନ ଓ ଦୋହାରୁ ଉପଲବ୍ଧ ହୁଏ । ଏହାର ଅଭିବ୍ୟକ୍ତିଗତ ବ୍ୟାପକତା, ପଦସଂରଚନା, କ୍ରିୟା-ପ୍ରୟୋଗ ପଦ୍ଧତି ଇତ୍ୟାଦି ବର୍ତ୍ତମାନ ବିଚାର ବିଶ୍ଳେଷଣ କରି ଏହାକୁ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ବୋଲି କହିବା ସଂପୂର୍ଣ୍ଣ ବିଭ୍ରାନ୍ତିକର । ୯ମ ୧୦ମ ଶତାବ୍ଦୀରେ

ଭାରତବର୍ଷର ବିଭିନ୍ନ ସ୍ଥାନରୁ ଆସିଥିବା ବଜ୍ରଯାନୀ ସିଦ୍ଧମାନଙ୍କ ଦ୍ୱାରା ବ୍ୟବହୃତ ଏକ ଷ୍ଟାଣ୍ଡାର୍ଡ ପୂର୍ବାଞ୍ଚଳୀୟ ଭାଷା ଭାବରେ ଏହାକୁ ସ୍ୱୀକାର କରାଯାଇ-ପାରେ । ସେ ଦୃଷ୍ଟିରୁ ଏହା ଆଧୁନିକ ଓଡ଼ିଆ, ବଙ୍ଗଳା, ମୈଥିଳୀ ତଥା ଅହମୀୟା ଭାଷାର ମାତୃକଳ୍ପା । ଉଲ୍ଲିଖିତ ସମୟରେ ପୂର୍ବ-ଭାରତର ଓଡ଼ିଶା କିମ୍ବା ବଙ୍ଗଳା କିମ୍ବା ବିହାର ଅଥବା ଆସାମର ଲୋକ-ବ୍ୟବହୃତ ଭାଷା ଏହା ଥିଲା, ଅଥବା ଅନ୍ୟ କିଛି ଥିଲା ସେଥିରେ ଜଣେ ସନ୍ଦେହ କରିବାର ଯଥେଷ୍ଟ ଅବକାଶ ରହିଛି । ଯେତେଦୂର ସମ୍ଭବ ଏଇ ଭାଷା ସାଧାରଣ ଜନତାର ଭାଷା ନଥିଲା କାରଣ ଗାନ ଓ ଦୋହାର ରଚୟିତା କବି-ଦାର୍ଶନିକମାନେ ଏହାକୁ ସନ୍ଧ୍ୟାଭାଷା ବୋଲି କହୁଥିଲେ ଓ ଏହା ଉପରେ ସଂସ୍କୃତରେ ଟୀକାମାନ ଲେଖୁଥିଲେ । ଏସବୁ ବାଧାବଂଧନ ସତ୍ତ୍ୱେ ବୌଦ୍ଧଗାନ ଓ ଦୋହା ପୂର୍ବଭାରତୀୟ ଭାଷା ଅନୁଧ୍ୟାନ ଲାଗି ଏକାନ୍ତ ଜରୁରୀ । ଓଡ଼ିଆ ଅଥବା ବଙ୍ଗଳା ଭଳି ଏକ ନିର୍ଦ୍ଦିଷ୍ଟ ପ୍ରାଦେଶିକ ଭାଷାର ଆଧୁନିକ ଆଞ୍ଚଳିକ ସ୍ୱରୂପ ପ୍ରାପ୍ତି ପୂର୍ବର ଏକ ଉତ୍ତରଣ ପର୍ବ ଏଥିରେ ଦେଖାଯାଇପାରେ ।

କିନ୍ତୁ ଚର୍ଯ୍ୟାଗୀତ ରଚନାର ବହୁ ପୂର୍ବରୁ କେତେକ କାଳ-ନିରୂପିତ ଅଥବା କାଳ-ନିରୂପେୟ ଲେଖାବଳୀରେ ଓଡ଼ିଆ ଭାଷାର ସ୍ପଷ୍ଟ ସୂଚନା ମିଳିଥାଏ । ମଧ୍ୟଯୁଗର ଆଦ୍ୟ ଭାଗରେ ଲିଖିତ କେତେକ ତାମ୍ର ଫଳକ ସନନ୍ଦରେ—ନିର୍ଦ୍ଦିଷ୍ଟଭାବେ କହିଲେ ୭ମ ଶତାବ୍ଦୀ ଖ୍ରୀଷ୍ଟାବ୍ଦର ଶୈଳୋଦ୍ଭବରାଜା ଧର୍ମରାଜାଙ୍କ ନିବନା ତାମ୍ର ଫଳକର ଦାନପତ୍ର ଅଂଶରେ ଥିବା ଅଲଂକୃତ ସଂସ୍କୃତର କେତୋଟି ଧାଡ଼ି ନିଃସନ୍ଦେହରେ ପ୍ରାଚୀନ ଓଡ଼ିଆ ଭାଷାର ମୁଦ୍ରା ବହନ କରେ । * ଏଇ ନିବନା ସନନ୍ଦରେ ଓଡ଼ିଆ ଭାଷା ର ସଗୋର୍ଯ୍ୟ ଦସ,

---

* (କ) ନିବନା ତାମ୍ରଲେଖ :

ପଶ୍ଚିମ ଦଣହ ଯିକୁଟ ଆଡ଼ ପାପାଢ଼ ବଣରାଇ ବାଲ୍ମିକ ବର୍ଣ୍ଣଗିଲ ବଣରାଇ ଉତ୍ତର ଦଣହ ଯିକୁଟ ପାଣି ସଣତର ମଣି ବାତେଡେବଣି । ଉତ୍ତର ଦଣହ ଘାଘଶିଲ ପୂବେହ ଅତ ବଣରାଇ ବାଡ଼ । ପୂର୍ବଉତ୍ତର କୋଣହ ସୋମଣି ଯିକୁଟ । ପୂର୍ବ ଦକ୍ଷିଣହ ସେ...ମ ଯିକୁଟ । ପୂବ ଦଣହ ଖୋଲଡ଼ । ପୂବ ଦକ୍ଷିଣ କୋଣହ ବାଘ ଗୁହ ଯିକୁଟ । ଦକ୍ଷିଣହବା ପଦ ଦପିଲ ଗାଡ଼ ସ୍ରାବନ୍ତ ।

(ଖ) ବଜ୍ରହସ୍ତଙ୍କ ପାରଲାଖେମଣ୍ଡି ତାମ୍ରଲେଖ (୮୪୮ ଖ୍ରୀ·) :

ଓଁ ରାଜ ରାଣୀ ଓଡ଼ବସଇ ବଦରାଧ ଜେଲସିଗାମ ଇନ୍ଦ ନନ୍ଦଣୋଦୟ ତଷ୍ଟ ସାହସ ଦନ ହ୍ୱୋମଣ୍ଡି ମିଲନ୍ତ୍ର ଦନ

ବନରାଇ, ପାଣି, ପୂବେନ୍ଦ୍ର, ବାଘଗୁହ୍ମ ଇତ୍ୟାଦି ଭଳି ବହୁ ପ୍ରାକୃତ ଶବ୍ଦ ବ୍ୟବହୃତ ହୋଇଛି । ଏହି ସନନ୍ଦର ସଂପାଦକ ଡ଼ଃ ଏନ୍. ପି. ଚକ୍ରବର୍ତ୍ତୀ ଏହାର ସଂସ୍କୃତ ପାଠରେ ଥିବା ପ୍ରାକୃତ ଶବ୍ଦ ଓ ଦାନପତ୍ର ଅଂଶରେ ମାତୃଭାଷା ରୂପେ ବିବେଚିତ ପ୍ରାଦେଶିକ ଭାଷାଭିବ୍ୟକ୍ତି (Vernacular expression) ଦେଖି ବିସ୍ମିତ ହୋଇଥିଲେ । ସେ ଉଲ୍ଲେଖ କରିଚନ୍ତି— ଏଇ ପାଠରେ ବୈଷୟିକ ବଦଳରେ ବେଷଇକ, ଧାର୍ଷିତ ବଦଳରେ ଧାଖିଦ, ବସ୍ତ୍ର ବଦଳରେ ବଚ୍ଛ, ଋଷି ବଦଳରେ ରୁଷି, ତାମ୍ର ବଦଳରେ ତମ୍ବା ଭାବେ ବ୍ୟବହୃତ ଶବ୍ଦଗୁଡ଼ିକ ହେଉଛି ପ୍ରାକୃତ ଶବ୍ଦ । ଦାନକରାଯାଇଥିବା ଗ୍ରାମଟିର ସୀମା ନର୍ଦ୍ଦେଶକାରୀ ଅଂଶଟି ପ୍ରାଦେଶିକ ଭାଷାରେ ଲେଖା ଯାହା ତେଲୁଗୁ ଓ ଓଡ଼ିଆର ମିଶ୍ରଣ ବୋଲି ମନେହୁଏ । ଡ଼ଃ ଚକ୍ରବର୍ତ୍ତୀ ଉକ୍ତ ସନନ୍ଦରେ ଥିବା ଓଡ଼ିଆ ଭାଷାର ଲକ୍ଷଣକୁ ଭଲଭାବେ ଲକ୍ଷ୍ୟ କରି ପାରି ନଥିବାରୁ ଏହାକୁ ତେଲୁଗୁ ଓ ଓଡ଼ିଆର ମିଶ୍ରଣ ଭାବରେ ଗ୍ରହଣ କରିଚନ୍ତି । ୭ମ ଶତାବ୍ଦୀର ରେକର୍ଡ଼ମାନଙ୍କରେ ଓଡ଼ିଆ ଭାଷାର ଯେଉଁ ସ୍ପଷ୍ଟ ସୂଚନା ମିଳିଥାଏ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚୀନା ପରିବ୍ରାଜକ ହୁଏନ୍‌ସାଂ ସେଇ ସମୟର ଉଚ୍ଚା (ଉଡ୍ର) ଓ କୁଂଗୁ-ଟୋ (କଂଗୋଦ)ରେ ପ୍ରଚଳିତ ଥିବା ଭାଷାର ଏକ ନିର୍ଭରଯୋଗ୍ୟ ବିବରଣ ରଖିଯାଇଛନ୍ତି । ଉଚ୍ଚାକୁ ଲକ୍ଷ୍ୟ ରଖି ସେ କହିଚନ୍ତି "ଭାଷା ଓ ଭଙ୍ଗୀରେ ଏଠାରେ ଲୋକେ ମଧ୍ୟଭାରତର ଲୋକଙ୍କ ଠାରୁ ସ୍ୱତନ୍ତ୍ର ଥିଲେ ।" କଂଗୋଦ ଉପରେ ସେ କହିଚନ୍ତି—"ଲେଖାର ବୈଶିଷ୍ଟ୍ୟ ଦିଗରୁ ଦେଖିଲେ ସେମାନେ ମଧ୍ୟଭାରତର ଲୋକଙ୍କ ଭଳି । ମାତ୍ର ସେମାନଙ୍କ ଭାଷା ଓ ଉଚ୍ଚାରଣଭଙ୍ଗୀ ସଂପୂର୍ଣ୍ଣ ଅଲଗା ଧରଣର ।" ହୁଏନ୍‌ସାଂଙ୍କ ଦୃଷ୍ଟିରେ ଓଡ଼ିଶାର କଥିତ ଭାଷା ଉଲ୍ଲିଖିତ ନିବନା ଫଳକର ଦାନପତ୍ର ଅଂଶର ଭାଷା ସହ ଅନେକାଂଶରେ ସମାନ । ପରବର୍ତ୍ତୀ କାଳରେ, ବିଶେଷତଃ ୮ମରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ, ଯେତେବେଳେ ଓଡ଼ିଶା ଭୌମକର ଓ ସୋମବଂଶୀ ରାଜାଙ୍କ ଶାସନାଧୀନ ଥିଲା ସେତେବେଳେ ସଂସ୍କୃତଭାଷା ଉପରେ ଆଞ୍ଚଳିକ ଭାଷାର ଗଭୀର ପ୍ରଭାବ ଆମେ ଲକ୍ଷ୍ୟ କରିଥାଉଁ । ରାଜକୀୟ ସନନ୍ଦ ଗୁଡ଼ିକରେ ବହୁ ସଂସ୍କୃତ ଶବ୍ଦ ଓଡ଼ିଆ ଉଚ୍ଚାରଣ ଭଙ୍ଗୀରେ ଲେଖାଯାଇଛି । ଏପରିକି ରାଜାମାନଙ୍କ ନାମ ମଧ୍ୟ ଓଡ଼ିଆ ଭାବରେ ଲେଖାଯାଇଛି ଯଥା—ଉନ୍ମତ୍ତ ସ୍ଥାନରେ ଉମ୍ମତ, ଲବଣଭାର ସ୍ଥାନରେ ଲୋଣଭାର, ଯଯାତି ସ୍ଥାନରେ ଜଜାତି ଇତ୍ୟାଦି । ତାମ୍ରଫଳକଗୁଡ଼ିକୁ ଟିକିଏ ଗଭୀର ଭାବେ ଅନୁଧ୍ୟାନ କଲେ ଜଣାଯାଏ ଯେ ସେହି ସମୟର ଓଡ଼ିଆ ଭାଷା ଏକ ସ୍ପଷ୍ଟ ଭାଷା ରୂପେ ବିକାଶ ଲାଭ କରିଥିଲା । ଯୋଡ଼ହସ୍ତ ଭାବରେ ସମାସୀନ ସନ୍ଥ କୁମାରସେନଙ୍କ

ପ୍ରତିମୂର୍ତ୍ତି ଏକ ଅତ୍ୟନ୍ତ ଉଲ୍ଲେଖନୀୟ ଆବିଷ୍କାର । ଏହାର ପାଦପୀଠରେ ୧୧ଶ ଶତାବ୍ଦୀର ଲକ୍ଷଣଯୁକ୍ତ ଏକ ଶିଳାଲେଖ ରହିଛି । ଖାଣ୍ଟି ଓଡ଼ିଆ ପଦରେ ଶିଳାଲେଖର ସେଇ ଧାଡ଼ିଟି ହେଲା—

ଦେବଙ୍କୁ ହି ଭଗତି କରୁଣ
ଅଛନ୍ତି ଶେ କୁମାରସେଣ ।

ଶବ୍ଦାନୁସାରେ ଓଡ଼ିଆ ପଦ ସଂଯୋଜନା ଯେ ୧୧ଶ ଶତାବ୍ଦୀ ବେଳକୁ ବିକାଶ ଲାଭ କରିଥିଲା ତାର ସ୍ପଷ୍ଟ ସୂଚନା ଏଥିରୁ ମିଳିଥାଏ । ୭ମ ଶତାବ୍ଦୀର କନକା ତାମ୍ର ଫଳକରେ ଆମେ ଯାହାର ଅମାର୍ଜିତ ଅଯୁମାରମ୍ଭ ଦେଖିଥିଲୁ ତାର ଏକ ସୁନ୍ଦର ଓ ପରିମାର୍ଜିତ ଉତ୍ତରଣ ଦେଖିଲୁ ୧୧ଶ ଶତାବ୍ଦୀର ଶିଳାଲେଖରେ— କୁମାରସେଣ-ପ୍ରତିମୂର୍ତ୍ତିରେ । ଏହାପରେ ୧୧ଶ ଶତାବ୍ଦୀରେ କଥିତ ଓ ସାହିତ୍ୟିକ ଓଡ଼ିଆ ଭାଷା ଏକାଦିକ୍ରମେ ତାର ଗଦ୍ୟ ଓ ପଦ୍ୟ ବିଭାଗରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଥିଲା । ଏହି ସମୟରେ ଗଙ୍ଗମାନେ ସୋମବଂଶୀମାନଙ୍କୁ ବିତାଡ଼ିତ କରି ଓଡ଼ିଶା ସଂସ୍କୃତିର ଏକ ନବ ଦିଗନ୍ତ ଉନ୍ମୋଚନ କଲେ । ସୋମବଂଶୀଙ୍କୁ ପରାସ୍ତ କରି ଉତ୍କଳକୁ ନିଜ ଅକ୍ତିଆରରେ ଆଣିଥିବା ଗଙ୍ଗରାଜା ଚୋଡ଼ଗଙ୍ଗଦେବ ପୁରୀରେ ଜଗନ୍ନାଥ ମନ୍ଦିର ତୋଳାଇଥିଲେ ଓ ରାମାନୁଜଙ୍କ ଆଧ୍ୟାତ୍ମିକ ପ୍ରଭାବରେ ପ୍ରଭାବିତ ହୋଇ ଶ୍ରୀବୈଷ୍ଣବ ସମ୍ପ୍ରଦାୟଭୁକ୍ତ ହୋଇଥିଲେ । ସେଇ ସମୟରୁ ପୁରୀ ଓ ସୀମାଚଳମ୍ ବୈଷ୍ଣବ ଧର୍ମର ପ୍ରଧାନ କେନ୍ଦ୍ର ଭାବରେ ମସ୍ତକୋତ୍ତଳନ କଲା । ପୁରୀ ସଂସ୍କୃତି ଓ ଓଡ଼ିଆ ସଂସ୍କୃତିର ପୀଠ ଥିଲାବେଳେ ତେଲୁଗୁ ଓ ଓଡ଼ିଆର ଏକ ଉଲ୍ଲେଖନୀୟ ମିଶ୍ରଣ ଦେଖାଦେଲା ସୀମାଚଳମ୍‌ରେ । ତେଲୁଗୁ ଲିପିରେ ଲିଖିତ ଗଙ୍ଗରାଜତ୍ୱ ବେଳର ଅନ୍ତତଃ ୫୦୦ ଶିଳାଲେଖ ସୀମାଚଳମ୍‌ରୁ ମିଳିଛି । ଜରୁତା ତେଲୁଗୁ ଓ ଓଡ଼ିଆ ଭାଷାର ଶିଳାଲେଖ ସଂଖ୍ୟା ଯଥେଷ୍ଟ ହେଲେହେଁ ଏଥିରେ ତେଲୁଗୁ ଓ ଓଡ଼ିଆ ଭାଷାର ଏକ ସୁନ୍ଦର ସମନ୍ୱୟ ଦେଖାଯାଏ । କୁବ୍‌ଜ ବିଷ୍ଣୁବର୍ଦ୍ଧନଙ୍କ ସିଂହାସନାରୋହଣ ସମୟ ଖ୍ରୀଷ୍ଟାବ୍ଦ ୬୨୦ରୁ ଯୁଦ୍ଧ କ୍ଷେତ୍ରରେ ରାଜରାଜଚୋଳଙ୍କ ଦ୍ୱାରା ବିଶିଷ୍ଟ ସେନାପତି କଟାଚୋଡ଼ ଭୀମଙ୍କ ନିହତ କାଳ ୯୯୯ ମସିହା ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ତେଲୁଗୁ ଭାଷା ସୀମାଚଳମ୍‌ରେ ପ୍ରାବଲ୍ୟ ଲାଭ କରିଥିଲା । ପୂର୍ବୀଚାଲୁକ୍ୟ ନରପତିଙ୍କ ଆଧିପତ୍ୟ କାଳରେ ସୀମାଚଳମ୍ ୧୦୩୮ ମସିହାରେ ଗଙ୍ଗମାନଙ୍କ ଦଖଲକୁ ଆସିଲା, ଯେଉଁ ସମୟରେ ବଜ୍ରହସ୍ତ ୫ମ କ୍ଷମତାସୀନ ହେଲେ । ଏହାଙ୍କ ନାତି ଚୋଡ଼ଗଙ୍ଗଙ୍କ ଶାସନ କାଳରେ ଚାଲୁକ୍ୟମାନଙ୍କ ଦ୍ୱାରା ଆରାଧିତ ରାଷ୍ଟ୍ରଦେବତା ବରାହ ନୃସିଂହ ଶ୍ରୀବୈଷ୍ଣବ ଧର୍ମର ପ୍ରଭାବ ଫଳରେ ଲକ୍ଷ୍ମୀ-ନୃସିଂହ ନାମରେ ପୂଜା

ପାଇଲେ । ଗଙ୍ଗରାଜାମାନେ ଶିଷ୍ଟକରଣ ନାମକ ଏକ ଓଡ଼ିଆ କରଣଙ୍କୁ ସେଠାରେ ରଖାଇଥିଲେ ଯେଉଁମାନେ ମନ୍ଦିରର ପରିଚାଳନା ଓ ପୂଜକ ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ମନ୍ଦିର ଗାତ୍ରରେ ବହୁ ଶିଳାଲେଖ ମଧ୍ୟ ଖୋଦନ କରି ଥିଲେ । ଏହି ଶିଷ୍ଟକରଣମାନେ, ଓଡ଼ିଆ ଓ ତେଲୁଗୁରେ, ଦ୍ୱିଭାଷୀ ଥିଲେ ଏବଂ ତାଙ୍କଦ୍ୱାରା ସୀମାଚଳମ୍ ଓ ଶ୍ରୀକୂର୍ମମ୍ (ଯେଉଁଠାରେ ଆନ୍ଧ୍ରଦେଶ ଓ ଓଡ଼ିଶାର ହଜାର ହଜାର ତୀର୍ଥଯାତ୍ରୀ ସମବେତ ହେଉଥିଲେ)ର ଧର୍ମୀୟ ପ୍ରତିଷ୍ଠାକୁ କେନ୍ଦ୍ର କରି ଉଭୟ ଭାଷାର ପ୍ରଗତି ସାଧିତ ହେଉଥିଲା ।

ପୁରୁଷୋତ୍ତମ ପୁରୀ, ସଂକ୍ଷେପରେ ପୁରୀ ଥିଲା ଏକ ମହାନ ଧର୍ମକ୍ଷେତ୍ର । ୧୧୧୦ ଖ୍ରୀଷ୍ଟାବ୍ଦରେ ଗଙ୍ଗମାନଙ୍କ ଓଡ଼ିଶା ଅଧିକାର ପୂର୍ବରୁ ଏହି ସ୍ଥାନଟି ପୁରୁଷୋତ୍ତମଙ୍କ ପୀଠ ଭାବରେ ନିଃସନ୍ଦେହରେ ଖ୍ୟାତିଲାଭ କରିଥିଲା । କିନ୍ତୁ ପରେ ଯେତେବେଳେ ପୁରୁଷୋତ୍ତମ ଧର୍ମ ସହ ବଜ୍ରଯାନୀ ଜଗନ୍ନାଥଙ୍କର ଏକ ମଧୁର ସମନ୍ୱୟ ଦେଖାଦେଲା ସେହି ସମୟରେ ଚୋଡ଼ଗଙ୍ଗଦେବଙ୍କ ନିର୍ଭୀକ ମନ୍ତ୍ରୀ ପୁରୁଷୋତ୍ତମ ମନ୍ଦିର ନିର୍ମାଣ ଓ ରାମାନୁଜଙ୍କ ଶ୍ରୀବୈଷ୍ଣବ ଧର୍ମର ପ୍ରବେଶ ଫଳରେ ସହସା ପୁରୀ ଏକ ପରମ ତୀର୍ଥକ୍ଷେତ୍ର ତଥା ଶିକ୍ଷା ଦୀକ୍ଷାର ଏକ ପୀଠସ୍ଥଳୀ ରୂପେ ପ୍ରସିଦ୍ଧି ଅର୍ଜନ କଲା । ଗଙ୍ଗ ସମ୍ରାଟ ତୃତୀୟ ଅନଙ୍ଗଭୀମଦେବଙ୍କ ସମୟରେ ଗଙ୍ଗରାଜତ୍ୱ ଏବର ପଶ୍ଚିମ ଓଡ଼ିଶା (ସମ୍ବଲପୁର-ବଲାଙ୍ଗିର ଅଞ୍ଚଳ) ପର୍ଯ୍ୟନ୍ତ ବ୍ୟାପି ଥିଲା । ସେ ନିଜର ସମଗ୍ର ରାଜ୍ୟକୁ ପୁରୁଷୋତ୍ତମଙ୍କ ଠାରେ ଉତ୍ସର୍ଗ କରି ନିଜକୁ ସେଇ ବିଶ୍ୱବିଧାତା ପୁରୁଷୋତ୍ତମଙ୍କର ଜଣେ ଅଧସ୍ତନ କର୍ମଚାରୀ ଭାବେ ଘୋଷଣା କରିଥିଲେ । ଏହାଫଳରେ ପୁରୁଷୋତ୍ତମ ଜଗନ୍ନାଥ ଓଡ଼ିଶାର ରାଷ୍ଟ୍ରଦେବତା ହେଲେ ଓ ତାର ଧ୍ୟାନ ଧାରଣାରେ ବ୍ୟାପକ ପରିବର୍ତ୍ତନ ଦେଖାଗଲା । ଏହି ସମୟରେ ଓଡ଼ିଶାରେ ସଂସ୍କୃତ ଚର୍ଚ୍ଚା ତା'ର ଶୀର୍ଷ ସୀମାରେ ପହଞ୍ଚି ପାରିଥିଲା ଓ ସଂସ୍କୃତ ସାହିତ୍ୟର ବହୁ ଶ୍ରେଷ୍ଠତମ ଗ୍ରନ୍ଥ, ଯଥା — ବିଶ୍ୱନାଥ କବିରାଜଙ୍କ ସାହିତ୍ୟ-ଦର୍ପଣ, ବିଦ୍ୟାଧରଙ୍କ ଏକାବଳୀ, କୃଷ୍ଣାନନ୍ଦଙ୍କ ସହୃଦୟାନନ୍ଦ ତଥା ସତାନନ୍ଦଙ୍କ ଭାସ୍ୱତୀ ଇତ୍ୟାଦି ଏହି ସମୟରେ ଲେଖା ଯାଇଥିଲା । ରାଜ-ପୃଷ୍ଠପୋଷକତାରେ ପରିବର୍ଦ୍ଧିତ ସଂସ୍କୃତ ଭାଷାର ଆଧିପତ୍ୟ ସହ ଜଗନ୍ନାଥ ଧର୍ମ-ସ୍ପନ୍ଦିତ ଓଡ଼ିଆ ଭାଷାର ଏକ ମହାପ୍ରବାହ ସମତାଳରେ ମାଡ଼ି ଚାଲିଥିଲା । ଗଙ୍ଗ ଦରବାରରେ ସଂସ୍କୃତର ହିଁ ପ୍ରାଧାନ୍ୟ ଥିଲା । ସଂସ୍କୃତ ଚର୍ଚ୍ଚାର ପ୍ରବକ୍ତା ଉଭୟ ପଣ୍ଡିତ ଓ ଶାସକବର୍ଗ କେବଳମାତ୍ର ଓଡ଼ିଆର ପ୍ରଚଳନକୁ ନିରୁତ୍ସାହିତ କରୁ ନଥିଲେ ଅଧିକନ୍ତୁ ଏହାର ନିଃଶେଷ ପାଇଁ ମଧ୍ୟ ସମୟ ସମୟରେ ଚେଷ୍ଟା ଚଳେଇଥିଲେ । କିନ୍ତୁ ଖୁବ୍ ଶୀଘ୍ର ଓଡ଼ିଆ ଭାଷା ଜଗତରେ ଏକ ସ୍ୱାଭାବିକ ଆଲୋଡ଼ନ ଦେଖାଦେଲା । ସାମରିକ ମୁଖ୍ୟ, ଶାସନକର୍ତ୍ତା ତଥା ଭକ୍ତମଣ୍ଡଳୀ

ପକ୍ଷରୁ ଏକ ଶକ୍ତିଶାଳୀ ଗୋଷ୍ଠୀ ଏହା ସପକ୍ଷରେ ସ୍ୱର ଉତ୍ତୋଳନ କଲା । ଏହି ଗୋଷ୍ଠୀ ମଧ୍ୟରେ ଉତ୍ସର୍ଗାତ୍ମକ ଅଥବା ସ୍ମାରକୀ ଶିଳାଲେଖମାନ ଓଡ଼ିଆରେ ଲେଖା ହେଲା । ଏପରିକି ୧୦୫୧ ମସିହାରେ ବଜ୍ରହସ୍ତଗଙ୍ଗଙ୍କ ଶାସନାଧୀନ ଜଣେ ପ୍ରଶାସକ ଏବର ଆନ୍ଧ୍ରଦେଶସ୍ଥ ଶ୍ରୀକାକୁଲମ୍ ଜିଲ୍ଲାରେ ଥିବା ଉର୍ଲାମ୍ ଠାରେ ଏକ ଦାନପତ୍ର ଓଡ଼ିଆ ଭାଷାରେ ଖୋଦେଇ କରିଯାଇଛନ୍ତି । ପଶ୍ଚିମ ଓଡ଼ିଶା ଜୟ କରିବା ପରେ ସେ ଅଞ୍ଚଳର କେତେକ ଶାସକ ଓଡ଼ିଆ ଭାଷାର ଉନ୍ନତିରେ ଧ୍ୟାନ ଦେଲେ । ପ୍ରଥମ ଭାନୁଦେବ (୧୨୬୩-୧୨୭୯ ଖ୍ରୀ: ଅ)ଙ୍କ ଅଧୀନସ୍ଥ ସୋନପୁରର ଜଣେ ଗଙ୍ଗ ଶାସନକର୍ତ୍ତା ଖାଣ୍ଟି ଓଡ଼ିଆରେ ଲେଖା ଏକ ଉତ୍ସର୍ଗୀକୃତ ଘୋଷଣାନାମା ଛାଡ଼ିଯାଇଛନ୍ତି । * ସେଇଟି ବର୍ତ୍ତମାନ ଖମ୍ବେଶ୍ୱରୀ ମନ୍ଦିର ହତାରେ ମିଳିଚି । ଏ ଧରଣର ସମଧିକ ଦୃଷ୍ଟାନ୍ତ ଏଠାରେ ଅନାବଶ୍ୟକ । ଅପରପକ୍ଷରେ କେତେକ ରକ୍ଷଣଶୀଳ ଶାସନକର୍ତ୍ତା ପରମ୍ପରାଗିକ ଭାବରେ ସଂସ୍କୃତ ଭାଷାରେ କିଛି ଖୋଦିତ ଲେଖାମାନ ଛାଡ଼ିଯାଇଛନ୍ତି । ଏପରିକି ପଶ୍ଚିମ ଓଡ଼ିଶାର ସୁଦୂର କଳାହାଣ୍ଡିରେ ମଦନ ମହାଦେବ ନାମକ ଜଣେ ଗଙ୍ଗ ପ୍ରଶାସକ ୧୨୩୧ ମସିହାରେ ସଂସ୍କୃତ ଭାଷାରେ ଏକ ଘୋଷଣାନାମା ଜାରି କରିଥିଲେ । ଯା'ହେଉ କେତେକ ବ୍ୟକ୍ତି ସଂସ୍କୃତ ଓଡ଼ିଆ ଭିତରେ ଏକ ସମନ୍ୱୟ ଆଣିବା ପାଇଁ କେତେକ ସ୍ଥାନରେ ଦ୍ୱିଭାଷିକ ଲେଖାମାନ ପ୍ରସ୍ତୁତ କରି ଯାଇଛନ୍ତି । କୌତୂହଳର ବିଷୟ ହେଲା ଗଙ୍ଗରାଜା ୪ର୍ଥ ନରସିଂହ ଦେବ ତାଙ୍କର ପୂର୍ବ ପୁରୁଷମାନଙ୍କର ପ୍ରତିଲୋମରେ ଯାଇ ନିଜକୁ ସଂସ୍କୃତ ପାଶରୁ ଦୂରେଇ ପାରିଥିଲେ ଓ ସରକାରୀ ଘୋଷଣାନାମାମାନ ସଂସ୍କୃତ-ଓଡ଼ିଆର ମିଶ୍ର ଭାଷାରେ ଜାରି କରିଥିଲେ । କିମାଳ ମଠ, ଶଙ୍କରାନନ୍ଦ ମଠ ଓ କେନ୍ଦୁଲିର ତାମ୍ରଫଳକ ସନନ୍ଦ ଗୁଡ଼ିକରେ ସଯତ୍ନ ପ୍ରଯୁକ୍ତ ସଂସ୍କୃତ ଓ ଓଡ଼ିଆର ମିଶ୍ରଭାଷାରୁ ଏହି ରାଜାଙ୍କର ସମକାଳୀନ ସମନ୍ୱୟବାଦୀ ଭାଷାନୀତି ଆମର ଦୃଷ୍ଟି ଆକର୍ଷଣ କରି ଥାଏ । ପ୍ରସଂଗାନ୍ତରିକ ମନେ ହେବାରୁ ତେଲୁଗୁ ଶିଳାଲେଖ ଗୁଡ଼ିକ ଏହି ଆଲୋଚନାରେ ମୁଁ ବାଦ୍ ଦେଇଚି । କହିରଖିବା ଉଚିତ ଯେ ସପୃକ୍ତ କାଳରେ ବହୁ ଶିଳାଲେଖ ତେଲୁଗୁରେ, ଓଡ଼ିଆ-ତେଲୁଗୁର ମିଶ୍ରଭାଷାରେ, ଏପରିକି ତେଲୁଗୁ-ସଂସ୍କୃତର ଦ୍ୱିଭାଷୀ ରୂପରେ ଖୋଦିତ ହୋଇଛି । ସେଗୁଡ଼ିକ ବିଶେଷ ଭାବରେ ଗଙ୍ଗ ସାମ୍ରାଜ୍ୟର ତେଲୁଗୁଭାଷୀ ଅଞ୍ଚଳରେ ଦେଖିବାକୁ ମିଳେ ।

* ସୋନପୁର ଖମ୍ବେଶ୍ୱରୀ ମନ୍ଦିରରେ ଥିବା ଶିଳାଲେଖ :

ଏହା ଯେ ହରଇ ହରାଅଇ ତାହାର କପାଳେ ସିବତାଳ ବ୍ରହ୍ମତାଳ ବିଷ୍ଣୁତାଳ ରୁଦ୍ରତାଳ ପଡଇ । ତାଙ୍କର କଟିଯାଇ ନ୍ତ୍ରବସନ ହୋଇ···

କୋଣାର୍କ ମନ୍ଦିରର ନିର୍ମାତା ୧ମ ନରସିଂହ ଦେବଙ୍କ ସମୟରେ ଲେଖା ଓଡ଼ିଆ ଓ ତାମିଲ ଭାଷାର ଏକ ମହତ୍ତ୍ୱପୂର୍ଣ୍ଣ ଦ୍ୱୈଭାଷିକ ଶିଳାଲେଖ ଭୁବନେଶ୍ୱରରୁ ଆବିଷ୍କୃତ ହୋଇଛି । ବହୁ ଗବେଷକ ଏହାର ପରୀକ୍ଷା କରିଛନ୍ତି ଓ ସେମାନେ ତାହାର ଭିତ୍ତିରେ କେତେକ ଭ୍ରାନ୍ତ ମତ ଉପସ୍ଥାପନ କରିଛନ୍ତି । ଡ଼ଃ ଡି.ଏନ୍. ଗୁପ୍ତ ମତବ୍ୟକ୍ତ କରିଛନ୍ତି—"ଏହା ବଙ୍ଗଳା ଓ ତାମି ଲକ୍ଷଣଯୁକ୍ତ ଏକ ଦ୍ୱୈଭାଷିକ ଶିଳାଲେଖ, ଗୋଟିଏ ହେଉଛି ଅନ୍ୟଟିର ଅନୁବାଦ" । କିନ୍ତୁ ଏହା ଠିକ୍ ନୁହେଁ । ଏହାର ଓଡ଼ିଆ ସଂସ୍କରଣର ସମ୍ପାଦକ ଏ.ସି. ମଜୁମଦାର ଉଲ୍ଲେଖ କରିଛନ୍ତି—"ଏହାର ଓଡ଼ିଆ ପାଠଟି ତାମିଲ ଭାଷା ଓ ତାମିଲ ଲିପିର ଏକ ଅନୁବାଦ । ଗଙ୍ଗରାଜତ୍ୱ କାଳର ଆଉ କେତୋଟି ଅଭିଲେଖରୁ ଜଣାଯାଏ ଯେ ତାମିଲ ଥିଲା ଗଙ୍ଗମାନଙ୍କର ଭାଷା ଓ ସେଇ ତାମିଲ ଲିପିରେ ତାଙ୍କର ଦଲିଲ ପତ୍ର ସବୁ ଲେଖାଯାଉଥିଲା ଯଦିଓ ସେମାନଙ୍କର ରାଜକୀୟ କ୍ଷମତା ପରସର ଥିଲା ତେଲୁଗୁ ରାଜ୍ୟରେ ।" ତାଙ୍କର 'ଓଡ଼ିଶା ଇନ୍ ଦ ମେକିଙ୍ଗ' ଗ୍ରନ୍ଥରେ ସେ ଲେଖିଛନ୍ତି—"ଗଙ୍ଗରାଜାମାନଙ୍କର ଭାଷା ଓ ଲିପି ତେଲୁଗୁ ନଥାଇ ତାମିଲ ଥିଲା ।" ରେଭେନ୍ସା କଲେଜର [ପ୍ରାକ୍ତନ] ପ୍ରଫେସର ଡ଼ଃ କେ.ବି. ତ୍ରିପାଠୀ ଦର୍ଶାଇଛନ୍ତି ଯେ ଏଇ ବିଶଦ ଓ ଦୀର୍ଘତର ଓଡ଼ିଆ ପାଠଟି ଅପେକ୍ଷାକୃତ ସଂକ୍ଷିପ୍ତ ତାମିଲ ପାଠର ଅନୁବାଦ ନୁହେଁ । ତାମିଲ ରାଜ୍ୟ (ଚୋଳ, କାଂଚି, ପାଣ୍ଡ୍ୟ ଇତ୍ୟାଦି)ରୁ ଭୁବନେଶ୍ୱର ଦର୍ଶନରେ ଆସୁଥିବା ସନ୍ନ୍ୟାସୀ ମାନଙ୍କର ମାଗଣା ଅନ୍ନସଂସ୍ଥାନ ଲାଗି ଭୁବନେଶ୍ୱରର ଏକ ଶୈବ ମଠକୁ ବାଘମରା (ପୁରୀ ଜିଲ୍ଲାର ଆଧୁନିକ ବାଘମାରୀ)ରେ ଥିବା ଜମିର ଦାନପ୍ରସଙ୍ଗ ଏଇ ତାମିଲ ପାଠାଂଶରେ ଲିପିବଦ୍ଧ । ତେଣୁ ଏହା ମୂଳତଃ ତାମିଲ ରାଜ୍ୟାଗତ ସନ୍ନ୍ୟାସୀ ମାନଙ୍କ ପ୍ରତି ଉଦ୍ଦିଷ୍ଟ ଥିବାରୁ ସେମାନଙ୍କର ଅବଗତି ନିମିତ୍ତ ତାମିଲଭାଷାରେ ହିଁ ଲେଖାଯାଇ ଥିଲା । ପକ୍ଷାନ୍ତରେ, ଉତ୍ତରେଶ୍ୱର ନାୟକ ଓ ତାଙ୍କ ପୁତୁରା ଦୁର୍ଗାଭଟ୍ଟଙ୍କଠାରୁ ଋଣ ଆକାରରେ ସେଇ ମଠ ମହନ୍ତଙ୍କ ବାଘମରା ଜମି ବନ୍ଧକ ଚୁକ୍ତି ବିଷୟ ଓଡ଼ିଆ ପାଠାଂଶରେ ବର୍ଣ୍ଣିତ ହୋଇଛି । ସେଠାକାର ଲୋକଙ୍କ ପ୍ରତି ଉଦ୍ଦିଷ୍ଟ ଥିବାରୁ ଏହା ଓଡ଼ିଆ ଭାଷାରେ ଲେଖାଯାଇଛି । କହିରଖେ, ଓଡ଼ିଶାରେ ଗଙ୍ଗ ରାଜତ୍ୱ କାଳର ଏହା ଏକମାତ୍ର ତାମିଲ ଶିଳାଲେଖ । ସେ ସମୟର ଅନ୍ୟ କୌଣସି ତାମିଲ ଶିଳାଲେଖ ଏଯାଏଁ ଆମର ହସ୍ତଗତ ହୋଇନାହିଁ । ତେଣୁ ଏହି ଶିଳାଲେଖର ଭିତ୍ତିରେ ଉପସ୍ଥାପିତ ମତବାଦ— ଓଡ଼ିଶାର ଗଙ୍ଗରାଜ ମାନେ ତାମିଲ ଭାଷା ଓ ଲିପି ବ୍ୟବହାର କରୁଥିଲେ— ତ୍ରୁଟିପୂର୍ଣ୍ଣ ଓ ବିଭ୍ରାନ୍ତିକର ।

ଗଙ୍ଗକାଳୀନ ଭାଷା ପ୍ରସଙ୍ଗର ଆଲୋଚନାକ୍ରମରେ ଆମେ ଦେଖିଲୁ ଯେ ଏକ ଶ୍ରେଣୀର ଶାସନକର୍ତ୍ତା, ପଣ୍ଡିତ ଓ ଲେଖକ ସଂପ୍ରଦାୟ ସଂସ୍କୃତ ଭାଷାକୁ

ମାନନେଇ ତା'ର ଯଶୋଗାନ କରିଛନ୍ତି । ଅନ୍ୟଦଳେ ସାମରିକ କର୍ମଚାରୀ, ପ୍ରଶାସକ, ବ୍ୟବସାୟୀ ଓ ଭକ୍ତ ଓଡ଼ିଆ ଭାଷାର ପ୍ରଚାର କରିଛନ୍ତି ତ ଆଉ ଦଳେ ଉଦାରବାଦୀ ଉଭୟ ଓଡ଼ିଆ ଓ ସଂସ୍କୃତ ଉପରେ ସମାନ ଗୁରୁତ୍ୱ ଦେଇଛନ୍ତି । ଗଙ୍ଗରାଜାମାନେ ସଂସ୍କୃତ ଓ ସଂସ୍କୃତ ଚର୍ଚ୍ଚାର ମହାନ ପୃଷ୍ଠ-ପୋଷକ ଥିଲେ, କିନ୍ତୁ ଜଣେ ପରବର୍ତ୍ତୀ ରାଜା ୪ର୍ଥ ନରସିଂହ ଦେବ (୧୩୭୮-୧୪୦୫ ଖ୍ରୀ:ଅ) ଏହି ଭାଷା ଦ୍ୱୟ ମଧ୍ୟରେ ସମନ୍ୱୟ ବିଧାନର ପ୍ରଚେଷ୍ଟା କରି-ଥିଲେ । ତାଙ୍କ ଉତ୍ତରାଧିକାରୀ ୪ର୍ଥ ଭାନୁଦେବ (୧୪୦୫-୧୪୩୫ ଖ୍ରୀ. ଅ.) ଜଣେ ଦୁର୍ବଳ ରାଜା ଥିଲେ ଓ ସେ ନିଜ ସାମ୍ରାଜ୍ୟର ଦୁଇ ବିଭେଦକାରୀ ରାଜ-ନୈତିକ ଓ ସାଂସ୍କୃତିକ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ବିଧାନରେ ବ୍ୟର୍ଥ ହୋଇ ଥିଲେ । ତା'ର ରାଜନୀତିକ ଦିଗ ନେଇ ଆଲୋଚନା ଏଠାରେ ଅପ୍ରାସଙ୍ଗିକ । ସେହି ସମୟର ଭାଷାନୀତି ସଂସ୍କୃତି ଦିଗରୁ ଏକ ବିରାଟ ସମସ୍ୟା ଭାବରେ ଦେଖା-ଦେଲା କାରଣ ଦୁଇଟି ଶକ୍ତିଶାଳୀ ଗୋଷ୍ଠୀ (ଗୋଟିଏ ଗୋଷ୍ଠୀ ଓଡ଼ିଆଭାଷା ସପକ୍ଷରେ ତ ଅନ୍ୟଟି ସଂସ୍କୃତ ଶିକ୍ଷା ସପକ୍ଷରେ) ଜାଣିଶୁଣି ଅଥବା ଅଜ୍ଞାତରେ ପରସ୍ପର ମଧ୍ୟରେ ସଂଘର୍ଷ ସୃଷ୍ଟି କଲେ । ସଂସ୍କୃତର ସମର୍ଥକମାନେ ଓଡ଼ିଆକୁ ଶୁଦ୍ରଭାଷା ଭାବରେ ଗଣନା କରୁଥିଲେ ଓ ଓଡ଼ିଆଭାଷୀମାନଙ୍କୁ ଘୃଣାଚକ୍ଷୁରେ ଦେଖୁଥିଲେ । ଓଡ଼ିଆ ଭାଷାର ସମର୍ଥକମାନେ ଏହାର ଆଭିଜାତ୍ୟକୁ ରାଜ ଦରବାରର ଭାଷା-ସ୍ତର ପର୍ଯ୍ୟନ୍ତ ଉନ୍ନୀତ କରିବା ଲାଗି ଆପ୍ରାଣ ଉଦ୍ୟମ କଲେ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଆ ଭାଷା ସଂସ୍କୃତିର ବଳିଷ୍ଠ ସମର୍ଥକ ଭାବରେ ଦୁଇଟି ମହାନ ବ୍ୟକ୍ତିତ୍ୱର ଉଦୟ ହେଲା । ତାଙ୍କ ମଧ୍ୟରୁ ଜଣେ ହେଲେ ମହାକବି ସାରଳା ଦାସ ଓ ଅନ୍ୟଜଣେ ହେଲେ ବରିଷ୍ଠ ସେନାନାୟକ କପିଳେଶ୍ୱର ଦେବ । ଏମାନଙ୍କର କୃତି ଓ କୃତିତ୍ୱ ଓଡ଼ିଶାର ଗଣଜୀବନ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା । ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ କବି ସାରଳା ଦାସ ଥିଲେ ଜଣେ ବହୁପ୍ରସୂ ସ୍ରଷ୍ଟା, ଜଣେ ବିରାଟ ଦାର୍ଶନିକ ତଥା ଧର୍ମଶାସ୍ତ୍ରର ଜଣେ ମହାନ ପଣ୍ଡିତ । ଦାଣ୍ଡୀ-ବୃତ୍ତର ଅନନ୍ୟ-ସୁନ୍ଦର ଛନ୍ଦୋବନ୍ଧରେ ରଚିତ ତାଙ୍କର ମହାଭାରତ ମୂଳ ସଂସ୍କୃତର ଅନୁବାଦ ନୁହେଁ; ସ୍ୱ ମହିମାରେ ମହିମିତ ଏହା ଏକ ଅଭିନବ ସୃଷ୍ଟି ଯହିଁରେ ଓଡ଼ିଶାର ଗଣଜୀବନ ଓ ସଂସ୍କୃତିର ସମସ୍ତ ଦ୍ୟୁତି ଉଦ୍ଭାସିତ । ସେ ଯଥାର୍ଥରେ ନିଜକୁ ଜଣେ ଶୁଦ୍ରକବି ଭାବରେ ଘୋଷଣା କରିଛନ୍ତି ମାତ୍ର କବି ପରମ୍ପରାରେ ଜନ୍ମ ନେଇ ଥିବାରୁ ଶାସ୍ତ୍ରମାନଙ୍କର ପ୍ରବକ୍ତା ଭାବରେ ସେ ନିଜର ଦାବୀ ଉପସ୍ଥାପନ କରିଛନ୍ତି—

ମୁନି ଅଂଶରେ ମୁଁ ଜନ୍ମିଲି ଶୁଦ୍ରମୁନି
ତେଣୁ ଦେବୀ ପ୍ରସନ୍ନେ ଶାସ୍ତ୍ର ମୁଁ ବଖାଣଇ ।

ଏହି ମହାରାଜାଙ୍କର ସୃଷ୍ଟି ବ୍ରାହ୍ମଣ୍ୟ ପରମ୍ପରାର କବଳରୁ ନିଜକୁ ମୁକ୍ତ କରି ଓଡ଼ିଆ ଭାଷାକୁ କେବଳମାତ୍ର ଏକ ସମ୍ମାନିତ ଆସନ ପ୍ରଦାନ କରି ନଥିଲା ଅଧିକନ୍ତୁ ବହୁ କବି ଓ ଲେଖକଙ୍କର ଏକ ଅନିର୍ବାଣ ପ୍ରେରଣାର ଉତ୍ସ ଭାବରେ କାର୍ଯ୍ୟ କରିଥିଲା । ୪ର୍ଥ ଭାନୁଦେବଙ୍କ ଓଡ଼ିଆ ସେନାପତି କପିଳେଶ୍ୱର ଦେବ ଓଡ଼ିଆ ସଂସ୍କୃତିର ଅଗ୍ରଗତିରେ ନେତୃତ୍ୱ ନେଲେ ଓ ରାଜଦରବାରର ତଥା ସେନା-ଶିବିର ଉଭୟ ପଟରୁ ବଳିଷ୍ଠ ସମର୍ଥନ ମଧ୍ୟ ପାଇଲେ । ଏହି ସମର୍ଥକ ଗୋଷ୍ଠୀର ସକ୍ରିୟ ସହାୟତାରେ ସେ ଏକ ସାମରିକ ବିଦ୍ରୋହର ସୁଯୋଗ ନେଇ ୧୪୩୫ରେ ଓଡ଼ିଶାର ସିଂହାସନ ଆରୋହଣ କଲେ । କେବଳ ମାତ୍ର ଓଡ଼ିଆ ଭାଷା-ସଂସ୍କୃତିର ପୃଷ୍ଠପୋଷକତା କପିଳେଶ୍ୱରଙ୍କୁ ବିଜୟୀ କରିନଥିଲା, ଓଡ଼ିଶାରେ ଗଙ୍ଗ ସାମ୍ରାଜ୍ୟର ଅଧଃପତନ ପଛରେ ଅନ୍ୟ କେତୋଟି ଗୁରୁତ୍ୱପୂର୍ଣ୍ଣ ରାଜନୀତିକ ଓ ସାମରିକ କାରଣ ମଧ୍ୟ ନିହିତ । ପ୍ରତ୍ୟକ୍ଷ ଭାବେ ନହେଲେ ବି ମନୋବୈଜ୍ଞାନିକ ଦିଗରୁ କପିଳେଶ୍ୱରଦେବଙ୍କ ଭାଷାନୀତି ତାଙ୍କୁ ଯଥେଷ୍ଟ ଜନପ୍ରିୟ କରିଥିଲା । ସିଂହାସନ ଲାଭର ପର ଠାରୁ ସେ ଓଡ଼ିଆ ଭାଷାରେ ଘୋଷଣାନାମା ଜାରିକଲେ । ଓଡ଼ିଶାର ରାଜକୀୟ ପରମ୍ପରାର ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସ୍ୱରୂପ ନିଜ ଶାସନକାଳରେ ସେ କୌଣସି ରେକର୍ଡ-ପତ୍ର ସଂସ୍କୃତ ଭାଷାରେ କରେଇ ନଥିଲେ ।

ଏଥିରୁ କପିଳେଶ୍ୱର ସଂସ୍କୃତଚର୍ଚ୍ଚାର ବିରୋଧୀ ଥିଲେ ବୋଲି ମନେ କରିବା ଅନୁଚିତ । ପ୍ରକୃତରେ, ସେ ଓ ତାଙ୍କର ଉତ୍ତରାଧିକାରୀମାନେ ଗଙ୍ଗ-ସମ୍ରାଟଙ୍କ ଭଳି ସଂସ୍କୃତ ଭାଷା ଓ ବ୍ରାହ୍ମଣ୍ୟ ସଂସ୍କୃତିର ମହାନ୍ ପୃଷ୍ଠପୋଷକ ଥିଲେ । ତାଙ୍କ ଦ୍ୱାରା ରଚିତ ସଂସ୍କୃତ ନାଟକ 'ପରଶୁରାମ ବିଜୟ'ରେ ସେ କିଛି ଓଡ଼ିଆ ଗୀତ ସଂଯୋଜିତ କରିଥିଲେ । ତାଙ୍କ ପୁତ୍ର 'ଅଭିନବ ବେଣୀ-ସଂହାରମ୍' ନାଟକର ରଚୟିତା ପୁରୁଷୋତ୍ତମ ଦେବ ମଧ୍ୟ କେତୋଟି ସଂସ୍କୃତ ଗ୍ରନ୍ଥର ପ୍ରଣେତା ଥିଲେ । ପୁରୁଷୋତ୍ତମ ଦେବଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ସ୍ମୃତିଗ୍ରନ୍ଥ 'ସରସ୍ୱତୀ ବିଳାସମ୍'ର ରଚୟିତା ଭାବେ ପରିଚିତ ।

ବହୁ ସଂସ୍କୃତ କବି ଓ ଲେଖକ ସେ ସମୟରେ, ବିଶେଷତଃ ପ୍ରତାପ-ରୁଦ୍ରଙ୍କ ଶାସନ କାଳରେ ଆବିର୍ଭୂତ ହୋଇଥିଲେ । କବି ଡିଣ୍ଡିମ ଜୀବଦେବ, ବାସୁଦେବ ସାର୍ବଭୌମ, ବଳଭଦ୍ର ରାଜଗୁରୁ, କବିଚନ୍ଦ୍ର ଦିବାକର ଓ ଲେଙ୍କି ଲକ୍ଷ୍ମୀଧର ପ୍ରମୁଖ ସେମାନଙ୍କ ମଧ୍ୟରୁ ସ୍ମରଣୀୟ । ଅନ୍ୟ-ପକ୍ଷରେ, ସ୍ୱଳ୍ପ ସମୟସୀମା ମଧ୍ୟରେ ସୃଷ୍ଟ ଓଡ଼ିଆ ସାହିତ୍ୟର ବ୍ୟାପକ ସମୃଦ୍ଧି ଦେଖି ଜଣେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥାଏ । ସାହିତ୍ୟିକ କର୍ମକୁଶଳତା

ଢଗରୁ ତୁଳନା କଲେ ଦେଖାଯାଏ ଯେ ଗଙ୍ଗ ରାଜତ୍ୱ କାଳରେ ଓଡ଼ିଆ ଭାଷା ଥିଲା ଘୃଣିତ ଓ ମୁମୂର୍ଷୁ, ମାତ୍ର ସୂର୍ଯ୍ୟବଂଶୀ ଶାସନ କାଳରେ ଏହି ଭାଷାର ନାଢ଼ି ନଥିବା ପ୍ରଗତି ଆମର ଦୃଷ୍ଟି ଆକର୍ଷଣ କରେ । ଭାଷାର ଏଭଳି ଅଗ୍ରଗତି ଏକ ସ୍ୱାଭାବିକ ବିବର୍ତ୍ତନ ମାତ୍ର ନୁହେଁ; ଏଥିରେ ପଞ୍ଚଦଶ ଶତାବ୍ଦୀର ଆଦ୍ୟକାଳୀନ ଓଡ଼ିଶାର ସାଂସ୍କୃତିକ ବିପ୍ଳବର କେତେକ ସୁସ୍ପଷ୍ଟ ଲକ୍ଷଣ ଦୃଷ୍ଟିଗୋଚର ହୁଏ ।

ଓଡ଼ିଆ ଭାଷାର ସୁସମୃଦ୍ଧ ଅଭ୍ୟୁତ୍ଥାନ ସତ୍ତ୍ୱେ ଏହାକୁ ଶୂଦ୍ରଭାଷା ବୋଲି କୁହାଯାଉଥିଲା । ସାରଳା ଦାସଙ୍କ ପରବର୍ତ୍ତୀ ସମୟରେ ମଧ୍ୟ ଓଡ଼ିଆ ଲେଖକ ମାନଙ୍କୁ ହୀନଦୃଷ୍ଟିରେ ଦେଖାଯାଉଥିଲା । ପୁରୁଷୋତ୍ତମ ଦେବ ଓ ତାଙ୍କ ଉତ୍ତରାଧିକାରୀ ପ୍ରତାପରୁଦ୍ର ଦେବଙ୍କ ଅମଳର କବି ବଳରାମ ଦାସ ତାଙ୍କ ଜଗମୋହନ ରାମାୟଣରେ ନିଜକୁ ଶୂଦ୍ରଶ୍ରେଣୀର ବୋଲି ଖେଦୋକ୍ତି ପ୍ରକାଶ କରିଛନ୍ତି, ଯଦିଚ ତାଙ୍କର ପିତା ସୋମନାଥ ମହାପାତ୍ର ଓ ପ୍ରପିତା ଲକ୍ଷ୍ମଣ ମହାପାତ୍ର ଯଥାକ୍ରମେ ପୁରୁଷୋତ୍ତମ ଦେବ ଓ କପିଳେଶ୍ୱରଦେବଙ୍କ ଦରବାରରେ ସମ୍ମାନିତ ମନ୍ତ୍ରୀପଦରେ ଅଧିଷ୍ଠିତ ଥିଲେ । ପ୍ରତାପରୁଦ୍ରଦେବଙ୍କ ସମୟର କବି ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତକୁ ଓଡ଼ିଆରେ ଅନୁବାଦ କରିଥିଲେ । ସେ ସମୟର ରକ୍ଷଣଶୀଳ ଗୋଷ୍ଠୀ ପବିତ୍ର ଧର୍ମଗ୍ରନ୍ଥକୁ ଓଡ଼ିଆରେ ଲେଖିଥିବାରୁ ତାଙ୍କୁ କଠୋର ଭାବରେ ସମାଲୋଚନା କରିଥିଲା । ଜଗନ୍ନାଥ ଦାସ ନିଜେ ଜଣେ ବ୍ରାହ୍ମଣ ହୋଇ ମଧ୍ୟ ଓଡ଼ିଆ ଭାଷାପ୍ରତି ଅନୁରାଗୀ ଥିବାରୁ ରକ୍ଷଣଶୀଳ ବ୍ରାହ୍ମଣ-ଗୋଷ୍ଠୀ ଏଥିରେ ଭୀଷଣ ଭାବେ ମର୍ମାହତ ହୋଇଥିଲା । କବି ସ୍ୱୀକାର କରିଛନ୍ତି ଯେ ସେ କେବଳ କୃଷ୍ଣକୃପା ଉପରେ ଭରସା କରି ସେହି ଘୃଣିତ ଭାଷା (ତୁଚ୍ଛ ଭାଷା)ରେ ହିଁ ଲେଖିଯିବେ—

ପାମର ମୁହିଁ ତୁଚ୍ଛ ଭାଷା
କେବଳ କୃଷ୍ଣରେ ଭରସା ।

ସେ ସମୟର ସାହିତ୍ୟ-ଧାରା ଜଗନ୍ନାଥ ଧର୍ମକୁ ଜନପ୍ରିୟ କରିବା ଲାଗି ଉଦ୍ଦିଷ୍ଟ ଥିଲା । ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଚୈତନ୍ୟ ଦାସଙ୍କ ଭଳି ବୈଷ୍ଣବ କବିମାନେ ବହୁ ଉଚ୍ଚ କୋଟୀର ଭକ୍ତିଗ୍ରନ୍ଥମାନ ରଚନା କରି ଯାଇଛନ୍ତି । ଚୈତନ୍ୟଙ୍କ ଆବିର୍ଭାବ ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁ ଭାବରେ ପ୍ରଭାବିତ କରିଛି । ଶୂଦ୍ର ଉପଭାଷାର କଳଙ୍କ ଏହା ଉପରୁ କ୍ରମଶଃ ଅପସରି ଯାଇଛି । ବୈଷ୍ଣବଧର୍ମର ଉଦାରତା ଓଡ଼ିଆ ଭାଷା ବିକାଶର ଯୁବାବସ୍ଥାରୁ ତାକୁ ବହୁ ଭାବରେ ସହାୟତା ଦେଇ-ଆସିଛି, ଏହାକୁ ଗଣଭାଷାର ଗର୍ବ ଓ ଗୌରବରେ ଅଭିଷିକ୍ତ କରିଛି ।

ବଙ୍ଗଳାର ଆଫ୍‌ଗାନମାନେ ୧୫୬୮ରେ ଓଡ଼ିଶା ଅଧିକାର କରିଥିଲେ । ଏଥିରେ ଓଡ଼ିଶା କେବଳ ସ୍ୱାଧୀନତା ହରାଇଲା ନାହିଁ, ତା'ର ଧର୍ମପୀଠ ସବୁକୁ କଳୁଷିତ କରାଗଲା । ସାମାଜିକ ଜୀବନଧାରା ମଧ୍ୟ ସଂହତି ହରାଇ ବସିଲା । ଅଧଃପତନର ଏହି ଚରମ ଦୁର୍ଦ୍ଦିନରେ ଭୋଇବଂଶର ରାମଚନ୍ଦ୍ରଦେବ ଖୋର୍ଦ୍ଧାରେ ନିଜର ରାଜଧାନୀ ସ୍ଥାପନ କରି ଓଡ଼ିଶାର ରାଜନୈତିକ ତଥା ସାମାଜିକ-ଧାର୍ମିକ ସତ୍ତାର ରକ୍ଷଣାବେକ୍ଷଣ କରିଥିଲେ । ପୁରୀ ମନ୍ଦିରରେ ସେ ଜଗନ୍ନାଥ ବିଗ୍ରହର ପୁନଃପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ପୁରୀର ଚାରିପଟେ ପଣ୍ଡା-ପଢ଼ିହାରୀଙ୍କୁ ରଖାଇ ଥିଲେ । ପାଇକଶକ୍ତିକୁ ସଙ୍ଗଠିତ କରିବା ଫଳରେ ମୁସଲମାନମାନେ ଆତଙ୍କିତ ହୋଇଉଠିଲେ । ଜଗନ୍ନାଥ ଧର୍ମ ପୁଣି ଅଭିନବ ଶକ୍ତିଯନ୍ତ୍ରରେ ସଞ୍ଜୀବିତ ହେଲା ଏବଂ ଓଡ଼ିଶାର ଗଣଜୀବନ ଓ ସଂସ୍କୃତିକୁ ଏକତା ସୂତ୍ରରେ ବାନ୍ଧିରଖିଲା । ୧୭ଶ ଶତାବ୍ଦୀରେ ମୋଗଲମାନେ ଓଡ଼ିଶା ଅଧିକାର କରିବା ସମୟରେ ରାମଚନ୍ଦ୍ରଦେବ ଥିଲେ ଖୋର୍ଦ୍ଧାର ରାଜା । ପୁରୀ ଓ ଜଗନ୍ନାଥ ଧର୍ମ ଉପରେ ତାଙ୍କର ସଂପୂର୍ଣ୍ଣ ନିୟନ୍ତ୍ରଣ ଥିଲା । ସେଇଦିନ ଠାରୁ ରାମଚନ୍ଦ୍ରଦେବ ଜଗନ୍ନାଥଙ୍କ ଅବତାର ତଥା ସମଗ୍ର ଓଡ଼ିଶାର ଆଧ୍ୟାତ୍ମିକ ନେତା ଭାବରେ ପରିଗଣିତ ହେଲେ । ଡଃ ହରେକୃଷ୍ଣ ମହତାବଙ୍କ ଦୃଷ୍ଟିରେ ରାମଚନ୍ଦ୍ରଦେବ ହେଉଛନ୍ତି ୧୭ଶ ଶତାବ୍ଦୀ ଓଡ଼ିଶାର ଏକ ମଧ୍ୟରାତ୍ରୀର ତାରକା ଯିଏକି ଅତ୍ୟନ୍ତ ସଫଳ ଭାବରେ ଓଡ଼ିଶାର ସମାଜ ଓ ସଂସ୍କୃତିକୁ ଏକ ଅନିବାର୍ଯ୍ୟ ଧ୍ୱଂସ ମୁଖରୁ ବଞ୍ଚାଇ ରଖିଥିଲେ । ତାଙ୍କର ଉତ୍ତରସୂରୀ କେହି ହେଲେ ତାଙ୍କ ଭଳି ଶୌର୍ଯ୍ୟଶାଳୀ ନଥିଲେ । ଫଳତଃ, ୧୭ଶ ଓ ୧ ଶ ଶତାବ୍ଦୀରେ ମୋଗଲ-ମରହଟ୍ଟା ଶାସନକାଳର ଓଡ଼ିଶାକୁ ଘେରି ରହିଥିବା ତା'ର ଅବକ୍ଷୟ ଓ ବିଭାଜନ ସୃଷ୍ଟିକାରୀ ଶକ୍ତିକୁ ସେମାନେ ପ୍ରତିହତ କରି ପାରିନଥିଲେ । ଏହି ସମୟରେ ଓଡ଼ିଶା ଘୋର ରାଜନୈତିକ, ସାମାଜିକ ଓ ନୈତିକ ଅଧୋଗତିର ସମ୍ମୁଖୀନ ହେଲା । ଏପରିକି ଜଗନ୍ନାଥଙ୍କ ପାବନୀ ଶକ୍ତି ମଧ୍ୟ ତାର ସାମାଜିକ ଓ ସାଂସ୍କୃତିକ ଜୀବନଧାରାରେ ପ୍ରତିରୋଧର ଶକ୍ତି ସଞ୍ଚାର କରିପାରିଲା ନାହିଁ ।

କିନ୍ତୁ ଏହି ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟ ତା'ର ଉଲ୍ଲେଖନୀୟ ଭୂମିକା ପାଳନ କରିଥିଲା । ଅବକ୍ଷୟ ଓ ଅଧଃପତନର ଏ ଦୁର୍ଦ୍ଦିନରେ ଭାଷା ସାହିତ୍ୟର ସେଇ ଭୂମିକାହିଁ ଥିଲା ତା'ର ସଂହତି ଓ ଶୁଦ୍ଧିକରଣର ଏକ ଅମୋଘ ଶକ୍ତି । ଓଡ଼ିଆ ଭାଷାର ପ୍ରଗତି ପଥରେ ସଂସ୍କୃତ ଆଉ ବେଶୀଦିନ ତିଷ୍ଠି ପାରିଲା ନାହିଁ । ଏହା ଗଣର ଭାଷା ନହୋଇ ଜଣର ଭାଷା ଭାବରେ ରହି-ଗଲା । 'ପ୍ରେମ ପଞ୍ଚାମୃତ'ରେ ଭୂପତିପଣ୍ଡିତ ଉଲ୍ଲେଖ କରିଛନ୍ତି,

"ସୁରଭାଷା ହିଁ ରସମୟେ । ସେ ନାରିକେଳ ଫଳ ପ୍ରାୟେ ॥
କ୍ଳେଶେ ହୋଅଇ ରସଭୋଗ । ସବୁଙ୍କ ନୋହେ ଉପଯୋଗ ॥
ଭାଷା ସୁପକ୍ୱ ରମ୍ଭା ପ୍ରାୟ । କୋମଳ ସ୍ୱାଦୁ ରସମୟ ॥
ଅକ୍ଳେଶେ କରି ତାକୁ ଭୋଗ । ସବୁ ଜୀବନେ ଉପଯୋଗ ॥
କି ପରାକୃତ ସଂସକୃତ । ସେ ଭାବଗ୍ରାହୀ ନନ୍ଦସୁତ ॥
ଗାଳି ଶୁଣିଲେ ଗୋପୀମୁଖେ । ବେଦ ନ ଶୁଣେ ତେତେ ସୁଖେ ॥"

ଏହାଛଡ଼ା ସେ ସମୟର ପ୍ରାଣବାର୍ତ୍ତା ବହନ କରୁଥିବା ସମକାଳୀନ ଅନ୍ୟ କେତେକ ଲେଖକଙ୍କ ଉକ୍ତିରୁ ଜଣାଯାଏ ଯେ ଓଡ଼ିଆ ଭାଷା ସଂସ୍କୃତ ସହ ସମାନ ମର୍ଯ୍ୟାଦା ଲାଭ କରିଥିଲା । ଏପରିକି ସମ୍ଭ୍ରାନ୍ତ ତଥା ସାଧାରଣ ଜନତାର ଭାବ ବିନିମୟ ଲାଗି ଏହା ଥିଲା ଏକ ଜନପ୍ରିୟ ମାଧ୍ୟମ । ପଦ୍ମନାଭଦେବ, ଧନଞ୍ଜୟ ଭଞ୍ଜ ଓ କୃଷ୍ଣ ସିଂହଙ୍କ ଭଳି ରାଜାଗଣ; ଦିବାକର ଦାସ, ରାମଦାସ ଓ କବିସୂର୍ଯ୍ୟ ବଳଦେବଙ୍କ ଭଳି ବ୍ରାହ୍ମଣମାନେ; ଘନଭଞ୍ଜ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଭଳି କ୍ଷତ୍ରିୟଗଣ; ଏପରିକି ସାଲବେଗଙ୍କ ଭଳି ମୁସଲମାନ ତଥା ମାଧବୀ ଓ ବୃନ୍ଦାବତୀଙ୍କ ଭଳି ନାରୀମାନଙ୍କ ସହ ବହୁ ବୈଶ୍ୟ ଓ ଶୁଦ୍ର କବି ତଥା ଲେଖକ ଓଡ଼ିଆ ଭାଷା ଓ ସାହିତ୍ୟର ଅଗ୍ରଗତି ପଥରେ ଯଥେଷ୍ଟ ସହାୟତା କରିଯାଇଛନ୍ତି । ୧୭ଶ ଶତାବ୍ଦୀର ଓଡ଼ିଆ କବିତା ନିଃସନ୍ଦେହରେ ସଂସ୍କୃତ କାବ୍ୟ ପରମ୍ପରାର ଅନୁକରଣରେ ରଚିତ କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ସୃଷ୍ଟି ଚମତ୍କାର କଳାନୈପୁଣ୍ୟରେ ଭାସ୍ୱର । ଓଡ଼ିଆ ଭାଷା କେବଳ ମହାକାବ୍ୟ, ପୁରାଣ କିମ୍ବା ଦାର୍ଶନିକ ଗ୍ରନ୍ଥ ରଚନା ମଧ୍ୟରେ ସୀମାବଦ୍ଧ ରହିଲା ନାହିଁ । ଉପେନ୍ଦ୍ର ଭଞ୍ଜ ଦୀନକୃଷ୍ଣ, ଅଭିମନ୍ୟୁ ଓ ଅନ୍ୟ କବିମାନଙ୍କ କାବ୍ୟକବିତାରେ ଏହା କାବ୍ୟ-କଳାର ଚରମ ସୀମା ସ୍ପର୍ଶ କରିଥିଲା । ଏହା ବ୍ୟତିରେକେ ଓଡ଼ିଆରେ ରଚିତ କେତୋଟି ବ୍ୟାବହାରିକ (ଟେକ୍‌ନିକାଲ) ଗ୍ରନ୍ଥ ପାଇଁ ଏହି ସମୟ ଖୁବ୍ ତାତ୍ପର୍ଯ୍ୟ-ପୂର୍ଣ୍ଣ । ତା ମଧ୍ୟରେ ସବୁଠୁ ବେଶୀ ଉଲ୍ଲେଖଯୋଗ୍ୟ ହେଲା 'ଗୀତାଭିଧାନ' ନାମକ ଓଡ଼ିଆ ଶବ୍ଦକୋଷ, ଯାହାକି ସାରା ଭାରତରେ ଏ ଧରଣର ଏକ ପ୍ରଥମ ସୃଷ୍ଟି । ଅଲଂକାର ଗ୍ରନ୍ଥ 'ରସପଂଚକ', 'କୋଟପାୟୀ' ନାମକ ଜ୍ୟୋତିଷ ଗ୍ରନ୍ଥ ଏବଂ 'ଛନ୍ଦକାବ୍ୟ ବଂଧୋଦୟ' ନାମକ ଶବ୍ଦଜ୍ଞାନର ଏକ ଧନ୍ଦାଗ୍ରନ୍ଥ । ଏ ସମସ୍ତ ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟ ଜଗତର ସର୍ବୋଚ୍ଚ ପ୍ରତିଭାବନ୍ତ ପୁରୁଷ ଉପେନ୍ଦ୍ର ଭଞ୍ଜଙ୍କ କୃତି । ନିଜର 'କୃଷ୍ଣଦାସ' ବୋଲି'ରେ ଦୀନକୃଷ୍ଣ ଦାସ ହିଁ ହେଉଛନ୍ତି ପ୍ରଥମ ଓଡ଼ିଆ ନିଦାନ ଗ୍ରନ୍ଥର ରଚୟିତା । ବନମାଳୀ ଦାସ ଓ ବ୍ରଜନାଥ ବଡ଼ଜେନା ହେଉଛନ୍ତି କାଳ୍ପନିକ ଓ ଐତିହାସିକ କାବ୍ୟର ରଚୟିତା ।

ଏଭଳି ବହୁ ବିଶାଳ ଗ୍ରନ୍ଥ ସେଇ ସମୟରେ ହିଁ ପ୍ରକାଶ ଲଭ କରିଥିଲା ଯେତେବେଳେ ଓଡ଼ିଶାର ରାଜନୀତିକ ସ୍ୱାଧୀନତା ଥିଲା ଅତୀତର ଏକ କାହାଣୀ ସ୍ୱରୂପ; ସାମାଜିକ ଜୀବନ ଥିଲା ଘୋର ଅରାଜକତାପୂର୍ଣ୍ଣ ତଥା ସମଗ୍ର ରାଜ୍ୟଟି ଥିଲା ଦାରିଦ୍ର୍ୟ ନିଷ୍ପେଷିତ। ଏଇ ରାଜନୀତିକ ଅବକ୍ଷୟ କାଳରେ ସୁଦ୍ଧା ଓଡ଼ିଆ ଭାଷାର ଏଭଳି ବପୁଷ୍ମନ୍ତ ସମୃଦ୍ଧି ତା'ର ମହତ୍ତ୍ୱ ପରମ୍ପରା ଓ ଅନ୍ତର୍ନିହିତ ପ୍ରାଣ-ଶକ୍ତିରହିଁ ପରିଚୟ ଦେଇଥାଏ। ଏହା କହିବା ନିଷ୍ପ୍ରୟୋଜନ ଯେ ଓଡ଼ିଶା ତାର ଇତିହାସର ଘନ ତମିସ୍ରାଚ୍ଛନ୍ନ କାଳରେ— ଯେତେବେଳେ କି ପାର୍ଥିବ ଓ ଆଧ୍ୟାତ୍ମିକ ସହ ଅନ୍ୟ ସମସ୍ତ ଶକ୍ତି ନିଷ୍ଫଳ ହୋଇଯାଇଥିଲା ସେତେବେଳେ— କେବଳ ଏଇ ଭାଷାହିଁ ତା'ର ସାଂସ୍କୃତିକ ଓ ସାମାଜିକ ଜୀବନକୁ ଧ୍ୱଂସମୁଖରୁ ରକ୍ଷା କରିଥିଲା।

[ଓଡ଼ିଆ ଭାଷାର ବିବର୍ତ୍ତନ ସମ୍ପର୍କରେ ଡକ୍ଟର ସାହୁଙ୍କର ଏହି ଅଭି-ଭାଷଣଟି ଇଂରାଜୀ ଭାଷାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରେ ତା ୧୫।୩।୧୯୬୫ ରିଖରେ ପ୍ରଦାନ କରାଯାଇଥିଲା। କେବଳ ରାଜନୈତିକ ଇତିହାସ ନୁହେଁ, ଅନ୍ୟାନ୍ୟ ବିଦ୍ୟା/ବିଷୟରେ ଡ଼କ୍ଟର ସାହୁ କିଭଳି ଅବଗାହୀ ଉପରୋକ୍ତ ଭାଷଣଟି ତାର ଦୃଷ୍ଟାନ୍ତ। ପ୍ରଥମେ ଏହା ପ୍ରଗତି ଉତ୍କଳ ସଂଘଦ୍ୱାରା ପ୍ରକାଶିତ ଓ ଡ଼କ୍ଟର ସାହୁଙ୍କ ଦ୍ୱାରା ସଂପାଦିତ 'ଉତ୍କଳ ଦିବସ ଓ ଉତ୍କଳ ଗୌରବ ସ୍ମାରକୀ: ପଞ୍ଚମ ଅର୍ଘ୍ୟ (୧୯୭୨)ରେ ପ୍ରକାଶିତ ହୋଇଥିଲା। ଏଠାରେ ସନ୍ନିବେଶିତ ଓଡ଼ିଆ ରୂପାନ୍ତର ପ୍ରସ୍ତୁତ କରିଛନ୍ତି ଶ୍ରମଶକ୍ତି ମହାବିଦ୍ୟାଳୟ, ଝାରମିଡ଼ପୁରର ଅଧ୍ୟାପକ ଓ ସାହିତ୍ୟିକ ଶ୍ରୀ ହରିହର ମହାନ୍ତି। ଏହି ଓଡ଼ିଆ ରୂପାନ୍ତର ମଧ୍ୟ ପ୍ରଥମେ ବିଶ୍ୱଭାରତୀ ଦୀପିକା-୧ (୧୯୮୦)ରେ ମୁଦ୍ରିତ ହୋଇଥିଲା —ସଂପାଦକଦ୍ୱୟ]

## ପରିଶିଷ୍ଟ - ୨ : ସ୍ମୃତି-ସ୍ପନ୍ଦନ

## (ଡ଼କ୍ଟର ସାହୁଙ୍କ ଜୀବନର ସ୍ମରଣୀୟ ଘଟଣାବଳୀ)

---

୨୮-୭-୧୯୨୨ ବରପାଲି ଗ୍ରାମରେ ଜନ୍ମଗ୍ରହଣ
(ଶ୍ରାବଣ ଶୁକ୍ଳ ଚତୁର୍ଥୀ ଶୁକ୍ରବାର)

୧୯୩୦ — ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ।

୧୯୩୭ — ସପ୍ତମ ଶ୍ରେଣୀରେ ଉତ୍ତୀର୍ଣ୍ଣ ।

୧୯୩୯ — ସୋନପୁର ନିବାସୀ ବଜରଙ୍ଗୀ ସାହୁଙ୍କ କନ୍ୟା ସରସ୍ୱତୀ ଦେବୀଙ୍କ ସହିତ ବିବାହ-ବନ୍ଧାପନା ଅନୁଷ୍ଠିତ ।

୧୯୪୦ — ମାଟ୍ରିକୁଲେସନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ । ବଲାଙ୍ଗିର ପାଟଣାର ପୃଥ୍ୱୀରାଜ ହାଇସ୍କୁଲର ପଚାଶ ବର୍ଷର ରେକର୍ଡ ଭାଙ୍ଗି ପାଟଣା ମହାରାଜା ସ୍ୱର୍ଣ୍ଣପଦକ ଲାଭ ।

୧୯୪୩ — କଟକସ୍ଥ ପି. ଟି. ଟ୍ରେନିଙ୍ଗ ସ୍କୁଲରେ ଅଧ୍ୟୟନ । ତଦନନ୍ତର ବରଗଡ଼ର ଜର୍ଜ ହାଇସ୍କୁଲରେ ଶିକ୍ଷକତା କରି କର୍ମମୟ ଜୀବନର ଆରମ୍ଭ ।

୧୯୪୪ — ବରପାଲି ହାଇସ୍କୁଲର ଉଦ୍‌ଘାଟନ ଏବଂ ତହିଁରେ ଡ଼ଃ ସାହୁଙ୍କ ଶିକ୍ଷକ ଭାବରେ ଯୋଗଦାନ । ଘରୋଇ ଭାବରେ ଆଇ· ଏ· ପରୀକ୍ଷାରେ ଉତ୍ତୀର୍ଣ୍ଣ ।

୧୯୪୫ — ପ୍ରଫେସର ଘନଶ୍ୟାମ ଦାଶଙ୍କ ଅଭିଭାବକତ୍ୱରେ ରେଭେନ୍‌ସା କଲେଜରେ ବି· ଏ· ଶ୍ରେଣୀରେ ଯୋଗଦାନ ।

୧୯୪୭ — ବି· ଏ· ଅନର୍ସ (ଇତିହାସ)ରେ ପ୍ରଥମ ଶ୍ରେଣୀରେ ପ୍ରଥମ ତଥା ଡିଷ୍ଟିଂସନ୍ ସହ ଉତ୍ତୀର୍ଣ୍ଣ ।

୧୯୪୯ — ଏଲାହାବାଦ ବିଶ୍ୱବିଦ୍ୟାଳୟରୁ ଏମ୍. ଏ. ଡ଼ିଗ୍ରୀ ଲାଭ କରି କଟକସ୍ଥ ଖ୍ରୀଷ୍ଟ ମହାବିଦ୍ୟାଳୟ ଇତିହାସ ବିଭାଗରେ ଅଧ୍ୟାପକ ରୂପେ ଯୋଗଦାନ ।

୧୯୫୦ — ବାରିପଦା ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ ଅବସ୍ଥାପିତ ।
ଓଡ଼ିଶାରେ ବୌଦ୍ଧଧର୍ମ ସମ୍ପର୍କରେ ଗବେଷଣା ଆରମ୍ଭ ।
'ଯୁଗେ ଯୁଗେ ଭାରତୀୟ ନୌବାଣିଜ୍ୟ' ପୁସ୍ତକ ରଚନା ।

୧୯୫୪ — କଟକର ରେଭେନସା କଲେଜକୁ ସ୍ଥାନାନ୍ତରିତ ।

୧୯୫୫ — ଓଡ଼ିଶାରେ ବୌଦ୍ଧଧର୍ମ ସନ୍ଦର୍ଭ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍. ଡି ଲାଭ ।

୧୯୫୮ — **Orissa Historical Research Journal**ର ସଂପାଦନା ମଣ୍ଡଳୀର ସଭ୍ୟ ରୂପେ ଯୋଗଦାନ ।
**'Buddhism in Orissa'** ଗ୍ରନ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ।

୧୯୫୯ — ପିଏଚ୍. ଡି ସନ୍ଦର୍ଭର ସଂକ୍ଷିପ୍ତ ଓଡ଼ିଆ ସଂସ୍କରଣ 'ଓଡ଼ିଶାରେ ବୌଦ୍ଧଧର୍ମ' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ।
ମାଦଳା ପାଞ୍ଜିର ଐତିହାସିକତା ଉପରେ ସ୍ୱର ଉତ୍ତୋଳନ ।

୧୯୬୦ — ରେଭେନସା କଲେଜରୁ ଅବ୍ୟାହତି ନେଇ ଭୁବନେଶ୍ୱରରେ **State Gazetteer**ର **Editor** ଭାବରେ ଯୋଗଦାନ ।

୧୯୬୪ — ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଡି. ଲିଟ୍ ଉପାଧିରେ ଭୂଷିତ ।

୧-୧-୧୯୬୮ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ବୈଧାନିକ ରେଜିଷ୍ଟ୍ରାର ରୂପେ ଦାୟିତ୍ୱ ଗ୍ରହଣ ।

୧୧-୧୧-୬୮ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପାଧ୍ୟୁତ୍ତର ଇତିହାସ ବିଭାଗର ପ୍ରଥମ ପ୍ରଫେସର ରୂପେ ଅବସ୍ଥାପିତ ।

୧୯୭୩ — ନର୍ଲା ନିକଟସ୍ଥ ଅସୁରଗଡ଼ରେ ପ୍ରତ୍ନତାତ୍ତ୍ୱିକ ଭୂଖୋଦନ ।

୧୯୭୫ — ରୁଷିଆ ପରିଦର୍ଶନ ।

୧୯୭୮ — ଗଣିଆପାଲିରେ ଭୂଖୋଦନ ।

୧୯-୧୧-୭୯ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପଦବୀରେ ଅଧିଷ୍ଠିତ ।

୨-୯-୧୯୮୧ ଓଡ଼ିଶା ସରକାରଙ୍କ ପତ୍ନତାତ୍ତ୍ୱିକ ଉପଦେଷ୍ଟା ରୂପେ ଯୋଗଦାନ ।

୨-୯-୧୯୮୫ ବରପାଲି ନିକଟସ୍ଥ ସରସରା ଗ୍ରାମରେ ତିରୋଧାନ ।

# ପରିଶିଷ୍ଟ - ୩ : ନବୀନ କୁମାରଙ୍କ ରଚନାସମ୍ଭାର

## ୧। ପୁସ୍ତକାବଳୀ :

### କ) ଇଂରାଜୀ—

i ) Buddhism in Orissa, 1958; Utkal University, Bhubaneswar.

ii) A History of Orissa Police, 1961; Cuttack

iii) Utkal University History of Orissa Vol. I, 1964; Utkal University, Bhubaneswar

iv) A History of Orissa (with Dr. J.K. Sahu and Dr. P. K. Mishra), 1978; Cuttack

v) Kharavela, 1984; Bhubaneswar.

vi) Surendra Sai, 1985, Bhubaneswar

### ଖ) ଓଡ଼ିଆ—

i ) ଯୁଗେ ଯୁଗେ ଭାରତୀୟ ନୌବାଣିଜ୍ୟ, ୧୯୫୫; ବାରିପଦା

ii ) ଓଡ଼ିଶାରେ ବୌଦ୍ଧଧର୍ମ, ୧୯୬୦; ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

iii) ଓଡ଼ିଆ ଜାତିର ଇତିହାସ, ୧୯୭୪; ଓଡ଼ିଶା ଷ୍ଟେଟ୍ ବୁକ୍ ବ୍ୟୁରୋ, ଭୁବନେଶ୍ୱର

### ଗ) ସଂପାଦିତ ପୁସ୍ତକାବଳୀ—

i ) A History of Orissa, Vol I, 1956; Calcutta

ii) A History of Orissa, Vol II, 1957, Calcutta

iii) District Gazetter : Koraput, 1966; Bhubaneswar

iv) District Gazetteer : Mayurbhanja, 1967 Bhubaneswar

v) District Gazetter : Bolangir, 1968; Bhubaneswar

vi) Souvenir on Jayadev, 1969, Bhubaneswar

vii) New Aspects of History of Orissa Vol I, 1971; Sambalpur University, Jyotivihar.

viii) New Aspects of History of Orissa Vol II 1978; Sambalpur University, Jyotivihar

ix) Madhusudan Das : The Legislator (with Dr. P. K. Mishra) 1980, Pragati Utkal Sangha, Rourkela

ଘ) ଅପ୍ରକାଶିତ ପୁସ୍ତକାବଳୀ—

i ) Utkal University History of Orissa, Vol II

ii ) ଉତ୍କଳର ପଶଚସ୍ତ ।

iii) ତୋଷଳୀର ଭୌମ ରାଜବଂଶ

iv) Orissa's cultural contact with South East Asia (incomplete)

v) History and Culture of Western Orissa) (with Dr. J. K. Sahu)

୨। ବିକ୍ଷିପ୍ତ ପ୍ରବନ୍ଧାବଳୀ :

କ) ଓଡ଼ିଆ—

i ) <u>ସହକାର</u>

a) ପ୍ରାଚୀନ ଭାରତରେ ଗଣତନ୍ତ୍ର ଶାସନ (୧୯୪୮)

ii) ନବଭାରତ

a) ସିନ୍ଧୁ ସଭ୍ୟତା ଓ ଜୈନଧର୍ମ (୧୯୪୯)
(ସୁରେନ୍ଦ୍ର ମହାନ୍ତିଙ୍କ ସହିତ)

b) କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମସ୍ୟା ନିରୂପଣ (୧୯୫୦)

c) ଆଦିନାଥ ଋଷଭ କି ଜଗନ୍ନାଥ (୧୯୫୦)

iii) ନବଜୀବନ

a) ସହଜିଆ ବୌଦ୍ଧଧର୍ମ (୧୯୫୬)

iv) ଝଙ୍କାର

a) କଳିଙ୍ଗ ସ୍ମାରକ (୧୯୫ )

v) କୋଣାର୍କ

a) ଓଡ଼ିଶାରେ ବୌଦ୍ଧସଂସ୍କୃତି (୧୯୫୮)

b) ଓଡ଼ିଶାର ସାଂସ୍କୃତିକ କ୍ରମବିକାଶ

vi) ମହିମା ଧର୍ମ ଓ ଦର୍ଶନ (ସଂ· ଦୈତାରି ପଣ୍ଡା; ଡ଼ି.ଏ.ଭି କଲେଜ,
କୋରାପୁଟ)

a) ଧର୍ମା ଭେଦ (୧୯୬୨)

vii) ଉତ୍କଳ ଗୌରବ ମଧୁସୂଦନ ସ୍ମାରକୀ, ପ୍ରଗତି ଉତ୍କଳ ସଂଘ, ରାଉରକେଲା

a) ସମ୍ପାଦକୀୟ (୧୯୬୮ ରୁ ୧୯୮୫)

b) ମଧୁସୂଦନ ଦାସ (୧୯୭୩)

c) କାଳିଦାସଙ୍କ କାବ୍ୟରେ ଓଡ଼ିଶା (୧୯୭୫)

d) ପଶ୍ଚିମ ଓଡ଼ିଶାର ରମଣୀୟ ସ୍ଥାନ (୧୯୭୮)

e) ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣ (୧୯୮୩)

f ) ସ୍ୱର ସୁରେନ୍ଦ୍ର ସାଏ (୧୯୮୪)

viii) ଉତ୍କଳ ପ୍ରସଙ୍ଗ

a) ପୁରୁଷୋତ୍ତମ ଉପାସନା

ix) ସପ୍ତର୍ଷି

a) ଆଶା କୁମାରୀ (୧୯୭୨)
b) ରତ୍ନକୁମାରୀ (୧୯୭୨)
c) ମୋହନ କୁମାରୀ
d) ବୈକଲଦେବ (୧୯୭୩)
e) ବୁଢ଼ାରଜା ମନ୍ଦିର (୧୯୭୩)
f) ସମ୍ବଲପୁରରେ ସାର୍କୀ ସାହୁ (୧୯୭୩)
g) ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସଂରକ୍ଷିତ ଶତ୍ରୁଭଞ୍ଜଙ୍କ ଗଞ୍ଜାମ ତାମ୍ରଶାସନ (୧୯୭୪)
h) ଉତ୍କଳ (୧୯୭୪)
i) ମହାବୀର ଓ ବୌଦ୍ଧଧର୍ମ (୧୯୭୪)
j) ବୁଦ୍ଧଙ୍କ ପୃଷ୍ଠଭୂମିରେ ନାରୀ (୧୯୭୫)
k) ସମ୍ପାଦକୀୟ (୧୯୭୮), (୧୯୭୯-୧୯୮୧)

x) ସ୍ମରଣିକା : ଜିଲ୍ଲା ଲେଖକ ସମ୍ମିଳନୀ, ସମ୍ବଲପୁର

a) ଓଡ଼ିଶାର ପ୍ରାଚୀନ ବୁଦ୍ଧପ୍ରତିମା

xi) ସଞ୍ଚୟନ

ଭାରତୀୟ ପରମ୍ପରା : କଳା ଓ ସ୍ଥାପତ୍ୟର (୧୯୭୪)

xii) ସ୍ମରଣିକା : ପ୍ରାଦେଶିକ ଲେଖକ ସମ୍ମିଳନୀ, ସୋନପୁର

a) ଲଙ୍କା ଅନ୍ୱେଷଣ (୧୯୮୧)

xiii) ସମାଜ

ମାଦଳା ପାଞ୍ଜି

xiv) ପଞ୍ଚକନ୍ୟା

ସୋନପୁର-ଲଙ୍କା

୧୮୨

ଇଂରାଜୀ—

i ) Proceedings of Indian History Congress.

a) The Date of Mahasivagupta Balarjuna, (1949)

b) Gajapati Purushottam Deva (Presented, 1949)

c) The Bhanja Kings of Orissa (1956)

d) The Earliest Ganga Kings of Kalinga (1957)

e) Subhakarasinha, the king of Wu Chu (Presented, 1958)

f ) Bahasatimitta in the Hatigumpha. Inscription (1959)

ii) Bihar and Orissa Research Journal

Medieval Orissa's Seaports : Balasore (1953)

iii) Orissa Historical Research Journal

a) History of South Kosala and Somavamsis of Utkal (1954)

b) Imperial Gangas and Gajapati Rule in Orissa (1955)

c) Cultural Relation of Kalinga with South India and Ceylon, (1955)

d) Hinayana Buddhism in Eastern India in the 7th century A. D. ( 955

e) Religious Movements in Utkal and Kalinga in the 6th Century B. C. (1955-56)

f) Chronology of the Early Ganga Kings of Orissa (1958)

g) Talcher Copper-Plate Grant of Sri Gayada Tunga (1958)

h) Sasanka (1962)

i) The Nalas (1962)

j) Location of Karna-Suvarna (1962)

iv) Proceedings of All India Oriental Conference

a) Relations of Kalinga with South India and Ceylon (1955)

b) Kalinga and Utkal in Early Buddhist Literature (1957)

c) Kalinga under Gupta Rule (Presented 1957)

v) Marg

a) A Note on Khandagiri and Udayagiri Caves (1955)

vi) Orissa Past and Present

Buddhist Art in Orissa (1962)

vii) District Gazetteers of Orissa

a) Koraput : History (1966)

b) Mayurbhanja : History (1967)

c) Bolangir : History (1968)

d) Bolangir : Places of Interest (1968)

e) Sambalpur : History (1971)

f) Kalahandi : History

g) Puri : History (1977)

viii) Orissa State Gazetter

a) Origin of the Name of Orissa

b) History of Orissa from Early Period to 1568

c) Coins and Currency

ix) Souvenir on Utkal Day and Utkal Gaurab Madhusudan Das

a) An outline of History and Culture of Orissa upto 1857 (1968)

b) A Scheme on Madhusudan Das and Modern Orissa [1969]

c) Youth Movement in Orissa [1970]

d) Historical Background of the Evolution of Oriya Language [1972]

e) Identification of Ramagiri of Kalidas's Meghaduta [1973]

f) Printed Sources on Chauhan Rule in Orissa [1974]

g) Veer Surendra Sai [1·84]

h) Western Orissa : the Harbingers of Culture [198›]

x) Proceedings of Orissa History Congress

a) Sambalpur through Ages [1970]

b) Presidential Address [1978]

xi) New Aspects of History of Orissa

a] Editorials [1971, 1978]

b] A Survey of History of South Kosala, [1971]

c) University Museum, Its Bearing in History

xii) Sambalpur University Research Journal

a) Some Problems Relating to the History of Sailodbhavas [1973-1974]

b) Two Obscure Dynasties of South Kosala

xiii) Proceedings and Souvenir of International Studies on Buddhism and Jainisu

Buddhist Art in Orissa [1976]

xiv) Souvenir : Third Purva Bharat Samskritika Sammelan

a) Handicrafts & Silver Filigree— the Pride of Orissa [1976]

b) Archaeological Finds in Asurgarh [1976]

xv) New Directions of Tourism in Orissa

The Excavations of Asuragarh [1976]

xvi) Interim Excavation Report

a) Asuragarh

b) Gania pali

xvii) Sidelights on History and Culture of Orissa

a) Pre-historic Hultures of Orissa [1978]

b] Historical Geography of Orissa [1978]

xviii) Souvenir of Orissa Sahitya Akademy Silver Jubilee

Historical Geography of Orissa [1982]

[ଡ଼କ୍ଟର ସାହୁଙ୍କ ରଚନାବଳୀର ଏହା ଏକ ଅସଂପୂର୍ଣ୍ଣ ତାଲିକା । ଭବିଷ୍ୟତରେ କେହି ଗବେଷକ ଏହି ଗ୍ରନ୍ଥପଞ୍ଜିକୁ ପୂର୍ଣ୍ଣାଙ୍ଗ, ବିଧିବଦ୍ଧ ଓ ଅଧିକ ପ୍ରାମାଣିକ ଭାବରେ ସଂକଳନ କରିପାରିଲେ, ତାହା ଓଡ଼ିଶାର ଇତିହାସ ଓ ସଂସ୍କୃତି-ଚର୍ଚ୍ଚା କ୍ଷେତ୍ରରେ ଏକ ବିଶିଷ୍ଟ ଅବଦାନ ହେବ ।

—ସମ୍ପାଦକଦ୍ୱୟ]